# ମହିଳା ସଂପର୍କୀତ ଆଇନ୍ ସଚେତନତା ପୁସ୍ତିକା

*(ମହିଳାମାନଙ୍କ ପାଇଁ କାର୍ଯ୍ୟରତ ଥିବା ବେସରକାରୀ ସଂଗଠନର କର୍ମୀ ଓ ସଂଗଠକମାନଙ୍କ ପାଇଁ ଏକ ମାର୍ଗଦର୍ଶୀ ସୂଚନା ପୁସ୍ତିକା)*


ମୂଳ ରଚନା:

**ଏମ୍.ଏ.ବନଜା,** ଆଡଭୋକେଟ୍

**ଶ୍ୟାମସୁନ୍ଦରୀ**

ସଂପାଦନା:

ଜି.ସୁଚରିତା

ଲିଙ୍ଗନ୍ୟାୟ କାର୍ଯ୍ୟକ୍ରମ

**ସେଣ୍ଟର୍ ଫର୍ ଓ୍ୱାର୍ଲଡ ସଲିଡାରିଟ**

ପ୍ରାଥମିକ ଓଡିଆ ଭାଷାନ୍ତର

ଶାନ୍ତି ମିଶ୍ର  ଓ ବି.କେ.ମହାପାତ୍ର

ପରିମାର୍ଜିତ ଓ ପରିବର୍ଦ୍ଧିତ ସଂକଳନ

ଚିତ୍ତ ବେହେରା



ପ୍ରକାଶକ

ଲିଙ୍ଗନ୍ୟାୟ କାର୍ଯ୍ୟକ୍ରମ

**ସେଣ୍ଟର୍ ଫର୍ ଓ୍ୱାର୍ଲଡ ସଲିଡାରିଟି**

ଏଚ୍. ନଂ-୧୨-୧୩-୪୩୮, ଷ୍ଟ୍ରିଟ୍ ନଂ. ୧

ଟର୍ଣ୍ଣକା, ସିକନ୍ଦରାବାଦ-୫୦୦ ୦୧୭

Email: gender@cwsy.org

# ମହିଳା ସଂପର୍କୀତ ଆଇନ୍ ସଚେତନତା ପୁସ୍ତିକା

*(ମହିଳାମାନଙ୍କ ପାଇଁ କାର୍ଯ୍ୟରତ ଥିବା ବେସରକାରୀ ସଂଗଠନର କର୍ମୀ ଓ ସଂଗଠକମାନଙ୍କ ପାଇଁ ଏକ ମାର୍ଗଦର୍ଶୀ ସୂଚନା ପୁସ୍ତିକା)*


ମୂଳ ରଚନା:
**ଏମ୍.ଏ.ବନଜା,** ଆଡଭୋକେଟ୍ ଓ **ଶ୍ୟାମସୁନ୍ଦରୀ**

ସଂପାଦନା:
ଜି.ସୁଚରିତା, ଲିଙ୍ଗନ୍ୟାୟ କାର୍ଯ୍ୟକ୍ରମ, **ସେଣ୍ଟର୍ ଫର୍ ଓ୍ୱାର୍ଲଡ ସଲିଡାରିଟ**

ପ୍ରାଥମିକ ଓଡିଆ ଭାଷାନ୍ତର: ଶାନ୍ତି ମିଶ୍ର ଓ ବି.କେ.ମହାପାତ୍ର

ପରିମାର୍ଜିତ ଓ ପରିବର୍ଦ୍ଧିତ ସଂକଳନ: ଚିତ୍ତ ବେହେରା, ଏମ୍.ଏ., ଏଲ୍.ଏଲ୍.ବି.

ଚିତ୍ରଶିଳ୍ପୀ- **ଟି. ଶିବାଜୀ**

ପ୍ରଚ୍ଛଦ ଶିଳ୍ପୀ- **ଟି. ରବି**

ମୁଦ୍ରଣ ସଂଖ୍ୟା

ପ୍ରକାଶନ କାଳ: **ମାର୍ଚ୍ଚ, ୨୦୦୮**

ମୁଦ୍ରଣ
**ମେସର୍ସ ଜଗନ୍ନାଥ ପ୍ରିଣ୍ଟର୍ସ**, ରୁମ୍ ନଂ ୧୫୭, ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସ, ଭୁବନେଶ୍ୱର - ୨

ପ୍ରକାଶକ
ଲିଙ୍ଗନ୍ୟାୟ କାର୍ଯ୍ୟକ୍ରମ
**ସେଣ୍ଟର୍ ଫର୍ ଓ୍ୱାର୍ଲଡ ସଲିଡାରିଟି**
ଏଚ୍. ନଂ-୧୨-୧୩-୪୩୮, ଷ୍ଟ୍ରିଟ୍ ନଂ. ୧, ଟର୍ଣ୍ଣକା, ସିକନ୍ଦରାବାଦ-୫୦୦ ୦୧୭
Email: gender@cwsy.org

# ପୂର୍ବାଭାସ

୧- ' ସମତା ଅଭିମୁଖେ' ଶୀର୍ଷକ ଗ୍ରନ୍ଥ ୧୯୭୫ ମସିହାରେ ପ୍ରକାଶନ ହେବାପରେ ଆମ ରାଷ୍ଟ୍ରର ବିବେକକୁ ଏକ ଶକ୍ତ ଧକ୍କା ଲାଗିଥିଲା, କାରଣ ଦେଶର ମହିଳାମାନଙ୍କର ଦୟନୀୟ ସ୍ଥିତି ଏହା ମାଧ୍ୟମରେ ପ୍ରଥମେ ଲୋକଲୋଚନକୁ ଆସିଥିଲା । ଶିକ୍ଷା, ନିଯୁକ୍ତି ଓ ଜୀବନର ଅନ୍ୟାନ୍ୟ ସବୁ କ୍ଷେତ୍ରରେ ମହିଳାମାନଙ୍କର ଅସମ ସ୍ଥିତି ଓ ତଜ୍ଜନିତ ଲିଙ୍ଗଗତ ବୈଷମ୍ୟ ଉପରେ ଏହି ଗ୍ରନ୍ଥ ଆଲୋକପାତ କରିଥିଲା । ସମାଜକର୍ମୀ, ଚିନ୍ତକଗୋଷ୍ଠୀ ଏବଂ ସର୍ବସାଧାରଣଙ୍କ ଭିତରେ ଏହି ରିପୋର୍ଟ ଉନ୍ନୟନ ଓ ଯୋଜନାର ଗତି-ପ୍ରକୃତି ସମ୍ବନ୍ଧରେ ଏକ ବିତର୍କ ସୃଷ୍ଟି କରିଥିଲା, କାରଣ ଆମର ଯୋଜନା ସବୁ ବ୍ୟାପକ ସଂଖ୍ୟକ ଗରୀବ ମହିଳାମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକ ପ୍ରତି ଧ୍ୟାନ ଦେଇ ନାହିଁ । ବସ୍ତୁତଃ, ଏହି ରିପୋର୍ଟ ଦର୍ଶାଇଥିଲା ଯେ, ସ୍ୱାଧୀନୋତ୍ତର ଭାରତରେ ମହିଳାମାନଙ୍କର ସ୍ଥିତି ଅଧିକରୁ ଅଧିକ ଦୟନୀୟ ହୋଇ ଚାଲିଛି; ଉଦାହରଣ ସ୍ୱରୂପ, ସଂଗଠିତ କ୍ଷେତ୍ରରେ ନିଯୁକ୍ତିରୁ ମହିଳାମାନେ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅନ୍ୟପକ୍ଷରେ ସମାଜ ଭିତରେ ମହିଳାମାନଙ୍କ ବିରୁଦ୍ଧରେ ଘରୋଇ ହିଂସା ବଢ଼ିବାରେ ଲାଗିଛି; ବାଲ୍ୟ ବିବାହ ଏବଂ ଘରୋଇ ହିଂସା ଏକ ନିତିଦିନିଆ ଓ ଦେହସୁହା ଘଟଣାରେ ପରିଣତ ହୋଇପଡ଼ିଛି । ଦେଶରେ ଯେଉଁ ପ୍ରକାର ବିକାଶ ଧାରା ଚାଲୁ ରହିଛି, ତାହା ସମଗ୍ର ସମାଜ ବ୍ୟବସ୍ଥାର ସବାତଳ ସ୍ତରରେ କେବଳ ଯେ ଶ୍ରେଣୀ ଓ ଜାତିକୁ କେନ୍ଦ୍ରକରି ବୈଷମ୍ୟକୁ ବଢ଼ାଇଛି, ତାହା ନୁହେଁ, ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ଆହୁରି ତୀବ୍ରତର କରିଛି ।

୨- ସବୁ ସ୍ତରର ଲୋକଙ୍କ ଭିତରେ ଭୌତିକ ସମୃଦ୍ଧି ପାଇଁ ଏକ ବଳିଷ୍ଠ ଆକାଂକ୍ଷା ଗତ ଅଶୀ ଦଶନ୍ଧିରେ ପରିଲକ୍ଷିତ ହୋଇଥିଲା । କିନ୍ତୁ ଏହା ତୁଳନାରେ ସୁଯୋଗଗୁଡ଼ିକର ବୃଦ୍ଧି ଘଟି ନ ଥିଲା, ପରିଣାମ ସ୍ୱରୂପ, ନିଜ ପୁଞ୍ଜିର ଭଣ୍ଡାର ବଢ଼ାଇବା ପାଇଁ ପୁରୁଷ ସମାଜ ମହିଳାମାନଙ୍କୁ ପାଥେୟ ମନେ କରି ଯୌତୁକ ଦାବୀ ବଢ଼ାଇ ଚାଲିଲେ । ଯେଉଁ ସ୍ଥଳେ ଏହି ଯୌତୁକ ଦାବୀ ପୂରଣ ହୁଏନାହିଁ, ସେ କ୍ଷେତ୍ରରେ ନବବିବାହିତା ବୋହୂମାନଙ୍କୁ ନିର୍ଯ୍ୟାତନା କରାଯାଏ ଓ ଏପରିକି ନିଆଁରେ ଜଳେଇ ହତ୍ୟା କରାଯାଏ । ଏହାଛଡ଼ା ଆହୁରି ଅନେକ ଉପାୟରେ ମହିଳାମାନଙ୍କୁ ହଇରାଣ ହରକତ୍ କରାଯାଇଥାଏ ।

୩- ପୁଣି ଆମେ ଦେଖୁ ଯେ, ଆଇନ୍ ଶୃଙ୍ଖଳାର ରକ୍ଷାକର୍ତ୍ତାମାନେ ହିଁ ଆଇନ୍‌ର ଉଲ୍ଲଂଘନ କରିଥାନ୍ତି । ମହାରାଷ୍ଟ୍ରରେ ଗୋଟିଏ ଥାନା ହାଜତରେ ଯେତେବେଳେ ମଥୁରା ନାମ୍ନୀ ଜଣେ ଆଦିବାସୀ ତରୁଣୀ ପୋଲିସ୍‌ମାନଙ୍କର ବଳାତ୍କାରର ଶୀକାର ହେଲା, ସେତେବେଳେ ଏହି ଘଟଣାକୁ ନେଇଉଦ୍‌ବିଗ୍ନ ହୋଇପଡ଼ିଥିବା କେତେକ ଓକିଲ୍‌ଙ୍କ ନେତୃତ୍ୱରେ ସାରାଦେଶରେ ମହିଳାମାନେ ସକ୍ରିୟ ହୋଇଉଠିଲେ । ଅଦାଲତ ପୋଲିସ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିପାରିଲେ ନାହିଁ । କିନ୍ତୁ ମହିଳାମାନଙ୍କ ଆନ୍ଦୋଳନ ଫଳରେ ଆଇନ୍‌ର ସଂଶୋଧନ ହେଲା ଏବଂ ହାଜତରେ ଘଟୁଥିବା ବଳାତ୍କାର ପାଇଁ ଦଣ୍ଡବିଧାନକୁ ଅଧିକ କଠୋର କରାଗଲା ।

୪- ଅପରାଧ ପରିସଂଖ୍ୟାନ (ନାସନାଲ୍ କ୍ରାଇମ୍ ରେକର୍ଡ଼ସ୍ ବ୍ୟୁରୋ ଅନୁଯାୟୀ)ରୁ ଜଣାଯାଏ ଯେ, ପ୍ରତି ୨୬ ମିନିଟ୍‌ରେ ଜଣେ ମହିଳା ହିଂସାର ଶୀକାର ହେଉଛି, ପ୍ରତି ୪୬ ମିନିଟ୍‌ରେ ଜଣେ ମହିଳା ଯୌନଗତ ଉତ୍ପୀଡ଼ନର ସାମନା କରୁଛି, ଏବଂ ପ୍ରତି ୯୯ ମିନିଟ୍‌ରେ ଜଣେ ମହିଳା ଯୌତୁକ ଦାବୀ ଯୋଗୁଁ ନିର୍ଯ୍ୟାତିତ ହେଉଛି । ପ୍ରଚଳିତ ପୁରୁଷ-ପ୍ରଧାନ ସମାଜର ସଂସ୍କୃତି ଦୃଷ୍ଟିରୁ ହିଂସା ଏଭଳି ଏକ ମାମୁଲି ବ୍ୟାପାରରେ ପରିଣତ ହୋଇପଡ଼ିଛି ଯେ, ୫୬ ଶତଂାଶ ଭାରତୀୟ ମହିଳା ବିଶ୍ୱାସ କରନ୍ତି, ଯଥାର୍ଥ କାରଣ ଥାଇ ନିଜ ସ୍ତ୍ରୀକୁ ଶାରିରୀକ ଦଣ୍ଡ ଦେବାର ଅଧିକାର ଜଣେ ସ୍ୱାମୀର ଅଛି ।

୫- ଏହି ପରିପ୍ରେକ୍ଷୀରେ ଉଭୟ ସହର ଓ ଗ୍ରାମାଞ୍ଚଳରେ ଦେଶର ବ୍ୟାପକ ମହିଳା ସମାଜ ହିଂସା ବିରୁଦ୍ଧରେ ନିଜେ ସଂଘବଦ୍ଧ ହୋଇଛନ୍ତି । ବିଶେଷତଃ ଗ୍ରାମାଞ୍ଚଳର ମହିଳାମାନେ ନିଜକୁ ସଂଘ ତଥା ସ୍ୱୟଂ-ସହାୟକ ଗୋଷ୍ଠୀ ଅଧୀନରେ ସଂଗଠିତ କରି ହିଂସା ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ତଥା କୌଣସି ପ୍ରକାରେ ହିଂସାକୁ ପ୍ରଶ୍ରୟ ନ ଦେବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି । ହିଂସା ଘଟେଇ ନ ଦେବା ତଥା ପୁରୁଷମାନଙ୍କୁ ସେମାନଙ୍କର ବ୍ୟବହାର ପାଇଁ ଉତ୍ତରଦାୟୀ କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳର ଦଳିତ ଓ ପଛୁଆ ଜାତିର ମହିଳା ନେତ୍ରୀମାନେ ବାସ୍ତବ ଘଟଣାମାନ ପରିପ୍ରେକ୍ଷୀରେ ସକ୍ରିୟ ଭୂମିକା ଗ୍ରହଣ କରିଚାଲିଛନ୍ତି ।

୬- ଲିଙ୍ଗ ନ୍ୟାୟ ତଥା ଶ୍ରେଣୀ ଓ ଜାତି ନିର୍ବିଶେଷରେ ସମସ୍ତ ନାଗରିକମାନଙ୍କର ମାନବିକ ଅଧିକାର ପ୍ରତି ଅଙ୍ଗୀକାରକୁ ଅଗ୍ରସର କରେଇନେବା ପାଇଁ ସେଣ୍ଟର୍ ଫର୍ ୱାର୍ଲଡ ସଲିଡାରିଟି ଉଦ୍ୟମ କରିଆସୁଛି । ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବିତେଇବା ତଥା

ବ୍ୟକ୍ତିତ୍ୱର ସାମଗ୍ରୀକ ବିକାଶ ଘଟେଇବା ପାଇଁ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବା ସକାଶେ ଏହା ସଂକଳ୍ପବଦ୍ଧ । ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମରତ କର୍ମୀମାନଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ଆଇନ୍‌ଗତ ଅଧିକାର ସଂମ୍ବନ୍ଧୀୟ ଏହି ହସ୍ତ-ପୁସ୍ତିକାଟି ପ୍ରକାଶ କରାଯାଉଛି ।

ଏକାତ୍ମତା ସହ

**ଡକ୍ଟର ଭି. ରୁକ୍ମିଣୀ ରାଓ**

ମ୍ୟାନେଜିଂ ଟ୍ରଷ୍ଟି

ସେଣ୍ଟର ଫର ୱାର୍ଲଡ ସଲିଡାରିଟି

# ଓଡିଆ ସଂସ୍କରଣ- ଏକ ମୁଖବନ୍ଧ

ସି.ଡବ୍ଲ୍ୟୁ.ଏସ୍. ତରଫରୁ ପୂର୍ବରୁ ଇଂରାଜୀ ଓ ଅନ୍ୟ କେତେକ ଭାରତୀୟ ଭାଷାରେ ପ୍ରକାଶ ପାଇ ସାରିଥିବା ମହିଳା ସଂପର୍କୀତ ଆଇନ୍ ସଚେତନତା ପୁସ୍ତିକାର ଏକ ଓଡିଆ ଭାଷାନ୍ତର ବାହାର କରିବା ପାଇଁ ଆମେ ବହୁଦିନରୁ ପ୍ରଚେଷ୍ଟା ଚଳାଇ ଆସିଥିଲୁ । ବଡ ଖୁସିର କଥା ପରିଶେଷରେ ଆମେ ଏହାକୁ ପ୍ରକାଶ କରିବାରେ ସକ୍ଷମ ହୋଇପାରିଛୁ । ବର୍ତ୍ତମାନର ଓଡିଆ ସଂସ୍କରଣକୁ ମୂଳ ପୁସ୍ତିକାର ଭାଷାନ୍ତର ନକହି ଏକ ନୂତନ ସଂକଳନ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ମୂଳ ପୁସ୍ତିକାର ପ୍ରକାଶନ ସମୟ ଓ ବର୍ତ୍ତମାନର ସମୟ ଭିତରେ ମହିଳା ସଂପର୍କୀତ ବିଧିବିଧାନ କ୍ଷେତ୍ରରେ ଜାତୀୟ ସ୍ତରରେ କେତେକ ଆଖିଦୃଶିଆ ପରିବର୍ତ୍ତନ ଓ ସଂଶୋଧନ ଘଟିସାରିଛି, ଯେଉଁ ଗୁଡିକ ସମ୍ବନ୍ଧରେ ଏହି ଓଡିଆ ପୁସ୍ତିକାରେ ଅବତାରଣା କରିବା ପାଇଁ ଆମେ ଚେଷ୍ଟା କରିଛୁ । ଦ୍ୱିତୀୟତଃ ବର୍ତ୍ତମାନର ପୁସ୍ତିକାରେ ବିଭିନ୍ନ ବିଧିବିଧାନ ପରିପ୍ରେକ୍ଷୀରେ ଓଡିଶା-ସଂପର୍କୀତ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡିକୁ ସ୍ଥାନ ଦେବା ପାଇଁ ଚେଷ୍ଟା କରିଛୁ । ତୃତୀୟତଃ ଓଡିଶାର ମହିଳାସମାଜଙ୍କର ସ୍ୱତନ୍ତ୍ର ସମସ୍ୟା ଓ ପାଠକଗୋଷ୍ଠୀଙ୍କ ବିଶେଷ ଜିଜ୍ଞାସା ଓ ରୁଚିକୁ ଆଖିଆଗରେ ରଖି ମୂଳ ପୁସ୍ତିକାରେ ସୂଚୀତ ହୋଇଥିବା କେତେକ ବିଷୟକୁ ଅଧିକ ବିସ୍ତାରଣା ଏବଂ ଉଦାହରଣ ସହକାରେ ଏହି ଓଡିଆ ସଂସ୍କରଣରେ ଉପସ୍ଥାପନା କରିବାକୁ ଚେଷ୍ଟା କରିଛୁ ।

ଏମିତି କହିବାକୁ ଗଲେ, ଯେ କୌଣସି ଆଇନ୍‌ର ପରିଭାଷା ସାଧାରଣ ପାଠକମାନଙ୍କ ପାଇଁ ଜଟିଳ ଏବଂ ଦୁର୍ବୋଧ୍ୟ ହୋଇଥାଏ । ଏହି ସତ୍ୟକୁ ଆଖି ଆଗରେ ରଖି ଆମେ ଚେଷ୍ଟା କରିଛୁ ପୁସ୍ତିକାର ଭାଷାକୁ ଯଥାସାଧ୍ୟ ସରଳ ଓ ସୁଖପାଠ୍ୟ କରିବା ପାଇଁ । ଏହା ସତ୍ତ୍ୱେ ଏହି ପୁସ୍ତିକାର ଭାଷା ଜଟିଳ ମନେ ହୋଇପାରେ ବୋଲି ଆମର ଆଶଙ୍କା ରହିଛି ଏବଂ ମୂଳ ଅର୍ଥକୁ ଅକ୍ଷତ ରଖି ଏହାର ବିଷୟବସ୍ତୁର ଉପସ୍ଥାପନା ଓ ଭାଷା ଶୈଳୀକୁ କିପରି ଆହୁରି ଅଧିକ ସୁବୋଧ୍ୟ କରାଯାଇ ପାରେ, ସେଥିପାଇଁ ଆମେ ସମଗ୍ର ପାଠକଶ୍ରେଣୀ ନିକଟରୁ ପରାମର୍ଶ ଲୋଡୁଛୁ ।

ମୂଳ ଇଂରାଜୀ ପୁସ୍ତିକାର ଏକ ପ୍ରାଥମିକ ଅନୁବାଦ ଢେଙ୍କାନାଳ ନିବାସୀ ଶ୍ରୀମତୀ ଶାନ୍ତି ମିଶ୍ର ଏବଂ ଆଡ୍‌ଭୋକେଟ୍ ଶ୍ରୀ ବି.କେ.ମହାପାତ୍ର ମିଳିତ ଉଦ୍ୟମରେ କରାଯାଇଥିଲା । ତାପରେ ବିଷୟବସ୍ତୁକୁ ସମୟୋପଯୋଗୀ କରି ତଥା ଓଡିଶା ପ୍ରେକ୍ଷାପଟର ଆବଶ୍ୟକତାକୁ ସନ୍ନିବେଶ କରି ପୁସ୍ତିକାର ଏକ ପରିବର୍ଦ୍ଧିତ ଓ ପରିମାର୍ଜିତ ସଂକଳନ ପ୍ରସ୍ତୁତ କରିବାର ଦାୟିତ୍ୱ କଟକ ନିବାସୀ ଶ୍ରୀ ଚିତ୍ତ ବେହେରାଙ୍କ ଉପରେ ଅର୍ପଣ କରାଯାଇଥିଲା । ଏହି ଦାୟିତ୍ୱମାନ ସେମାନେ ସୁଚାରୁ ରୂପେ ସମ୍ପାଦନ କରିଥିବାରୁ ଆମେ ସି.ଡବ୍ଲ୍ୟୁ.ଏସ୍. ତରଫରୁ ସେମାନଙ୍କୁ ଗଭୀର କୃତଜ୍ଞତା ଜଣାଉଛୁ । ଏହାଛଡା

ଏହି ପୁସ୍ତିକା ପ୍ରସ୍ତୁତି ପ୍ରକ୍ରିୟାରେ ଅକୁଣ୍ଠ ସହାୟତା ପ୍ରଦାନ କରିଥିବା ମୋର ସହକର୍ମୀଗଣ ତଥା ମୁଦ୍ରାକର ଜଗନ୍ନାଥ ପ୍ରିଣ୍ଟର୍ସଙ୍କୁ ଧନ୍ୟବାଦ ଜଣାଉଛି ।

ପରିଶେଷରେ ଏହି ପୁସ୍ତିକା, ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ, ଅର୍ଥାତ୍ ମହିଳା ଅଧିକାର ଓ ସାଧୀନତା ପାଇଁ କାର୍ଯ୍ୟରତ ଥିବା ସଂଗଠକ ଓ କର୍ମୀମାନେ, ଯଦି ପ୍ରକୃତ ପକ୍ଷେ ସେମାନଙ୍କର ସହାୟକ ହୋଇପାରେ, ତେବେ ଆମର ଏହି ପ୍ରୟାସ ସାର୍ଥକ ହେଲା ବୋଲି ଜାଣିବୁ ।

# ସୂଚୀପତ୍ର

**ବିଷୟ** **ପୃଷ୍ଠା**

ସମ୍ବିଧାନରେ ମହିଳା ଅଧିକାର

**ସମାଜ ସଂସ୍କାରକଙ୍କ ପ୍ରୟାସ ଓ ମହିଳା ଆନ୍ଦୋଳନ ଫଳରେ ପ୍ରଣୀତ ଆଇନ୍‌ସମୂହ**

ମାର୍ଗଦର୍ଶୀ ମହିଳାମାନେ

**ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା ।**

ଆଇନ୍ କାର୍ଯ୍ୟକାରିଣୀ ବ୍ୟବସ୍ଥା

ଦେୱାନି ଆଇନ୍ ଓ ଫୌଜଦାରୀ ଆଇନ୍

**ବ୍ୟକ୍ତିଗତ ଆଇନ୍ : ହିନ୍ଦୁ ସଂହିତା**

ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍

ଖ୍ରୀଷ୍ଟିଆନ୍ ବ୍ୟକ୍ତିଗତ ଆଇନ୍

ସ୍ୱତନ୍ତ୍ର ବିବାହ ଆଇନ୍

ମହିଳା ସଂପର୍କୀତ ଫୌଜଦାରୀ ଆଇନ୍

ଯୌତୁକ ମୃତ୍ୟୁ (ଦଣ୍ଡବିଧି ସଂହିତାର ଧାରା ୩୦୪-ବି)

ଧର୍ଷଣ ଓ ଅନ୍ୟାନ୍ୟ ଯୌନ ଅପରାଧ

ମହିଳା ସଂପର୍କୀତ କେତେକ କେନ୍ଦ୍ରୀୟ ଆଇନ୍

କେଶ୍ ଦାଏର୍ ପ୍ରଣାଳୀ

ପୁନଃପୌନିକ ଜିଜ୍ଞାସାମାନ

**ଲେଖିକାଙ୍କର ଶେଷ କଥା**

# ସମ୍ବିଧାନରେ ମହିଳା ଅଧିକାର

୧୯୫୦ ଜାନୁଆରୀ ୨୬ ଠାରୁ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଆସୁଛି । ଏହି ସମ୍ବିଧାନ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେଇଅଛି । ସମ୍ବିଧାନର ବିଭିନ୍ନ ପ୍ରାବ୍ଧାନ ବିଭିନ୍ନ ଅଧିକାରକୁ ସ୍ଥାନିତ କରିଛି । ଏଥିରେ ଥିବା ବିଧିବ୍ୟବସ୍ଥାକୁ ଭିତ୍ତିକରି ବିଭିନ୍ନ ଆଇନ୍‌କାନୁନ, ସରକାରୀ ନୀତିନିୟମ ଏବଂ ଯୋଜନାସମୂହର ପ୍ରଣୟନ କରା ହୋଇଆସୁଛି ।

ଏହି ସମ୍ବିଧାନରେ ମୋଟ ୨୨ଟି ଭାଗ, ୩୯୫ଟି ଧାରା ଏବଂ ୧୨ଟି ଅନୁସୂଚୀ ରହିଛି । ଉଲ୍ଲେଖନୀୟ ଯେ, ଏହାର ଭାଗ-୩ରେ ଧାରା ୧୨ ରୁ ୩୫ ଯାଏଁ ନାଗରିକମାନଙ୍କର ମୌଳିକ ଅଧିକାରସମୂହ ସ୍ଥାନିତ ହୋଇଛି ଏବଂ ଭାଗ-୪ରେ ଧାରା ୩୬ ରୁ ୫୧ ଯାଏଁ ରାଜ୍ୟମାନଙ୍କର ନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାବଳୀ ସୂଚୀତ ହୋଇଛି ।

**ମୌଳିକ ଅଧିକାର :**

| **ଧାରା ସଂଖ୍ୟା** | **ମୌଳିକ ଅଧିକାରର ନାମ** |
|---|---|
| ଧାରା ୧୪ | : ଆଇନ୍ ସମ୍ମୁଖରେ ସମାନତାର ଅଧିକାର ତଥା ଦେଶର ଯେ କୌଣସି ଅଞ୍ଚଳରେ ଆଇନ୍‌ର ସମାନ ପ୍ରୟୋଗ ପାଇଁ ଅଧିକାର । |
| ଧାରା ୧୫ | : ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କାହାକୁ ବାଛବିଚାର କରାନଯିବାର ଅଧିକାର । |
| ଧାରା ୧୫(୩) | : ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ପ୍ରଣୟନ ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ । |
| ଧାରା ୧୬ | : ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କୌଣସି ନାଗରିକଙ୍କୁ ବାଛବିଚାର କରାନଯିବାର ଅଧିକାର । |
| ଧାରା ୧୯ | : ଭାଷଣ ଓ ମତପ୍ରକାଶ, ସଭାସମିତି, ସଂଗଠନ, ଦେଶଭିତରେ ଚଳପ୍ରଚଳ ଓ ବସବାସ କରିବା, ତଥା ଯେ କୌଣସି ବୃତ୍ତି ଓ ବ୍ୟବସାୟ କରିବାର ସ୍ୱାଧିନତା । |
| ଧାରା ୨୧ | : ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ ନହେବା ପାଇଁ ଅଧିକାର । |
| ଧାରା ୨୩ | : ମଣିଷ ଚାଲାଣ ଉପରେ ନିଷେଧ । |

ଯେଉଁ ସ୍ଥଳେ ସମ୍ବିଧାନ-ସ୍ୱୀକୃତ ଏକ ଅଧିକାରର ଉଲଂଘନ ଘଟେ, ବ୍ୟଥିତ ବ୍ୟକ୍ତି ହାଇକୋର୍ଟ କିମ୍ବା ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇପାରିବେ । ପୁଣି ଯେ କୌଣସି ବ୍ୟାପାରରେ ନିମ୍ନ ଅଦାଲତ ଦ୍ୱାରା ପ୍ରଦତ୍ତ ଏକ ରାୟରେ ଯଦି ଜଣେ ବ୍ୟକ୍ତି ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେ ଉଚ୍ଚତର କୋର୍ଟରେ ଆବେଦନ କରିପାରିବେ ଏବଂ ସେହି କ୍ରମରେ ହାଇକୋର୍ଟରେ ମଧ୍ୟ ଆବେଦନ କରିପାରିବେ । ଯଦି ହାଇକୋର୍ଟଙ୍କ ରାୟରେ ସେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସୁପ୍ରିମ କୋର୍ଟରେ ମଧ୍ୟ ଆବେଦନ କରିପାରିବେ । କେଉଁ ରାଜ୍ୟ ପାଇଁ କେଉଁ ହାଇକୋର୍ଟ ପ୍ରଯୁଜ୍ୟ ତହିଁର ଏକ ତାଲିକା ସମ୍ବିଧାନର ପରିଶିଷ୍ଟ-୧୫ରେ ସୂଚୀତ ହୋଇଛି । ସମଗ୍ର ଦେଶ ପାଇଁ ଉଦ୍ଦିଷ୍ଟ ଥିବା ସୁପ୍ରିମ କୋର୍ଟ ଭାରତର ରାଜଧାନୀ ନୂଆଦିଲ୍ଲୀରେ ଅବସ୍ଥିତ ।

**ଧାରା ୧୪ : ସମାନତାର ଅଧିକାର**

ଆଇନ ଅଖିରେ ସମସ୍ତେ ସମାନ । ସମାଜରେ ଥିବା ଅସମାନତାକୁ ଅଖିଆଗରେ ରଖି ଏହି ଧାରା ପ୍ରସ୍ତୁତ କରାଯାଇଅଛି । ଅର୍ଥ, ଜାତି, ଶିକ୍ଷା ବା କ୍ଷମତାକୁ ନେଇ ଯେ କୌଣସି ବ୍ୟକ୍ତି ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ସେ ଆଇନ୍ ଉର୍ଦ୍ଧ୍ୱରେ ନୁହଁନ୍ତି । ଆଇନ୍ କୌଣସି ଭେଦାଭେଦକୁ ଆଖିରେ ରଖି ନ୍ୟାୟ ପ୍ରଦାନ କରେ ନାହିଁ । ଯେଉଁ ଶାସନ ବ୍ୟବସ୍ଥାରେ ଆଇନ୍ ଚକ୍ଷୁରେ ସମସ୍ତେ ସମାନ, ତାକୁ କୁହାଯାଏ ଆଇନ୍‌ର ଶାସନ ।

**ଧାରା ୧୫ : ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ କୌଣସି ବାଛବିଚାର କରାଯିବ ନାହିଁ :-**

ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଭିତ୍ତିରେ ରାଷ୍ଟ୍ର ନାଗରିକମାନଙ୍କ ପ୍ରତି ପାତର-ଅନ୍ତର କରିବ ନାହିଁ। କିନ୍ତୁ ଧାରା ୧୫(୩) ଅନୁଯାୟୀ ରାଷ୍ଟ୍ର ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ପ୍ରଣୟନ କରିପାରନ୍ତି। ଆନ୍ଧ୍ର ପ୍ରଦେଶ ସରକାର ବନାମ ପି.ବି.ବିଜୟ କୁମାର (୧୯୯୫, ୪ ଏସ୍.ସି.ସି.୫୨୦) କେଶ୍‌ରେ ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍ ଏବଂ ସମାନ ଯୋଗ୍ୟତା ଥିବା ପ୍ରାର୍ଥୀମାନଙ୍କ ଭିତରୁ ନିଯୁକ୍ତି ଦେବାବେଳେ ଦେଖିବାକୁ ପଡିବ, ଯେମିତି ମୋଟ ସଂଖ୍ୟାର ଶତକଡା ୩୦ଭାଗ ମହିଳା ହୋଇଥିବେ।

**ଧାରା ୧୬ : ନିଯୁକ୍ତି କ୍ଷେତ୍ରରେ ସମାନ ସୁଯୋଗ**

ସର୍ବସାଧାରଣ କ୍ଷେତ୍ରରେ ନିଯୁକ୍ତି ବ୍ୟାପାରରେ ଧର୍ମ, ବର୍ଣ୍ଣ, ଲିଙ୍ଗ, ବଂଶ, ଜନ୍ମସ୍ଥାନ ବା ବାସସ୍ଥାନ ଭିତ୍ତିରେ କୌଣସି ବାଛବିଚାର କରାଯିବ ନାହିଁ। କିନ୍ତୁ ଏହି ଧାରା ଅଧୀନସ୍ଥଉପଧାରା (୪) ଅନୁଯାୟୀ ସମାଜର ପଛୁଆ ବର୍ଗ, ଯେଉଁମାନେ କି ରାଷ୍ଟ୍ରର ବିଭିନ୍ନ ସେବା କ୍ଷେତ୍ରରେ ନିଯୁକ୍ତି ଦୃଷ୍ଟିରୁ ପର୍ଯ୍ୟାପ୍ତ ସୁଯୋଗ ପାଇନାହାନ୍ତି, ସେମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ସକାଶେ ରାଷ୍ଟ୍ର ସ୍ୱତନ୍ତ୍ର ଭାବେ ଆଇନ୍ ପ୍ରଣୟନ କରିପାରନ୍ତି।

ଧାରା ୧୪ରେ ପ୍ରଦତ୍ତ ସମାନତାର ଅଧିକାର ଏବଂ ଧାରା ୧୬ରେ ଥିବା ନିଯୁକ୍ତି କ୍ଷେତ୍ରରେ ସମାନ ଅଧିକାର ଲିଙ୍ଗଗତ ସମାନତାକୁ ମାନ୍ୟତା ଦେଇଛି। ଲିଙ୍ଗଗତ ବୈଷମ୍ୟ ଜନିତ ମାମଲାଗୁଡ଼ିକ ସାଧାରଣତଃ ଧାରା ୧୪ ଏବଂ ୧୬କୁ ଭିତ୍ତିକରି ସମାଧାନ କରାଯାଇଥାଏ।

ଉତ୍ତରାଖଣ୍ଡ ମହିଳା କଲ୍ୟାଣ ପରିଷଦ ବନାମ ଉତ୍ତର ପ୍ରଦେଶ ସରକାର ମୋକଦ୍ଦମାରେ ଆବେଦନକାରୀ ସଂଗଠନ ରାଜ୍ୟସରକାରଙ୍କ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଦର୍ଶାଇଥିଲେ ଯେ, ଉତ୍ତରପ୍ରଦେଶ ରାଜ୍ୟ ସରକାର ସମାନ କାମ ପାଇଁ ସମାନ ମଜୁରି ନୀତିକୁ ଉଲ୍ଲଂଘନ କରିଛନ୍ତି ଏବଂ ତଦ୍ୱାରା ସମ୍ବିଧାନରେ ଥିବା ସମାନତାର ପ୍ରାବ୍ଧାନକୁ ମଧ୍ୟ ଉଲ୍ଲଂଘନ କରିଛନ୍ତି। ରାଜ୍ୟ ସକାର ଅଧିନରେ କାର୍ଯ୍ୟ କରୁଥିବା ଶିକ୍ଷୟତ୍ରୀମାନେ ଶିକ୍ଷାଦାନ ସହିତ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ପୁରୁଷ ସହକର୍ମୀଙ୍କ ତୁଳନାରେ କମ୍ ବେତନ ପାଉଥିଲେ। ପଦୋନ୍ନତି କ୍ଷେତ୍ରରେ ମଧ୍ୟ ପୁରୁଷ ସହକର୍ମୀଙ୍କ ପରି ସମାନ ସୁବିଧା ପାଉନଥିଲେ। ତେଣୁ ରାଜ୍ୟ ସରକାର ଏହିଭଳି ଭାବେ ମହିଳାମାନଙ୍କ ପ୍ରତି ପାତରଅନ୍ତର କରୁଛନ୍ତି। ଯଦିଓ ସୁପ୍ରିମକୋର୍ଟ ଅନ୍ତିମ ରାୟ ଶୁଣାଇବାକୁ ୪ବର୍ଷ ସମୟ ନେଇଥିଲେ, କିନ୍ତୁ ୬ ଅଗଷ୍ଟ ୧୯୯୧ରେ ପ୍ରଦତ୍ତ ସେହି ରାୟ ଆବେଦନକାରୀଙ୍କ ସପକ୍ଷରେ ଯାଇଥିଲା। ୧ ଅକ୍ଟୋବର, ୧୯୯୦ରୁ ଏହି ମହିଳା ଶିକ୍ଷୟତ୍ରୀମାନେ ପୁରୁଷ ଶିକ୍ଷକମାନଙ୍କ ସହ ସମାନ ବେତନ ପାଇବା ପାଇଁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ମତ ଦେଇଥିଲେ। ଏହି ଶିକ୍ଷୟତ୍ରୀମାନଙ୍କର ପଦୋନ୍ନତିରେ ଯେଉଁ ବାଛବିଚାର କରାଯାଇଛି, ୨ମାସ ମଧ୍ୟରେ ଏକ କମିଟି ଗଠନ କରି ତାହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ଡ଼କ୍ଟର ଉମା ସିହ୍ନା ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ:**

ଡ଼କ୍ଟର ସିହ୍ନା ବିହାର ରାଜ୍ୟର ଶିକ୍ଷାବିଭାଗର ଜଣେ କର୍ମଚାରୀ ଥିଲେ। ସେ ହାଇକୋର୍ଟରେ ଏକ ଆବେଦନ କରିଥିଲେ ଯେ, ତାଙ୍କର ଉତ୍ତମ ସେବା ତଥା ସମାନ ଯୋଗ୍ୟତା ଥିବା ସତ୍ତ୍ୱେ ତାଙ୍କୁ ପଦୋନ୍ନତି ନ କରି ତାଙ୍କ ଠାରୁ କମ୍ ଯୋଗ୍ୟତା ଥିବା ବ୍ୟକ୍ତିଙ୍କର ପଦୋନ୍ନତି କରାଯାଇଛି। ସେ ଯୁକ୍ତି ଦର୍ଶାଇଥିଲେ ଯେ, ଏହା ସମ୍ବିଧାନର ଧାରା ୧୪,୧୫ ଏବଂ ୧୬ର ନିର୍ଦ୍ଦେଶକୁ ଅବମାନନା କରୁଛି।

ବିହାର ରାଜ୍ୟ ସରକାର ଏହାର ଉତ୍ତରରେ ଦର୍ଶାଇଥିଲେ ଯେ, ଡ଼କ୍ଟର ଉମା ସିହ୍ନା ମହିଳାମାନଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ନିଯୁକ୍ତ ହୋଇଛନ୍ତି ଏବଂ ପଦୋନ୍ନତି କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ପଦବୀ ଅନ୍ୟ ମହିଳାଙ୍କ ଦ୍ୱାରା ପୂରଣ ହୋଇଯିବାରୁ ତାଙ୍କର ପଦୋନ୍ନତି ହୋଇପାରିନାହିଁ। ତା'ପରେ ଏହି କେଶ୍ ସୁପ୍ରିମ୍ କୋର୍ଟରେ ଶୁଣାଣି ହୋଇଥିଲା। ସୁପ୍ରିମ୍ କୋର୍ଟ ମନ୍ତବ୍ୟ  ଦେଇ ଥିଲେ ଯେ, ରାଜ୍ୟ ସରକାରଙ୍କର ଉତ୍ତର ଯୁକ୍ତିଯୁକ୍ତ ନୁହେଁ ଏବଂ ଶିକ୍ଷା ବିଭାଗର  ସଂପୃକ୍ତ ବିଜ୍ଞପ୍ତି ସମ୍ବିଧାନର ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଛି। କୋର୍ଟ ପୁଣି ମନ୍ତବ୍ୟ  ଦେଇଥିଲେ, ଶିକ୍ଷା ବିଭାଗ ୨ ପ୍ରକାରେ ସମ୍ବିଧାନର ଉଲ୍ଲଂଘନ କରିଛି। ପ୍ରଥମତଃ ପଦୋନ୍ନତି କ୍ଷେତ୍ରରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା ଏବଂ ତାପରେ ପଦୋନ୍ନତି କ୍ଷେତ୍ରରେ ପୁରୁଷମାନଙ୍କ ପାଇଁ ୯ଟି ପଦ ଥିଲା ବେଳେ ମହିଳାମାନଙ୍କ ପାଇଁ ମାତ୍ର ଗୋଟିଏ ପଦର ବ୍ୟବସ୍ଥା। ଏଠାରେ କୋର୍ଟ ସ୍ପଷ୍ଟଭାବେ କହିଥିଲେ ଯେ, ରାଜ୍ୟ ସରକାର ଏହି ବିଜ୍ଞପ୍ତି ଜାରି କରିବା ସମୟରେ ସମ୍ବିଧାନର ଧାରା ୧୬ ଅନୁଯାୟୀ ପରିଚାଳିତ ହେବା ବିଧେୟ।

ଏହି ପରି ମାମଲା ଉପୁଜିଲେ ଆମେ ମନେ ରଖିବା ଉଚିତ୍ ଯେ ଧାରା ୧୪ ପୁରୁଷ ଓ ମହିଳା ନିର୍ବିଶେଷରେ ସମସ୍ତ ଭାରତୀୟ ନାଗରିକକୁ ସମାନ ଅଧିକାର ଦେଇଅଛି ଏବଂ ଧାରା ୧୬ ସରକାରୀ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟକୁ ବିରୋଧ କରୁଛି।

**ସି.ବି. ମୁଥାମ୍ମା ବନାମ ଭାରତ ସରକାର**

ମୁଥାମ୍ମା ଭାରତୀୟ ବିଦେଶ ସେବାର ଜଣେ ମହିଳା ଅଧିକାରୀ ଥିଲେ । ମହିଳା ହୋଇଥିବା କାରଣରୁ ପଦୋନ୍ନତି କ୍ଷେତ୍ରରେ ତାଙ୍କ ପ୍ରତି କରାଯାଇଥିବା ବୈଷମ୍ୟ ବିରୁଦ୍ଧରେ ସେ ସୁପ୍ରିମ୍ କୋର୍ଟ ନିକଟରେ ଆବେଦନ କରିଥିଲେ (ଦ୍ରଷ୍ଟବ୍ୟ: ୧୮୭୯ ଏସ୍.ସି. ୧୮୬୮)। ଏହାଛଡା ଭାରତୀୟ ବିଦେଶ ସେବା ନିୟମାବଳୀ, ୧୯୬୧ ଅଧୀନରେ ସ୍ଥାନିତ ହୋଇଥିବା ଲିଙ୍ଗ ବୈଷମ୍ୟ-ଭିତ୍ତିକ ଦୁଇଟି  ନିୟମକୁ  ସେ ତାଙ୍କ ଆବେଦନରେ ବିରୋଧ କରିଥିଲେ ।

ଭାରତୀୟ ବିଦେଶ ସେବା(ଆଚରଣ ଓ ଶୃଙ୍ଖଳା) ନିୟମାବଳୀ, ୧୯୬୧ର ନିୟମ ୮(୨) ଅନୁଯାୟୀ, ବିଦେଶ ସେବାର ଜଣେ ମହିଳା କର୍ମଚାରୀ ବିବାହ କରିବା ପୂର୍ବରୁ ସରକାରଙ୍କଠାରୁ ଲିଖିତ ଅନୁମତି ଆଣିବା ଆବଶ୍ୟକ। ଯଦି ସରକାର ଉପଲବ୍ଧି କରିବେ ଯେ ତାଙ୍କ ପରିବାର କିମ୍ବା ପରିବାରର ଦାୟିତ୍ୱ ତାଙ୍କୁ ତାଙ୍କର ସରକାରୀ କର୍ତ୍ତବ୍ୟ ତୁଲାଇବାରେ ବାଧା ସୃଷ୍ଟି କରୁଛି ତେବେ ତାଙ୍କୁ ପଦବୀରୁ ଇସ୍ତଫା ଦେବାକୁ ପଡ଼ିବ।

ପୁଣି ଭାରତୀୟ ବିଦେଶ ସେବା (ମୁକରିର୍, କ୍ୟାଡର୍, ବରିଷ୍ଠତା ଏବଂ ପଦୋନ୍ନତି)  ନିୟମାବଳୀ,୧୯୬୧ର ନିୟମ ୧୮(୪) ଅନୁଯାୟୀ ଜଣେ ବିବାହିତା ମହିଳା ଭାରତୀୟ ବିଦେଶ ସେବାରେ ନିଯୁକ୍ତି ପାଇଁ ଆଇନତଃ ଦାବୀ କରିପାରିବେ ନାହିଁ।

ନ୍ୟାୟମୂର୍ତ୍ତୀ କ୍ରିଷ୍ଣା ଆୟାର ଏହି କେସ୍‌ଟି ବିଚାର କରି ଦର୍ଶାଇଥିଲେ ଯେ, ଭାରତୀୟ ବିଦେଶ ସେବାର ଏପ୍ରକାର ନିୟମାବଳୀ ସମ୍ପୂର୍ଣ୍ଣ ଅର୍ଥହୀନ। ଯଦି ପରିବାରର ଦାୟିତ୍ୱ ଜଣେ ମହିଳା କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ବାଧା ଦେଇଥାଏ ତେବେ ପୁରୁଷ କର୍ମଚାରୀମାନଙ୍କର କ'ଣ ପରିବାର ପ୍ରତି କିଛି ଦାୟିତ୍ୱ ନାହିଁ ? ଏ ସମ୍ପର୍କରେ ସରକାରଙ୍କର ତାଙ୍କ ପାଇଁ ପରାମର୍ଶ କ'ଣ ?ପୁଣି ଭାରତୀୟ ବିଦେଶ ସେବାର ଏପ୍ରକାର ନିୟମକୁ ସମାଲୋଚନା କରି ସେ କହିଥିଲେ, ବିବାହିତା ମହିଳାମାନଙ୍କୁ ନିଯୁକ୍ତି ନ ଦେବା ପାଇଁ ଯେଉଁ ନିୟମ ଅଛି ତାହା ସମ୍ବିଧାନର ଅନୁଚ୍ଛେଦ-୧୬କୁ ଅବମାନନା କରୁଅଛି। ସ୍ୱାଧୀନତା ସଂଗ୍ରାମ କାଳରେ ନୂତନ ସମାଜ ଗଠନ ପାଇଁ ଯେଉଁ ମହତ୍ ଉଦ୍ଦେଶ୍ୟ ଥିଲା ତାକୁ ଏହି ନିୟମ ବିରୋଧ କରୁଅଛି। ସେ ମୁଥାମ୍ମାଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି କେସ୍‌ରୁ ସ୍ପଷ୍ଟ  ବୁଝାପଡିଥିଲା ଯେ, ଏକ ମହିଳା ଯେତେ ପାରଙ୍ଗମ ହେଲେ ମଧ୍ୟ ଓ ଯେତେ ଉଚ୍ଚ ପଦବୀରେ ଥିଲେ ମଧ୍ୟ ସେ ଲିଙ୍ଗଗତ ବୈଷମ୍ୟର ଶିକାର ହେଉଛି। କିନ୍ତୁ ଯଦି ଜଣେ ମହିଳା ସମାନ ଅଧିକାରରୁ ବଞ୍ଚିତ ହୁଅନ୍ତି, ତେବେ ସେ ସମ୍ବିଧାନରେ ପ୍ରଦତ୍ତ ସମାନତା ପାଇଁ ମୌଳିକ ଅଧିକାରକୁ ଭିତ୍ତିକରି ନ୍ୟାୟାଳୟକୁ ଆବେଦନ କଲେ ନ୍ୟାୟବିଚାର ପାଇବା ପାଇଁ ସକ୍ଷମ ହୋଇ ପାରିବେ।

**ଧାରା -୧୯: ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସ୍ୱାଧୀନତାସମୂହ**

ସମ୍ବିଧାନର ଧାରା ୧୯(୧) ଅଧୀନରେ ପୁରୁଷ ଓ ମହିଳା ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ଭାଷଣ ଓ ମତପ୍ରକାଶ କରିବା, ଅହିଂସ ଢଙ୍ଗରେ ସମବେତ ହେବା, ସଂଗଠନ କରିବା, ଦେଶର ଯେ କୌଣସି ଅଞ୍ଚଳରେ ଚଳପ୍ରଚଳ କରିବା ତଥା ଦେଶର ଯେ କୌଣସି ଅଞ୍ଚଳରେ ବସବାସ କରିବାର ସ୍ୱାଧୀନତା ଦିଆଯାଇଛି । ବିଶେଷ କରି ଏହା ଉଲ୍ଲେଖନୀୟ ଯେ, ଧାରା ୧୯(୧-ଜି) ଅଧୀନରେ ଯେ କୌଣସି ନାଗରିକ ସ୍ୱାଧୀନ ଭାବରେ ଯେ କୌଣସି ବୃତ୍ତି, ପେଷା, ଜୀବିକା, ବ୍ୟବସାୟ ବା ବାଣିଜ୍ୟ କରିବାର ଅଧିକାର ସୁନିଶ୍ଚିତ କରାଯାଇଛି। କିନ୍ତୁ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ତଥା ସାର୍ବଜନୀନ ସ୍ୱାର୍ଥ ପାଇଁ ସ୍ଥଳ ବିଶେଷରେ ଏହି ସବୁ ସ୍ୱାଧୀନତାକୁ ସଂକୋଚନ କରି ଆଇନ୍ ପ୍ରଣୟନ ଓ କାଯ୍ୟକାରୀ କରିବା ପାଇଁ ରାଷ୍ଟ୍ରକୁ ଧାରା ୧୯ ଅଧୀନରେ ଉପଧାରା (୨) ରୁ ଉପଧାରା (୬) ଭିତରେ ସବିଶେଷ କ୍ଷମତା ପ୍ରଦାନ କରାଯାଇଛି।

**ଧାରା-୨୧: ଜୀବନ-ନିର୍ବାହ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା-**

ଏହି ଧାରା କହୁଛି ଯେ, କେବଳ ଆଇନ୍ ଦ୍ୱାରା ପ୍ରତିଷ୍ଠିତ କାର୍ଯ୍ୟବିଧି ବ୍ୟତିରେକ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ। ଏହି ଧାରା ମଧ୍ୟରେ ସୂଚୀତ ହୋଇଥିବା ଜୀବନ ନିର୍ବାହ କରିବାର ଅଧିକାରର ପରିସରକୁ ସୁପ୍ରିମ୍ କୋର୍ଟ ବିଭିନ୍ନ ସମୟରେ ଦେଇଥିବା ରାୟଗୁଡ଼ିକ ଜରିଆରେ ବ୍ୟାପକ ଭାବେ ସଂପ୍ରସାରଣ କରିଛନ୍ତି। ଦୃଷ୍ଟାନ୍ତ ସ୍ୱରୂପ, ଉନ୍ନିକ୍ରିଷ୍ଣନ ବନାମ ଆନ୍ଧ୍ରପ୍ରଦେଶ ସରକାର କେଶ୍‌ରେ ସୁପ୍ରିମ୍ କୋର୍ଟ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ପାଇବାର ଅଧିକାରକୁ ଧାରା-୨୧ ଅଧୀନସ୍ଥ ବଞ୍ଚିବାର ଅଧିକାର ଭିତରେ ଅନ୍ତର୍ଭୁକ୍ତ କରିଛନ୍ତି (ଦ୍ରଷ୍ଟବ୍ୟ: ୧୯୯୩, ୧ ଏସ୍.ସି.ସି. ୬୪୫)। ଚାର୍ଲସ୍ ଶୋଭରାଜ୍ ବନାମ ତିହାର ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟ କେଶ୍ (ଏ.ଆଇ.ଆର୍.୧୯୭୮ ଏସ୍.ସି. ୧୫୧୪)ରେ ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ଧାରା-୨୧ରେ ଥିବା ଜୀବନ-ନିର୍ବାହର ଅଧିକାର ଭିତରେ ମର୍ଯ୍ୟାଦା ସହକାରେ ବଞ୍ଚିବାର ଅଧିକାର ଅନ୍ତର୍ଭୁକ୍ତ ରହିଛି, ଅର୍ଥାତ୍ ନିର୍ଯ୍ୟାତନା , ନିଷ୍ଠୁର ଦଣ୍ଡବିଧାନ ଅଥବା ଅପମାନଜନକ ଆଚରଣ ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ଜଣେ ନାଗରିକର ମୌଳିକ ଅଧିକାର ରହିଛି। ଶାନ୍ତିସ୍ତାର ବିଲ୍‌ଡର୍ସ୍ ବନାମ ନାରାୟଣ ଖିମଲାଲ୍ ତୋତାମେ (ଦ୍ରଷ୍ଟବ୍ୟ: ୧୯୯୦, ୧, ଏସ୍.ସି.ସି. ୫୨୦) କେଶ୍‌ରେ ବଞ୍ଚିବାର ଅଧିକାର ଭିତରେ ଖାଦ୍ୟ, ବସ୍ତ୍ର , ସୁସ୍ଥ ପରିବେଶ ଏବଂ ଏକ ସ୍ୱଚ୍ଛନ୍ଦ ବାସସ୍ଥଳ ଅନ୍ତର୍ଭୁକ୍ତ କରାଯାଇଛି। ପଞ୍ଜାବ ରାଜ୍ୟ ସରକାର ବନାମ ମୋହିନ୍ଦର ସିଂହ ଚାଓଲା (ଏ.ଆଇ.ଆର୍. ୧୯୯୭ ଏସ୍.ସି. ୧୨୨୫) କେଶ୍‌ରେ ସ୍ୱାସ୍ଥ୍ୟର ଅଧିକାର ମଧ୍ୟ ବଞ୍ଚିବାର ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି। ଓଲ୍‌ଗା ଟେଲିସ୍ ବନାମ ବମ୍ବେ ନଗରନିଗମ (୧୯୮୫) କେଶ୍‌ରେ ରାସ୍ତାପାର୍ଶ୍ୱରେ ବସବାସ କରୁଥିବା ପରିବାରମାନଙ୍କୁ ଉଚ୍ଛେଦ ନକରିବାକୁ ନିର୍ଦ୍ଦେଶ ଦେବା ସହିତ ସୁପ୍ରିମ୍ କୋର୍ଟ ଧାରା ୨୧ ଅଧୀନରେ ଜୀବିକା ନିର୍ବାହ କରିବାର ଅଧିକାର ଅନ୍ତର୍ଭୁକ୍ତ କରିଥିଲେ। ମୋଟ ଉପରେ କହିଲେ ଜାତିସଂଘ ଆନୁକୂଲ୍ୟରେ ଗୃହୀତ ନାଗରିକ ଓ ରାଜନୈତିକ ଅଧିକାରସମୂହ ଉପରେ ଆନ୍ତର୍ଜାତିକ ରାଜିନାମା (ଆଇ.ସି.ସି.ପି.ଆର୍.)୧୯୭୪ ଏବଂ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାରସମୂହ ଉପରେ ଆନ୍ତର୍ଜାତିକ ରାଜିନାମା (ଆଇ.ସି.ଇ.ଏସ୍.ସି.ଆର୍.) ୧୯୭୬, ମାନବିକ ଅଧିକାରସମୂହ ଉପରେ ବିଶ୍ୱ ଘୋଷଣାନାମା (ୟୁ.ଡି.ଏଚ୍.ଆର୍) ୧୯୪୮ ତଥା ମହିଳାମାନଙ୍କ ବିରୁଦ୍ଧରେ ବାଛବଚାର ନିରାକରଣ ପାଇଁ ରାଜିନାମା (ସି.ଇ.ଡି.ଏ.ଡବ୍ଲ୍ୟୁ) ୧୯୭୯ ଅନୁଯାୟୀ ଭାରତର ସୁପ୍ରିମ୍ କୋର୍ଟ ସମ୍ବିଧାନର ଧାରା-୨୧ରେ ସୂଚୀତ ହୋଇଥିବା ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଧାରଣାକୁ ପରିବର୍ଦ୍ଧନ କରିଚାଲିଛନ୍ତି।

**ସୁରକ୍ଷିତ ଦାମ୍ପତ୍ୟ ଜୀବନ ପାଇଁ ଅଧିକାର :**

ହିନ୍ଦୁ ବିବାହ ଆଇନ୍ ୧୯୫୫ର ଧାରା ୯ ଅନୁସାରେ ସ୍ୱାମୀ କିମ୍ବା ସ୍ତ୍ରୀ କୌଣସି କାରଣରୁ ପରସ୍ପରଠାରୁ ବିଚ୍ଛିନ୍ନ ରହିବା ପରେ ପୁଣି ନିଜ ଦାମ୍ପତ୍ୟ ଜୀବନର ପୁନଃପ୍ରତିଷ୍ଠା ପାଇଁ ସେମାନଙ୍କ ଭିତରୁ କେହିଜଣେ ଅଦାଲତର ଆଶ୍ରୟ ନେଇପାରିବେ। ଟି.ସରିଥା ବନାମ ଟି.ଭେଙ୍କଟସୁବାୟା କେଶ୍ (ଏ.ଆଇ.ଆର୍. ୧୯୮୩ ଆନ୍ଧ୍ର ପ୍ରଦେଶ ୩୫୬)ରେ ଆବେଦନକାରୀ ଟି.ସାରୁଥା ପ୍ରଥମେ

ଏହି ବିଧିବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ କେଶ୍ ଶୁଣାଣି କରି ମନ୍ତବ୍ୟ କରିଥିଲେ ଯେ, ଅନିଚ୍ଛା ସତ୍ତ୍ୱେ ଏକ ବ୍ୟକ୍ତି ସହିତ ବାଧ୍ୟତାମୂଳକ ଦାମ୍ପତ୍ୟ ଜୀବନ ଯାପନ କରିବା ସଂବିଧାନର ଧାରା ୨୧ ରେ ଥିବା ସ୍ୱାଧୀନଭାବେ ଜୀବନଯାପନର ଅଧିକାରକୁ ଉଲ୍ଲଂଘନ କରୁଛି। କିନ୍ତୁ ଠିକ୍ ସେହି ସମୟରେ ଦିଲ୍ଲୀ ହାଇକୋର୍ଟ ଏକ ଭିନ୍ନମତ ପୋଷଣ କରିଥିଲେ (ଦ୍ରଷ୍ଟବ୍ୟ: ହରବିନ୍ଦର କାଉର୍ ବନାମ ହରମିନ୍ଦର ସିଂହ, ଏ.ଆଇ.ଆର୍.୧୯୮୪ ଦିଲ୍ଲୀ, ୬୬)। କିନ୍ତୁ ସୁପ୍ରିମ୍ କୋର୍ଟ ସରୋଜରାଣୀ ବନାମ ସୁଦର୍ଶନ କେଶ୍ (ଏ.ଆଇ.ଆର୍.୧୯୮୪ ଏସ୍.ସି. ୧୫୬୨)ରେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ଦେଇଥିବା ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରିବା ସହିତ ହିନ୍ଦୁ ବିବାହ ଆଇନ୍, ୧୯୫୫ର ଧାରା-୯ର ବୈଧତାକୁ କାଏମ୍ ରଖିଥିଲେ। କିନ୍ତୁ ଏକଥା ସତ, ହିନ୍ଦୁ ବିବାହ ଆଇନ୍‌ର ଧାରା-୯ ଏବେ ବି ବହୁ ମହିଳା ସଂଗଠନମାନଙ୍କ ମତରେ ଏକ ବିବଦମାନ ବ୍ୟବସ୍ଥା, ଯାହାର ସଂସ୍କାର ଆବଶ୍ୟକ।

**ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ :**

ଏକ ଜନହିତକାରୀ ରାଷ୍ଟ୍ରରେ ନାଗରିକମାନଙ୍କ ମଧ୍ୟରେ ତାରତମ୍ୟକୁ ଯଥାସମ୍ଭବ ଦୂର କରିବା ତଥା ସମାଜର ଦୁର୍ବଳ ଏବଂ ପଛୁଆ ଶ୍ରେଣୀମାନଙ୍କର ସର୍ବାଙ୍ଗୀନ ବିକାଶକୁ ଅଗ୍ରାଧିକାର ଦେବାର ଲକ୍ଷ୍ୟ ନେଇ କେତେ ଗୁଡ଼ିଏ ନୀତି ନିର୍ଦ୍ଦେଶନା ସମ୍ବିଧାନର ଭାଗ-୪ରେ ସ୍ଥାନିତ କରାଯାଇଛି। ଏହି ଭାଗରେ ଧାରା-୩୬ରୁ ଧାରା-୫୧ ସୂଚୀତ ହୋଇଛି। ଏହି ନୀତି ନିର୍ଦ୍ଦେଶନାଗୁଡିକର ଉଲ୍ଲଂଘନ ହେଲେ ଆମେ ଅଦାଲତରେ ଆବେଦନ କରିପାରିବା ନାହିଁ। କିନ୍ତୁ ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ରାଷ୍ଟ୍ର ପରିଚାଳନାରେ ଦିଗଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ସମ୍ବିଧାନ-ପ୍ରଣେତାମାନେ ଆଶା ପୋଷଣ କରି ଯାଇଛନ୍ତି। ଏହି ନୀତି ନିର୍ଦ୍ଦେଶନାଗୁଡ଼ିକ ସାହାଯ୍ୟରେ ଆମେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଉପରେ ଏକ ଲୋକାଭିମୁଖୀ ଆଇନ୍ ବା ନୀତି ପ୍ରଣୟନ ପାଇଁ ଅଥବା ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଚାପ ପକାଇ ପାରିବା । ଏହି ନୀତି ନିର୍ଦ୍ଦେଶନାବଳୀ ସମ୍ବିଧାନର ବିବେକ ସ୍ୱରୂପ କାର୍ଯ୍ୟ କରିବା କଥା ।

**ସମ୍ବିଧାନର ନୀତି ନିର୍ଦ୍ଦେଶାବଳୀରେ ମହିଳାମାନଙ୍କ ନିମନ୍ତେ ବିଧିବ୍ୟବସ୍ଥା**

**ଧାରା ୩୯(ଏ) :** ପୁରୁଷ ଓ ମହିଳା ନିର୍ବିଶେଷରେ ଭାରତବର୍ଷର ସମସ୍ତ ନାଗରିକଙ୍କର ଉପଯୁକ୍ତ ଜୀବିକା ନିର୍ବାହ ପାଇଁ ସମାନ ଅଧିକାର ଅଛି ଏବଂ ଏହାକୁ ସୁରକ୍ଷା ଦେବା ସରକାରଙ୍କର ଦାୟିତ୍ୱ ଅଟେ।

**ଧାରା ୩୯ (ଡ଼ି) :** ନିଯୁକ୍ତି କ୍ଷେତ୍ରରେ ପୁରୁଷ ଓ ମହିଳା ଉଭୟ ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ପାଇବା ସକାଶେ ହକଦାର ଅଟନ୍ତି।

**ଧାରା ୩୯(ଇ) :** କୌଣସି ବ୍ୟକ୍ତି (ମହିଳା, ପୁରୁଷ ବା ଶିଶୁ)ଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ଅପବିନିଯୁକ୍ତ ହେବ ନାହିଁ ଅବା ଆର୍ଥିକ ଅନାଟନ କାରଣରୁ ତାଙ୍କର ବୟସ ଓ ଶକ୍ତିର ପ୍ରତିକୂଳ ହେଉଥିବା କର୍ମକ୍ଷେତ୍ରରେ ନିଯୁକ୍ତ ହେବାପାଇଁ ସେମାନଙ୍କୁ ବାଧ୍ୟ କରାଯିବ ନାହିଁ।

ଧାରା ୩୯(ଏଫ୍): ସ୍ୱାଧୀନ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସ୍ଥ ବାତାବରଣରେ ଶିଶୁର ବିକାଶ ନିମନ୍ତେ ସୁଯୋଗ ଓ ସୁବିଧାର ବ୍ୟବସ୍ଥା କରାଯିବ। ଯୁବକ ଓ ଶିଶୁମାନେ ଶୋଷଣର ଶିକାର ହେବେ ନାହିଁ।

ଧାରା ୩୯-ଏ: ସମ୍ବିଧାନର ୪୨ତମ ସଂଶୋଧନ ଆଇନ୍, ୧୯୭୬ ବଳରେ ଏହି ପ୍ରାବ୍ଧାନ ଯୋଡା ଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଯେଉଁ ନାଗରିକ ଗୋଷ୍ଠୀ ଆର୍ଥିକ ବା ଅନ୍ୟ କାରଣରୁ ନ୍ୟାୟ ପଇବାରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ମାଗଣା ଆଇନ୍ ସହାୟତା ପ୍ରଦାନ ପାଇଁ ରାଷ୍ଟ୍ର ଯଥୋଚିତ ସୁଯୋଗମାନ ସୃଷ୍ଟି କରିବେ।

ଧାରା ୪୨: କାର୍ଯ୍ୟସ୍ଥଳୀରେ ଉପଯୁକ୍ତ ଏବଂ ମାନବୀୟ ପରିବେଶକୁ ସୁନିଶ୍ଚିତ କରବା ତଥା ମାତୃତ୍ୱ କାଳୀନ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ରାଷ୍ଟ୍ର ପ୍ରଚେଷ୍ଟା କରିବ।

ଧାରା ୪୪: ଦେଶର ସମଗ୍ର ଅଞ୍ଚଳରେ ଗୋଟିଏ ସମରୂପ ଦେଓ୍ୱାନି ଆଇନ୍‌ର ପ୍ରଚଳନ ପାଇଁ ରାଷ୍ଟ୍ରର ଉଦ୍ୟମ ଅବ୍ୟାହତ ରହିବ।

ଧାରା ୪୭: ରାଷ୍ଟ୍ରର ପ୍ରାଥମିକ କର୍ତ୍ତବ୍ୟ ହେବ ଜନସାଧାରଣଙ୍କର ପୁଷ୍ଟିସାଧନ, ଜୀବନଧାରଣର ମାନଦଣ୍ଡ ଓ ସାର୍ବଜନୀନ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଘଟାଇବା ତଥା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନିଶାଦ୍ରବ୍ୟକୁ ନିଷେଧ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା।

**ସମ୍ବିଧାନରେ ବର୍ଣ୍ଣିତ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟାବଳୀ-**

୧୯୭୬ରେ ସମ୍ବିଧାନର ୪୨ତମ ସଂଶୋଧନ ବଳରେ ଧାରା ୫୧-ଏ ଯୋଡାଗଲା, ଯେଉଁଥିରେ କି ନାଗରିକମାନଙ୍କର ୧୦ଟି ମୌଳିକ କର୍ତ୍ତବ୍ୟର ଅବତାରଣା କରାଯାଇଛି। ଏହାର କ୍ରମସଂଖ୍ୟା (ଇ) ରେ କୁହାଯାଇଛି ଯେ, ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ ତଥା ସଂକୀର୍ଣ୍ଣ ବିଭେଦଗୁଡିକର ଉର୍ଦ୍ଧ୍ୱରେ ରହି ଭାରତର ସମସ୍ତ ଜନସାଧାରଣଙ୍କ ଭିତରେ ସଂହତି ଏବଂ ସମଭାବାପନ୍ନ ଭ୍ରାତୃଭାବର ଭାବଧାରାକୁ ପ୍ରୋତ୍ସାହନ ଦେବା ତଥା ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅବମାନନା ସୂଚକ ଆଚରଣସବୁକୁ ପରିହାର କରିବା।

## ସମାଜ ସଂସ୍କାରକଙ୍କ ପ୍ରୟାସ ଓ ମହିଳା ଆନ୍ଦୋଳନ ଫଳରେ ପ୍ରଣୀତ ଆଇନ୍‌ସମୂହ

ଏହା କ'ଣ ସତ୍ୟ, ପୁରାତନ ସମାଜର କୌଣସି ପରିବର୍ତ୍ତନ ହୋଇନାହିଁ ଏବଂ ଆମେ ଏବେ ମଧ୍ୟ ସେହି କୁସଂସ୍କାରପୂର୍ଣ୍ଣ ସମାଜରେ ବାସ କରୁଛେ, ଯେଉଁଠାରେ କି ସତୀପ୍ରଥା ଓ ବାଲ୍ୟବିବାହ ଭଳି ପ୍ରଥାର ପ୍ରଚଳନ ଅଛି ? ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ଅଜ୍ଞତାର ଅନ୍ଧାର ମଧ୍ୟରେ ଏବେ ମଧ୍ୟ କେତେକ କନ୍ୟା ଛଟପଟ ହେଉଛନ୍ତି ଓ ଭୁଲିଯାଇଛନ୍ତି ଯେ ସେମାନେ ମଧ୍ୟ ରକ୍ତମାଂସଧାରୀ ମଣିଷ ଯାହାର ଚିନ୍ତା କରିବାର ଶକ୍ତି ଅଛି ଏବଂ ଅନୁଭବ କରିବାର ଶକ୍ତି ଅଛି। କିନ୍ତୁ ମୋଟ ଉପରେ ନାରୀ ପାଇଁ ଅତୀତର କାଳିମାଭରା ଜୀବନ ଓ ଆଜିର ଜୀବନ ମଧ୍ୟରେ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଆମଦେଶରେ ମହିଳାମାନଙ୍କର ଅଧିକାର ସୁରକ୍ଷା ପାଇଁ ଘଟି ଯାଇଥିବା ଆନ୍ଦୋଳନରେ ହିନ୍ଦୁ ବିଧବା ପୁନଃବିବାହ ଆଇନ୍ ୧୮୫୬ ଥିଲା ପ୍ରଥମ ସୋପାନ। ସେହିଠାରୁ ଆରମ୍ଭ ହୋଇ ୧୯୪୭ ମସିହା ସ୍ୱାଧିନତା ପ୍ରାପ୍ତି ପର୍ଯ୍ୟନ୍ତ କ୍ରମାଗତ ଭାବେ ବହୁ ବିଷୟ ଯଥା, ବିବାହ, ବିବାହ ବିଚ୍ଛେଦ, ଉତ୍ତରାଧିକାରୀ ସତ୍ତ୍ୱ, ସମ୍ପତ୍ତିଗତ ଅଧିକାର, ବାଲ୍ୟ ବିବାହ, ଯୌତୁକ କାରବାର ତଥା ଦେବଦାସୀ ପ୍ରଥା ଆଦି ଉପରେ ନୂତନ ଓ ପ୍ରଗତିଶୀଳ ଆଇନ୍ ଗୁଡ଼ିକର ପ୍ରବର୍ତ୍ତନ ଫଳରେ ମହିଳାମାନଙ୍କ ସାମାଜିକ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆସିପାରିଛି ।

**ପାକ୍-ସ୍ୱାଧୀନତା ଯୁଗରେ ମହିଳାମାନଙ୍କ ସ୍ଥିତିକୁ ପ୍ରଭାବିତ କଲାଭଳି ପ୍ରଣୀତ ଆଇନ୍‌ସମୂହ:**

| ବର୍ଷ | | ଆଇନ୍ |
|---|---|---|
| ୧୮୫୬ | - | ହିନ୍ଦୁ ବିଧବା ପୁନଃବିବାହ ଆଇନ୍ |
| ୧୮୬୦ | - | ଭାରତୀୟ ପିଙ୍ଗଳ ସଂହିତା |
| ୧୮୬୫ | - | ପାର୍ଶି ବିବାହା ଓ ଛାଡ଼ପତ୍ର ଆଇନ୍ |
| ୧୮୬୬ | - | ଦେଶୀୟ ବ୍ୟକ୍ତିର ଧର୍ମାନ୍ତରଣ କାରଣରୁ ବିବାହର ଅବସାନ ଆଇନ୍ |
| ୧୮୬୯ | - | ଭାରତୀୟ ଛାଡ଼ପତ୍ର ଆଇନ୍ |
| ୧୮୭୨ | - | ଭାରତୀୟ ଖ୍ରୀଷ୍ଟିଆନ୍ ବିବାହ ଆଇନ୍ |
| ୧୮୭୨ | - | ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ |
| ୧୮୭୪ | - | ବିବାହିତ ମହିଳାଙ୍କ ସମ୍ପତ୍ତିଗତ ଅଧିକାର ଆଇନ୍ |
| ୧୮୭୫ | - | ଭାରତୀୟ ସାବାଳକ ଆଇନ୍ |
| ୧୮୭୬ | - | ବଂଗୀୟ ମହମଡାନ୍ ବିବାହ ଓ ବିବାହ ବିଚ୍ଛେଦ ପଞ୍ଜିକରଣ ଆଇନ୍ |
| ୧୮୯୦ | - | ଅଭିଭାବକ ଓ ପ୍ରତିପାଲ୍ୟ ଆଇନ୍ |
| ୧୮୯୧ | - | ସମ୍ମତି ପ୍ରଦାନ ପାଇଁ ବୟସ ଆଇନ୍ (ବିବାହ ପାଇଁ ସମ୍ମତି ପ୍ରଦାନ ସକାଶେ ଝିଅର ନ୍ୟୂନତମ ବୟସ ୧୨ ବର୍ଷ ବୋଲି ଧାର୍ଯ୍ୟ) |
| ୧୮୯୨ | - | ବିବାହସମୂହର ବୈଧୀକରଣ ଆଇନ୍ |
| ୧୯୦୯ | - | ଆନନ୍ଦ ବିବାହ ଆଇନ୍ (ଶିଖ୍ ସଂପ୍ରଦାୟ ପାଇଁ) |
| ୧୯୨୧ | - | ହିନ୍ଦୁ ସମ୍ପତ୍ତି ହସ୍ତାନ୍ତର ଏବଂ ଦାନ (ମାଡ୍ରାସ ସହର) ଆଇନ୍ |
| ୧୯୨୩ | - | ଆଇନ୍ କ୍ଷେତ୍ରରେ ପେଷାଦାର (ମହିଳା) ଆଇନ୍ |

| | | |
|---|---|---|
| ୧୯୨୪ | - | ଦେବଦାସୀ ପ୍ରଥାର ନିଷେଧ ପାଇଁ ଭାରତୀୟ ପିଙ୍ଗଳ ସଂହିତା, ୧୮୬୦ର ଦଫା ୩୭୨ ଓ ୩୭୩ର ସଂଶୋଧନ |
| ୧୯୨୫ | - | ବିବାହ ପାଇଁ ସମ୍ମତି ପ୍ରଦାନ ବୟସ (ସଂଶୋଧନ) ଆଇନ୍ (ଝିଅମାନଙ୍କ ପାଇଁ ଅନ୍ୟୂନ ୧୩ବର୍ଷକୁ ବୃଦ୍ଧି) |
| ୧୯୨୯ | - | ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍ (ଝିଅମାନଙ୍କ ପାଇଁ ଅନ୍ୟୂନ ୧୪ବର୍ଷକୁ ବୃଦ୍ଧି) |
| ୧୯୩୩ | - | ମହୀଶୁର ହିନ୍ଦୁ ବିଧି ମହିଳାମାନଙ୍କ ଅଧିକାରସମୂହ ଆଇନ୍ |
| ୧୯୩୪ | - | ବମ୍ବେ ଦେବଦାସୀ ସୁରକ୍ଷା ଆଇନ୍ |
| ୧୯୩୫ | - | ଆସାମ ମୁସଲିମ ବିବାହ ଓ ବିବାହ-ବିଚ୍ଛେଦ ପଞ୍ଜିକରଣ ଆଇନ୍ |
| ୧୯୩୬ | - | ପାର୍ଶୀ ବିବାହ ଓ ବିବାହ ବିଚ୍ଛେଦ ଆଇନ୍ |
| ୧୯୩୭ | - | ମୁସ୍‌ଲିମ୍ ବ୍ୟକ୍ତି-ସଂପର୍କୀତ ବିଧି (ଶାରିୟାତ) ପ୍ରୟୋଗ ଆଇନ୍ |
| | - | ହିନ୍ଦୁ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ଆଇନ୍ |
| | - | ଆର୍ଯ୍ୟ ବିବାହ ଆଇନ୍ |
| ୧୯୩୯ | - | ମୁସଲମାନ ବିବାହ ଅବସାନ ଆଇନ୍ |
| ୧୯୪୬ | - | ବମ୍ବେ ହିନ୍ଦୁ ଦୁଇ-ବିବାହ ନିଷେଧ ଆଇନ୍ |
| ୧୯୪୬ | - | ହିନ୍ଦୁ ବିବାହିତା ମହିଳାଙ୍କର ସ୍ୱତନ୍ତ୍ର ବସବାସ କରିବା ଏବଂ ଭତ୍ତା ପାଇବାର ଅଧିକାର ଆଇନ୍ |
| ୧୯୪୭ | - | ମାଡ୍ରାସ ଦେବଦାସୀ (ସମର୍ପଣକୁ ନିଷେଧ) ଆଇନ୍, ୧୯୪୭ |

ଏହି ତାଲିକା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ, ଊନବିଂଶ ଶତାବ୍ଦୀରେ ମଧ୍ୟ ବିବାହ ବିଚ୍ଛେଦ ଆଇନ୍ ପରି ଏକ ବୈପ୍ଳବିକ ଆଇନ୍ ସେତେବେଳକାର ରକ୍ଷଣଶୀଳ ସମାଜରେ ପ୍ରବର୍ତ୍ତନ ହୋଇ ପାରିଥିଲା। ଏବେବି ଆମ ସମାଜ ବିବାହକୁ ଏକ ବଳିଷ୍ଠ ଓ ପବିତ୍ର ବନ୍ଧନ ବୋଲି ମାନିଥାଏ ଏବଂ ଏହା ଅନୁମେୟ ଯେ ତତ୍‌କାଳୀନ ସମାଜରେ ଏହି ଧାରଣା କେତେ ଦୃଢୀଭୂତ ହୋଇ ନଥିବ। ସେହି ପ୍ରକାର ପରିବେଶରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିବା ନିଶ୍ଚିତ ରୂପେ ଏକ ଦୁଃସାହସିକ ପଦକ୍ଷେପ ବୋଲି ଧରାଯିବ। ସେହିପରି ତଦାନୀନ୍ତନ ସମୟରେ ଆହୁରି ଅନେକ ପ୍ରଗତିଶୀଳ ଆଇନ୍ ଯଥା, ବିଧବା ପୁନଃବିବାହ ଆଇନ୍ ଓ ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍ ଇତ୍ୟାଦିର ପ୍ରଚଳନ ହୋଇପାରିଥିଲା। ଆଇନ୍ ମାଧ୍ୟମରେ ସମାଜ-ସଂସ୍କାର ପାଇଁ ସମଗ୍ର ଦେଶରେ ବିତର୍କ ହୋଇଥିଲା ଏବଂ ବହୁ ଭାରତୀୟ ମହିଳା ମଧ୍ୟ ଏହି ବିତର୍କ ପ୍ରକ୍ରିୟାରେ ଭାଗ ନେଇଥିଲେ।

ଏଠାରେ ବିଶେଷଭାବେ ଉଲ୍ଲେଖନୀୟ ଯେ, ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍, ୧୯୨୯ ବା ଶାରଦା ଆଇନ୍‌ର ପ୍ରଣୟନକୁ ବ୍ରିଟିଶ୍ ସରକାର ନିଜ ତରଫରୁ ପ୍ରୋତ୍ସାହନ ଦେଇନଥିଲେ। ଏଥିପାଇଁ ବ୍ରିଟିଶ୍ ସରକାରଙ୍କ ଉପରେ ଭାରତୀୟ ସଂସ୍କାରଧର୍ମୀ ରାଜନେତା ଏବଂ ସମାଜସେବୀଗଣ ଚାପ ପକାଇବାରେ ସଫଳ ହୋଇପାରିଥିଲେ । ସଂପର୍କୀତ ବିଲ୍‌କୁ ଅନୁଧ୍ୟାନ କରିବା ପାଇଁ ମୋରୋପାଣ୍ଟ ବିଶ୍ୱନାଥ ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଚୟନ କମିଟିକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି କମିଟିର ମୋଟ ୯୦ଜଣ ସଭ୍ୟଙ୍କ ଭିତରୁ ମାତ୍ର ୨ଜଣ ମହିଳା ସଭ୍ୟା ଥିଲେ, ଭାରତର ଶ୍ରୀମତୀ ରାମେଶ୍ୱରୀ ନେହେରୁ ଏବଂ ବ୍ରିଟିଶ୍ ମହିଳା ଏମ୍. ଓବ୍ରିଏନ୍ ବେଡୋନ୍ । ଏହି କମିଟି ଶାରଦା ବିଲ୍‌କୁ ନେଇ ବହୁବିଧ ପ୍ରଶ୍ନ ସମ୍ବଳିତ ଏକ ଏକ ଜିଜ୍ଞାସାପତ୍ର ପ୍ରସ୍ତୁତ କରି ଜନସାଧାରଣଙ୍କର ମତାମତ ସଂଗ୍ରହ କରିଥିଲେ ଏବଂ ଏହି ମତାମତକୁ ଭିତ୍ତି କରି ଶାରଦା ଆଇନ୍ ୧୯୨୯ ପ୍ରଣୀତ ଓ ଗୃହୀତ ହୋଇଥିଲା। ବିଭିନ୍ନ ମହିଳା ଅନୁଷ୍ଠାନ ଏ ସଂକ୍ରାନ୍ତରେ ଯୋଷି କମିଟିକୁ ଭେଟିଥିଲେ ଏବଂ ଏହି ବିଲ୍‌କୁ ତିଆରି କରିବା ପାଇଁ ସହଯୋଗ ମଧ୍ୟ କରିଥିଲେ। କେବଳ ସେତିକି ନୁହେଁ, ଏହି ଆଇନ୍‌ର ସଠିକ ପ୍ରୟୋଗ ପାଇଁ ସଚେତନତା ମୂଳକ କାର୍ଯ୍ୟଧାରାକୁ ଆଗେଇ

ନେବାରେ ଦେଶର ବହୁ ମହିଳା ନେତ୍ରୀ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ବାଲ୍ୟ ବିବାହ ନିଷେଧ ଆଇନ୍‌କୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ବିବାହ ପଞ୍ଜିକରଣ ଆଇନ୍ ତଥା ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଆଇନ୍ ଭଳି ଆନୁଷଙ୍ଗିକ ବିଧିବିଧାନର ପ୍ରଣୟନର ଆବଶ୍ୟକତା ଅଛି ବୋଲି ବୁଝାଇବା ପାଇଁ ମହିଳା ସଂଗଠନମାନଙ୍କୁ କଠିନ ସାଧନା କରିବାକୁ ପଡ଼ିଥିଲା। ବିବାହ ଯୋଗ୍ୟ ବୟସ ଅତି କମ୍‌ରେ ୧୫ ବର୍ଷ ଏବଂ ବିବାହ ପାଇଁ ସହମତି ପ୍ରକାଶ କରିବାର ବୟସ ଅତିକମ୍‌ରେ ୨୧ ବର୍ଷ ହେବା ଉଚିତ୍ ବୋଲି ମତାମତ ଦେଇ ଯୋଶୀ କମିଟି ତତ୍‌କାଳୀନ ବ୍ରିଟିଶ୍ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରକ୍ଷଣଶୀଳ ଗୋଷ୍ଠୀଙ୍କ ଠାରୁ ପ୍ରବଳ ବିରୋଧ ଭୟରେ ପ୍ରଥମେ ସରକାର ଏହାକୁ ଗ୍ରହଣ କରିନଥିଲେ, କିନ୍ତୁ ମହିଳା ସଂଗଠନମାନଙ୍କ ଚାପ ଫଳରେ ମହିଳାଙ୍କ ପାଇଁ ବିବାହଯୋଗ୍ୟ ବୟସ ୧୪ ବର୍ଷ ଏବଂ ପୁରୁଷଙ୍କର ୧୮ ବର୍ଷ ହେବ ବୋଲି ସରକାର ନିଷ୍ପତ୍ତି ନେଇଥିଲେ ଏବଂ ଏହାକୁ ଆଇନ୍‌ରେ ପରିଣତ କରିଥିଲେ। ୧୯୩୦ ମସିହା ଏପ୍ରିଲ୍ ମାସରେ ଏହି ଆଇନ୍ ବଳବତ୍ତର ହୋଇଥିଲା । ସେହି ସମୟର ମହିଳା ଆନ୍ଦୋଳନ କେବଳ ଶାରଦା ଆଇନ୍ ମଧ୍ୟରେ ସୀମିତ ରହିନଥିଲା। ମହିଳାମାନେ ଉପଲବ୍ଧି କରି ପାରିଥିଲେ ଯେ, ମହିଳାମାନଙ୍କର ବ୍ୟକ୍ତିତ୍ୱର ବିକାଶରେ ବାଧା ସୃଷ୍ଟି କରୁଥିବା ବହୁ କୁସଂସ୍କାର ମଧ୍ୟରୁ ବାଲ୍ୟବିବାହ କେବଳ ଗୋଟିଏ। ସେମାନଙ୍କ ଦୃଷ୍ଟିରେ ଶିକ୍ଷାଲାଭ ସୁଯୋଗରୁ ବଞ୍ଚିତ ହେବା ଦ୍ୱାରା ମହିଳାମାନଙ୍କ ଶାରିରୀକ ତଥା ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ମହିଳାମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ସଂଘବଦ୍ଧ ଭାବେ ସ୍ୱର ଉତ୍ତୋଳନ କରିବା, ଆଇନ୍ ପ୍ରଣୟନ କରିବା ତଥା ନ୍ୟାୟାଳୟର ଦ୍ୱାରସ୍ଥ ହେବା ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମକୁ ଏକାଧାରରେ ଚଳେଇ ରଖିବା ଉପରେ ସେମାନଙ୍କ ଆନ୍ଦୋଳନ ଗୁରୁତ୍ୱ ଦେଇଥିଲା। ଗୋଟିଏ ଆଇନ୍ ତଥା କାର୍ଯ୍ୟକ୍ରମକୁ କିପରି ସଫଳ ରୂପାୟନ କରାଯାଇ ପାରିବ, ସେଦିଗରେ ମଧ୍ୟ ସେମାନଙ୍କ ପ୍ରଚେଷ୍ଟା ଜାରି ରହିଥିଲା।

ପ୍ରାକ୍ ସ୍ୱାଧୀନତା ଯୁଗର ନାରୀ ଜାଗରଣର ଧାରା ସ୍ୱାଧୀନୋତ୍ତର ଭାରତବର୍ଷରେ ବଜାୟ ରହିଲା। ପରିବର୍ତ୍ତିତ ପରିସ୍ଥିତିରେ ଦେଖାଯାଉଥିବା ସମସ୍ୟାଗୁଡ଼ିକୁ ପର୍ଯ୍ୟାଲୋଚନା କରିବା ଏବଂ ନୂତନ ପରିପ୍ରେକ୍ଷୀରେ ମହିଳାର ସ୍ୱାଧୀନତା ଓ ଅଧିକାରର ବିକାଶ ଓ ସୁରକ୍ଷା କରିବା ପାଇଁ ପ୍ରୟାସ ଜାରି ରହିଛି । ଏହାର ପରିଣାମ ସ୍ୱରୂପ ସ୍ୱାଧୀନ ଭାରତରେ ମହିଳା ସଂପର୍କୀତ ବହୁ ଉନ୍ନତ ଆଇନ୍‌ମାନ ପ୍ରଣୟନ ହୋଇ ଆସୁଥିବାର ଏକ ପ୍ରକ୍ରିୟା ଆମେ ଲକ୍ଷ୍ୟ କରିଥାଉ।

**ସ୍ୱାଧୀନୋତ୍ତର କାଳରେ ପ୍ରଣୀତ ମହିଳା-ସଂପର୍କୀତ ଆଇନ୍‌ସମୂହ:**

| ବର୍ଷ | | ଆଇନ |
|---|---|---|
| ୧୯୪୯ | - | ବାଲ୍ୟବିବାହ ନିୟନ୍ତ୍ରଣ (ସଂଶୋଧନ) ଆଇନ୍ |
| ୧୯୫୨ | - | ପ୍ରତ୍ୟାହାର ଓ ସଂଶୋଧନ ଆଇନ୍ (ଭାରତୀୟ ଖ୍ରୀଷ୍ଟିଆନ ବିବାହ ଆଇନ୍‌ର ବୈଧୀକରଣ) |
| | - | 'ବି' ଶ୍ରେଣୀ ରାଜ୍ୟସମୂହର ବିବାହର ବୈଧୀକରଣ ଆଇନ୍ |
| ୧୯୫୪ | - | ସ୍ୱତନ୍ତ୍ର ବିବାହ ଆଇନ୍ |
| ୧୯୫୫ | - | ହିନ୍ଦୁ ବିବାହ ଆଇନ୍ |
| ୧୯୫୬ | - | ହିନ୍ଦୁ ପୌଷ୍ୟସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଆଇନ |
| | - | ହିନ୍ଦୁ ନାବାଳକତ୍ୱ ଏବଂ ଅଭିଭାବକତ୍ୱ ଆଇନ୍ |
| | - | ହିନ୍ଦୁ ଉତ୍ତରାଧିକାରିତ୍ୱ ଆଇନ୍ |
| | - | ଅନୈତିକ ଚାଲାଣ ପ୍ରତିଷେଧ ଆଇନ୍ |
| | - | ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନସମୂହ (ଲାଇସେନସ୍ ପ୍ରଦାନ) ଆଇନ୍ |
| ୧୯୫୯ | - | ବିବାହିତା ମହିଳାଙ୍କ ସଂପତ୍ତି (ସଂପ୍ରସାରଣ) ଆଇନ୍ |

୧୯୬୦ - ଶିଶୁ ଆଇନ୍

- ଅନାଥାଶ୍ରମ ଏବଂ ଅନ୍ୟାନ୍ୟ ଦାତବ୍ୟ ଗୃହ (ତଦାରଖ ଏବଂ ନିୟନ୍ତ୍ରଣ) ଆଇନ୍

୧୯୬୦ - ହିନ୍ଦୁବିବାହ (କାର୍ଯ୍ୟବିଧିର ବୈଧୀକରଣ) ଆଇନ୍

୧୯୬୧ - ଯୌତୁକ ନିଷେଧ ଆଇନ୍

୧୯୬୯ - ବିଦେଶରେ ବିବାହ ଆଇନ୍

୧୯୭୧ - ଡ଼ାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍

୧୯୭୩ - ଫୌଜଦାରୀ କାର୍ଯ୍ୟବିଧି ସଂହିତା

୧୯୭୬ - ବାଲ୍ୟବିବାହ ନିୟନ୍ତ୍ରଣ (ସଂଶୋଧନ) ଆଇନ୍

- ସମାନ ପାରିଶ୍ରମିକ ଆଇନ୍

୧୯୮୪ - ପରିବାର ଅଦାଲତ ଆଇନ୍

୧୯୮୬ - ମହିଳାମାନଙ୍କୁ ଅଶ୍ଳୀଳ ଢଙ୍ଗରେ ପ୍ରଦର୍ଶନ(ନିଷେଧ) ଆଇନ୍

- ମୁସିଲିମ୍ ମହିଳା (ବିବାହ ବିଚ୍ଛେଦ ପରେ ଅଧିକାରର ସୁରକ୍ଷା) ଆଇନ୍

୧୯୮୬ - ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍

୧୯୮୭ - ସତୀପ୍ରଥା (ପ୍ରତିଷେଧ) ଆଇନ୍

୧୯୯୦ - ଜାତୀୟ ମହିଳା କମିଶନ୍ ଆଇନ୍

୧୯୯୩ - ମାନବିକ ଅଧିକାରସମୂହ ସୁରକ୍ଷା ଆଇନ୍

୧୯୯୪ - ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍

୨୦୦୨ - ଭାରତୀୟ ସାକ୍ଷ୍ୟ-ପ୍ରମାଣ (ସଂଶୋଧନ) ଆଇନ୍

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ଆଇନ୍

୨୦୦୫ - ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍

- ହିନ୍ଦୁ ଉତ୍ତରାଧିକାର (ସଂଶୋଧନ) ଆଇନ୍

- ଶିଶୁ ଅଧିକାରର ସୁରକ୍ଷା ପାଇଁ କମିଶନ୍‌ସମୂହ ଆଇନ୍

ଭାରତର ପୁରୁଷ-ପ୍ରଧାନ ସମାଜରେ ଏସବୁ ନୁତନ ଆଇନ୍‌ର ପ୍ରଣୟନ ମହିଳାମାନଙ୍କର ସ୍ୱାର୍ଥରକ୍ଷା ଓ ବିକାଶ ସାଧନ ସହ ପୁରୁଷମାନଙ୍କ ସହିତ ସେମାନଙ୍କର ସମାନ ସୁଯୋଗ ହାସଲ କରିବାର ମାର୍ଗକୁ ପ୍ରଶସ୍ତ କରିପାରିଛି। ମୂଳ ସମସ୍ୟାବଳୀକୁ ଚିହ୍ନଟ କରି ଆଇନ୍ ମାଧ୍ୟମରେ ମହିଳା ସଶକ୍ତୀକରଣର ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବା କ୍ଷେତ୍ରରେ ମହିଳା ଆନ୍ଦୋଳନ ଦିଗଦର୍ଶକ ଭାବେ କାର୍ଯ୍ୟ କରିଛି। କିନ୍ତୁ ଆମ ଦେଶରେ ସୁଦୂର ଅଷ୍ଟାଦଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଆଧୁନିକ ସମୟର ଏହି ମହିଳା ଆନ୍ଦୋଳନ ନିଜର ଉତ୍ତର-ଦାୟିତ୍ୱ ସମ୍ପାଦନ କରିବା ପାଇଁ ଆହୁରି ଲମ୍ବା ପଥ ଅତିକ୍ରମ କରିବା ବାକୀ ରହିଛି। ଏହି ଆନ୍ଦୋଳନକୁ ଅଧିକରୁ ଅଧିକ ଶକ୍ତିଶାଳୀ କରି ପରିବର୍ତ୍ତିତ ସ୍ଥିତିରେ ଉପୁଜୁଥିବା ନିତ୍ୟନୂତନ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ବିଶ୍ଳେଷଣ କରି ମହିଳାମାନଙ୍କର ନ୍ୟାଯ୍ୟ ଅଧିକାରକୁ ସାବ୍ୟସ୍ତ କରିବାର ଗଭୀର ଆବଶ୍ୟକତା ଏବେ ବି ଅପୂରିତ ରହିଛି।

# ମାର୍ଗଦର୍ଶୀ ମହିଳାମାନେ

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମସ୍ୟାଗୁଡିକୁ ନେଇ ଆଞ୍ଚଳିକ ସ୍ତରରେ ସଂଘର୍ଷ କରୁଥିବା ମହିଳାମାନେ ହିଁ ପରିଶେଷରେ ଜାତୀୟ ବା ପ୍ରାଦେଶିକ ସ୍ତରରେ ବ୍ୟାପକ ମହିଳା ଆନ୍ଦୋଳନକୁ ଜନ୍ମ ଦେଇଥାଆନ୍ତି। ଆହୁରି ଗୌରବର ବିଷୟ ଯେ, ଏହି ଛୋଟଛୋଟ ଆନ୍ଦୋଳନ ପରିଶେଷରେ ପ୍ରଚଳିତ ଆଇନ୍ ତଥା ନୀତିନିୟମର ପରିବର୍ତ୍ତନ କରିବା କ୍ଷେତ୍ରରେ ପ୍ରଭାବଶାଳୀ ବୋଲି ଇତିହାସ ସାବ୍ୟସ୍ତ କରିସାରିଛି। ଅତୀତର ଇତିହାସକୁ ବିଶ୍ଳେଷଣ କଲେ ଏହା ଜଣାପଡୁଛି ଯେ ମହିଳାମାନେ ଶାରିରୀକ ତଥା ମାନସିକ, ଉଭୟ ସ୍ତରରେ ଧର୍ମ ଓ ରାଷ୍ଟ୍ର ଦ୍ୱାରା ନିୟନ୍ତ୍ରିତ ହୋଇ ଆସିଛନ୍ତି। ଅପାଠୁଆ ମହିଳାଙ୍କଠାରୁ ଆରମ୍ଭକରି ଉଚ୍ଚଶିକ୍ଷିତ ମହିଳାଙ୍କ ପର୍ଯ୍ୟନ୍ତ, ଗରିବ ମହିଳା ମାନଙ୍କଠାରୁ ଆରମ୍ଭ କରି ଧନୀ ପରିବାରର ମହିଳାମାନଙ୍କ ପର୍ଯ୍ୟନ୍ତ ସମଗ୍ର ମହିଳା ସମାଜ ନ୍ୟାୟ ପାଇଁ ବାଧ୍ୟ ହୋଇ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥାନ୍ତି। ଏହି ସମସ୍ତ ମହିଳାମାନେ କୌଣସି ନା କୌଣସି ପ୍ରକାରେ ନିଜ ପରିବାର ଦ୍ୱାରା ନିର୍ଯ୍ୟାତିତା । କେତେକ ମହିଳା ପାରିବାରିକ ହିଂସା କବଳରୁ ନିଜର ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ଅତ୍ୟାବଶ୍ୟକ ସାଧନ ପାଇଁ ନ୍ୟାୟାଳୟର ଆଶ୍ରୟ ନେଇଥାନ୍ତି। ଏପ୍ରକାର ସ୍ଥିତି ଆମର ସମାଜ ତଥା ନ୍ୟାୟବ୍ୟବସ୍ଥା ସମ୍ମୁଖରେ ଏକ ମସ୍ତବଡ ଆହ୍ୱାନ୍। ଯେଉଁ ମହିଳାମାନେ ନୂତନ ଆଇନର ପ୍ରଣୟନ ତଥା ନୁତନ ନୀତିର ନିର୍ଦ୍ଧାରଣ ପାଇଁ ଅଗ୍ରଗଣ୍ୟ ଭୂମିକା ନେଇଥାନ୍ତି, ସେମାନେ ଆଇନ୍ ଇତିହାସରେ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ନିମ୍ନରେ କେତେକ ଦୃଷ୍ଟାନ୍ତ ଉପସ୍ଥାପନ କରାଯାଉଛି।

**ପ୍ରଗତି ଭର୍ଗୀଜ୍ :**

ସମ୍ବିଧାନର ଧାରା ୧୫ ଅନୁଯାୟୀ ଧର୍ମ ଭିତ୍ତିରେ କୌଣସି ବାଛବିଚାର କରାଯିବ ନାହିଁ। କିନ୍ତୁ ଭାରତୀୟ ଛାଡ଼ପତ୍ର ଆଇନ୍ ୧୮୬୯ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି ସାମ୍ବିଧାନିକ ପ୍ରାବ୍‌ଧାନ ସହିତ ଅସଂଗତ ହେଉଥିଲା । ପ୍ରଗତି ଭର୍ଗୀଜ୍ ଜଣେ ଖ୍ରୀଷ୍ଟିଆନ୍ ମହିଳା। ତାଙ୍କ ମତରେ ଅନ୍ୟ ଧର୍ମରେ ନିର୍ଯାତିତା ବିବାହିତା ମହିଳାମାନଙ୍କୁ ଯେପରି ନ୍ୟାୟିକ ସୁରକ୍ଷା ମିଳିଥାଏ, ସେପରି ବ୍ୟବସ୍ଥା ଖ୍ରୀଷ୍ଟଧର୍ମାବଲମ୍ବୀ ମହିଳାମାନଙ୍କୁ ମିଳିନଥାଏ। ଏହା ଏକ ଗୁରୁତର ପାତରଅନ୍ତର ବୋଲି ସେ ଦର୍ଶାଇଥିଲେ। ଭାରତୀୟ ଛାଡପତ୍ର ଆଇନର ଧାରା ୧୦ ଖ୍ରୀଷ୍ଟିୟାନ ଧର୍ମ ପାଇଁ ପ୍ରଯୁଜ୍ୟ ଅଟେ, ଯାହା ଅନୁଯାୟୀ ଏକ ଖ୍ରୀଷ୍ଟିୟାନ୍ ମହିଳା ନିମ୍ନଲିଖିତ ସର୍ତ୍ତରେ ନିଜ ସ୍ୱାମୀଠାରୁ ଅଲଗା ହେବାପାଇଁ ନ୍ୟାୟାଳୟରେ ଆବେଦନ କରିପାରିବେ-

- ଯଦି ସ୍ୱାମୀ ଧର୍ମ ପରିବର୍ତ୍ତନ କରିଥିବେ ତଥା ଅନ୍ୟତ୍ର ବିବାହ କରିଥିବେ,
- ସ୍ୱାମୀ ପୁର୍ନବିବାହ କରିଛନ୍ତି ଏବଂ ତାଙ୍କର ରକ୍ତସଂପର୍କୀୟଙ୍କ ସହ ଅବୈଧ ସମ୍ପର୍କ ମଧ୍ୟ ରହିଛି,
- ସ୍ୱାମୀ ଅନ୍ୟ ଏକ ମହିଳା ସହ ଅନୈତିକ ସମ୍ପର୍କ ରକ୍ଷା ସହିତ ବିବାହ କରିଥିବେ,
- ପର ସ୍ତ୍ରୀ ସହ ଅନୈତିକ ସମ୍ପର୍କ ରକ୍ଷା କରିଥିବେ ଓ ନିଜ ସ୍ତ୍ରୀ ପ୍ରତି ନିଷ୍ଠୁରତା ଆଚରଣ କରିଥିବେ,
- ଧର୍ଷଣ, ସମଲିଙ୍ଗୀ ଯୌନସଂପର୍କ ଏବଂ ପାଶବିକତା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବେ,
- ଅନ୍ୟ ସ୍ତ୍ରୀ ସହ ଅନୈତିକ ସଂପର୍କ ସହିତ ଦୁଇବର୍ଷ ଧରି ନିଜ ସ୍ତ୍ରୀ ଠାରୁ ଅଲଗା ରହିଥିବେ ।

ଏହାର ଅର୍ଥ, ଖ୍ରୀଷ୍ଟିୟାନ୍ ମହିଳାମାନେ କେବଳ ସ୍ୱାମୀଙ୍କର ଅନ୍ୟ ସ୍ତ୍ରୀ ସହ ଅନୈତିକ ସମ୍ପର୍କ ଥିଲେ ଛାଡପତ୍ର ପାଇଁ ଅଦାଲତରେ ଆବେଦନ କରିପାରିବେ। ଅନ୍ୟ ଧର୍ମ ଛାଡପତ୍ର ଆବେଦନ ପାଇଁ ଯେଉଁସବୁ ଅଧିକ ସୁବିଧାସୁଯୋଗ ଦେଉଛି, ଖ୍ରୀଷ୍ଟିଆନ୍ ମହିଳାମାନେ ସେଥିରୁ ବଞ୍ଚିତ ହେଉଛନ୍ତି। ସୁତରାଂ ଭାରତୀୟ ଛାଡପତ୍ର ଆଇନର ଧାରା ୧୦ ଖ୍ରୀଷ୍ଟିୟାନ୍ ମହିଳାମାନଙ୍କୁ ଧର୍ମଗତ ବୈଷମ୍ୟର ଶିକାର କରାଉନ୍ତି। ପ୍ରଗତି ଭର୍ଗୀଜ ଏହି ଧାରାର ସାମ୍ବିଧାନିକ ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। ଫଳରେ ୨୦୦୧ରେ ଭାରତୀୟ ଛାଡପତ୍ର ସଂଶୋଧନ ଆଇନ୍ ଗୃହୀତ ହୋଇଥିଲା ଓ ଧାରା ୧୦ରେ ସଂଶୋଧନ ଅଣାଯାଇଥିଲା ।

ବର୍ତ୍ତମାନ ଜଣେ ଖ୍ରୀଷ୍ଟିଆନ୍ ମହିଳା ହିନ୍ଦୁ ବିବାହ ଆଇନ୍ ୧୯୫୫ ଓ ସ୍ୱତନ୍ତ୍ର ବିବାହ ଆଇନ୍ ୧୯୫୪ ଭଳି ବିଭିନ୍ନ କାରଣ ଦର୍ଶାଇ ଛାଡପତ୍ର ନେଇପାରିବେ ।

**ସାହାବାନୋ ବେଗମ୍ :**

୪୩ ବର୍ଷର ଦାମ୍ପତ୍ୟ ଜୀବନ କଟାଇବାପରେ ସାହାବାନୋ ବେଗମ୍ ବିନା କାରଣରେ ସ୍ୱାମୀ ଦ୍ୱାରା ବିତାଡିତ ହୋଇଥିଲେ । ସେ ବିବାହ-ବିଚ୍ଛେଦ ଭତ୍ତା ନିମନ୍ତେ ଆବେଦନ କରିବା ଫଳରେ ଇସ୍‌ଲାମୀୟ ଛାଡପତ୍ର ଆଇନ୍‌ରେ ଏକ ଚମକପ୍ରଦ ପରିବର୍ତ୍ତନ ସମ୍ଭବ ହୋଇପାରିଥିଲା । ମଧ୍ୟପ୍ରଦେଶର ବାସିନ୍ଦା ଶାହାବାନୋ ଜଣେ ଅଶିକ୍ଷିତ ମୁସଲିମ୍ ମହିଳା । ସେ ୧୬ ବର୍ଷ ବୟସରେ ୧୯୩୨ ମସିହାରେ ମହମ୍ମଦ ଅହମ୍ମଦ ଖାନ୍‌ଙ୍କୁ ବିବାହ କରିଥିଲେ । ତାଙ୍କର ୩ଟି ପୁଅ ଏବଂ ୨ଟି ଝିଅ ଥିଲେ । ବିବାହର ୪୩ବର୍ଷ ପରେ ଅର୍ଥାତ୍ ୧୯୭୫ ମସିହାରେ ତାଙ୍କର ଓକିଲ ସ୍ୱାମୀ ମହମ୍ମଦ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ ଏବଂ ଶାହାବାନୋଙ୍କୁ ଘରୁ ବାହାର କରିଦେଲେ । ମାସକୁ ୨୦୦ ଟଙ୍କା ହିସାବରେ ୨ ମାସ ପାଇଁ ସେ ଶାହାବାନୋଙ୍କୁ ୪୦୦ ଟଙ୍କାର ଭତ୍ତା ଦେଇଥିଲେ, କିନ୍ତୁ ତାପରେ ଭତ୍ତା ଦେବା ବନ୍ଦ କରି ଦେଇଥିଲେ । ବଞ୍ଚିବା ପାଇଁ କୌଣସି ସାଧନ ନ ଥିବାରୁ ସେ ୧୯୭୮ ମସିହାରେଇନ୍ଦୋର ମାଜିଷ୍ଟ୍ରେଟ୍ କୋର୍ଟରେ ଭାରତୀୟ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୧୨୫ ଅନୁଯାୟୀ ବିହାହ ବିଚ୍ଛେଦ ଭତ୍ତା ପାଇଁ ଆବେଦନ କରିଥିଲେ । ମହମ୍ମଦ ତାଙ୍କର୍ ବକ୍ତବ୍ୟରେ ଦର୍ଶାଇ ଥିଲେ ଯେ, ସେ ଶାହାବାନୋଙ୍କୁ ୧୯୭୫ ମସିହାରେ ୩୦୦୦ ଟଙ୍କାର ମେହର ଦେଇ ଛାଡପତ୍ର ଦେଇଥିଲେ । ଅଦାଲତ ତାଙ୍କର ଏହି ମୂଳ ବକ୍ତବ୍ୟକୁ ଗ୍ରହଣ କରି ମାସିକ ୨୫ ଟଙ୍କାର ଭତ୍ତା ବ୍ୟବସ୍ଥା କରି କେଶ୍‌ର ସମାଧାନ କରି ଦେଇଥିଲେ । ଶାହାବାନୋ ଏଥିରେ ସନ୍ତୁଷ୍ଟ ନହୋଇ ପୁନର୍ବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଇନତଃ ଛାଡପତ୍ର ପାଇଥିବା ମହିଳାମାନେ ସର୍ବାଧିକ ମାସିକ ୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ । ହାଇକୋର୍ଟ ଏହି ଆବେଦନକୁ ବିଚାର କରି ଶାହାବାନୋଙ୍କ ଭତ୍ତାକୁ ୧୭୯ଟଙ୍କା ୨୦ପଇସାକୁ ବୃଦ୍ଧି କରିଥିଲେ । କିନ୍ତୁ ମହମ୍ମଦ ଏତିକି ଟଙ୍କା ଦେବାକୁ ଅନିଚ୍ଛା ଦର୍ଶାଇ ସୁପ୍ରୀମ୍ କୋର୍ଟରେ ଅପିଲ୍ ଦାଖଲ କରିଥିଲେ । ସେ ଯୁକ୍ତି ବାଢ଼ିଥିଲେ ଯେ, ଏକ ପରିତ୍ୟକ୍ତା ମୁସ୍‌ଲିମ୍ ମହିଳା ମେହେର ପାଇ ସାରିବା ପରେ ଭତ୍ତା ପାଇବାର ଅଧିକାର ନାହିଁ । କିନ୍ତୁ ୫ ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଭତ୍ତା ଦେବା ପାଇଁ ମହମ୍ମଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଭତ୍ତାର ସର୍ବୋଚ୍ଚ ପରିମାଣ ୫୦୦ଟଙ୍କା ବୋଲି ଏହି ଖଣ୍ଡପୀଠଙ୍କ ଦ୍ୱାରା ସ୍ଥିର କରାଯାଇଥିଲା । ଏହି ପରିମାଣ ୨୦୦୨ ମସିହାରେ ସଂଶୋଧିତ ହୋଇ ୩୦୦୦ଟଙ୍କାକୁ ବୃଦ୍ଧି ପାଇଅଛି । ମହମ୍ମଦ ପେଶାରେ ଓକିଲ ହେଇଥିଲେ ମଧ୍ୟ ମେହର ନାମରେ ସାମାନ୍ୟ ଅର୍ଥ ଦେଇ ତାଙ୍କ ଅଶିକ୍ଷିତା ପତ୍ନୀର ଉତ୍ତରଦାୟିତ୍ୱରୁ ଓହରି ଯାଇଥିଲେ, ଯେତେବେଳେ କି ଶାହାବନୋଙ୍କର ଜୀବନଯାପନ ପାଇଁ ଅନ୍ୟକିଛି ସାଧନ ନ ଥିଲା । ସୁପ୍ରିମ୍ କୋର୍ଟ ଇସଲାମୀୟ ଆଇନ୍‌ରେ ହସ୍ତକ୍ଷେପ କରୁଛି ବୋଲି ଅଭିଯୋଗ କରି ମହମ୍ମଦ ଭତ୍ତା ଦେବା ପାଇଁ ସ୍ପଷ୍ଟ ମନା କରି ଦେଇଥିଲେ । ତାଙ୍କ ଆବେଦନକୁ ସୁପ୍ରୀମ୍ କୋର୍ଟ ଖାରଜ କରିଦେବା ଫଳରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ଖେଳିଯାଇଥିଲା ଏବଂ ମୌଳବାଦୀ ତଥା ସୁବିଧାବାଦୀ ରାଜନୈତିକ ଦଳମାନେ ଏହାର ସୁଯୋଗ ନେଇଥିଲେ । ଅବଶେଷରେ ସରକାରଙ୍କୁ ମୁସଲିମ୍ ମହିଳା (ଛାଡପତ୍ର ପାଇଥିବା ମହିଳାଙ୍କ ଅଧିକାରର ସୁରକ୍ଷା) ଆଇନ୍ ୧୯୮୬ ପ୍ରଣୟନ କରିବାକୁ ପଡିଥିଲା । କିନ୍ତୁ ଛାଡପତ୍ର ପରେ ମାତ୍ର ୩ମାସ ପାଇଁ ସ୍ୱାମୀ ଦ୍ୱାରା ସ୍ତ୍ରୀଙ୍କର ଭରଣପୋଷଣ ପାଇଁ ଏହି ଆଇନ୍ ବ୍ୟବସ୍ଥା ରଖିଲା । ନୂତନ ଆଇନ୍‌ର ଏହି ଦୁର୍ବଳତା ୨୦୦୧ ମସିହାରେ ଡାନିଏଲ୍ ଲଟିଫ୍ ବନାମ ଭାରତ ସରକାର କେଶ୍‌ରେ ସୁପ୍ରିମ୍ କୋର୍ଟ ଦୂରୀକରଣ କରି କହିଛନ୍ତି ଯେ, ଛାଡପତ୍ର ପାଇଥିବା ମୁସ୍‌ଲିମ୍ ମହିଳା ଇଦାତ୍ ପର୍ଯ୍ୟାୟରେ ଅର୍ଥାତ୍ ସାଧାରଣତଃ ୩ମାସ ଭିତରେ ସାରା ଜୀବନ ପାଇଁ ଆବଶ୍ୟକ ଭରଣପୋଷଣ ପାଇବାକୁ ହକ୍‌ଦାର ।

ଏହି ସନ୍ଦର୍ଭରେ କେତେକ ବିଚାରପତି, ଓକିଲ ଏବଂ ପୋଲିସ୍‌ଙ୍କ ଦ୍ୱାରା ମୁସଲମାନ୍ ମହିଳାଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ ଖୁବ୍ ଦୁର୍ଭାଗ୍ୟଜନକ ଥିଲା । ଏତଦ୍ ବ୍ୟତୀତ ପର୍ଦାପ୍ରଥା, ବହୁ ବିବାହ ପ୍ରଥା ଏବଂ ତଲାକ୍‌କୁ ନେଇ ଆଲୋଚନା ଓ ସମାଲୋଚନା ପରିସ୍ଥିତିକୁ ଅଧିକ ଗୁରୁଗମ୍ଭୀର କରି ଦେଇଥିଲା । ଏହି କେଶ୍‌ରେ ସମ୍ବିଧାନର ଧାରା ୪୪ ମଧ୍ୟ ସର୍ବସାଧାରଣ ଆଲୋଚନାର୍

ପରିସରକୁ ଆସିଥିଲା ଏବଂ ମତାମତ ଆସିଥିଲା ଯେ, ସମଗ୍ର ଦେଶରେ ବ୍ୟକ୍ତିଗତ ବ୍ୟାପାରକୁ ନେଇ ଏକ ସମାନ ଆଇନ୍ ପ୍ରବର୍ତ୍ତନ ହେବା ଜରୁରୀ, ଯାହାକି ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ହେବ।

**ସରିତା:**

ସରିତା ଓ ଭେଙ୍କଟ୍ ସୁବାୟାଙ୍କର ବିବାହ ପରେ ମନାନ୍ତର କାରଣରୁ ଅଲଗା ଅଲଗା ବାସ କରୁଥିଲେ। ଭେଙ୍କଟ୍ ସୁବାୟା ହିନ୍ଦୁ ବିବାହ ଆଇନ୍‌ର ଧାରା ୯ ଅନୁଯାୟୀ ସରିତାଙ୍କୁ ତାଙ୍କ ସହ ଏକାଠି ବସବାସ କରିବା ପାଇଁ ଅନୁମତି ସକାଶେ ଅଦାଲତରେ ଏକ ଆବେଦନ ପତ୍ର ଦାଖଲ କରିଥିଲେ। କିନ୍ତୁ ସରିତା ହିନ୍ଦୁ ବିବାହ ଆଇନ୍‌ର ଧାରା ୯ର ବୈଧତା ଉପରେ ପ୍ରଶ୍ନ ଉଠାଇ ଯୁକ୍ତି ଦର୍ଶାଇ ଥିଲେ ଯେ, ତାଙ୍କର ଅନିଚ୍ଛା ସତ୍ତ୍ୱେ ଦାମ୍ପତ୍ୟ ଜୀବନ ପାଇଁ ଅଦାଲତ ତାଙ୍କୁ ବାଧ କରିପାରିବେ ନାହିଁ. କାରଣ ଏପରି ବାଧ୍ୟ କରିବା ସାମ୍ବିଧାନିକ ବିଧିବ୍ୟବସ୍ଥାକୁ  ଉଲ୍ଲଂଘନ କରୁଅଛି । ପ୍ରସଙ୍ଗର ଜଟିଳତାକୁ ଲକ୍ଷ୍ୟକରି ତଳ କୋର୍ଟ ୧୯୮୧ ମସିହାରେ ଏହି କେଶ୍‌କୁ ହାଇକୋର୍ଟଙ୍କୁ ପଠାଇ ଦେଇଥିଲେ। ହାଇକୋର୍ଟ ସରିତାକୁ ଏକ ନୋଟିସ୍ ଜାରି କରିଥିଲେ। ଜବାବରେ ସରିତା ଯୁକ୍ତି ବାଢ଼ିଥିଲେ ଯେ, ହିନ୍ଦୁ ବିବାହ ଆଇନ୍‌ର ଧାରା ୯ ସଂବିଧାନର ତୃତୀୟ ପରିଚ୍ଛେଦରେ ଥିବା ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ବିଶେଷ କରି ସମ୍ବିଧାନର ଧାରା ୧୪, ଧାରା ୧୯ ଏବଂ ଧାରା ୨୧ ଯାହାକି ସମାନତାର ଅଧିକାର, ବଞ୍ଚିବାର ଅଧିକାର ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ, ତାହା ଉଲଂଘିତ ହେଉଛି ବୋଲି ସେ ଯୁକ୍ତି ବାଢ଼ିଥିଲେ।

ସରିତାଙ୍କର ଏପ୍ରକାର ଯୁକ୍ତି ଫଳରେ ତର୍କବିତର୍କର ଝଡ ସୃଷ୍ଟି ହୋଇଥିଲା। ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ପି. ଏ. ଚୌଧୁରୀ ସରିତାଙ୍କ ଯୁକ୍ତି ସହ ଏକମତ ହୋଇଥିଲେ। ଜଷ୍ଟିସ୍ ଚୌଧୁରୀ ମନ୍ତବ୍ୟ ଦେଇଥିଲେ ଯେ, ଆଇନ୍‌ର ଏହି ବ୍ୟବସ୍ଥା ମହିଳାମାନଙ୍କର ସ୍ୱାର୍ଥହାନି କରୁଅଛି। ଅନିଚ୍ଛା ସତ୍ତ୍ୱେ ଦାମ୍ପତ୍ୟ ଜୀବନ ନିର୍ବାହ କରିବା ପାଇଁ ଯେଉଁ ବ୍ୟବସ୍ଥା ଧାରା-୯ରେ ଅଛି ତାହା ଏକ ମହିଳାର ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରକୁ ଗୁରୁତର ଭାବେ ଉଲ୍ଲଂଘନ କରୁଛି। ଆହୁରି ମଧ୍ୟ ସେ ମନ୍ତବ୍ୟ ଦେଇଥିଲେ ଯେ, ଏହି ଧାରା ଏକ ମହିଳାକୁ ତା'ର ନିଜରଶରୀର ଉପରେ ମଧ୍ୟ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ପ୍ରକାରାନ୍ତରେ ସରକାର ଯୌନ ସମ୍ପର୍କ ଓ ସନ୍ତାନ-ଧାରଣ ପରି ସମ୍ବେଦନଶୀଳ କ୍ଷେତ୍ରରେ ହସ୍ତକ୍ଷେପ କରୁଛି। ସେ ତାଙ୍କ ରାୟରେ ଏହାଦ୍ୱାରା ଉକ୍ତ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଅଛି ବୋଲି ମତାମତ ଦେଇଥିଲେ (ଦ୍ରଷ୍ଟବ୍ୟ: ଟି.ସରିତା ବନାମ ଟି.ଭେଙ୍କଟସୁବାୟା, ଏ.ଆଇ.ଆର୍. ୧୯୮୩, ଆନ୍ଧ୍ରପ୍ରଦେଶ, ୩୫୬) । ଏହି ରାୟ ବିରୁଦ୍ଧରେ ଭେଙ୍କଟ୍ ସୁବାୟା ସୁପ୍ରିମ୍ କୋର୍ଟରେ ଆବେଦନ କରିଥିଲେ । ଠିକ୍ ଏହି ସମୟରେ ଦିଲ୍ଲୀ ହାଇକୋର୍ଟ ସମାନ ଧରଣର ଏକ କେଶ୍ ଶୁଣାଣି କରି ଆନ୍ଧ୍ର ପ୍ରଦେଶ ହାଇକୋର୍ଟଙ୍କ ରାୟର ବିପରୀତ ଏକ ରାୟ ପ୍ରଦାନ କରିଥିଲେ । ଦିଲ୍ଲୀ ହାଇକୋର୍ଟର ରାୟ ବିରୁଦ୍ଧରେ ସୁପ୍ରିମ୍ କୋର୍ଟରେ ଏକ ଅର୍ଜି ଦାଖଲ ହୋଇଥିଲା । କିନ୍ତୁ ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟ ଦେଇଥିବା ମତକୁ ଖଣ୍ଡନ କରି ଧାରା-୯ ସପକ୍ଷରେ ମତ ଦେଇଥିଲେ (ଦ୍ରଷ୍ଟବ୍ୟ: ସରୋଜବାଲା ବନାମ ସୁଦର୍ଶନ, ଏ.ଆଇ.ଆର୍. ୧୯୮୪, ଏସ୍.ସି.୧୫୬୨) । ସୁପ୍ରିମ୍ କୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ଯେଉଁ ମହିଳା ବିବାହ ବିଚ୍ଛେଦ ପାଇଁ ଆବେଦନ କରିଛନ୍ତି, ତାହା ସପକ୍ଷରେ ତାଙ୍କୁ ଯଥେଷ୍ଟ ଯୁକ୍ତିଯୁକ୍ତ କାରଣ ଦର୍ଶାଇବା ଆବଶ୍ୟକ।

କିନ୍ତୁ ବସ୍ତୁତଃ ହିନ୍ଦୁ ବିବାହ ଆଇନ୍‌ର ଧାରା-୯ ମହିଳାମାନଙ୍କର ସ୍ଥିତି ଉପରେ ଏକ ପ୍ରଶ୍ନବାଚୀ ଠିଆ କରୁଛି। ଆଇନ୍‌ର ସଂକୀର୍ଣ୍ଣ ଓ ସୀମିତ ବ୍ୟାଖ୍ୟା ଫଳରେ ଜଣେ ମହିଳାର ଆତ୍ମସମ୍ମାନ ଓ ଆତ୍ମରକ୍ଷା ପ୍ରତି କୁଠାରଘାତ ହେଉଛି। ଲିଙ୍ଗଗତ ବୈଷମ୍ୟକୁ ବଜାୟ ରଖୁଥିବା ସାମ୍ପ୍ରତିକ ସମାଜରେ ମହିଳାମାନଙ୍କ ସମସ୍ୟାକୁ ଏକ ସ୍ୱତନ୍ତ୍ର ବିଚାର୍ଯ୍ୟ ବିଷୟ ବୋଲି ଗ୍ରହଣ କରାଯାଉନାହିଁ। ଆମର ବିଚାରପତିମାନେ ମଧ୍ୟ ସମାଜରେ ପ୍ରଚଳିତ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ  ହୋଇ ନିଜର ରାୟ ଶୁଣାଇଥାନ୍ତି। ମହିଳାମାନଙ୍କ ସ୍ୱତନ୍ତ୍ର ସମସ୍ୟା ପ୍ରତି ଏକ ସାଧାରଣ ମାନବୀୟ  ଦୃଷ୍ଟିଭଙ୍ଗୀ ପୋଷଣ କରିବାର ଅବକାଶ ନ ଥାଏ।

କିନ୍ତୁ ଉପରୋକ୍ତ ଧାରା-୯କୁ ମହିଳାମାନଙ୍କ ସ୍ୱାର୍ଥରକ୍ଷା ପାଇଁ ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁ କ୍ଷେତ୍ରରେ ଜଣେ ମହିଳା ସ୍ୱାମୀଙ୍କ ଦ୍ୱାରା ଅବହେଳିତା ହୁଅନ୍ତି କିମ୍ବା ସନ୍ତାନଧାରଣ କରିବାପରେ ସ୍ୱାମୀ ଛାଡି ଚାଲିଯାନ୍ତି, ସେ କ୍ଷେତ୍ରରେ ଏହି ଧାରା-୯କୁ ବ୍ୟବହାର କରାଯାଇପାରେ। ଅବହେଳାକାରୀ ସ୍ୱାମୀମାନଙ୍କୁ ସେମାନଙ୍କର ଉତ୍ତରଦାୟିତ୍ୱ ପୂରଣ ପାଇଁ ବାଧ୍ୟ କରିବା ସକାଶେ ଏହି ଧାରା-୯ର ଆଶ୍ରୟ ନିଆଯାଇପାରେ।

**ମଥୁରା :**

ମହାରାଷ୍ଟ୍ର ନିବାସୀ ମଥୁରା (୧୬ବର୍ଷ) ଗୋଟିଏ ଆଦିବାସୀ ଯୁବତୀ, ଯେ କି ଅଶୋକ ନାମକ ଗୋଟିଏ ଯୁବକକୁ ବିବାହ କରିବାକୁ ଚାହୁଁଥିଲା । କିନ୍ତୁ ତା'ର ପିତାମାତା ଏହାର ବିରୋଧ କରିବାରୁ ଦୁହେଁ ଘର ଛାଡି ଚାଲିଯାଇଥିଲେ। ମଥୁରାର ମାତାପିତା ଅଶୋକ ବିରୋଧରେ ପୋଲିସ୍ ଥାନାରେ ଏକ ଅପହରଣ ମାମଲା ରୁଜୁ କରିଥିଲେ। ୧୯୭୨ ମସିହା ମାର୍ଚ୍ଚ ମାସ ୧୨ ତାରିଖ ରାତିରେ ପୋଲିସ୍ ଅଶୋକ, ମଥୁରା ଏବଂ ତାଙ୍କର କେତେକ ସମ୍ପର୍କୀୟଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ। ସେମାନଙ୍କର ବୟାନ୍ ଲିପିବଦ୍ଧ କରିସାରିବା ପରେ ପୋଲିସ୍ ମଥୁରା ବ୍ୟତୀତ ସମସ୍ତଙ୍କୁ ଛାଡି ଦେଇଥିଲେ। ଦୁଇ କନେଷ୍ଟବଳ ଗଣପତି ଏବଂ ତୁକାରାମ୍ ମଥୁରାକୁ ଥାନାହାଜତରେ ଅଟକ କରି ରଖିଲେ ଏବଂ ଅନ୍ୟମାନଙ୍କୁ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଲେ। ଅଶୋକ ତା'ର ସମ୍ପର୍କୀୟଙ୍କ ସହ ବାହାରେ ବହୁ ସମୟଧରି ଅପେକ୍ଷା କରିଥିଲେ ମଧ ମଥୁରା ନଆସିବାରୁ ପୁଣି ଥାନାକୁ ଫେରି ମଥୁରା ବିଷୟରେ ଜାଣିବାକୁ ଚାହିଁଲେ। ତୁକାରାମ ଓ ଗଣପତି କହିଥିଲେ ଯେ ମଥୁରା ଅନେକ ବେଳୁ ଚାଲିଗଲାଣି। କିନ୍ତୁ ସେତିକି ବେଳେ ମଥୁରା କାନ୍ଦିକାନ୍ଦି ଆସି ଏହି କନେଷ୍ଟବଳ ଦ୍ୱୟ ତାକୁ ଧର୍ଷଣ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଘଟଣା ଚାରିଆଡେ ବ୍ୟାପି ଯାଇଥିଲା ଏବଂ ତା' ପରଦିନ ସମସ୍ତ ଗ୍ରାମବାସୀ ଥାନା ଉପରେ ଚଢ଼ଉ କରିଥିଲେ । ଏହି କନେଷ୍ଟବଳ ଦ୍ୱୟଙ୍କୁ ଗିରଫ କରାଯାଇଥିଲା।

ବିଭିନ୍ନ ଅଦାଲତର ଶୁଣାଣି ଓ ରାୟ ମାଧ୍ୟମରେ ପ୍ରକୃତ କାହାଣୀ ଉନ୍ମୋଚିତ ହୋଇଥିଲା। ପ୍ରଥମେ ଦୌରାଜଜ୍ ଧର୍ଷଣର କୌଣସି ପ୍ରମାଣ ନଥିବାରୁ ମଥୁରା ମିଛ କହୁଛି ବୋଲି ଟିପ୍ପଣୀ କରିଥିଲେ। ଏପରିକି ଡାକ୍ତରୀ ରିପୋର୍ଟରେ ଧର୍ଷଣର କୌଣସି ପ୍ରମାଣ ମିଳିନଥିଲା। ଏହି ଆସାମୀ ଦ୍ୱୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ୍ ହୋଇ ଯାଇଥିଲେ। ଏହାପରେ ବମ୍ବେ ହାଇକୋର୍ଟରେ ପୁନଃବିଚାର ପାଇଁ ଆବେଦନ କରାଗଲା। ସମସ୍ତ ଯୁକ୍ତିକୁ ବିଚାର କରି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ମଥୁରା ଶରୀରରେ କୌଣସି ଚିହ୍ନ ନଥିବା ଏବଂ ସେ ଚିତ୍କାର ନକରିବା ଦ୍ୱାରା ଏହା ପ୍ରମାଣ ହେଉନାହିଁ ଯେ ମଥୁରା ସ୍ୱଇଚ୍ଛାରେ ଏହି କନେଷ୍ଟବଳ ଦ୍ୱୟଙ୍କ ସହ ଯୌନ ସମ୍ପର୍କ ରଖିଅଛି। ପୁଣି ଅଶୋକ ବିରୋଧରେ ଥିବା କେସ୍ ଏବଂ ରାତ୍ରିକାଳ ହୋଇଥିବା କାରଣରୁ ହୁଏତ ମଥୁରା ମନରେ ଭୟ ସୃଷ୍ଟି ହୋଇଥାଇପାରେ। ସୁତରାଂ ହାଇକୋର୍ଟ ଏହି କନେଷ୍ଟବଳ ଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରି ଜଣକୁ ୫ ବର୍ଷ ଏବଂ ଅନ୍ୟଜଣକୁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି କନେଷ୍ଟବଳ ଦ୍ୱୟ ସୁପ୍ରିମ୍ କୋର୍ଟରେ ଏହି ରାୟ ବିରୋଧରେ ଆବେଦନ କରିଥିଲେ। ସୁପ୍ରିମ୍ କୋର୍ଟ ସେମାନଙ୍କ ସପକ୍ଷରେ ଯୁକ୍ତି ଦେଇ କହିଥିଲେ ଯେ, ମଥୁରା ଯେହେତୁ ପୋଲିସ୍‌ମାନଙ୍କୁ ଧର୍ଷଣ ବେଳେ ବାଧା ଦେଇନାହିଁ, ତେଣୁ ଏହାକୁ ଧର୍ଷଣ କୁହାଯିବ ନାହିଁ (ଦ୍ରଷ୍ଟବ୍ୟ: ତୁକାରାମ, ୧୯୭୮ ସି.ଆର୍.ଏଲ୍..ଜେ. ୧୮୬୪ ଏସ୍.ସି.) । ସମଗ୍ର ଭାରତ ବର୍ଷର ନାରୀ ସମାଜ ସୁପ୍ରିମ୍ କୋର୍ଟର ଏପରି ଏକ ବ୍ୟାଖ୍ୟାରେ ମର୍ମାହତ ହୋଇ ଆନ୍ଦୋଳନ ଆରମ୍ଭ କରିଦେଲେ ଏବଂ ସେହି ସମୟରେ ଧର୍ଷଣ ଆଇନ୍‌ର ସଂଶୋଧନ ପାଇଁ ସ୍ୱର ଉତ୍ତୋଳନ ହୋଇଥିଲା। ଏହି ଆନ୍ଦୋଳନ ଫଳରେ ୧୯୮୩ରେ ଫୌଜଦାରି ଆଇନ୍ ସଂଶୋଧନ ଗୃହୀତ ହେଲା। ଏହି ସଂଶୋଧନ ଫଳରେ ଭାରତୀୟ ଦଣ୍ଡବିଧି ସଂହତା ୧୮୬୦ର ଦଫା ୩୭୫ (ଧର୍ଷଣ) ଓ ୩୭୬(ଧର୍ଷଣ ପାଇଁ ଦଣ୍ଡବିଧାନ)ରେ ବ୍ୟାପକ ପରିବର୍ତ୍ତନ କରାଯିବା ସହ କେତେକ ନୂଆ ଉପଦଫା ଯୋଡାଗଲା, ଯଥା, ୩୭୬-ଏ (ନ୍ୟାୟିକ ବିଚ୍ଛେଦ ସମୟରେ ସ୍ତ୍ରୀର ଅନିଚ୍ଛା ସତ୍ତ୍ୱେ ସ୍ୱାମୀ ଦ୍ୱାରା ତାଙ୍କ ସହ ଯୌନସଂଭୋଗ ), ୩୭୬-ବି (ହେପାଜତ୍‌ରେ ଥିବା ମହିଳା ସହ ଜଣେ ସର୍ବସାଧାରଣ କର୍ମଚାରୀଙ୍କ ଦ୍ୱାରା ଯୌନ ସଂଭୋଗ), ୩୭୬-ସି (ଜେଲ୍ ବା ଆଶ୍ରୟ ଗୃହର ତତ୍ତ୍ୱାବଧାରକଙ୍କ ଦ୍ୱାରା ଯୌନସଂଭୋଗ) ଏବଂ ୩୭୬-ଡି ( ଜଣେ ରୋଗୀ ସହିତ ଡାକ୍ତରଖାନାର ପରିଚାଳକ ବା କର୍ମଚାରୀଙ୍କ ଦ୍ୱାରା

ଯୌନସଂଭୋଗ) । ଏହାଛଡା ସାକ୍ଷ୍ୟ-ପ୍ରମାଣ ଆଇନ୍‌ରେ ଏକ ନୂଆ ବ୍ୟବସ୍ଥା ଯୋଡାଗଲା, ଦଫା-୧୧୪(ଏ), ଯାହା ଅନୁଯାୟୀ ଯଦି ଅପରାଧର ଶିକାର ହୋଇଥିବା ମହିଳା ଜଣକ କୁହନ୍ତି ଯେ, ସେ ଯୌନସଂଭୋଗ ପାଇଁ ସମ୍ମତି ଦେଇନଥିଲେ, ତେବେ ତାଙ୍କର ବକ୍ତବ୍ୟକୁ ସତ୍ୟ ବୋଲି ଧରିନିଆଯିବ ।

# ବଧୂ ନିର୍ଯ୍ୟାତନା ଓ ଘରୋଇ ହିଂସା

ପରିବାର ମଧ୍ୟରେ ପୁରୁଷ ଓ ମହିଳାଙ୍କ ଭିତରେ ତାରତମ୍ୟ ଥିଲେ ମଧ୍ୟ ଆମେ ତାହା ଅନୁଭବ କରି ପାରି ନଥାଉ। ଏପରିକି ଯେଉଁ ମହିଳା ଏହାର ଶିକାର ହୋଇଥାଏ, ସେ ମଧ୍ୟ ଏ ସମସ୍ୟା ବିଷୟରେ ସଚେତନ ନଥାଏ କିମ୍ବା ବାହାରେ ପ୍ରକାଶ କରିପାରିନଥାଏ। କେତେବେଳେ କେମିତି ଏହାର ବୀଭତ୍ସ ରୂପ ଆମ ସାମନାକୁ ଆସିଯାଇଥାଏ।

ପାରିବାରିକ ହିଂସାର ବିବିଧ ସ୍ୱରୂପ ବିଷୟରେ ବୁଝିବା ଏକ କଷ୍ଟକର ବ୍ୟାପାର । ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ଏହା ସୁସ୍ପଷ୍ଟ ଭାବେ ଜଣାପଡିଥାଏ ଏବଂ ମଦ୍ୟପ ସ୍ୱାମୀ ସ୍ତ୍ରୀକୁ ନିର୍ଯ୍ୟାତନା କରୁଥିବାର ଘଟଣା ମଧ୍ୟ ଜଣାପଡିଥାଏ । କିନ୍ତୁ ଦୈନନ୍ଦିନ ଜୀବନରେ ସ୍ତ୍ରୀକୁ ଗାଳିଗୁଲଜ, ଅପମାନ ଏବଂ କଥା କଥାରେ ପୁରୁଷ ତାକୁ ଏକ ନୀଚ ସ୍ଥାନରେ ରଖି ମାନସିକ ନିର୍ଯ୍ୟାତନା ଦେବାର ଆଚରଣ ପଦାକୁ ଆସି ପାରିନଥାଏ।

ବିବାହ ଜଣେ ମହିଳାର ଜୀବନ ପ୍ରକ୍ରିୟାରେ ବଞ୍ଚିବାର ଶୈଳୀ, ଅଭ୍ୟାସ, ରୁଚି ଏବଂ ଲକ୍ଷ୍ୟବିଧିରେ ଏକ ବିରାଟ ପରିବର୍ତ୍ତନ ଆଣିଥାଏ। ଏହି ପରିବର୍ତ୍ତନ ମଧ୍ୟରେ ସେ ଏକ ଅବଶ୍ୟମ୍ଭାବୀ ଚାପର ମଧ୍ୟ ସମ୍ମୁଖୀନ ହୋଇଥାଏ। ପରିବାରର କେତେକ ବ୍ୟକ୍ତି ସବୁବେଳେ ତା'ର ଛୋଟବଡ ତ୍ରୁଟି ଦେଖିଥାନ୍ତି। ଘରର ଯାବତୀୟ କାମ, ରୋଷେଇ, ପିଲାଙ୍କ ଲାଳନପାଳନ, ବୟସ୍କ ବ୍ୟକ୍ତିମାନଙ୍କୁ ସେବା ଓ ସନ୍ତୋଷ କରିବା ଇତ୍ୟାଦି କର୍ତ୍ତବ୍ୟକୁ କେନ୍ଦ୍ରକରି ତାକୁ ବାରମ୍ବାର ଧିକ୍କାର ଶୁଣିବାକୁ ପଡିଥାଏ । ଜଣେ ମହିଳା ଯେ କି ମା, ସ୍ତ୍ରୀ ବା ବୋହୁର ଭୂମିକା ନେଇଥାଏ ତାକୁ ଦୈନନ୍ଦିନ ଜୀବନରେ ଏହି ଘାତପ୍ରତିଘାତ ସହ୍ୟ କରିବାକୁ ପଡିଥାଏ। କିନ୍ତୁ ଜଣେ ମହିଳା ଏକ ମର୍ଯ୍ୟାଦାସମ୍ପନ୍ନ ଜୀବନଯାପନ କରିବାକୁ ହେଲେ ପରିବାରର ଅନ୍ୟ ବ୍ୟକ୍ତିମାନଙ୍କର ତା' ପ୍ରତି ଏପ୍ରକାର ଆଚରଣକୁ ସ୍ୱାଭାବିକ ବୋଲି ଗ୍ରହଣ କରିହେବ ନାହିଁ।

ପାରିବାରିକ ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ମଧ୍ୟରେ ହୀନମନ୍ୟତା ବୃଦ୍ଧି ପାଇଥାଏ, ଏବଂ ନିଜକୁ ଅକ୍ଷମ ଏବଂ ଅଯୋଗ୍ୟ ବୋଲି ତା' ଭିତରେ ଏକ ବିଶ୍ୱାସ ଜମାଟ ବାନ୍ଧିଚାଲେ ଏବଂ ଏପରି ଦୁର୍ବ୍ୟବହାର ପାଇବାର ପାତ୍ରୀ ବୋଲି ସେ ନିଜକୁ ମନେ କରି ନେଇଥାଏ। ପ୍ରଥମେ ପ୍ରଥମେ ମହିଳା ସ୍ୱାମୀର ଦୁର୍ବ୍ୟବହାରକୁ ଧୈର୍ଯ୍ୟର ସହିତ ସହିଥାଏ ଏବଂ ବୁଝାଇବାକୁ ଚେଷ୍ଟା କରିଥାଏ। କିନ୍ତୁ ଯେତେବେଳେଏହି ନିର୍ଯ୍ୟାତନା ସହିବାର ସୀମା ଟପିଯାଏ ସେ ପ୍ରତିବାଦ କରିବା ଆରମ୍ଭ କରେ ଏବଂ ପିତା, ମାତା, ସମ୍ପର୍କୀୟ ତଥା ବନ୍ଧୁମାନଙ୍କୁ କହିଥାଏ। ଯଦି ଏଥିରେ ସଫଳ ନ ହୁଏ ତେବେ ଗ୍ରାମର୍ ମୁଖିଆ ବା ମହିଳା ସଂଗଠନକୁ ଜଣାଇଥାଏ। ଯଦି ଏହି ସମସ୍ୟା ସେଇଠାରେ ସମାଧାନ ହୋଇଯାଏ ତେବେ ସ୍ୱାମୀ ଓ ସ୍ତ୍ରୀ ପୁଣି ଏକ ସ୍ୱାଭାବିକ ଦାମ୍ପତ୍ୟ ଜୀବନକୁ ଫେରି ଆସିଥାଆନ୍ତି। ଯଦି ତାହା ସମ୍ଭବ ନହୁଏ, ତେବେ ନିର୍ଯ୍ୟାତିତା ମହିଳା ବାଧ୍ୟ ହୋଇ ଆଇନ୍‌ର ଆଶ୍ରୟ ନେଇଥାଏ। ତାପରେ ଏହି ଘଟଣା ପୋଲିସ୍ ଓ ଅଦାଲତର ପରିସର ମଧ୍ୟକୁ ଚାଲିଆସେ।

ବସ୍ତୁତଃ ପାରିବାରିକ ହିଂସାର ମାମଲାଗୁଡିକ ଖୁବ୍ କମ୍ ସଂଖ୍ୟାରେ କୋର୍ଟକୁ ଆସିଥାଏ। ସହ୍ୟ କରିବାର ସୀମା ଅତିକ୍ରମ କଲାପରେ ଯାଇ ଜଣେ ମହିଳା ଶେଷ ମୂହୁର୍ତ୍ତରେ ଏହି ପଥ ବାଛିଥାଏ। ତେଣୁ ପାରିବାରିକ ହିଂସା କ୍ଷେତ୍ରରେ ଆଇନ୍ ସହାୟତା ଚାହୁଁଥିବା ମହିଳାର ସ୍ଥିତି ବୁଝିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ।

**ମହିଳାଟି କେଉଁ ପ୍ରକାର ସମାଧାନ ଚାହୁଁଅଛି ?**

ଜଣେ ବିବାହିତା ମହିଳାର ସମସ୍ୟା ସମାଧାନ କରିବାକୁ ଗଲାବେଳେ ଆମକୁ ପ୍ରଥମେ ବୁଝିବାକୁ ପଡିବ, ସେ ପୁନର୍ବାର ଏକ ସ୍ୱାଭାବିକ ଦାମ୍ପତ୍ୟ ଜୀବନ ବିତେଇବାକୁ ଚାହୁଁଛନ୍ତି ନା ବିବାହର ଅବସାନ ଚାହୁଁଛନ୍ତି ? ଏହା ସ୍ପଷ୍ଟ ହୋଇଗଲା ପରେ ସେ କି ପ୍ରକାର ସହାୟତା ଚାହୁଁଛନ୍ତି, ତାହା ଯୋଗାଇ ଦେଇ ହେବ।

**ନିମ୍ନୋକ୍ତ ସୂଚନାଗୁଡିକ ଜାଣି ରଖିବା ଆବଶ୍ୟକ :**

- ସେ କି ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? ଏହାର କାରଣ କ'ଣ ହୋଇପାରେ ବୋଲି ନିର୍ଯ୍ୟାତିତା ମହିଳା ନିଜେ ଅନୁଭବ କରୁଛନ୍ତି ?
- ପରିବାରରେ ନିର୍ଯ୍ୟାତନା ଦେଉଥିବା ବ୍ୟକ୍ତିଙ୍କ ସହ ସମ୍ପର୍କ ?
- କି ପ୍ରକାର ନିର୍ଯ୍ୟାତନା- ଶାରୀରିକ, ମାନସିକ, ଆର୍ଥିକ ବା ଯୌନଗତ ?
- ପାରିବାରିକ ହିଂସା ଫଳରେ ଶରୀର ଓ ସ୍ୱାସ୍ଥ୍ୟ ଉପରେ କେଉଁ ପ୍ରକାର ପ୍ରଭାବ ପଡିଛି ?

**ନିର୍ଯ୍ୟାତିତା ତୁରନ୍ତ ଆଶ୍ରୟ ଚାହୁଁଛନ୍ତି କି ?**

- ସେ ଆଇନଗତ ସହାୟତା ନା ଜନଗୋଷ୍ଠୀର ସହାୟତା ଚାହୁଁଛନ୍ତି କି ?
- କି ପ୍ରକାର ସମାଧାନ ( ସ୍ଥାୟୀ ନା ଅସ୍ଥାୟୀ) ଆଶା କରୁଛନ୍ତି ?
- କି ପ୍ରକାର ବାଧାବିଘ୍ନର ଆଶଂକା କରୁଛନ୍ତି ?

ଏକଥା ମନେ ରଖିବାକୁ ପଡିବ ଯେ, ଜଣେ ନିର୍ଯ୍ୟାତିତା ମହିଳାଙ୍କ ନିମନ୍ତେ ଆଇନ୍ ସହାୟତା ବ୍ୟତୀତ ତାଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ମଧ୍ୟ ଏକାନ୍ତ ଆବଶ୍ୟକ।

**ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ପାରିବାରିକ ହିଂସାର ସଂଜ୍ଞାୟନ:**

୧. ପ୍ରହାର କରି ଶାରୀରିକ ଆଘାତ ଦେବା।
୨. ପିତା, ମାତା ଓ ସନ୍ତାନଙ୍କ ସହ ସମ୍ପର୍କ ରଖିବା ପାଇଁ ଅନୁମତି ନଦେବା।
୩. ଘରେ ବନ୍ଦୀ କରି ରଖିବା ଏବଂ ସାମାଜିକ ସମ୍ପର୍କ ରଖିବାରେ ବାଧା ଦେବା।
୪. ବାରମ୍ବାର ସନ୍ତାନମାନଙ୍କ ସମ୍ମୁଖରେ ଅପମାନିତ କରିବା ଏବଂ ସର୍ବଦା ଆଶଂକିତ ଅବସ୍ଥାରେ ରଖିବା।
୫. ସନ୍ତାନମାନଙ୍କର ସେ ଜନ୍ମଦାୟୀ ପିତା ନୁହଁନ୍ତି ବୋଲି ବାରମ୍ବାର କହି ମାନସିକ ଆଘାତ ଦେବା।
୬. ତାଲା ବନ୍ଦକରି କୋଠରୀରେ ରଖିବା।
୭. ଯୌତୁକ ନଆଣିଲେ ଛାଡପତ୍ରର ଧମକ ଦେବା।
୮. ସର୍ବଦା ଗାଳିଗୁଲଜ କରିବା ଓ ହୀନ ଦୃଷ୍ଟିରେ ଦେଖି ମାନସିକ ନିର୍ଯ୍ୟାତନା ଦେବା।
୯. ଘରର ଖର୍ଚ୍ଚପାଇଁ ଯଥେଷ୍ଟ ଅର୍ଥ ନଦେବା ଏବଂ ଭୋକିଲା ରହିବା ପାଇଁ ବାଧ କରିବା।
୧୦. ଅପ୍ରାକୃତିକ ଯୌନ ସମ୍ପର୍କ ପାଇଁ ବାଧ୍ୟ କରିବା।

**ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୪୯୮-ଏ**

ଇଂରେଜ ମାନଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ମୂଳ ଟୀକାରେ ମହିଳାମାନଙ୍କ ପ୍ରତି ଅନ୍ୟାନ୍ୟ ବହୁ ଅପରାଧ ସମ୍ବନ୍ଧରେ ବିଶଦ୍ ପ୍ରାବ୍ଧାନମାନ ସ୍ଥାନିତ ହୋଇଥିଲେ ହେଁ ୧୯୮୩ର ସଂଶୋଧନ ପର୍ଯ୍ୟନ୍ତ ଏଥିରେ ମହିଳାମାନଙ୍କ ପ୍ରତି ଅହୋରାତ୍ର ଘଟୁଥିବା ଘରୋଇ ହିଂସା ଉପରେ କୌଣସି ବ୍ୟବସ୍ଥା ନଥିଲା। ଉପରୋକ୍ତ ସଂଶୋଧନ ଫଳରେ ଏକ ନୂଆ ଦଫା (୪୯୮-ଏ) ଯୋଡାଗଲା। ଏଥରେ କୁହାଯାଇଛି ଯେ, ଜଣେ ବିବାହିତା ମହିଳା ଉପରେ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟଙ୍କ ଦ୍ୱାରା କ୍ରୁରତା ଆଚରଣ କରାଯାଉଥାଏ, ତେବେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ତଥା ଜୋରିମାନାରେଦଣ୍ଡିତ କରାଯିବ। ଏହି ଅପରାଧ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅଟେ ଏବଂ ଏହାର ଫଇସଲା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ କରାଯିବ। ଏହି ଦଫାରେ 'କ୍ରୁରତା' ଶବ୍ଦର ବ୍ୟାଖ୍ୟା ଉଦ୍ଦେଶ୍ୟରେ ଦୁଇଟି

ସ୍ପଷ୍ଟୀକରଣ ଦଆଯାଇଛି । ପ୍ରଥମ ସ୍ପଷ୍ଟୀକରଣ ଅନୁଯାୟୀ କ୍ରୁରତା କହିଲେ ଜଣେ ମହିଳାଙ୍କ ପ୍ରତି ଏପରି ଆଚରଣ, ଯାହା ଫଳରେ ସେ ଆତ୍ମହତ୍ୟା କରିବା ପାଇଁ ପଛେଇବେନି ଏବଂ ଯାହା ଫଳରେ ସେ ଗୁରୁତର ଭାବେ ଆଘାତପ୍ରାପ୍ତ ହେବା ବା ତାଙ୍କ ଜୀବନ ବା ଅଙ୍ଗପ୍ରତ୍ୟଙ୍ଗ ବା ଶାରିରୀକ ଅବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥାଏ । ଦ୍ୱିତୀୟ ସ୍ପଷ୍ଟୀକରଣ ଅନୁଯାୟୀ, କ୍ରୁରତା କହିଲେ କୌଣସି ସମ୍ପତ୍ତି ବା ମୂଲ୍ୟବାନ ପ୍ରତିଭୂ ପାଇବା ପାଇଁ ଏକ ଅବୈଧ ଦାବୀ ସକାଶେ ଅଥବା ଏପରି ଦାବୀ  ସଂପୃକ୍ତ ମହିଳା ବା ତାଙ୍କର ସଂପର୍କୀୟଙ୍କ ଦ୍ୱାରା ପୂରଣ କରାନଯିବାରୁ  ସେହି ମହିଳାଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା ।

ଅଭିଜ୍ଞତାରୁ ଦେଖାଗଲା ଯେ, ଦଫା-୪୯୮(ଏ)କୁ କେବଳ ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ବ୍ୟବହାର କରାଗଲା, ଯାହା ଫଳରେ କି ଜଣେ ବିବାହିତା ମହିଳା ଅନ୍ୟ ଯେତେ କାରଣରୁ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥାଏ ସେଗୁଡ଼ିକ ପୋଲିସ୍ କିମ୍ୱା ଅଦାଲତ ସାମନାକୁ ଅସିଲା ନାହିଁ । ଏହାଛଡ଼ା ଯେଉଁସ୍ଥଳରେ ଅନ୍ୟକାରଣରୁ ସ୍ୱାମୀ ଓ ସ୍ତ୍ରୀଙ୍କ ଭିତରେ ବିବାଦ ଥାଏ, ସେପରି ସ୍ଥଳେ ମଧ୍ୟ ମହିଳା ପକ୍ଷ କପୋଳକଳ୍ପିତ ଯୌତୁକ କାରଣ ଦେଖାଇ ସ୍ୱାମୀଙ୍କ ପକ୍ଷ ବିରୁଦ୍ଧରେ କେଶ୍ ରୁଜୁ କରିଚାଲିଲେ । ଏହା ଫଳରେ ଯୌତୁକ ନିରୋଧ ଆଇନ୍ ୧୯୬୧ ଭଳି ଦଫା ୪୯୮(ଏ)ର ମଧ୍ୟ ବହୁଳ ଅପବ୍ୟବହାର ଘଟିଲା ।

**ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ :**

ଆମେ ଲକ୍ଷ୍ୟ କରିସାରିଛେ ଯେ, ଅଦ୍ୟାବଧି ଘରୋଇ ହିଂସାର ପ୍ରତିକାର ପାଇଁ   ଆମ ଦେଶରେ କୌଣସି ସାମଗ୍ରୀକ ଆଇନ୍ ନଥିଲା । ଏହାଛଡ଼ା ଘରୋଇ ହିଂସାର ଶିକାର ହୋଇଥିବା ମହିଳା ଓ ତା'ର ପିଲାପିଲିଙ୍କର ତୁରନ୍ତ ଆଶ୍ରୟ, ଖାଦ୍ୟପେୟ ଏବଂ ଦୀର୍ଘସ୍ଥାୟୀ ଥଇଥାନର ମଧ୍ୟ କୌଣସି ବୈଧାନିକ ବ୍ୟବସ୍ଥା ନଥିଲା  । ଏହି ବିରାଟ ଅଭାବର ଦୁରୀକରଣ ନିମନ୍ତେ ସଂସଦ ଦ୍ୱାରା ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଆଇନ୍ ୨୦୦୫ ପ୍ରଣୟନ କରାଯାଇଛି ।

ମହିଳା ସଂଗଠନମାନଙ୍କର ଲଗାତାର ଆନ୍ଦୋଳନ ଫଳରେ ପ୍ରଥମେ ୨୦୦୧ରେ କେନ୍ଦ୍ର ସରକାର ଲୋକସଭାରେ ଘରୋଇ ହିଂସା ସମ୍ପର୍କୀତ ଚିଠାବିଧେୟକ ଆଗତ କରିଥିଲେ । ତା'ପରେ ସଂସଦୀୟ କମିଟି ଏହି ଚିଠା ବିଧେୟକ ଉପରେ ସାରାଦେଶରୁ ମତାମତ ଲୋଡ଼ିଥିଲେ । ସେତେବେଳେ ବହୁ ମହିଳା ସଂଗଠନ ସଭାସମିତି, ବିକ୍ଷୋଭ ଓ ଶୋଭାଯାତ୍ରା ଇତ୍ୟାଦି ମାଧ୍ୟମରେ ଏକ ଶକ୍ତିଶାଳୀ ଘରୋଇ ହିଂସା ନିରୋଧ ଆଇନ୍ ଚାଲୁ କରିବା ପାଇଁ ଦାବୀ ଜଣାଇଥିଲେ । କିନ୍ତୁ ବିଧେୟକଟି ସଂସଦରେ ଗୃହୀତ ହେବା ପୂର୍ବରୁ ଲୋକସଭା ଭାଙ୍ଗି ଯାଇଥିଲା । ନୂତନ ୟୁ.ପି.ଏ. ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରେ ୨୦୦୫ରେ ଘରୋଇହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ସଂସଦରେ ଗୃହୀତ ହୋଇଥିଲା । କିନ୍ତୁ ଏହାର ନିୟମାବଳୀ ପ୍ରଣୟନ ହୋଇନଥିବାରୁ ଆଇନ୍‌ଟି ସଙ୍ଗେସଙ୍ଗେ ବଳବତ୍ତର ହୋଇପାରିନଥିଲା । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ  ସରକାରଙ୍କ ଠାରୁ ନିୟମାବଳୀ ସମ୍ବନ୍ଧରେ ମତାମତ ଲୋଡ଼ିଥିଲେ । ତା'ପରେ କେନ୍ଦ୍ର ସରକାର ନିୟମାବଳୀ ପ୍ରଣୟନ କରିଥିଲେ ଓ ୧୭ ଅକ୍ଟୋବର ୨୦୦୬ରେ ଏହାର ବିଜ୍ଞପ୍ତି ଜାରି କରିଥିଲେ । ଏହି ବିଜ୍ଞପ୍ତି ଅନୁଯାୟୀ ୨୬ ଅକ୍ଟୋବର ୨୦୦୬ଠାରୁ ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍ ସାରା ଦେଶରେ ବଳବତ୍ତର ହେଲା । ପ୍ରତି ରାଜ୍ୟ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ପାଇଁ ପ୍ରତି ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ସୁରକ୍ଷା ଅଧିକାରୀ ଏବଂ ସେବା-ପ୍ରଦାନକାରୀ ଏବଂ ପରାମର୍ଶଦାତା ସଂସ୍ଥାଙ୍କୁ ନିଯୁକ୍ତ କରିବେ ବୋଲି ବ୍ୟବସ୍ଥା ରହିଛି । ଦେଓ୍ୟାନି ଆଇନ୍ ରୀତିରେ ସମୟବଦ୍ଧ ଢଙ୍ଗରେ ବ୍ୟଥିତା ମହିଳା ଓ ଶିଶୁଙ୍କୁ ଆଶ୍ରୟ ତଥା ତୁରନ୍ତ ଓ ଦୀର୍ଘସ୍ଥାୟୀ ଥଇଥାନର ବୟବସ୍ଥା କରିବା ଏହି ଆଇନ୍‌ର ପ୍ରମୁଖ ଉଦ୍ଦେଶ୍ୟ ।

**ଘରୋଇ ହିଂସା କବଳରୁ ସୁରକ୍ଷା ଆଇନ୍‌ର ବୈଶିଷ୍ଟ୍ୟମାନ**

ଏହି ଆଇନ୍‌ରେ ୫ଟି ଅଧ୍ୟାୟ ଓ ୩୭ଟି ଧାରା ରହିଛି । ଏହାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ହେଲା,

୧- 'ବ୍ୟଥିତ ବ୍ୟକ୍ତି' ର ସଂଜ୍ଞା ଅତ୍ୟନ୍ତ ବ୍ୟାପକ । କେବଳ ବିବାହିତ ସ୍ତ୍ରୀ ନୁହେଁ, ବରଂ ଯେ କୌଣସି ମହିଳା ଯଦି ଗୋଟିଏ ପୁରୁଷ ସହ ଯୌନ ସଂପର୍କରେ ଜଡ଼ିତ ହୋଇଥିବେ, ତେବେ ସେ ମଧ୍ୟ ଏହି ସଂଜ୍ଞାର ପରିସରଭୁକ୍ତ

ହେବେ । ପୁଣି ଝିଅ, ମା, ଭଉଣୀ, ଶିଶୁ (ପୁଅ ବା ଝିଅ), ବିଧବା, ବସ୍ତୁତଃ ଯେ କୌଣସି ମହିଳା ଯେ କି ପରିବାର ଭିତରେ ରହୁଥିବେ ଏବଂ କୌଣସି ନା କୌଣସି ପ୍ରକାରେ ଅଭିଯୁକ୍ତଙ୍କ ସହ ସଂପର୍କୀତ ହୋଇଥିବେ, ସେ ଏହି ସଂଜ୍ଞାର ପରିସରଭୁକ୍ତ ହୋଇପାରିବେ । **(ଧାରା ୨-ଏ) ।**

୨- **'**ଘରୋଇ ହିଂସା'ର ସଂଜ୍ଞାକୁ ଏପରି ବ୍ୟାପକ କରି ଦିଆଯାଇଛି, ଯାହା ଫଳରେ ସମସ୍ତ ପ୍ରକାର ହିଂସା ଏହା ଭିତରେ ପରିସରଭୁକ୍ତ ହୋଇପାରିବ । ଶାରୀରୀକ, ଯୌନଗତ, ବାକ୍-ଜନିତ, ଆବେଗଗତ, ଅଥବା ଆର୍ଥିକ ଦୁର୍ବ୍ୟବହାର ଯାହା ଫଳରେ ଅଭିଯୋକ୍ତାଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା, ଜୀବନ, ଦୈହିକ ଅଙ୍ଗ ଅଥବା ଦୈହିକ ବା ମାନସିକ ସ୍ୱାଛନ୍ଦ୍ୟ କ୍ଷତିଗ୍ରସ୍ତ ହେଉଥିବ ବା ହେବାର ଆଶଙ୍କା ଥିବ, ତାହା 'ଘରୋଇ ହିଂସା'ର ସଂଜ୍ଞାର ପରିସରଭୁକ୍ତ ହୋଇପାରିବ । **(ଧାରା ୨-ଜି) ।**

୩- 'ମାଜିଷ୍ଟ୍ରେଟ୍' ବୋଇଲେ ପ୍ରଥମ ଶ୍ରେଣୀର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଅଥବା ସ୍ଥଳ ବିଶେଷରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଯାହାଙ୍କର ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩(୧୯୭୪) ଥଉକ୍ସ.ଚଉ ୧୯୭୩(୧୯୭୪)ଧ ଅନୁଯାୟୀ ସଂପୃକ୍ତ ଅଞ୍ଚଳ ଉପରେ କ୍ଷେତ୍ରାଧିକାର ରହିଥିବ । ସଂପୃକ୍ତ ଅଞ୍ଚଳ ବୋଇଲେ ସେହି ଅଞ୍ଚଳ, ଯେଉଁଠି ଅଭିଯୋକ୍ତା ଅସ୍ଥାୟୀ ବା ସ୍ଥାୟୀ ଭାବରେ ବାସ କରୁଥିବେ ବା ଅଭିଯୁକ୍ତ ବାସ କରୁଥିବେ ଅଥବା ଯେଉଁ ଅଞ୍ଚଳରେ ଘଟଣାଟି ଘଟିଛି ବୋଲି ଅଭିଯୋକ୍ତାଙ୍କ ଦ୍ୱାରା ଦର୍ଶୀତ ହୋଇଥିବ । **(ଧାରା ୨-ଆଇ) ।**

୪- 'ଅଭିଯୁକ୍ତ' ବୋଇଲେ ଯେ କୌଣସି ବୟସ୍କ ପୁରୁଷ ବ୍ୟକ୍ତି ଯେ କି ଅଭିଯୋକ୍ତାଙ୍କ ସହ ଘରୋଇ ସଂପର୍କରେ ଆବଦ୍ଧ ଥିବେ, ଏବଂ ଯାହାଙ୍କବିରୁଦ୍ଧରେ ଅଭିଯୋକ୍ତା ଅଭିଯୋଗ କରିଛନ୍ତି । ଏହାଛଡା ଅଭିଯୋକ୍ତା ସ୍ୱାମୀଙ୍କ ସଂପର୍କୀୟଙ୍କ ବିରୁଦ୍ଧରେ ତଥା ପୁରୁଷ ଯୌନ-ସାଥୀଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆଣିପାରନ୍ତି । **( ଧାରା ୨- କ୍ୟୁ) ।**

୫- ଘରୋଇ ହିଂସା ସଂବନ୍ଧରେ ଗୋଟିଏ ଅଭିଯୋଗ କେବଳ ଯେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଏର୍ ହେବା ଜରୁରୀ, ତାହା ନୁହେଁ । ବରଂ ଏହା ଯେ କୌଣସି ବ୍ୟକ୍ତି ଦ୍ୱାରା ଦାଏର୍ ହୋଇପାରିବ, ଯେ କି ବିଶ୍ୱାସ କରନ୍ତି ଯେ, ଘରୋଇ ହିଂସାର ଗୋଟିଏ ଘଟଣା ଘଟିଛି । ଏହାର ଅର୍ଥ, ଜଣେ ପଡୋଶୀ, ସମାଜକର୍ମୀ ଅଥବା ସଂପର୍କୀୟ ମଧ୍ୟ ଅଭିଯୋଗ ଦାଏର୍ କରିପାରିବେ । ଏଭଳି ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ଦେଓ୍ୱାନି କିମ୍ବା ଫୌଜଦାରୀ ଦାୟଦାୟିତ୍ୱ ପ୍ରଯୁଜ୍ୟ ହେବନି । **(ଧାରା ୪) ।**

୬- ପୋଲିସ୍ ଅଧିକାରୀ, ସୁରକ୍ଷା ଅଧିକାରୀ, ସେବୀ-ସଂସ୍ଥା, ଅଥବା ମାଜିଷ୍ଟ୍ରେଟ୍ , ଯେ କି ଘରୋଇ ହିଂସାର ଏକ ଘଟଣା ସମ୍ବନ୍ଧରେ ରିପୋର୍ଟ ପାଆନ୍ତି ଅଥବା ନିଜେ ସେଭଳି ଏକ ଘଟଣାକୁ ପ୍ରତ୍ୟକ୍ଷ କରନ୍ତି, ତାଙ୍କର କର୍ତ୍ତବ୍ୟ ହେବ ବ୍ୟଥିତ ହୋଇଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ ବିଷୟରେ ଜଣାଇବା- (କ) ସେ ଯଦି ସୁରକ୍ଷା, ଆର୍ଥିକ ସହାୟତା, ନିରାପଦ ରହଣି, ବାସସ୍ଥାନ ବା କ୍ଷତିପୂରଣ ଚାହୁଁଥିବେ, ତେବେ ଏଥିପାଇଁ ଆବେଦନ କରିବାର ଅଧିକାର, (ଖ) ବିଭିନ୍ନ ସେବାସଂସ୍ଥା ଠାରେ ଉପଲବ୍ଧ ହେଉଥିବା ସହାୟତା, (ଗ) ସୁରକ୍ଷା ଅଧିକାରୀଙ୍କ ଠାରୁ ମିଳିବାକୁ ଥିବା ସହାୟତା, (ଘ) ମାଗଣା ଆଇନ୍ ସହାୟତା ପାଇବାର ଅଧିକାର, (ଙ) ଏବଂ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୪୯୮-ଏ ଅଧୀନରେ ଅଭିଯୋଗ କରିବା ପାଇଁ ଅଧିକାର । **(ଧାରା-୫) ।**

୭- ପ୍ରତି ରାଜ୍ୟ ସରକାର ଗୋଟିଏ ଜିଲ୍ଲା ପାଇଁ ବିଜ୍ଞପ୍ତି ଦ୍ୱାରା ଆବଶ୍ୟକ ମତେ ଯଥେଷ୍ଟ ସଂଖ୍ୟକ ସୁରକ୍ଷା ଅଧିକାରୀ ନିଯୁକ୍ତ କରିବେ, ଯେଉଁମାନେ କି ଯଥାସମ୍ଭବ ମହିଳା ହୋଇଥିବେ । ପ୍ରତି ସୁରକ୍ଷା ଅଧିକାରୀ କେଉଁ ଅଞ୍ଚଳ ପାଇଁ ତାଙ୍କ ଉପରେ ନ୍ୟସ୍ତ କ୍ଷମତା ଓ ଦାୟିତ୍ୱକୁ ସଂପାଦନ କରିବେ ତାହା ମଧ୍ୟ ବିଜ୍ଞପ୍ତିରେ ସୂଚୀତ ହୋଇଥିବ । **(ଧାରା-୮) ।**

୮- ଜଣେ ସୁରକ୍ଷା ଅଧିକାରୀଙ୍କ କର୍ତ୍ତବ୍ୟ ହେବ- (କ) ଗୋଟିଏ କେଶ୍ ଫଇସଲାରେ ମାଜିଷ୍ଟ୍ରେଟ୍ଙ୍କୁ ସହାୟତା ପ୍ରଦାନ କରିବା; (ଖ) ଘରୋଇ ଘଟଣା ବିବରଣୀ (ଉକ୍ଟଙ୍କରଷ୍ଟିସମ ଓଭମସୟରଭଗ୍ସ ଜରକ୍ଟଙ୍କକ୍ସଗ୍ସ) ପ୍ରସ୍ତୁତ କରି ଏ ବିଷୟରେ ପୋଲିସ୍ ଓସେବା-ସଂସ୍ଥାକୁ ଜଣାଇବା, (ଗ) ଯଦି ଅଭିଯୋକ୍ତା ନିଜ ପାଇଁ ସୁରକ୍ଷା ଆଦେଶ ଚାହୁଁଥାନ୍ତି, ତେବେ ଏ ବିଷୟରେ ମାଜିଷ୍ଟ୍ରେଟ୍ଙ୍କ ନିକଟରେ ଆବେଦନ କରିବା; (ଘ) ବ୍ୟଥିତ ବ୍ୟକ୍ତିଙ୍କୁ ଆଇନ୍ ସହାୟତା ଯୋଗାଇଦେବା; (ଙ) ଆଇନ୍ , ଚିକିତ୍ସା ଓ ରହଣି ସହାୟତା ପ୍ରଦାନ କରୁଥିବା ବିଭିନ୍ନ ସେବା-ସଂସ୍ଥାମାନଙ୍କର

ସୁପ୍ରସ୍ତୁତ ତାଲିକା ନିଜ ପାଖରେ ରଖିବା; (ଚ) ଅଭିଯୋକ୍ତା ଚାହିଁବା ମତେ ତାଙ୍କୁ ଏକ ଆଶ୍ରୟ ଗୃହରେ ଆଶ୍ରୟର ବ୍ୟବସ୍ଥା କରାଇବା ଏବଂ ସେହି ଆଶ୍ରୟ ଗୃହ ଯେଉଁ ଅଞ୍ଚଳରେ ଅବସ୍ଥିତ, ତହିଁର ସଂପୃକ୍ତ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଦେବା; (ଛ) ଆବଶ୍ୟକ ମତେ ବ୍ୟଥିତ ବ୍ୟକ୍ତିଙ୍କର ଡାକ୍ତରୀ ମାଇନା କରିବା; (ଜ) ଆର୍ଥିକ କ୍ଷତିପୂରଣ ପାଇଁ ଜାରି ହୋଇଥିବା ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ; (ଝ) ଅନ୍ୟ ଯେଉଁ ଦାୟିତ୍ୱସବୁ ବିହିତ କରାଯିବ, ସେସବୁକୁ ସଂପାଦନ କରିବା । ନିଜର କର୍ତ୍ତବ୍ୟ ସଂପାଦନ କଲାବେଳେ ସୁରକ୍ଷା ଅଧିକାରୀ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ମାର୍ଗଦର୍ଶନ ଦ୍ୱାରା ପରିଚାଳିତ ହେବେ । **(ଧାରା -୯) ।**

୯- ଯଦି ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ତରଫରୁ ସୁରକ୍ଷା ଅଧିକାରୀ କିମ୍ବା ସେବା ସଂସ୍ଥା କୌଣସି ଏକ ଆଶ୍ରୟ ଗୃହର ପରିଚାଳକଙ୍କୁ ଆଶ୍ରୟ ଯୋଗାଇଦେବା ସକାଶେ ଅନୁରୋଧ ଜଣାନ୍ତି, ତେବେ ସଂପୃକ୍ତ ଆଶ୍ରୟ ଗୃହର ପରିଚାଳକ ବ୍ୟଥିତ ନାଗରିକଙ୍କୁ ନିଜ ଆଶ୍ରୟ ଗୃହରେ ଆଶ୍ରୟ ଯୋଗାଇ ଦେବେ **(ଧାରା-୬) ।** ସେହିପରି ଯଦି ଚିକିତ୍ସା ସେବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏତାଦୃଶ ଅନୁରୋଧ କରାଯାଏ, ତେବେ ସେହି ଅଧିକାରୀ ତାଙ୍କ ସଂସ୍ଥା ତରଫରୁ ବ୍ୟଥିତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇଦେବେ । **(ଧାରା ୭) ।**

୧୦- **ବ୍ୟଥିତ ବ୍ୟ**କ୍ତି ନିଜେ ବା ତାଙ୍କ ତରଫରୁ ଯେ କୌଣସି ବ୍ୟକ୍ତି ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କୌଣସି ଧରଣର ପ୍ରତିକାର ପାଇଁ ଆବେଦନ କରିପାରିବେ । କିନ୍ତୁ ମାଜିଷ୍ଟ୍ରେଟ୍ ଏ ବ୍ୟାପାରରେ କୌଣସି ଆଦେଶ ଦେବା ପୂର୍ବରୁ ସୁରକ୍ଷା ଅଧିକାରୀ କିମ୍ବା ସେବା-ସଂସ୍ଥା ନିକଟରୁ ଯଦି କିଛି ବିବରଣୀ ପାଇଥାନ୍ତି, ତେବେ ତାହାକୁ ବିଚାରକୁ ନେବେ । ମାଜିଷ୍ଟ୍ରେଟ୍ ତାଙ୍କ ଆଦେଶରେ କ୍ଷତିପୂରଣ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ଆବେଦନ ମିଳିବାର ୩ ଦିନ ଭିତରେ ଅଭିଯୋଗର ପ୍ରଥମ ଶୁଣାଣି ହେବ । ଏବଂ ପ୍ରଥମ ଶୁଣାଣିର ୩୦ ଦିନ ମଧ୍ୟରେ ଅଭିଯୋଗର ଫଇସଲା କରାଯିବ । **(ଧାରା ୧୨) ।**

୧୧- ମାଜିଷ୍ଟ୍ରେଟ୍ ଶୁଣାଣି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଉଭୟ ପକ୍ଷଙ୍କୁ ଏକାବେଳେ ବା ପ୍ରତି ପକ୍ଷଙ୍କୁ ଅଲଗା ଅଲଗା ଭାବେ ସୁଯୋଗ୍ୟ ପରାମର୍ଶଦାତା ସଂସ୍ଥାଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏଭଳି ସ୍ଥିତିରେ ସେ ଶୁଣାଣିର ପରବର୍ତ୍ତୀ ତାରିଖ ଏଭଳି ନିର୍ଦ୍ଧାରଣ କରିବେ, ଯାହାକି ଉପରୋକ୍ତ ନିର୍ଦ୍ଦେଶନାମା ଦେବାର ତାରିଖଠାରୁ ଦୁଇମାସରୁ ଅଧିକ ବିଳମ୍ବ ହେଉନଥିବ । **(ଧାରା ୧୪)**

୧୨- ବ୍ୟଥିତ ମହିଳା ସେ ପୂର୍ବରୁ ରହୁଥିବା ବାସଗୃହରେ ରହିବାର ଅଧିକାର ଉପଭୋଗ କରିବେ, ଏପରିକି ସେହି ବାସଗୃହରେ ତାଙ୍କର କୌଣସି ସ୍ୱତ୍ତ୍ୱ, ଅଧିକାର ବା ସୁସ୍ୱାର୍ଥ ଥାଉ ବା ନଥାଉ । ଆଇନାନୁମୋଦିତ ପନ୍ଥା ବ୍ୟତିରେକ ତାଙ୍କୁ ଏକ ସହଭାଗୀବାସସ୍ଥଳୀରୁ ନିକାଲି ଦିଆଯାଇପାରିବ ନାହିଁ । **(ଧାରା ୧୭) ।**

୧୩- ବ୍ୟଥିତ ବ୍ୟକ୍ତିଙ୍କୁ ଅସଦାଚାରୀ କବଳରୁ ସୁରକ୍ଷିତ ରଖିବା ପାଇଁ ମାଜିଷ୍ଟ୍ରେଟ୍ ଯେଉଁ ସୁରକ୍ଷା ଆଦେଶ ଜାରି କରିବେ, ସେଥିରେ ଅସଦାଚାରୀଙ୍କୁ ନିମ୍ନୋକ୍ତ ପ୍ରକାର ହିଂସା ଘଟାଇବାରୁ ବାରଣ କରିପାରିବେ, ଯଥା (କ) ଆଉ କୌଣସି ଘରୋଇ ହିଂସା ନଘଟାଇବାକୁ; (ଖ) ଏପ୍ରକାର ହିଂସାକୁ ସହାୟତା ବା ଉସ୍କାନି ଦେବା, (ଗ) ବ୍ୟଥିତ ବ୍ୟକ୍ତି କାରବାର କରୁଥିବା କାର୍ଯ୍ୟସ୍ଥଳୀ ବା ଅନ୍ୟ କୌଣସି ସ୍ଥାନକୁ ପ୍ରବେଶ ନକରିବାକୁ, ଅଥବା ଯଦି ନିର୍ଯ୍ୟାତିତ ହୋଇଥିବା ବ୍ୟକ୍ତି ଜଣକ ଗୋଟିଏ ଶିଶୁ ହୋଇଥାଏ, ତେବେ ସେ ପଢୁଥିବା ବା ରହୁଥିବା ସ୍କୁଲ୍‌କୁ ପ୍ରବେଶ ନକରିବାକୁ, (ଘ) ନିର୍ଯ୍ୟାତିତ ବ୍ୟକ୍ତି ସହ କୌଣସି ପ୍ରକାର ଯୋଗାଯୋଗ ନକରିବାକୁ, (ଙ) ବ୍ୟାଙ୍କ ଡିପୋଜିଟ୍ ସମେତ କୌଣସି ସମ୍ପତ୍ତି, ଯାହାକି ନିର୍ଯ୍ୟାତିତ ବ୍ୟକ୍ତିଙ୍କ ଦ୍ୱାରା ଏକାକୀ ବା ଯୁଗ୍ମଭାବେ ପରିଚାଳିତ ହେଉଥିବ, ସେଥିରେ ନିର୍ଯ୍ୟାତିତାଙ୍କର ହାନି ହେଲା ଭଳି କୌଣସି ପ୍ରକାର ଅଦଳବଦଳ ନକରିବାକୁ, (ଚ) ଘରୋଇ ହିଂସା ବିରୁଦ୍ଧରେ ନିର୍ଯ୍ୟାତିତାଙ୍କ ଲଢେଇରେ ସହାୟତା କରୁଥିବା ତାଙ୍କର କୌଣସି ସଂପର୍କୀୟ ବା ଅନ୍ୟ କୌଣସି ବ୍ୟକ୍ତି ବିରୁଦ୍ଧରେ କୌଣସି ହିଂସାତ୍ମକ ଆଚରଣ ନକରିବାକୁ, (ଛ) ଏହାଛଡା ସୁରକ୍ଷା ଆଦେଶରେ ଆଉ ଯେଉଁ ପ୍ରକାର ବାରଣ ରହିପାରେ । (ଧାରା ୧୮) ।

୧୪- ସଂପୃକ୍ତ ମାଜିଷ୍ଟ୍ରେଟ୍ ଯେଉଁ ବାସସ୍ଥଳୀ ଆଦେଶ ଦେବେ, ସେଥିରେ (କ) ସହଭୁକ୍ତ ବାସସ୍ଥଳୀରେ ଅଭିଯୋକ୍ତାଙ୍କ ଅଧିକାରକୁ କୌଣସି ମତେ କ୍ଷୁର୍ଣ୍ଣ କରିବା କାର୍ଯ୍ୟରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରିପାରିବେ, (ଖ) ସହଭୁକ୍ତ ବାସସ୍ଥଳୀରୁ ନିଜକୁ ଅଲଗା କରିବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରିବେ, (ଗ) ଅଭିଯୋକ୍ତା ସହଭୁକ୍ତ ବାସସ୍ଥଳୀର ଯେଉଁ ଅଂଶରେ ରହୁଛନ୍ତି, ସେଠାକୁ ଅଭିଯୁକ୍ତ କିମ୍ବା ତାଙ୍କର କେହି ସଂପର୍କୀୟ ଯେମିତି ପ୍ରବେଶ ନକରିବେ, ସେଥିପାଇଁ ନିର୍ଦ୍ଦେଶ ଦେଇପାରିବେ, (ଘ) ସହଭୁକ୍ତ ବାସସ୍ଥଳୀକୁ ବିଭାଜିତ କରିବା, ହସ୍ତାନ୍ତର କରିବା ଅଥବା ତାକୁ ବନ୍ଧକ ରଖିବା ଭଳି କାର୍ଯ୍ୟ କରିବାରୁ ଅଭିଯୁକ୍ତଙ୍କୁ ନିବୃତ୍ତ କରିବେ, (ଙ) ସହଭୁକ୍ତ ବାସସ୍ଥଳୀରେ ଥିବା ଅଭିଯୁକ୍ତଙ୍କ ଅଧିକାରକୁ ମାଜିଷ୍ଟ୍ରେଟ୍ଙ୍କ ବିନା ଅନୁମତିରେ ସେ ଯେପରି ବର୍ଜନ ନକରନ୍ତି, (ଚ) ଅଭିଯୋକ୍ତା ପୂର୍ବରୁ ଭୋଗ କରୁଥିବା ବାସସ୍ଥଳର ସମତୁଲ୍ୟ ବିକଳ୍ପ ବାସସ୍ଥଳୀ ଅଥବା ଏହା ପରିବର୍ତ୍ତେ ସମାନୁପାତିକ ଘରଭଡା ଯୋଗାଇ ଦେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ । ପରନ୍ତୁ ଗୋଟିଏ ମହିଳାର ସ୍ୱାର୍ଥ ଉପରେ ଆଞ୍ଚ ଆଣୁଥିବା କୌଣସି ବାସସ୍ଥଳୀ ଆଦେଶ ଦିଆଯାଇ ପାରିବନି । **(ଧାରା ୧୯-୧) ।**

୧୫- ବ୍ୟଥିତ ବ୍ୟକ୍ତି କିମ୍ବା ତାଙ୍କ ପିଲାର ନିରାପତ୍ତାର ସ୍ୱାର୍ଥରେ ମାଜିଷ୍ଟ୍ରେଟ୍ ଅନ୍ୟ କୌଣସି ଅତିରିକ୍ତ ସର୍ତ୍ତାବଳୀ ଆରୋପ କରିପାରନ୍ତି, ନତୁବା ଅନ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରିପାରନ୍ତି ; ଯଥା, ଘରୋଇ ହିଂସା ନଘଟେଇବା ପାଇଁ ଅଭିଯୁକ୍ତଙ୍କ ଠାରୁ ସନ୍ତକ ସହିତ ବା ସନ୍ତକ ବ୍ୟତୀତ ଏକ ଚୁକ୍ତିନାମା ଲେଖାଇ ନେଇ ପାରନ୍ତି ; ସଂପୃକ୍ତ ଆଦେଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟଥିତ ନାଗରିକ ବା ତାଙ୍କ ତରଫରୁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗାଇ ଦେବା ବା ସହାୟତା ପ୍ରଦାନ ନିମିତ୍ତ ନିକଟତମ ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରିବେ; ସଂପୃକ୍ତ ପକ୍ଷମାନଙ୍କର ଆବଶ୍ୟକତା ଏବଂ ସମ୍ବଳକୁ ଦୃଷ୍ଟିରେ ରଖି ଘରଭଡା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ପାଇଁ ଅଭିଯୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି; ସୁରକ୍ଷା ଆଦେଶର କାର୍ଯ୍ୟକାରିତାରେ ସହାୟତା କରିବା ପାଇଁ ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି; ସ୍ତ୍ରୀଧନ ଅଥବା ଅନ୍ୟ କୌଣସି ମୂଲ୍ୟବାନ୍ ସମ୍ପତ୍ତି ବା ବସ୍ତୁ, ଯେଉଁଥିରେ ବ୍ୟଥିତ ବ୍ୟକ୍ତିଙ୍କର ହକ୍ ରହିଛି, ସେସବୁକୁ ତାଙ୍କୁ ଫେରସ୍ତ ଦେବା ସକାଶେ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । **[ଧାରା ୧୯ (୨- ୮)] ।**

୧୬- ଗୋଟିଏ ଆବେଦନର ବିଚାର କରି ଘରୋଇ ହିଂସା ଫଳରେ ନିର୍ଯ୍ୟାତିତା ଅଥବା ତା'ର ପିଲା ସହିଥିବା କ୍ଷତି ଓ ଅର୍ଥବ୍ୟୟକୁ ଭରଣା ଉଦ୍ଦେଶ୍ୟରେ ମାଜିଷ୍ଟ୍ରେଟ୍ ସଂପୃକ୍ତ ଅଭିଯୁକ୍ତଙ୍କୁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । ଏବଂ ଏହି କ୍ଷତିପୂରଣ ଭିତରେ ନିମ୍ନୋକ୍ତ ପାଉଣାମାନ ଅନ୍ତର୍ଭୁକ୍ତ ହୋଇପାରେ (କ) ରୋଜଗାର ହରାଇବା ଜନିତ କ୍ଷତି, (ଖ) ଚିକିତ୍ସା ଖର୍ଚ୍ଚ, (ଗ) ବ୍ୟଥିତ ବ୍ୟକ୍ତିରନିୟନ୍ତ୍ରଣରେ ଥିବା ସମ୍ପତ୍ତିକୁ ନଷ୍ଟ, ଭଙ୍ଗାରୁଜା ବା ସ୍ଥାନାନ୍ତର କରିବା ଫଳରେ ଘଟିଥିବା କ୍ଷତି, ଏବଂ (ଘ) ବ୍ୟଥିତ ବ୍ୟକ୍ତି ଏବଂ ଯଦି ତାଙ୍କର ପିଲା ଥାଏ, ତେବେ ଉଭୟଙ୍କର ଭରଣପୋଷଣ । ଯେଉଁ ଆର୍ଥିକ କ୍ଷତିପୂରଣ ମଞ୍ଜୁର କରାଯିବ, ତାହା ପର୍ଯ୍ୟାପ୍ତ, ଓ ଯଥୋଚିତ ହୋଇଥିବା ବିଧେୟ ତଥା ତାହା ବ୍ୟଥିତ ବ୍ୟକ୍ତି ପୂର୍ବରୁ ଯେଉଁ ଜୀବନର ମାନଦଣ୍ଡରେ ଅଭ୍ୟସ୍ତ, ତାହା ସହିତ ସମତୁଲ୍ୟ ହେଉଥିବା ଆବଶ୍ୟକ । ଭରଣପୋଷଣ ବାବଦରେ ମଞ୍ଜୁର ହୋଇଥିବା ଯଥାର୍ଥ ଅର୍ଥରାଶିକୁ ଏକାଥରେ ମୋଟା ଆକାରରେ ଅଥବା ଆବଶ୍ୟକ ପଡିଲେ ମାସିକ କିସ୍ତି ଆକାରରେ ଦିଆଯିବ ବୋଲି ଆଦେଶ ଦେବା ସକାଶେ ମାଜିଷ୍ଟ୍ରେଟ୍ଙ୍କର କ୍ଷମତା ରହିବ । ଆର୍ଥିକ କ୍ଷତିପୂରଣ ସମ୍ବନ୍ଧରେ ତାଙ୍କର ଆଦେଶକୁ ମାଜିଷ୍ଟ୍ରେଟ୍ ସଂପୃକ୍ତ ପକ୍ଷମାନଙ୍କୁ ତଥା ଏହାର ନକଲକୁ ସଂପୃକ୍ତ ପୋଲିସ୍ ଥାନାକୁ ପଠାଇବେ । ଅଭିଯୁକ୍ତ ବିନିର୍ଦ୍ଦିଷ୍ଟ ହୋଇଥିବା ସମୟସୀମା ଭିତରେ ସେହି ଆର୍ଥିକ କ୍ଷତିପୂରଣକୁ ବ୍ୟଥିତ ବ୍ୟକ୍ତିଙ୍କୁ ପ୍ରଦାନ କରିବେ । ଯଦି ଅଭିଯୁକ୍ତ ସମୟୋଚିତ ଢଙ୍ଗରେ ଏହି ଅର୍ଥ ପ୍ରଦାନ କରିବାରେ ବିଫଳ ହୁଅନ୍ତି, ତେବେ ମାଜିଷ୍ଟ୍ରେଟ୍ ଅଭିଯୁକ୍ତଙ୍କ ନିଯୁକ୍ତିକର୍ତ୍ତା ବା ଋଣଗ୍ରହୀତାଙ୍କୁ ନିର୍ଦ୍ଦେଶ ଦେଇପାରିବେ, ସେମାନେ ଅଭିଯୁକ୍ତ ପାଇବାକୁ ଥିବା ଯଥାସ୍ଥିତି ପାରିଶ୍ରମିକ ବା ଋଣ ପରିଶୋଧ ବାବଦ କିଛି ଅର୍ଥକୁ ସିଧାସଳଖ ବ୍ୟଥିତ ବ୍ୟକ୍ତିଙ୍କୁ ଦେଇଦେବେ ନଚେତ୍ କୋର୍ଟ ପାଖରେ ଜମା କରିବେ, ଯାହାକି ବ୍ୟଥିତ ବ୍ୟକ୍ତିଙ୍କୁ କ୍ଷତିଭରଣା ଅର୍ଥ ଭିତରେ ଅନ୍ତର୍ଭୁକ୍ତ ହେବ । **(ଧାରା ୨୦) ।**

୧୭- ବ୍ୟଥିତ ବ୍ୟକ୍ତି ବା ଅଭିଯୁକ୍ତଙ୍କ ଠାରୁ କୌଣସି ଆବେଦନ ପାଇଲା ପରେ ଯଦି ମାଜିଷ୍ଟ୍ରେଟ୍ ହୃଦବୋଧ କରନ୍ତି ଯେ, ପରିସ୍ଥିତିରେ ଏପରି କିଛି ପରିବର୍ତ୍ତନ ଘଟିଛି, ଯାହା ଫଳରେ ବର୍ତ୍ତମାନ ବଳବତ୍ତର ଥିବା ଆଦେଶରେ କିଛି ପରିବର୍ତ୍ତନ, ସଂଶୋଧନ ବା ଅଦଳବଦଳ କରିବା ଆବଶ୍ୟକ, ତେବେ ସେ ଲିଖିତ କାରଣ ଦର୍ଶାଇ ଆଉ ଏକ ସମୁଚିତ ଆଦେଶ ଜାରି କରିପାରନ୍ତି । **(ଧାରା ୨୫) ।**

୧୮- ଏହି ଆଇନ୍ ଅଧୀନରେ ବ୍ୟଥିତ ବ୍ୟକ୍ତି ଓ ଅଭିଯୁକ୍ତଙ୍କୁ ପ୍ରଭାବିତ କରୁଥିବା ପ୍ରତିକାରଗୁଡ଼ିକ ଦେଓ୍ୱାନୀ ଅଦାଲତ, ପରିବାର ଅଦାଲତ ବା ଫୌଜଦାରି ଅଦାଲତରେ ଚାଲୁଥିବା ଯେ କୌଣସି କେଶ୍ ପରିପ୍ରେକ୍ଷିରେ ମଧ୍ୟ ଉପଲବ୍ଧ ହୋଇପାରିବ, ଯଦିଓ ଏହି କେଶ୍ର କାର୍ଯ୍ୟବିଧି ଏହି ଆଇନ୍ ଲାଗୁ ହେବା ପୂର୍ବରୁ ବା ପରେ ଆରମ୍ଭ ହୋଇଥାଇପାରେ । ଏହି ଆଇନ୍କୁ ଛାଡି ଅନ୍ୟ କୌଣସି ଆଇନ୍ର କାର୍ଯ୍ୟବିଧି ଫଳରେ ଯଦି ବ୍ୟଥିତ ନାଗରିକଙ୍କୁ କିଛି ପ୍ରତିକାର ମିଳିଥାଏ, ତେବେ ବ୍ୟଥିତ ନାଗରିକଙ୍କର କର୍ତ୍ତବ୍ୟ ହେଉଛି, ସଂପୃକ୍ତ ମାଜିଷ୍ଟ୍ରେଟ୍ଙ୍କୁ ଏ ବିଷୟରେ ଅବଗତ କରାଇବା । **(ଧାରା ୨୬) ।**

୧୯- ମାଜିଷ୍ଟ୍ରେଟ୍ଙ୍କ ଆଦେଶ ବିରୁଦ୍ଧରେ ସେସନ୍ସ କୋର୍ଟ ସମ୍ମୁଖରେ ଅପିଲ୍ ମଧ୍ୟ କରାଯାଇପାରିବ, କିନ୍ତୁ ଏହି ଆଦେଶ ବ୍ୟଥିତ ବ୍ୟକ୍ତି ଏବଂ ଅଭିଯୁକ୍ତଙ୍କୁ ମିଳିବାର ୩୦ ଦିନ ଭିତରେ ଏପ୍ରକାର ଅପିଲ୍ କରାଯାଇପାରିବ । **(ଧାରା ୨୯) ।**

୨୦- ଅଭିଯୁକ୍ତଙ୍କୁ ମିଳିଥିବା ଆଦେଶକୁ ଉଲ୍ଲଂଘନ କଲେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡପ୍ରଦାନର ବ୍ୟବସ୍ଥା ରହିଛି । ଯଦି ଲକ୍ଷ୍ୟ କରାଯାଏ ଯେ, ଅଭିଯୁକ୍ତ ବ୍ୟକ୍ତି ଏହି ଆଇନ୍କୁ ଛାଡି ଅନ୍ୟ ଆଇନ୍ର ଧାରାକୁ ଉଲ୍ଲଂଘନ କରିଛନ୍ତି, ତେବେ ଏହି ଆଇନ୍ ଅଧୀନରେ ମାଜିଷ୍ଟ୍ରେଟ୍ ଅପରାଧୀ ବିରୁଦ୍ଧରେ ଅଭିଯୋଗପତ୍ର ପ୍ରସ୍ତୁତ କଲାବେଳେ, ସେ ଭାରତୀୟ ପିଙ୍ଗଳ ସଂହିତା ୧୮୬୦ରେ ଧାରା ୪୯୮-ଏ ବା ଏହାର ଅନ୍ୟ କୌଣସି ଧାରା ନତୁବା ଯୌତୁକ ନିବାରଣ ଆଇନ୍ ୧୯୬୧ର କୌଣସି ଧାରାର ଉଲ୍ଲଂଘନ କରାଯାଇଛି ବୋଲି ତାଙ୍କ ଆଦେଶରେ ଦର୍ଶାଇପାରନ୍ତି । **(ଧାରା ୩୧) ।**

୨୧- ମାଜିଷ୍ଟ୍ରେଟ୍ଙ୍କ ଆଦେଶର ଉଲ୍ଲଂଘନକୁ ଏକ ଧର୍ତ୍ତବ୍ୟ ଏବଂ ଜାମିନ-ବିହୀନ ଅପରାଧ ବୋଲି ଗଣାଯିବ । ଏତାଦୃଶ ଉଲ୍ଲଂଘନ ଅଭିଯୁକ୍ତଙ୍କ ଦ୍ୱାରା ଘଟିଛି କି ନାହିଁ, ତାହା ନିର୍ଣ୍ଣୟ କରିବା ବ୍ୟାପାରରେ କେବଳ ବ୍ୟଥିତ ନାଗରିକଙ୍କ କୋର୍ଟ ସମ୍ମୁଖରେ ବୟାନ୍ହିଁ ଯଥେଷ୍ଟ ହେବ । **(ଧାରା- ୩୨) ।**

୨୨- ମାଜିଷ୍ଟ୍ରେଟ୍ ଦେଇଥିବା ସୁରକ୍ଷା ଆଦେଶକୁ ଅନୁପାଳନ କ୍ଷେତ୍ରରେ ଯଦି ସୁରକ୍ଷା ଅଧିକାରୀ ଯଥାର୍ଥ କାରଣ ନଥାଇ ବିଫଳ ହୋଇଥାନ୍ତି ନଚେତ୍ ଅମଙ୍ଗ ହୋଇଥାନ୍ତି, ତେବେ ତାଙ୍କ ବିରୁଦ୍ଧରେ ଏକ ବର୍ଷ ପର୍ଯ୍ୟନ୍ତ ସଶ୍ରମ ବା ଅଶ୍ରମ କାରାଦଣ୍ଡ ଅଥବା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ପ୍ରଦାନ କରାଯାଇ ପାରିବ । **(ଧାରା ୩୩) ।** କିନ୍ତୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଆଇନ୍ଗତ ଦୋଷାରୋପ ବା କାର୍ଯ୍ୟବିଧି ଆରମ୍ଭ ହୋଇପାରିବନି, ଯଦି ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଏତାଦୃଶ ଅଭିଯୋଗ ଦାଏର୍ ପାଇଁ ରାଜ୍ୟ ସରକାର ବା ରାଜ୍ୟସରକାରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀଙ୍କ ଠାରୁ ଅଗ୍ରୀମ ଅନୁମୋଦନ ଅଣାଯାଇ ନଥାଏ । **(ଧାରା ୩୪) ।**

୨୩- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ରହିଛି । ରାଜ୍ୟ ସରକାରମାନଙ୍କ ଭୂମିକା ହେଲା- ଏହି ଆଇନ୍ର ବିଭିନ୍ନ ସ୍ଥାନରେ ଯେଉଁ ସବୁ ବିଶେଷ ବ୍ୟାପାରରେ ବ୍ୟବସ୍ଥା ରହିବା ବିଧେୟ ବୋଲି ଦର୍ଶାଯାଇଛି, ସେହିସବୁ ବ୍ୟାପାରରେ ବିଜ୍ଞପ୍ତି ବଳରେ ବ୍ୟବସ୍ଥାଗୁଡ଼ିକୁ ସୁନିଶ୍ଚିତ କରିବା । କେନ୍ଦ୍ର ସରକାରଙ୍କ କର୍ତ୍ତୃକ ପ୍ରଣୀତ ନିୟମାବଳୀ ନିମ୍ନୋକ୍ତ ବ୍ୟାପାର ସହ ସଂପର୍କୀତ- (କ) ଜଣେ ସୁରକ୍ଷା ଅଧିକାରୀଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିଥିବା ଜରୁରୀ, (ଖ) ସୁରକ୍ଷା ଅଧିକାରୀ ଓ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଚାକିରୀ ସର୍ତ୍ତାବଳୀ କ'ଣ ହେବ, (ଗ) କେଉଁ ଢାଞ୍ଚା ଓ ପଦ୍ଧତିରେ ଘରୋଇ ଘଟଣା ବିବରଣୀ ପ୍ରସ୍ତୁତ କରାଯିବ, (ଘ) କେଉଁ ଢାଞ୍ଚା ଓ ପଦ୍ଧତିରେ ମାଜିଷ୍ଟ୍ରେଟ୍ଙ୍କ ନିକଟରେ ସୁରକ୍ଷା ଆଦେଶ ପାଇଁ ଏକ ଆବେଦନ ଦାଖଲ କରାଯାଇପାରିବ, (ଙ) କେଉଁ ଫର୍ମରେ ଅଭିଯୋଗ ଦାଖଲ ହେବ, (ଚ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଅନ୍ୟାନ୍ୟ ଦାୟିତ୍ୱସମୂହ, (ଛ) ସେବା-ସଂସ୍ଥାଗୁଡ଼ିକର ପଞ୍ଜିକରଣ

ପାଇଁ ଆବଶ୍ୟକ ନିୟମାବଳୀ, (ଜ) ପ୍ରତିକାର ପାଇଁ କରାଯିବାକୁ ଥିବା ଆବେଦନର ଢାଞ୍ଚା ଓ ପଦ୍ଧତି, (ଝ) କେଉଁ ଉପାୟରେ ନୋଟିସ୍ ପ୍ରେରଣ କରାଯିବ, (ଞ) ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରେରିତ ନୋଟିସ୍‌ର ଘୋଷଣାନାମାର ଢାଞ୍ଚା, (ଟ) ସେବା-ସଂସ୍ଥା ତରଫରୁ ପରାମର୍ଶ ଦେବା ପାଇଁ ମନୋନୀତ ହେବାକୁ ଥିବା ବ୍ୟକ୍ତିଙ୍କର କି ପ୍ରକାର ଯୋଗ୍ୟତା ଓ ଅଭିଜ୍ଞତା ରହିବା ବିଧେୟ, (ଠ) ଧାରା ୨୩(୨) ଅଧୀନରେ ବ୍ୟଥିତ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ଆଫିଡେଭିଟ୍‌ର ଢାଞ୍ଚା, (ଡ) ଅନ୍ୟ କୌଣସି ବ୍ୟାପାର ଯାହାକି ବିହିତ ହୋଇପାରେ । **(ଧାରା ୩୭) ।**

ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ସମ୍ବନ୍ଧରେ ଉପରେ ବର୍ଣ୍ଣିତ ସୂଚନାବଳୀରୁ ଏହା ବର୍ତ୍ତମାନ ସ୍ପଷ୍ଟ ଯେ, ଘରୋଇ ହିଂସାରେ ନିର୍ଯ୍ୟାତିତା ଜଣେ ବିବାହିତା ମହିଳା ନିଜର ସୁରକ୍ଷା ପାଇଁ ବର୍ତ୍ତମାନ ପ୍ରଚଳିତ ଥିବା ସଂପୃକ୍ତ ଫୌଜଦାରି ଆଇନ୍‌ଗୁଡିକର ସହାୟତା ନେବା ସହିତ ଏହି ନୂତନ ଆଇନ୍‌ର ସୁଯୋଗ ମଧ୍ୟ ନେଇ ପାରିବେ ।

**ଓଡିଶାରେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍‌ର କାର୍ଯ୍ୟକାରିତା-**

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ସଂଖ୍ୟା ୭୬୨୧ ତାରିଖ ୨୦ ମାର୍ଚ୍ଚ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲାରେ ଏହି ବିଭାଗର କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ ରୂପେ ନିଯୁକ୍ତି ଦିଆଯାଇଛି ଏବଂ ବିଜ୍ଞପ୍ତି ସଂଖ୍ୟା ୧୧୮୧୦ ତାରିଖ ୧୫ ମେ ୨୦୦୭ ଅନୁଯାୟୀ ପ୍ରତି ଜିଲ୍ଲା ସକାଶେ ସେବା-ଯୋଗାଣ ସଂସ୍ଥା ଏବଂ ପରାମର୍ଶଦାତାମାନଙ୍କୁ ମଧ୍ୟ ଘୋଷଣା  କରାଯାଇଛି । କିନ୍ତୁ କ୍ଷୋଭର କଥା, ଏ ବିଷୟରେ ସାଧାରଣ ଲୋକେ ଏପର୍ଯ୍ୟନ୍ତ ଜାଣି ପାରି ନାହାନ୍ତି କିମ୍ବା ସଂପୃକ୍ତ ସୁରକ୍ଷା ଅଧିକାରୀ ବା ଅଦାଲତଙ୍କ ଦ୍ୱାରା ବ୍ୟଥିତ ନାଗରିକମାନଙ୍କର ଅଭିଯୋଗ ଗ୍ରହଣ, ଶୁଣାଣି ବା ଫଇସଲା ପାଇଁ ଯେଉଁସବୁ ନ୍ୟୂନତମ ବ୍ୟବସ୍ଥା ସ୍ଥାନିତ କରିବା ଆବଶ୍ୟକ, ସେଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ, ଯାହାକି ମହିଳା ସଂଗଠନମାନଙ୍କ ପାଇଁ ଏକ ମସ୍ତବଡ ଆହ୍ୱାନ୍ ।

# ଆଇନ୍ କାର୍ଯ୍ୟକାରିଣୀ ବ୍ୟବସ୍ଥା

କୌଣସି ଚିଠା-ବିଧେୟକ ଉପରେ ବିଭିନ୍ନ ସ୍ତରରେ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ସଂସଦ ଦ୍ୱାରା ବିତର୍କ ଭିତ୍ତିରେ ତାହା ଆଇନ୍‌ରେ ପରିଣତ ହୋଇଥାଏ। ଏକ ଆଇନ୍‌ର ପ୍ରୟୋଗ ନିମନ୍ତେ ନିର୍ଦ୍ଦିଷ୍ଟ ସରକାରୀ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥାଏ। ଆଇନ୍‌ର ପ୍ରୟୋଗକୁ କେନ୍ଦ୍ରକରି କିଛି ବିବାଦ ଉପୁଜିଲେ ଅଦାଲତଗୁଡିକ ତାହାର ସମାଧାନ କରିଥାନ୍ତି ଓ ଆବଶ୍ୟକ ସ୍ଥଳେ ଆଇନ୍‌ର ବିଭିନ୍ନ ପ୍ରାବଧାନକୁ ବ୍ୟାଖ୍ୟା ଓ ଏପରିକି ପୁନଃ ସଂଜ୍ଞାୟନ କରିଥାନ୍ତି ।

**ଅଦାଲତ :**

ଅଦାଲତଗୁଡିକ ମୂଳତଃ ଦୁଇପ୍ରକାର କେଶ୍ ଫଇସଲା କରିଥାନ୍ତି, ଦେଓ୍ୱାନୀ ଓ ଫୌଜଦାରି। କେଶ୍‌ର ପ୍ରକୃତି ଦେଖି ମହିଳାମାନେ, ବିଶେଷ କରି ଓଡିଶାରେ  ନିମ୍ନୋକ୍ତ ଅଦାଲତମାନଙ୍କର ଦ୍ୱାରସ୍ଥ ହୋଇପାରିବେ।

| ଦେଓ୍ୱାନୀ ଅଦାଲତ | ଫୌଜଦାରୀ ଅଦାଲତ |
|---|---|
| ସବର୍ଡିନେଟ୍ କୋର୍ଟ | ମାଜିଷ୍ଟ୍ରେଟ କୋର୍ଟ |
| ଜିଲ୍ଲା ନ୍ୟାୟାଳୟ/ପରିବାର ଅଦାଲତ | ଦୌରା ଜଜ୍‌ଙ୍କ ଅଦାଲତ |
| ଉଚ୍ଚ ଅଦାଲତ (ହାଇକୋର୍ଟ) | ଉଚ୍ଚ ଅଦାଲତ (ହାଇକୋର୍ଟ) |
| ଉଚ୍ଚତମ ନ୍ୟାୟାଳୟ<br>(ସୁପ୍ରୀମ୍ କୋର୍ଟ) | ଉଚ୍ଚତମ ନ୍ୟାୟାଳୟ<br>(ସୁପ୍ରୀମ୍ କୋର୍ଟ) |

ସୁପ୍ରୀମ୍ କୋର୍ଟ ରାଷ୍ଟ୍ରର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଭୟ ଦେଓ୍ୱାନି ଓ ଫୌଜଦାରି ମାମଲା କ୍ଷେତ୍ରରେ ସର୍ବୋଚ୍ଚ କ୍ଷମତାର ଅଧିକାରୀ ଅଟନ୍ତି । ସୁପ୍ରୀମ୍ କୋର୍ଟର ଆଦେଶ ଚୂଡାନ୍ତ ଅଟେ। ଅନ୍ୟ କୌଣସି ଅଦାଲତ ଏହାକୁ ଖଣ୍ଡନ କରିପାରିବେ ନାହିଁ।

ମହିଳାମାନଙ୍କର ଦେଓ୍ୱାନି ମାମଲାଗୁଡିକ ସାଧାରଣତଃ ପରିବାର ଅଦାଲତରେ ବିଚାର କାରାଯାଇଥାଏ ଏବଂ ଏଗୁଡ଼ିକ ଦେଓ୍ୱାନୀ କୋର୍ଟର ପରିସରଭୁକ୍ତ ଅଟେ। ମହିଳାମାନଙ୍କର ଫୌଜଦାରୀ କେଶ୍‌ଗୁଡିକର ଶୁଣାଣି ଓ ଫଇସଲା କରିବା ପାଇଁ  ବିଧିବଦ୍ଧ ଭାବେ ମହିଳା ଅଦାଲତ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ମହଲରୁ ସୁପାରିଶ୍ କରାଯାଇଛି। କେତେକ ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟ  ମହିଳା ଅଦାଲତ ଆୟୋଜନ କରୁଛନ୍ତି। କିନ୍ତୁ ଓଡିଶାରେ ମହିଳା ଅଦାଲତ କୌଣସି ରୂପରେ ନାହିଁ।କେବଳ ପରିବାର ଅଦାଲତ କଟକ ଓ ରାଉରକେଲା, ଏହି ଦୁଇ ସ୍ଥାନରେ କାର୍ଯ୍ୟ କରୁଛି।

**ପରିବାର ଅଦାଲତ:**

୧୯୮୪ରେ ପରିବାର ଅଦାଲତ ଆଇନ୍ ସଂସଦ ଦ୍ୱାରା ଗୃହୀତ ହୋଇଥିଲା , କିନ୍ତୁ କେନ୍ଦ୍ର ସରକାର ପରିବାର ଅଦାଲତସମୂହ (ଅଦାଲତ) ନିୟମାବଳୀ, ୧୯୮୮କୁ ୧୨ ଜାନୁଆରି ୧୯୯୦ରେ ଗେଜେଟ୍‌ରେ ବିଜ୍ଞପ୍ତି କଲାପରେ ସେହି ତାରିଖ ଠାରୁ ଏହି ଆଇନ୍ ସାରା ଦେଶରେ ବିଧିବଦ୍ଧ ଭାବେ ଲାଗୁ ହୋଇଥିଲା। ଆଇନ୍‌ର ନିର୍ଦ୍ଦେଶନା ମତେ ଓଡିଶା ହାଇକୋର୍ଟ ଏହି ରାଜ୍ୟ ପାଇଁ ନିୟମାବଳୀ ପ୍ରସ୍ତୁତ କରିଛନ୍ତି, ଯାହାକି ୧୯ ଅକ୍ଟୋବର ୧୯୯୦ରେ ରାଜ୍ୟ ଗେଜେଟ୍‌ରେ ପ୍ରକାଶ ପାଇଥିଲା। ମନେ ରଖିବାକୁ ପଡିବ, ପରିବାର ଅଦାଲତ ଏକ ସ୍ୱତନ୍ତ୍ର ଅଦାଲତ ଅଟେ, ଯାହାର ନିୟମାବଳୀ ଅନ୍ୟ ଅଦାଲତମାନଙ୍କରୁ ଅନେକ କ୍ଷେତ୍ରରେ ଭିନ୍ନ।

**ପରିବାର ଅଦାଲତର ମୁଖ୍ୟ ବ୍ୟବସ୍ଥା:**

➢ ଅଦାଲତରେ କୌଣସି ଦେୟ ଦେବାକୁ ପଡେନାହିଁ ।

- ଏଠାରେ ଓକିଲଙ୍କୁ ନିଯୁକ୍ତି ଦେବାର ଆବଶ୍ୟକତା ହୁଏ ନାହିଁ ଏବଂ ନିଜର ମାମଲାରେ ଆବେଦନକାରୀ ନିଜେ ଯୁକ୍ତି ବାଢ଼ି ପାରିବେ।
- କେଶ୍‌ର ପ୍ରାରମ୍ଭରେ ହେଉ ଅବା ଯେ କୌଣସି ସ୍ତରରେ ବିଚାରପତି ଉଭୟପକ୍ଷ ସହ ପରାମର୍ଶ କରି ପାରିବେ ଏବଂ ପରସ୍ପର ବୁଝାମଣାରେ ମଧ୍ୟ କେଶ୍‌ର ସମାଧାନ ହୋଇପାରିବ।
- ଅନ୍ୟ ଅଦାଲତ ପରି ଏଠାରେ ସାକ୍ଷୀଙ୍କର ଆବଶ୍ୟକତା ହୁଏ ନାହିଁ । କେଶ୍‌ର ଅନୁସନ୍ଧାନ ଖୁବ୍ ସଂକ୍ଷେପରେ ହୋଇଥାଏ।
- ଏହି ଆଇନ୍ ଅନୁସାରେ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମାଜସେବୀଙ୍କ ଦ୍ୱାରା ଆଗତ ହୋଇଥିବା କେଶ୍‌ଗୁଡ଼ିକୁ ଗ୍ରହଣ ଓ ମୀମାଂସା କରିପାରିବେ।
- ଆବଶ୍ୟକ ସ୍ଥଳେ କେଶ୍‌ର ଶୁଣାଣି ଆବଦ୍ଧ କୋଠରୀରେ କରାଯିବ।

ପରିବାର ଅଦାଲତ ଆଇନ୍ ଅନୁସାରେ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ ଅଞ୍ଚଳ ପାଇଁ ଗୋଟିଏ କୋର୍ଟ୍ ପ୍ରତିଷ୍ଠା କରାଯାଇପାରିବ। ଭରଣପୋଷଣ ଭତ୍ତା, ଛାଡପତ୍ର, ସନ୍ତାନମାନଙ୍କର ହେପାଜତ୍, ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ସମ୍ପତ୍ତିଗତ ଅଧିକାର ଆଦି କେଶ୍ ପାଇଁ ଏହି ଅଦାଲତରେ ଆବେଦନ କରାଯାଇପାରିବ।

**ପରିବାର ଅଦାଲତରେ କେଶ୍ ଫଇସଲାର ଏକ ଉଦାହରଣ:-**

ରମା ଏକ ମଧ୍ୟବିତ୍ତ ପରିବାରର ମହିଳା, ତାଙ୍କ ସ୍ୱାମୀ ରାଜାରାମ ରେଳବାଇରେ କାର୍ଯ୍ୟକରନ୍ତି । ବିବାହ ପରେ ଏକ ବର୍ଷ ଧରି ସେମାନେ ସୁଖୀ ଦାମ୍ପତ୍ୟ ଜୀବନ କଟାଇଥିଲେ। ଗର୍ଭଧାରଣ ପରେ ସନ୍ତାନ-ପ୍ରସବ ନିମନ୍ତେ ରମା ଯେତେବେଳେ ପିତାମାତାଙ୍କ ନିକଟରେ ରହିବାକୁ ଯାଆନ୍ତି, ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୁଏ। ସମାଧାନ ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରି ଉଭୟଙ୍କ ପରିବାରର ମୁରବୀମାନେ ସଫଳ ହେଲେ ନାହିଁ। ଶେଷରେ ମାମଲାଟି ପରିବାର ଅଦାଲତରେ ପହଞ୍ଚିଲା ।

ରମା ଅଦାଲତରେ ଆବେଦନ କରିଥିଲେ ଯେ, ତାଙ୍କୁ ତାଙ୍କ ସ୍ୱାମୀ ପରିତ୍ୟାଗ କରିଥିବାରୁ ତାଙ୍କୁ ଭରଣ-ପୋଷଣ ନିମନ୍ତେ ତାଙ୍କ ପିତାମାତାଙ୍କ ଉପରେ ନିର୍ଭର କରିବାକୁ ପଡୁଅଛି। ରମା ନିଜପାଇଁ ଓ ତାଙ୍କର ସନ୍ତାନ ପାଇଁ ସ୍ୱାମୀଙ୍କ ଠାରୁ ଭତ୍ତା ଦାବୀ କରିଥିଲେ। ତାଙ୍କ ସ୍ୱାମୀ ବିନା କାରଣରେ ତାଙ୍କୁ ଛାଡପତ୍ର ଦେଇଛନ୍ତି ଏବଂ ସେ ସୁଖୀ ଦାମ୍ପତ୍ୟ ଜୀବନ ଫେରି ପାଇବା ପାଇଁ ଅନ୍ୟ ଏକ ଆବେଦନ ପତ୍ର ଅଦାଲତରେ ଦାଖଲ କରିଥିଲେ ।

ଏହାର ଜବାବରେ ରାଜାରାମ ତାଙ୍କ ସନ୍ତାନର ଲାଳନ-ପାଳନର ଦାୟିତ୍ୱ ଚାହୁଁଛନ୍ତି ଦର୍ଶାଇ ଅଭିଯୋଗ କରିଥିଲେ ଯେ, ସନ୍ତାନର ଜନ୍ମ ପରଠାରୁ ତାକୁ ଦେଖିବାକୁ ମଧ ତାଙ୍କୁ ସୁଯୋଗ ଦିଆଯାଇନାହିଁ। ଏଣୁ ସେ ରମାଙ୍କ ବିରୋଧରେ ଏକ ମାମଲା ଦାଏର୍ କରିଥିଲେ । ଆହୁରି ମଧ ରମା ବିବାହ ପରଠାରୁ ଦାମ୍ପତ୍ୟ ଜୀବନରେ ତାଙ୍କୁ ସହଯୋଗ କରି ନାହାନ୍ତି, ଘରର ଦୈନନ୍ଦିନ କାର୍ଯ୍ୟରେ ହେଳା କରିଛନ୍ତି ଏବଂ ତାଙ୍କର ଯୌଥ ପରିବାରକୁ ଭାଙ୍ଗି ଦେବାକୁ ଚାହୁଁଛନ୍ତି ଆଦି ଅଭିଯୋଗ କରି ଅନ୍ୟ ଏକ ବିବାହ ବିଚ୍ଛେଦ ମାମଲା ତାଙ୍କ ସ୍ୱାମୀ ଅଦାଲତରେ ଦାଏର୍ କରିଥିଲେ। ଏଠାରେ କାହାର ଦୋଷ, ତାହା ଦେଖିବା ଗୁରୁତ୍ୱପୂର୍ଣ୍ଣ ନୁହେଁ । କଥା ହେଉଛି, ବିବାହିତ ଜୀବନରେ ଉପୁଜିଥିବା ଏହି ପ୍ରକାର ସମସ୍ୟା ପାଇଁ ଉଭୟ ସ୍ୱାମୀ-ସ୍ତ୍ରୀକୁ ଏକ ସଂଗେ ୪ଟି ଅଦାଲତର ଆଶ୍ରୟ ନେବାକୁ ପଡିଲା । ଫଳରେ ଉଭୟଙ୍କୁ ୪ଟି ଅଦାଲତରେ ଉକ୍ତ କେଶ୍‌ଗୁଡିକ ପାଇଁ ହାଜର ହେବାକୁ ପଡିଲା। ଏଥିପାଇଁ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଅଯଥା ବିଳମ୍ବ ମଧ ଘଟିଲା। ଅଯଥା ଅପବ୍ୟୟ ଓ ସମୟର ଅପଚୟ କେବଳ ନୁହେଁ, ଏକ ସମୟରେ ୪ଟି କେସ୍‌ରେ ୪ ଜଣ ବିଚାରପତି ବିଚାର କରୁଥିବାରୁ କେଶ୍‌ର କୌଣସି ସମାଧାନ ହେବା ପରିବର୍ତ୍ତେ ଏହା ଜଟିଳ ହେବାକୁ ଲାଗିଲା । କିନ୍ତୁ

ପରିବାର ଅଦାଲତରେ ଏହି ପ୍ରକାର କେଶ୍‌ର ସହଜସମାଧାନ ହୋଇପାରିଥାଏ। ଉପରୋକ୍ତ ୪ଟି କେଶ୍ ପରିବାର ଅଦାଲତର ପରିସରଭୁକ୍ତ ଅଟେ । ଏହି ଅଦାଲତ ପାରିବାରିକ ସମସ୍ୟାର ସହଜ ଓ ତୁରନ୍ତ ସମାଧାନ ପାଇଁ ଉଦ୍ଦିଷ୍ଟ ଅଛି । ଯଦିଓ ଏହି ଆଇନ୍‌ରେ କିଛି ତୃଟି ଓ ସମସ୍ୟା ରହିଯାଇଛି, କିନ୍ତୁ ମହିଳାମାନଙ୍କ ନିମନ୍ତେ ଏହା ଏକ ଉପଯୋଗୀ ଆଇନ୍ ଅଟେ। ବିବାହ ସମୟରେ କିମ୍ବା ପରେ ବର-ବଧୂଙ୍କୁ ଦିଆଯାଇଥିବା ଉପହାର ତଥା ସମ୍ପତ୍ତି ଉପରେ ଉଭୟଙ୍କର ଅଧିକାର ଥାଏ। ଏହି ସମ୍ପତ୍ତି ଉପରେ ଉପୁଜିଥିବା ସମସ୍ୟାକୁ ବିଚାର କରିବାର ସମ୍ପୂର୍ଣ୍ଣ କ୍ଷମତା ପରିବାର ଅଦାଲତର ଅଛି।

## ପାରିବାରିକ କେଶ୍ ଉପରେ ସୁପ୍ରିମ୍ କୋର୍ଟଙ୍କ ରାୟ

ଜଣେ ମହିଳା ବମ୍ବେ ସିଭିଲ୍ କୋର୍ଟରେ ନ୍ୟାୟିକ ବିବାହ-ବିଚ୍ଛେଦ ଏବଂ ତାଙ୍କର ବିବାହ ସମୟରେ ମିଳିଥିବା ସ୍ୱର୍ଣ୍ଣ ଅଳଂକାର ଫେରି ପାଇବା ପାଇଁ ଆବେଦନ କରିଥିଲେ। ଏହି କେଶ୍‌ର ଜବାବରେ ତାଙ୍କ ସ୍ୱାମୀ ବିବାହ ବିଚ୍ଛେଦ ପାଇଁ ଏକ କେସ୍ ଦାଏର କଲେ। କିନ୍ତୁ ଅଦାଲତ ସ୍ୱାମୀଙ୍କ ଆବେଦନକୁ ଖାରଜ କରି ଦେଇଥିଲେ ଏବଂ ସ୍ତ୍ରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ଆଇନତଃ ନ୍ୟାୟିକ ବିଚ୍ଛେଦର ୨ ବର୍ଷ ପରେ ଛାଡପତ୍ର ପାଇଁ ଜଣେ ବ୍ୟକ୍ତି ଅଦାଲତରେ ଆବେଦନ କରି ପାରିବେ। ଏହି ବ୍ୟବସ୍ଥାର ସୁଯୋଗ ନେଇ ତାଙ୍କ ସ୍ୱାମୀ ଛାଡ ପତ୍ର ପାଇଁ ଅଦାଲତରେ ଆବେଦନ କରିଥିଲେ ଏବଂ ଅଦାଲତ ସେଥିନିମନ୍ତେ ତାଙ୍କୁ ଅନୁମତି ଦେଇଥିଲେ। ନ୍ୟାୟିକ ବିଚ୍ଛେଦ ପରେ ସ୍ତ୍ରୀଙ୍କର ତାଙ୍କ ଅଳଂକାର ଫେରି ପାଇବା ପାଇଁ ଆଇନତଃ ସମ୍ପୂର୍ଣ୍ଣ ଅଧିକାର ଥିଲେ ମଧ ଅଦାଲତ ଏହି ମାମଲା ତାଙ୍କ କ୍ଷମତାର ପରିସରଭୁକ୍ତ ନୁହେଁ ବୋଲି ରାୟ ଦେଇ ଆବେଦନ ପତ୍ରକୁ ଖାରଜ କରିଦେଇଥିଲେ। ଏହାପରେ ମହିଳା ଜଣକ ବମ୍ବେ ହାଇକୋର୍ଟର ଆଶ୍ରୟ ନେଇଥିଲେ ଏବଂ ହାଇକୋର୍ଟ ମଧ ଏହା ତାଙ୍କ କ୍ଷମତା ବହିର୍ଭୁତ ବ୍ୟାପାର ବୋଲି ମନ୍ତବ୍ୟ ଦେଇଥିଲେ। ବାଧହୋଇ ସେହି ମହିଳା ସୁପ୍ରୀମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସୁପ୍ରୀମ୍ କୋର୍ଟ ଉପରୋକ୍ତ ରାୟକୁ ଦୃଢ଼ତାର ସହ ଖଣ୍ଡନ କରି ସ୍ପଷ୍ଟ ମତ ବ୍ୟକ୍ତ କରିଥିଲେ ଯେ ନ୍ୟାୟିକ ବିଚ୍ଛେଦ, ଛାଡପତ୍ର ଏବଂ ଦାମ୍ପତ୍ୟ ଜୀବନର ସୁରକ୍ଷା ଆଦି ମାମଲାରେ ବିବାହ ସମୟରେ ପ୍ରଦତ୍ତ ଉପହାରଗୁଡିକ ଉପରେ ସମ୍ପତ୍ତିଗତ ଅଧିକାର ବିଷୟଟି ହିନ୍ଦୁ ବିବାହ ଆଇନ୍‌ର ଧାରା ୨୭ ଅନୁସାରେ ଗୋଟିଏ ମାମଲା ଅଧୀନରେ ବିଚାର କରାଯାଇପାରିବ । ସୁପ୍ରୀମ କୋର୍ଟ ମହିଳାଙ୍କ ସପକ୍ଷରେ ରାୟ ଦେଇ ଅପର ପକ୍ଷକୁ ତାଙ୍କର ସମସ୍ତ ଅଳଙ୍କାର ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁବିବାହ ଆଇନ୍‌ର ଧାରା ୨୭ ମହିଳାମାନଙ୍କ ନିମନ୍ତେ ଏକ ଉପଯୋଗୀ ପ୍ରାବଧାନ । ବିବାହ ସମୟରେ ପ୍ରଦତ୍ତ ଉପହାର, ସମ୍ପତ୍ତି ଏବଂ ଅଳଂକାର ନିମନ୍ତେ ସ୍ୱତନ୍ତ୍ର ଭାବେ ଆବେଦନ କରିବାକୁ ପଡ଼େ ନାହିଁ। ଛାଡପତ୍ର ଅଥବା ଦାମ୍ପତ୍ୟ ଜୀବନର ପୁନଃସ୍ଥାପନା ଆଦି କେଶ୍ ପାଇଁ ଯେଉଁ ଆବେଦନ କରାଯାଏ, ସେହି କେଶ୍‌ରେ ହିଁ ଏହିସବୁ ସମ୍ପତ୍ତି ଉପରେ ସ୍ତ୍ରୀ ତାଙ୍କର ମାଲିକାନା ସତ୍ତ୍ୱ ପାଇଁ ଆବେଦନ କରିପାରିବେ; ଦ୍ରଷ୍ଟବ୍ୟ: ବାଳକ୍ରୀଷ୍ଣ ରାମଚନ୍ଦ୍ର କଦମ ବନାମ ସଂଗୀତା ବାଳକୃଷ୍ଣ କଦମ ୧୯୯୭(୮) ସୁପ୍ରୀମ୍ ଟୁଡେ ୩୧।

୨୦୦୧ ମସିହାରେ ସୁପ୍ରୀମ୍ କୋର୍ଟ ସେଇପରି ଏକ କେସ୍‌ର ବିଚାର କରି ନିଜର ରାୟ ଶୁଣାଇଥିଲେ । ୭ ବର୍ଷର ବିବାହିତ ଜୀବନ ବିତାଇବା ପରେ ଏ. ଅବଦୁଲ ଜାତାଲ ତାଙ୍କ ସ୍ତ୍ରୀ ଶହିଦାକୁ "ତଲାକ୍" କହି ଛାଡପତ୍ର ଦେଇଥିଲେ। ଶହିଦା ଯୁକ୍ତି ଦର୍ଶାଇ ଥିଲେ ଯେ, ବିବାହ ସମୟରେ ତାଙ୍କୁ ମିଳିଥିବା ଅଳଂକାର ବିକ୍ରୀ କରି ତାଙ୍କ ସ୍ୱାମୀ ଯେଉଁ ସମ୍ପତ୍ତି କ୍ରୟ କରିଥିଲେ ସେ ସମ୍ପତ୍ତି ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି। ତେଣୁ ଏ ସମ୍ପତ୍ତି ତାଙ୍କ ସ୍ୱାମୀ ତାଙ୍କୁ ହସ୍ତାନ୍ତର କରିବା ଉଚିତ୍। ୧୯୯୮ ମସିହାରେ ପରିବାର ଅଦାଲତ ଶାହିଦା ଯୁକ୍ତିକୁ ଗ୍ରହଣ କରି ସେ ସମ୍ପତ୍ତିର ଅଧିକାର ଶାହିଦାକୁ ପ୍ରଦାନ କରିଥିଲେ। କେରଳ ହାଇକୋର୍ଟ ମଧ ଜାତାଲଙ୍କ ପୁନଃ ଆବେଦନକୁ ଖାରଜ କରି ଦେଇଥିଲେ। ଜାତାଲ୍ ଏହା ପରେ ସୁପ୍ରୀମ୍ କୋର୍ଟକୁ ମଧ ଆବେଦନ କରିଥିଲେ। କିନ୍ତୁ ସୁପ୍ରୀମ୍ କୋର୍ଟ ପରିବାର ଅଦାଲତର ରାୟକୁ କାଏମ୍ ରଖି ନିଜର ମନ୍ତବ୍ୟ ଦେଇଥିଲେ।

ପରିବାର ଅଦାଲତ ମୂଳତଃ ଦୁଇ ପକ୍ଷ ମଧ୍ୟରେ ଆପୋଷ ମିଳାମିଶା, ବିବାହ ଜନିତ ସମସ୍ୟାର ତୁରନ୍ତ ସମାଧାନ ଏବଂ ପାରିବାରିକ ଦ୍ୱନ୍ଦ ତଥା ଏଥି ସହ ସମ୍ପର୍କିତ ସମ୍ପତ୍ତିଗତ ସମସ୍ୟା ବ୍ୟାପାରରେ ତୁରନ୍ତ ନ୍ୟାୟପ୍ରଦାନ ଓ ସମାଧାନ ପାଇଁ ଗଠନ କରାଯାଇଛି । ଏହିସବୁ ମାମଲାଗୁଡିକ ପରିବାରର ଅଦାଲତର ପରିସରଭୁକ୍ତ ଅଟେ ।

**ମହିଳା ଥାନା :**

ପାରିବାରିକ ଓ ଘରୋଇ ହିଂସା ସଂକ୍ରାନ୍ତୀୟ ମାମଲାଗୁଡିକର ଅଭିଯୋଗ ଗ୍ରହଣ କରିବା ଏହି ଥାନାର ମୁଖ୍ୟ ଉଦ୍ଦେଶ୍ୟ । ଅଭିଯୋଗ ପାଇବା ପରେ ଏହି ଥାନା କ୍ଷିପ୍ର ଅନୁସନ୍ଧାନମୂଳକ କାର୍ଯ୍ୟ କରିବା କଥା । ଏହି ଥାନା ନିକଟରେ ଜଣେ ମହିଳା, ତାଙ୍କ ସ୍ୱାମୀ ତଥା ସମ୍ପର୍କୀୟମାନେ ତାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର ଅଭିଯୋଗ କରି ପାରିବେ । ଏହି ଥାନାର କର୍ମଚାରୀ ଭାବେ ସାଧାରଣତଃ ମହିଳା ପୋଲିସ୍‌ଙ୍କୁ ନିଯୁକ୍ତିଦିଆଯାଇଥାଏ । ଏପର୍ଯ୍ୟନ୍ତ ସାରାଦେଶରେ ପ୍ରାୟ ୩୦୦ ମହିଳା ଥାନା ପ୍ରତିଷ୍ଠା ହୋଇପାରିଛି ।

ଆଇନ୍‌ର କାର୍ଯ୍ୟାନ୍ୱୟନ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ସଂସ୍ଥା ମଧ୍ୟରୁ ଅଦାଲତ ସମ୍ବନ୍ଧରେ ଆମେ ଆଲୋଚନା କରିସାରିଛେ । କିନ୍ତୁ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଆମେ ନ୍ୟାୟ ପାଇବା ଆଶାରେ ପ୍ରଥମେ ପୋଲିସ୍ ଥାନାରେ ହିଁ ଅଭିଯୋଗ କରିଥାଉ । ଫୌଜଦାରୀ କେଶ୍‌ଗୁଡିକ ପ୍ରଥମେ ପୋଲିସ୍ ଥାନାରେ ଜଣାଇବା ଉଚିତ୍ । ଯଦି କୌଣସି କାରଣରୁ ପୋଲିସ୍ ଥାନା ଅଭିଯୋଗକୁ ପ୍ରାଥମିକ ସୂଚନା ବିବରଣୀ (ଏଫ୍.ଆଇ.ଆର୍.) ଭାବେ ଗ୍ରହଣ କରେ ନାହିଁ, ତେବେ ସି.ଆର.ପି.ସି.(ଫୌଜଦାରି କାର୍ଯ୍ୟବିଧି ସଂହିତା) ୧୯୭୩ ର ଦଫା ୧୫୪(୩) ଅନୁଯାୟୀ ବ୍ୟଥିତ ବ୍ୟକ୍ତି ତାଙ୍କର ଅଭିଯୋଗକୁ ସିଧାସଳଖ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍‌ଙ୍କ ନିକଟକୁ ଡାକଯୋଗେ ପଠାଇପାରିବେ । ଏହାଛଡା ସେହି ସଂହିତାର ଦଫା ୨୦୦ ଅନୁଯାୟୀ ଏକ ଅଭିଯୋଗ ପତ୍ର ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ମଧ୍ୟ ଦାଖଲ କରାଯାଇପାରିବ । କିନ୍ତୁ ଦେୱାନୀ କେଶ୍‌ଗୁଡିକ କ୍ଷେତ୍ରରେ ପ୍ରଥମେ ପୋଲିସ୍ ଥାନାରେ ଅଭିଯୋଗ କରିବାର ଆବଶ୍ୟକତା ନାହିଁ ।

**ମାଗଣା ଆଇନ୍ ସହାୟତା**

ସାଧାରଣତଃ ଦେଖାଯାଇଥାଏ ଯେ, ଅର୍ଥନୈତିକ ଦୃଷ୍ଟିରୁ ଗରିବ, ଜାତିଗତ ଦୃଷ୍ଟିରୁ ଦଳିତ ଏବଂ ସାମାଜିକ ଦୃଷ୍ଟିରୁ ପଛୁଆ ଏବଂ ଅବହେଳିତ ଲୋକେ ତଥା ମହିଳା ଓ ନାବାଳକ ମାନେ ସମାଜର ଉଚ୍ଚବର୍ଗଙ୍କ ଦ୍ୱାରା ବିଭିନ୍ନ ଉପାୟରେ ଅତ୍ୟାଚାରିତ ଓ ଶୋଷିତ ହୋଇ ଆସୁଛନ୍ତି । କେବଳ ସେତିକି ନୁହେଁ, ଏହି ଉଚ୍ଚବର୍ଗର ଲୋକେ ନିଜର ଅର୍ଥ ଓ ବୁଦ୍ଧି ବଳରେ ଦେଶର ସମ୍ବିଧାନ, ଆଇନ୍‌ଅଦାଲତ ତଥା ପ୍ରଶାସନକୁ ମଧ୍ୟରେ ନିଜର ପ୍ରାଧାନ୍ୟ ଓ ଆଧିପତ୍ୟକୁ ବଜାୟ ରଖିବାରେ ସଫଳ ହୋଇଥାନ୍ତି । ତେଣୁ ପ୍ରଶ୍ନ ଉଠିଲା, ଏହି ବଞ୍ଚିତ ଗୋଷ୍ଠୀମାନେ କିପରି ସମ୍ବିଧାନର ଧାରା ୧୪ରେ ବର୍ଣ୍ଣିତ ସମାନତାର ଅଧିକାର ଓ ଧାରା ୨୧ରେ ବର୍ଣ୍ଣିତ ଜୀବନ ଓ ସ୍ୱାଧୀନତାର ଅଧିକାର ଭଳି ମୌଳିକ ଅଧିକାରମାନ ଉପଭୋଗ କରିବା ପାଇଁ ସ୍ୱଳ୍ପବ୍ୟୟରେ ଏବଂ ସହଜରେ ନ୍ୟାୟାଳୟର ସୁଯୋଗ ନେଇପାରିବେ । ଏହି ବାସ୍ତବତାକୁ ଆଖି ଆଗରେ ରଖି ୧୯୭୬ରେ ସମ୍ବିଧାନର ୪୨ତମ ସଂଶୋଧନ ଗୃହୀତ ହୋଇଥିଲା, ଯାହାର ଅନ୍ୟତମ ପ୍ରାବ୍‌ଧାନ ଥିଲା, ରାଷ୍ଟ୍ର ପାଇଁ ନୀତି-ନିର୍ଦ୍ଦେଶନା ଅଧ୍ୟାୟର ଧାରା ୩୯ ଅଧୀନରେ ଉପଧାରା ୩୯(ଏ)କୁ ଯୋଗ କରାଯାଇ କୁହାଗଲା ଯେ, ନିଜର ଅସାମର୍ଥ୍ୟ କାରଣରୁ ମହିଳାଙ୍କ ସମେତ ଅନ୍ୟ କୌଣସି ଅଭାବଗ୍ରସ୍ତ ବ୍ୟକ୍ତି ନ୍ୟାୟାଳୟକୁ ଯିବାର ସୁଯୋଗରୁ ବଞ୍ଚିତ ନହେବା ଉଦ୍ଦେଶ୍ୟରେ ରାଷ୍ଟ୍ର ସେମାନଙ୍କୁ ମାଗଣା ଆଇନ୍ ସହାୟତା ଯୋଗାଇ ଦେବ । ଏହି ସଂବିଧାନ

ସଂଶୋଧନ ହେବାର କିଛିବର୍ଷ ପରେ ୧୯୮୭ରେ ଆଇନ୍ ସେବା ପ୍ରାଧିକରଣସମୂହ ଆଇନ୍ ସଂସଦ ଦ୍ୱାରା ଗୃହୀତ ହୋଇ ଲାଗୁହେଲା ।

ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ଆଇନ୍ ସହାୟତା ଏବଂ ପରାମର୍ଶ ପରିଷଦ ଗଢାଯାଇଛି । ଓଡିଶାରେ ମଧ୍ୟ ଏପରି ଏକ ପରିଷଦ ଗଠିତ ହୋଇଛି, ଏବଂ ଏହାର ମୁଖ୍ୟ କାର୍ଯ୍ୟାଳୟ କଟକର କାଣ୍ଟନ୍‌ମେଣ୍ଟ୍ ରୋଡ୍‌ରେ ଅବସ୍ଥିତ । ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ନିଜର ସମସ୍ୟା ବର୍ଣ୍ଣନା କରି ଏହାକୁ ପରିଷଦର ସଂପୃକ୍ତ ପଦାଧିକାରୀଙ୍କ ନିକଟରେ ଦାଖଲ କଲେ, ସେ ତାକୁ ଯାଞ୍ଚ କରିବା ପରେ ବିଚାରଣା ପାଇଁ ଉପଯୁକ୍ତ ମନେକଲେ ମାଗଣା ଓକିଲ ତଥା ମୋକଦ୍ଦମାର ଅନ୍ୟାନ୍ୟ ବ୍ୟୟ ସରକାରଙ୍କ ତରଫରୁ ବହନ କରାଯିବ ବୋଲି ପ୍ରାବ୍ଧାନ ରହିଛି ।  କିନ୍ତୁ ବାସ୍ତବରେ ଲକ୍ଷ୍ୟ କରାଯାଇଛି ଯେ, ଅନ୍ୟାନ୍ୟ ବହୁ ସରକାରୀ ସଂସ୍ଥା ଭଳି ଏହି ବ୍ୟବସ୍ଥାଟି ମଧ୍ୟ ନାଲିଫିତା ଏବଂ କାଳକ୍ଷେପଣ ଭଳି ବିଭିନ୍ନ ଦୁର୍ବଳତାଗୁଡିକର ଶିକାର ହୋଇପଡିବା ଫଳରେ ନିଜର ଘୋଷିତ ଲକ୍ଷ୍ୟ ପୂରଣ କରିପାରିନାହିଁ ।
ସୁପ୍ରିମ୍ କୋର୍ଟଙ୍କ ମାଗଣା ଆଇନ୍ ସେବା

ଏଠାରେ ଉଲ୍ଲେଖନୀୟ ଯେ, ଉପରୋକ୍ତ ଆଇନ୍ ବଳରେ ସୁପ୍ରିମ୍ କୋର୍ଟରେ ମଧ୍ୟ ଏକ ଆଇନ୍ ସେବା କମିଟି (ଏସ୍.ସି.ଏଲ୍.ଏସ୍.ସି.) କାର୍ଯ୍ୟକରୁଛି, ଯାହାର ଦ୍ୱିବିଧ ଉଦ୍ଦେଶ୍ୟ ହେଉଛି, ବଞ୍ଚିତ ଗୋଷ୍ଠୀମାନଙ୍କ ପାଇଁ ମାଗଣାରେ ମୋକଦ୍ଦମା ଲଢିବା ଏବଂ କୌଣସି ଏକ ବ୍ୟାପାରରେ ଆଇନ୍‌ଗତ ପରାମର୍ଶ ଯୋଗାଇଦେବା । ପରାମର୍ଶ ମାଗିବା କ୍ଷେତ୍ରରେ କୌଣସି କଟକଣା ନାହିଁ, ଅର୍ଥାତ୍  ଯେ କୌଣସି ବ୍ୟକ୍ତି ପରାମର୍ଶ ମାଗି ପାରିବେ । କିନ୍ତୁ ଆଇନ୍ ସହାୟତା ପାଇବା ପାଇଁ କେବଳ ନିମ୍ନୋକ୍ତ ଧରଣର ବ୍ୟକ୍ତିମାନେ ହକ୍‌ଦାର ହେବେ ।

**ଆଇନ୍ ସହାୟତା ପାଇବାକୁ କିଏ ଯୋଗ୍ୟ ?**

- ଅନୁସୂଚୀତ ଜାତି ବା ଅନୁସୂଚୀତ ଜନଜାତିର ସଭ୍ୟ ହୋଇଥିବା ବ୍ୟକ୍ତି ;
- ମାନବ ଚାଲାଣର ଶିକାର ହୋଇଥିବା ବା ସମ୍ବିଧାନର ଧାରା-୨୩ରେ ବର୍ଣ୍ଣିତ ବେଗାରିର ଶିକାର ହୋଇଥିବା ବ୍ୟକ୍ତି ;
- ଯେ କୌଣସି ମହିଳା ବା ନାବାଳକ ;
- ମାନସିକ ଭାବେ ଅସୁସ୍ଥ ବା ଅନ୍ୟ କୌଣସି ପ୍ରକାରର ଭିନ୍ନକ୍ଷମ ବ୍ୟକ୍ତି ;
- କୌଣସି ଏକ ବଡ ଧତରଣର ବିପର୍ଯ୍ୟୟ, ସାଂପ୍ରଦାୟିକ ଦଙ୍ଗା, ଜାତିଗତ ଉତ୍ପୀଡନ, ବନ୍ୟା, ମରୁଡି, ଭୂମିକମ୍ପ ବା ଶିଳ୍ପଜନିତ ବିପର୍ଯ୍ୟୟର ଶିକାର ହୋଇ ଏକ ଅଭାବନୀୟ ଦୁଦ୍‌ଶା ଭୋଗୁଥିବା କୌଣସି ବ୍ୟକ୍ତି ;
- ଜଣେ ଶିଳ୍ପ ଶ୍ରମିକ ;
- ମହିଳା ଗୃହ, କିଶୋର ଗୃହ ଓ ମାନସିକ ଚିକିତ୍ସା ଗୃହ ଭଳି ସୁରକ୍ଷା ଗୃହ ସମେତ ସମସ୍ତ ଜେଲ୍ ଏବଂ ହାଜତ୍‌ରେ ଥିବା ଯେ କୌଣସି ଅନ୍ତେବାସୀ ; ତଥା
- ଯେଉଁ ବ୍ୟକ୍ତିର ବାର୍ଷିକ ଆୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ ।

କିନ୍ତୁ ଉପରୋକ୍ତ ବ୍ୟକ୍ତିମାନଙ୍କ ଛଡା ଅନ୍ୟ ବ୍ୟକ୍ତିମାନଙ୍କ ଆବେଦନ ମଧ୍ୟ ଗ୍ରହଣ କରାଯିବ, ଯଦି ତାହା ବ୍ୟାପକ ସର୍ବସାଧାରଣ ସ୍ୱାର୍ଥ ସହ ଜଡିତ ହୋଇଥିବ ।

## କେଉଁ ସବୁ ମାମଲାରେ ଆଇନ୍ ସହାୟତା ମିଳିବ ?

- କୌଣସି ଦେଓ୍ୱାନି ବା ଫୌଜଦାରି ମାମଲାରେ ହାଇକୋର୍ଟ ଦେଇଥିବା ଆଦେଶ ବିରୁଦ୍ଧରେ ;
- ମୌଳିକ ଅଧିକାରର ଉଲ୍ଲଂଘନ ବିରୁଦ୍ଧରେ ଆବେଦନ, ଯାହା ଭିତରେ ଅନ୍ତର୍ଭୁକ୍ତ ହେବ ନିମ୍ନୋକ୍ତ ଧରଣର ମାମଲାମାନ-
- ଯଦି ତୁମର କୌଣସି ନିକଟ ସଂପର୍କୀୟ ବା ବନ୍ଧୁ ନିଖୋଜ ବା ଅପହରଣ ହୋଇଥାନ୍ତି ତେବେ ତାଙ୍କୁ ଖୋଜି ବାହାର କରି ହାଜର କରାଇବା ;
- କୌଣସି ବ୍ୟାପାରରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବା ନିଷ୍କ୍ରୀୟତା ଦ୍ୱାରା କେହି ବ୍ୟକ୍ତି କ୍ଷୁବ୍‌ଧ ହୋଇଥିଲେ ; ଏବଂ
- ସରକାରଙ୍କ କୌଣସି ଆଇନ୍ ବା ଆଦେଶ ଯଦି ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବ ;
- ଭାରତ ବର୍ଷର କୌଣସି ଏକ ରାଜ୍ୟର ଅଦାଲତରେ ଚାଲୁଥିବା ଏକ ଦେଓ୍ୱାନି ବା ଫୌଜଦାରି ମକଦ୍ଦମାକୁ ଆଉ ଗୋଟିଏ ରାଜ୍ୟକୁ ସ୍ଥାନାନ୍ତରଣ କରିବାର ଆବଶ୍ୟକ ଥିଲେ ।

## ଆଇନ୍ ସହାୟତା ବା ପରାମର୍ଶ ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟା

ଆଇନ୍ ପରାମର୍ଶ ପାଇଁ କୌଣସି ଫର୍ମ କିମ୍ବା ଫିସ୍ ଉଦ୍ଦିଷ୍ଟ ନାହିଁ । ଯେ କୌଣସି କର୍ମ ଦିବସରେ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୫ଟା ଭିରେ ଜଣେ ବ୍ୟକ୍ତି ଏହି ସଂକ୍ରାନ୍ତରେ ଟେଲିଫୋନ୍ କରିପାରନ୍ତି । ଅଥବା ଡାକ ଯୋଗେ ବା ଇମେଲ୍ ଯୋଗେ ନିଜର ପ୍ରଶ୍ନ ଲେଖି ସୁପ୍ରିମ୍ କୋର୍ଟ ଆଇନ୍ ସେବାସମୂହ କମିଟିର ସଚ୍ଚୀବଙ୍କ ନିକଟକୁ ପତ୍ର ଲେଖି ପାରନ୍ତି । ପତ୍ରପ୍ରେରକ ଡାକ ଯୋଗେ ପଠାଇଥିଲେ ୧୫ ଦିନ ଭିତରେ ନତୁବା ଇମେଲ୍ ଯୋଗେ ପଠାଇଥିଲେ ଏହାଠାରୁ ଶୀଘ୍ର କମିଟିଙ୍କ ଠାରୁ ଉତ୍ତର ପାଇପାରିବେ ।

କିନ୍ତୁ ଆଇନ୍ ସହାୟତା ପାଇଁ ଏକ ନିର୍ଦ୍ଧିଷ୍ଟ ଫର୍ମରେ ଆବେଦନ କରିବାକୁ ପଡିବ । ଏହି ଫର୍ମ ସୁପ୍ରିମ୍ କୋର୍ଟଙ୍କ ଓ୍ୱେବ୍‌ସାଇଟ୍‌ରେ ଉପଲବ୍‌ଧ ଏବଂ ଏହାଛଡା ମାଗଣାରେ ସିଧାସଳଖ ଡାକଯୋଗେ ବା ଇମେଲ୍ ଯୋଗେ ଏହାକୁ ଉପରୋକ୍ତ କମିଟିଙ୍କ ନିକଟରୁ ମଗାଇ ହେବ । ଆବେଦନ ସହିତ ସମସ୍ତ ଆବଶ୍ୟକୀୟ କାଗଜପତ୍ରକୁ ସଂଲଗ୍ନ କରି ପଠାଇବାକୁ ପଡିବ । ଉଦାହରଣ ସ୍ୱରୂପ, ଯଦି ଆପଣ ଗୋଟିଏ ହାଇକୋର୍ଟର ରାୟ ବା ଆଦେଶ ବିରୁଦ୍ଧରେ ଆବେଦନ କରିବାକୁ ଚାହୁଁଥାନ୍ତି, ତେବେ ତହିଁର ନକଲ, ତଳ କୋର୍ଟର ଆଦେଶ ଥିଲେ ତହିଁର ନକଲ ତଥା ହାଇକୋର୍ଟଙ୍କ ରାୟ ବା ଆଦେଶ ଉପରେ ଓକିଲମାନଙ୍କ ମନ୍ତବ୍ୟକୁ ଆବେଦନ ସହ ଗୁନ୍ଥି ପଠାଇବାକୁ ପଡିବ । ଏହି ଦଲିଲ୍‌ଗୁଡିକ ଇଂରାଜୀ ଭିନ୍ନ ଅନ୍ୟ କୌଣସି ଭାଷାରେ ଲେଖା ହୋଇଥିଲେ, ସେଗୁଡିକର ଇଂରାଜୀ ଅନୁବାଦ ପଠାଇବାକୁ ପଡିବ ।

ସୁପ୍ରିମ୍ କୋର୍ଟର ଜଣେ ବିଚାର ପତି ଅଧ୍ୟକ୍ଷ ଥାଇ ତଥା ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ବିଶିଷ୍ଟ ବ୍ୟକ୍ତମାନଙ୍କୁ ସଭ୍ୟଭାବେ ନେଇ ଗଠିତ ଏହି ଆଇନ୍ ସେବା କମିଟିରେ କେତେକ ଅଭିଜ୍ଞ ଓକିଲ ନିଯୁକ୍ତ ଅଛନ୍ତି । ସେମାନେ ହିଁ ପ୍ରଥମେ ଆପଣଙ୍କର ଆବେଦନର ଯୋଗ୍ୟତା ଯାଞ୍ଚ କରିବେ ଏବଂ ୧୫ ଦିନ ମଧ୍ୟରେ ଆପଣଙ୍କୁ ଉତ୍ତର ଦେବେ ।

ଯଦି ଆପଣଙ୍କର ଆବେଦନ ଯୋଗ୍ୟତା-ବହିର୍ଭୂତ ବୋଲି ପ୍ରତ୍ୟାଖ୍ୟାନ ହୋଇଯାଏ, ତେବେ ଆପଣ ଏହି ନିଷ୍ପତ୍ତିର ପୁନର୍ବିଚାର ଦାବୀ କରି କମିଟିର ଅଧ୍ୟକ୍ଷଙ୍କୁ ଆବେଦନ କରିପାରନ୍ତି ।

ଯଦି ଆଇନ୍ ସହାୟତା ପାଇଁ ଆପଣଙ୍କ ଆବେଦନ ଗୃହୀତ ହୁଏ, ତେବେ ଆପଣଙ୍କ ନିକଟକୁ ଏକ ଆଫିଡେଭିଟ୍ ଏବଂ ଓକିଲାତିନାମା ଡାକଯୋଗେ ଆସିବ ଏବଂ ସେଗୁଡିକୁ ପୂରଣ ଓ ସ୍ୱାକ୍ଷର କରି ଜଣେ ନୋଟାରୀ ବା ଶପଥ କମିଶନର୍‌ଙ୍କ ଦ୍ୱାରା ପ୍ରମାଣୀକୃତ କରି ଆପଣଙ୍କୁ ଯଥାଶୀଘ୍ର ପୁଣି ଡାକଯୋଗେ କମିଟିଙ୍କ ନିକଟକୁ ପଠାଇଦେବାକୁ ପଡିବ । ଯଦି ଆପଣ ଜେଲ୍‌ରେ ଥାଆନ୍ତି, ତେବେ ଜେଲ୍ ତତ୍ତ୍ୱାବଧାରକଙ୍କ ଦ୍ୱାରା ସେହି ଦଲିଲ୍‌ଗୁଡିକ ସହସ୍ୱାକ୍ଷରିତ ହୋଇଥିବ ।

ଏହାପରେ କମିଟିଙ୍କ ଦ୍ୱାରା ଆପଣଙ୍କ କେଶ୍ ପାଇଁ ନିଯୁକ୍ତ ଓକିଲ ଆବଶ୍ୟକୀୟ ପ୍ରତିବେଦନ ପ୍ରସ୍ତୁତ କରି ସୁପ୍ରିମ୍ କୋର୍ଟରେ ବିଚାର ପାଇଁ ଦାଖଲ କରିବେ । ଯଦି ଆପଣ ଜଣାନ୍ତି ଯେ, ଉକ୍ତ ଓକିଲଙ୍କ ଠାରୁ ଜଣେ ବରିଷ୍ଠ ଓକିଲଙ୍କୁ ଆପଣଙ୍କ କେଶ୍ ପାଇଁ ନିଯୁକ୍ତ କରାଯିବା ଦରକାର, ତେବେ କମିଟି ସେହି ଅନୁରୋଧ ରକ୍ଷା କରିପାରନ୍ତି । ପ୍ରତି କେଶ୍ ପାଇଁ କମିଟି ସଂପୃକ୍ତ ଓକିଲଙ୍କୁ ଦୁଇହଜାର ଟଙ୍କା ଦେଇଥାନ୍ତି । ଓକିଲ ବାବଦ କୌଣସି ଖର୍ଚ୍ଚ ଆପଣଙ୍କୁ ବହନ କରିବାକୁ ପଡିବନି ।

କେଶ୍‌ର ବିଚାରରେ ଅଗ୍ରଗତି ସମ୍ବନ୍ଧରେ ତଥା ଉଭୟ ପକ୍ଷ ତରଫରୁ ଉପସ୍ଥାପିତ ହୋଇଥିବା କାଗଜପତ୍ର ତଥା ଚୂଡାନ୍ତ ରାୟ ବା ଆଦେଶ ସମ୍ବନ୍ଧରେ ଆବେଦକ ଘରେ ବସି ଡାକ ଯୋଗେ କମିଟିଙ୍କ ଠାରୁ ସୂଚନା ପାଇପାରିବେ ।

ମୋଟ ଉପରେ କହିଲେ କେବଳ ଆଫିଡେଭିଟ୍ ଖର୍ଚ୍ଚ ଛଡା ଅନ୍ୟ କୌଣସି ଖର୍ଚ୍ଚ ଆପଣଙ୍କୁ ବହନ କରିବାକୁ ପଡିବନି । ଜେଲ୍‌ରେ ଥିଲେ ଏହି ଖର୍ଚ୍ଚ ମଧ୍ୟ ଦେବାକୁ ପଡିବନି ।

କମିଟିଙ୍କ ସହ ଯୋଗାଯୋଗ ଠିକଣା-

ସଚିବ ,
ସୁପ୍ରିମ୍ କୋର୍ଟ ଆଇନ୍ ସେବାସମୂହ କମିଟି,
୧୦୯, ଲୟର୍ସ ଚାମ୍ବର୍ସ, ସୁପ୍ରିମ୍ କୋର୍ଟ କମ୍ପାଉଣ୍ଡ, ନୂଆ ଦିଲ୍ଲୀ- ୧୧୦ ୦୦୧
ଟେଲିଫୋନ୍- (୦୧୧) ୨୩୩୮୮୩୧୩, ୨୩୦୭୩୯୭୦ ଏବଂ ୨୩୩୮୧୨୫୭
ଇମେଲ୍ - sclsc@nic.in

# ଦେୱାନି ଆଇନ୍ ଓ ଫୌଜଦାରୀ ଆଇନ୍

ଆମେ କେମିତି ଜାଣିବା, କେଉଁ ମାମଲା ଦେୱାନୀ ଆଇନ୍ ଏବଂ କେଉଁ ମାମଲା ଫୌଜ୍‌ଦାରୀ ଆଇନ୍‌ର ଅନ୍ତର୍ଭୁକ୍ତ? ଜଣେ ମହିଳା କେଶ୍ ଦାଏର୍ କଲାବେଳେ କେଉଁ ଆଇନ୍ ବଳରେ ଏହା କରିବେ? ଏହି ସବୁ ପ୍ରଶ୍ନ ମହିଳା ଆଇନ୍ ସହାୟକ କର୍ମୀମାନେ ସମ୍ମୁଖୀନ ହୋଇଥାନ୍ତି । ତେଣୁ ପ୍ରଥମେ ଏହି ଦୁଇ ଶ୍ରେଣୀର ଆଇନ୍ ଭିତରେ ଥିବା ଫରକ୍ ବିଷୟରେ ଆମେ ଅବଗତ ହେବା ଉଚିତ୍।

ଏହି ଦୁଇଟି ଭିତରେ ମୌଳିକ ପାର୍ଥକ୍ୟ ହେଲା, ଦେଓ୍ୱାନୀ ଆଇନ୍ ଅଧିନରେ ଜଣେ ବ୍ୟକ୍ତି ଆଉଜଣେ ବ୍ୟକ୍ତି ଠାରୁ ଅଧିକାର ଏବଂ ତାଙ୍କ ପ୍ରତି କର୍ତ୍ତବ୍ୟ ସମ୍ବନ୍ଧୀତ ବ୍ୟାପାର ଗୁଡିକ ଅନ୍ତର୍ଭୁକ୍ତ ହୋଇଥାଏ, କିନ୍ତୁ ଫୌଜଦାରୀ ଆଇନ୍ ଅଧୀନରେ ବ୍ୟକ୍ତିର ରାଷ୍ଟ୍ର ଏବଂ ସର୍ବସାଧାରଣ ଶୃଙ୍ଖଳା ପ୍ରତି କର୍ତ୍ତବ୍ୟ ସମ୍ବନ୍ଧୀତ ବ୍ୟାପାରସମୂହ ଅନ୍ତର୍ଭୁକ୍ତ ହୋଇଥାଏ। ଦେଓ୍ୱାନୀ ଆଇନ୍ ଅଧୀନରେ ଗୋଟିଏ କେଶ୍ ସବୁବେଳେ ବିବାଦରେ ଲିପ୍ତ ଥିବା ଦୁଇଟି ପକ୍ଷ ମଧ୍ୟରେ ଆରମ୍ଭ ହୋଇଥାଏ, ଏବଂ ସେହି ପକ୍ଷ ଯେ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥା ହୋଇଥାଇପାରନ୍ତି। କିନ୍ତୁ ଫୌଜଦାରୀ ଆଇନ୍ ଅଧୀନରେ ଗୋଟିଏ କେଶ୍‌ରେ ରାଷ୍ଟ୍ର ସବୁବେଳେ ଗୋଟିଏ ପକ୍ଷ ରହିଥିବ। ଯେଉଁ ବ୍ୟକ୍ତି ବିରୁଦ୍ଧରେ ଅପରାଧ ସଂଗଠିତ ହୋଇଥିବ, ସେ ଅଭିଯୋଗ କଲାମାତ୍ରେ ତା' ସପକ୍ଷରେ ରାଷ୍ଟ୍ର ଗୋଟିଏ ପକ୍ଷ ରୂପେ ଅପରାଧୀ ବିରୁଦ୍ଧରେ ଲଢେଇ କରିବ। ଦେଓ୍ୱାନୀ ଆଇନ୍ ଅଧୀନରେ ଉଲ୍ଲଂଘନ ସାଧାରଣତଃ ଦୁଇପକ୍ଷ ଭିତରେ ସଂପର୍କ ଏବଂ ସମ୍ପତ୍ତି କାରବାରକୁ କେନ୍ଦ୍ର କରି ହୋଇଥାଏ ଏବଂ ଦଣ୍ଡବିଧାନ ମଧ୍ୟ ତଦନୁଯାୟୀ ସଂପର୍କର ପୁନଃପ୍ରତିଷ୍ଠା ବା ବିଚ୍ଛେଦ ଅଥବା ସମ୍ପତ୍ତିର ଭାଗବଣ୍ଟା ବା କ୍ଷତିପୂରଣ ଆକାରରେ ଘୋଷଣା କରାଯାଇଥାଏ। କିନ୍ତୁ ଫୌଜଦାରି ଆଇନ୍ ଅଧୀନରେ ଉଲ୍ଲଂଘନ ପାଇଁ ଅପରାଧିକୁ ଜେଲ୍, ଜୋରିମାନା ଓ ଏପରିକି ମୃତ୍ୟୁଦଣ୍ଡ ମାଧ୍ୟମରେ ଦଣ୍ଡବିଧାନ କରାଯାଇଥାଏ। ଉଦାହରଣ ଦେଇ କହିଲେ, ଜମିଜମାକୁ କେନ୍ଦ୍ର କରି ବା ଅନ୍ୟ ସମ୍ପତ୍ତିଗତ ବିବାଦ ଏବଂ ବିବିଧ ପାରିବାରିକ ବିବାଦ ଯଥା, ବିବାହ, ଛାଡପତ୍ର, ଭରଣପୋଷଣ, ସନ୍ତାନମାନଙ୍କର ଦାୟିତ୍ୱ, ପୋଷ୍ୟ ସନ୍ତାନ ଗ୍ରହଣ ଇତ୍ୟାଦି ବିଷୟ ଭାରତୀୟ ଦେୱାନୀ ଆଇନ୍‌ର ପରିସରଭୁକ୍ତ । ଦେଓ୍ୱାନି ମାମଲା ପାଇଁ ଜଣେ ବ୍ୟକ୍ତି ଦେୱାନୀ ଅଦାଲତରେ ଆବେଦନ କରିପାରିବେ। ହତ୍ୟା, ଆତ୍ମହତ୍ୟା, ଚୋରି, ଡକାୟତି, ଖଣ୍ଡଯୁଦ୍ଧ, ଧର୍ଷଣ, ନିର୍ଯ୍ୟାତନା ଆଦି ମାମଲା ଭାରତୀୟ ଫୌଜଦାରୀ ଆଇନ୍‌ର୍ ପରିସରଭୁକ୍ତ ଏବଂ ଏହି ସବୁ ମାମଲାର ଅଭିଯୋଗ ଫୌଜଦାରୀ ଅଦାଲତରେ କରିବାକୁ ପଡିଥାଏ ।

ଦେୱାନୀ ଆଇନ୍ ଓ ଫୌଜଦାରୀ ଆଇନ୍‌ର କାର୍ଯ୍ୟବିଧି ଭିତରେ ଫରକ୍‌ର ଆଉ ଏକ ଦୃଷ୍ଟାନ୍ତ ଦେବା ସମୀଚୀନ ମନେହୁଏ। ଦେୱାନୀ ଆଇନ୍‌ରେ ଆବେଦନକାରୀ କ୍ଷତିପୂରଣ କିମ୍ବା ହୃତ ସମ୍ପତ୍ତି ଫେରି ପାଇବା ପାଇଁ ଦାବୀ କରି ପାରିବେ। ଉଦାହରଣ ସ୍ୱରୂପ, ସମ୍ପତ୍ତିଗତ ମାମଲାରେ ଯଦି ଜଣେ ବ୍ୟକ୍ତି ଦେୱାନୀ ଅଦାଲତରେ ଆବେଦନ କରିବେ ଯେ, ତାଙ୍କ ଘରକୁ ଅନ୍ୟ ଜଣେ ବ୍ୟକ୍ତି ବେଆଇନ୍ ଭାବେ ଦଖଲ କରି ରହିଛନ୍ତି ଏବଂ ସେ ତାଙ୍କ ଘରକୁ ନିଜ ଅଧିକାରକୁ ଆଣିବାକୁ ଚାହୁଁଛନ୍ତ. ତେବେ ସେ ତାଙ୍କ ଘରର ମାଲିକାନା-ସତ୍ତ୍ୱ ମକଦ୍ଦମାରେ ଜିତିଲେ ଫେରି ପାଇବାର ସମ୍ଭାବନା ଅଛି। କିନ୍ତୁ ଯଦି ଜଣେ ଆବେଦନକାରୀ ପୋଲିସ୍ ଥାନାରେ ଅଭିଯୋଗ କରନ୍ତି ଯେ, ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରିଛନ୍ତି, ତେବେ ଏକ ଫୌଜଦାରୀ ମାମଲା ରୁଜୁ ହୋଇ ପାରିବ। ଯଦି ଏହି ଅପରାଧ ପ୍ରମାଣିତ ହୁଏ, ତେବେ ଦୋଷୀ ଦଣ୍ଡ ପାଇବାକୁ ହକ୍‌ଦାର ହେବେ। ଏହି ପଦ୍ଧତି ମଧ୍ୟରେ ଆବେଦନକାରୀ କୌଣସି କ୍ଷତିପୂରଣ ପାଇବେ ନାହିଁ, କିନ୍ତୁ ଏତିକି ମାତ୍ର ସନ୍ତୋଷ ମିଳିବ ଯେ, ସେ ଅନ୍ୟାୟର ପ୍ରତିବାଦ କରିଛନ୍ତି ଏବଂ ଅପରାଧୀ ଆଇନ୍ ଅନୁସାରେ ଦଣ୍ଡିତ ହୋଇଛନ୍ତି। ଫୌଜଦାରୀ ଆଇନ୍ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ସହ ଅନ୍ୟମାନଙ୍କୁ ଏପ୍ରକାର ଅପରାଧ କରିବାରୁ ନିବୃତ୍ତ କରାଇଥାଏ।

ପୁଣି ଦେୱାନୀ ଆଇନ୍ ଏବଂ ଫୌଜଦାରୀ ଆଇନ୍‌ର ଅନ୍ୟ ଏକ ପାର୍ଥକ୍ୟ ଏହି ଯେ, ଦେୱାନୀ ମକଦ୍ଦମାରେ ଯେ କୌଣସି ପର୍ଯ୍ୟାୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ସେମାନେ ମୋକଦ୍ଦମାରୁ ଓହରି ଯାଇପାରନ୍ତି, କିନ୍ତୁ ଫୌଜଦାରୀ ଆଇନ୍‌ରେ ଥରେ ମକଦ୍ଦମା ରୁଜୁ ହେବା ପରେ ତାହା ଆଉ ପ୍ରତ୍ୟାହାର ହୋଇ ପାରିବ ନାହିଁ । କାରଣ, ଏହି ମାମଲା କେବଳ

ଆବେଦନାକାରୀ ଓ ଦୋଷୀଙ୍କ ମଧ୍ୟରେ ସୀମିତ ହୋଇ ନଥାଏ । ଏଠାରେ ମାମଲାଟି ରାଷ୍ଟ୍ର ଓ ଦୋଷୀଙ୍କ ମଧ୍ୟରେ ଏକ ମାମଲାରେ ପରିଣତ ହୋଇଯାଏ। ଗୋଟିଏ ଫୌଜଦାରି ମାମଲା ରୁଜୁ ହେବା ପରେ ଦୋଷୀ ଦୋଷ ସ୍ୱୀକାର କଲେ ମଧ୍ୟ ଏବଂ ଆବେଦନକାରୀଙ୍କ ସହ ଆପୋଷ ବୁଝାମଣା କଲେ ମଧ୍ୟ ମୋକଦ୍ଦମା ଆପେ ଆପେ ପ୍ରତ୍ୟାହାର ହୋଇପାରିବ ନାହିଁ । କେବଳ କେତେକ ନିର୍ଦ୍ଦିଷ୍ଟ ସ୍ଥଳ ବିଶେଷରେ ଆପୋଷ ବୁଝାମଣା ଜରିଆରେ ଏକ ରଫାନାମାରେ ପହଞ୍ଚିବାର ସୁଯୋଗ ରହିଛି।

**ଫୌଜଦାରୀ ଆଇନ୍ : କେତେକ ଗୁରୁତ୍ୱପୂର୍ଣ୍ଣ ଜ୍ଞାତବ୍ୟ ବିଷୟ:**

**ଜାମିନ ଯୋଗ୍ୟ/ଜାମିନ୍ ଅଯୋଗ୍ୟ:**

କେତେକ ମୋକଦ୍ଦମାରେ ଜଣେ ବ୍ୟକ୍ତି ତଳ କୋର୍ଟରେ ଖୁବ୍ ଶୀଘ୍ର ଜାମିନ୍ ପାଇପାରନ୍ତି। ଉଦାହରଣ ସ୍ୱରୂପ, ବେଆଇନ୍ ଭାବେ ଅଟକ ରଖିବା ମାମଲା (ଭାରତୀୟଦଣ୍ଡବିଧି ସଂହିତାର ଦଫା ୩୪୦)। କିନ୍ତୁ ଅନ୍ୟ କେତେକ କେଶ୍‌ରେ ଅପରାଧୀ କୌଣସି ପରିସ୍ଥିତିରେ ଜାମିନ୍ ପାଇବା ପାଇଁ ହକ୍‌ଦାର ହେବେ ନାହିଁ; ଦୃଷ୍ଟାନ୍ତ ସ୍ୱରୂପ, ଧର୍ଷଣ ମାମଲା (ଉକ୍ତ ସଂହିତାର୍ ଦଫା ୩୭୬) ।

**ଧର୍ତ୍ତବ୍ୟ/ଅଧର୍ତ୍ତବ୍ୟ ଅପରାଧ :**

କେତେକ ଅପରାଧ କ୍ଷେତ୍ରରେ ମାଜିଷ୍ଟ୍ରେଟ୍‌ଙ୍କ ବିନା ଅନୁମତିରେ ପୋଲିସ୍ କୌଣସି ବ୍ୟକ୍ତିଙ୍କୁ ଗିରଫ କରିପାରିବ ନାହିଁ । ସେଗୁଡିକ ଅ-ଧର୍ତ୍ତବ୍ୟ ଅପରାଧ ଅଟେ । ଉଦାହରଣ ସ୍ୱରୂପ, ଠକାମି (ଉକ୍ତ ସଂହିତାର ଦଫା ୪୧୭) । କିନ୍ତୁ ଆଉ କେତେକ ଅପରାଧ କ୍ଷେତ୍ରରେ ଅପରାଧୀଙ୍କୁ ସିଧାସଳଖ ଗିରଫ କରିବାର କ୍ଷମତା ପୋଲିସ୍‌ର ରହିଛି। ଏହାକୁ ଧର୍ତ୍ତବ୍ୟ ଅପରାଧ କୁହାଯାଏ । ଉଦାହରଣ, ପାରିବାରିକ ହିଂସା ବା ଯୌତୁକ ନିର୍ଯ୍ୟାତନା (ଉକ୍ତ ସଂହିତାର ଦଫା ୪୯୮-ଏ)।

**ରଫା-ଯୋଗ୍ୟ/ରଫା ରହିତ ଅପରାଧ**

ଏହା ଛଡା କେତେକ ଫୌଜଦାରୀ ଅପରାଧକୁ ରଫା-ଯୋଗ୍ୟ ଓ ଆଉ କେତେକ ଅପରାଧକୁ ରଫା-ରହିତ ଘୋଷଣା କରାଯାଇଛି। ଯେଉଁସବୁ ଅପରାଧ ଗୁଡିକ ଆପୋଷ ବୁଝାମାଣାରେ ରଫାନାମା ବା ମୀମାଂସା ହୋଇପାରିବ, ସେଗୁଡିକ ରଫାଯୋଗ୍ୟ, ଯଥା. ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୪୧ ଓ ୩୪୨ରେ ବେଆଇନ୍ ଭାବେ ଅଟକ ଓ ବନ୍ଦୀ କରି ରଖିବାକୁ ରଫା-ଯୋଗ୍ୟ ଅପରାଧ ଭାବେ ଦର୍ଶାଯାଇଛି। କିନ୍ତୁ ଯେଉଁ ବ୍ୟକ୍ତିଙ୍କୁ ଏଭଳି ଅଟକ ବା ବନ୍ଦୀ ରଖାଯାଇଥିବ, ସେ ଚାହିଁଲେ ଏହି  ଅପରାଧ ଦୁଇଟିର ରଫାନାମା ହୋଇପାରିବ। କିନ୍ତୁ ଯେଉଁ ଅପରାଧଗୁଡିକର ଆପୋଷ ବୁଝାମଣାର ପ୍ରଶ୍ନ ଉଠୁନି ସେଗୁଡିକ ରଫା-ରହିତ, ଯଥା ଉକ୍ତ ସଂହିତାର ଦଫା ୩୦୪-ବି ବା  ଯୌତୁକ ହତ୍ୟା।

ଯେଉଁ ବ୍ୟକ୍ତି ଏକ ଫୌଜଦାରି ଅପରାଧର ମାମଲା ଥାନାରେ ବା ଅଦାଲତରେ ରଜୁ କରିବେ, ସେ ସଚେତନ ରହିବା ଉଚିତ୍ କେଉଁ ଦଫାରେ ମାମଲା ରଜୁ କରାଯଉଛି, ଏବା ତାହା ଜାମିନ୍-ଯୋଗ୍ୟ କି ଜାମିନ-ଅଯୋଗ୍ୟ, ଧର୍ତ୍ତବ୍ୟ କି ଅ-ଧର୍ତ୍ତବ୍ୟ ଏବଂ ରଫା-ଯୋଗ୍ୟ ନା ରଫା-ରହିତ।

# ବ୍ୟକ୍ତିଗତ ଆଇନ୍ : ହିନ୍ଦୁ ସଂହିତା

## ପୃଷ୍ଠଭୂମି

ଆମଦେଶରେ ବହୁ ଧର୍ମର ଅନୁଗାମୀମାନେ ବାସକରନ୍ତି । ପୂର୍ବରୁ ଆଲୋଚନା କରାଯାଇଛି ଯେ, ଦେଓ୍ୱାନି ଆଇନ୍ ବା ବ୍ୟକ୍ତିଗତ ଆଇନ୍ ଦୃଷ୍ଟିରୁ ହିନ୍ଦୁ ମାନଙ୍କ ଭିତରେ ବୌଦ୍ଧ, ଶିଖ୍, ଜୈନ, ଆର୍ଯ୍ୟସମାଜ, ପ୍ରାର୍ଥନା ସମାଜ ଏବଂ ହିନ୍ଦୁ ଧର୍ମର ସମସ୍ତ ଶାଖାପ୍ରଶାଖା ଅନ୍ତର୍ଭୁକ୍ତ । ଯଦି କୌଣସି ଅନୁସୂଚୀତ ଜନଜାତି ବ୍ୟକ୍ତିଗତ ବ୍ୟାପାରରେ ହିନ୍ଦୁପ୍ରଥା ଦ୍ୱାରା ପରିଚାଳିତ ହେଉଥିବେ, ତେବେ ସେମାନଙ୍କର ବ୍ୟକ୍ତିଗତ ମାମଲାଗୁଡିକ ହିନ୍ଦୁ ଆଇନ୍ ଅନୁଯାୟୀ ପରିଚାଳିତ ହେବ; ଯଦି ସେମାନେ ନିଜର କୌଣସି ସ୍ୱତନ୍ତ୍ର ପ୍ରଥାଗତ ଆଇନ୍ ଦ୍ୱାରା ପରିଚାଳିତ ହେଉଥିବେ, ତେବେ ସେମାନେ ତାହା ଦ୍ୱାରା ପରିଚାଳିତ ହେବେ । ଉପରୋକ୍ତ ଗୋଷ୍ଠୀର ହିନ୍ଦୁମାନଙ୍କ ଛଡା ଆମ ଦେଶରେ ମୁସ୍‌ଲିମ୍, ଖ୍ରୀଷ୍ଟିଆନ୍ ଓ ପାର୍ସୀ ଧର୍ମର ଲୋକ ଅଛନ୍ତି । ସେମାନଙ୍କ ପାଇଁ ଅଲଗା ଅଲଗା ବ୍ୟକ୍ତିଗତ ଆଇନ୍ ପ୍ରଯୁଜ୍ୟ ରହିଛି । ଭିନ୍ନଭିନ୍ନ ବ୍ୟକ୍ତିଗତ ଆଇନ୍ ବଦଳରେ ଦେଶର ସବୁ ଲୋକଙ୍କ ପାଇଁ ଗୋଟିଏ ସମରୂପ ଆଇନ୍ ଲାଗୁ କରିବା ପାଇଁ ସମ୍ବିଧାନ ସଭାରେ ପ୍ରଶ୍ନ ଉଠିଥିଲା, କିନ୍ତୁ ଅଧିକାଂଶ ସଦସ୍ୟ ଏହି ପ୍ରସ୍ତାବକୁ ସେତେବେଳେ ସମୟ ଉପଯୋଗୀ ନୁହେଁ ବୋଲି ମନେ କରିବାରୁ ଏହାକୁ ସମ୍ବିଧାନର ଭାଗ-୩ (ମୌଳିକ ଅଧିକାରସମୂହ) ବଦଳରେ ଭାଗ-୪ (ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଦେଶାବଳୀ) ଅଧୀନସ୍ଥ ଧାରା-୪୪ରେ ସ୍ଥାନିତ କରାଗଲା । ଏହାଛଡା ସମ୍ବିଧାନର ମୌଳିକ ଅଧିକାର ଭାବେ ଧାରା-୨୬ରେ କୁହାଗଲା ଯେ, ପ୍ରତି ଧର୍ମର ଅନୁଗାମୀ ମାନଙ୍କର ବ୍ୟକ୍ତିଗତ ଓ ସମ୍ପତ୍ତିଗତ ବ୍ୟାପାରଗୁଡିକ ସେମାନଙ୍କ ଧର୍ମର ନୀତିନିୟମ ଅନୁଯାୟୀ ପରିଚାଳିତ ହେବ । ଏପ୍ରକାର ବ୍ୟବସ୍ଥା ଫଳରେ ସମରୂପ ଦେଓ୍ୱାନି ବା ବ୍ୟକ୍ତିଗତ ଆଇନ୍ ପାଇଁ ଦାବୀ କରି କୌଣସି ନାଗରିକ ଅଦାଲତର ଦ୍ୱାରସ୍ଥ ହୋଇପାରିବେ ନାହିଁ । କିନ୍ତୁ ଅଦାଲତମାନେ ସଂପୃକ୍ତ କୌଣସି କେଶ୍‌ର ବିଚାର କଲାବେଳେ ସମରୂପ ଦେଓ୍ୱାନି ଆଇନ୍‌ର ଆଦର୍ଶକୁ ଆଖି ଆଗରେ ରଖି ବିଭିନ୍ନ ଆଇନ୍‌କୁ ବ୍ୟାଖ୍ୟା କରିଆସୁଛନ୍ତି, ଯଦିଓ ଏଥିରେ ପୁଣି ବ୍ୟତିକ୍ରମ ଅଛି । ସବୁ ଧର୍ମାବଲମ୍ବୀ ମାନଙ୍କ ପାଇଁ ଏକ ସମରୂପ ଦେଓ୍ୱାନି ଆଇନ୍ ପ୍ରବର୍ତ୍ତନ କରିବା ସପକ୍ଷରେ ସଂସ୍କାରପନ୍ଥୀ ନାଗରିକ ଓ ସଂଗଠନମାନଙ୍କ ତରଫରୁ ସାଧାରଣତଃ ନିମ୍ନୋକ୍ତ ଯୁକ୍ତି ଦର୍ଶାଯାଇଥାଏ-

- ସମ୍ବିଧାନର ଧାରା ୧୩ରେ ବ୍ୟକ୍ତିଗତ ଆଇନ୍ ଏବଂ ଅନ୍ୟ ଧରଣର ଆଇନ୍ ଭିତରେ କୌଣସି ଫରକ୍ କରାଯାଇନାହିଁ । ସୁତରାଂ କୌଣସି ବ୍ୟକ୍ତିଗତ ଆଇନ୍ ଯଦି ସଂବିଧାନ ସହ ଅସଂଗତ ହେଉଥାଏ ତେବେ ତାହାର ସଂଶୋଧନ ଜରୁରୀ ।

- ବ୍ୟକ୍ତିଗତ ଆଇନ୍‌ଗୁଡିକ ସମ୍ବିଧାନର ଭାଗ-୩ (ମୌଳିକ ଅଧିକାରସମୂହ)ର ପ୍ରାଧାନ୍ୟ ଅଧୀନରେ କାର୍ଯ୍ୟ କରିବା ବିଧେୟ ।

- ବହୁ ବ୍ୟକ୍ତିଗତ ଆଇନ୍‌ର ବିଧିବ୍ୟବସ୍ଥା ସମ୍ବିଧାନର ଧାରା ୧୪ (ଆଇନ୍ ଚକ୍ଷୁରେ ସମାନତା) ଏବଂ ୧୫-୧ (ଜାତି, ଧର୍ମ, ଲିଙ୍ଗ ଇତ୍ୟାଦି ଭିତ୍ତିରେ ରାଷ୍ଟ୍ର ଦ୍ୱାରା ବୈଷମ୍ୟ ଆଚରଣ କରାଯିବନି) ଦୃଷ୍ଟିରୁ ଅସାମ୍ବିଧାନିକ ବୋଲି ଘୋଷିତ ହେବା କଥା ।

ଗୋଟିଏ ପଟରେ ସମ୍ବିଧାନର ନୀତି ନିର୍ଦ୍ଦେଶାବଳୀ ଭିତରେ ସ୍ଥାନିତ ସମରୂପ ଦେଓ୍ୱାନି ସଂହିତାର ଆଦର୍ଶ ଏବଂ ଅନ୍ୟ ପଟରେ ବହୁବିଧ ଲିଖିତ ଏବଂ ଅଲିଖିତ ବ୍ୟକ୍ତିଗତ ଆଇନ୍‌ର ପ୍ରଯୁଜ୍ୟତାକୁ ସ୍ୱୀକାର କରୁଥିବା ସମ୍ବଧାନର ବିଧିବ୍ୟବସ୍ଥା- ଏହିପରି ଦୁଇଟି ଭିନ୍ନାଭିମୁଖୀ ବ୍ୟବସ୍ଥାକୁ ନେଇ ସୃଷ୍ଟି ହୋଇଥିବା ଗୋଟିଏ ଜଟିଳ ଦୃଶ୍ୟପଟ ଭିତରେ ଆମର ଆଇନ୍, ଅଦାଲତ ଏବଂ ପ୍ରଶାସନ କାର୍ଯ୍ୟ କରି ଆସୁଛି ।

# ହିନ୍ଦୁ ସଂହିତା

ସ୍ୱାଧୀନତା ଆନ୍ଦୋଳନ ସମୟରେ ତଥା ସ୍ୱାଧୀନତା ପ୍ରାପ୍ତି ପରେ ପରେ ରାଷ୍ଟ୍ରନେତାମାନେ ସମଗ୍ର ରାଷ୍ଟ୍ରର ନାଗରିକମାନଙ୍କର ବ୍ୟକ୍ତିଗତ କ୍ଷେତ୍ର ନିମନ୍ତେ ଏକ ସମରୂପ ଦେଓ୍ୱାନି ସଂହିତାର ପ୍ରଣୟନ ତଥା ତାକୁ ସଂବିଧାନରେ ସ୍ଥାନ ଦେବା ପାଇଁ ଚିନ୍ତା କରିଥିଲେ। କିନ୍ତୁ ଆମ ଦେଶର  ଧର୍ମ ଓ ସଂସ୍କୃତିର ବ୍ୟାପକ ବିବିଧତାକୁ ବିଚାର କରି ଏକ ସମରୂପ ଦେଓ୍ୱାନି ସଂହିତା ତତ୍‌କ୍ଷଣାତ୍ ଚାଲୁ କରିବା ଅସମ୍ଭବ ବୋଲି ସମ୍ବିଧାନ ପ୍ରଣେତାମାନେ ଅନୁଭବ କରିପାରିଥିଲେ। ପ୍ରଥମେ କେତେକ ଦୂରଦ୍ରଷ୍ଟା ଜନନେତା ହିନ୍ଦୁ କୋଡ୍ ବିଲ୍ ଆଗତ କରି ସମସ୍ତ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ସମରୂପ ବିଧାନ ସଂହିତା ଲାଗୁ କରିବା ସକାଶେ ନିଜର ମତ ବାଢ଼ିଥିଲେ। ୧୯୪୧ ମସିହାରେ ଡଃ ବି.ଏନ୍.ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ହିନ୍ଦୁ ଆଇନ୍  କମିଟି ଏହି ଉଦ୍ଦେଶ୍ୟରେ ଅନେକ ସଂସ୍କାର ପ୍ରସ୍ତାବ କରିଥିଲେ। କିନ୍ତୁ ରକ୍ଷଣଶୀଳ ହିନ୍ଦୁମାନଙ୍କ ଦ୍ୱାରା ପ୍ରଚଣ୍ଡ ପ୍ରତିବାଦର ସମ୍ମୁଖୀନ ହେବାରୁ ଏହି ସଂସ୍କାର ପ୍ରସ୍ତାବ କୌଣସି ଅଗ୍ରଗତି କରି ପାରିନଥିଲା। ସେହି କମିଟି ପୁଣି ୧୯୪୪ରେ ପୁନଃନିଯୁକ୍ତ ହୋଇଥିଲା ଏବଂ ସେମାନେ  ୧୯୪୭ ଏପ୍ରିଲ୍‌ରେ କେନ୍ଦ୍ରୀୟ ଆଇନ୍ ସଭାରେ ଏକ ନୂତନ ହିନ୍ଦୁ ସଂହିତାର ଚିଠା ଉପସ୍ଥାପନ କରିଥିଲେ। ଏଥିରେ ପରିବାରକୁ ପ୍ରଭାବିତ କରୁଥିବା ୫ଟି କ୍ଷେତ୍ରର ସଂସ୍କାର ପାଇଁ ପ୍ରସ୍ତାବ ସ୍ଥାନିତ ହୋଇଥିଲା, ଯଥା, ବିବାହ ଓ ବିଚ୍ଛେଦ, ଇଚ୍ଛାପତ୍ର-ବିହୀନ ପରିସ୍ଥିତିରେ ଉତ୍ତରାଧିକାର, ନାବାଳକତ୍ୱ ଓ ଅଭିଭାବକତ୍ୱ , ଭରଣପୋଷଣ ଓ ପୋଷ୍ୟସନ୍ତାନ ଗ୍ରହଣ ତଥା ମିତାକ୍ଷର ଏକାନ୍ନବର୍ତ୍ତୀ ପରିବାର। ସେତେବେଳେ ସମ୍ବିଧାନ ଚିଠା-କମିଟିର ଅଧ୍ୟକ୍ଷ ହୋଇସାରିଥିବା ଡ଼କ୍ଟର  ଆମ୍ବେଦକର ଉକ୍ତ ସଂସ୍କାର ପ୍ରସ୍ତାବକୁ ଦୃଢ ସମର୍ଥନ ଜଣାଇଥିଲେ। ସେତେବେଳେ ଏହା  "ହିନ୍ଦୁ କୋଡ୍ ବିଲ୍" ନାମରେ ସୁପରିଚିତ ଥିଲା। କିନ୍ତୁ ପୁଣି ରକ୍ଷଣଶୀଳ ହିନ୍ଦୁ ଗୋଷ୍ଠୀଙ୍କ ତୀବ୍ର ପ୍ରତିରୋଧ ଯୋଗୁଁ ୧୯୫୧ରେ ଏହି ବିଲ୍ ଉପରେ ଆଲୋଚନା ବନ୍ଦ ରହିଲା।

ଏଠାରେ ଉଲ୍ଲେଖନୀୟ ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ପୁରୁଷମାନଙ୍କ ସହ ମହିଳାମାନେ ମଧ୍ୟ ଯୋଗଦେଇଥିଲେ ଏବଂ ସ୍ଥଳ ବିଶେଷରେ ଲାଠିମାଡ଼ ଖାଇଥିଲ ଓ କାରାବରଣ ମଧ୍ୟ କରିଥିଲେ। ଏପରିକି ଅନେକ ସ୍ୱାଧୀନଚେତା ମହିଳା ବିଭିନ୍ନ ପ୍ରକାର ନିର୍ଯ୍ୟାତନାର ଶିକାର ହୋଇ ପରିବାର ତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ। ଭାରତ ସ୍ୱାଧୀନ ହେବା ସମୟରେ ମହିଳାମାନଙ୍କର ମଧ ଆନନ୍ଦର ସୀମା ରହିନଥିଲା ଏବଂ ସେମାନେ ପୁରୁଷମାନଙ୍କ ସହ ସମାନ ଅଧିକାର ପାଇବା ପାଇଁ ଆଶା ରଖିଥିଲେ। ମହିଳା ଓ ପୁରୁଷ ଉଭୟଙ୍କୁ ସମାନ ଅଧିକାର ଦେଉଥିବା ହିନ୍ଦୁ କୋଡ୍ ବିଲ୍‌କୁ ସେମାନେ ସ୍ୱତଃସ୍ଫୂର୍ତ୍ତ ସମର୍ଥନଜଣାଇଥିଲେ। କିନ୍ତୁ ଜନସଂଘ ଏବଂ ହିନ୍ଦୁ ମହାସଂଘ ଆଦି ସଂଗଠନ ହିନ୍ଦୁ କୋଡ୍ ବିଲ୍‌ର ବିରୋଧ କରି ଯୁକ୍ତି ବାଢ଼ିଥିଲେ ଯେ, ଏହି ବିଲ୍   ହିନ୍ଦୁ ଧର୍ମ ଏବଂ ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ କରୁଅଛି। ବିଶେଷ ଭାବେ ଉଲ୍ଲେଖ ଯୋଗ୍ୟ ଯେ, ହିନ୍ଦୁ କୋଡ୍ ବିଲ୍‌ର ଏକ ଧାରା ଅନୁଯାୟୀ ବିବାହିତ ପୁରୁଷମାନଙ୍କର ସ୍ତ୍ରୀ ଜୀବିତ ଥିଲେ ଦ୍ୱିତୀୟ ବିବାହ ଆଇନ୍‌ସମ୍ମତ ନୁହେଁ, କିନ୍ତୁ ଉପରୋକ୍ତ ସଂଗଠନମାନେ ଏହାର ସଂଶୋଧନ ଦାବୀ କରି ପୁରୁଷମାନଙ୍କୁ ଦ୍ୱିତୀୟ ବିବାହର ସୁଯୋଗ ଦେବା ପାଇଁ ଦାବୀ କରିଥିଲେ।

ଡ଼ଃ.ବି.ଆର.ଆମ୍ବେଦକର ହିନ୍ଦୁ କୋଡ୍ ବିତର୍କ ବେଳେ ମହିଳାମାନଙ୍କର ସମାନ ଅଧିକାର ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ି ବିରୋଧୀମାନଙ୍କୁ ଖୋଲଖୋଲି ସମାଲୋଚନା କରିଥିଲେ ଓ ଏପରିକି ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଏବଂ ଲୋକସଭା ବ୍ୟାପାର ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଉଦାସୀନତା ନିମନ୍ତେ କଟୁ ସମାଲୋଚନା ମଧ୍ୟ କରିଥିଲେ। ପରିଶେଷରେ ନିରାଶ ହୋଇପଡିଥିବା ଆମ୍ବେଦକର୍ ଆଇନ୍ ମନ୍ତ୍ରୀ ପଦରୁ ୧୯୫୧ ମସିହା ଅକ୍ଟୋବର ମାସରେ ଇସ୍ତଫା ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ୧୯୫୦ ଜାନୁଆରି ୨୬ରେ ଘୋଷିତ ସମ୍ବିଧାନର ଭାଗ-୪ ଅଧୀନସ୍ଥ ନୀତି ନିର୍ଦ୍ଦେଶାବଳୀର ଧାରା-୪୪ରେ ରାଷ୍ଟ୍ର ସାରାଦେଶ ପାଇଁ ଏକ ସମରୂପ ଦେଓ୍ୱାନି ସଂହିତା ପ୍ରଚଳନ କରିବା ଦିଗରେ ଉଦ୍ୟମ ଅବ୍ୟାହତ ରଖିବ ବୋଲି ଏକ ଅଙ୍ଗୀକାର ସ୍ଥାନ ପାଇଥିଲା ତଥା ଭାଗ-୩ ଅଧୀନସ୍ଥ ମୌଳିକ ଅଧିକାରସମୂହ ଭିତରେ ଧାରା ୧୪, ୧୫ ଓ ୧୬ରେ ମହିଳାମାନଙ୍କର ସମାନତା ଓ ସଶକ୍ତୀକରଣ ଦିଗରେ କେତେଗୁଡିଏ ପ୍ରାବଧାନକୁ ସ୍ଥାନ ଦିଆଗଲା।

ସମ୍ବିଧାନ ଘୋଷଣାର କିଛି ବର୍ଷ ପରେ ପୁଣି ହିନ୍ଦୁ ଆଇନ୍‌ର ସଂସ୍କାର ପାଇଁ ଉଦ୍ୟମ ଆରମ୍ଭ ହେଲା। ସେହି ଶୃଙ୍ଖଳାରେ ହିନ୍ଦୁ ସଂହିତାର ପରିସରଭୁକ୍ତ ନିମ୍ନ ଆଇନ୍‌ମାନ ଗୋଟାକ ପରେ ଗୋଟାଏ ସଂସଦରେ ଗୃହୀତ ହେଲା, ଯଥା-

- ହିନ୍ଦୁ ବିବାହ ଆଇନ୍, ୧୯୫୫
- ହିନ୍ଦୁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଭରଣ-ପୋଷଣ ଆଇନ୍, ୧୯୫୬
- ହିନ୍ଦୁ ବିବାହ (କାର୍ଯ୍ୟବିଧିର ବୈଧୀକରଣ) ଆଇନ୍, ୧୯୬୦
- ହିନ୍ଦୁ ଉତ୍ତରାଧିକାର ଆଇନ, ୧୯୬୫

ଯଦିଓ ଉପରୋକ୍ତ ଆଇନ୍‌ଗୁଡିକ ବଳରେ ହିନ୍ଦୁ ମହିଳାମାନେ କେତେକ ଅଧିକାର ହାସଲ କଲେ, କିନ୍ତୁ ବାସ୍ତବ କ୍ଷେତ୍ରରେ ମହିଳାମାନେ ଏହିସବୁ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ କେତେଦୂର ସକ୍ଷମ ହୋଇ ପାରିଛନ୍ତି, ତାହା ଏବେ ବି ଚିନ୍ତାର କାରଣ।

## ହିନ୍ଦୁ ବିବାହ ଆଇନ୍

ବିଭିନ୍ନ ଧର୍ମାବଲମ୍ବୀମାନେ ନିଜର ଧର୍ମ ଅନୁସାରେ ପ୍ରଚଳିତ ବିବାହ, ଛାଡ଼ପତ୍ର, ସମ୍ପତ୍ତିର ଉତ୍ତରାଧିକାର ଓ ପୋଷ୍ୟ ସନ୍ତାନ ଗ୍ରହଣ ଆଦି ବ୍ୟପାରରେ ନିଜସ୍ୱ ରୀତି ଅନୁସରଣ କରିଥାନ୍ତି। ହିନ୍ଦୁ ଧର୍ମର ଗଭୀରତା ସମୁଦ୍ର ପ୍ରାୟ। ଏଥିରେ ବିଭିନ୍ନ ଜାତି, ଉପଜାତି ଏବଂ ଗୋଷ୍ଠୀ ରହିଛନ୍ତି । ସେହିପରି ବିଭିନ୍ନ ପ୍ରକାରର ଧର୍ମୀୟ ସଂସ୍କୃତି ଏବଂ ବିଶ୍ୱାସର ବିବିଧତା ମଧ୍ୟ ଦେଖା ଯାଇଥାଏ। ଏହା ସତ୍ତ୍ୱେ ବିବାହ ସମ୍ବନ୍ଧୀୟ ବିଷୟଗୁଡ଼ିକୁ ନେଇ ଗୋଟିଏ ଆଇନ୍ ପ୍ରଚଳନ କରାଯାଇଥିଲା, ଯାହାକି ରାଷ୍ଟ୍ରର ସମସ୍ତ ହିନ୍ଦୁ ନାଗରିକମାନଙ୍କ ପାଇଁ ପ୍ରଯୁଜ୍ୟ ଏବଂ ଏହା ହିନ୍ଦୁ ବିବାହ ଆଇନ୍ ୧୯୫୫ ନାମରେ ପରିଚିତ।

### ହିନ୍ଦୁ ବିବାହ ଆଇନ୍ ଦୃଷ୍ଟିରେ କେଉଁମାନେ ହିନ୍ଦୁ ?

ହିନ୍ଦୁ ବିବାହ ଆଇନ୍ 'ହିନ୍ଦୁ' ଶବ୍ଦର ଏକ ସ୍ୱୟଂସଂପୂର୍ଣ୍ଣ ସଂଜ୍ଞା ଦେଇନାହିଁ। କିନ୍ତୁ ଏହାର ଧାରା ୨(୧)ରେ ନିମ୍ନୋକ୍ତ ନାଗରିକମାନେ ହିନ୍ଦୁଭାବେ ପରିଗଣିତ ହୋଇପାରିବେ।

- ବିରାଶୈବ, ଲିଙ୍ଗାୟତ,ବ୍ରାହ୍ମୋ, ପ୍ରାର୍ଥନା ଏବଂ ଆର୍ଯ୍ୟ ସମାଜର ଅନୁଗାମୀଗଣ; ଶିଖ୍, ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ବ୍ୟକ୍ତିମାନେ;

- ମୁସଲମାନ୍, ଖ୍ରୀଷ୍ଟିୟାନ୍, ପାର୍ସୀ ଏବଂ ଇହୁଦୀ ଆଦି ଧର୍ମାବଲମ୍ବୀମାନଙ୍କ ବ୍ୟତୀତ ଭାରତରେ ବସବାସ କରୁଥିବା ଅନ୍ୟ ସମସ୍ତ ନାଗରିକ; କିନ୍ତୁ ଯଦି ଏହା ପ୍ରମାଣ ହୋଇପାରେ ଯେ ଏପରି ବ୍ୟକ୍ତି ଏହି ହିନ୍ଦୁ ଆଇନ୍ ଅଧୀନସ୍ଥ କୌଣସି ପ୍ରଥା ଦ୍ୱାରା ପରିଚାଳିତ ନୁହଁନ୍ତି, ତେବେ ସେ ହିନ୍ଦୁ ବୋଲି ପରିଗଣିତ ହେବେ ନାହିଁ।

ଧାରା ୨(୨)ରେ ଆଦିବାସୀ ବା ଅନୁସୂଚୀତ ଜନଜାତିଙ୍କ ସମ୍ବନ୍ଧରେ କୁହାଯାଇଛି ଯେ, ସମ୍ବିଧାନ ଅନୁଯାୟୀ ଯେଉଁମାନଙ୍କୁ ଅନୁସୂଚୀତ ଜନଜାତି ବୋଲି ଘୋଷଣା କରାଯାଇଛି, ସେମାନଙ୍କ ପ୍ରତି ହିନ୍ଦୁ ବିବାହ ଆଇନ୍ ଲାଗୁ ହେବନାହିଁ।

ପୁଣି ଧାରା ୨(୩) ଅନୁଯାୟୀ, ଜଣେ ବ୍ୟକ୍ତି ଧର୍ମମତରେ ହିନ୍ଦୁ ହୋଇନଥିଲେ ହେଁ ଏହି ଆଇନ୍‌ର ପ୍ରାବଧାନଗୁଡିକ ଯଦି ତାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥାଏ, ତେବେ ତାଙ୍କୁ ହିନ୍ଦୁ ବୋଲି ପରିଗଣିତ କରାଯିବ।

ଧାରା ୨(୧) ଅଧୀନରେ ଏକ ସ୍ପଷ୍ଟୀକରଣ ଦିଆଯାଇ ପୁଣି କୁହାଯାଇଛି ଯେ, ଗୋଟିଏ 'ବୈଧ ବା ଅବୈଧ' ପିଲାର ପିତାମାତାଙ୍କ ଭିତରୁ ଯଦି ଜଣେ କେହି ହିନ୍ଦୁ, ବୌଦ୍ଧ, ଜୈନ ବା ଶିଖ୍ ଧର୍ମାବଲମ୍ବୀ ହୋଇଥାନ୍ତି, ବା ଏପ୍ରକାର କୌଣସି ଧର୍ମକୁ ପରିବର୍ତ୍ତୀତ ବା ପୁନଃ ପରିବର୍ତ୍ତୀତ ହୋଇଥାନ୍ତି, ତେବେ ସେହି ପିଲାକୁ ହିନ୍ଦୁ ବୋଲି ବିବେଚନା କରାଯିବ।

ସୁତରାଂ ମୋଟ ଉପରେ କହିଲେ, କିଏ ହିନ୍ଦୁ ଏବଂ କିଏ ହିନ୍ଦୁ ନୁହେଁ, ଏହି ପ୍ରଶ୍ନକୁ କେନ୍ଦ୍ର କରି ନ୍ୟାୟାଳୟ ଭିତରେ ଏବଂ ବାହାରେ ମୂଳରୁ ଏଯାବତ୍ ବିବାଦ ଲାଗିରହିଛି।

ନିଷ୍ଠୁରତା ବିବାହ ବିଚ୍ଛେଦର ଏକ କାରଣ ହୋଇପାରେ। ଏହି ସତ୍ୟକୁ ନେଇ  ବିବାହ ବିଧିସମୂହ(ସଂଶୋଧନ) ଆଇନ୍ ୧୯୭୬ ବଳରେ ପ୍ରଥମେ ହିନ୍ଦୁ ବିବାହ ଆଇନ୍, ୧୯୫୫ରେ ସଂଶୋଧନ ଅଣାଯାଇଥିଲା। ଏହି ସଂଶୋଧନ ତତ୍କାଳୀନ ସମାଜର ବିକଶିତ ଚିନ୍ତାଧାରାକୁ ପ୍ରତିଫଳିତ କରିଥିଲା। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଗୁଡ଼ିକ ଥିଲା, ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ଛାଡ଼ପତ୍ର। ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ୍ ୧୯୭୮ ଅନୁଯାୟୀ ବିବାହ ଯୋଗ୍ୟ ବୟସ ମହିଳାମାନଙ୍କ କ୍ଷେତ୍ରରେ ୧୮ ବର୍ଷ ଓ ପୁରୁଷମାନଙ୍କ କ୍ଷେତ୍ରରେ ୨୧ ବର୍ଷକୁ ବୃଦ୍ଧି ହୋଇଛି, ଯାହାକି ହିନ୍ଦୁ ବିବାହ ଆଇନ୍ ୧୯୫୫ ଦ୍ୱାରା ସ୍ୱୀକୃତ ଓ ଗୃହୀତ।

**ହିନ୍ଦୁ ବିବାହ ଆଇନ୍, ୧୯୫୫ର କେତେକ ବ୍ୟବସ୍ଥା :**

**ହିନ୍ଦୁ ବିବାହ ନିମନ୍ତେ ସର୍ତ୍ତାବଳୀ (ଧାରା - ୫)**

ଯଦି କୌଣସି ବିବାହିତ ପୁରୁଷ କିମ୍ବା ମହିଳାଙ୍କର ଯଥାକ୍ରମେ ସ୍ତ୍ରୀ କିମ୍ବା ସ୍ୱାମୀ ଜୀବିତ ଥିବେ, ତେବେ ତାଙ୍କର ଆଉ ଏକ ବିବାହ ଆଇନ୍ ଚକ୍ଷୁରେ ଅନୁମୋଦିତ ହେବନାହିଁ। ଯଦି ବର କିମ୍ବା କନ୍ୟା ମାନସିକ ବିକୃତି କାରଣରୁ ବିବାହ ପାଇଁ  ବିଧିବଦ୍ଧ ସମ୍ମତି ଦେବାପାଇଁ ଅକ୍ଷମ ହୋଇଥିବେ, ବିବାହ ନିମନ୍ତେ ବିଧିବଦ୍ଧ ସମ୍ମତି ପ୍ରଦାନ ପାଇଁ ସମର୍ଥ ହୋଇଥିଲେ ହେଁ ମାନସିକ ବିକୃତି କାରଣରୁ ବୈବାହିକ ଜୀବନ ଏବଂ ସନ୍ତାନ ଧାରଣ ପାଇଁ ଅକ୍ଷମ ହୋଇଥିବେ, ତଥା ପାଗଳାମି ବା ବାତରୋଗରେ କ୍ରମାଗତ ଭାବେ ଆକ୍ରାନ୍ତ ଥିବେ, ତେବେ ସଂପୃକ୍ତ ବିବାହ ଆଇନ୍ ଅନୁମୋଦିତ ହୋଇପାରିବ ନାହିଁ। ବିବାହ ସମୟରେ ବରର ବୟସ ୨୧ ବର୍ଷରୁ ଊର୍ଦ୍ଧ୍ୱ ଏବଂ କନ୍ୟାର ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ସେମାନେ ସମଗୋତ୍ରୀ ହୋଇନଥିବେ କିମ୍ବା ଯେଉଁ ଧରଣର ସଂପର୍କୀୟଙ୍କ ଭିତରେ ବିବାହକୁ ନିଷିଦ୍ଧ କରାଯାଇଛି, ସେମାନେ ପରସ୍ପର ସହ ସେପରି ଭାବେ ସଂପର୍କୀତ ହୋଇନଥିବେ; କିନ୍ତୁ ଯଦି ସେମାନଙ୍କର ପରମ୍ପରା ବା ପ୍ରଥା ଏପ୍ରକାର ସଂପର୍କୀୟଙ୍କ ଭିତରେ ବିବାହକୁ ଅନୁମୋଦନ କରୁଥିବ, ତେବେ ସେମାନେ ବିବାହ କରିପାରିବେ।

**ହିନ୍ଦୁ ବିବାହ ପଞ୍ଜୀକରଣ ହେବା ଆବଶ୍ୟକ କି ? (ଧାରା-୮)**

ଯଦିଓ ଧାରା-୭ ଅନୁଯାୟୀ ପାରମ୍ପରିକ ପ୍ରଥା ଓ ଉତ୍ସବ ଅନୁଯାୟୀ ଅନୁଷ୍ଠିତ ହୋଇଥିବା ଏକ ହିନ୍ଦୁ ବିବାହକୁ ବୈଧତା ପ୍ରଦାନ କରାଯାଇଛି, କିନ୍ତୁ ଆଇନ୍‌ର ଧାରା ୮ଅନୁଯାୟୀ ବିବାହର ଏକ ପ୍ରମାଣ ପାଇଁ ବିବାହର ପଞ୍ଜିକରଣ ଆବଶ୍ୟକ । ଏଥିପାଇଁ ନିୟମାବଳୀ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ବ୍ୟବସ୍ଥାରେ ବିବାହିତ ଦମ୍ପତ୍ତିଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଓ ସୂଚନା ହିନ୍ଦୁ ବିବାହ ରେଜିଷ୍ଟର୍‌ରେ  ଲିପିବଦ୍ଧ ହୋଇ ରହିବାର ଆବଶ୍ୟକତା ରହିଛି।

ଧାରା ୮ ଏହା ମଧ୍ୟ ଦର୍ଶାଏ ଯେ, ଯଦି ବିବାହ କୌଣସି କାରଣ ବଶତଃ ପଞ୍ଜିକରଣ ହୋଇନଥାଏ, ତେବେ ସେହି ବିବାହ ଅସିଦ୍ଧ ବୋଲି ଘୋଷଣା କରାଯିବ ନାହିଁ। କିନ୍ତୁ ବ୍ୟାବାହାରିକ କ୍ଷେତ୍ରରେ ବିବାହ ପଞ୍ଜିକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ପଞ୍ଜିକରଣ ପରେ ମିଳିଥିବା ବିବାହ ସାର୍ଟିଫିକେଟ୍ ଦ୍ୱିତୀୟ ବିବାହ, ପ୍ରତାରଣାପୂର୍ଣ୍ଣ ବିବାହ ଏବଂ ଯୌତୁକ ଜନିତ ନିର୍ଯ୍ୟାତନା ଆଦି ମାମଲାରେ ଏକ ଆବଶ୍ୟକୀୟ ସାକ୍ଷ୍ୟ-ପ୍ରମାଣ ଭାବେ କାମ ଦେଇଥାଏ।

**ଦାମ୍ପତ୍ୟ ଜୀବନ ପାଇଁ ଅଧିକାରର ପୁନଃପ୍ରତିଷ୍ଠା (ଧାରା - ୯)**

ଯଦି ସ୍ୱାମୀ କିମ୍ବା ସ୍ତ୍ରୀ କୌଣସି ଯଥାର୍ଥ କାରଣ ନଥାଇ ପରସ୍ପର ଠାରୁ ଅଲଗା ରହୁଥିବେ ଏବଂ ସେମାନଙ୍କ ଭିତରୁ କୌଣସି ପକ୍ଷ ପୁଣି ଦାମ୍ପତ୍ୟ ଜୀବନର ଅଧିକାର ଫେରିପାଇବା ପାଇଁ ଜଲ୍ଲା ଅଦାଲତଙ୍କ ନିକଟରେ ଆବେଦନ କରିବେ, ତେବେ ସେହି

ଅଦାଲତ ଉଭୟ ପକ୍ଷଙ୍କୁ ଶୁଣାଣି କରି ଦାମ୍ପତ୍ୟ ଜୀବନର ପୁନଃପ୍ରତିଷ୍ଠା ପାଇଁ ଆଦେଶ ଦେଇପାରନ୍ତି। ଯେଉଁ ପକ୍ଷ ପ୍ରଥମେ ଅନ୍ୟ ପକ୍ଷ ଠାରୁ ଦୂରେଇ ଯାଇଥିଲେ, ଯଥାର୍ଥ କାରଣ ଦର୍ଶାଇବାର ପ୍ରମାଣ ଭାର ତାଙ୍କ ଉପରେ ହିଁ ନ୍ୟସ୍ତ ରହିବ।

ଭଗବାନ ସିଂ ଏବଂ ନସିବ୍ କୌର୍ ୧୧ ବର୍ଷର ଦାମ୍ପତ୍ୟ ଜୀବନ ପରେ ତାଙ୍କର ସମସ୍ତ ସନ୍ତାନ ମୃତ୍ୟୁବରଣ କରିଥିଲେ। ତେଣୁ ଭଗବାନ ସିଂ ବଂଶରକ୍ଷା ନିମନ୍ତେ ଦ୍ୱିତୀୟ ବିବାହ କରିବାକୁ ଚାହିଁଥିଲେ। କିନ୍ତୁ ନସିବ୍ କୌର ଏଥିପାଇଁ ସମ୍ମତି ଦେଇ ନଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଳହ ବୃଦ୍ଧି ପାଇବାକୁ ଲାଗିଲା । ଭଗବାନ ସିଂ ନିଷ୍ଠୁର ଭାବେ ତାଙ୍କ ସ୍ତ୍ରୀଙ୍କୁ ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦେଇଚାଲିଲେ। ପରିସ୍ଥିତି ଅତି ଅସହ୍ୟ ହେବାରୁ ନସିବ୍ କୌର୍ ତାଙ୍କ ପିତାଙ୍କ ଘରକୁ ଚାଲି ଯାଇଥିଲେ। ତା'ପରେ ଭଗବାନ ସିଂ ବିବାହ ବିଚ୍ଛେଦ ନିମନ୍ତେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତଳ କୋର୍ଟ ତାଙ୍କ କେସ୍‌କୁ ଖାରଜ କରିଥିଲେ। ଏହାପରେ ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ୍ ଭଗବାନ ସିଂହଙ୍କୁ ଭର୍ତ୍ସନା କରିଥିଲେ ଏବଂ ଦର୍ଶାଇଥିଲେ ଯେ, ସନ୍ତାନ ଲାଭ ପାଇଁ ଇଚ୍ଛା କରିବା ସ୍ୱାଭାବିକ, କିନ୍ତୁ ସେଥିପାଇଁ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେବା, ବିବାହ ବିଚ୍ଛେଦ ଏବଂ ପୁନର୍ବିବାହ ଯୁକ୍ତିସଂଗତ ନୁହେଁ। ଭଗବାନ ସିଂହଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରି କହିଥିଲେଯେ, ସେ ସତ୍ ଉଦ୍ଦେଶ୍ୟ ନେଇ ବିବାହକୁ ଅବୈଧ ଘୋଷଣା କରିବା ନିମନ୍ତେ ଆବେଦନ କରି ନାହାନ୍ତି, ତେଣୁ ଭଗବାନ ସିଂ ତାଙ୍କ ସ୍ତ୍ରୀ କୌର୍‌ଙ୍କୁ (ଯେ କି ୧୧ ବର୍ଷ ଧରି ସ୍ତ୍ରୀ ଭାବେ ରହି ଆସିଥିଲେ) କୌଣସି ନିର୍ଯ୍ୟାତନା ଦେଇ ପାରିବେ ନାହିଁ ବରଂ ପୋଷ୍ୟ ସନ୍ତାନ ଗ୍ରହଣ କରି ସେମାନେ ସୁଖୀ ଦାମ୍ପତ୍ୟ ଜୀବନ କଟାଇବା ଉଚିତ୍। ହାଇକୋର୍ଟର ନିର୍ଦ୍ଦେଶ ଅବମାନନା କଲେ ଜଣେ ବ୍ୟକ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ଏବଂ ତାଙ୍କର ସମ୍ପତ୍ତି ବାଜ୍ୟାପ୍ତ କରି ସେଥିରୁ ତାଙ୍କ ସ୍ତ୍ରୀଙ୍କୁ ନ୍ୟାଯ୍ୟ ଅଧିକାର ପ୍ରଦାନ କରାଯାଇପାରେ।

**ନ୍ୟାୟାଳୟ ଦ୍ୱାରା ପୃଥକ୍ ବସବାସ ପାଇଁ ଆଦେଶ (ଧାରା-୧୦)**

ଶାରୀରିକ ନିର୍ଯ୍ୟାତନା ବ୍ୟତୀତ ମାନସିକ ନିର୍ଯ୍ୟାତନା ମଧ୍ୟ ଏକ ପ୍ରକାର ହିଂସା ଅଟେ। ଯଦି କୌଣସି ମହିଳା ତାଙ୍କର ସ୍ୱାମୀଙ୍କ ସହ ରହିବା ବିପଦପୂର୍ଣ୍ଣ ଏବଂ କ୍ଷତିକାରକ ବୋଲି ମନେକରନ୍ତି ଏବଂ ସ୍ୱାମୀଙ୍କଠାରୁ ସ୍ୱତନ୍ତ୍ର ଭାବେ ରହିବାକୁ ଚାହାନ୍ତି, ତେବେ ସେ ନ୍ୟାୟାଳୟରେ ଆବେଦନ କରିପାରିବେ । ଯଦି କୌଣସି କ୍ଷେତ୍ରରେ ସ୍ୱାମୀ ଅନ୍ୟ ସ୍ତ୍ରୀ ସହ ସମ୍ପର୍କ ସ୍ଥାପନ କରନ୍ତି, ତେବେ ଏହା ପ୍ରଥମ ସ୍ତ୍ରୀ ପ୍ରତି ଏକ ନିଷ୍ଠୁରତା ଦର୍ଶାଇ କୋର୍ଟ ଉକ୍ତ ମହିଳାଙ୍କୁ ସ୍ୱତନ୍ତ୍ର ଭାବେ ବସବାସ କରିବାକୁ ଅନୁମତି ପ୍ରଦାନ କରିପାରନ୍ତି। ଧାରା ୧୦(୧) ଅନୁସାରେ ସ୍ୱାମୀ ବା ସ୍ତ୍ରୀ ଧାରା ୧୩(୧) ଅଧୀନରେ ବର୍ଣ୍ଣିତ ହୋଇଥିବା କୋଣସି କାରଣ, ଯାହାକି ବିବାହ ବିଚ୍ଛେଦ ପାଇଁ ପ୍ରଯୁଜ୍ୟ , ତାହା ଦର୍ଶାଇ ପୃଥକ୍ ବସବାସ ପାଇଁ ଆବେଦନ କରିପାରିବେ।

**ବିବାହ ବିଚ୍ଛେଦ ପାଇଁ ଆବେଦନର ଭିତ୍ତି (ଧାରା ୧୩-୧)**

- ବିବାହ ପରେ ସ୍ୱାମୀଙ୍କର ଅନ୍ୟ ମହିଳା ଅଥବା ସ୍ତ୍ରୀଙ୍କର ଅନ୍ୟ ପୁରୁଷଙ୍କ ସହ ଯୌନ ସମ୍ପର୍କ।
- ଜଣଙ୍କର ଅନ୍ୟଜଣଙ୍କ ପ୍ରତି ନିଷ୍ଠୁର ଆଚରଣ।
- ଲଗାତାର ୨ ବର୍ଷ ଧରି ଜଣେ ଅନ୍ୟଜଣଙ୍କ ଠାରୁ ଅଲଗା ରହିଛନ୍ତି।
- ଜଣେ ହିନ୍ଦୁ ଧର୍ମ ଛାଡି ଅନ୍ୟ ଏକ ଧର୍ମରେ ଦୀକ୍ଷିତ ହୁଅନ୍ତି।
- ଯଦି ଜଣେ ଏଭଳି ମାନସିକ ବିକୃତିରେ ଆକ୍ରାନ୍ତ ହୋଇଥାନ୍ତି, ଯାହା ଫଳରେ ଅନ୍ୟ ଜଣେ ତାଙ୍କ ସହ ଜୀବନ ବିତାଇବା ଅସମ୍ଭବ।
- ଜଣେ କଠିନ ଓ ଦୁରାରୋଗ୍ୟ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଛନ୍ତି।
- ଜଣେ ସଂକ୍ରାମକ ଯୌନ ରୋଗରେ ପୀଡ଼ିତ ଥାଆନ୍ତି।
- ଜଣେ କୌଣସି ଧର୍ମୀୟ ସଂସ୍ଥାରେ ଯୋଗଦେଇ ସଂସାରିକ-ଜୀବନ ତ୍ୟାଗ କରିଛନ୍ତି।

- ଯଦି ଜଣେ ୭ ବର୍ଷରୁ ଅଧିକ କାଳ ନିରୁଦ୍ଦିଷ୍ଟ ହୋଇଥାଆନ୍ତି ଏବଂ ସେ ମୃତ କି ଜୀବିତ ଜଣାନଥାଏ।
- ନ୍ୟାୟିକ ବିଚ୍ଛେଦ ଆଦେଶ ପାଇବାର ଏକ ବର୍ଷ ବା ତଦୁର୍ଦ୍ଧ୍ୱ ସମୟ-ଅବଧି ଭିତରେ ସେମାନଙ୍କ ମଧ୍ୟରେ ସହବାସ ଘଟିନାହିଁ।
- ବିବାହର ପୁନଃପ୍ରତିଷ୍ଠା ପାଇଁ ନ୍ୟାୟାଳୟର ଆଦେଶ ମିଳିବାର ଏକ ବର୍ଷ ବା ତଦୁର୍ଦ୍ଧ୍ୱ ସମୟ-ଅବଧି ଭିତରେ ଉଭୟଙ୍କ ଭିତରେ ଦାମ୍ପତ୍ୟ ଜୀବନର ପୁନାରମ୍ଭ ଘଟି ପାରିନାହିଁ।

**ଛାଡପତ୍ର ପାଇଁ ସ୍ତ୍ରୀର ଆବେଦନ (ଧାରା ୧୩-୨)**

- ଏହାଛଡା ଧାରା ୧୩(୨) ଅନୁଯାୟୀ ଜଣେ ସ୍ତ୍ରୀ ନିମ୍ନୋକ୍ତ କାରଣମାନ ଭିତ୍ତିରେ ସ୍ୱାମୀଙ୍କ ଠାରୁ ଛାଡପତ୍ର ପାଇଁ ନ୍ୟାୟାଳୟରେ ଆବେଦନ କରିପାରିବେ :-
- ଯଦି ସ୍ୱାମୀ ଆଉ ଜଣେ ମହିଳାଙ୍କୁ ବିବାହ କରିଥାନ୍ତି।
- ଯଦି ସ୍ୱାମୀ କୌଣସି ବଳାତ୍କାର, ଅପ୍ରାକୃତିକ ଯୌନସଂଗମ ବା ପାଶବିକ ଆଚରଣରେ ଦୋଷୀ-ସାବ୍ୟସ୍ତ ହୋଇଥାନ୍ତି ।
- ଯଦି ଦୁଇଜଣଙ୍କ ଭିତରେ ଏକ ମୋକଦ୍ଦମାର ଶୁଣାଣି କରି ନ୍ୟାୟାଳୟ ସ୍ୱାମୀଙ୍କ ବିରୁଦ୍ଧରେ ଭରଣପୋଷଣର ଆଦେଶ ଦେଇଥାନ୍ତି ଏବଂ ଏହି ଆଦେଶର ୧ବର୍ଷ ବା ତଦୁର୍ଦ୍ଧ୍ୱ ସମୟ ଭିତରେ ଉଭୟଙ୍କର ସହବାସ ଘଟିନଥାଏ।
- ଯଦି ବିବାହ ସମୟରେ ସ୍ତ୍ରୀଙ୍କର ବୟସ ୧୫ ବର୍ଷରୁ କମ୍ ହୋଇଥିବ ଏବଂ ୧୫ ବର୍ଷ ପୁରିବା ପରେ ଅଥଚ ୧୮ ବର୍ଷ ପୁରିବା ଆଗରୁ ଯଦି ସେ ବିବାହକୁ ପ୍ରତ୍ୟାଖ୍ୟାନ କରିବାକୁ ଚାହିଁଥିବେ।

## ନ୍ୟାୟିକ ବିଚ୍ଛେଦ

ଧାରା ୧୩-ଏ ଅନୁଯାୟୀ ଅଦାଲତ ଚାହିଁଲେ ବିବାହ ବିଚ୍ଛେଦ ପାଇଁ ଆଗତ ହୋଇଥିବା ଏକ ଆବେଦନର ଶୁଣାଣି କରି ବିବାହ ବିଚ୍ଛେଦ ପରିବର୍ତ୍ତେ ନ୍ୟାୟିକ ପୃଥକୀକରଣ ପାଇଁ ଆଦେଶ ଜାରି କରିପାରନ୍ତି। ଧାରା ୧୩-ବି ଅନୁଯାୟୀ ଉଭୟ ପକ୍ଷ ବିବାହ ବିଚ୍ଛେଦ ପାଇଁ ଆବେଦନ କରିପାରିବେ। ସେମାନେ ତାଙ୍କ ଆବେଦନରେ ଦର୍ଶାଇଥିବେ ଯେ ଏକ ବର୍ଷ ବା ତଦୁର୍ଦ୍ଧ୍ୱ ସମୟ-ଅବଧି ପାଇଁ ସେମାନେ ଅଲଗା ବସବାସ କରୁଛନ୍ତି। ଅଦାଲତ ଏହି ଆବେଦନକୁ ଶୁଣାଣି କରି ବିବାହ ବିଚ୍ଛେଦ ପାଇଁ ଆଦେଶ ଜାରି କରିପାରନ୍ତି। ନ୍ୟାୟିକ ବିଚ୍ଛେଦ କ୍ଷେତ୍ରରେ ଯଦି ସ୍ୱାମୀ ବା ସ୍ତ୍ରୀ ଦ୍ୱିତୀୟ ବିବାହ କରନ୍ତି, ତେବେ ତାହା ଅପରାଧ ହେବ। ପୁଣି ଏହି ସମୟ ମଧ୍ୟରେ ଯଦି ସ୍ୱାମୀ ସ୍ତ୍ରୀଙ୍କୁ ଯୌନ ସମ୍ପର୍କ ପାଇଁ ବାଧ୍ୟ କରନ୍ତି ତେବେ ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତା ଧାରା ୩୭୬(ଏ) ଅନୁସାରେ ୨ ବର୍ଷ କାରାଦଣ୍ଡ ସହ ଜୋରିମାନାର ଦଣ୍ଡବିଧାନ ହୋଇପାରିବ ।

**ନିଷ୍ଠୁରତା**

୧୯୭୬ ମସିହାରେ ଗୃହୀତ ବିବାହ ଆଇନ୍‌ସମୂହର ସଂଶୋଧନ ଆଇନ୍ ବଳରେ ହିନ୍ଦୁ ବିବାହ ଆଇନ୍, ୧୯୫୫ରେ ନିଷ୍ଠୁରତା ଶବ୍ଦ ପ୍ରବେଶ କଲା। ହିନ୍ଦୁ ବିବାହ ଆଇନ୍‌ର ଧାରା ୧୩ଅନୁଯାୟୀ ୧୩ଟି କାରଣ ଦର୍ଶାଇ ସ୍ୱାମୀ ବା ସ୍ତ୍ରୀ ବିବାହ ଭଙ୍ଗ ପାଇଁ ଅଦାଲତରେ ଆବେଦନ କରିପାରିବେ ଏବଂ ତନ୍ମଧ୍ୟରୁ ଗୋଟିଏ ହେଲା ନିଷ୍ଠୁରତା। ନିଷ୍ଠୁରତା କେବଳ ଶାରିରୀକ ନିର୍ଯ୍ୟାତନା ନୁହେଁ, ମାନସିକ ବି ହୋଇପାରେ। ଏହି ସଂକ୍ରାନ୍ତରେ ବିଭିନ୍ନ ମାମଲା ବିଚାର କରି ମାନ୍ୟବର ସୁପ୍ରିମ କୋର୍ଟ ଦର୍ଶାଇଛନ୍ତି ଯେ, ଯଦି କୌଣସି ମହିଳା / ବ୍ୟକ୍ତି ମାନସିକ ସ୍ତରରେ ନିର୍ଯ୍ୟତନା ଭୋଗୁଥିବେ, ଯାହାକି ସେମାନଙ୍କର ବୈବାହିକ ଜୀବନକୁ ପ୍ରଭାବିତ କରୁଥିବ ଏବଂ ସ୍ୱାମୀ /ସ୍ତ୍ରୀଙ୍କ ଭିତରୁ କେହି ଜଣେ ଏକାଠି ରହିବା ଅସମ୍ଭବ ବୋଲି ଦର୍ଶାଇବେ, ତେବେ ଏହାକୁ ମାନସିକ ନିର୍ଯ୍ୟାତନା ବୋଲି ଧରାଯିବ।

**ବିବାହର ବାତିଲ୍ ବା ଅସିଦ୍ଧ ବିବାହ (ଧାରା-୧୧)**

ଧାରା-୫ର ଉପଧାରା (୧), (୪) ଓ (୫)ରେ ସ୍ଥାନିତ କୌଣସି ପ୍ରାବ୍‌ଧାନର ଉଲ୍ଲଂଘନ ଘଟିଛି ବୋଲି କାରଣ ଦର୍ଶାଇ ଯଦି ଗୋଟିଏ ବିବାହିତ ଦମ୍ପତ୍ତିଙ୍କ ଭିତରୁ କୌଣସି ପକ୍ଷ ବିବାହକୁ ଅସିଦ୍ଧ ଘୋଷଣା ପାଇଁ ଆବେଦନ କରିଥାନ୍ତି, ତେବେ ଅଦାଲତ ସେହି ବିବାହକୁ ବାତିଲ୍ କରିପାରନ୍ତି ଅଥବା ଅସିଦ୍ଧ ଘୋଷଣା କରିପାରନ୍ତି ବା ବିବାହ ବିଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଏଠାରେ ଉଲ୍ଲେଖନୀୟ ଯେ, ଉପଧାରା(୧) ଅନୁଯାୟୀ ବିବାହ ବେଳେ ବର କିମ୍ବା କନ୍ୟାଙ୍କର ଯଥାକ୍ରମେ ଆଉ ଜଣେ ସ୍ତ୍ରୀ ବା ସ୍ୱାମୀ ନଥିବେ। ଉପଧାରା (୪) ଅନୁଯାୟୀ ବର ଓ କନ୍ୟା ପରସ୍ପର ସହ ନିଷିଦ୍ଧ ସଂପର୍କର ପରିସର ଭିତରେ ସଂପର୍କୀତ ହୋଇନଥିବେ। ଉପଧାରା (୫) ଅନୁଯାୟୀ ଉଭୟ ପକ୍ଷ ପରସ୍ପରର ସପିଣ୍ଡ ହୋଇନଥିବେ।

**ବିବାହକୁ ଅସିଦ୍ଧ ଘୋଷଣା ପାଇଁ କାରଣମାନ (ଧାରା-୧୨)**

ଏକ ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ ନିମ୍ନୋକ୍ତ କାରଣମାନ ଭିତ୍ତିରେ ଗୋଟିଏ ପକ୍ଷ ଅଦାଲତରେ ଆବେଦନ କରିପାରିବେ:-

- ନପୁଂସକତା କାରଣରୁ କୌଣସି ଯୌନସଂଗମ ସମ୍ପନ୍ନ ହୋଇପାରିନି।
- ଧାରା ୫(୨)ର ସର୍ତ୍ତାବଳୀର ଉଲ୍ଲଂଘନ ଘଟିଛି।
- ବିବାହର ବୟସ ସମ୍ବନ୍ଧରେ କଟକଣା ଥିବା ସତ୍ତ୍ୱେ ବଳପ୍ରୟୋଗ କରାଯାଇ ବିବାହ ପାଇଁ ସମ୍ମତି ନିଆଯାଇଛି।
- ବିବାହ ସମୟରେ ସ୍ତ୍ରୀ ଅନ୍ୟ କୌଣସି ପୁରୁଷ ଦ୍ୱାରା ଗର୍ଭବତୀ ହୋଇଥିବେ।

କିନ୍ତୁ ଉପରୋକ୍ତ କାରଣଗୁଡିକ ନିସର୍ତ୍ତ ନୁହେଁ। ଦୃଷ୍ଟାନ୍ତ ସ୍ୱରୂପ, ଧାରା ୧୨(୨) ଅନୁଯାୟୀ ଗୋଟିଏ ପକ୍ଷ ନାବାଳକ ହୋଇଥିବା ସତ୍ତ୍ୱେ ବଳପ୍ରୟୋଗ ଭିତ୍ତିରେ ବିବାହ ସମ୍ପନ୍ନ ହୋଇଥିବାର ଏକ ବର୍ଷ ବିଳମ୍ବରେ ଅଥବା ଉଭୟ ପକ୍ଷ ନିଜର ସମ୍ମତି କ୍ରମେ ପରସ୍ପର ସହ ବୈବାହିକ ଜୀବନ ନିର୍ବାହ କରିବା ସତ୍ତ୍ୱେ ଯଦି ଅଦାଲତରେ ବିବାହର ଅସିଦ୍ଧତା ପାଇଁ ଆବେଦନ କରାଯାଉଥାଏ ତେବେ ଅଦାଲତ ବିବାହକୁ ଅସିଦ୍ଧ ଘୋଷଣା କରିନପାରନ୍ତି। ପୁଣି ବିବାହ ବେଳେ ସ୍ତ୍ରୀ ଅନ୍ୟ ଜଣେ ପୁରୁଷ ଦ୍ୱାରା ଗର୍ଭବତୀ ଥିବା ଅଭିଯୋଗ ଦର୍ଶାଇ ଯଦି ଜଣେ ସ୍ୱାମୀ ବିବାହକୁ ଅସିଦ୍ଧ ବୋଲି ଘୋଷଣା ପାଇଁ ଆବେଦନ କରିଥାଆନ୍ତି, ତେବେ ଆବେଦନକାରୀଙ୍କୁ ପ୍ରମାଣ କରିବାକୁ ପଡିବ ଯେ, ସେ ବିବାହ ବେଳେ ଏ ବିଷୟରେ ଅଜ୍ଞ ଥିଲେ, ବିବାହର ଏକବର୍ଷ ଭିତରେ ଏହି ଆବେଦନ ଦାଖଲ କରାଯାଇଛି ତଥା ଏହି ବଷୟ ଜାଣିବା ପରେ ଉଭୟଙ୍କ ଭିତରେ ଯୌନ ସଂଭୋଗ ଘଟିତ ହୋଇନାହିଁ।

ଯଦି କୌଣସି କ୍ଷେତ୍ରରେ ସ୍ୱାମୀ ମାନସିକ ବିକୃତି ରୋଗରେ ଆକ୍ରାନ୍ତ ହୋଇଥିବେ ଏବଂ ବିବାହ ସମୟରେ ଏହା ଗୁପ୍ତ ରଖାଯାଇଥିବ, ତେବେ ସ୍ତ୍ରୀ ଏହି ବିବାହକୁ ଅସିଦ୍ଧବୋଲି ଆବେଦନ କରିପାରିବେ ଏବଂ ଉପଯୁକ୍ତ ଚିକିସ୍ୱା ଅଧିକାରୀଙ୍କ ବିବରଣୀ ଏବଂ ତଥ୍ୟ ଅନୁସନ୍ଧାନ କରି ଅଦାଲତ ଏହି ବିବାହକୁ ଅସିଦ୍ଧ ଘୋଷଣା କରିପାରନ୍ତି।

**କେତେକ ଜ୍ଞାତବ୍ୟ ସୂଚନା :**

ବିବାହ ପରେ ୧ ବର୍ଷ ଧରି ସ୍ୱାମୀ ସ୍ତ୍ରୀ ଏକତ୍ର ରହିବା ପରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିପାରିବେ। ବିବାହ ପରେ ପରେ କିମ୍ବା ବିବାହର ୧ ବର୍ଷ ମଧ୍ୟରେ ଏହି ଆଇନ୍ ବିବାହ ବିଚ୍ଛେଦ ପାଇଁ ଅନୁମତି ଦିଏ ନାହିଁ; ଦ୍ରଷ୍ଟବ୍ୟ: ଧାରା ୧୪ । ହିନ୍ଦୁ ବିବାହ ଅଇନ୍ ଅନୁସାରେ ବିବାହ ହିନ୍ଦୁମାନଙ୍କର ପ୍ରଥା ବା ନୀତିନିୟମ ଅନୁସାରେ ଅନୁଷ୍ଠିତ ହେବା ବିଧେୟ। ଏହି ପ୍ରଥା ଅନୁସାରେ ପବିତ୍ର ଅଗ୍ନିର ଚତୁଃପାର୍ଶ୍ୱରେ ସପ୍ତପଦୀ ପ୍ରଦକ୍ଷିଣ ଦ୍ୱାରା ବିବାହ-ବନ୍ଧନ ସ୍ୱୀକୃତି ପ୍ରାପ୍ତ ହୋଇଥାଏ; ଦ୍ରଷ୍ଟବ୍ୟ ଧାରା ୭(୨)। ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟଏକତ୍ର ଜୀବନଯାପନ କରିବା ଅସମ୍ଭବ ମନେ କରିବେ, ତେବେ ପରସ୍ପର ସମ୍ମତ୍ତି କ୍ରମେ ବିବାହ ବିଚ୍ଛେଦ ଲାଗି ଆବେଦନ କରିପାରିବେ । ଏ କ୍ଷେତ୍ରରେ ସ୍ୱାମୀ ଏବଂ ସ୍ତ୍ରୀ ଏକତ୍ର ଅଦାଲତକୁ ଦରଖାସ୍ତ କରିପାରିବେ। ବିବାହର ୧ ବର୍ଷ ପରେ ସେମାନେ ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ। ଏପରି ଆବେଦନ ପାଇବା ପରେ କୋର୍ଟ

ଉଭୟଙ୍କୁ ଡ଼କାଇ ଉଭୟଙ୍କର ମତାମତ ଏବଂ ସମ୍ଭାବ୍ୟ ମତ ପରିବର୍ତ୍ତନ ସମ୍ପର୍କରେ ଅନୁସନ୍ଧାନ କରି ଉଭୟଙ୍କର ବିବାହ-ବିଚ୍ଛେଦ ଲାଗି ଆଦେଶ ଦେଇପାରନ୍ତି; ଦ୍ରଷ୍ଟବ୍ୟ: ଧାରା ୧୩ (ବି) ।

**ଧାରା ୧୩(ବି) ଅଧୀନରେ ବିବାହ-ବିଚ୍ଛେଦ ନିମନ୍ତେ ସହମତି-ଭିତ୍ତିକ ଆବେଦନର କେତେକ ସୁବିଧାସୁଯୋଗ :-**

- ଏହା ଫଳରେ ଏକ ବିବାହ ବିଚ୍ଛେଦ ମାମଲା ତୁରନ୍ତ ସମାଧାନ ହୋଇପାରିଥାଏ ।
- ପରସ୍ପର ସହମତି ପୂର୍ବକ କେତେଗୁଡ଼ିଏ ସମସ୍ୟା, ଯଥା ଭରଣପୋଷଣ, ଯୌତୁକ ସାମଗ୍ରୀ ଓ ସମ୍ପତ୍ତି ଓ ଉପହାର ଆଦି ଫେରାଇବା, ସନ୍ତାନର ହେପାଜତ୍ ଓ ଉତ୍ତରଦାୟିତ୍ୱ ଇତ୍ୟାଦି ସମସ୍ୟା ଉଭୟଙ୍କ ସମ୍ମତିରେ ସମାଧାନ ହୋଇପାରିଥାଏ। ଏହା ଉଭୟ ପକ୍ଷକୁ ଅଯଥା ସମୟ ଅପଚୟ ଏବଂ ଅର୍ଥବ୍ୟୟରୁ ରକ୍ଷା କରିଥାଏ।
- ଏହି ବ୍ୟବସ୍ଥା ସ୍ୱାମୀ /ସ୍ତ୍ରୀଙ୍କୁ ସେମାନଙ୍କର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରି ଏକ ଆପୋଷମୂଳକ ସମାଧାନ ପାଇଁ ସୁଯୋଗ ପ୍ରଦାନ କରିଥାଏ।

**ହିନ୍ଦୁ ବିବାହ ଆଇନ୍‌ର ଅନ୍ୟାନ୍ୟ ଲୋକାଭିମୁଖୀ ବ୍ୟବସ୍ଥା:**

- ଯଦି ଅଦାଲତ ମନେ କରିବେ ଯେ, ଉଭୟ ପକ୍ଷଙ୍କ ଭିତରୁ କୌଣସି ପକ୍ଷ ଆର୍ଥିକ ଅନାଟନ କାରଣରୁ ନିଜ ମୋକଦ୍ଦମା ବ୍ୟୟ ବହନ କରିବା ପାଇଁ ସମର୍ଥ ନୁହଁନ୍ତି ତେବେ ଅଦାଲତ ଏହି ବ୍ୟୟ ଭରଣା କରିବା ପାଇଁ ଅନ୍ୟ ପକ୍ଷଙ୍କୁ ଆଦେଶ ଦେଇପାରିବେ ; ଦ୍ରଷ୍ଟବ୍ୟ: ଧାରା ୨୪।
- କୌଣସି ପକ୍ଷର ଭରଣପୋଷଣ ଦାୟିତ୍ୱ ବହନ କରିବା ପାଇଁ ଅଦାଲତ ଅନ୍ୟ ପକ୍ଷଙ୍କୁ ଆଦେଶ ଦେଇପାରିବେ; ଦ୍ରଷ୍ଟବ୍ୟ:ଧାରା୨୫।
- କେଉଁ ପକ୍ଷକୁ ନାବାଳକ ପିଲାମାନଙ୍କର ହେପାଜତ୍ ଏବଂ ସର୍ବାଙ୍ଗୀନ ଯତ୍ନର ଦାୟିତ୍ୱ ଦିଆଯିବ, ତାହା ମଧ୍ୟ ଅଦାଲତ ଧାର୍ଯ୍ୟ କରିବେ ; ଦ୍ରଷ୍ଟବ୍ୟ: ଧାରା ୨୬।
- ସନ୍ତାନସନ୍ତତି ମାନଙ୍କର ବୈଧତା ନେଇ ପ୍ରଶ୍ନ ଉଠିଲେ, ତାହା ଅଦାଲତ ମୀମାଂସା କରିବେ ; ଦ୍ରଷ୍ଟବ୍ୟ: ଧାରା ୧୬।
- ବିବାହ-ବିଚ୍ଛେଦ ଘୋଷିତ ହେବା ପରେ ମଧ୍ୟ ଉଭୟ ପକ୍ଷ ଚାହିଁଲେ କେତେକ ସର୍ତ୍ତ ପୂରଣ ପୂର୍ବକ ପୁନଃ ବିବାହ କରିପାରିବେ ; ଦ୍ରଷ୍ଟବ୍ୟ: ଧାରା ୧୫।
- ଆଇନ୍ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବ୍ୟବସ୍ଥା ରହିଛି; ଦ୍ରଷ୍ଟବ୍ୟ: ଧାରା ୧୭ ଓ ୧୮।
- ଏହି ଆଇନ୍ ଅଧୀନରେ ପ୍ରତି ମାମଲାର କାର୍ଯ୍ୟବିଧି ରୁଦ୍ଧ ଦ୍ୱାର ଭିତରେ ଅନୁଷ୍ଠିତ ହେବ ଏବଂ କେବଳ ହାଇକୋର୍ଟ ଏବଂ ସୁପ୍ରିମ୍ କୋର୍ଟଙ୍କ ରାୟ ଛଡା ମାମଲା ସଂବନ୍ଧରେ କୌଣସି ବିବରଣୀ କୌଣସି ପ୍ରକାରେ ପ୍ରକାଶ କରାଯିବ ନାହିଁ ; ଦ୍ରଷ୍ଟବ୍ୟ: ଧାରା ୨୨।
- ଅଦାଲତ କ୍ଷତିଗ୍ରସ୍ତ ପକ୍ଷଙ୍କୁ ଉପଶମ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଶୁଣାଇବା ସହିତ ଉଭୟ ପକ୍ଷଙ୍କ ଭିତରେ ମିଳାମିଶା କରିବା ପାଇଁ ପ୍ରୟାସ କରିବେ । ଏହି ମିଳାମିଶାର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି କୌଣସି ପକ୍ଷ ଯେଉଁ ବ୍ୟକ୍ତିଙ୍କ ନାମ ସୂଚୀତ କରିଥିବେ, ଅଦାଲତ ସେମାନଙ୍କୁ ବିଚାର ପ୍ରକ୍ରିୟାର ସହାୟକ ରୂପେ ନିଯୁକ୍ତ କରିପାରନ୍ତି ; ଦ୍ରଷ୍ଟବ୍ୟ: ଧାରା ୨୩।

- ବିଭିନ୍ନ ଇଲାକାର ଜିଲ୍ଲା ନ୍ୟାୟାଳୟ ସାମନାରେ ଏହି ଆଇନ୍ ଅଧୀନରେ ଏକ ମାମଲା ଦାଏର୍ ହୋଇପାରିବ; ଯଥା, ଆବେଦକ ବା ପ୍ରତିବାଦୀ ଯେଉଁଠି ବର୍ତ୍ତମାନ ବାସ କରୁଥିବେ, ଯେଉଁଠି ବିବାହ ଅନୁଷ୍ଠିତ ହୋଇଥିବ, ଅଥବା ଉଭୟ ପକ୍ଷ ଶେଷଥର ପାଇଁ ଯେଉଁଠାରେ ବାସ କରିଥିଲେ ; ଦ୍ରଷ୍ଟବ୍ୟ: ଧାରା ୧୯ ।

- ଗୋଟିଏ ଦଲିଲ୍ ବିଧିବଦ୍ଧ ଭାବେ ପଞ୍ଜିକୃତ ବା ମୋହର-ସମ୍ବଳିତ ହୋଇନଥିଲେ ମଧ୍ୟ ତାହା ଏହି ଆଇନ୍ ଅଧୀନରେ ଚାଲୁଥିବା ଗୋଟିଏ କେଶ୍‌ର କାର୍ଯ୍ୟବିଧିରେ ସାକ୍ଷ୍ୟ-ପ୍ରମାଣ ଉଦ୍ଦେଶ୍ୟରେ ଉପସ୍ଥାପିତ ହୋଇପାରିବ ; ଦ୍ରଷ୍ଟବ୍ୟ: ଧାରା ୨୧ (ସି) ।

- ବିବାହ ସମୟରେ ପ୍ରଦତ୍ତ ଉପହାରସମୂହ, ଯାହାକି ଉଭୟ ସ୍ୱାମୀ ଓ ସ୍ତ୍ରୀ ସ୍ୱତ୍ତ୍ୱାଧୀନ ଥିବ, ତାହାର ଉପଯୁକ୍ତ ଭାଗବଣ୍ଟା କେଶ୍ ଫଇସଲା ସମୟରେ ହୋଇପାରିବ ; ଦ୍ରଷ୍ଟବ୍ୟ: ଧାରା ୨୭ ।

## ହିନ୍ଦୁ ନାବଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬

**ସନ୍ତାନମାନଙ୍କର ସ୍ୱାଭାବିକ ତତ୍ତ୍ୱାବଧାରକ କିଏ ?**

ହିନ୍ଦୁ ନାବଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୬ ଅନୁଯାୟୀ ସନ୍ତାନମାନଙ୍କର ସମ୍ପତ୍ତିର ସ୍ୱାଭାବିକ ତତ୍ତ୍ୱାବଧାରକ ଭାବେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ବୁଝାଏ ।

| | |
|---|---|
| ପୁତ୍ର ଏବଂ ଅବିବାହିତ କନ୍ୟା | ପ୍ରଥମେ ପିତା |
| | ତାପରେ ମାତା |
| ବୈବାହିକ ସଂପର୍କ ବିନା ଜାତ କନ୍ୟା ଓ ପୁତ୍ର | ପ୍ରଥମେ ମାତା |
| | ତା ପରେ ପିତା |
| ବିବାହିତ କନ୍ୟା | ସ୍ୱାମୀ |

**ନିମ୍ନୋକ୍ତ କ୍ଷେତ୍ରରେ ସ୍ୱାଭବିକ ତତ୍ତ୍ୱାବଧାରକ ତାଙ୍କର ଅଧିକାର ହରାଇ ଥାଆନ୍ତି ।**

- ଯଦି ସେ ତାଙ୍କର ଧର୍ମ ପରିବର୍ତ୍ତନ କରନ୍ତି ।

- ଯଦି ସେ ଗୃହତ୍ୟାଗୀ ଓ ସନ୍ୟାସୀ ହୋଇଯାନ୍ତି ।

ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୧୩ ଅନୁସାରେ ସନ୍ତାନମାନଙ୍କର ମଙ୍ଗଳ ବିଧାନକୁ ଆଖି ଆଗରେ ରଖି ନିଷ୍ପତ୍ତି ନିଆଯାଇଥାଏ ।

୧. କୌଣସି ବ୍ୟକ୍ତିଙ୍କୁ ତତ୍ତ୍ୱାବଧାରକ ଭାବେ ନିର୍ଣ୍ଣୟ କରିବା ପୂର୍ବରୁ ସନ୍ତାନର ମଙ୍ଗଳ ଦୃଷ୍ଟିରୁ ସେ କାହା ପାଖରେ ରହିବା ଉଚିତ୍ ହେବ, ତାହା ଅଦାଲତଙ୍କ ହୃଦ୍‌ବୋଧ ହେଲେ ସନ୍ତାନର ଲାଳନପାଳନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ସନ୍ତାନର ମଙ୍ଗଳ କହିଲେ ତା'ର ଲାଳନପାଳନ, ଭରଣପୋଷଣ ଏବଂ ଶିକ୍ଷା ଉପରେ ଅଦାଲତ ଗୁରୁତ୍ୱ ଦେଇଥାଆନ୍ତି । ହିନ୍ଦୁ ବିବାହ ଆଇନ୍ ୧୯୫୫ର ୨୬ ଧାରା ଅନୁଯାୟୀ ମାତା କିମ୍ବା ପିତାଙ୍କୁ ସନ୍ତାନର ଲାଳନପାଳନର ଦାୟିତ୍ୱ ଦିଆଯାଇଥାଏ ।

୨. ହିନ୍ଦୁ ବିବାହ ଆଇନ୍ ଅନୁଯାୟୀ ଯଦି କୌଣସି କ୍ଷେତ୍ରରେ ଉକ୍ତ ଅଭିଭାବକ ନାବାଳକ ପୁତ୍ର/ କନ୍ୟାଙ୍କର ମଙ୍ଗଳ ବିଧାନରେ ପ୍ରତିକୂଳତା ସୃଷ୍ଟି କରନ୍ତି, ତେବେ ସେ ତାଙ୍କର ଅଧିକାର ହରାଇ ଥାଆନ୍ତି ।

୩. ସାବତ ବାପା / ମା କୌଣସି ସ୍ଥଳରେ ସ୍ୱାଭାବିକ ଅଭିଭାବକ ହୋଇପାରିବେ ନାହିଁ ।

୪.	ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ଅନୁସାରେ ୫ ବର୍ଷ ବୟସରୁ କମ୍ ସନ୍ତାନମାନେ ମାତାଙ୍କ ତତ୍ତ୍ୱାବଧାନରେ ରହିବେ। ୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ସନ୍ତାନମାନେ ପିତାଙ୍କ ତତ୍ତ୍ୱାବଧାନରେ ରହିବାର ଅଧିକ ସମ୍ଭାବନା ଥାଏ।

ଏକାକୀ ରହୁଥିବା ମହିଳାମାନେ ସାଧାରଣତଃ ସନ୍ତାନମାନଙ୍କର ବିଦ୍ୟାଳୟରେ ପ୍ରବେଶ ତଥା ସରକାରୀ /ବେସରକାରୀ ସଂସ୍ଥାରେ ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଏହି ସଂସ୍ଥାମାନେ ଆବଶ୍ୟକୀୟ କାଗଜପତ୍ରରେ ପିତାଙ୍କର ଦସ୍ତଖତ ଉପରେ ଗୁରୁତ୍ୱାରୋପ କରିଥାନ୍ତି। କିନ୍ତୁ ଉଭୟ ମାତା ଓ ପିତା ଆଇନତଃ ସନ୍ତାନମାନଙ୍କ ସ୍ୱାଭାବିକ ଅଭିଭାବକ ଅଟନ୍ତି। ଲେଖିକା ଗୀତା ହରିହରନ୍ଙ୍କ ମାମଲାରେ ଭାରତର ସୁପ୍ରିମ୍ କୋର୍ଟ ଏଭଳି କ୍ଷେତ୍ରରେ ଆଇନ୍ର ବିଧିବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଗୀତା ହରିହରନ୍ ଜଣେ ପ୍ରସିଦ୍ଧ ଲେଖିକା ଥିଲେ ଏବଂ ତାଙ୍କର ସ୍ୱାମୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନୀ ରୂପେ କାର୍ଯ୍ୟକରନ୍ତି। ସେମାନେ ଉଭୟ ତାଙ୍କର ପୁତ୍ର ରିଷଭଙ୍କ ନାମରେ ରିଜର୍ଭ ବ୍ୟାଙ୍କରୁ ୨୦,୦୦୦/- ଟଙ୍କାର ରିଲିଫ୍ ବଣ୍ଡ ଉଠାଇବା ପାଇଁ ଚାହୁଁଥିଲେ ଏବଂ ଏ କ୍ଷେତ୍ରରେ ଗୀତା ହରିହରନ୍ଙ୍କୁ ପୁତ୍ରର ଅଭିଭାବକ ହିସାବରେ ଦର୍ଶାଇ ଆବଶ୍ୟକୀୟ କାଗଜପତ୍ରରେ ତାଙ୍କର ଦସ୍ତଖତ ଦିଆ ଯାଇଥିଲା। କିନ୍ତୁ ବ୍ୟାଙ୍କ୍ ଗୀତାଙ୍କୁ ପୁତ୍ରର ଅଭିଭାବକ ଭାବରେ ସ୍ୱୀକାର ନକରି ପିତାଙ୍କ ଦସ୍ତଖତ ଉପରେ ଗୁରୁତ୍ୱ ଦେଇଥିଲେ, ଅଥବା ଯଦି ମା ଅଭିଭାବକ ଭାବରେ ପ୍ରମାଣପତ୍ର ଦର୍ଶାଇ ପାରିବେ, ତେବେ ତାହା ବ୍ୟାଙ୍କ୍ ଗ୍ରହଣ କରିବ ବୋଲି କହିଥିଲେ। ଏହି ପରିସ୍ଥିତିରେ ବାଧ୍ୟ ହୋଇ ଗୀତା  ହରିହରନ୍  ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଯୁକ୍ତି ଦର୍ଶାଇ ଥିଲେ ଯେ, ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୫(ଏ) ଏବଂ ଅଭିବାବକ ଓ ପ୍ରତିପାଲ୍ୟ ଆଇନ୍ ୧୮୯୦ର ଧାରା ୧୫କୁ ସମ୍ମିଳିତ ଅଧ୍ୟୟନ କଲେ, ତାହା ସମ୍ବିଧାନର ଧାରା ୧୪ରେ ଥିବା ସମାନତାର ଅଧିକାର ଏବଂ ଧାରା ୧୫ରେ ଲିଙ୍ଗଗତ ବୈଷମ୍ୟକୁ ନିଷେଧ କରୁଥିବା ପ୍ରାବଧାନକୁ ଉଲ୍ଲଂଘନ କରୁଅଛି। ତେଣୁ ଉପରୋକ୍ତ  ଧାରାଗୁଡ଼ିକୁ ହିନ୍ଦୁ ଆଇନ୍ରୁ ବାଦ ଦିଆଯାଉ। ଏ କ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ମନ୍ତବ୍ୟ ଥିଲା, ରିଜର୍ଭ ବ୍ୟାଙ୍କ ଏହି ଆଇନ୍ର ଭୁଲ୍ ତର୍ଜମା କରୁଛନ୍ତି ଓ ମାତା ମଧ୍ୟ ଆଇନ୍ତଃ ସନ୍ତାନର ସ୍ୱାଭାବିକ ଅଭିଭାବକ ଅଟନ୍ତି (ଦ୍ରଷ୍ଟବ୍ୟ: ଗୀତା ହରିହରନ୍ ବନାମ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ୧୯୯୯ ଏସ୍.ସି. ୨୬୩)।

**ଅଦାଲତ ନିମ୍ନୋକ୍ତ କ୍ଷେତ୍ରରେ ମାତାଙ୍କୁ ଅଭିଭାବକ ଭାବରେ ଗ୍ରହଣ କରିଥାଏ:**

- ଯଦି ପିତାଙ୍କ କଥାରେ କିମ୍ବା ଲିଖିତ ଭାବେ ନାବଳକ ସନ୍ତାନର ଉତ୍ତରଦାୟିତ୍ୱ ମାତାଙ୍କ ଉପରେ ନ୍ୟସ୍ତ ହୋଇଥାଏ।
- ଯଦି ନାବାଳକ କନ୍ୟା/ପୁତ୍ରଙ୍କର  ଲାଳନପାଳନ ପାଇଁ ମାତାଙ୍କର ଆବଶ୍ୟକତା ଥାଏ।
- ଯଦି ମାନସିକ କିମ୍ବା ଶାରୀରିକ ଭାବେ ପିତା ସନ୍ତାନମାନଙ୍କର ଅଭିଭାବକ ଭାବରେ ଦାୟିତ୍ୱ ତୁଲାଇବାରେ ଅସମର୍ଥ ହୋଇଥାଆନ୍ତି।

କିନ୍ତୁ ସୁପ୍ରିମ କୋର୍ଟ ହିନ୍ଦୁ ନାବାଳକତ୍ୱ ଏବଂ ଅଭିଭାବକତ୍ୱ ଆଇନ୍ର ବିଧିବ୍ୟବସ୍ଥା ସମ୍ବିଧାନର ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବାର ଯୁକ୍ତିକୁ ଗ୍ରହଣ ନ କରି ଦର୍ଶାଇଥିଲେ ଯେ ଏହି ଉପରୋକ୍ତ ଧାରାଗୁଡିକରେ ପ୍ରଥମେ ପିତା ଓ ତାପରେ ମାତାଙ୍କୁ ପୁତ୍ର ଓ ଅବବାହିତା କନ୍ୟାଙ୍କର ସ୍ୱାଭାବିକ ଅଭିଭାବକ ଭାବେ ଗ୍ରହଣ କରିବାର ବ୍ୟବସ୍ଥାକୁ ରିଜର୍ଭ ବ୍ୟଙ୍କ ଯଥୋଚିତ ଢଙ୍ଗରେ  ତର୍ଜମା କରିନାହାନ୍ତି, ତେଣୁ ଏହି ଧାରାଦ୍ୱୟକୁ ବାଦ ଦିଆଯିବ ନାହିଁ।

## ହିନ୍ଦୁ ଉତ୍ତରାଧିକାର ଆଇନ୍, ୧୯୫୬

**ହିନ୍ଦୁ ମହିଳାଙ୍କର ସମ୍ପତ୍ତି ଅଧିକାର**

୧୯୩୭ ମସିହାରେ ସର୍ବ ପ୍ରଥମେ ହିନ୍ଦୁ ମହିଳା ସମ୍ପତ୍ତି ଅଧିକାର ଆଇନ୍ ହିନ୍ଦୁ ମହିଳାଙ୍କୁ ସମ୍ପତ୍ତିଗତ ଅଧିକାର ପ୍ରଦାନ କରିଥିଲା। ଏହି ଆଇନ୍ ଅନୁଯାୟୀ ଏକ ସଂଯୁକ୍ତ ପରିବାରରେ ଜଣେ ହିନ୍ଦୁ ମହିଳାଙ୍କର ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଅଛି। ଯଦିଓ ଏହି ଆଇନ୍ ମହିଳାଙ୍କୁ ମାଲିକାନା ସତ୍ତ୍ୱର ଅଧିକାର ଦେଇନାହିଁ, ସ୍ୱାମୀଙ୍କର ମୃତ୍ୟୁପରେ ସେ ଏହି ଅଧିକାର ପାଇପାରିବେ। ଏହାର ଅର୍ଥ, ସେ ଏହାକୁ ବିକ୍ରୀ ସୂତ୍ରରେ ଅନ୍ୟକୁ ହସ୍ତାନ୍ତର କରିପାରିବେ ନାହିଁ, କିନ୍ତୁ ଜୀବିତ ଅବସ୍ଥାରେ ତାଙ୍କୁ କାହାରି ଦୟା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାରକୁ ଏହି ଆଇନ୍ ଅନୁଯାୟୀ କିଛି ମାତ୍ରାରେ ସୀମିତ କରି ଦିଆଯାଇଛି। ସମଗ୍ର ଦେଶରେ କେତେକ ମହିଳା, ମହିଳା ଅନୁଷ୍ଠାନ ତଥା ବୁଦ୍ଧିଜୀବି ମାନଙ୍କର କ୍ରମାଗତ ଆନ୍ଦୋଳନ ଓ ଦାବୀ ଫଳରେ ମହିଳାମାନଙ୍କର ସମ୍ପତ୍ତିଗତ ଅଧିକାର ଆଇନ୍‌ର ପ୍ରବର୍ତ୍ତନ ସମ୍ଭବ ହୋଇପାରିଥିଲା। କିନ୍ତୁ ଏହା ସତ୍ତ୍ୱେ ଏହି ଆଇନ୍ ମହିଳାମାନଙ୍କୁ ନ୍ୟାଯ୍ୟ ସମ୍ପତ୍ତିଗତ ଅଧିକାର ଦେବାରେ ସକ୍ଷମ ହୋଇ ପାରିନଥିଲା। ମହିଳା ଅନୁଷ୍ଠାନମାନଙ୍କ ତରଫରୁ ସରକାରଙ୍କ ଉପରେ କ୍ରମାଗତ ଚାପ ଫଳରେ ହିନ୍ଦୁ ଉତ୍ତରାଧିକାର ଆଇନ୍ ୧୯୫୬ର ପ୍ରବର୍ତ୍ତନ କରାଯାଇଥିଲା, ଯାହାକି ମହିଳାମାନଙ୍କୁ ସମ୍ପତ୍ତି ଉପରେ ପୁରୁଷମାନଙ୍କ ସହ ସମାନ ଅଧିକାର ପ୍ରଦାନ କରିଥିଲା।

୧୯୫୬ ମସିହାରୁ  ହିନ୍ଦୁ ଉତ୍ତରାଧିକାର ଆଇନ୍ ପ୍ରବର୍ତ୍ତନ କରାଯାଇ ମହିଳା ମାନଙ୍କର ସମ୍ପତ୍ତିର ଅଧିକାରର ବୈଧତାକୁ ଗ୍ରହଣ କରାଗଲା। ଏହି ଆଇନ୍‌ର ଧାରା ୧୪ସ୍ପଷ୍ଟଭାବେ ସୂଚନା ଦିଏ ଯେ, ହିନ୍ଦୁ ମହିଳା ନିଜ ନାମରେ ସମ୍ପତ୍ତି ରୋଜଗାର କରିପାରିବେ ଏବଂ ତାହାକୁ ନିଜ ନାମରେ ରଖିପାରିବେ। ସେ ସମ୍ପତ୍ତିକୁ ନିଜ ଇଚ୍ଛା ଅନୁଯାୟୀ ଯାହା ଚାହିଁବେ ସେ କରି ପାରିବେ। ପୁରୁଷମାନଙ୍କ ଭଳି ମହିଳାମାନଙ୍କର ମଧ୍ୟ ସମ୍ପତ୍ତି କିଣିବା ଓ ବିକିବାର ଅଧିକାର ରହିଛି। ପୈତୃକ ସମ୍ପତ୍ତି, ସମ୍ପର୍କୀୟଙ୍କଠାରୁ ପ୍ରାପ୍ତ ସମ୍ପତ୍ତି, ବିବାହ ସୂତ୍ରରେ ମିଳିଥିବା ସମ୍ପତ୍ତି, ସ୍ୱରୋଜଗାର ତଥା ଉପହାର ସୂତ୍ରରେ ମିଳିଥିବା ସମ୍ପତ୍ତି ଇତ୍ୟାଦି ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି।

ଏକଥା ସତ, ହିନ୍ଦୁ ଉତ୍ତରାଧିକାର ଆଇନ୍‌ରେ ପୈତୃକ ସମ୍ପତ୍ତି ଉପରେ ପୁତ୍ର ଓ କନ୍ୟାଙ୍କର ସମାନ ଅଧିକାର ମିଳି ନଥିଲା। କିନ୍ତୁ ୨୦୦୫ ମସିହାର ସଂଶୋଧନ ଫଳରେ ଧାରା  ୬ ଅଧୀନରେ ପୁତ୍ର ତଥା କନ୍ୟାଙ୍କର ସମାନ ଅଧିକାରକୁ ମାନ୍ୟତା ଦିଆଗଲା।

ଏଠାରେ ଉଲ୍ଲେଖନୀୟ ଯେ, ୧୯୮୫ ମସିହାରେ ଆନ୍ଧ୍ର ପ୍ରଦେଶରେ ମହିଳାମାନଙ୍କ ସମ୍ପତ୍ତିର ଅଧିକାର ଆଇନ୍‌ରେ ଯେଉଁ ସଂଶୋଧନ ଅଣାଗଲା, ସେଥିରେ ମହିଳାମାନଙ୍କର ସମାନ ଅଧିକାରକୁ ସ୍ୱୀକୃତି ଦିଆଯାଇଛି । ଯୌତୁକ ଜନିତ ନିର୍ଯ୍ୟାତନାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ହିନ୍ଦୁ ଉତ୍ତରାଧିକାର ଆଇନ୍‌ରେ ଏହି ସଂଶୋଧନ ଅଣାଯାଇଥିଲା। ଏହା ଫଳରେ ସମାଜରେ ମହିଳାମାନଙ୍କର ସ୍ଥିତି ଅଧିକ ସୁଦୃଢ଼ ହୋଇପାରିବ ଏବଂ ଯୌତୁକ ନିର୍ଯ୍ୟାତନା ହ୍ରାସ ପାଇବ ବୋଲି ବିଶ୍ୱାସ କରାଯାଇଥିଲା। କିନ୍ତୁ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ, ଗତ ଦଶନ୍ଧି ମଧ୍ୟରେ ଯୌତୁକ ନିର୍ଯ୍ୟାତନା କମିବା ପରିବର୍ତ୍ତେ କ୍ରମଶଃ ବଢ଼ିଚାଲିଛି। ଏହି ଆଇନ୍‌ର ଯେଉଁ ସଂଶୋଧନ କରାଗଲା, ତାହାର ସଫଳ ପ୍ରୟୋଗ ପାଇଁ ବ୍ୟାପକ ସଚେତନତା କର୍ଯ୍ୟକ୍ରମର ଏକାନ୍ତ ଅବଶ୍ୟକତା ରହିଛି। ପ୍ରକୃତ ପକ୍ଷେ ଯଦି ପିତା / ମାତା କନ୍ୟାମାନଙ୍କୁ ପୁତ୍ରମାନଙ୍କ ପରି ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସ୍ୱୀକାର କରନ୍ତି, ତେବେ ଏ ପ୍ରକାର ସଂଶୋଧନର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ।

**ପିତୃ-ଅର୍ଜିତ ଘର ଉପରେ ଅଧିକାର :**

ହିନ୍ଦୁ ଉତ୍ତରାଧିକାର ଆଇନ୍‌ର ଧାରା ୨୩ ଅନୁଯାୟୀ ଯଦି ଘରଡିହ ସମ୍ପତ୍ତି ଉପରେ  ଉଇଲ୍ (ଇଚ୍ଛାପତ୍ର) ହୋଇନଥିବ ତେବେ ପିତୃ-ଅର୍ଜିତ ଘରେ ଅବିବାହିତ କନ୍ୟା, ବିଧବା କନ୍ୟା ତଥା ସ୍ୱାମୀ ପରିତ୍ୟକ୍ତା କନ୍ୟାଙ୍କର ବସବାସ କରିବାର ଅଧିକାର ଅଛି, କିନ୍ତୁ ଗୃହର ଆବଣ୍ଟନ ପାଇଁ ସେ ଆବେଦନ କରି ପାରିବେ ନାହିଁ। କେବଳ ପୁରୁଷମାନଙ୍କ ଆବେଦନରେ ହିଁ  ଘରଡିହ ଜମିର ଭାଗବଣ୍ଟା କରାଯାଇପାରିବ।

**ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତିଗତ ଅଧିକାର :-**

ହିନ୍ଦୁ ଉତ୍ତରାଧିକାର ଆଇନ୍ ଅନୁଯାୟୀ କେତେକ କ୍ଷେତ୍ରରେ ଇଛାପତ୍ର ହେଉଛି ଗୋଟିଏ ଦଲିଲ୍ ବା ପ୍ରମାଣପତ୍ର। ଜଣେ ହିନ୍ଦୁ ପୁରୁଷ ତାର ପୈତୃକ ସମ୍ପତ୍ତି ଯାହାକୁ ଦେବାପାଇଁ ଚାହାନ୍ତି, ତାହାଙ୍କ ନାମରେ ସେ ଉଇଲ୍ କରି ଦେଇ ଥାଆନ୍ତି। ଯଦି ଉଇଲ୍ କରି ନଥାନ୍ତି, ତେବେ ତାଙ୍କର ମୃତ୍ୟୁପରେ ସେସବୁ ସମ୍ପତ୍ତି ତାଙ୍କର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ।

ଯଦି ଜଣେ ହିନ୍ଦୁ ମହିଳା ଉତ୍ତରାଧିକାର ସୂତ୍ରରେ ଯୌତୁକ ସମ୍ପତ୍ତି ପାଇଥାଆନ୍ତି, ତେବେ ଏହି ସମ୍ପତ୍ତିକୁ ଉତ୍ତରାଧିକାର ସୂତ୍ରରେ ପାଇବା ପାଇଁ ତାଙ୍କର ଜୀବିତ ଥିବା ସନ୍ତାନମାନେ ହକ୍‌ଦାର। ଯଦି ସେମାନେ ଜୀବିତ ନାହାନ୍ତି, ତେବେ ମହିଳାଙ୍କର ପିତା ଓ ମାତା, ଏବଂ ପୁଣି ସେମାନେ ଯଦି ଜୀବିତ ନାହାନ୍ତି, ତେବେ ପିତାଙ୍କର ନିକଟ ସମ୍ପର୍କୀୟ ମାନେ, ଏବଂ ପୁଣି ଯଦି ସେମାନେ ଜୀବିତ ନାହାନ୍ତି, ତେବେ ମାତାଙ୍କର ନିକଟ ସମ୍ପର୍କୀୟ ମାନେ ଏହି ସମ୍ପତ୍ତି ପାଇବା ପାଇଁ ହକ୍‌ଦାର ହେବେ ।

ଯଦି ଜଣେ ହିନ୍ଦୁ ମହିଳା ବୈବାହିକ ସମ୍ପର୍କରୁ ଉତ୍ତରାଧିକାର ସୂତ୍ରରେ ସମ୍ପତ୍ତି ଲାଭ କରିଥାଆନ୍ତି କିମ୍ବା ଶଶୁରଙ୍କ ମୃତ୍ୟୁପରେ ପାଇଥାଆନ୍ତି, ତେବେ ସେ ସବୁ ସମ୍ପତ୍ତି ତାଙ୍କର ଜୀବିତ ସନ୍ତାନମାନେ ପାଇବେ, ଏବଂ ଯଦି ସେମାନେ ଜୀବିତ ନାହାନ୍ତି, ତେବେ ତାଙ୍କର ସ୍ୱାମୀଙ୍କର ଉତ୍ତରାଧିକାରୀମାନେ ପାଇବେ । ଯଦି ସ୍ୱାମୀ କିମ୍ବା ଶ୍ୱଶୁରଙ୍କର କୌଣସି ଉତ୍ତରାଧିକାରୀ ଜୀବିତ ନାହାନ୍ତି ତେବେ ଏ କ୍ଷେତ୍ରରେ ସେସବୁ ସମ୍ପତ୍ତି ମହିଳାଙ୍କର ଉତ୍ତରାଧିକାରୀମାନେ ପାଇପାରିବେ।

**ହିନ୍ଦୁ ପୁରୁଷଙ୍କର ମୃତ୍ୟୁ ପରେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ :-**

- ପୁତ୍ର,କନ୍ୟା, ସ୍ତ୍ରୀ,ମା,ନାତି,ନାତୁଣୀ ଏବଂ ମୃତପୁତ୍ରର ପୁତ୍ର, କନ୍ୟା ଓ ସ୍ତ୍ରୀ।
- ଯଦି କୌଣସି ବିଧବା ଦ୍ୱିତୀୟ ବିବାହ କରନ୍ତି, ତେବେ ତାଙ୍କ ପୁତ୍ର ତାଙ୍କ ସମ୍ପତ୍ତିକୁ ଉତ୍ତରାଧିକାର ସୁତ୍ରରେ ପାଇପାରିବେ। କସ୍ତୁରି ଦେବୀ ବନାମ ଚକବନ୍ଦୀ ଉପନିର୍ଦ୍ଦେଶକ, ଏ.ଆଇ.ଆର. ୧୯୭୬, ଏସ.ସି.୨୫୯୫ ମାମଲାରେ ସୁପ୍ରୀମକୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି।
- ପୁନର୍ବିବାହ କରିଥିବା ମହିଳା ସ୍ୱାମୀଙ୍କ ସମ୍ପତ୍ତିର ହକ୍‌ଦାର ହେବା ପାଇଁ ଯୋଗ୍ୟ ନୁହନ୍ତି।
- ମୃତ ପୁତ୍ରର ସ୍ତ୍ରୀ ବା ପୁତ୍ରବଧୂ, ମୃତ ଭ୍ରାତାର ପତ୍ନୀ ବା ଭାଇବୋହୂ ଏବଂ ମୃତ ନାତିର ପତ୍ନୀ ଉତ୍ତରାଧିକାର ସୂତ୍ରରେ ଏହି ସମ୍ପତ୍ତିର ହକଦାର ଅଟନ୍ତି। କିନ୍ତୁ ଉତ୍ତରାଧିକାର ପାଇବା ସମୟରେ ଉକ୍ତ ମହିଳା ପୁନର୍ବିବାହ କରି ନଥିବେ।

**ସ୍ତ୍ରୀଧନ**

ମନୁ ସ୍ମୃତି ଅନୁସାରେ ମହିଳାମାନଙ୍କୁ ପ୍ରଦତ୍ତ ୬ ପ୍ରକାର ଉପହାରକୁ ସ୍ତ୍ରୀଧନ କୁହାଯାଏ।

- ବିବାହ ସମୟରେ ବଧୂକୁ ପବିତ୍ର ଅଗ୍ନି ସମ୍ମୁଖରେ ପ୍ରଦତ୍ତ ଉପହାର
- ବିବାହ ଯାତ୍ରା ସମୟରେ ବଧୂକୁ ପ୍ରଦତ୍ତ ଉପହାର।
- ଶାଶୁ ଶ୍ୱଶୁରଙ୍କଠାରୁ ଆର୍ଶୀବାଦ ରୂପେ ପ୍ରଦତ୍ତ ଉପହାର।
- ପିତାଙ୍କ ତରଫରୁ ପ୍ରଦତ୍ତ ଉପହାର।
- ମାତାଙ୍କ ତରଫରୁ ପ୍ରଦତ୍ତ ଉପହାର।
- ଭ୍ରାତାଙ୍କ ତରଫରୁ ପ୍ରଦତ୍ତ ଉପହାର।

ହିନ୍ଦୁ ବିବାହ ଆଇନ୍, ୧୯୫୫ର ଧାରା ୨୭ ଏବଂ ହିନ୍ଦୁ ଉତ୍ତରାଧିକାର ଆଇନ୍, ୧୯୫୬ର ଧାରା ୧୪ ରେ ସ୍ତ୍ରୀଧନ ଉପରେ କେବଳ ବିବାହିତା ମହିଳାଙ୍କର ଅଧିକାର ରହିଛି। ଯଦି ଉକ୍ତ ମହିଳା ଏହି ସ୍ତ୍ରୀଧନ ସ୍ୱାମୀଙ୍କୁ କିମ୍ବା ଅନ୍ୟ କୌଣସି ସମ୍ପର୍କୀୟଙ୍କୁ ଦିଅନ୍ତି, ତେବେ ସେ ତାର ରକ୍ଷଣାବେକ୍ଷଣ କରିପାରିବେ କିନ୍ତୁ ମାଲିକ ହୋଇ ପାରିବେ ନାହିଁ। ଯଦି କୌଣସି କାରଣରୁ ବିବାହ

ବିଚ୍ଛେଦ ହୁଏ କିମ୍ବା ସ୍ୱାମୀଙ୍କ ନିଷ୍ଠୁର ବ୍ୟବହାର ଯୋଗୁଁ ସ୍ତ୍ରୀ ସ୍ୱତନ୍ତ୍ରଭାବେ ବସବାସ କରୁଥାଆନ୍ତି, ତେବେ ସେ ଏହି ସ୍ତ୍ରୀଧନ ଦାବୀ କରି ସିଭିଲ କୋର୍ଟର ଦ୍ୱାରସ୍ଥ ହୋଇପାରିବେ। ଏପରିକି ସେ ଏଥିପାଇଁ ଫୌଜଦାରୀ ମାମଲା ରୁଜୁ କରିପାରିବେ।

**ପ୍ରତିଭା ରାଣୀ ମାମଲା (ପ୍ରତିଭାରାଣୀ ବନାମ ସୁରଜ କୁମାର, ଏ.ଆଇ.ଆର୍ ୧୯୮୫)**

ପ୍ରତିଭା ରାଣୀଙ୍କର ଏହିପରି ଏକ ମାମଲାରେ ସୁପ୍ରୀମ କୋର୍ଟ ନିଜର ସୁସ୍ପଷ୍ଟ ମତ ପ୍ରକାଶ କରିଛନ୍ତି। ସେହି ସମୟରେ କେତେକ ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ଏହି ସ୍ତ୍ରୀଧନ ବ୍ୟବସ୍ଥା ଧର୍ମୀୟ ପରମ୍ପରା ବଳରେ ପ୍ରଚଳିତ ହୋଇଥିଲା, ମାତ୍ର ବର୍ତ୍ତମାନ ଏହା ଗ୍ରହଣୀୟ ହେଉ ନାହିଁ। କିନ୍ତୁ ପ୍ରତିଭାରାଣୀଙ୍କ ମାମଲାରେ ସୁପ୍ରୀମ କୋର୍ଟ ମହିଳା ମାନଙ୍କରଏହି ଅଧିକାରକୁ ବଳ ପ୍ରଦାନ କରିଥିଲେ। ବିବାହର ୭ ବର୍ଷ ପରେ ପ୍ରତିଭାରାଣୀଙ୍କ ସ୍ୱାମୀ ସନ୍ତାନମାନଙ୍କ ସହ ପ୍ରତିଭାରାଣୀଙ୍କୁ ଘରୁ ବହିଷ୍କାର କରିଥିଲେ। ପ୍ରତିଭାରାଣୀ ଅନ୍ୟ ଉପାୟ ନପାଇ ପିତାଙ୍କ ଘରେ ଆଶ୍ରୟ ନେଇଥିଲେ। କିନ୍ତୁ ତାଙ୍କର ଅବସ୍ଥା ଦୟନୀୟ ହୋଇ ପଡିବାରୁ ସେ ବାଧ୍ୟ ହୋଇ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୪୦୭ ଅଧୀନରେ ଏକ ବିଶ୍ୱାସଘାତକତା ମାମଲା ରୁଜୁ କଲେ। ସେ ନିଜର ଆବେଦନ ପତ୍ରରେ ତାଙ୍କ ବିବାହ ସମୟରେ ପିତାମାତାଙ୍କ ପ୍ରଦତ୍ତ ଉପହାର ଯଥା, ସ୍ୱର୍ଣ୍ଣ ଅଳଙ୍କାର, ରୂପା ଜିନିଷ ତଥା ଶାଢ଼ୀ ଇତ୍ୟାଦି ଲୁଗାପଟାକୁ ଫେରି ପାଇବାକୁ ଅନୁରୋଧ କରିଥିଲେ।

ଏହି ମାମଲା ଦାଏର୍ ହେବା ସଙ୍ଗେସଙ୍ଗେ ଅଭିଯୁକ୍ତ ଅନ୍ୟ ଏକ ମକଦ୍ଦମା ଦାଏର୍ କରି କହିଥିଲେ ଯେ, ଜଣେ ମହିଳାଙ୍କର ଏପରି ମକଦ୍ଦମା ଦାଏର୍ କରିବାର କୌଣସି ଅଧିକାର ନାହିଁ। ହାଇକୋର୍ଟ ତାଙ୍କ ଯୁକ୍ତିକୁ ଗ୍ରହଣ କରି ମକଦ୍ଦମାଟିକୁ ଖାରଜ କରିଦେଇଥିଲେ। ଏହାପରେ ପ୍ରତିଭାରାଣୀ ସୁପ୍ରୀମ କୋର୍ଟର ଆଶ୍ରୟ ନେଇଥିଲେ। ସୁପ୍ରୀମ୍ କୋର୍ଟ ତାଙ୍କ ଆବେଦନକୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି କେଉଁ କାରଣରୁ କେଶ୍‌କୁ ଖାରଜ କରିଦିଆଗଲା ତାହା ଅନୁଧ୍ୟାନ କରିଥିଲେ ଏବଂ ପ୍ରତିଭାରାଣୀଙ୍କ ଆବେଦନ ଯଥାର୍ଥ ବୋଲି ଅନୁଭବ କରି ମନ୍ତବ୍ୟ ରଖିଥିଲେ ଯେ, ଯଦି କୌଣସି ମହିଳା ବିବାହ ପରେ ତାଙ୍କର ସମ୍ପତ୍ତିକୁ ସ୍ୱାମୀଙ୍କୁ ହସ୍ତାନ୍ତର କରିଥାନ୍ତି, ତେବେ ସ୍ୱାମୀ ତା'ର ମାଲିକ ହୋଇପାରିବେ ନାହିଁ। ଜଣେ ନବବଧୂ ତା'ର ସୁନାଗହଣା କିମ୍ବା ଦାମୀ ଉପହାରଗୁଡିକୁ ସ୍ୱତନ୍ତ୍ର ଭାବେ ତାଲା ଦେଇ ରଖିବା କଥା କେହି ଆଶା କରିପାରିବେ ନାହିଁ। ତାର ସ୍ୱାମୀ ଏବଂ ସ୍ୱାମୀଙ୍କ ଘରକୁ ନିଜର ଘର ବୋଲି ଭାବି ସ୍ତ୍ରୀ ତା'ର ବ୍ୟକ୍ତିଗତ ସମ୍ପତ୍ତିକୁ ନିଜ ସ୍ୱାମୀଙ୍କ ଜିମା ଦେଇଥାଏ। ଯଦି ସ୍ତ୍ରୀ ଓ ସ୍ୱାମୀ ପରେ ସ୍ୱତନ୍ତ୍ର ଭାବେ ବସବାସ କରନ୍ତି, ତେବେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କ ସମ୍ପତ୍ତିକୁ ଫେରାଇ ଦେବା ଉଚିତ୍। ତେଣୁ ସୁପ୍ରୀମ କୋର୍ଟ ଏହି ମାମଲାକୁ ଖାରଜ ନକରି ପୁନଃବିଚାର ପାଇଁ ହାଇକୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ।

ଯଦି ବିବାହ ବିଚ୍ଛେଦ ପରେ ସ୍ୱାମୀ ସ୍ତ୍ରୀଙ୍କୁ ସ୍ତ୍ରୀଧନ ଫେରସ୍ତ ନ କରନ୍ତି, ତେବେ ସ୍ତ୍ରୀ ଏକ ଫୌଜଦାରୀ କେଶ୍ ମଧ୍ୟ କରି ପାରିବେ। ଭାରତୀୟ ଦଣ୍ଡବିଧି ସଂହିତାର ୪୦୭ ଦଫା ଅନୁଯାୟୀ ଏହି ଧର୍ତ୍ତବ୍ୟ ଓ ଜାମିନ୍-ବିହୀନ ଅପରାଧ ପାଇଁ ଦୋଷୀ ବ୍ୟକ୍ତିଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ସ୍ୱାମୀଙ୍କ ଦଖଲରୁ ସ୍ତ୍ରୀଧନ ଫେରି ପାଇବା ପାଇଁ ଦେୱାନି ମୋକଦ୍ଦମା ମଧ୍ୟ କରାଯାଇପାରେ।

**ହିନ୍ଦୁ ପୋଷ୍ୟସନ୍ତାନ ଓ ଭରଣପୋଷଣ ଆଇନ୍, ୧୯୫୬**

ହିନ୍ଦୁ ପୋଷ୍ୟ-ସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଆଇନ୍ ୧୯୫୬ ଅନୁଯାୟୀ ସ୍ୱାମୀ ଆଜୀବନ ସ୍ତ୍ରୀଙ୍କର ଭରଣ ପୋଷଣ ଦାୟିତ୍ୱ ବହନ କରିବେ (ଧାରା ୧୮)। ଏହି ଆଇନ୍‌ର ଧାରା ୨୧ ଅନୁଯାୟୀ ଯଦି ଜଣେ ସ୍ତ୍ରୀଙ୍କ ସ୍ୱାମୀ ମୃତ, ତେବେ ସେ ସ୍ୱାମୀଙ୍କ ସମ୍ପତ୍ତିର ଉତ୍ତରାଧିକାରୀଙ୍କ ଠାରୁ ଭରଣପୋଷଣ ପାଇବେ। ଯଦି ସ୍ୱାମୀଙ୍କର କୌଣସି ସମ୍ପତ୍ତି ନଥାଏ, ତେବେ ମଧ୍ୟ ସେ ଏହି ଦାୟିତ୍ୱରୁ ଖସି ପାରିବେ ନାହିଁ। ବିଧବା ବୋହୂ ମଧ୍ୟ ଶଶୁରଙ୍କ ସମ୍ପତ୍ତିରୁ ଭରଣପୋଷଣ ପାଇପାରିବେ। ଏହି ଆଇନ୍ ଅନୁଯାୟୀ ବୈଧ ବା ଅବୈଧ ନାବାଳକ ସନ୍ତାନସନ୍ତତି ଏବଂ ନିଜକୁ ଚଳାଇବା ନିମନ୍ତେ ଅସମର୍ଥ ବୃଦ୍ଧ ପିତାମାତାଙ୍କର

ଭରଣପୋଷଣ  ପାଇଁ ସଂପୃକ୍ତ ପୁରୁଷ ବା ମହିଳା ଉତ୍ତରଦାୟୀ ରହିବେ (ଧାରା -୨୦)।  ଏଠାରେ ଉଲ୍ଲେଖନୀୟ  ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୨୫ରେ ମଧ୍ୟ ସ୍ତ୍ରୀ, ପିଲାପିଲି ଏବଂ ପିତାମାତାଙ୍କ ଭରଣପୋଷଣ ପାଇଁ ସୁସ୍ପଷ୍ଟ ପ୍ରାବ୍‌ଧାନ ରହିଛି।

**ବିଧବା ପୁତ୍ରବଧୂଙ୍କର ଭରଣପୋଷଣ ଦାୟିତ୍ୱ ଶଶୁରଙ୍କ ଉପରେ ନ୍ୟସ୍ତ :**

ହିନ୍ଦୁ ପୋଷ୍ୟସନ୍ତାନ ଓ ଭରଣପୋଷଣ ଆଇନ୍, ୧୯୫୬ ର  ଧାରା ୧୯ ଅନୁଯାୟୀ ଏକ ହିନ୍ଦୁ ବିଧବା, ତାଙ୍କ ସ୍ୱାମୀଙ୍କ ସମ୍ପତ୍ତିରୁ, ପିତାମାତାଙ୍କଠାରୁ ଏବଂ ତାଙ୍କର ପୁତ୍ରକନ୍ୟାଙ୍କ ଠାରୁ କିମ୍ବା ସେମାନଙ୍କର ସମ୍ପତ୍ତିରୁ ଭରଣପୋଷଣ ପାଇବାକୁ ହକ୍‌ଦାର। ଯଦି ସେମାନେ ତାଙ୍କୁ ଭରଣପୋଷଣ ନଦିଅନ୍ତି, ତା ହେଲେ ସେ ତାଙ୍କ ଶ୍ୱଶୁରଙ୍କଠାରୁ ଭରଣପୋଷଣ ପାଇବାକୁ ହକ୍‌ଦାର ହେବେ ।

**ଧାରା ୧୯ର ସର୍ତ୍ତାବଳୀ :**

- ଯଦି ବିଧବା ପୁତ୍ରବଧୂ ତାଙ୍କର ସ୍ୱାମୀ, ପତାମାତା କିମ୍ବା ସନ୍ତାନମାନଙ୍କ ଠାରୁ କୌଣସି ସମ୍ପତ୍ତି ପାଇନଥିବେ, ଅର୍ଥ ତାଙ୍କର କୌଣସି ଆର୍ଥିକ ସମ୍ବଳ ନଥିବ, ତେବେ ସେ ଭରଣପୋଷଣ ପାଇବାକୁ ହକ୍‌ଦାର ହେବେ ।
- ଯଦି ସେ ପୁନର୍ବାର ବିବାହ କରି ନଥାନ୍ତି ତେବେ ସେ ଶ୍ୱଶୁରଙ୍କ ଠାରୁ ଭରଣ ପୋଷଣ ପାଇବା ପାଇଁ ହକ୍‌ଦାର ଅଟନ୍ତି। ଯଦି ପୁନର୍ବାର ବିବାହ କରିଥିବେ ତେବେ ସେ ତାହା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।
- ଯଦି ଶ୍ୱଶୁର ନିଜେ କୌଣସି ସମ୍ପତ୍ତି ଉତ୍ତରାଧିକାର ସୂତ୍ରରେ ପାଇ ନଥିବେ ଏବଂ ବିଧବା ପୁତ୍ରବଧୂଙ୍କର ଏଥିରେ ଅଂଶ ନଥିବ, ତେବେ ଶ୍ୱଶୁର ଭରଣପୋଷଣ ଦେବା ପାଇଁ ବାଧ୍ୟ ନୁହଁନ୍ତି।

**ସ୍ୱାମୀ ଉପରେ ସ୍ତ୍ରୀର ଭରଣପୋଷଣ ଦାୟିତ୍ୱ**

ପ୍ରଚଳିତ ବିଧିବ୍ୟବସ୍ଥା ଅନୁସାରେ ଆମ ସମାଜରେ ସାଧାରଣତଃ ସ୍ତ୍ରୀର ସମସ୍ତ ଭରଣପୋଷଣର ଦାୟିତ୍ୱ ସ୍ୱାମୀ ଉପରେ ନ୍ୟସ୍ତ ହୋଇଥାଏ। ଆଇନ୍ ଦ୍ୱାରା ଏହା ମଧ୍ୟ ସ୍ୱୀକୃତ। ଭାରତୀୟ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ର ଧାରା ୧୨୫ ଅନୁଯାୟୀ ଯେଉଁ ସ୍ତ୍ରୀର ଅନ୍ୟ କୌଣସି ଆୟ ନାହିଁ, ତାଙ୍କର ଭରଣପୋଷଣ ଦାୟିତ୍ୱ ତାଙ୍କର ସ୍ୱମୀ ବହନ କରିବେ। ଅନେକ ବ୍ୟକ୍ତିଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ ଯେ, ଭରଣପୋଷଣ ଅଧିକାର କିପରି ଭାରତିୟ ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ସ୍ଥାନ ପାଇଲା ? ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ, ଯଦି କୌଣସି କାରଣରୁ  ସ୍ତ୍ରୀ, ସନ୍ତାନ ବା ପିତମାତା ଉପଯୁକ୍ତ ଭରଣପୋଷଣ ନପାଇ ଅବହେଳିତ ହୁଅନ୍ତି, ତେବେ ସେମାନେ ହୁଏତ ବାଧ୍ୟହୋଇ  କୌଣସି ବେଆଇନ୍ ଓ ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇପାରନ୍ତି ଏବଂ ଏହାଦ୍ୱାରା ସମାଜରେ ଆଇନଶୃଙ୍ଖଳା ଭଂଗ ହେବାର ବିପଦ ଲାଗି ରହିବ। ତେଣୁ ଯେପରି ସମାଜରେ କୌଣସି ପରିବାରରେ ସ୍ତ୍ରୀ,ସନ୍ତାନ ଓ ପିତାମାତା ଅବହେଳାର ଶିକାର ନହୁଅନ୍ତି ତାହା ଦେଖିବା ସରକାରଙ୍କର ଦାୟିତ୍ୱ ଅଟେ। କେବଳ ସେହି ଉଦ୍ଦେଶ୍ୟରେ ଏହି ଭରଣପୋଷଣର ଅଧିକାର ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ଅନ୍ତର୍ଭୁକ୍ତ କରାଯାଇଛି। ଯଦି ଜଣେ ବ୍ୟକ୍ତି ଏହି ଦାୟିତ୍ୱ ସଂପାଦନରେ ଅବହେଳା କରନ୍ତି, ତେବେ ତାହା ଏକ ଅପରାଧ ଭାବେ ଗଣ୍ୟ ହେବ ଓ ଅପରାଧୀ ଦଣ୍ଡିତ ହେବ।

**ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୧୨୫ -**

- ➢ ଯଦି ସ୍ତ୍ରୀ ନିଜ ଆୟ ବଳରେ ଜୀବିକା ନିର୍ବାହ କରିବାକୁ ଅକ୍ଷମ ହୋଇଥାନ୍ତି,  ତେବେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ଠାରୁ ଭରଣପୋଷଣ ଦାବୀ କରିପାରିବେ।
- ➢ ନାବାଳକ ସନ୍ତାନସନ୍ତତି, ଯେଉଁମାନେ ଆଇନ୍ ଦୃଷ୍ଟିରେ ବୈଧ ବା ଅବୈଧ ହୋଇପାରନ୍ତି, ଏବଂ ବିବାହିତ ବା ଅବିବାହିତ ହୋଇପାରନ୍ତି, ସେମାନଙ୍କର ଭରଣପୋଷଣର ଦାୟିତ୍ୱ ପିତା ହିଁ ବହନ କରିବେ।

- ବିବାହିତ କନ୍ୟାକୁ ଛାଡି ଅନ୍ୟ ସନ୍ତାନସନ୍ତତି, ସେମାନେ ସାବାଳକ  ହୋଇଥିଲେ ହେଁ ଯଦି ଶାରିରୀକ ବା ମାନସିକ ଅକ୍ଷମତା କାରଣରୁ ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ, ସେପରି ସ୍ଥଳେ ସେମାନଙ୍କର ଭରଣପୋଷଣ ପିତାଙ୍କର ଦାୟିତ୍ୱ।
- ପିତା ବା ମାତା ଯଦି ନିଜ ଆୟ ବଳରେ ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ ହୁଅନ୍ତି, ତେବେ ତାଙ୍କର ଭରଣପୋଷଣ ଦାୟିତ୍ୱ ତାଙ୍କ ପୁତ୍ର/କନ୍ୟାମାନେ ଗ୍ରହଣ କରିବେ।

କିନ୍ତୁ ଜଣେ ସ୍ତ୍ରୀ ଭରଣପୋଷଣ ପାଇଁ ଯୋଗ୍ୟା ବୋଲି ବିବେଚିତ ହେବେନାହିଁ , ଯଦି ସେ ଅବୈଧ ସଂପର୍କ ରଖି ଜୀବନ ନିର୍ବାହ କରୁଥାନ୍ତି, ପର୍ଯ୍ୟାପ୍ତ କାରଣ ନଥାଇ ସ୍ୱାମୀ ଠାରୁ ଅଲଗା ବାସ କରୁଥାନ୍ତି ଅଥବା ପରସ୍ପରର ସହମତି କ୍ରମେ ସ୍ୱାମୀ ଓ ସ୍ତ୍ରୀ  ଅଲଗା ବାସ କରୁଥାନ୍ତି ; ଦ୍ରଷ୍ଟବ୍ୟ: ଫୌଜଦାରି କାର୍ଯ୍ୟବିଧି ସଂହିତା, ଦଫା ୧୨୫(୪ ଓ ୫)।

**ଭରଣପୋଷଣ କିପରି ମିଳିପାରିବ ?**

ନିମ୍ନୋକ୍ତ ଇଲାକା ଉପରେ କ୍ଷେତ୍ରାଧିକାର ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ।

- ଯେଉଁ ସ୍ଥାନରେ ସ୍ୱାମୀ ଅବସ୍ଥାନ କରୁଥିବେ ;
- ଯେଉଁ ସ୍ଥାନରେ ସ୍ୱାମୀ ବା ସ୍ତ୍ରୀ ବସବାସ କରୁଥିବେ ; ଅଥବା
- ଯେଉଁ ସ୍ଥାନରେ ଶେଷଥିର ପାଇଁ ସ୍ୱାମୀ ଯଥାସ୍ଥିତି ସ୍ତ୍ରୀଙ୍କ ସହିତ ବା ଅବୈଧ ସନ୍ତାନଙ୍କ ମା' ସହିତ ଏକତ୍ର ବାସ କରିଥିବେ। (ଦ୍ରଷ୍ଟବ୍ୟ: ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା ୧୨୬)

ଏଠାରେ ଉଲ୍ଲେଖନୀୟ ଯେ, ପୂର୍ବରୁ ଉପରୋକ୍ତ ସଂହିତାର ଦଫା ୧୨୫(୧) ଅନୁସାରେ ସର୍ବାଧିକ ମାସିକ ୫୦୦ ଟଙ୍କା ପର୍ଯ୍ୟନ୍ତ ଭରଣପୋଷଣ ଭତ୍ତା ଦେବାର ବ୍ୟବସ୍ଥା ଥିଲା। ପରନ୍ତୁ ସ୍ୱାମୀଙ୍କର ଯଦି ଦୃଷ୍ଟାନ୍ତ ସ୍ୱରୂପ ୨୫ହଜାର ଟଙ୍କାର ମାସିକ ଆୟ ହୋଇଥାଏ, ତେବେ ବି ସେ ୫୦୦ ଟଙ୍କାରୁ ଅଧିକ ଭତ୍ତା ସ୍ତ୍ରୀଙ୍କୁ ଦେବା ପାଇଁ ଆଦେଶ ଦେବାର କ୍ଷମତା ଅଦାଲତର ନଥିଲା। ବହୁ ମହିଳା ସଂଗଠନ ଏବଂ ବୁଦ୍ଧିଜୀବିମାନେ ଏହି ସୀମିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କ୍ରମାଗତ ସ୍ୱର ଉତ୍ତୋଳନ କରି ଆସୁଥିଲେ । ଅବଶେଷରେ ୨୦୦୧ ମିହାରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୨୫ର ଏକ ସଂଶୋଧନ ଗୃହୀତ ହୋଇଥିଲା, ଯାହାଫଳରେ କି ମାତ୍ର ୫୦୦ଟଙ୍କାର ସୀମିତ ଭତ୍ତା ପରିମାଣକୁ ଉଚ୍ଛେଦ କରାଯାଇ କୁହାଗଲା ଯେ ମାଜିଷ୍ଟ୍ରେଟ୍ ସମୁଦାୟ ପରିସ୍ଥିତିକୁ ବିଚାରକୁ ନେଇ ଭରଣପୋଷଣ ଭତ୍ତାର ପରିମାଣ ସ୍ଥିର କରିବେ।

ଏଠାରେ ପୁଣି ଉଲ୍ଲେଖଯୋଗ୍ୟ ଯେ, ୨୦୦୧ରେ ସଂହିତାର ଉପରୋକ୍ତ ସଂଶୋଧନ ପରେ ବିଭିନ୍ନ ରାଜ୍ୟ ସରକାର ଆଇନ୍ ବଳରେ ଦଫା-୧୨୫ ଅଧୀନସ୍ଥ  ଭତ୍ତାର ପରିମାଣକୁ ଭିନ୍ନ ଭିନ୍ନ ମାତ୍ରାରେ ବୃଦ୍ଧି କରିଛନ୍ତି। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ର ୧,୫୦୦/-, ରାଜସ୍ଥାନ ୨,୫୦୦/-, ଉତ୍ତର ପ୍ରଦେଶ ୫,୦୦୦/- ଓ ପଶ୍ଚିମ ବଙ୍ଗଳା ୧,୫୦୦/- କୁ ବୃଦ୍ଧି କରିଛନ୍ତି। କିନ୍ତୁ ଦିଲ୍ଲୀ, ପଞ୍ଜାବ ଓ ହରିଆନା ଭଳି ରାଜ୍ୟ କୌଣସି ସର୍ବାଧିକ ଭତ୍ତାପରିମାଣ ସ୍ଥିର କରିନାହାନ୍ତି, ଯାହା ଫଳରେ ସେସବୁ ରାଜ୍ୟରେ ଯେ କୌଣସି ପରିମାଣର ମାସିକ ଭରଣପୋଷଣ ଭତ୍ତା ଦେବା ପାଇଁ ଆଦେଶ ଦେବାର କ୍ଷମତା ଅଦାଲତର ରହିଛି। ସୁତରାଂ ଯଥାର୍ଥ କାରଣରୁ ଅବହେଳାର ଶିକାର ହୋଇଥିଲେ ମହିଳା, ପିଲାପିଲି ଏବଂ ବୟସ୍କ ପିତାମାତାଙ୍କ ଭରଣପୋଷଣ ପାଇଁ ଦଫା-୧୨୫ର ଆଶ୍ରୟ ନେବା ଶ୍ରେୟସ୍କର।

ଅଦାଲତରେ ଆବେଦନ କରିବା ସମୟରେ ଆବେଦକ କେଉଁ  ପ୍ରକାରର ଅବହେଳାର ଶିକାର ହୋଇଛନ୍ତି ଏବଂ କିପରି ତାଙ୍କ ଅଧିକାରରୁ ବଞ୍ଚିତ ହୋଇଛନ୍ତି ସେସବୁର ବିସ୍ତୃତ ବିବରଣୀ ଆବେଦନପତ୍ରରେ ଉଲ୍ଲେଖ କରିବା ଆବଶ୍ୟକ।  ମକଦମା ଚାଲିବା

ସମୟରେ ତାଙ୍କୁ ସେହି ବ୍ୟକ୍ତବ୍ୟକୁ ପ୍ରମାଣ କରିବାକୁ ପଡ଼ିବ। ଯଦି ସାକ୍ଷ୍ୟ-ପ୍ରମାଣ ଦ୍ୱାରା ଆବେଦକଙ୍କ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ଏକ ନିର୍ଦ୍ଦିଷ୍ଟ ପରିମାଣର ମାସିକ ଆର୍ଥିକ ଭତ୍ତା ଆବେଦକଙ୍କୁ ଦେବାପାଇଁ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଏହାଛଡା ଦଫା-୧୨୬(୩) ଅନୁଯାୟୀ ମକଦ୍ଦମାର ଖର୍ଚ୍ଚ ବାବଦ ଅର୍ଥଭରଣା ପାଇଁ ଅଦାଲତ ଅଭିଯୁକ୍ତଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇପାରନ୍ତି।

ଅତୀତରେ ବହୁ ମାମଲା କ୍ଷେତ୍ରରେ ଅଭିଯୁକ୍ତ ସ୍ୱାମୀ ଯୁକ୍ତି ଦର୍ଶାଇ ଥାଆନ୍ତି ଯେ, ସେ ତାଙ୍କ ସ୍ତ୍ରୀଙ୍କ ପ୍ରତି କୌଣସି ଅବହେଳା ପ୍ରଦର୍ଶନ କରି ନାହାନ୍ତି ବରଂ ସ୍ତ୍ରୀ ସ୍ୱଇଚ୍ଛାରେ ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି କିମ୍ବା ସ୍ତ୍ରୀ କୌଣସି ପର୍ବପର୍ବାଣୀ ଆଳରେ ବାପଘରକୁ ଯାଇ ଆଉ ଫେରି ନାହାନ୍ତି କିମ୍ବା ସ୍ତ୍ରୀ ତାଙ୍କ ନିଜ ବାପଘରେ ରହିବା ପାଇଁ ସ୍ୱାମୀଙ୍କୁ ବାଧ୍ୟ କରୁଛନ୍ତି ଇତ୍ୟାଦି। ଏପରି ସ୍ଥଳେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କଠାରୁ ସ୍ୱତନ୍ତ୍ର ଭାବେ ବାପଘରେ ବସବାସ କରିବା ସପକ୍ଷରେ ଯୁକ୍ତିଯୁକ୍ତ କାରଣ ଦର୍ଶାଇବାକୁ ପଡ଼ିବ, ଯଥା, ସ୍ୱାମୀ ଦ୍ୱିତୀୟ ବିବାହ କରିଛନ୍ତି କିମ୍ବା ସ୍ୱାମୀଙ୍କର ଅନ୍ୟ ସ୍ତ୍ରୀ ସହ ଅବୈଧ ସଂପର୍କ ଅଛି, ଇତ୍ୟାଦି, ଇତ୍ୟାଦି। ଏପ୍ରକାର ଯୁକ୍ତି ଏଭଳି ମାମଲାରେ ଯଥାର୍ଥ କାରଣ ବୋଲି ବିବେଚିତ ହୋଇପାରେ।

ଯଦି ଅଭିଯୁକ୍ତ ବ୍ୟକ୍ତି ଅଦାଲତଙ୍କ ଆଦେଶ ଅବମାନନା କରନ୍ତି, ତେବେ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଏ। ଯଦି ସେ ତଥାପି ଅବମାନନା କରନ୍ତି ତେବେ ୧ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡରେ ଦଣ୍ଡିତ ହୁଅନ୍ତି।

**ଭରଣପୋଷଣ ହାସଲ କରିବାରେ ଦଫା ୧୨୫ର ଅନନ୍ୟ ଭୂମିକା :**

ଭରଣପୋଷଣ ସମ୍ବନ୍ଧରେ ଅନେକ ବିଧିବ୍ୟବସ୍ଥା ରହିଛି। କିନ୍ତୁ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା-୧୨୫ ଜଣେ ଅବହେଳିତ ବ୍ୟକ୍ତିଙ୍କୁ ତୁରନ୍ତ ନ୍ୟାୟ-ପ୍ରଦାନ ନିମନ୍ତେ ଅତ୍ୟନ୍ତ ଉପଯୋଗୀ। ଯଦି ପ୍ରାଥମିକ ଅନୁସନ୍ଧାନରୁ ପ୍ରମାଣିତ ହୁଏ ଯେ, ଆବେଦକ ବା ଆବେଦିକାନିଜର ଜୀବନ ନିର୍ବାହ ପାଇଁ ସମର୍ଥ ନୁହନ୍ତି, ତେବେ ଅଦାଲତ ଅଭିଯୁକ୍ତଙ୍କୁ ଏକ ମଧ୍ୟବର୍ତ୍ତୀ କାଳୀନ ଭତ୍ତା ଦେବା ପାଇଁ ନିର୍ଦ୍ଦେଶ ଦିଅନ୍ତି। ପରେ ଅଦାଲତ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଚୂଡ଼ାନ୍ତ ରାୟ ଦିଅନ୍ତି। ଭରଣପୋଷଣ ସମ୍ବନ୍ଧରେ ଅନ୍ୟ ବିଧିବ୍ୟବସ୍ଥା ଅପେକ୍ଷା ଏହି ଦଫା-୧୨୫ ତୁରନ୍ତ ନ୍ୟାୟପ୍ରଦାନ କରିଥାଏ। ଏହି କେଶ୍ ପାଇଁ ଅଧିକ ସାକ୍ଷ୍ୟପ୍ରମାଣର ଆବଶ୍ୟକତା ନଥାଏ ଏବଂ ଅଦାଲତର ଫିସ୍ ମଧ୍ୟ ବ୍ୟୟବହୁଳ ହୋଇନଥାଏ। ତେଣୁ ଓକିଲ ଓ ଅବହେଳିତ ବ୍ୟକ୍ତିମାନେ ସାଧାରଣତଃ ଏହି ଦଫା-୧୨୫ ଅନୁଯାୟୀ ମକଦ୍ଦମା ଦାୟର୍ କରିବାକୁ ପସନ୍ଦ କରିଥାଆନ୍ତି।

**ଫୌଜଦାରୀ କର୍ଯ୍ୟବିଧି ସଂହିତାର ଦଫା ୧୨୮-**

ଦଫା ୧୨୮ ଅନୁଯାୟୀ ଅଦାଲତ ଦ୍ୱାରା ପ୍ରଦତ୍ତ ଭରଣପୋଷର ଆଦେଶର ଅବିକଳ ନକଲ ଆବେଦକ ବା ତାଙ୍କ ଅଭିଭାବକଙ୍କୁ ମାଗଣା ମିଳିପାରିବ। ଏହାଛଡା ଯଦି ଅଭିଯୁକ୍ତ ବ୍ୟକ୍ତି ଅଦାଲତର ଆଦେଶକୁ ଅବମାନନା କରନ୍ତି, ତେବେ ସଂପୃକ୍ତ ମାଜିଷ୍ଟ୍ରେଟ୍ ଉପରୋକ୍ତ ଆଦେଶକୁ କାର୍ଯ୍ୟରୂପ ଦେବାପାଇଁ ଆବଶ୍ୟକୀୟ ଆଇନ୍‌ଗତ ପଦକ୍ଷେପ ନେଇପାରିବେ।

**ବୃଦ୍ଧ ପିତାମାତାଙ୍କ ଭରଣପୋଷଣ ପାଇଁ ଉପାର୍ଜ୍ଜନକ୍ଷମ କନ୍ୟା ମଧ୍ୟ ଦାୟୀ-**

ପୂର୍ବରୁ ସୂଚୀତ ହୋଇଛି ଯେ, ଫୌଜଦାରି କାର୍ଯ୍ୟବିଧି ସଂହିତା (ଦଫା ୧୨୫) ଏବଂ ହିନ୍ଦୁ ପୋଷ୍ୟସନ୍ତାନ ଗ୍ରହଣ ଓ ଭରଣପୋଷଣ ଆଇନ୍ (ଧାରା ୨୦ଏବଂ ୨୧) ଅନୁଯାୟୀ ବୃଦ୍ଧ ବା ଅକ୍ଷମ ପିତାମାତାଙ୍କୁ ଭରଣପୋଷଣ କରିବାର ଦାୟିତ୍ୱ ପତ୍ୟେକ ବ୍ୟକ୍ତିଙ୍କର ଅଛି। କିନ୍ତୁ ଗୋଟିଏ ମାମଲାରେ ଡା: ବିଜୟା ଅର୍ବତ ନାମକ ଜଣେ ମହିଳା ଅଦାଲତ ସାମନାରେ ଯୁକ୍ତି କରିଥିଲେ ଯେ, ବୃଦ୍ଧ ପିତାମାତାଙ୍କର ଭରଣପୋଷଣ ଦାୟିତ୍ୱ କେବଳ ପୁତ୍ରମାନଙ୍କର, କନ୍ୟାଙ୍କର ନୁହେଁ। କିନ୍ତୁ ସୁପ୍ରିମ୍ କୋର୍ଟ ଦର୍ଶାଇଥିଲେ ଯେ, ଆଇନ୍‌ରେ ବ୍ୟବହୃତ ହୋଇଥିବା 'ବ୍ୟକ୍ତି' ଶବ୍ଦର ଅର୍ଥ କେବଳ ପୁତ୍ର ନୁହେଁ, କନ୍ୟା ମଧ୍ୟ, ଯଦି କନ୍ୟା ରୋଜଗାରକ୍ଷମ ହୋଇଥିବେ ।

## ଡ଼ା: ବିଜୟା ଅର୍ବତ ବନାମ କାଶୀରାମ ରାଜାରାମ ସହାୟ ମାମଲାରେ ସୁପ୍ରିମ କୋର୍ଟ

ଡ଼ା: ବିଜୟା ଅର୍ବତ ଥାନେ ଜିଲ୍ଲାରେ ଡାକ୍ତର ରୂପେ କାର୍ଯ୍ୟରତ ଥିଲେ। ୧୯୮୪ ମସିହାରେ ତାଙ୍କ ମା'ଙ୍କ ମୃତ୍ୟୁ ପରେ ତାଙ୍କ ପିତା ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ପିତା କଲ୍ୟାଣ ଜିଲ୍ଲାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବସଭାଗୀୟ ମାଜିଷ୍ଟ୍ରେଟ ଅଦାଲତରେ ଫୌଜଦାରୀ ଦଣ୍ଡବିଧି ସଂହିତାର ଧାରା ୧୨୫ ଅଧୀନରେ ଏକ ଆବେଦନ ପତ୍ର ଦାଖଲ କରଥିଲେ। ସେ ଦର୍ଶାଇଥିଲେ ଯେ, ସେ ବର୍ତ୍ତମାନ ବାର୍ଦ୍ଧକ୍ୟଗ୍ରସ୍ତ ଏବଂ ତାଙ୍କର ଆୟର କୌଣସି ପନ୍ଥା ନାହିଁ। ତାଙ୍କର ଝିଅ ଜଣେ ଡ଼ାକ୍ତର ଭାବେ ଉପାର୍ଜନ କ୍ଷମ ଅଟନ୍ତି। ତେଣୁ ତାଙ୍କର ଭରଣ ପୋଷଣ ନିମନ୍ତେ ଅଦାଲତ ଡ଼. ବିଜୟାଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। କିନ୍ତୁ ଡ଼ାକ୍ତର ବିଜୟା ଏହାର ବିରୋଧ କରି କହିଥିଲେ ଯେ, ଆଇନ୍ କୌଣସି କ୍ଷେତ୍ରରେ ପିତାମାତାଙ୍କର ଭରଣପୋଷଣର ଦାୟିତ୍ୱ କନ୍ୟା ଉପରେ ନ୍ୟସ୍ତ କରି ନାହିଁ, ତେଣୁ ସେ ଭରଣପୋଷଣ ଦେବା ପାଇଁ ବାଧ୍ୟନୁହନ୍ତି। କିନ୍ତୁ ଅଦାଲତ ତାଙ୍କ ମତକୁ ଗ୍ରହଣ କରି ନଥିଲେ। କିନ୍ତୁ ବମ୍ବେ ହାଇକୋର୍ଟ ତଳ କୋର୍ଟର ରାୟକୁ କାଏମ ରଖିଥିଲେ। ପୁନର୍ବାର ଡ଼ଃ. ବିଜୟା ସୁପ୍ରୀମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

ବର୍ତ୍ତମାନ ଦେଖିବା ଧାରା ୧୨୫ ର ଉପଧାରା ୧(ଡ଼ି)କୁ ସୁପ୍ରିମ୍ କୋର୍ଟ କିପରି ବ୍ୟାଖ୍ୟା କରେ। ଯଦି ଜଣେ ବ୍ୟକ୍ତିଙ୍କର ଆୟ ସ୍ୱଚ୍ଛଳ ଥାଏ ଓ ସେ ବୃଦ୍ଧ ଅସମର୍ଥ ପିତାମାତାଙ୍କ ଭରଣପୋଷଣ ପାଇଁ କୁଣ୍ଠିତ ହୁଅନ୍ତି କିମ୍ୱା ଅବହେଳା କରନ୍ତି ଏବଂ ଏହା ଯଦି ପ୍ରମାଣିତ ହୁଏ, ତେବେ ମାଜିଷ୍ଟ୍ରେଟଙ୍କ ଅଦାଲତ ପିତାମାତାଙ୍କୁ ଉପଯୁକ୍ତ ମାସିକ ଭତ୍ତା ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇପାରିବେ। ସୁପ୍ରିମ୍ କୋର୍ଟ ପୁଣି ଦର୍ଶାଇଥିଲେ ଯେ, ବ୍ୟକ୍ତି କହିଲେ ଉଭୟ ପୁତ୍ର ଓ କନ୍ୟାକୁ ବୁଝାଏ। ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ଦଫା ୮ରେ ସୂଚୀତ ହୋଇଥିବା 'ବ୍ୟକ୍ତି'ର ସଂଜ୍ଞା ମଧ୍ୟ ଅନୁରୂପ ଅର୍ଥ ପ୍ରଦାନ କରିଥାଏ। ସୁତରାଂ ବୃଦ୍ଧ ଓ ଅସମର୍ଥ ପିତାମାତାଙ୍କ ଭରଣପୋଷଣ ପାଇଁ ଉଭୟ ପୁତ୍ର ଓ କନ୍ୟା ସମାନ ଭାବେ ଉତ୍ତରଦାୟୀ (ଦ୍ରଷ୍ଟବ୍ୟ: ବିଜୟା ମନୋହର ଅର୍ବତ ବନାମ କାଶୀନାଥ ରାଜାରାମ ସହାୟ, ଏ.ଆଇ.ଆର୍.) ।

# ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍

## ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍ (ଶରିଆତ୍) ପ୍ରୟୋଗ ଆଇନ୍, ୧୯୩୭

ଫୌଜଦାରି ଆଇନ୍ କ୍ଷେତ୍ରରେ ଭାରତର ମୁସ୍‌ଲିମ୍‌ମାନେ ଅନ୍ୟ ଧର୍ମାବଲମ୍ବୀଙ୍କ ଭଳି ଦେଶର ସମସ୍ତ ନାଗରିକମାନଙ୍କ ପାଇଁ ପ୍ରଯୁଜ୍ୟ ଥିବା ଫୌଜଦାରି ଆଇନ୍‌କୁ ଅନୁସରଣ କରିଥାନ୍ତି । କିନ୍ତୁ ଦେଓ୍ୱାନି ଓ ବ୍ୟକ୍ତିଗତ ଆଇନ୍ କ୍ଷେତ୍ରରେ ସେମାନେ କୋରାନ୍ ଓ ଶରିଆତ୍‌ରେ ଘୋଷିତ ହୋଇଥିବା ବିଭିନ୍ନ ନୀତିନିୟମ ଦ୍ୱାରା ପରିଚାଳିତ ହୋଇଥାନ୍ତି । ପୁଣି ମୁସଲ୍‌ମାନଙ୍କ ଭିତରେ ଥିବା ବିଭିନ୍ନ ସଂପ୍ରଦାୟ ସେମାନଙ୍କର ବିନ୍ନ ଭିନ୍ନ ପ୍ରଥାଗତ ନିୟମକୁ ଅନୁସରଣ କରିଥାନ୍ତି । ଅବିଭାଜିତ ବ୍ରିଟିଶ୍ ଭାରତର ସମସ୍ତ ମୁସଲ୍‌ମାନ୍‌ଙ୍କୁ ଗୋଟିଏ ଇସ୍‌ଲାମୀୟ ଆଇନ୍ ଅଧୀନରେ ଆଣିବା ପାଇଁ ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍ (ଶରିଆତ୍) ପ୍ରୟୋଗ ଆଇନ୍, ୧୯୩୭ ଗୃହୀତ ହୋଇଥିଲା । ଏହି ଆଇନ୍ ଅଧୀନରେ ମୁସଲମାନ୍‌ମାନଙ୍କର କେବଳ କୃଷିଜମି ସଂପତ୍ତିକୁ ବାଦ ଦେଇ ଅନ୍ୟାନ୍ୟ ସମ୍ପତ୍ତି ଉପରେ ଇଚ୍ଛାପତ୍ରବିହୀନ ଉତ୍ତରାଧିକାର, ମହିଳାମାନଙ୍କ ସମ୍ପତ୍ତି, ବିବାହ, ତଲାକ୍, ବିବାହ ବିଚ୍ଛେଦ, ଭରଣପୋଷଣ, ଦୋୟର୍, ମାହେର୍ ଓ ଅଭିଭାବକତ୍ୱ ଇତ୍ୟାଦି ଦେଓ୍ୱାନି ବିଷୟ ଗୁଡିକ ପରିଚାଳିତ ହେବ ବୋଲି ଘୋଷଣା କରାଯାଇଥିଲା । କିନ୍ତୁ ବସ୍ତୁତଃ ସେମାନଙ୍କର ଏହିସବୁ ବିଷୟ ସଂପର୍କୀତ ନୀତିନିୟମ ଏପର୍ଯ୍ୟନ୍ତ ବିଧିବଦ୍ଧଭାବେ ଲିଖିତ ରୂପ ନେଇପାରିନି । ଉଦାହରଣ ସ୍ୱରୂପ, ଛାଡପତ୍ର ପାଇଲା ପରେ ଜଣେ ମହିଳାର ଭରପୋଷଣ ବିଷୟରେ ଅନ୍ୟାନ୍ୟ ଧର୍ମର ଅନୁଗାମୀମାନେ ଲିପିବଦ୍ଧ ଆଇନ୍ ଦ୍ୱାରା ପରିଚାଳିତ ହୋଇଥାନ୍ତି, ଯଥା ହିନ୍ଦୁ ପୋଷ୍ୟସନ୍ତାନ ଗ୍ରହଣ ଓ ଭରଣପୋଷଣ ଆଇନ୍‌ର ଧାରା ୧୮, ହିନ୍ଦୁ ବିବାହ ଆଇନ୍‌ର ଧାରା ୨୪ ଓ ୨୫, ପାର୍ସୀ ବିବାହ ଓ ଛାଡପତ୍ର ଆଇନ୍‌ର ଧାରା ୩୯ ଓ ୪୦ ତଥା ଖ୍ରୀଷ୍ଟିୟାନ୍ ମାନଙ୍କ ପାଇଁ ଉଦ୍ଦିଷ୍ଟ ଭାରତୀୟ ଛାଡପତ୍ର ଆଇନ୍‌ର ଧାରା ୩୬ ଓ ୩୭; କେବଳ ମୁସ୍‌ଲିମ୍‌ମାନେ ଅଲିଖିତ ବିଧି ଦ୍ୱାରା ପରିଚାଳିତ ହୋଇଥାଆନ୍ତି ।

## ମୁସଲିମ୍ ମହିଳା (ଛାଡ଼ପତ୍ର ଅନ୍ତେ ଅଧିକାରସମୂହର ସୁରକ୍ଷା) ଆଇନ୍, ୧୯୮୬

ମୁସଲିମ୍ ମହିଳା (ଛାଡ଼ପତ୍ର ଅନ୍ତେ ଅଧିକାରସମୂହର ସୁରକ୍ଷା) ଆଇନ୍, ୧୯୮୬ ଛାଡପତ୍ର ପାଇଥିବା ମହିଳାମାନଙ୍କୁ ଭରଣପୋଷଣ ପାଇବାର ଅଧିକାର ଦେଇଅଛି । ମାତ୍ର ଏହି ଆଇନ୍ ଅନୁଯାୟୀ କେବଳ ଇଦାତ୍ ସମୟ ବା ସ୍ଥୁଳ ଅର୍ଥରେ ଛାଡପତ୍ର ପାଇବାର ୩ ମାସ ଭିତରେ ଭରଣପୋଷଣ ମିଳିବ ବୋଲି କୁହାଯାଇଛି ।

**ଇଦାତ୍ କାହାକୁ କୁହାଯାଏ ?**

୧. ଛାଡ଼ପତ୍ର ପାଇଥିବା ମହିଳାଙ୍କର ଛାଡପତ୍ର ପାଇବା ଦିନଠାରୁ ୩ଟି ମାସିକ ଋତୁସ୍ରାବର ସମୟକୁ ଇଦାତ୍ କୁହାଯାଏ ।

୨. ଋତୁସ୍ରାବ ବନ୍ଦ ହୋଇଯାଇଥିବା ବୟସ୍କ ମହିଳାଙ୍କ କ୍ଷେତ୍ରରେ ୩ଟି ଚନ୍ଦ୍ରମାସର ସମୟକୁ "ଇଦାତ୍" କୁହାଯଏ ।

୩. ଯଦି ମହିଳା ଗର୍ଭବତୀ ଅଛନ୍ତି, ତେବେ ଛାଡ଼ପତ୍ର ପାଇବା ଦିନଠାରୁ ପ୍ରସବ ଦିନ ଅବା ଗର୍ଭପାତ ହେବା ପର୍ଯ୍ୟନ୍ତ ସମୟକୁ ଇଦାତ୍ କୁହାଯାଏ ।

**ମାହେର୍ ଓ ଦୋୟର୍ ପାଇବାର ଅଧିକାର**

ବିବାହ ସମୟରେ ସ୍ୱାମୀ ତାର ସ୍ତ୍ରୀକୁ ଭବିଷ୍ୟତର ଭରଣପୋଷଣ ନିମନ୍ତେ ଯେଉଁ ଅର୍ଥରାଶି ଦେବାପାଇଁ ସ୍ୱୀକୃତି ଦେଇଥାନ୍ତି, ସେହି ଅର୍ଥରାଶିକୁ ମୁସ୍‌ଲିମ୍ ଆଇନ୍ ଅନୁସାରେ ମାହେର୍ ବା ଦୋୟର୍ କୁହାଯାଏ। ଉପରୋକ୍ତ ଆଇନ୍ ଅନୁସାରେ ବିବାହ ବିଚ୍ଛେଦ ପରେ ପରେ ପୂର୍ବତନ ସ୍ୱାମୀ ସେହି ମହିଳାଙ୍କୁ ତାଙ୍କର ମେହେର ଏବଂ ଦୋୟର୍ ପଇଠ କରିବାର ବ୍ୟବସ୍ଥା ରହିଛି । ଯଦି ଛାଡ଼ପତ୍ର ପାଇଥିବା ମହିଳା ଛାଡ଼ପତ୍ର ପାଇବା ପୂର୍ବରୁ କିମ୍ବା ପରେ ସନ୍ତାନର ଜନନୀ ହୋଇଥାଆନ୍ତି ଏବଂ ସନ୍ତାନମାନେ ତାଙ୍କ ତତ୍ତ୍ୱାବଧାନରେ ଥାଆନ୍ତି, ତେବେ ସ୍ୱାମୀ ୨ ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ଭରଣପୋଷଣ ଦାୟିତ୍ୱ ବହନ କରିବେ । ଏହାଛଡା ବିବାହ ସମୟରେ କିମ୍ବା ପୂର୍ବରୁ ତାଙ୍କର ସମ୍ପର୍କୀୟ ଓ ବନ୍ଧୁଙ୍କ ଠାରୁ ଉପହାର ସ୍ୱରୂପ ପାଇଥିବା ସମ୍ପତ୍ତିକୁ ଫେରିପାଇପାଇବା ପାଇଁ ଉକ୍ତ ମହିଳା ହକ୍‌ଦାର ଅଟନ୍ତି ।

ଯଦି ଭରଣପୋଷଣ, ମାହେର୍ ବା ଦାଓର୍ ଠିକ୍ ସମୟରେ ପଇଠ ନହୁଏ ତେବେ ସଂପୃକ୍ତ ମହିଳା ବା ତାଙ୍କ ତରଫରୁ ଜଣେ ମନୋନୀତ ବ୍ୟକ୍ତି ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏହିସବୁ ପ୍ରାପ୍ୟ ପାଇବା ପାଇଁ ଆବେଦନ କରିପାରିବେ । ଏପ୍ରକାର ଆବେଦନ ପାଇଲା ପରେ ଅଦାଲତ ଯଦି ହୃଦ୍‌ବୋଧ କରନ୍ତି ଯେ, ସ୍ୱାମୀଙ୍କର ଯଥେଷ୍ଟ ସମ୍ପତ୍ତି ଥାଇସୁଦ୍ଧା ଇଦାତ୍ ସମୟ ଭିତରେ ତାଙ୍କ ପାଇଁ ତଥା ତାଙ୍କ ପିଲାମାନଙ୍କ ପାଇଁ ପ୍ରାପ୍ୟ ଭରଣପୋଷଣ ମିଳିପାରିନାହିଁ କିମ୍ବା ଉପଯୁକ୍ତ ପରିମାଣର ମାହେର୍ ଏବଂ ଦାଓର୍ ମିଳିପାରିନାହିଁ, ତେବେ ଅଦାଲତ ଆବେଦନ ପାଇବାର ମାସକ ଭିତରେ ଏକ ଆଦେଶ ଜାରି କରିବେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଏହିସବୁ ଦେୟ ପଇଠ କରିବା ପାଇଁ ।

### ଉଲ୍ଲଂଘନ ପାଇଁ ଦଣ୍ଡବିଧାନ

ଯଦି ଅଦାଲତ ଦେଇଥିବା ଆଦେଶକୁ କୌଣସି ବ୍ୟକ୍ତି ଉଲ୍ଲଂଘନ କରନ୍ତି, ତେବେ ସଂପୃକ୍ତ ମାଜିଷ୍ଟ୍ରେଟ୍ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ବିଧିବିଧାନ ଅନୁଯାୟୀ ଏହିସବୁ ଦେୟ ତାଙ୍କ ଠାରୁ ଆଦାୟ ପାଇଁ ଏକ ପରଓ୍ୱାନା ଜାରି କରି ପାରିବେ । ଯଦି ଏହା ସତ୍ତ୍ୱେ ସ୍ୱାମୀଙ୍କ ଠାରୁ ସଂପୂର୍ଣ୍ଣ ବା ଆଂଶିକ ଦେୟ ଆଦାୟ ହୋଇନପାରେ, ତେବେ ସେହି ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଏହି ସଂହିତା ଅନୁସାରେ ଏକବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଲାଗୁ ହୋଇପାରେ ଅଥବା ସେହି ପ୍ରାପ୍ୟ ପଇଠ ହେବା ପର୍ଯ୍ୟନ୍ତ ସର୍ବାଧିକ ଏକବର୍ଷର ସୀମା ଭିତରେ ଜେଲ୍‌ଦଣ୍ଡ ଲାଗୁ ହୋଇପାରେ । କିନ୍ତୁ ଦଣ୍ଡବିଧାନ ପୂର୍ବରୁ ସେହି ବ୍ୟକ୍ତିଙ୍କୁ ନିଜର ବକ୍ତବ୍ୟ ପେଶ୍‌ପାଇଁ ସୁଯୋଗ ଦିଆଯିବ ।

### ସନ୍ତାନସନ୍ତତିଙ୍କ ଭରଣପୋଷଣ

ଉପରୋକ୍ତ ଆଇନ୍ ଅନୁଯାୟୀ ଯଦି ଛାଡ଼ପତ୍ର ପୂର୍ବରୁ କିମ୍ବା ପରେ ସଂପୃକ୍ତ ମହିଳାଙ୍କର ସନ୍ତାନ ଜନ୍ମ ହୋଇ ଥାଆନ୍ତି, ଏବଂ ସେହି ପିଲାମାନଙ୍କର ଲାଳନପାଳନର ଦାୟିତ୍ୱ ସେ ନିଜେ ବହନ କରୁଥାଆନ୍ତି ତେବେ ସେହି ପିଲାମାନଙ୍କର ଜନ୍ମ ଠାରୁ ୨ବର୍ଷ ପର୍ଯ୍ୟନ୍ତ ଭରଣପୋଷଣର ଦାୟିତ୍ୱ ତାଙ୍କର ସ୍ୱାମୀ ବହନ କରିବେ । ଯଦିଓ ଏହି ଆଇନ୍‌ରେ ଭରଣପୋଷଣର ସୀମା ୨ ବର୍ଷ ମଧ୍ୟରେ ସୀମିତ ରଖାଯାଇ ଅଛି ତଥାପି ତାଙ୍କ ସନ୍ତାନମନେ ପୂର୍ଣ୍ଣ ଭରଣପୋଷଣ ନିମନ୍ତେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ଧାରା ୧୨୫ ଅନୁସାରେ ଆବେଦନ କରିପାରିବେ।

ଯଦି ପୂର୍ବତନ ସ୍ୱାମୀ ଏବଂ ଛାଡପତ୍ର ପାଇଥିବା ମହିଳା ଏକାଠି ବା ଅଲଗା ଅଲଗା ଭାବେ ଅଦାଲତକୁ ଅନୁରୋଧ କରିବେ ଯେ ସ୍ତ୍ରୀ ଓ ପିଲାଙ୍କ ଭରଣପୋଷଣ ବିଷୟ ଫୌଜଦାରି କାର୍ଯ୍ୟବିଧି ସଂହିତାର ଧାରା ୧୨୫-୧୨୮ ଅନୁଯାୟୀ ବିଚାର କରାଯାଉ, ତେବେ ଅଦାଲତ ମୁସ୍‌ଲିମ୍ ଆଇନ୍ ପରିବର୍ତ୍ତେ ଏହି ସଂହିତାର ବ୍ୟବସ୍ଥା ଅନୁଯାୟୀ ତାହା ଫଇସଲା କରିପାରନ୍ତି ।

## ଛାଡ଼ପତ୍ର ପାଇଥିବା ମହିଳାଙ୍କର ଭରଣପୋଷଣ ପାଇବାର ଅଧିକାର :

ଯଦି ଜଣେ ଛାଡ଼ପତ୍ର ପାଇଥିବା ମୁସଲିମ୍ ମହିଳା ଅଦାଲତରେ ପ୍ରମାଣ କରି ପାରିବେ ଯେ ସେ ଇଦାତ୍ ସମୟସୀମା ପୂରିଯିବା ପରେ ପୁନର୍ବାର ବିବାହ କରି ନାହାନ୍ତି ଏବଂ ସେ ନିଜକୁ ଚଳାଇବା ପାଇଁ ଅସମର୍ଥ, ତେବେ ଅଦାଲତ ଏକ ନିଶ୍ଚିତ ପରିମାଣର ଅର୍ଥରାଶି ଉକ୍ତ ମହିଳାଙ୍କୁ ଦେବାପାଇଁ ତାଙ୍କର ସମ୍ପତ୍ତିର ଉତ୍ତରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ପାରିବେ । ଅର୍ଥାତ୍ ତାଙ୍କର ସନ୍ତାନସନ୍ତତିମାନେ ଯଦି ସାବାଳକ ହୋଇଥିବେ ତେବେ ସେମାନେ ଏହି ଭରଣପୋଷଣ ଦାୟିତ୍ୱ ବହନ କରିବେ । ଯଦି ସେମାନେ ଏହା ଦେବା ପାଇଁ ଅସମର୍ଥ, ତେବେ ଉକ୍ତ ମହିଳାଙ୍କର ପିତାମାତାହିଁ ଏହି ଦାୟିତ୍ୱ ବହନ କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇପାରିବେ । ଏହି ଭରଣପୋଷଣର ପରିମାଣ ଛାଡପତ୍ର ପାଇଥିବା ମହିଳାଙ୍କର ଆବଶ୍ୟକକୁ ଚାହିଁ ନିର୍ଦ୍ଧାରଣ ହେବ, ଅର୍ଥାତ୍ ସେ ଦାମ୍ପତ୍ୟ ଜୀବନ ବିତାଉଥିବା ବେଳେ ତାଙ୍କର ଜୀବନଧାରଣର ମାନଦଣ୍ଡ କ'ଣ ଥିଲା, ତାଙ୍କର ସଂପର୍କୀୟମାନଙ୍କର ଆର୍ଥିକ ସ୍ଥିତି କିଭଳି ଅଛି ତଥା ତାଙ୍କର ଉତ୍ତରାଧିକାରୀଙ୍କ ଭିତରୁ କିଏ କେତେ ପରିମାଣର ସଂପତ୍ତିକୁ ଉତ୍ତରାଧିକାର ସୂତ୍ରରେ ପାଇବେ । ଯଦି ସେହି ମହିଳାଙ୍କର କେତେକ ସଂପକୀୟ ନିଜର ଅସ୍ୱଚ୍ଛଳତା ବଶତଃ ଅଦାଲତର ଆଦେଶ ଅନୁଯାୟୀ ଭରଣପୋଷଣ ବାବଦକୁ ନିଜର ଅଂଶ ଦେଇନପାରନ୍ତି, ତେବେ ଅଦାଲତ ଏହାର ନିର୍ଦ୍ଦିଷ୍ଟ ପ୍ରମାଣ ପାଇଲା ପରେ ଯେଉଁ ସଂପର୍କୀୟ ମାନଙ୍କର ଆର୍ଥିକ ସ୍ୱଚ୍ଛଳତା ରହିଛି ସେମାନଙ୍କୁ ଉକ୍ତ ପରିମାଣ ପଇଠ କରିବା ପାଇଁ ଆଦେଶ ଦେଇପାରନ୍ତି । ଯଦି ଅଦାଲତଙ୍କର ପୁଣି ହୃଦବୋଧ ହୁଏ ଯେ, ଉକ୍ତ ମହିଳାଙ୍କର ପିତାମାତା କିମ୍ବା ସମ୍ପର୍କୀୟମାନେ ତାଙ୍କର ଭରଣପୋଷଣ ଦାୟିତ୍ୱ ବହନ କରିବା ନିମନ୍ତେ ଅସମର୍ଥ, ତେବେ ଷ୍ଟେଟ୍ ଓ୍ୱାକଫ୍ ବୋର୍ଡ ଏହି ଦାୟିତ୍ୱ ବହନ କରିବେ ବୋଲି ଅଦାଲତ ଆଦେଶ ଦେଇପାରନ୍ତି ।

## ମୁସ୍‌ଲିମ୍ ବିବାହ ଓ ବିବାହ ବିଚ୍ଛେଦ

### ବିବାହ :

ମୁସଲିମ୍ ବିବାହ ଏକ ପ୍ରକାର ଚୁକ୍ତିନାମା ଅଟେ । ଉଭୟ ପକ୍ଷ ଏକ ନିର୍ଦ୍ଦିଷ୍ଟ ରାଜିନାମାରେ ପହଞ୍ଚିବା ପୂର୍ବରୁ ବର ଓ କନ୍ୟାଙ୍କ ଦ୍ୱାରା ତହିଁର ସର୍ତ୍ତାବଳୀକୁ ସ୍ୱୀକାର କରିଯିବା ପରେ ବିବାହ ସମ୍ପନ୍ନ ହୋଇଥାଏ ।

### ବିବାହର ସର୍ତ୍ତାବଳୀ :

୧. ଉଭୟ ବର ଓ କନ୍ୟା ପ୍ରାପ୍ତ ବୟସ୍କ ( ୧୫ବର୍ଷ ) ହୋଇଥିବେ ।

୨. ନିଷିଦ୍ଧ ସଂପର୍କ ଭିତରେ ବିବାହ ହୋଇପାରିବ ନାହିଁ, ଯଥା- ମାତା ଓ ପୁତ୍ର, ଆଈ ଓ ନାତି, ଭାଇ ଓ ଭଉଣୀ, ମାମୁଁ ଓ ଭାଣିଜୀ ଏବଂ କକା ଓ ପୁତୁରା ।

୩. ଜଣେ କିମ୍ବା ଦୁଇଜଣ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସାବାଳିକା ମହିଳାଙ୍କ ଉପସ୍ଥିତିରେ ବିବାହ ପ୍ରସ୍ତାବ ଏବଂ ସ୍ୱୀକୃତି କାର୍ଯ୍ୟ ସମ୍ପାଦିତ ହେବ ।

୪. କୌଣସି ନଥିପତ୍ର ତଥା ଧର୍ମୀୟ ଅନୁଷ୍ଠାନର ଆବଶ୍ୟକତା ନାହିଁ ।

୫. ସିହା ସମ୍ପ୍ରଦାୟରେ ବିବାହ ନିମନ୍ତେ କୌଣସି ସାକ୍ଷୀର ଆବଶ୍ୟକତା ନାହିଁ ।

୪. ବର ବିବାହ ସମୟରେ କେତେ ଅର୍ଥରାଶି ମାହେର ବା ଦୋୟର୍ ଆକାରରେ ବଧୂକୁ ଦେବାକୁ ପ୍ରତିଶ୍ରୁତି ଦେବେ, ତାହାର ଏକ ଚୁକ୍ତିନାମା ପ୍ରସ୍ତୁତ ହେବ ।

୬. ହାନାଗୀ ଆଇନ୍ ଅନୁଯାୟୀ ସୁନ୍ନୀ ସମ୍ପ୍ରଦାୟର ପୁରୁଷମାନେ ଖ୍ରୀଷ୍ଟିଆନ୍ ଓ ଇହୁଦୀ ଧର୍ମର ମହିଳାମାନଙ୍କୁ ବିବାହ କରିପାରିବେ । ସିହା ସମ୍ପ୍ରଦାୟର ପୁରୁଷ ଏପରି ବିବାହ ଅସ୍ଥାୟୀ ଭାବେ କରିପାରିବେ ।

୬. ମୁସଲିମ୍ ବ୍ୟକ୍ତିଗତ ଆଇନ୍ ଅନୁସାରେ ମୁସଲିମ ମହିଳାମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ବିବାହ କରିପାରିବେ ନାହିଁ।

**ଛାଡ଼ପତ୍ର :**

ମୁସଲିମ ପୁରୁଷମାନେ ଛାଡ଼ପତ୍ର ପାଇଁ ଅଦାଲତରେ ଆବେଦନ କରିବାର ଆବଶ୍ୟକତା ପଡ଼େନାହିଁ। ଗୋଟିଏ କଥାରେ କହିଲେ ଜଣେ ମୁସଲମାନ ପୁରୁଷ ସ୍ତ୍ରୀକୁ ଛାଡପତ୍ର ଦେଇଥାଏ କିନ୍ତୁ ସ୍ତ୍ରୀକୁ ଏହା ଦାବୀ କରିବାକୁ ପଡିଥାଏ । ଏକ ମୁସଲିମ୍ ମହିଳା ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇବା ପାଇଁ ଅଦାଲତର ଦ୍ୱାରସ୍ଥ ହୋଇପାରନ୍ତି, ଏବଂ ମୁସ୍‌ଲିମ୍ ବିବାହ ବିଚ୍ଛେଦ ଆଇନ୍, ୧୯୩୯ ଅନୁଯାୟୀ ନିମ୍ନୋକ୍ତ ସର୍ତ୍ତାବଳୀ ପୂରଣ କରୁଥିଲେ ଜଣେ ମୁସ୍‌ଲିମ୍ ମହିଳା ବିବାହ ବିଚ୍ଛେଦ ପାଇଁ ଅଦାଲତର ଆଦେଶ ସକାଶେ ଆବେଦନ କରିପରିବେ।

ଶମିମ୍ ଆରା ବନାମ ଉତ୍ତରପ୍ରଦେଶ ରାଜ୍ୟ, ୨୦୦୨(୭) ଏସ୍.ସି.ସି. ୫୧୮ କେଶ୍‌ରେ ସୁପ୍ରମ୍ କୋର୍ଟ ଗୌହାଟୀ ହାଇକୋର୍ଟର ଏକ ନିଷ୍ପତ୍ତିକୁ କାଏମ୍ ରଖି କହିଥିଲେ ଯେ, ମୁସ୍‌ଲିମ୍ ଆଇନ୍ ଅଧୀନରେ ଛାଡପତ୍ର ସ୍ୱାମୀର ଆକସ୍ମିକ ଇଚ୍ଛା ଉପରେ ନିର୍ଭର କରିବ ନାହିଁ, କେବଳ କେତେକ ବିଶେଷ ପରିସ୍ଥିତିରେ ଛାଡପତ୍ର ପାଇଁ ଅନୁମତି ଦିଆଯାଇ ପାରେ, ଛାଡପତ୍ର ପଛରେ ଯଥୋଚିତ କାରଣ ରହିଥିବା ଆବଶ୍ୟକ ତଥା ଯଦି ପୂର୍ବରୁ ଉଭୟ ପକ୍ଷର ଦାୟିତ୍ୱଶୀଳ ବ୍ୟକ୍ତିମାନଙ୍କ ଦ୍ୱାରା ମିଳାମିଶା ପାଇଁ ଉଦ୍ୟମ ବିଫଳ ହୋଇଥିବ । କିନ୍ତୁ ଏହା ସତ୍ତ୍ୱେ ଉପରୋକ୍ତ କାରଣଗୁଡିକ ଭିତରୁ ଏକ ବା ଏକାଧିକ ସର୍ତ୍ତ ପୂରଣ ନହୋଇ ଯଦି ଗୋଟିଏ ମୁସଲିମ୍ ଦମ୍ପତ୍ତିଙ୍କ ଭିତରେ ବିବାହ-ବିଚ୍ଛେଦ ଘଟିଥାଏ, ତାକୁ ଅସିଦ୍ଧ ଘୋଷଣା କରିବାର କ୍ଷମତା ଅଦାଲତର ଅଛି କି ?

## ବିବାହ ବିଚ୍ଛେଦର ସର୍ତ୍ତାବଳୀ:

- ୪ବର୍ଷ ଧରି ଯଦି ସ୍ୱାମୀଙ୍କର କୌଣସି ପତ୍ତା ନଥିବ।
- ୨ ବର୍ଷ ଧରି ଯଦି ସ୍ତ୍ରୀଙ୍କର ଭରଣପୋଷଣର ଦାୟିତ୍ୱ ସ୍ୱାମୀ ବହନ କରିନାହାନ୍ତି ।
- ଯଦି ସ୍ୱାମୀ ୭ ବର୍ଷ କିମ୍ବା ତତୋଧିକ ସମୟ ପାଇଁ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇ ଥିବେ ।
- କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ୩ ବର୍ଷକାଳ ସ୍ୱାମୀ ବୈବାହିକ ଦାୟିତ୍ୱରେ ଅବହେଳା କରିଛନ୍ତି।
- ସ୍ୱାମୀ ବିବାହ ସମୟରେ ତଥା ପରବର୍ତ୍ତୀ ସମୟରେ ନପୁଂସକ ରହିଆସିଛନ୍ତି ।
- ସ୍ୱାମୀ ୨ ବର୍ଷ ଧରି ମାନସିକ ପାଗଳାମି ଦେଖାଉଛନ୍ତି ଏବଂ ସେ ମାରାତ୍ମକ ଯୌନରୋଗ ବା କୁଷ୍ଠରୋଗରେ ଆକ୍ରାନ୍ତ ଅଛନ୍ତି ।
- ଯଦି ୧୫ ବର୍ଷ ବୟସ ପୂର୍ବରୁ ପିତା କିମ୍ବା ଅନ୍ୟ ଅଭିଭାବକଙ୍କ ଦ୍ୱାରା ମହିଳାଙ୍କୁ ବିବାହ କରାଯାଇଥିବ ଏବଂ ୧୮ ବର୍ଷ ପୂର୍ବରୁ ମହିଳା ଜଣକ ସେହି ବିବାହକୁ ପ୍ରତ୍ୟାଖ୍ୟାନ କରିବାକୁ ଚାହୁଁଛନ୍ତି ; କିନ୍ତୁ ଯଦି ସେ ସ୍ୱାମୀଙ୍କ ସହ ସେ ପର୍ଯ୍ୟନ୍ତ କୌଣସି ଯୌନକାର୍ଯ୍ୟ କରିନଥିବେ ।
- ଯଦି ସ୍ୱାମୀ, ସ୍ତ୍ରୀଙ୍କ ପ୍ରତି କ୍ରୁରତା ପ୍ରଦର୍ଶନ କରିଥାଆନ୍ତି ।

**କ୍ରୁରତାର ସଂଜ୍ଞା-**

- ଶାରୀରିକ ନିର୍ଯ୍ୟାତନା

- ବାଜେ ସ୍ତ୍ରୀଲୋକମାନଙ୍କ ସହିତ ସମ୍ପର୍କ ରଖିବା ଏବଂ ଏକ ଅନୈତିକ ଜୀବନ ଶୈଳୀ ଅବଲମ୍ବନ କରିବା ।
- ସ୍ତ୍ରୀଙ୍କୁ ଅନୈତିକ କାର୍ଯ୍ୟ କରିବା ପାଇଁ ବାଧ୍ୟ କରିବା ।
- ସ୍ତ୍ରୀଙ୍କ ସମ୍ପତ୍ତି ବିକିଦେବା କିମ୍ବା ସ୍ତ୍ରୀଙ୍କୁ ନିଜ ସମ୍ପତ୍ତି ଉପଭୋଗ କରିବାର ଆଇନ୍‌ଗତ ଅଧିକାରରୁ ବଞ୍ଚିତ କରିବା ।
- ସ୍ତ୍ରୀଙ୍କର ଧାର୍ମିକ ବୃତ୍ତି ଏବଂ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିବା ।
- ବହୁ ପତ୍ନୀ ଥିବା ଜଣେ ସ୍ୱାମୀ ତାଙ୍କର ସ୍ତ୍ରୀ ମାନଙ୍କୁ ସମଦୃଷ୍ଟିରେ ନ ଦେଖିବା ।
- ଏହାଛଡା ମୁସ୍‌ଲିମ୍ ଆଇନ୍ ଅନୁଯାୟୀ ଅନ୍ୟ ଯେ କୌଣସି ଯଥୋଚିତ କାରଣ ।

କିନ୍ତୁ ଅଦାଲତ ଏପ୍ରକାର ବିବାହ ବିଚ୍ଛେଦ ଆଦେଶ ଦେଲେ ମଧ୍ୟ ତାହା ସଙ୍ଗେସଙ୍ଗେ କାର୍ଯ୍ୟକାରୀ ହେବନାହିଁ ; ଏବଂ ଏହି ଅନ୍ତର୍ବର୍ତ୍ତୀ ପର୍ଯ୍ୟାୟରେ ସ୍ୱାମୀ ଅଦାଲତଙ୍କୁ ଯଦି ହୃଦ୍‌ବୋଧ କରାଇପାରିବେ ଯେ, ସେ ନପୁଂସକତାକୁ ଅତିକ୍ରମ କରିସାରିଛନ୍ତି ତଥା ସେ ତାଙ୍କର ବୈବାହିକ କର୍ତ୍ତବ୍ୟସମୂହ ସମ୍ପାଦନ କରିବାକୁ ରାଜି ଅଛନ୍ତି, ତେବେ ଅଦାଲତଙ୍କର ଆଦେଶ କାର୍ଯ୍ୟକାରୀ ହେବନାହିଁ ।

### ସନ୍ତାନମାନଙ୍କର ଅଭିରକ୍ଷା :

ସାଧାରଣତଃ ସନ୍ତାନମାନଙ୍କ ଦାୟିତ୍ୱ ସ୍ତ୍ରୀ ଲୋକଙ୍କ ଉପରେ ନ୍ୟସ୍ତ ହୋଇଥାଏ । ହାନାକି ଆଇନ୍ ଅନୁସାରେ ପୁତ୍ରର ୭ ବର୍ଷ ପର୍ଯ୍ୟନ୍ତ ଏବଂ କନ୍ୟା ସାବାଳିକା ହେବା ପର୍ଯ୍ୟନ୍ତ ମା ଉପରେ ସେମାନଙ୍କର ଦାୟିତ୍ୱ ନ୍ୟସ୍ତ ରହିବ । ସିହା ସମ୍ପ୍ରଦାୟରେ ପୁତ୍ର ୨ ବର୍ଷ ବୟସରେ ପହଞ୍ଚିବା ଏବଂ କନ୍ୟା ୭ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କର ଲାଳନପାଳନ ଦାୟିତ୍ୱ ମାତା ହିଁ ବହନ କରିବେ । ଏହାଛଡା ଅଭିଭାବକ ଏବଂ ପ୍ରତିପାଲ୍ୟ ଆଇନ୍, ୧୮୯୦ ଅନୁଯାୟୀ ମଧ୍ୟ ମୁସଲ୍‌ମାନ ସନ୍ତାନସନ୍ତତି ମାନଙ୍କର ଅଭିରକ୍ଷା ପ୍ରସଙ୍ଗ ଅଦାଲତରେ ଫଇସଲା ହୋଇପାରିବ ।

## ସୁପ୍ରିମ୍ କୋର୍ଟଙ୍କ ଦୃଷ୍ଟିଭଙ୍ଗୀ

ସୁପ୍ରିମ୍ କୋର୍ଟ ଶାହାବାନୋ କେଶ୍ (ମହମ୍ମଦ ଅହମଦ୍ ଖାଁ ବନାମ ଶାହାବାନୋ ବେଗମ୍ [ଏ.ଆଇ.ଆର୍. ୧୯୮୫ ଏସ୍.ସି. ୯୪୫ = ୧୯୮୫ (୨) ଏସ୍.ସି.ସି. ୫୫୬] ରେ ରାୟ ଦେଇଥିଲେ ଯେ, ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଧାରା ୧୨୫ ଅନୁଯାୟୀ ଛାଡପତ୍ର ପାଇଥିବା ଜଣେ ମୁସ୍‌ଲିମ୍ ମହିଳା, ଯେ କି ନିଜକୁ ଚଳାଇବାକୁ ଅକ୍ଷମ, ସେ ଇଦତ୍ ସମୟ (ଅର୍ଥାତ୍ ୩ମାସ) ଗଡିଯିବା ପରେ ମଧ୍ୟ ଭରଣପୋଷଣ ପାଇବାକୁ ହକ୍‌ଦାର । ଯଦିଓ ଧାରା ୧୨୭(୩)ରେ ଲିଖିତ ଅଛି ଯେ, ସଂପୃକ୍ତ ମହିଳାଙ୍କ ପ୍ରତି ପ୍ରଯୁଜ୍ୟ ହେଉଥିବା ପ୍ରଥାସିଦ୍ଧ ଆଇନ୍ ଅଧୀନରେ ଯଦି ସେ ନିଜର ଭରଣପୋଷଣ ବାବଦକୁ ସମୁଦାୟ ପ୍ରାପ୍ୟ ଏକକାଳୀନ ପାଇସାରିଥିବେ, ତେବେ ସେ ଧାରା ୧୨୫ ଅଧୀନରେ ଥିବା ଆଜୀବନ ଭରଣପୋଷଣ ଭତ୍ତା ପାଇବାକୁ ହକ୍‌ଦାର ହେବେନାହିଁ, କିନ୍ତୁ ସୁପ୍ରିମ୍ କୋର୍ଟ ଧାରା ୧୨୫(୧)ର ସ୍ପଷ୍ଟୀକରଣ (ବି)ରେ ପ୍ରଦତ୍ତ ସଂଜ୍ଞା ଦ୍ୱାରା ପରିଚାଳିତ ହୋଇ ଆଜୀବନ ଭରଣପୋଷଣ ସପକ୍ଷରେ ନିଜର ନିଷ୍ପତ୍ତି ଶୁଣାଇଥିଲେ । ଏହି ସଂଜ୍ଞାୟନ ଅନୁଯାୟୀ 'ସ୍ତ୍ରୀ' କହିଲେ ଛାଡପତ୍ର ପାଇଥିବା ଜଣେ ମହିଳାଙ୍କୁ ମଧ୍ୟ ବୁଝାଇବ । ମୁସ୍‌ଲିମ୍ ମାନଙ୍କର ପ୍ରଥାଗତ ଆଇନ୍ ବିରୁଦ୍ଧରେ ସୁପ୍ରିମ୍ କୋର୍ଟଙ୍କ ଏତାଦୃଶ ରାୟ ସାରା ଦେଶରେ ବିତର୍କର ଝଡ ସୃଷ୍ଟି କରିଥିଲା ଏବଂ ବିଶେଷକରି ରକ୍ଷଣଶୀଳ ମୁସ୍‌ଲିମ୍

ଗୋଷ୍ଠୀ ଏହି ରାୟକୁ ଭର୍ତ୍ସନା କରିଥିଲେ । ଏପ୍ରକାର ଏକ ବିବଦମାନ ପରିସ୍ଥିତିରେ ସୁପ୍ରିମ୍ କୋର୍ଟଙ୍କ ରାୟକୁ ନିଷ୍ପ୍ରଭ କରିଦେବା ଉଦ୍ଦେଶ୍ୟରେ ସଂସଦ ଦ୍ୱାରା ପ୍ରଣୀତ ହୋଇଥିଲା ମୁସ୍‌ଲିମ୍ ମହିଳା (ଛାଡପତ୍ର ଅନ୍ତେ ଅଧିକାରର ସୁରକ୍ଷା) ଆଇନ୍, ୧୯୮୬ ।

ଏହି ନୂତନ ଆଇନ୍‌ର ବୈଧତାକୁ ସୁପ୍ରିମ୍ କୋର୍ଟ ଗ୍ରହଣ କରିଥିଲେ ହେଁ ଏକ ଜନସ୍ୱାର୍ଥ ସମ୍ବଳିତ ମକଦ୍ଦମା ଡାନିଏଲ୍ ଲଟିଫ୍ ବନାମ ଭାରତ ସରକାର ୨୦୦୧, (୮) ଜେ.ଟି. ୨୧୮ରେ ଏହାର ବ୍ୟବସ୍ଥାଗୁଡ଼ିକୁ କୋର୍ଟର ଏକ ପୂର୍ଣ୍ଣାଙ୍ଗ ପୀଠ ଯେଉଁ ଢଙ୍ଗରେ ବ୍ୟାଖ୍ୟା କଲେ ସେଥିରୁ ପ୍ରତୀତ ହେବ ଯେ, ଉପରୋକ୍ତ ଆଇନ୍‌ରେ ବ୍ୟବହାର କରାଯାଇଥିବା ପରିଭାଷା 'ନ୍ୟାଯ୍ୟ ବ୍ୟବସ୍ଥା'ର ଅର୍ଥ ହେଉଛି, ଛାଡପତ୍ର ପାଇଥିବା ଜଣେ ମୁସ୍‌ଲିମ୍ ମହିଳା ପାଇଁ ଭରଣପୋଷଣ କେବଳ ଇଦାତ୍ ସମୟ ଭିତରେ ସୀମିତ ରହିବନି ତଥା ସବୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏହି ସଂକ୍ରାନ୍ତରେ ଯେଉଁ ସାଧାରଣ ବ୍ୟବସ୍ଥା ପ୍ରଯୁଜ୍ୟ ରହିଛି, ତାହା ମଧ୍ୟ ଛାଡପତ୍ର ପାଇଥିବା ମୁସ୍‌ଲିମ୍ ମହିଳାମାନଙ୍କ କ୍ଷେତ୍ରରେ ସମାନ ଭାବେ ଲାଗୁ ହେବ ।

## ପ୍ରଗତିଶୀଳ ମୁସ୍‌ଲିମ୍ ମହିଳାମାନଙ୍କର ସଂସ୍କାର ପ୍ରୟାସ

ଏକଥା ଜଣାଶୁଣା ଯେ, ସତୁରି ଦଶନ୍ଧିରେ ସାହାବାନୋ ବେଗମ୍‌ଙ୍କ ଭରଣପୋଷଣ ପାଇଁ ଦାବୀକୁ କେନ୍ଦ୍ର କରି ଜାତୀୟ ସ୍ତରରେ ଦେଖାଯାଇଥିବା ବିତର୍କ ବେଳେ ମୁସ୍‌ଲିମ୍ ସଂପ୍ରଦାୟର ରକ୍ଷଣଶୀଳ ଗୋଷ୍ଠୀ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡକୁ ମାଧ୍ୟମ କରି ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍‌ରେ କୌଣସି ପରିବର୍ତ୍ତନ ଅଣାଯାଇପାରିବ ନାହିଁ ବୋଲି ବ୍ୟାପକ ଅଭିଯାନ ଚଳାଇ ରଖିଲେ । ଏହି ବୋର୍ଡ ପ୍ରତିକ୍ରିୟାଶୀଳ ମୌଲାନାମାନଙ୍କ ଦ୍ୱାରା ପରିଚାଳିତ ହୋଇ ମୁସ୍‌ଲିମ୍ ମହିଳାମାନଙ୍କର, ବିଶେଷକରି ନିର୍ଯ୍ୟାତିତା, ପରିତ୍ୟକ୍ତା ଏବଂ ଶୋଷିତା ମହିଳାମାନଙ୍କର ସ୍ୱାର୍ଥ, ଅଧିକାର ଓ ବିକାଶ ପାଇଁ ବୀତସ୍ପୃହ ରହିଆସିଛି । କିନ୍ତୁ ମୁସ୍‌ଲିମ୍ ଧର୍ମର ଅନୁଗାମୀମାନଙ୍କ ଭିତରେ ଏକ ପ୍ରଗତିଶୀଳ ଅଂଶ ସବୁବେଳେ ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍‌ର ସଂସ୍କାର ଚାହିଁ ଆସିଛନ୍ତି । ଏହି ସଂସ୍କାରଧର୍ମୀ ଧାରା ଭିତରୁ ପରିଶେଷରେ ଜନ୍ମ ଗ୍ରହଣ କରିଛି ମୁସ୍‌ଲିମ୍ ଓମେନ୍‌ସ ପର୍ସନାଲ୍ ଲ' ବୋର୍ଡ ଗତ ଫେବୃଆରି ୨୦୦୫ରେ । ଶାୟସ୍ତା ଅମ୍ବର୍ ଏହାର ସଭାନେତ୍ରୀ ଏବଂ ପର୍‌ବିନ୍ ଆବିଦି ସାଧାରଣ ସଂପାଦିକା ଅଛନ୍ତି । ମାର୍ଚ୍ଚ ୨୦୦୮ରେ ଏହି ନୂତନ ମହିଳା ସଂଗଠନ ନୂଆ କରି 'ନିକାନାମା' ବା 'ବିବାହ ଚୁକ୍ତି'ର ଏକ ଚିଠା ପ୍ରଣୟନ କରିଛନ୍ତି, ଯେଉଁଥିରେ ଉଭୟ ସ୍ୱାମୀ ଓ ସ୍ତ୍ରୀର ଅଧିକାର ଓ ଦାୟିତ୍ୱ ସମ୍ବନ୍ଧରେ ଅବତାରଣା କରାଯାଇଛି । ବିବାହ ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯିବା, ରେଜିଷ୍ଟ୍ରେସନ୍ ଅଫିସର୍‌ଙ୍କ ଦ୍ୱାରା ପଞ୍ଜିକରଣ ସହିତ କାଜିମାନଙ୍କ ଦ୍ୱାରା ମଧ୍ୟ ବିବାହ ପଞ୍ଜିକୃତ ହୋଇପାରିବ ବୋଲି ଏଥିରେ କୁହାଯାଇଛି । ଏବଂ ଉଭୟ ସିହା ଏବଂ ସୁନି ସଂପ୍ରଦାୟର ବିବାହିତା ମହିଳାମାନଙ୍କ ପାଇଁ କେତେକ ଅଧିକାରକୁ ଏଥିରେ ସ୍ଥାନ ଦିଆଯାଇଛି । କୋରାନ୍ ଏବଂ ଶରିଆତ୍ ସହିତ ଏହି ନୂତନ ବିବାହ ସନନ୍ଦ ସଂଗତିସଂପନ୍ନ ବୋଲି ଦାବୀ କରାଯାଇଛି । ପୁରୁଣା ନିକାହାନାମାରେ ଠିକଣା ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ନଥିଲା କିମ୍ବା ଗୋଟିଏ ବିବାହ ପଞ୍ଜିକରଣ ହେବ ବୋଲି କୌଣସି ବାଧ୍ୟବାଧ୍ୟକତା ନଥିଲା କିମ୍ବା ସ୍ୱାମୀ ଓ ସ୍ତ୍ରୀଙ୍କର ଅଧିକାର ଓ ଦାୟିତ୍ୱ ସୁସ୍ପଷ୍ଟ ଭାବେ ଲିଖିତ ନଥିଲା । ସର୍ବୋପରି ପୁରୁଣା ନିକାହନାମା କେବଳ ଉ଼ର୍ଦ୍ଦୁରେ ଲିଖିତ ହୋଇଥିଲା । କିନ୍ତୁ ନୂତନ ନିକାହାନାମା ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ ଲେଖା ହୋଇଥିବାରୁ ବ୍ୟାପକ ସଂଖ୍ୟକ ସାଧାରଣ ମୁସଲିମ୍ ଜନସାଧାରଣଙ୍କ ବୋଧଗମ୍ୟ ହୋଇପାରୁଛି । ଆଶା କରାଯାଏ, ଭବିଷ୍ୟତରେ ଏହି ନୂତନ ବୋର୍ଡର ସଂସ୍କାରଧର୍ମୀ ପ୍ରୟାସ ପାଇଁ ଅଧିକରୁ ଅଧିକ ଜନସମର୍ଥନ ମିଳିପାରିବ ।

# ଖ୍ରୀଷ୍ଟିଆନ୍ ବ୍ୟକ୍ତିଗତ ଆଇନ୍

ହିନ୍ଦୁ ଓ ଇସ୍‌ଲାମ ପରେ ଖ୍ରୀଷ୍ଟଧର୍ମ ଭାରତର ତୃତୀୟ ବୃହତ୍ତମ ଧର୍ମ । ଏହା ଭାରତକୁ ସୁଦୂର ଅତୀତରେ, ଏପରିକି ୟୁରୋପରେ ପହଞ୍ଚିବା ପୂର୍ବରୁ ଆସିଥିଲା । ୨୦୦୧ ଜନଗଣନା ଅନୁଯାୟୀ ଭାରତରେ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ସଂଖ୍ୟା ୨୪,୦୮୦,୦୧୬ ଯାହାକି ମୋଟ୍ ଜନସଂଖ୍ୟାର ଶତକଡା ୨.୩୪ ଭାଗ । ଭାରତର ଖ୍ରୀଷ୍ଟିଆନ୍ ମାନେ ବର୍ତ୍ତମାନ ନିମ୍ନୋକ୍ତ ବ୍ୟକ୍ତଗତ ଆଇନ୍ ଦ୍ଵାରା ପରିଚାଳିତ ହେଉଛନ୍ତି-

ଭାରତୀୟ ଉତ୍ତରାଧିକାର ଆଇନ୍, ୧୮୬୫

ଭାରତୀୟ ଛାଡପତ୍ର ଆଇନ୍ , ୧୮୬୯

ଭାରତୀୟ ଖ୍ରୀଷ୍ଟିଆନ୍ ବିବାହ ଆଇନ୍, ୧୮୭୨

ଅଭିଭାବକ ଓ ପ୍ରତିପାଲ୍ୟ ଆଇନ୍, ୧୮୯୦

ଉପରୋକ୍ତ ଆଇନ୍‌ଗୁଡିକ ଭିତରୁ ଭାରତୀୟ ଛାଡପତ୍ର ଆଇନ୍, ୧୮୬୯ ମୂଳରୁ ଏକ ବିବଦମାନ ଆଇନ୍ ରୂପେ ଗତି କରି ଆସିଛି ଏବଂ ପରିଶେଷରେ ଏହା ୨୦୦୧ରେ ସଂଶୋଧିତ ହୋଇ ଉଭୟ ସ୍ଵାମୀ ଓ ସ୍ତ୍ରୀ, ଏବଂ ବିଶେଷ କରି ସ୍ତ୍ରୀ ସପକ୍ଷରେ ଅନୁକୂଳିତ ହୋଇପାରିଛି ।

## ଭାରତୀୟ ଛାଡପତ୍ର ଆଇନ୍ ୧୮୬୯

ଇଂଲଣ୍ଡର ବୈବାହିକ କାରଣସମୂହ ଆଇନ୍, ୧୮୫୭ର ଭିତ୍ତି ଉପରେ ଭାରତୀୟ ଛାଡପତ୍ର ଆଇନ୍ ୧୮୬୯ ପ୍ରସ୍ତୁତ ହୋଇଥିଲା, ଯାହାକି ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ପ୍ରଯୁଜ୍ୟ । ଏହି ଆଇନ୍ ଏକ ବିବାଦୀୟ ଆଇନ୍ ରୂପେ ବହୁ ସମାଲୋଚନା ଓ ତର୍କବିତର୍କର ଝଡ ସୃଷ୍ଟି କରିଥିଲା । ବିଶେଷତଃ ଏହି ଛାଡ଼ପତ୍ର ଆଇନ୍‌ର ଧାରାଗୁଡ଼ିକ କେତେକ କ୍ଷେତ୍ରରେ ପରସ୍ପର ବିରୋଧି ଥିଲା ଏବଂ ମହିଳାମାନଙ୍କ ପ୍ରତି ବାଛବିଚାର କରୁଥିଲା। ଉଦାହରଣ ସ୍ଵରୂପ, ଏହି ଆଇନ୍‌ର ଧାରା-୧୦ ଅନୁଯାୟୀ, ଯଦି ଜଣେ ଖ୍ରୀଷ୍ଟିୟାନ୍ ମହିଳା ସ୍ଵାମୀଙ୍କର ନିର୍ଯ୍ୟାତନା ଓ ଅବହେଳାର ଶିକାର ହୋଇ ବିବାହ ବିଚ୍ଛେଦ ପାଇଁ ଆବେଦନ କରନ୍ତି ତେବେ ତାଙ୍କ ସ୍ଵାମୀ ଅନ୍ୟ ସ୍ତ୍ରୀ ସହ ଅନୈତିକ ସମ୍ପର୍କରେ ଲିପ୍ତ ଅଛନ୍ତି ବୋଲି କାରଣ ଦର୍ଶାଇବାକୁ ପଡିବ । କିନ୍ତୁ ଅନ୍ୟ ଧର୍ମରେ ଏହି କାରଣ ଛଡା ଅନ୍ୟାନ୍ୟ କାରଣ ଦର୍ଶେଇ ମଧ୍ୟ ଜଣେ ମହିଳା ବିବାହ ବିଚ୍ଛେଦ ପାଇଁ ଆବେଦନ କରିପାରୁଥିଲା । ସୁତରାଂ ଭାରତୀୟ ଛାଡପତ୍ର ଆଇନ୍‌ର ଏହି ବ୍ୟବସ୍ଥା ସମ୍ବିଧାନର ଧାରା ୧୫ (ଧର୍ମ, ଜାତି, ଲିଙ୍ଗ ଇତ୍ୟାଦି ଭିତ୍ତିରେ ରାଷ୍ଟ୍ର ଦ୍ଵାରା ବାଚବିଚାର କରାଯିବନି)ରେ ପ୍ରଦତ୍ତ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିଲା । ଏହି ଆଇନ୍‌ର ଅନ୍ୟ ଏକ ସ୍ଵବିରୋଧି ବ୍ୟବସ୍ଥା ହେଉଛି, ଜଣେ ଖ୍ରୀଷ୍ଟିଆନ୍ ଦମ୍ପତ୍ତିଙ୍କର ଯଦି ଜିଲ୍ଲା କୋର୍ଟରେ ବିବାହ ବିଚ୍ଛେଦ ହୋଇଥାଏ, ତେବେ ସେମାନଙ୍କୁ ପୁନଶ୍ଚ ହାଇକୋର୍ଟରେ ଆବେଦନ କରି ନିମ୍ନ କୋର୍ଟର ରାୟ ସପକ୍ଷରେ ମାନ୍ୟତା ଆଣିବାକୁ ପଡୁଥିଲା। ସେଥିପାଇଁ ସଂପୃକ୍ତ ଦମ୍ପତ୍ତିଙ୍କୁ ଅଯଥା ସମୟ ଓ ଅର୍ଥ ଅପଚୟର ସମ୍ମୁଖୀନ ହେବା ସହିତ ବିଭିନ୍ନ ସ୍ତରରେ ବିରୂପ ସମାଲୋଚନାର ଶରବ୍ୟ ହେବାକୁ ପଡୁଥିଲା । ଏହାଛଡା ଭରଣପୋଷଣ ପାଇଁ ଆବେଦନ ପୁଣି ଅଲଗା ଭାବେ କରିବାକୁ ପଡୁଥିଲା । ଅନ୍ୟ କୌଣସି ଧର୍ମରେ ଏପ୍ରକାର ବ୍ୟବସ୍ଥା ପ୍ରଚଳିତ ନାହିଁ। ଏପ୍ରକାର ଜଟିଳ ବ୍ୟବସ୍ଥାକୁ ଲକ୍ଷ୍ୟ କରି ଭାରତର ବିଧି କମିଶନ୍ ତାଙ୍କର ୧୫ ତମ ରିପୋର୍ଟ (୧୯୬୦) ଏବଂ ୨୨ ତମ ରିପୋର୍ଟ (୧୯୬୧)ରେ ଏହି ଆଇନ୍‌ରେ ସଂଶୋଧନ ଆଣିବା ପାଇଁ ସରକାରକୁ ଅନୁରୋଧ କରିଥିଲେ । ଯଦିଓ ବିଭିନ୍ନ କାରଣବଶତଃ ଉକ୍ତ ଆଇନ୍‌ର ସଂଶୋଧନ ଆଣିବା ଦିଗରେ

କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ପାରିନଥିଲା, ମହିଳା ସଂଗଠନ ମାନଙ୍କର କ୍ରମାଗତ ଦାବୀ ଫଳରେ ୨୦୦୧ ମସିହାରେ ଭାରତ ସରକାର ଉକ୍ତ ଆଇନ୍‌ରେ କେତେକ ସଂଶୋଧନ ଆଣିବା ନିମନ୍ତେ ବାଧ୍ୟ ହେଲେ। ୨୦୦୧ ମସିହାରେ ସଂସଦ ଦ୍ୱାରା ବିବାହ ଆଇନ୍‌ସମୂହ (ସଂଶୋଧନ) ଆଇନ୍ ଗୃହୀତ ହୋଇଥିଲା; ଏହା ବଳରେ ଏକାବେଳେ ଭାରତୀୟ ଛାଡପତ୍ର ଆଇନ୍, ୧୮୬୯, ପାର୍ସୀ ବିବାହ ଓ ଛାଡପତ୍ର ଆଇନ୍ ୧୯୩୬, ସ୍ୱତନ୍ତ୍ର ବିବାହ ଆଇନ୍ ୧୯୫୪ ଏବଂ ହିନ୍ଦୁ ବିବାହ ଆଇନ୍ ୧୯୫୫ରେ କେତେକ ନିର୍ଦ୍ଦିଷ୍ଟ ସଂଶୋଧନ ଅଣାଯାଇଥିଲା । ଏହି ସାମଗ୍ରୀକ ସଂଶୋଧନ ଆଇନ୍‌ର ଦ୍ୱିତୀୟ ଅଧ୍ୟାୟରେ ଭାରତୀୟ ଛାଡପତ୍ର ଆଇନ୍, ୧୮୬୯କୁ ସଂଶୋଧନ କରାଯାଇଛି । ସେବେଠାରୁ ଏହା ଛାଡ଼ପତ୍ର ସଂଶୋଧନ ଆଇନ୍ ୨୦୦୧ ଭାବେ ପରିଚିତ ।

### ଛାଡପତ୍ର ପାଇଁ ଆବେଦନ

ବର୍ତ୍ତମାନ ନିମ୍ନଲିଖିତ କାରଣରୁ ଏକ ଖ୍ରୀଷ୍ଟିୟାନ୍ ଦମ୍ପତ୍ତିଙ୍କର ଯେ କୌଣସି ପକ୍ଷ ବିବାହ ବିଚ୍ଛେଦ ନିମନ୍ତେ ଅଦାଲତରେ ଆବେଦନ କରିପାରିନ୍ତି।

୧. ବ୍ୟଭିଚାର ବା ଅନ୍ୟ ପୁରୁଷ ବା ସ୍ତ୍ରୀ ସହ ଯୌନ ସଂପର୍କ ।

୨. ନିଷ୍ଠୁରତା ।

୩. ଦୁଇବର୍ଷ ଧରି ଜଣେ ଅନ୍ୟଜଣଙ୍କୁ ଛାଡି ଚାଲିଯାଇଥିବ ।

୪. ଦୁଇବର୍ଷ ଧରି ମାନସିକ ବିକୃତିରେ ଅକ୍ରାନ୍ତ ହୋଇଥିବେ

୫. ଦୁଇ ବର୍ଷ ଧରି ଦୁରାରୋଗ୍ୟ କୁଷ୍ଠ ରୋଗରେ ପୀଡ଼ିତ ଥିବେ।

୬. ଧର୍ମାନ୍ତରଣ ।

୭. ବିବାହ ପରେ ସ୍ତ୍ରୀଙ୍କ ସହ ଉଦ୍ଦେଶ୍ୟମୂଳକ ଭାବେ କୌଣସି ଯୌନସଂପର୍କ ରଖି ନଥିବେ।

୮. ସାତ ବର୍ଷ ଧରି ତାଙ୍କର ପତ୍ତା ମିଳୁନଥିବ ।

୯. ଦୁଇ ବର୍ଷ ଧରି ସଂକ୍ରାମକ ଯୌନରୋଗରେ ଆକ୍ରାନ୍ତ ହୋଇଥିବେ।

୧୦. ଦାମ୍ପତ୍ୟ ଜୀବନ ପୁନାରମ୍ଭ ନିମନ୍ତେ ଅଦାଲତର ଆଦେଶକୁ ଅବମାନନା କରିଥିବେ।

ଏହାଛଡା ସଂପୃକ୍ତ ମହିଳା ଅତିରିକ୍ତ ତିନୋଟି କାରଣ ଭିତରୁ ଗୋଟିଏ ବା ଅଧିକ କାରଣ ଦର୍ଶାଇ ବିବାହ ବିଚ୍ଛେଦ ପାଇଁ ଆବେଦନ କରିପାରିବେ, ଯଥା, ଧର୍ଷଣ, ଅପ୍ରାକୃତିକ ଯୌନକ୍ରିୟା ଏବଂ ପାଶବିକତା ।

### ଆପୋଷ ବୁଝାମଣାରେ ଛାଡ଼ପତ୍ର

ଭାରତୀୟ ଛାଡ଼ପତ୍ର ଆଇନ୍ (ସଂଶୋଧନ) ୨୦୦୧ ଅନୁଯାୟୀ ଏକ ଦମ୍ପତି ଅପୋଷ ବୁଝାମଣାରେ ମଧ୍ୟ ବିବାହ ବିଚ୍ଛେଦ ପାଇଁ ଜିଲ୍ଲା ଅଦାଲତରେ ଆବେଦନ କରି ପାରିବେ। ଏପରିକି ଏହି ଆଇନ୍ ସଂଶୋଧିତ ହେବା ପୂର୍ବରୁ ଅର୍ଥାତ୍ ୨୦୦୧ ମସିହା ପୂର୍ବରୁ ଯଦି ବିବାହ ସଂପନ୍ନ ହୋଇଥିବ, ତେବେ ସେମାନେ ଏହି ଆଇନ୍ ଅନୁସାରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିପାରିବେ। ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଦୁଇ ବର୍ଷରୁ ଅଧିକ କାଳ ସ୍ୱତନ୍ତ୍ର ଭାବେ ବସବାସ କରୁଥିବେ ଏବଂ ଅନୁଭବ କରିବେ ଯେ ସେମାନେ ଏକତ୍ର ଦାମ୍ପତ୍ୟ-

ଜୀବନ ଯାପନ କରିବା ଅସମ୍ଭବ, ତେବେ ସେମାନେ ଏହି ଆଇନ୍ ଅଧିନରେ ଅଦାଲତରେ ବିବାହ ବିଚ୍ଛେଦ ନିମନ୍ତେ ଆବେଦନ କରିପାରିବେ।

# ସ୍ୱତନ୍ତ୍ର ବିବାହ ଆଇନ୍, ୧୯୫୪

ସ୍ୱତନ୍ତ୍ର ବିବାହ ଆଇନ୍, ୧୯୫୪ ଜାତି ଓ ଧର୍ମ ନିର୍ବିଶେଷରେ ଯେ କୌଣସି ଦମ୍ପତିଙ୍କର ବିବାହର ବୈଧୀକରଣ ନିମନ୍ତେ ଉଦ୍ଦିଷ୍ଟ ଅଟେ। ନିଜ ଧର୍ମୀୟ ପରମ୍ପରା ଅନୁଯାୟୀ ଦମ୍ପତିଙ୍କର ବିବାହ ଏହି ଆଇନ୍ ବଳରେ ପଂଜିକୃତ ହୋଇପାରିବ।

**ବିବାହ ପଂଜିକୃତ ହେବା ପାଇଁ ଉଦ୍ଦିଷ୍ଟ ପ୍ରକ୍ରିୟା:**

ପଂଜିକୃତ ବିବାହ ସାଧାରଣତଃ ଅଦାଲତ ବିବାହ ବା କୋର୍ଟ ମ୍ୟାରେଜ୍ ନାମରେ ପରିଚିତ। ଦମ୍ପତିଙ୍କର ଜାତି ବା ଧର୍ମରେ ଅମେଳ ଥାଇ ମଧ୍ୟ ସଂପୃକ୍ତ ଅଧିକାରୀଙ୍କ ଉପସ୍ଥିତିରେ ସେମାନେ ପରସ୍ପର ବେକରେ ଫୁଲମାଳ ପକେଇ ବିବାହ କରିଥାଆନ୍ତି । ଏହି ବିବାହ ସଂପୂର୍ଣ୍ଣ ରୂପେ ଆଇନ୍‌ସିଦ୍ଧ ଅଟେ । ଏହି ଆଇନ୍ ଅନୁଯାୟୀ ବିବାହ କରିବାକୁ ହେଲେ ଦମ୍ପତିଙ୍କୁ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରିବାକୁ ପଡିଥାଏ, ଯଥା ପ୍ରଥମେ ଉଭୟ ଦମ୍ପତି ମଧ୍ୟରୁ ଜଣେ ବିବାହ ନିମନ୍ତେ ଏକ ଲିଖିତ ଆବେଦନପତ୍ର ଦାଖଲ କରିବେ। ସ୍ଥିରୀକୃତ ହୋଇଥିବା ତାରିଖର ମାସେ ପୂର୍ବରୁ ଅନ୍ତତଃ ଆବେଦନ କରାଯିବ। ମାଜିଷ୍ଟ୍ରେରିଆଲ କ୍ଷମତା ଥିବା ସଂପୃକ୍ତ ଜିଲ୍ଲା ଅଧିକାରୀଙ୍କ ନିକଟରେ ଏହି ଆବେଦନ ପତ୍ର ଦାଖଲ କରିବାକୁ ହୁଏ।

ବିବାହ ରେଜିଷ୍ଟ୍ରେସନ୍ ଅଫିସ୍‌ର ନୋଟିସ୍ ବୋର୍ଡରେ ବିବାହ ପାଇଁ ଇଚ୍ଛୁକ ଦମ୍ପତିଙ୍କର ନାମ ଉଲ୍ଲେଖ କରାଯିବ। ଏହି ନୋଟିସ୍ ଲଗାଯିବାର ୩୦ଦିନ ମଧ୍ୟରେ ଯଦି କାହାର କିଛି ଅଭିଯୋଗ ଥାଏ, ସେ ଜଣାଇ ପାରିବେ। କିନ୍ତୁ ଏହି ଅଭିଯୋଗ ବ୍ୟକ୍ତିଗତ ହୋଇ ନଥିବ ଏବଂ ଏହା ଆଇନ୍‌ସଂଗତ କାରଣ ସମ୍ବଳିତ ହୋଇଥିବ। ଯଦି କୌଣସି ଆପତ୍ତି ଅଭିଯୋଗ ନଥାଏ, ତେବେ ବିବାହଟି ରେଜେଷ୍ଟ୍ରିଭୁକ୍ତ ବା ପଂଜିକୃତ ହୋଇପାରିବ। ଏହି ବିବାହ ବେଳେ ୩ ଜଣ ସାକ୍ଷୀ ଉପସ୍ଥିତ ରହି ବିବାହ ପ୍ରମାଣପତ୍ରରେ ଦସ୍ତଖତ କରିବେ। ବିବାହ ପଂଜିକରଣ ସଂପାଦନା କରୁଥିବା ଅଧିକାରୀ ମଧ ସେଥିରେ ଦସ୍ତଖତ କରିବେ। ଏହିପରି ବିବାହ ରେଜେଷ୍ଟ୍ରିଭୁକ୍ତ ହୋଇଥାଏ । ଯଦି କୌଣସି କାରଣରୁ ରେଜିଷ୍ଟ୍ରେସନ୍ ଅଫିସ୍‌ର ଏହି କାର୍ଯ୍ୟ କରିବା ପାଇଁ ମନା କରନ୍ତି, ତେବେ ଦମ୍ପତି ଏ ପ୍ରକାର ସୂଚନା ପାଇବାର ୩୦ଦିନ ମଧରେ ବିବାହ କରିବା ନିମନ୍ତେ ଜିଲ୍ଲା ଅଦାଲତରେ ଆବେଦନ କରିପାରିବେ।

ଏହି ବିବାହ କେବଳ ଯେ ରେଜିଷ୍ଟ୍ରେସନ୍‌ଙ୍କ ଅଫିସ୍‌ରେ ହୋଇପାରିବ, ତାହା ଜରୁରୀ ନୁହେଁ। ଏହା ଦମ୍ପତି ଦ୍ୱୟ ସ୍ଥିର କରିଥିବା ସ୍ଥାନରେ ମଧ ହୋଇ ପାରିବା । ଯଦି କିଛି ସ୍ୱତନ୍ତ୍ର କାରଣ ନଥାଏ, ଏହି ସ୍ଥାନ ରେଜିଷ୍ଟ୍ରେସନ୍ ଅଫିସ୍ ଠାରୁ ବେଶି ଦୂର ହୋଇନଥିବ ।

ଦମ୍ପତି ସ୍ଥିର କରିଥିବା ବ୍ୟବସ୍ଥା ଅନୁସାରେ ଏହି ବିବାହ କାର୍ଯ୍ୟ ସମ୍ପାଦିତ ହୋଇ ପାରିବ। ଉଭୟ ଦମ୍ପତି ରେଜିଷ୍ଟ୍ରେସନ୍ ଅଧିକାରୀଙ୍କ ସମ୍ମୁଖରେ ଏକ ଶପଥ ପାଠ କରି କହିବେ ଯେ, "ମୁଁ 'କ' (ପୁରୁଷଙ୍କର ନାମ) 'ଖ' (ମହିଳାଙ୍କ ନାମ)ଙ୍କୁ ଆଇନତଃ ସ୍ତ୍ରୀ ଭାବରେ ଗ୍ରହଣ କରୁଛି ।

**ସ୍ୱତନ୍ତ୍ର ବିବାହ ଆଇନ୍ ଅନୁସାରେ ରେଜିଷ୍ଟ୍ରେସନ୍ ବିବାହ କରିବାକୁ ଇଚ୍ଛୁକ ଦମ୍ପତିଙ୍କ ନିମନ୍ତେ ସର୍ତ୍ତାବଳୀ :**

୧. ଉଭୟ ଦମ୍ପତିଙ୍କର ଅନ୍ୟ କୌଣସି ଦାମ୍ପତ୍ୟ ସମ୍ପର୍କ ନଥିବ।

୨. ଉଭୟ ମାନସିକ ସ୍ତରରେ ସୁସ୍ଥ ଥିବେ ଏବଂ ବିବାହରେ ସମ୍ମତି ପ୍ରଦାନ କରିବା ପାଇଁ ସକ୍ଷମ ଥିବେ।

୩. ଉଭୟ ପକ୍ଷ ବିବାହ ପାଇଁ ଯୋଗ୍ୟ ହୋଇଥିବେ; ଅପସ୍ମାର ବା ବାତରୋଗରେ ପୀଡ଼ିତ ନଥିବେ ଏବଂ ଉଭୟଙ୍କର ସନ୍ତାନ ଜନ୍ମ କରିବାର କ୍ଷମତା ଥିବା ।

୪. ପୁରୁଷଙ୍କର ବୟସ ୨୧ବର୍ଷରୁ ଉର୍ଦ୍ଧ୍ୱ ଏବଂ ମହିଳାଙ୍କର ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।

୫. ଉଭୟ ଦମ୍ପତିଙ୍କ ମଧ୍ୟରୁ କେହି ଜଣେ ନିଷିଦ୍ଧ ସମ୍ପର୍କରେ ଜଡ଼ିତ ନଥିବେ। ଯଦି ଉଭୟଙ୍କ ମଧ୍ୟରୁ ଜଣଙ୍କର ଧର୍ମୀୟ ପରମ୍ପରା ଏହି ବିବାହକୁ ସ୍ୱୀକୃତି ଦିଏ, ତେବେ ଆଇନ୍ ମଧ୍ୟ ଏହି ବିବାହକୁ ସ୍ୱୀକୃତି ଦେଇଥାଏ।

**ଜଣେ ବିବାହିତ ବ୍ୟକ୍ତିଙ୍କ ପକ୍ଷେ ସ୍ତ୍ରୀଙ୍କ ଜୀବିତାବସ୍ଥାରେ ପୁନର୍ବିବାହ କରିବା ନିଷେଧ**

ଏ ସମ୍ପର୍କରେ ଉଦାହରଣ ନିଆ ଯାଇପାର । ଜଣେ ହିନ୍ଦୁ ମହିଳା ଜଣେ ମୁସଲମାନ୍ ପୁରୁଷଙ୍କୁ ରେଜିଷ୍ଟ୍ରେସନ୍ ବିବାହ କରିଥିଲେ। ଉଭୟ କିଛି ଦିନ ଏକାଠି ରହିବା ପରେ ମୁସଲମାନ ପୁରୁଷ ଏକାକୀ ତାଙ୍କ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ଗ୍ରାମରେ ୧୦/୧୨ ଦିନ ରହିବା ପରେ ସ୍ତ୍ରୀଙ୍କ ନିକଟକୁ ଫେରି ଜଣାଇଲେ ଯେ, ପିତାମାତାଙ୍କ ବାଧ୍ୟବାଧକତା ଯୋଗୁଁ ସେ ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ଧର୍ମୀୟ ପରମ୍ପରା ଅନୁସାରେ ବିବାହ କରିଛନ୍ତି । ସେତେବେଳେ ପ୍ରଥମ ସ୍ତ୍ରୀ ଅନ୍ତଃସତ୍ତ୍ୱା ହୋଇସାରଛନ୍ତି । ପ୍ରଶ୍ନ ଉଠେ, ସ୍ୱତନ୍ତ୍ର ବିବାହ ଆଇନ୍ ଅନୁସାରେ ଉକ୍ତ ମହିଳା କିପରି ନ୍ୟାୟ ପାଇବେ ? ସ୍ୱତନ୍ତ୍ର ବିବାହ ଆଇନ୍‌ର ଧାରା-୪୪ ଅନୁଯାୟୀ ଜଣେ ବ୍ୟକ୍ତି ପୂର୍ବରୁ ବିବାହ କରିନଥିବେ କିମ୍ବା ପରେ ଦ୍ୱିତୀୟ ବିବାହ କରିପାରିବେ ନାହିଁ । ଧର୍ମୀୟ ପରମ୍ପରାକୁ ନେଇ ଜଣେ ଥରେ ବିବାହ କରିପାରନ୍ତି, କିନ୍ତୁ ଆଇନତଃ ପୁନଶ୍ଚ ବିବାହ କରିପାରିବେ ନାହିଁ । ତେଣୁ ଏହି ଆଇନ୍ ଅନୁସାରେ ବିବାହ କରିଥିବା ପ୍ରଥମ ସ୍ତ୍ରୀ ହିଁ ତାଙ୍କର ଆଇନ୍‌ଗତ ପତ୍ନୀ ଭାବେ ମାନ୍ୟତା ପାଇବେ ଏବଂ ତାଙ୍କର ସନ୍ତାନମାନେ ହିଁ ତାଙ୍କର ସମ୍ପତ୍ତିର ଆଇନ୍‌ଗତ ଉତ୍ତରାଧିକାରୀ ରୂପେ ବିବେଚିତ ହେବେ।

--------------------------

**ମହିଳା ସଂପର୍କୀତ ଫୌଜଦାରି ଆଇନ୍ ସମୂହ**

TABLE ON SECTIONS OF IPC

# ଯୌତୁକ ମୃତ୍ୟୁ (ଦଣ୍ଡବିଧି ସଂହିତାର ଧାରା ୩୦୪-ବି)

**ପୃଷ୍ଠଭୂମି**

ଯଦି ଗଭୀର ଆଘାତ କାରଣରୁ ଜଣେ ବିବାହିତା ମହିଳାଙ୍କର ବିବାହର ସାତ ବର୍ଷ ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ଘଟିଥାଏ ଏବଂ ସେ ସ୍ୱାମୀ ଓ ସ୍ୱାମୀଙ୍କ ପିତାଙ୍କ ସମ୍ପର୍କୀୟମାନଙ୍କ ଦ୍ୱାରା ଯୌତୁକ ନିମନ୍ତେ ନିର୍ଯ୍ୟାତିତା ହେଉଥିବାର ଘଟଣା ପ୍ରମାଣିତ ହୁଏ, ତେବେ ୧୯୮୬ ମସିହାରେ ସଂଶୋଧିତ ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୩୦୪ (ବି) ଅନୁସାରେ ଏହି ମୃତ୍ୟୁ ଯୌତୁକ ଜନିତ ମୁତ୍ୟୁ ରୂପେ ବିବେଚିତ ହୁଏ।

ଏଠାରେ ଉଲ୍ଲେଖନୀୟ ଯେ, ଯୌତୁକ ନିରୋଧ ଆଇନ୍, ୧୯୬୧ ବଳବତ୍ତର ଥାଇ ସୁଦ୍ଧା ଆମ ଦେଶରେ ଯୌତୁକ ଜନିତ ନିର୍ଯ୍ୟାତନା ଓ ମୃତ୍ୟୁ ଘଟଣା ବଢିବଢି ଚାଲିଥିଲା। ଏହାର କାରଣ ଅନୁଧ୍ୟାନ ଏବଂ ଦୂରୀକରଣ ଉଦ୍ଦେଶ୍ୟରେ ୧୯୮୦ ମସିହାରେ ଏକ ଯୁଗ୍ମ ସଂସଦୀୟ କମିଟି ଗଢାଯାଇଥିଲା। ଏହି କମିଟିର ସୁପାରିଶ୍ ତଥା ବିଧି କମିଶନ୍‌ଙ୍କ ୯୧ତମ ରିପୋର୍ଟ, ୧୯୮୩ ମତେ ଯୌତୁକ ନିରୋଧ ଆଇନ୍ ୧୯୬୧ରେ ସଂଶୋଧନ ହେବା ସହିତ ଭାରତୀୟ ଦଣ୍ଡବିଧି ସଂହିତା ୧୮୬୦, ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ ୧୮୭୨ ଏବଂ ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନମାନ ଅଣାଯାଇଥିଲା। ଯୌତୁକ ନିରୋଧ ଆଇନ୍ ଅଦ୍ୟାବଧି ସଂସଦ ଦ୍ୱାରା ଦୁଇଥର ଯଥା ୧୯୮୪ ଏବଂ ୧୯୮୬ରେ ସଂଶୋଧିତ ହୋଇ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଛି।

ସାଧାରଣତଃ ଭାରତୀୟ ଫୌଜଦାରୀ ବିଧିବ୍ୟବସ୍ଥା ଅଭିଯୁକ୍ତର ଦୋଷ ପ୍ରମାଣ ନହେବା ଯାଏଁ ଦୋଷୀ ସାବ୍ୟସ୍ତ କରେ ନାହିଁ। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ଦାୟିତ୍ୱ ପ୍ରଥମେ ଥିଲା ନିର୍ଯ୍ୟାତିତାଙ୍କର; କିନ୍ତୁ ଫୌଜଦାରି ଆଇନ୍ (ଦ୍ୱିତୀୟ ସଂଶୋଧନ) ଆଇନ୍ ୧୯୮୩ ଅନୁଯାୟୀ ଭାରତୀୟ ସାକ୍ଷ୍ୟ-ପ୍ରମାଣ ଆଇନ୍ ୧୮୭୨ର ଏକ ସଂଶୋଧନ କରାଯାଇ ଏଥିରେ ଏକ ନୂଆ ପ୍ରାବ୍ଧାନ ଦଫା-୧୧୩(ବି) ଭର୍ତ୍ତି କରାଗଲା । ଏହି ଦଫା ୧୧୩-ବି ଅନୁଯାୟୀ ଯଦି ମୃତ ମହିଳା ଜଣକ ଜୀବିତାବସ୍ଥାରେ ଯୌତୁକ ଜନିତ କ୍ରୁରତା ବା ନିର୍ଯ୍ୟାତନାର ଶିକାର ହୋଇଥିବା ପ୍ରମାଣିତ ହୁଏ, ତେବେ ଭାରତୀୟ ଦଣ୍ଡ ସଂହିତାରେ ନୂତନ ଭାବେ ଯୋଡା ହୋଇଥିବା ଦଫା ୩୦୪-ବି ଅନୁସାରେ ସେହି ମୃତ୍ୟୁ ଯୌତୁକ ହତ୍ୟା ବୋଲି ପ୍ରମାଣିତ ହେବ ଏବଂ ଅଭିଯୁକ୍ତମାନେ ଏହି ଅପରାଧ ପାଇଁ ଦଣ୍ଡିତ ହେବେ। ଏବଂ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବାର ପ୍ରମାଣ-ଭାର ଅଭିଯୁକ୍ତଙ୍କ ଉପରେ ନ୍ୟସ୍ତ ରହିବ। ଉପରୋକ୍ତ ସଂଶୋଧନ ଅନୁଯାୟୀ ଭାରତୀୟ ଦଣ୍ଡ ସଂହିତାରେ ଏକ ନୂତନ ଅଧ୍ୟାୟ-୨୦-ଏ ପ୍ରଣୟନ କରାଗଲା ଏବଂ ଏହା ଅଧୀନରେ ଏକ ନୂତନ ପ୍ରାବ୍ଧାନ ଦଫା-୪୯୮(ଏ) ସ୍ଥାନିତ କରାଗଲ। ଏହି ଦଫା ଅନୁଯାୟୀ କୌଣସି ସମ୍ପତ୍ତି ହାସଲ ପାଇଁ ଜଣେ ବିବାହିତା ମହିଳାଙ୍କୁ ଯଦି ତାଙ୍କର ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟମାନେ ନିଷ୍ଠୁରତା ଆଚରଣ କରନ୍ତି, ତେବେ ତାହା ଦଣ୍ଡନୀୟ ହେବ। ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା ୧୭୪କୁ ସଂଶୋଧନ କରି ବ୍ୟବସ୍ଥା କରାଗଲା ଯେ, ବିବାହର ୭ବର୍ଷ ଭିତରେ ମରୁଥିବା ପ୍ରତି ମହିଳାଙ୍କର ଶବ ବ୍ୟବଚ୍ଛେଦ ବାଧ୍ୟତାମୂଳକ।

ସୁତରାଂ ଯୌତୁକ ମୃତ୍ୟୁ ବୋଲି ସାବ୍ୟସ୍ତ କରିବା ପାଇଁ ନିମ୍ନୋକ୍ତ ୪ଟି ପ୍ରମାଣର ଆବଶ୍ୟକତା ରହିଛି-

- କୌଣସି ପୋଡାଜଳା ବା ଆଘାତ ଦ୍ୱାରା ବା କୌଣସି ଅସ୍ୱାଭାବିକ ପରିସ୍ଥିତିରେ ମହିଳାଙ୍କର ମୃତ୍ୟୁ ଘଟିଛି ;
- ବିବାହର ସାତବର୍ଷ ଭିତରେ ମୃତ୍ୟୁ ଘଟିଛି ;
- ମୃତ୍ୟୁର ଅବ୍ୟବହିତ ପୂର୍ବରୁ ମହିଳା ଜଣକ ତାଙ୍କ ସ୍ୱାମୀ ବା ସ୍ୱାମୀଙ୍କ ସଂପର୍କୀୟମାନଙ୍କ ଦ୍ୱାରା ନିଷ୍ଠୁରତା ଓ ନିର୍ଯ୍ୟାତନାର ଶୀକାର ହେଉଥଲେ ;
- ଏପ୍ରକାର ନିଷ୍ଠୁରତା ବା ନିର୍ଯ୍ୟାତନା ଯୌତୁକ ପାଇଁ ଦାବୀକୁ କେନ୍ଦ୍ର କରି କରା ଯାଉଥିଲା।

**ଦଣ୍ଡ ବିଧାନ :**

ଯଦି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଅତି କମ୍‌ରେ ୭ବର୍ଷ ଜେଲ୍ କିମ୍ବା ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହେବେ। ଏହା ଏକ ଧର୍ତ୍ତବ୍ୟ ଅପରାଧ ଏବଂ ଦୌରା ଜଜ୍ କୋର୍ଟରେ ଏହାର ଶୁଣାଣି ହେବ।

**ହେମଚାନ୍ଦ୍ ବନାମ ହରିଆନା ରାଜ୍ୟ ସରକାର**

ସରୋଜବାଲା ୧୯୮୨ ମସିହାରେ ହେମଚାନ୍ଦ୍ ନାମକ ଏକ ପୋଲିସ୍ କନେଷ୍ଟବଲଙ୍କୁ ବିବାହ କରିଥିଲେ। କିନ୍ତୁ ବିବାହର ୨ ମାସ ପରେ ସରୋଜାବାଲା ସ୍ୱାମୀଙ୍କ ଦ୍ୱାରା ନିର୍ଯ୍ୟାତିତା ହୋଇ ବାପା-ମା'ଙ୍କ ନିକଟକୁ ଫେରି ଆସିଥିଲେ। ତାଙ୍କ ସ୍ୱାମୀ ଏକ ରଂଗୀନ୍ ଟିଭି ଏବଂ ରେଫ୍ରିଜରେଟର୍ ପାଇଁ ଦାବୀ କରି ତାଙ୍କୁ ନିର୍ଯ୍ୟାତନା ଦେଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଅନ୍ୟା ଉପାୟ ନପାଇ ତାଙ୍କ ବାପା ହଜାର ଟଙ୍କା ଦେଇ ସରୋଜବାଳାଙ୍କୁ ତାଙ୍କ ଶାଶୁଘରକୁ ପଠାଇ ଦେଇଥିଲେ। ପୁନର୍ବାର ୧୩.୧୧.୧୯୮୪ ମସିହାରେ ତାଙ୍କ ସ୍ୱାମୀ ୨୫ ହଜାର ଟଙ୍କା ଆଣିବା ପାଇଁ ସରୋଜବାଳାଙ୍କୁ ତାଙ୍କ ବାପା ଘରକୁ ପଠାଇ ଦେଇଥିଲେ। ଏତେ ପରିମାଣର ଟଙ୍କା ଦେଇ ନପାରିବାରୁ ସରୋଜବାଳାତାଙ୍କା ବାପଘରେ ୧ ବର୍ଷରୁ ଅଧିକା ଜାଳ ରହିବା ପରେ ଦିନେ ହେମଚାନ୍ଦ୍ ଆସି ସରୋଜବାଳାଙ୍କୁ ନିଜ ଘରକୁ ଫେରାଇ ଆଣିଥିଲେ। ପୁଣି ୧୯୮୭ମସିହାରେ ସରୋଜବାଳା ବାପାଘରକୁ ଫେରି ୨୫ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ତାଙ୍କ ଉପରେ କ୍ରମାଗତ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦିଆଯାଇଥିଲା। ତାଙ୍କ ପିତା ପୁଣି ୧୫ ହାଜାର ଟଙ୍କା ଦେଇ ସରୋଜବାଳାଙ୍କୁ ଶାଶୁଘରକୁ ପଠାଇ ଦେଇଥିଲେ ଏବଂ ବାକୀ ୧୦ ହଜାର ଟଙ୍କା ଯଥାଶିଘ୍ର ଯୋଗାଡ କରି ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କିନ୍ତୁ ୧୬.୦୬.୧୯୮୭ ତାରିଖରେ ସରୋଜବାଳାଙ୍କ ମୃତ୍ୟୁ ହେଲା। ପିତାମାତାଙ୍କୁ କୌଣସି ସୂଚନା ନଦେଇ ତାଙ୍କ ପରିବାରର ଲୋକମାନେ ତାଙ୍କର ଅନ୍ତିମ ସଂସ୍କାର କରିଦେଇଥିଲେ। ଏହି ଖବର ପାଇା ସରୋଜବାଳାଙ୍କ ପିତା ନିକଟସ୍ଥ ପୋଲିସ ଥାନାରେ ଏକ ଏତଲା ଦେଇଥିଲେ। ବିବାହର ୭ ବର୍ଷ ମଧ୍ୟରେ ଏହା ଥିଲା ଏକ ଅସ୍ୱାଭାବିକ ମୃତ୍ୟୁ ଏବଂ ଏହା ଯୌତୁକ ଜନିତ ହୋଇଥିବାରୁ ପୋଲିସ୍ ହେମଚାନ୍ଦଙ୍କ ବିରୁଦ୍ଧରେ ଭାରତୀୟ ପିଙ୍ଗଳ ସଂହିତାର ଦଫା ୪୯୮(ଏ) ଓ ୩୦୪(ବି) ଦଫାରେ ଏକ ମାମଲା ରୁଜୁ କଲେ। ସେସନସ୍ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ। ପୂର୍ବରୁ କୁହାଯାଇଛି ଯେ, ଯୌତୁକ ଜନିତ ମୃତ୍ୟୁ ପାଇଁ ଜେଲ୍‌ଦଣ୍ଡ ୭ ବର୍ଷରୁ ଆଜୀବନ ମଧ୍ୟ ହୋଇପାରେ। ଏହାକୁ ଭିତ୍ତିକରି ଅଭିଯୁକ୍ତ ହାଇକୋର୍ଟରେ ଏକ ଅପିଲ୍ କରିଥିଲେ । କିନ୍ତୁ ହାଇକୋର୍ଟ ନିମ୍ନ କୋର୍ଟର ରାୟକୁ କାଏମ୍ ରଖିଲେ। ଏକ ପୋଲିସ୍ କର୍ମଚାରୀ ହୋଇ ଏପରି ଅପରାଧ ଘଟାଇ ଥିବାରୁ ହାଇକୋର୍ଟ ଏହା ଏକ ଅକ୍ଷମଣୀୟ ଅପରାଧ ବୋଲି ଦର୍ଶାଇଥିଲେ।

ଏହାପରେ ଅଭିଯୁକ୍ତ ସୁପ୍ରୀମ୍ କୋର୍ଟର ଆଶ୍ରୟ ନେଇଥିଲେ। ସୁପ୍ରୀମ୍ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ, କିନ୍ତୁ ଆଜୀବନ କାରଦଣ୍ଡ ଯୁକ୍ତିଯୁକ୍ତ ନୁହେଁ, ଏବଂ ଏପରି ଦଣ୍ଡବିଧାନ ବହୁ ବିରଳ ମାମଲାରେ ଦିଆଯାଇଥାଏ ବୋଲି ମତାମତ ଦେଇଥିଲେ। ଆହୁରି ମଧ୍ୟ ଅପରାଧୀ ପୋଲିସ୍ କର୍ମଚାରୀ ହୋଇଥିବାରୁ ହାଇକୋର୍ଟ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ, ତାହାକୁ ସୁପ୍ରୀମ୍ କୋର୍ଟ ଖଣ୍ଡନ କରି ଅପରାଧୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ; ଦ୍ରଷ୍ଟବ୍ୟ: ହେମଚାନ୍ଦ ବନାମ ହରିଆନା ରାଜ୍ୟ ସରକାର, ୧୯୯୪(୬), ଏସ୍.ସି.ସି., ୭୨୭।

**ଗୁର୍‌ବଚନ୍ ସିଂ ବନାମ ସତ୍‌ପାଲ ସିଂ:**

୧୯୮୨ ମସିହାରେ ସତ୍‌ପାଲ ସିଂ ଏବଂ ରବୀନ୍ଦର୍ କୌରଙ୍କର ବିବାହ ଅମୃତସର୍ ଠାରେ ହୋଇଥିଲା । କିନ୍ତୁ ୧୯୮୩ ମସିହା ଜୁନ୍ ୨୫ ତାରିଖରେ ରବିନ୍ଦର୍ କୌର୍ ଅତ୍ମହତ୍ୟା କରିଥିଲେ। ରବୀନ୍ଦର୍‌ଙ୍କର ମୃତ୍ୟୁ ସମୟରେ ତାଙ୍କ ଶାଶୁ ଘରେ ଉପସ୍ଥିତ ଥିଲେ। ତାଙ୍କ ବକ୍ତବ୍ୟ ଅନୁଯାୟୀ ସେ ନିଜେ ଶୋଇଥିବା ସମୟରେ ରବୀନ୍ଦର୍ ରୋଷେଇ କରୁଥିଲାଏବଂ ସେଠାରେ ନିଆଁ ଲାଗିଯିବାରୁ ସେ ପୋଡ଼ି ହୋଇ ମରିଗଲା। ନିମ୍ନ କୋର୍ଟ ଶାଶୁଙ୍କର ଏହି ବକ୍ତବ୍ୟକୁ ବିଶ୍ୱାସ କରିନଥିଲେ। ରବିନ୍ଦର୍‌ଙ୍କ ଶରୀର

ଗୁରୁତର ଭାବେ ପୋଡି ଯାଇଥିଲା ଏବଂ ତାଙ୍କୁ ବଞ୍ଚାଇବା ପାଇଁ କୌଣସି ପ୍ରକାର ଚେଷ୍ଟା ହୋଇଥିବାର ପ୍ରମାଣ ନଥିଲା, କିନ୍ତୁ ଶାଶୁଙ୍କ ଶରୀରରେ କୌଣସି ପୋଡା ଦାଗ ନଥିଲା।

ରବୀନ୍ଦର୍ କୌର୍ଙ୍କ ପିତା ବହୁ ବିଳମ୍ବରେ ଏ ସମ୍ପର୍କରେ ସୁଚନା ପାଇ ଡ଼ାକ୍ତରଖାନାରେ ପହଞ୍ଚିବା ବେଳକୁ ରବିନ୍ଦର୍ଙ୍କର ମୃତ୍ୟୁ ହୋଇସାରିଥିଲା । ଗୁର୍ବଚନ ସିଂ ଓ ତାଙ୍କ ପରିବାର ବର୍ଗ ସାରା ରାତି ଡାକ୍ତରଖାନାରେ ପଡ଼ି ରହିଥିଲେ । ତା' ପରଦିନ ସକାଳେ ପୋଲିସ ଆସି ଗୁର୍ବଚନ ସିଂଙ୍କ ଅଭିଯୋଗ ଗ୍ରହଣ କରି ଭାରତୀୟ ପିଙ୍ଗଳ ସଂହିତ୍ାର ୩୦୪(ବି) ଦଫାରେ ଏକ ମାମଲା ରୁଜୁ କରିଥିଲେ ଏବ ସେସନସ୍ କୋର୍ଟ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ।

ରବିନ୍ଦର୍ଙ୍କ ବାପଘର ଓ ଶାଶୁଘର ପାଖାପାଖି ଥିଲା। ବିବାହର ପରଦିନ ଠାରୁ ରବୀନ୍ଦର୍ଙ୍କ ଉପରେ ନିର୍ଯ୍ୟାତନା ଆରମ୍ଭ ହୋଇ ଯାଇଥିଲା ଏବଂ ଏକଥା ରବୀନ୍ଦର୍ ନିଜ ବାପା ଓ ମାଙ୍କୁ ମଧ୍ୟ ଜଣାଇଥିଲେ। ବାରମ୍ବାର ଯୌତୁକ ପାଇଁ ତାଙ୍କ ଉପରେ ନିର୍ଯ୍ୟାତନା ଦିଆଯାଉଥିଲା । ଅନେକ ଝିଅ ଫ୍ରିଜ୍ ଓ ଅନ୍ୟସବୁ ଦାମିକା ଜନିଷ ଦେଇ ତାଙ୍କୁ ବିବାହ କରିବା ପାଇଁ ଚାହୁଁଛନ୍ତି କହି ତାଙ୍କ ସ୍ୱାମୀ ରବିନ୍ଦର୍ଙ୍କୁ ମାନସିକ ନର୍ଯ୍ୟାତନା ମଧ୍ୟ ଦେଉଥିଲେ। ରବୀନ୍ଦର୍ ସେହି ସମୟରେ ଅନ୍ତଃସତ୍ତ୍ୱା ଥିଲେ ଏବଂ ଏହି ସନ୍ତାନ ତାଙ୍କର ନୁହେଁ ବୋଲି ସ୍ୱାମୀ ସତପାଲ୍ ବାରମ୍ବାର ତାଙ୍କୁ ତାସ୍ଲ୍ୟ କରି କହୁଥିଲେ।

୧୯୮୨ ମସିହା ନଭେମ୍ବର ମାସରେ ଗୁର୍ବଚନ ସିଂ ଝିଅର ଶାଶୁଘରକୁ ଆସି ସେ ନିର୍ଯ୍ୟାତନା ପାଉଥିବାର ଜାଣି ରବିନ୍ଦର୍ଙ୍କୁ ତାଙ୍କ ଘରକୁ ନେଇ ଆସିଥିଲେ। ଘରକୁ ଯିବାର ୮ ଦିନ ପରେ ସତ୍ପାଲ ସିଂ ତାଙ୍କ ମା ଓ କକାଙ୍କ ସହ ରବିନ୍ଦର୍ଙ୍କ ଘରକୁ ଆସି ରବିନ୍ଦର୍ଙ୍କୁ ନିଜ ଘରକୁ ନେବା ପାଇଁ ଚାହିଁଥିଲେ। କିନ୍ତୁ ଗୁର୍ବଚନ ସିଂ ଏଥିରେ ରାଜି ହୋଇନଥିଲେ। ସତ୍ପାଲ ପୁନର୍ବାର ସ୍ଥାନୀୟ କମିଟିର ସଭାପତି ଓ ମହିଳା ସ୍ୱେଚ୍ଛାସେବୀଙ୍କୁ ଆଣି ରବୀନ୍ଦର୍ଙ୍କୁ ଶାଶୁଘରକୁ ପଠେଇବା ପାଇଁ ଅନୁରୋଧ କରିଥିଲେ ଏବଂ ସେ ଭବିଷ୍ୟତରେ ଯୌତୁକ ଦାବୀ କରିବେ ନାହିଁ ବୋଲି ସମସ୍ତଙ୍କ ସମ୍ମୁଖରେ ଶପଥ ମଧ୍ୟ କରିଥିଲେ। ଶେଷରେ ରବିନ୍ଦର୍ଙ୍କୁ ସ୍ୱାମୀଙ୍କ ସହ ଶାଶୁଘରକୁ ଯିବାକୁ ପଡ଼ିଥିଲା । ୨ ମାସ ପର୍ଯ୍ୟନ୍ତ କୌଣସି ଖବର ନ ମିଳିବାରୁ ଗୁର୍ବଚନ ସିଂ ତାଙ୍କର ଦୁଇ ସାନଝିଅଙ୍କୁ ପରିସ୍ଥିତି ବୁଝିବା ପାଇଁ ପଠାଇଲେ। ସେଠାରୁ ଫେରି ଝିଅମାନେ ଅବସ୍ଥା ପୂର୍ବପରି ଅଛି ଏବଂ ନିର୍ଯ୍ୟାତନା କମିବାର କୌଣସି ଲକ୍ଷଣ ନାହିଁ ବୋଲି କହିଥିଲେ। ସେମାନେ ଫେରିବାର ୨ ଦିନ ମଧ୍ୟରେ ୧୯୮୩ ମସିହା ଜୁନ୍ ୨୫ ତାରିଖରେ ପୋଡି ହୋଇ ରବୀନ୍ଦର୍ ଆତ୍ମହତ୍ୟା କରିଥିଲେ।

ସେସନ୍ସ କୋର୍ଟ ଏହି ମାମଲାର ବିଚାର କରି ଅତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିବାରୁ ଅଭିଯୁକ୍ତମାନଙ୍କୁ ୫ ବର୍ଷ ସଶ୍ରମ କାରଦଣ୍ଡ ତଥା ପ୍ରତ୍ୟେକ ଅଭିଯୁକ୍ତ ୨୦୦୦ ଟଙ୍କାର ଜୋରିମାନା ଏବଂ ଜୋରିମାନା ଅଦାଦେୟ ହେଲେ ପୁଣି ୪ ମାସ ଜେଲ୍ଦଣ୍ଡ ଭୋଗିବେ ବୋଲି ରାୟ ଦେଇଥିଲେ।

ଏହି ରାୟରେ ଅସନ୍ତୁଷ୍ଟ ହୋଇ ମୁଦାଲା ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ପଞ୍ଜାବ-ହରିଆନା ହାଇକୋର୍ଟ ଏହି ମକଦ୍ଦମାର ପୁନଃବିଚାର କରି ମନ୍ତବ୍ୟ କରିଥିଲେ ଯେ, ଏହି ମାମଲାରେ ଯଥେଷ୍ଟ ସାକ୍ଷ୍ୟ-ପ୍ରମାଣର ଅଭାବ ରହିଥିବାରୁ ମକଦ୍ଦମାଟିକୁ ଖାରଜ କରାଗଲା। ଶେଷରେ ଏହି ମାମଲା ସୁପ୍ରୀମ୍ କୋର୍ଟକୁ ଗଲା। ସୁପ୍ରୀମ୍ କୋର୍ଟ ନିମ୍ନ ତଥ୍ୟଗୁଡିକୁ ବିଚାରକୁ ନେଇଥିଲେ -

୧. ଏଠାରେ ଷ୍ପଷ୍ଟ ପ୍ରମାଣିତ ହୁଏ ଯେ, ମୃତ ମହିଳା ସ୍ୱାମୀ-ଗୃହରେ ଯୌତୁକ ନିର୍ଯାତନା ଓ ନିଷ୍ଠୁରତାର ଶିକାର ହୋଇଛନ୍ତି। କୌଣସି ମହିଳାଏପରି ନିର୍ଯ୍ୟାତନା ସହ୍ୟ କରି ବଞ୍ଚପାରିବ ନାହିଁ ଏବଂ ଆତ୍ମହତ୍ୟ କରିବା ପାଇଁ ବାଧ୍ୟ ହେବ। ତେଣୁ ଏଠାରେ ଧରି ନିଆଯାଇ ପାରେ ଯେ, ମୃତ ମହିଳା ଯୌତୁକ ନିର୍ଯ୍ୟାତନା ଯୋଗୁଁ ଅତ୍ମହତ୍ୟା କରଛନ୍ତି।

୨. ମୃତ ମହିଳାଙ୍କ ଶାଶୁଙ୍କ ଦେହରେ କୌଣସି ପୋଡ଼ାଜଳାର ଚିହ୍ନ ନଥିଲା। ଏଥିରୁ ପ୍ରମାଣିତ ହୁଏ ଯେ, ରବୀନ୍ଦର୍ଙ୍କର ଶାଶୁ ଘର ଭିତରେ ଉପସ୍ଥିତ ଥିଲେ ମଧ୍ୟ ତାଙ୍କୁ ବଞ୍ଚାଇବା ପାଇଁ କୌଣସି ଉଦ୍ୟମ କରି ନାହାନ୍ତି।

୩.	ରବିନ୍ଦର୍ କୌର୍‌ଙ୍କ ବାପଘର ଅତି ନିକଟରେ ହୋଇଥିଲେ ମଧ୍ୟ ଏହି ଘଟଣା ସମ୍ବନ୍ଧରେ  ସେମାନଙ୍କୁ ବିଳମ୍ବରେ ସୁଚନା ଦିଆଯାଇଥିଲା।

ତେଣୁ  ଦୌରାଜଜ୍‌ଙ୍କ ମତାମତକୁ ସୁପ୍ରୀମକୋର୍ଟ ଗ୍ରହଣ କଲେ।  ହାଇକୋର୍ଟ ଦେଇଥିବା ରାୟକୁ ରଦ୍ଦକରି ଦୌରାଜଜ୍ ଦେଇଥିବା ଦଣ୍ଡକୁ ସୁପ୍ରୀମ୍ କୋର୍ଟ କାଏମ୍ ରଖିଲେ ଏବଂ ଏଥି ସହିତ ସ୍ୱାମୀ ଓ ସମ୍ପର୍କୀୟଙ୍କୁ  ଅମୃତସର ଜିଲ୍ଲାର ଦୌରାଜଜ୍‌ଙ୍କ କୋର୍ଟରେ ସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଲେ।

ଯୌତୁକ ହତ୍ୟାରେ ସ୍ୱାମୀ ଛଡା ଅନ୍ୟାନ୍ୟ ବ୍ୟକ୍ତିମାନେ ଜଡିତ ରହୁଛନ୍ତି ତଥା ଦଫା ୩୦୪(ବି) ଅନୁଯାୟୀ ଯୌତୁକ ହତ୍ୟାର ପ୍ରମାଣ ଅନୁମାନ-ସାପେକ୍ଷ ତଥା ସୁପ୍ରୀମ୍ କୋର୍ଟ କହିଛନ୍ତି ଯେ, ମୃତ୍ୟୁଦଣ୍ଡ କେବଳ ଅତି ବିରଳ କ୍ଷେତ୍ରରେ ଦିଆଯାଇପାରେ।

# ଧର୍ଷଣ ଓ ଅନ୍ୟାନ୍ୟ ଯୌନ ଅପରାଧ

ଦୁଇମାସର ଶିଶୁ କନ୍ୟା ଠାରୁ ଆରମ୍ଭ କରି ୮୦ ବର୍ଷ ବୟସ୍କା ବୃଦ୍ଧା ପର୍ଯ୍ୟନ୍ତ ଧର୍ଷଣର ଶିକାର ହେବା ଘଟଣା ସହିତ ଆମେ ପରିଚିତ୍। ଜାତି, ଧର୍ମ, ଶ୍ରେଣୀ ଓ ବୟସ ନିର୍ବିଶେଷରେ ସମସ୍ତ ମହିଳାଙ୍କ ପାଇଁ ଧର୍ଷଣ ଏକ ଚିରନ୍ତନ ବିପାଦ ରୁପେ ଦଣ୍ଡାୟମାନ।

ଜଣେ ମହିଳାର ପରିଧାନ କିମ୍ବା କଥା କହିବା ଭଙ୍ଗୀକୁ ନେଇ ଧର୍ଷଣ ଘଟିତ ହୋଇନଥାଏ। ଏହା ମହିଳା ମାନଙ୍କ ବିରୁଦ୍ଧରେ ଏକ ହିଂସା, ନିଜର ପୌରୁଷ ଏବଂ କ୍ଷମତା ଜାହିର କରି ମହିଳାକୁ ନିଜର ଆୟତ୍ତକୁ ଆଣିବା ନିମନ୍ତେ ପୁରୁଷର ଏକ ପ୍ରବୃତ୍ତି । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଯେ, ସ୍ଥଳ ବିଶେଷରେ କୌଣସି ନିର୍ଦ୍ଧିଷ୍ଟ ଜାତି, ଶ୍ରେଣୀ, ଧର୍ମ ଓ ଗୋଷ୍ଠୀର ଲୋକମାନଙ୍କୁ ଉଚିତ୍ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପ୍ରତିଶୋଧ ପରାୟଣ ହୋଇ ପୁରୁଷମାନେ ସେହି ସଂପ୍ରଦାୟର ମହିଳାମାନଙ୍କୁ ଧର୍ଷଣ କରିଥାଆନ୍ତି। ପ୍ରକୃତରେ ଦେଖିବାକୁ ଗଲେ, ଏପରି କ୍ରୁରତା/ହିଂସାର ମୂଳ କାରଣ ବୁଝିବା ନିମନ୍ତେ ଯେଉଁ ସଂବେଦନଶୀତା ବା ସଚେତନତାର ଆବଶ୍ୟକ, ତାହା ପୁରୁଷମାନଙ୍କ ମଧ୍ୟରେ ନ ଥାଏ, ବିଶେଷତଃ ରାଜନେତା, ଅଦାଲତ, ଓକିଲ ଓ ପୋଲିସ ଅଫିସରମାନଙ୍କର ତ ଆଦୌ ନଥାଏ । ଫଳରେ ମହିଳାମାନଙ୍କୁ ନାନା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଥାଏ। ନ୍ୟାୟ ମିଳିବା ତା ଦୁରର କଥା ବରଂ କିପରି ଧର୍ଷଣର ସମ୍ମୁଖୀନ ନ ହେବ ସେଥିପାଇଁ ଅନେକ ଅବାଞ୍ଛିତ, ଶୁଖିଲା ଉପଦେଶ ମହିଳାମାନଙ୍କୁ ଶୁଣିବାକୁ ପଡ଼ିଥାଏ, ଯଥା-

୧. ମହିଳାମାନେ ସମସ୍ତ ଶରୀରକୁ ଆଚ୍ଛାଦିତ କରି ପୋଷାକ ପିନ୍ଧିବା ଉଚିତ।

୨. ରାତ୍ର କାଳରେ ଏକାକୀ ରାସ୍ତାରେ ଯିବା ଉଚିତ୍ ନୁହେଁ।

୩. ଅନ୍ୟ ପୁରୁଷମାନଙ୍କ ସହ ଉଚ୍ଚସ୍ୱରରେ କଥା କହିବା ଉଚିତ୍ ନୁହେଁ ।

୪. ଘର ମଧ୍ୟରେ ଏକାକୀ ଥିଲେ ଘରର କବାଟ ବନ୍ଦ ରଖିବା ଉଚିତ୍ ।

କିନ୍ତୁ ପ୍ରକୃତ କ୍ଷେତ୍ରରେ ଆମେ ଦେଖିବାକୁ ପାଉ ଯେ, ଦୁଇ ମାସର ଶିଶୁ, ପାରମ୍ପରିକ ପୋଷାକ ପରିହିତା ଏବଂ ଅନ୍ୟ ପୁରୁଷଙ୍କ ସହ ଆଦୌ କଥାବର୍ତ୍ତା କରୁନଥିବା ମହିଳାମାନେ ମଧ ଧର୍ଷଣର ଶିକାର ହେଉଛନ୍ତି

**ଦଣ୍ଡବିଧି ସଂହିତାର ଧାରା ୩୭୫:**

ଏହି ଧାରା ଅନୁଯାୟୀ ଜଣେ ପୁରୁଷ ଏକ ମହିଳାଙ୍କ ସହ ନିମ୍ନଲିଖିତ ଅବସ୍ଥାରେ ଯଦି ଶାରିରୀକ ସଂଭୋଗ କରିଥିବ, ତେବେ ଏହା ଧର୍ଷଣ ବୋଲି ବିବେଚିତ ହେବ-

୧. ମହିଳାଙ୍କ ଇଚ୍ଛା ବରୁଦ୍ଧରେ।

୨. ତାଙ୍କର ଅସହମତିରେ।

୩. ହତ୍ୟା କିମ୍ବା କୌଣସି ସମ୍ପର୍କୀୟ କିମ୍ବା ତାଙ୍କର କ୍ଷତି ଘଟାଇବାର ଧମକ ଦେଇ ମହିଳାଙ୍କର ସମ୍ମତି ହାସଲ କରି ।

୪. ଆଇନତଃ ବିବାହିତ ସ୍ୱାମୀ ଭାବେ ପ୍ରତାରଣା କରି ଶାରିରୀକ ସମ୍ପର୍କ ରଖିବା।

୫. ଯଦି କୌଣସି ମହିଳା ମାନସିକ ସ୍ତରରେ ଅସୁସ୍ଥ କିମ୍ବା ନିଶାସକ୍ତ ଅବସ୍ଥାରେ ସହମତି ପ୍ରଦାନ କରିଥିବେ ଏବଂ ଏହାର ଫଳାଫଳ ସମ୍ପର୍କରେ ବୁଝିବା କିମ୍ବା ଜାଣିବା ଅବସ୍ଥାରେ ନଥିବେ ।

୬. ମହିଳା ଯଦି ୧୬ ବର୍ଷ ବୟସରୁ କମ୍ ବୟସର ହୋଇଥିବେ, ତେବେ ତାଙ୍କର ସହମତି ଥାଉ ବା ନଥାଉ ।

କୌଣସି ଧର୍ଷଣ ଅପରାଧର ଅଭିଯୋଗ ଆଣିବା ନିମନ୍ତେ  ପୁରୁଷ ଓ  ମହିଳାଙ୍କ ଭିତରେ ପୂର୍ଣ୍ଣ ସହବାସ ହୋଇଥିବା ଜରୁରୀ ନୁହେଁ ।

**ଧର୍ଷଣ ଆଇନ୍‌ର ପରିବର୍ତ୍ତନ ପାଇଁ ଦାବୀ :**

୧୯୭୨ ମସିହା ମଥୁରା ଧର୍ଷଣ କେସ୍ ପରେ ସମଗ୍ର ଦେଶରେ ଧର୍ଷଣ ଆଇନ୍‌କୁ ସଂଶୋଧିତ କରିବା ପାଇଁ ମହିଳା ଆନ୍ଦୋଳନ ମୁଣ୍ଡ ଟେକି ଉଠିଲା । ସୁପ୍ରୀମ୍ କୋର୍ଟଙ୍କ ରାୟ ବରୁଦ୍ଧରେ ସମ୍ବାଦ ପତ୍ର ଠାରୁ ସଂସଦ ପର୍ଯ୍ୟନ୍ତ ଏକ କ୍ରମାଗତ ତର୍କବିତର୍କର ଝଡ ସୃଷ୍ଟି ହେଲା । ଅବଶେଷରେ ତତ୍‌କାଳୀନ କେନ୍ଦ୍ରସରକାର ବାଧ୍ୟ ହୋଇ ଏହି ଦଣ୍ଡବିଧି ସଂହିତାରେ ଧର୍ଷଣ ସଂବନ୍ଧରେ ଥିବା ପୁରୁଣା ବ୍ୟବସ୍ଥାରେ  ସଂଶୋଧନ ଆଣିବା ପାଇଁ ବାଧ୍ୟ ହେଲେ ।

**ବିଧି କମିଶନ୍‌ଙ୍କ ସୁପାରିଶ୍ :**

୧ ଆଇନ୍ ମଧ ସ୍ୱାମୀଙ୍କୁ ସ୍ତ୍ରୀର ଅସହମତିରେ ସହବାସ କରିବା ପାଇଁ ଅନୁମତି ଦେଇନାହିଁ ।

୨. କୌଣସି ମହିଳାଙ୍କର ଧର୍ଷଣ ମାମଲାର ବିଚାର ବେଳେ ମହିଳାଙ୍କର ପୂର୍ବ ଯୌନଗତ ଆଚରଣ ବିଚାର ବିଭାଗୀୟ କାଗଜ ପତ୍ରରେ ଉଲ୍ଲେଖ ହେବନାହିଁ ।

୩. ଯଦି ନିର୍ଯ୍ୟାତିତା ମହିଳାଙ୍କର ଏତଲା ପୋଲିସ୍ ଗ୍ରହଣ ନକରେ, ତେବେ ଏହା ପୋଲିସ୍‌ର ଏକ ଅପରାଧ ଭାବେ ଗଣାଯିବ ।

୪. ମହିଳାମାନଙ୍କୁ ରାତ୍ରିକାଳରେ ଗିରଫ କରାଯିବ ନାହିଁ କିମ୍ବା ପୋଲିସ୍ ହାଜତ୍‌ରେ ରଖାଯିବ ନାହିଁ ।

୫. ଯଦି ଅଭିଯୋଗକାରିଣୀ କୁହନ୍ତି ଯେ, ସହବାସ ପାଇଁ ତାଙ୍କର ସମ୍ମତି ନଥିଲା, ତେବେ ଅଦାଲତ ଏହାକୁ ଗ୍ରହଣ କରିବେ । ଅଭିଯୁକ୍ତଙ୍କୁ ପ୍ରମାଣ କରିବାକୁ ହେବ ଯେ, ମହିଳାଙ୍କର ସମ୍ମତି ଥିଲା, ନଚେତ୍ ସେ ଦୋଷୀ ସାବସ୍ତ ହେବେ ।

୬. ଧର୍ଷଣ ମୋକଦ୍ଦମାର ସମସ୍ତ ସାକ୍ଷ୍ୟପ୍ରମାଣ କାର୍ଯ୍ୟବିଧି ରୁଦ୍ଧଦ୍ୱାର ପ୍ରକୋଷ୍ଠରେ ହେବା ଉଚିତ୍ ।

୭. ପୋଲିସ୍, ଜେଲ୍ ଓ ହଷ୍ଟେଲ୍‌ର ପରିଚାଳକ ଓ ଡ଼ାକ୍ତରଖାନାର କର୍ମଚାରୀ, ଯେଉଁମାନଙ୍କ ଦାୟିତ୍ୱ ଅଧୀନରେ ଜଣେ ଧର୍ଷିତା ମହିଳା ଆଶ୍ରିତ ଥିବେ, ସେମାନେ ଯଦି ସେହି ମହିଳାଙ୍କୁ ପୁନର୍ବାର ଧର୍ଷଣ କରନ୍ତି, ତେବେ ଉକ୍ତ ଅଭିଯୋଗ ନିମନ୍ତେ କଠିନରୁ କଠିନତର ଦଣ୍ଡ ବ୍ୟବସ୍ଥା ହେବା ଉଚିତ୍ ।

୮. ଅନୁସନ୍ଧାନ କାର୍ଯ୍ୟ କ୍ଷିପ୍ର ଗତିରେ ପରିଚାଳିତ ହୋଇ ତୁରନ୍ତ ସଂପୂର୍ଣ୍ଣ ହେବା ଉଚିତ୍ ।

ଏହି ସବୁ ସୁପାରିଶ୍ ମଧ୍ୟରୁ ସରକାର କେତେକ ସୁପାରିଶ୍‌କୁ ଗ୍ରହଣ କରି ୧୯୮୦ ମସିହାରେ ଧର୍ଷଣ ଆଇନ୍‌ର ସଂଶୋଧନ ନିମନ୍ତେ ଏକ ଚିଠା ପ୍ରସ୍ତୁତି କରିଥିଲେ । ଦୀର୍ଘ ୩ ବର୍ଷର ଆଲୋଚନା ଓ ପୁନରାଲୋଚନା ପରେ ୧୯୮୩ ମସିହାରେ କେତେକ ସଂଶୋଧନା ଅଣାଯାଇଥିଲେ । ଧର୍ଷଣ ମାମଲାରେ ମହିଳାଙ୍କର ଅତୀତର ଯୌନଗତ ଆଚରଣକୁ ବିଚାରକୁ ନିଆଯିବ ନାହିଁ ପ୍ରସ୍ତାବ ବି ଏହି ଆଇନ୍‌ରେ ସ୍ୱୀକୃତି ପାଇପାରିଛି । କିନ୍ତୁ ଅନ୍ୟ ସୁପାରିଶ୍ ଗୁଡ଼ିକ ଗ୍ରହଣ କରାନଯିବାରୁ  ଅଭିଯୁକ୍ତ ମାନେ ଏହାର ସୁଯୋଗ ନେଇ ଖସି ଯାଉଛନ୍ତି । ଉଦାହରଣ ସ୍ୱରୂପ, ୨୦୦୨ ମସିହାରେ ସୁପ୍ରିମ୍ କୋର୍ଟଙ୍କ ଏକ ମନ୍ତବ୍ୟ ଅନୁସାରେ, ଯଦି ଅଭିଯୁକ୍ତଙ୍କ ବରୁଦ୍ଧରେ ଧର୍ଷଣର ଦୃଢ଼ ଏବଂ ହୃଦବୋଧ ହେବା ପରି ସାକ୍ଷ୍ୟ ପ୍ରମାଣ ନଥାଏ, ତେବେ ମାମଲଟି ଖାରଜ ହୋଇଯିବ ଏପଂ ଉପଯୁକ୍ତ ପ୍ରମାଣ ଅଭାବାରୁ ଅଭିଯୁକ୍ତ ନର୍ଦୋଷରେ ଖଲାସ ହୋଇଯିବ । ଏଠାରେ ଉଲ୍ଲେଖନୀୟ ଯେ, କଳାହାଣ୍ଡି ଜିଲ୍ଲାର ମ୍ୟାଲେରିଆ ବିଭାଗର ଜଣେ କର୍ମକର୍ତ୍ତା ନିଜର

ଜଣେ ଅଧସ୍ତନ ମହିଳା କର୍ମଚାରୀଙ୍କୁ ଧର୍ଷଣ କରିବା ଅପରାଧରେ କଳାହାଣ୍ଡି ସେସନସ୍ କୋର୍ଟ ଦ୍ୱାରା ୭ ବର୍ଷ କଠିନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ସେ ଏହା ପରେ ସୁପ୍ରୀମ୍ କୋର୍ଟରେ ଏହି ଦଣ୍ଡାଦେଶ ବିରୁଦ୍ଧରେ ଆବେଦନ କରିଥିଲେ । ସୁପ୍ରୀମ କୋର୍ଟ ନିର୍ଯାତିତାଙ୍କର ବୟାନ୍ (ସେ ଆଉ କାହାରି ସହିତ ଶାରିରୀକ ସଂପର୍କ ରଖିନଥିଲେ) ଉପରେ ସନ୍ଦେହ ପ୍ରକଟ କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ । ଏହିପରି ଅଭିଯୁକ୍ତ ଜଣକ ସନ୍ଦେହଯୁକ୍ତ ସାକ୍ଷ୍ୟପ୍ରମାଣର ସୁଯୋଗ ନେଇ ନିର୍ବିଘ୍ନରେ ଖଲାସ ହୋଇ ଯାଇଥଲେ ।

କିନ୍ତୁ ମହିଳା ଆନ୍ଦୋଳନର କର୍ମକର୍ତ୍ତାମାନେ ଏହି ଆଇନ୍‌ର ଏପରି ଏକ ସଂଶୋଧନ ଚାହୁଁଥିଲେ, ଯଦ୍ୱାରା ଧର୍ଷିତା ମହିଳାଙ୍କର ସହମତିରେ ଘଟଣାଟି ଘଟିଅଛି ବୋଲି ପ୍ରମାଣ କରିବାର ଦାୟିତ୍ୱ ଅଭିଯୁକ୍ତ ଉପରେ ନ୍ୟସ୍ତ ହେବ, ଧର୍ଷିତା ମହିଳା ଉପରେ ନୁହେଁ । ଏହାର ଅର୍ଥ, ଯଦି ମହିଳା କୁହନ୍ତି ଯେ, ତାଙ୍କ ସହମତିରେ ଯୌନସଂପର୍କ ହୋଇ ନାହିଁ, ତେବେ ଅଭିଯୁକ୍ତଙ୍କୁ ପ୍ରମାଣ କରିବାକୁ ପଡିବ ଯେ, ଏଥିରେ ମହିଳାଙ୍କ ସହମତି ଥିଲା । ବିଧି କମିଶନ୍ ମଧ ଏହି ସୁପାରିଶ୍ କରିଥିଲେ, କିନ୍ତୁ ବର୍ତ୍ତମାନ ସୁଦ୍ଧା ଆଇନ୍‌ର ଏହି ପ୍ରସ୍ତାବିତ ସଂଶୋଧନ ଗୃହୀତ ହୋଇପାରିନାହିଁ ।

**ଭାରତୀୟ ଦଣ୍ଡବିଧି ଅନୁଯାୟୀ ଧର୍ଷଣ ପାଇଁ ଦଣ୍ଡବ୍ୟବସ୍ଥା:**

| **କେଉଁ ଧରଣର ଧର୍ଷଣ ଅପରାଧ** | **ଦଣ୍ଡ** |
|---|---|
| ଯଦି ଜଣେ ପୁରୁଷ ଧର୍ଷଣ ପାଇଁ ଦୋଷୀ ସାବ୍ୟସ୍ତ ହୁଏ | ଜେଲ୍‌ଦ ଣ୍ଡ ୭ବର୍ଷରୁ କମ୍ ହେବନି ; କେତେକ କ୍ଷେତ୍ରରେ ଆଜୀବନ କାରାଦଣ୍ଡ ବା ୧୦ବର୍ଷର ଜେଲ୍ ଦଣ୍ଡ ସହ ଜୋରିମାନା |
| ଯଦି ଜଣେ ବ୍ୟକ୍ତି ନିଜ ବାରବର୍ଷ ବୟସର ସ୍ତ୍ରୀକୁ ଧର୍ଷଣ କରି ଦୋଷୀ ସାବ୍ୟସ୍ତ ହୁଏ | ଦୁଇବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ନଚେତ୍ ଜୋରିମାନା ନଚେତ୍ ଉଭୟ ଦଣ୍ଡ |
| ପୋଲିସ୍ ଅଫିସର୍, ସରକାରୀ କର୍ମଚାରୀ, ଜେଲ୍ କର୍ମଚାରୀ ଏବଂ ପ୍ରତ୍ୟାର୍ପଣ ଗୃହର ପରିଚାଳକ, ଡାକ୍ତରଖାନାର ପରିଚାଳକ ଏବଂ କର୍ମଚାରୀ ଯଦି ତାଙ୍କର ସୟରକ୍ଷା ବା ଅଭିରକ୍ଷା ଅଧୀନରେ ଥିବା ମହିଳାଙ୍କୁ ଧର୍ଷଣ କରନ୍ତି | ସାତବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ |
| - ଯଦି ଜାଣିଶୁଣି ଜଣେ ଅନ୍ତସତ୍ତ୍ୱା ମହିଳାଙ୍କୁ ଧର୍ଷଣ କରାଯାଏ<br>- ଯଦି ବାରବର୍ଷରୁ କମ୍ ବୟସର ଝିଅକୁ ଧର୍ଷଣ କରାଯାଏ<br>- ଯଦି ଗଣଧର୍ଷଣ କରାଯାଏ | ସାତବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ |

**କେଉଁ କାରଣରୁ ଧର୍ଷଣରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରେ ନାହିଁ ?:**

୧. ପୁରୁଷ ଲିଙ୍ଗ ସ୍ତ୍ରୀଲିଙ୍ଗରେ ପ୍ରବେଶ କରିଥାଏ କି ନାହିଁ ସନ୍ଦେହ ଥିବାରୁ ।

୨. ପୋଲିସ୍‌ର ଅବହେଳା ହେତୁ ମହିଳାଙ୍କ ବସ୍ତ୍ର ଓ ପୁରୁଷର ବୀର୍ଯ୍ୟକୁ ସାଇତା ରଖାଯାଇନଥାଏ ଏବଂ ଅଭିଯୁକ୍ତଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସାକ୍ଷ୍ୟପ୍ରମାଣ ସଂଗ୍ରହ କରିବାରେ ବିଳମ୍ବ କରାଯାଇଥାଏ ବା ମୁଖ୍ୟ ପ୍ରମାଣଗୁଡ଼ିକୁ ନଷ୍ଟ କରଯାଇଥାଏ ।

୩. କେଶ୍‌ର କାର୍ଯ୍ୟବିଧି ଚାଲୁଥିବା ବେଳେ ନିର୍ଯ୍ୟାତିତାଙ୍କୁ କୌଣସି ପ୍ରକାର ମାନସିକ କି ଆର୍ଥିକ ସହାୟତା ମିଳି ନଥାଏ ।

**ଏକ ଜ୍ଞାତବ୍ୟ ସୂଚନା :**

ଜଣେ ମହିଳା ଯୌନକର୍ମୀଙ୍କ ସମ୍ମତି ନଥାଇ ତାଙ୍କ ସହ ଯୌନ ସଂଭୋଗ କରିବା ମଧ୍ୟ ଧର୍ଷଣ । ପୁଣି ୧୫ ବର୍ଷ ବୟସରୁ କମ୍ ବୟସର ସ୍ତ୍ରୀ ସହ ସହବାସ କଲେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଧର୍ଷଣ ଅଭିଯୋଗ ଦାଏର୍ ହୋଇପାରିବ ।

**ଧର୍ଷଣ ହେବା ପରେ କ'ଣ କ'ଣ କରିବା ଉଚିତ୍ ? :**

ଏପରି ଘଟଣା ପରେ ପରେ ଧର୍ଷିତା ମହିଳା ପିନ୍ଧିଥିବା ଲୁଗାପଟା ବଦଳାଇବା ଉଚିତ୍ ନୁହେଁ ଏବଂ ସେ ସ୍ନାନ କରିବା ଉଚିତ ନୁହେଁ, କାରଣ ତଦ୍ୱାରା ପୋଲସ୍ କିଛି ପ୍ରମାଣ ପାଇପାରିବ ନାହିଁ । ରକ୍ତ ଏବଂ ଶୁକ୍ରାଣୁ ଲାଗିଥିବା ଲୁଗାପଟା ଓ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକୁ ଯତ୍ନର ସହ ଏକାଠି କରି, ସିଲ୍ ଦେଇ ପରୀକ୍ଷାଗାରକୁ ପଠାଇବାକୁ ପଡିବ । ତାପରେ ଧର୍ଷିତାଙ୍କୁ ଗୋଟିଏ ସରକାରୀ ଚିକିତ୍ସାଳୟକୁ ନେଇ ସେଠାରେ ତାଙ୍କର ଡାକ୍ତର ମାଇନା କରିବାକୁ ପଡିବ । ସେହି ପରୀକ୍ଷାରୁ ଜଣାଯାଏ ଯେ ତାଙ୍କୁ ପ୍ରକୃତରେ ଯୌନସଂଭୋଗ କରାଯାଇଛି କି ନାହିଁ? ତାହା ପରେ ଯାଇ ମାମଲାର ତଦନ୍ତ ଆରମ୍ଭ ହୋଇଥାଏ ।

**ମନେ ରଖିବା ଦରକାର-**

୧. ପୋଲିସ୍‌କୁ ରିପୋର୍ଟ ଦେବାରେ ବିଳମ୍ବ କରିବା ଉଚିତ୍ ନୁହେଁ ।

୨. ଅଭିଯୁକ୍ତକୁ ଯେଉଁ ବ୍ୟକ୍ତି ସାହାଯ୍ୟ କରିନ୍ତି ବା ଧର୍ଷିତାକୁ ଚିତ୍କାର କରିବାରୁ ପ୍ରତିରୋଧ କରନ୍ତି ଏବଂ ଧମକ ଦିଅନ୍ତି ବା ଠିଆହୋଇ ସୁରକ୍ଷା ଦିଅନ୍ତି, ସେମାନେ ମଧ ଉକ୍ତ ମାମଲାରେ ଅଭିଯୁକ୍ତ ହୋଇଥାନ୍ତି ।

## କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନରୁ ମହିଳାମାନଙ୍କ ସୁରକ୍ଷା

ରାଜସ୍ଥାନରେ ଭନୱାରି ଦେବୀ ନାମକ ଜଣେ ସମାଜ-କର୍ମୀ ମହିଳା ପ୍ରତିପତ୍ତିଶାଳୀ ଠାକୁର ସଂପ୍ରଦାୟଙ୍କ ଦ୍ୱାରା ଅନୁସୃତ ହେଉଥିବା ଶିଶୁ ବିବାହ ପରମ୍ପରାକୁ ବିରୋଧ କରି ସେମାନଙ୍କ ଆକ୍ରମଣର ଶିକାର ହୋଇଥିଲେ । ୧୯୯୨ ମସିହା ସେପ୍ଟେମ୍ବର ମାସରେ ଦିନେ ସେ ତାଙ୍କ ସ୍ୱାମୀଙ୍କ ସହ କାମ କରୁଥିବା ବେଳେ ୫ଜଣ ଠାକୁର ଭନ୍‌ୱାରିଙ୍କୁ ଗଣଧର୍ଷଣ କରିଥିଲେ । ଦୃଢ଼ମନା ଭନ୍‌ୱାରି କିନ୍ତୁ ଏହି ଘଟଣାରେ ଦବି ଯାଇନଥିଲେ । ତାଙ୍କର ଅଭିଯୋଗ ପ୍ରଥମେ ତଳ କୋର୍ଟରେ ଶୁଣାଣି ହୋଇଥିଲା । ତଳକୋର୍ଟ ଦୋଷୀମାନଙ୍କୁ ଖଲାସ କରିଦେଇଥିଲା । ଏହାପରେ ଡିସେମ୍ବର ୧୯୯୩ରେ ରାଜସ୍ଥାନ ହାଇକୋର୍ଟ ନିଜ ରାୟରେ ଘଟଣାକୁ ଗଣଧର୍ଷଣ ବୋଲି ସ୍ୱୀକାର କରିଥିଲେ ହେଁ ଏହା ଏକ ପାରସ୍ପରିକ କଳହରୁ ଘଟିଛି ବୋଲି ମନ୍ତବ୍ୟ କରିଥିଲେ । ତା'ପରେ ରାଜସ୍ଥାନ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ କେତେକ ସମାଜସେବୀ ସଂଗଠନ ସୁପ୍ରିମ୍ କୋର୍ଟରେ ଅପିଲ୍ କରିଥିଲେ, ଏବଂ ଏହି କେଶ୍ ସେବେଠାରୁ 'ବିଶାଖା ଏବଂ ଅନ୍ୟମାନେ ବନାମ ରାଜସ୍ଥାନ ସରକାର ଏବଂ ଅନ୍ୟମାନେ' ଅଥବା ସଂକ୍ଷେପରେ ବିଶାଖା କେଶ୍ ବୋଲି ଦେଶରେ ଜଣାଶୁଣା ହେଲା । ଏହି କେଶ୍‌ର ଶୁଣାଣି କଲା ବେଳେ ଅନୁଭବ କରାଗଲା ଯେ, କାର୍ଯ୍ୟକ୍ଷେତ୍ରରେ ଜଣେ ମହିଳାଙ୍କୁ ସୁରକ୍ଷା ଦେବାରେ ଆଇନ୍ ବ୍ୟର୍ଥ ହୋଇଛି । ଆବେଦନକାରୀ ସମାଜ-କର୍ମୀମାନଙ୍କର

ଯୁକ୍ତି ଥିଲା ଯେ, ପ୍ରଚଳିତ ଆଇନ୍ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଦେଇ ପାରୁନାହିଁ, ଏବଂ ଏହା ଫଳରେ ଭାରତୀୟ ସମ୍ବିଧାନର ଧାରା ୧୪, ୧୯ ଏବଂ ୨୧ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମୌଳିକ ଅଧିକାରସମୂହକୁ ଉଲ୍ଲଂଘନ ଘଟୁଛି। ଯେହେତୁ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ କୌଣସି ଆଇନ୍ ନାହିଁ, ତେଣୁ ଆବେଦକମାନେ ସୁପ୍ରିମ୍ କୋର୍ଟଙ୍କୁ ତତ୍‌ସଂକ୍ରାନ୍ତ ବିଧିବିଧାନ ପ୍ରଣୟନ କରିବା ପାଇଁ ଅନୁରୋଧ କରିଥିଲେ। ସୁପ୍ରିମ୍‌କୋର୍ଟ ଅତି ଗୁରୁତ୍ୱର ସହିତ ଏହି ବିଷୟ ବିଚାରକୁ ନେଇ ୧୩ ଅଗଷ୍ଟ ୧୯୯୭ରେ ନିଜର ରାୟ ମଧ୍ୟରେ କେତେକ ମାର୍ଗଦର୍ଶୀକା ସ୍ଥାନିତ କରିଥିଲେ। ସୁପ୍ରିମ୍ କୋର୍ଟ ପୁଣି ସୂଚାଇ ଥିଲେ ଯେ, ଯେ ପର୍ଯ୍ୟନ୍ତ ଏହି ବ୍ୟାପାରରେ ସରକାର ବିଧିବଦ୍ଧ ଆଇନ୍ ପ୍ରଣୟନ କରିନାହାନ୍ତି, ସେ ପର୍ଯ୍ୟନ୍ତ ସମ୍ବିଧାନର ଧାରା ୧୪୧ ଅନୁଯାୟୀ ସେମାନଙ୍କ ପ୍ରସ୍ତୁତ ଏହି ମାର୍ଗଦର୍ଶୀକାକୁ ଆଇନ୍‌ର ମାନ୍ୟତା ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଆଚରଣ କରିବେ। ଏହାପରେ ସୁପ୍ରୀମ୍ କୋର୍ଟଙ୍କ ମାର୍ଗଦର୍ଶୀକାକୁ ଭିତ୍ତି କରି ଜାତୀୟ ମହିଳା କମିଶନ୍ ୧୫ ସେପ୍ଟେମ୍ବର ୧୯୯୮ରେ 'କାର୍ଯ୍ୟସ୍ଥଳୀରେ ଆଚରଣବିଧି' ନାମରେ ଏକ ଘୋଷଣାନାମା ପ୍ରକାଶ କଲେ। କିନ୍ତୁ ଏସବୁ ସତ୍ତ୍ୱେ କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନ ସମସ୍ୟା କମିବା ପରିବର୍ତ୍ତେ ବଢିବଢି ଚାଲିଲା। ତେଣୁ ଏହାକୁ ନେଇ ଏକ ବିଧିବଦ୍ଧ ଆଇନ୍ ପ୍ରଣୟନ ଉଦ୍ଦେଶ୍ୟରେ ଜାତୀୟ ମହିଳା କମିଶନ୍ ଏକ ବିଧେୟକ ପ୍ରସ୍ତୁତ କଲେ। କିନ୍ତୁ ଏହି ବିଧେୟକ ଏବେ ବି ବିତର୍କୀତ ଅବସ୍ଥାରେ ଗତି କରୁଛି। ସୁତରାଂ ଆଇନ୍‌ଗତ ଦୃଷ୍ଟିରୁ ବର୍ତ୍ତମାନ ସୁପ୍ରୀମ୍ କୋର୍ଟଙ୍କ ମାର୍ଗଦର୍ଶୀକା ହିଁ କାର୍ଯ୍ୟସ୍ଥଳୀରେ ଯୌନ ଉତ୍ପୀଡନର ସମ୍ମୁଖୀନ ହେଉଥିବା ମହିଳା ମାନଙ୍କ ହାତରେ ଏକମାତ୍ର ପାଥେୟ।

**କାର୍ଯ୍ୟସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରଣୀତ ସୁପ୍ରିମ କୋର୍ଟଙ୍କ ମାର୍ଗଦର୍ଶୀକା ଏବଂ ଜାତୀୟ ମହିଳା କମିଶନ୍‌ଙ୍କ ଆଚରଣ ବିଧିର ସାରାଂଶ-**

**୧. ନିଯୁକ୍ତିଦାତା ଏବଂ ଦାୟିତ୍ୱ-ନିର୍ବାହୀଙ୍କର ଦାୟିତ୍ୱ-**

କାର୍ଯ୍ୟସ୍ଥଳୀ ଏବଂ ଅନ୍ୟାନ୍ୟ ସଂସ୍ଥାସମୂହରେ ଯୌନ ଉତ୍ପୀଡନ ସଂପର୍କୀତ ଘଟଣାକୁ ନିଷେଧ ଓ ବାରଣ କରିବା ତଥା ସେଗୁଡିକର ମୀମାଂସା, ସମାଧାନ ତଥା ଦଣ୍ଡବିଧାନ ପାଇଁ କାର୍ଯ୍ୟବିଧି ପ୍ରକ୍ରିୟାର ପ୍ରାବଧାନ କରିବା ସକାଶେ ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ହେଉଛି କାର୍ଯ୍ୟସ୍ଥଳୀ ଏବଂ ଅନ୍ୟାନ୍ୟ ସଂସ୍ଥାସମୂହରେ ଥିବା ନିଯୁକ୍ତିଦାତା ଏବଂ ଅନ୍ୟାନ୍ୟ ଦାୟିତ୍ୱ-ନିର୍ବାହୀ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ।

**୨. ଯୌନ ନିର୍ଯ୍ୟାତନା କହିଲେ କଣ ବୁଝାଏ ?**

ଯୌନଗତ ଉଦ୍ଦେଶ୍ୟରୁ ପ୍ରରୋଚିତ ହୋଇ କୌଣସି ବ୍ୟକ୍ତି ଏକାକୀ ବା ଅନ୍ୟମାନଙ୍କ ସହ ମିଳିତ ହୋଇ ଅଥବା କର୍ତ୍ତୃପକ୍ଷ ଆସନରେ ଥିବା କୌଣସି ବ୍ୟକ୍ତି ପ୍ରତ୍ୟକ୍ଷ ଭାବେ ବା ଇଙ୍ଗିତ ଆକାରରେ ଯଦି ନିମ୍ନୋକ୍ତ ଧରଣର କୌଣସି ଅବାଂଛିତ ଆଚରଣ ଘଟାନ୍ତି, ତେବେ ତାହା ଯୌନ ଉତ୍ପୀଡନର ଶ୍ରେଣୀଭୁକ୍ତ ହେବ, ଯଥା-

- ମହିଳାମାନଙ୍କ ପ୍ରତି ଅଶାଳୀନ ଆଚରଣ
- ଅରୁଚିକର ଏବଂ ଆକ୍ରମକ ମନ୍ତବ୍ୟ
- ସେହିପ୍ରକାର ଥଟ୍ଟାତାମସା, ଯାହାକି ଅଶ୍ୱସ୍ତିକର ଏବଂ ବିରକ୍ତିକର ମନେ ହୋଇପାରେ
- ପ୍ରଚ୍ଛନ୍ନ ଅର୍ଥ ବହନ କରୁଥିବା ମନ୍ତବ୍ୟ ଏବଂ ତାତ୍ସଲ୍ୟପୂର୍ଣ୍ଣ ଅଙ୍ଗଭଙ୍ଗୀ - ଲିଙ୍ଗଭିତ୍ତିକ ଅପମାନ ଏବଂ ଯୌନାର୍ଥ-ପ୍ରଣୋଦିତ ମନ୍ତବ୍ୟମାନ
- ଯୌନାର୍ଥ ଜଡିତ ଥିବା କୌଣସି ପ୍ରକାରର ଅବାଂଛିତ ଆଳାପ, ଏପରିକି ଟେଲିଫୋନ୍ ଜରିଆରେ କଥାବାର୍ତ୍ତା (ଅଶ୍ରାବ୍ୟ ଟେଲିଫୋନ୍ କଲ୍) ବା ସେହି ପ୍ରକାରର ଅନ୍ୟ କୌଣସି ଆଚରଣ
- ଶରୀରର କୌଣସି ଅଙ୍ଗକୁ ସ୍ପର୍ଶକରିବା ବା ଘଷିହେବା ଏବଂ ସେହି ପ୍ରକାରର ଯେତେସବୁ ଆଚରଣ
- ଅଶ୍ଳୀଳ ବା ଅନ୍ୟାନ୍ୟ ଉତ୍‌କଟ ବା ଅବମାନନାସୂଚକ ଛବି, ରେଖାଚିତ୍ର , ପ୍ରଚାରପତ୍ର ବା ଉକ୍ତିକୁ ପ୍ରଦର୍ଶନ କରିବା

- ବଳପୂର୍ବକ ଭାବେ ଶରୀର ସ୍ପର୍ଶ କରିବା ବା ବଳାତ୍କାର କରିବା
- ଜଣଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କୁ ସଶରୀରେ ଆବଦ୍ଧ କରି ରଖିବା ବା ଅନ୍ୟ କୌଣସି ପ୍ରକାର ଆଚରଣ, ଯାହାଦ୍ୱାରା ଜଣଙ୍କର ଏକାନ୍ତତା ଉଲ୍ଲଂଘିତ ହୋଇଥାଏ।

ଏବଂ ପୁଣି ଏହି ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ ରହିବ କର୍ତ୍ତୃପକ୍ଷ ଆସନରେ ଥିବା ଗୋଟିଏ ଲିଙ୍ଗର ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ବା ଆଚରଣ, ଯାହା ଫଳରେ ଜଣେ ଭିନ୍ନ ଲିଙ୍ଗର ବ୍ୟକ୍ତି କେବଳ ଯୌନଗତ କାରଣରୁ ନିଜର କର୍ମଜୀବନରେ ଉନ୍ନତି ଲାଭ କରିବା କ୍ଷେତ୍ରରେ ସମାନ ସୁଯୋଗରୁ ବଞ୍ଚିତ ହୋଇଥାନ୍ତି ବା ବଞ୍ଚିତ ହେବାକୁ ଯାଉଛନ୍ତି ଅଥବା ଏହାର ବିକଳ୍ପରେ କାର୍ଯ୍ୟସ୍ଥଳୀର ପରିବେଶ ତାଙ୍କ ପାଇଁ ପ୍ରତିକୂଳ ବା ଭୀତିପ୍ରଦ କରି ଦିଆ ଯାଇଥାଏ।

### ୩. ଯୌନ-ନିର୍ଯ୍ୟାତନାକୁ କିପରି ପ୍ରତିହତ କରାଯିବ ?

କ. ପରିଚାଳନା କମିଟି ଏକ ବିଜ୍ଞପ୍ତି ଦ୍ୱାରା ସମସ୍ତ କର୍ମଚାରୀଙ୍କୁ ଅବଗତ କରାଇବେ ଯେ, ଉପରୋକ୍ତ କୌଣସି ପ୍ରକାରର ଯୌନ ନିର୍ଯ୍ୟାତନା କଲେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ।

ଖ. ସମସ୍ତ ସରକାରୀ, ଅର୍ଦ୍ଧ-ସରକାରୀ ଦପ୍ତର ଏବଂ ଉଦ୍ୟୋଗଗୁଡିକରେ ଯୌନ ନିର୍ଯ୍ୟାତନାରୁ ସୁରକ୍ଷା ଯିଆଯିବ।

ଗ . ଘରୋଇ ଶିଳ୍ପ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ କର୍ମନିଯୁକ୍ତି (ପ୍ରଯୁଜ୍ୟ ଆଦେଶାବଳୀ) ଆଇନ୍ ୧୯୪୬ର ନିୟମାବଳୀରେ ମଧ ଯୌନ ଉତ୍ପୀଡନ ସମ୍ବନ୍ଧୀୟ କଟକଣାମାନ ସ୍ଥାନିତ କରାଯିବ।

ଘ. କାର୍ଯ୍ୟ, ବିଶ୍ରାମ, ସ୍ୱାସ୍ଥ୍ୟ ଏବଂ ପରିମଳ ଇତ୍ୟାଦି ବ୍ୟାପାରରେ କାର୍ଯ୍ୟସ୍ଥଳୀରେ ଉପଯୁକ୍ତ ବ୍ୟବସ୍ଥାଗୁଡିକର ପ୍ରାବ୍ଧାନ କରିବାକୁ ପଡିବ, ଯାହା ଫଳରେ କାର୍ଯ୍ୟସ୍ଥଳୀର ବାତାବରଣ ମହିଳାମାନଙ୍କ ପାଇଁ ଯେପରି ପ୍ରତିକୂଳ ହେବନାହିଁ, ତାହାକୁ ସୁନିଶ୍ଚିତ କରାଯାଇପାରିବ ତଥା କର୍ମନିଯୁକ୍ତି ବ୍ୟାପାରରେ ତାଙ୍କୁ ହଇରାଣରେ ପକାଯାଉଛି ବୋଲି ଜଣେ ମହିଳା କର୍ମଚାରୀ ଭାବିବାର କୌଣସି ଯଥାର୍ଥ କାରଣ ରହିବ ନାହିଁ।

### ୪. ଫୌଜଦାରି କାର୍ଯ୍ୟବିଧି

ଯେଉଁ ସ୍ଥଳେ ଉଲ୍ଲିଖିତ ଆଚରଣ ଭାରତୀୟ ଦଣ୍ଡବିଧି ସଂହିତା ବା ଅନ୍ୟ କୌଣସି ଆଇନ୍ ଅଧୀନରେ ଏକ ଅପରାଧ ବୋଲି ବିବେଚିତ ହେବ, ସେପରି ସ୍ଥଳେ ନିଯୁକ୍ତିଦାତା, ଯଥୋଚିତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଅଭିଯୋଗ ଦାଖଲ ପୂର୍ବକ ଆଇନ୍ ଅନୁଯାୟୀ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ନେବାର ପ୍ରକ୍ରିୟା ଆରମ୍ଭ କରିବେ। ବିଶେଷ କରି ଯୌନ ଉତ୍ପୀଡନ ସମ୍ବନ୍ଧୀୟ ଅଭିଯୋଗ ଉପରେ ପଦକ୍ଷେପ ନେଲାବେଳେ ଶରବ୍ୟ ବ୍ୟକ୍ତି ଓ ସାକ୍ଷୀମାନେ ଯେପରି କୌଣସି ନିର୍ଯ୍ୟାତନା କିମ୍ବା ପାତରଅନ୍ତରର ଶୀକାର ନହୁଅନ୍ତି, ତାହାକୁ ସୁନିଶ୍ଚିତ କରିବାକୁ ପଡିବ। ଯେଉଁ ବ୍ୟକ୍ତିମାନେ ଯୌନ ଉତ୍ପୀଡନର ଶରବ୍ୟ ହୋଇଥିବେ, ସେମାନେ ଉତ୍ପୀଡନକାରୀ ବ୍ୟକ୍ତିର କିମ୍ବା ନିଜର ଅନ୍ୟ ସ୍ଥାନକୁ ବଦଳି ପାଇଁ ଦାବୀ କରିବାର ସୁଯୋଗ ରହିବା ଉଚିତ୍।

### ୫. ଶୃଙ୍ଖଳଗତ କାର୍ଯ୍ୟାନୁଷ୍ଠାନ :

ଯଦି କୌଣସି ବ୍ୟକ୍ତି ଯୌନ ନିର୍ଯ୍ୟାତନା ସମ୍ବନ୍ଧୀୟ ନିୟମାବଳୀକୁ ଅବମାନନା କରେ, ତା' ବିରୁଦ୍ଧରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାକିରୀ ନିୟମାବଳୀରେ ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍।

### ୬. ଅଭିଯୋଗ ପଦ୍ଧତି :

ସଂପୃକ୍ତ ଆଚରଣ ଆଇନ୍ ଚକ୍ଷୁରେ ଦଣ୍ଡନୀୟ ବୋଲି ବିବେଚିତ ହେଉ ବା ନହେଉ ଏବଂ ଚାକିରୀ ନିୟମାବଳୀର ଉଲ୍ଲଂଘନ କରୁଥାଉ ବା ନଥାଉ, ଉତ୍ପୀଡନ ଭୋଗିଥିବା ବ୍ୟକ୍ତି ଦ୍ୱାରା ଦାଏର୍ କରାଯାଇଥିବା ଅଭିଯୋଗର ପ୍ରତିକାର

ଉଦ୍ଦେଶ୍ୟରେ ନିଯୁକ୍ତିକର୍ତ୍ତାଙ୍କ କାର୍ଯ୍ୟାଳୟରେ ଏକ ଯଥୋଚିତ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ସ୍ଥାପିତ ହୋଇଥିବା ବିଧେୟ। ଏତାଦୃଶ ଅଭିଯୋଗ ବ୍ୟବସ୍ଥା ଅଭିଯୋଗଗୁଡିକର ସମୟବଦ୍ଧ ଫଇସଲାକୁ ସୁନିଶ୍ଚିତ କରିବା ଉଚିତ୍।

ପ୍ରତ୍ୟେକ ବିଭାଗୀୟ ମୁଖ୍ୟ ଗୋଟିଏ ଅଭିଯୋଗ କମିଟି ଗଠନ କରିବା ଉଚିତ୍। ଉକ୍ତ କମିଟିର ମୁଖ୍ୟ ଜଣେ ମହିଳା ରହିବା ଉଚିତ୍ ଓ ଅନ୍ୟୁନ ୫୦ ଭାଗ ମହିଳାଙ୍କର ସେଥିରେ ପଅତିନିଧିତ୍ୱ ରହିବା ଉଚିତ୍।

**୭. ଯୌନ ଉତ୍ପୀଡନକୁ ପ୍ରତିହତ କରିବା ପାଇଁ ଅନ୍ୟାନ୍ୟ ପଦକ୍ଷେପ-**

- କର୍ମଜୀବି ମହିଳାମାନେ ସଭାରେ ଯୌନ ନିର୍ଯ୍ୟାତନା ଉପରେ ଆଲୋଚନା କରିବା ପାଇଁ ସେମାନଙ୍କୁ ସୁଯୋଗ ଦିଆଯିବା ଉଚିତ୍ ତଥା କମିଟିରେ ଓ ପରିଚଳାନା ସଭାରେ ମଧ୍ୟ ଏସବୁ ବିଷୟରେ ଆଲୋଚନା ପାଇଁ ସୁଯୋଗ ମିଳିବା ଉଚିତ୍।
- କର୍ମଜୀବି ମହିଳାମାନେ ସେମାନଙ୍କର ଅଧିକାର ଉପରେ ସଚେତନ ହେବା ଉଚିତ୍। ପ୍ରଚଳିତ ନିୟମାବଳୀକୁ ନୋଟିସ୍ ବୋର୍ଡରେ ପ୍ରକାଶିତ କରିବା ଏବଂ ବହୁଳ ଭାବେ ପ୍ରସାର କରାଯିବା ଉଚିତ୍।
- ଯଦି କୌଣସି ମହିଳା କର୍ମଜୀବି ବାହାର ଲୋକ ଦ୍ୱାରା ଯୌନଗତ ନିର୍ଯ୍ୟାତନାର ଶିକାର ହୋଇଥାଏ, ସେହି ମୁଦାଲା ବିରୁଦ୍ଧରେ ପଦକ୍ଷେପ ନେବା ଉଚିତ୍ ଓ ନିର୍ଯ୍ୟାତିତାକୁ ସୁରକ୍ଷା ଦେବା ଉଚିତ୍।
- ବେସରକାରୀ ସଂସ୍ଥାର କର୍ମଜୀବୀ ମହିଳାମାନଙ୍କର ସୁରକ୍ଷା ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରାକର ଉପଯୁକ୍ତ ଆଇନ୍ ପ୍ରଣୟନ ପାଇଁ ଉଚିତ୍ ପଦକ୍ଷେପ ନେବା ଉଚିତ୍।
- ଏହିସବୁ ନିୟମାବଳୀ ମାନବିକ ଅଧିକାର ଆଇନ୍ ୧୯୯୩ର ବିରୁଦ୍ଧାଚରଣ କରେନାହିଁ , ବରଂ ତାହା ସହିତ ସଂଗତିଶୀଳ।

# ଦ୍ୱିତୀୟ ବିବାହ (ଦଫା ୪୯୪)

ଭାରତୀୟ ପିଙ୍ଗଳ ସଂହିତାର ଦଫା ୪୯୪ ଅନୁଯାୟୀ କୌଣସି ପୁରୁଷ ବା ସ୍ତ୍ରୀ ବିବାହିତ ଜୀବନ ଭିତରେ ଆଉ ଥରେ ବିବାହ କରିବା ଅପରାଧ। ସେହି ବିବାହ ବେଆଇନ୍ ଅଟେ। ସେହି ଅପରାଧ ପାଇଁ ୭ବର୍ଷର ଅଶ୍ରମ ବା ସଶ୍ରମ ଜେଲ୍‌ଦଣ୍ଡ ସହିତ ଜୋରିମାନା ଦେବାକୁ ପଡିବ। କିନ୍ତୁ ଯଦି କ୍ରମାଗତ ୭ ବର୍ଷ ଧରି ସ୍ୱାମୀ ସ୍ତ୍ରୀଙ୍କ ମଧରେ କୌଣସି ସମ୍ପର୍କ ନଥାଏ, ତେବେ ପ୍ରତି ପକ୍ଷ ପୁନଃବିବାହ କରିପରିବେ।

ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୯୮ (୧) (ସି) କୁହେ ଯେ, ଦ୍ୱିତୀୟ ବିବାହ ଅପରାଧରେ ବ୍ୟଥିତ ହୋଇଥିବା ବ୍ୟକ୍ତି ଯଦି ସ୍ତ୍ରୀ ହୋଇଥାନ୍ତି, ତେବେ ତାଙ୍କ ତରଫରୁ ତାଙ୍କର ବାପା, ମାଆ, ଭାଇ, ଭଉଣୀ, ପୁଅ ବା ଝିଅ ଅଭିଯୋଗ ଦାଖଲ କରିପାରିବେ, ନଚେତ୍ ଅଦାଲତର ଅନୁମତି ନେଇ ରକ୍ତ-ସଂପର୍କ, ବିବାହ ବା ପୋଷ୍ୟତା ଭିତ୍ତିରେ ତାଙ୍କ ସହ ସଂପର୍କୀତ ଅନ୍ୟ ଯେ କୌଣସି ବ୍ୟକ୍ତି ଅଭିଯୋଗ ଦାଖଲ କରିପାରିବେ।

ଏଠାରେ ଉଲ୍ଲେଖନୀୟ ଯେ, ଏହି ପ୍ରାବ୍‌ଧାନ ମୁସଲିମ୍ ଲୋକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, କାରଣ ସେମାନଙ୍କର ଧର୍ମ ବହୁବିବାହ ପ୍ରଥାକୁ ଅନୁମତି ଦେଇଥାଏ। ସୁନି ଧର୍ମ ଅନୁଯାୟୀ ୫ମ ବିବାହ ଆଇନିସିଦ୍ଧ ନୁହେଁ। କିନ୍ତୁ ସେହି ବ୍ୟକ୍ତି ପୂର୍ବ ୪ ଜଣ ସ୍ତ୍ରୀ ମଧରୁ ଜଣକୁ ଛାଡପତ୍ର ଦେଇସାରି ୫ମକୁ ବିବାହ କରିପାରିବ। ସିହା ଧର୍ମରେ ୫ଜଣ ପତ୍ନୀ ଗ୍ରହଣ ବେଆଇନ୍ ଅଟେ ଏବଂ ଏହି ଅପରାଧ ପାଇଁ ସ୍ୱାମୀ ଆଇନ୍ ଅନୁସାରେ ଦଣ୍ଡ ଭୋଗକରେ ।

# ବ୍ୟଭିଚାରିତା (ଦଫା ୪୯୭)

ଜଣେ ପୁରୁଷ ଜାଣିଶୁଣି ଅନ୍ୟର ପତ୍ନୀ ସହିତ ତାଙ୍କର ସ୍ୱାମୀଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ମତି ବିନା ଯୌନ ସଂଭୋଗ କରିବା ହେଉଛି ବ୍ୟଭିଚାରିତା, ଯାହାକି ଦଣ୍ଡନୀୟ । ଏହାକୁ ଧର୍ଷଣ କୁହାଯିବନି । କିନ୍ତୁ ଯଦି ଜଣେ ବିବାହିତା ମହିଳା ଜାଣିଶୁଣି ଅନ୍ୟଜଣେ ପୁରୁଷ ସହିତ ଯୌନ ସଂଭୋଗ କରେ ସେ ଆଇନ୍ ଅନୁଯାୟୀ ଦଣ୍ଡିତ ହୁଏ ନାହିଁ । ଅଥଚ ଯେଉଁ ପୁରୁଷ ବ୍ୟକ୍ତି ତା ସହିତ ସଂଭୋଗରେ ଲିପ୍ତ ହୁଏ, ସେ ଅଭିଯୁକ୍ତ ହୋଇଥାଏ । ସେହି ବ୍ୟକ୍ତିକୁ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ଜୋରିମାନା ବା ଉଭୟ ଦଣ୍ଡ ହୋଇଥାଏ ।

ବ୍ୟଭିଚାରିତା ଅଭିଯୋଗ ପରିପ୍ରେକ୍ଷୀରେ ଅଦାଲତ ନିମ୍ନୋକ୍ତ ବିଷୟକୁ ବିଚାରକୁ ନେଥାଏ-

- ପରସ୍ଥିତି ସଂପର୍କୀତ ସବିଶେଷ ତଥ୍ୟ
- ଯୌନସଂପର୍କ ସମ୍ବନ୍ଧୀତ ପ୍ରମାଣ
- କୌଣସି ଯୌନରୋଗର ସଂକ୍ରମଣ ଘଟିଛି କି ନାହିଁ
- ସଂପୃକ୍ତ ପକ୍ଷମାନଙ୍କ ଦ୍ୱାରା ସ୍ୱୀକାରୋକ୍ତି

ଏଠାରେ ଉଲ୍ଲେଖନୀୟ ଯେ, ଇଂରେଜମାନଙ୍କ ଦ୍ୱାରା ବହୁବର୍ଷ ଆଗେ ପ୍ରସ୍ତୁତ ଦଣ୍ଡବିଧି ସଂହିତାରେ ବ୍ୟଭିଚାରରେ ଜଡିତ ମହିଳାଙ୍କୁ ଦଣ୍ଡପାଇବାରୁ ଯେଉଁ ସୁରକ୍ଷା ଦିଆଯାଇଛି ଆଧୁନିକ ସମୟରେ ତାହା ଏକତରଫା ଓ ଅପ୍ରାସଙ୍ଗିକ ବୋଲି ଅନେକ ମହିଳା ସଂଗଠନଙ୍କ ସମେତ ବିଭିନ୍ନ ବୁଦ୍ଧିଜୀବି ଗୋଷ୍ଠୀ ମନେ କରିବା ସହିତ ଉପରୋକ୍ତ ଧାରାରେ ସଂଶୋଧନ ଘଟାଇ ବ୍ୟଭିଚାରରେ ଲିପ୍ତ ଉଭୟ ପୁରଷ ଓ ମହିଳାଙ୍କ ବିରୁଦ୍ଧରେ ସମାନ ଦଣ୍ଡବିଧାନର ବ୍ୟବସ୍ଥା ରଖାଯାଉ ବୋଲି ସ୍ୱର ଉତ୍ତୋଳନ କରି ଆସିଛନ୍ତି । ଏପରିକି ବିଧି କମିଶନ୍‌ଙ୍କ ଦ୍ୱାରା ୧୯୭୩ରେ ପ୍ରଦତ୍ତ ୪୨ତମ ରିପୋର୍ଟରେ ଦଫା ୪୯୭କୁ ଉପରୋକ୍ତ ମର୍ମରେ ସଂଶୋଧନ କରାଯାଉ ବୋଲି ସୁପାରିଶ୍ କରାଯାଇଥିଲା । ଦେଶର ଫୌଜଦାରି ଆଇନ୍ ବ୍ୟବସ୍ଥାର ସଂସ୍କାର ପାଇଁ ଗଠିତ ମାଲିମାଥ କମିଟି (୨୦୦୩) ମଧ୍ୟ ଏ ପ୍ରକାର ସୁପାରିଶ୍ କରିଥିଲେ । କିନ୍ତୁ ଜାତୀୟ ମହିଳା କମଶନ୍ ଏ ବିଷୟରେ ସରକାରଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ଯେହେତୁ ଏବେ ବି ଆମର ପୁରୁଷ-ପ୍ରଧାନ ସମାଜରେ ମହିଳାମାନେ ମୂଳତଃ ପରିସ୍ଥିତିର ଦାସ ହୋଇ ରହିଛନ୍ତି, ସେମାନଙ୍କୁ ବ୍ୟଭିଚାର ପାଇଁ ଦାୟୀ କରାଯିବା ଉଚିତ୍ ହେବନି, ଓ ଏହି କାରଣରୁ ଦଫା ୪୯୭ରେ କୌଣସି ସଂଶୋଧନର ଆବଶ୍ୟକ ନାହିଁ । ବରଂ ଅନ୍ୟ ପକ୍ଷରେ କମିଶନ୍ ସୁପାରିଶ୍ କରିଛନ୍ତି ଯେ, ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା-୧୯୮ରେ ସଂଶୋଧନ ଅଣାଯାଇ ସ୍ତ୍ରୀକୁ ଅଧିକାର ଦିଆଯାଉ ବ୍ୟଭିଚାର କରୁଥିବା ସ୍ୱାମୀ ବିରୁଦ୍ଧରେ ଅଭିଯୋଗ ରଜୁ କରିବା ପାଇଁ ।

## ଦାମ୍ପତ୍ୟ ବହିର୍ଭୁତ ସମ୍ପର୍କ

ଯଦି କୌଣସି ସ୍ୱାମୀ ଦାମ୍ପତ୍ୟ ଜୀବନ ବାହାରେ ଅନ୍ୟ କାହା ସହିତ ସମ୍ପର୍କ ରଖନ୍ତି ତେବେ ସ୍ତ୍ରୀ ଯିଏକି ମାନସିକ ସ୍ତରରେ ନିର୍ଯ୍ୟାତିତା, ତାଙ୍କ ଆଗରେ ଦୁଇଟି ରାସ୍ତା ଅଛି । ସେ ପ୍ରଥମେ ଦଣ୍ଡ ସଂହିତାର ଦଫା ୪୯୪ ଅଧୀନରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଏତଲା ଦାଏର୍ କରିପାରନ୍ତି । ଦ୍ୱିତୀୟତଃ ଦେୱାନୀ ଅଭିଯୋଗ ଆଣି ସେଇ କଥା ଉପରେ ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ । ଏହା ହିନ୍ଦୁ , ମୁସଲ୍‌ମାନ ଓ ଖ୍ରୀଷ୍ଟଆନ୍ ଧର୍ମର ଅନୁଗାମୀମାନଙ୍କ ପ୍ରତି ପ୍ରଯୁଜ୍ୟ । କିନ୍ତୁ ଏକଥା ସତ୍ୟ ଏପ୍ରକାର ଅଭିଯୋଗକୁ ପ୍ରମାଣ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ଆବେଦନକାରୀ ଅକାଟ୍ୟ ସାକ୍ଷ୍ୟପ୍ରମାଣ ଦେଇପାରିଲେ ଅଦାଲତ ତାଙ୍କ କଥା ଉପରେ ଫଇସଲା ଶୁଣେଇ ପାରିବ । ଦାମ୍ପତ୍ୟ ବହିର୍ଭୁତ ସମ୍ପର୍କକୁ ଅଦଲାତ ଏକ ଗୁରୁତର ଅପରାଧ ଭାବେ ବିବେଚନା କରିଥାଏ, ସେହିକାରଣରୁ କେବଳ ଶକ୍ତିଶାଳୀ ପ୍ରମାଣ ଭିତ୍ତିରେ ଅଦାଲାତ ଗୋଟିଏ ଅଭିଯୋଗକୁ ସତ୍ୟ ବୋଲି ବିଶ୍ୱାସ କରିଥାଏ ।

ଭାରତୀୟ ଦଣ୍ଡବିଧି ସଂହିତା ଦାମ୍ପତ୍ୟ ବହିର୍ଭୂତ ସଂପର୍କର ଏକ ସଂକ୍ଷିପ୍ତ ସଂଜ୍ଞା ଦେଇଥିଲା ବେଳେ ବିଭିନ୍ନ ଅଦାଲତ ଏହା ସମ୍ବନ୍ଧରେ ବିସ୍ତୃତ ବ୍ୟାଖ୍ୟାମାନ ଦେଇଛନ୍ତି । ସୁପ୍ରିମ୍ କୋର୍ଟ କହିଛନ୍ତି, "ସ୍ତ୍ରୀ ହେଉ କି ସ୍ୱାମୀ ହେଉ, ଯଦି ତାଙ୍କ ଭିତରୁ କେହିଜଣେ ଅନ୍ୟ ଜଣଙ୍କର ବିବାହ ବହିର୍ଭୂତ ସଂପର୍କ ବିଷୟରେ ଅଭିଯୋଗ ଆଣନ୍ତି, ତାହା ଏକ ଗୁରୁତର ପ୍ରସଙ୍ଗ ହୋଇପଡେ । ଯଦି ଏହି ଅଭିଯୋଗ ମିଥ୍ୟା ପ୍ରମାଣ ହୁଏ, ତେବେ ବି ଏହାକୁ କେନ୍ଦ୍ର କରି ବିବାହ ବିଚ୍ଛେଦ ଘଟିବାର ଆଶଙ୍କା ସୃଷ୍ଟି ହୋଇଥାଏ । ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣ ହୁଏ ତେବେ ଏହା ଛାଡ଼ପତ୍ର ପର୍ଯ୍ୟନ୍ତ ଯାଇପାରେ। ତେଣୁ ଅଦାଲତ ପୁଙ୍ଖାନୁପୁଙ୍ଖ ଭାବେ ସାକ୍ଷ୍ୟପ୍ରମାଣଗୁଡିକୁ ଯାଞ୍ଚ କଲାପରେ ଏକ ନିଷ୍ପତ୍ତିରେ ପହଞ୍ଚିବା ବିଧେୟ"।

## ପରସ୍ତ୍ରୀକୁ ଫୁସୁଲେଇ ନେବା (ଦଫା ୪୯୮)

ଏହି ଦଫା ସୂଚାଇ ଥାଏ ଯେ, ସ୍ତ୍ରୀ ହେଉଛି ସ୍ୱାମୀର ସମ୍ପତ୍ତି । ଭାରତୀୟ ଦଣ୍ଡବିଧି ସଂହିତାର ଦଫା ୪୯୮ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଜାଣିଶୁଣି ଯୌନ ସଂପର୍କ ଉଦ୍ଦେଶ୍ୟରେ ଅନ୍ୟ ଜଣେ ବ୍ୟକ୍ତିର ସ୍ତ୍ରୀ ସହିତ ପଳାୟନ କରେ ବା ତାଙ୍କୁ ପ୍ରଲୁବ୍ଧ କରେ ତେବେ ସେହି ବ୍ୟକ୍ତିଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡ ମିଳିପାରେ । ଜଣେ ବ୍ୟକ୍ତି ଯଦି ଅନ୍ୟ ବ୍ୟକ୍ତିର ସ୍ତ୍ରୀକୁ ନେଇ ଲୁଚି ପଳାଇ ଯାଏ, ତେବେ ଏଥିପାଇଁ କେବଳ ସେହି ବ୍ୟକ୍ତି ଅପରାଧୀ ବୋଲି ପରିଗଣିତ ହେବ, ଏବଂ ସ୍ତ୍ରୀର ଏ ବାବଦରେ କିଛି ଭୂମିକା ନାହିଁ । ଯଦି ଜଣେ ମହିଳା ନିଜର ମଦୁଆ କି ନୃଶଂଶ ସ୍ୱାମୀ ସହିତ ଜୀବନ ବିତାଇ ନପାରି ନିଜର ପସନ୍ଦ ମୁତାବକ ଜଣେ ପୁରୁଷ ସହିତ ସମ୍ପର୍କ ରଖେ, ତେବେ ତାହା ଉପରୋକ୍ତ ଦଫା ଅନୁଯାୟୀ ଅପରାଧ, ଯଦିଓ ସଂପୃକ୍ତ ମହିଳା ଏଥିପାଇଁ ଅଭିଯୁକ୍ତ ନହୋଇ ସେ ସଂପର୍କୀତ ହୋଇଥିବା ପୁରୁଷ ଅଭିଯୁକ୍ତ ହୋଇଥାନ୍ତି । ଏହାଛଡା ଉପରେ ଆମେ ଦେଖି ସାରିଛେ ଯେ, ଦଫା-୪୯୭ ଅନୁଯାୟୀ ଅନ୍ୟ ପୁରୁଷ ସହ ବ୍ୟଭିଚାରରେ ଲିପ୍ତ ବିବାହିତା ମହଳାଙ୍କ ବିରୁଦ୍ଧରେ ମଧ୍ୟ କୌଣସି କେଶ୍ କରାଯାଇ ପାରିବ ନାହିଁ। କେବଳ ସେତିକି ନୁହେଁ, ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା-୧୯୮(୨) ଅନୁଯାୟୀ ବ୍ୟଭିଚାରିତା (ଦଣ୍ଡବିଧି ସଂହିତାର ଦଫା-୪୯୭) କିମ୍ବା ପରସ୍ତ୍ରୀକୁ ଫୁସଲେଇ ନେବା (ଦଫା-୪୯୮) ଅପରାଧ ପାଇଁ କେଶ୍ ରଜୁ କରିବା ସକାଶେ କେବଳ ସେହି ସ୍ତ୍ରୀଙ୍କର ସ୍ୱାମୀ ହିଁ ହକ୍‌ଦାର ; ଯେଉଁ ପୁରୁଷ ସହିତ ସେହି ସ୍ତ୍ରୀ ଅବୈଧ ସଂପର୍କ ରଖିଲେ ବା ପଳାଇଗଲେ, ତାଙ୍କର ସ୍ତ୍ରୀ ନିଜ ସ୍ୱାମୀଙ୍କ ବିରୁଦ୍ଧରେ କିମ୍ବା ଅନ୍ୟ ସ୍ତ୍ରୀ ବିରୁଦ୍ଧରେ ଅଭିଯୋଗ ଦାଏର୍ କରିପାରିବେ ନାହିଁ। ଗୋଟିଏ କଥାରେ କହିଲେ, ବର୍ତ୍ତମାନର ଆଇନ୍ ଅନୁଯାୟୀ କେବଳ ପୁରୁଷ ହିଁ ଅଭିଯୋଗ ଆଣିପାରିବ ଏବଂ କେବଳ ପୁରୁଷ ହିଁ ଦଣ୍ଡିତ ହୋଇପାରିବ ; ସ୍ତ୍ରୀ ଅଭିଯୋଗ ଆଣିପାରିବନି କି ଦଣ୍ଡିତ ମଧ୍ୟ ହୋଇପାରିବନି ।

ଏ ପ୍ରକାର ବୈଧାନିକ ବ୍ୟବସ୍ଥାକୁ ଗଭୀର ଭାବେ ଅନୁଧ୍ୟାନ କଲେ ଏକଥା ସ୍ପଷ୍ଟ ହୁଏ ଯେ, ଆଇନ୍ ପ୍ରଣେତାମାନଙ୍କ ଦୃଷ୍ଟିରେ ସ୍ତ୍ରୀ ହେଉଛି ସ୍ୱାମୀର ସମ୍ପତ୍ତି, ଯାହା ଉପରେ ସ୍ୱାମୀର ହିଁ କର୍ତ୍ତୃତ୍ୱ ରହିବ ଏବଂ ନିଜ ସ୍ତ୍ରୀ ଉପରେ ଅନ୍ୟଜଣେ ବ୍ୟକ୍ତିର କର୍ତ୍ତୃତ୍ୱ ଜାହିର ହେବାକୁ ସେ ପ୍ରଶୟ ଦେବନାହିଁ । ପୁଣି ଅନ୍ୟ ଭାଷାରେ କହିଲେ, ବର୍ତ୍ତମାନର ବ୍ୟବସ୍ଥାରେ ସ୍ତ୍ରୀର ନିଜର ସ୍ୱାଧୀନ ଓ ସ୍ୱତନ୍ତ୍ର ସତ୍ତା ନାହିଁ; ସେ ପୁରୁଷ ହାତରେ ଏକ କ୍ରୀଡନକ ମାତ୍ର; ତା'ର ନିଜ ସମ୍ବନ୍ଧରେ ନିଷ୍ପତ୍ତି ନେବାର ଅଧିକାର ନାହିଁ କି କାହା ବିରୁଦ୍ଧରେ ଅଭିଯୋଗ କରିବାର ନାହିଁ କି ନିଜର କର୍ମ ପାଇଁ ସମାଜ ଓ ବିଚାରାଳୟ ସାମନାରେ ଉତ୍ତରଦାୟୀ ହେବାର ପ୍ରଶ୍ନ ଉଠୁନି । ସମ୍ବିଧାନର ଧାରା ୧୪ ଓ ୧୫ ଅଧୀନରେ ଲିଙ୍ଗ ସମାନତାର ମୌଳିକ ଅଧିକାରକୁ ଉପରୋକ୍ତ ଫୌଜଦାରି ଆଇନ୍ ଉଲ୍ଲଂଘନ କରୁଛି ବୋଲି ଦର୍ଶାଇ ସମ୍ବିଧାନ ଘୋଷଣା ହେବା ପରପରେ ୧୯୫୧ରେ ଏକ କେଶ୍ (ୟୁସୁଫ୍ ଅବ୍‌ଦୁଲ୍ ଅଜିଜ୍ ବନାମ ବମ୍ବେ ସରକାର) ବମ୍ବେ ହାଇକୋର୍ଟରେ ଶୁଣାଣି ହୋଇଥିଲା । କିନ୍ତୁ ମୁଖ୍ୟ ବିଚାରପତି ଶ୍ରୀ ଚଗ୍‌ଲା ବର୍ତ୍ତମାନର ବ୍ୟବସ୍ଥାକୁ ସମର୍ଥନ କରି କହିଥିଲେ ଯେ, ସମ୍ବିଧାନର ଧାରା ୧୫(୩) ରେ ମହିଳାମାନଙ୍କ ପାଇଁ ରାଷ୍ଟ୍ର ସ୍ୱତନ୍ତ୍ର ବ୍ୟବସ୍ଥା କରିବ ବୋଲି ଯେଉଁ ପ୍ରାବଧାନ ଅଛି, ତାହା ଦ୍ୱାରା ଉପରୋକ୍ତ ଆଇନ୍ ଉଲ୍ଲଂଘିତ ହେଉନାହିଁ। ଏହା ପରେ ୧୯୫୪ରେ ସେହି କେଶ୍ ସୁପ୍ରିମ୍ କୋର୍ଟରେ ମଧ୍ୟ ଶୁଣାଣି ହୋଇଥିଲା ଏବଂ ସୁପ୍ରିମ୍‌କୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ରାୟକୁ ସେହି ଏକା ଯୁକ୍ତିରେ କାଏମ୍ ରଖିଥିଲେ। ଏହାର ୩ଦଶନ୍ଧି ପରେ ସମାନ ଧରଣର ଆଉ ଏକ କେଶ୍ (ସ୍ୱୋମିଥ୍ରି ବିଷ୍ଣୁ ବନାମ ଭାରତ ସରକାର, ୧୯୮୫) ରେ ସୁପ୍ରିମ୍

କୋର୍ଟ ପୁଣି ନିଜର ପୁରୁଣା ବକ୍ତବ୍ୟକୁ ଦୋହରାଇଥିଲେ। ଭି.ରେବତୀ ବନାମ ଭାରତ ସରକାର କେଶ୍ (୧୯୮୮)ରେ ମଧ୍ୟ ସୁପ୍ରୀମ୍ କୋର୍ଟ ବର୍ତ୍ତମାନର ଅଇନ୍ ବ୍ୟବସ୍ଥା ମହିଳାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଠିକ୍ ଅଛି ବୋଲି କହିଥିଲେ।

କିନ୍ତୁ ପଞ୍ଚମ ବିଧି କମିଶନ୍ ୧୯୭୧ରେ ଦଫା-୪୯୭ (ବ୍ୟଭିଚାର)ରେ ସଂଶୋଧନ ଆଣି ଉଭୟ ପୁରୁଷ ଓ ମହିଳାଙ୍କ ବିରୁଦ୍ଧରେ ଦଣ୍ଡବିଧାନର ବ୍ୟବସ୍ଥା ରଖିବା ପାଇଁ ସୁପାରିଶ୍ କଲେ। ସଂସଦୀୟ ଯୁଗ୍ମ କମିଟି ମଧ୍ୟ ଏପ୍ରକାର ସଂସ୍କାର ଚାହୁଁଥିଲେ। କିନ୍ତୁ ବିଭିନ୍ନ କାରଣ ପାଇଁ ଏହା କାର୍ଯ୍ୟରୂପ ନେଇପାରିଲା ନାହିଁ। ପୁଣି ୧୪ତମ ବିଧି କମିଶନ୍ ୧୯୯୭ରେ ତାଙ୍କର ୧୫୬ତମ ରିପୋର୍ଟରେ ଉପରୋକ୍ତ ଧରଣର ସଂସ୍କାର ପାଇଁ ସୁପାରିଶ୍ କଲେ। କିନ୍ତୁ ସୁପ୍ରୀମ୍ କୋର୍ଟ ଏପ୍ରକାର ସଂସ୍କାର ଉପରେ କୌଣସି ଆଗ୍ରହ ବଦେଖାଇ ପାରମ୍ପରିକ ରୀତିରେ ଦଣ୍ଡବିଧି ଦଫା-୪୯୭ ଏବଂ ୪୯୮ ଓ ଫୌଜଦାରି କାର୍ଯ୍ୟବିଧି ଦଫା-୧୯୮କୁ ଯଥାର୍ଥ ବୋଲି ପ୍ରତିପାଦନ କରିଚାଲିଲେ।

ଆଗରୁ ସୂଚନା ଦିଆଯାଇଛି ଯେ, ନ୍ୟାୟମୂର୍ତ୍ତୀ ମାଲିମାଥ୍ କମିଟି (୨୦୦୨) ଉଭୟ ପୁରୁଷ ଏବଂ ମହିଳାଙ୍କୁ ସମାନ ଭାବେ ଉତ୍ତରଦାୟୀ କରିବା ପାଇଁ ଏହିସବୁ ଦଫାଗୁଡିକର ସଂଶୋଧନ ପାଇଁ ସୁପାରିଶ୍ କରିଥିଲେ। କିନ୍ତୁ ବିଡମ୍ବନାର ବିଷୟ, ଜାତୀୟ ମହିଳା କମିଶନ୍ ଦଫା-୪୯୭ ଓ ୪୯୮ରେ ମହିଳାମାନଙ୍କୁ ଯେଉଁ ସଖୀକୁଣ୍ଢେଇର ସୁରକ୍ଷା ଦିଆଯାଇଛି, ତାକୁ ସମର୍ଥନ କରିବାକୁ ଯାଇ ପ୍ରଚଳିତ ବ୍ୟବସ୍ଥାରେ କୌଣସି ସଂଶୋଧନ ଚାହୁଁ ନାହାଁନ୍ତି, କେବଳ ଫୌଜଦାରି ସଂହିତାର ଦଫା-୧୯୮(୨)ର ସଂଶୋଧନ ଘଟାଇ ମହିଳାମାନଙ୍କୁ ଅବୈଧ ସଂପର୍କ ରଖୁଥିବା ସେମାନଙ୍କର ସ୍ୱାମୀମାନଙ୍କ ବିରୁଦ୍ଧରେ ଅଭିଯୋଗ କରିବାର ଅଧିକାର ପ୍ରଦାନ ପାଇଁ ଦାବୀ କରୁଛନ୍ତି।

ଏପ୍ରକାର ବ୍ୟବସ୍ଥା ସୂଚାଉଛି ଯେ, ଇଂରେଜମାନଙ୍କ ଦ୍ୱାରା ପ୍ରଣୀତ ଦଣ୍ଡବିଧି ଓ ଫୌଜଦାରି ଆଇନ୍, ଯାହାକି ଲିଙ୍ଗ ବୈଷମ୍ୟ ଏବଂ ପୁରୁଷ-ପ୍ରାଧାନ୍ୟ ଉପରେ ଆଧାରିତ, ଏବେ ବି ଆମ ଦେଶରେ ପୂର୍ବବତ୍ କାଏମ୍ ରହିଛି, ଯଦିଓ ଇଂଲଣ୍ଡ ସମେତ ସମସ୍ତ ପାଶ୍ଚାତ୍ୟ ଦେଶ ଏବଂ ଆମେରିକା ଭଳି ରାଷ୍ଟ୍ରରେ ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ ଏକ୍ଷେତ୍ରରେ ସମାନ ଅଧିକାର ଏବଂ ଉତ୍ତରଦାୟିତ୍ୱ ଦିଆ ସରିଲାଣି ଏବଂ ଦାମ୍ପତ୍ୟ ବହିର୍ଭୁତ ଯୌନସଂପର୍କ ସମ୍ବନ୍ଧୀତ ଅଭିଯୋଗଗୁଡିକୁ ଦେଓ୍ୱାନି ଆଇନ୍ ଅଧୀନରେ ଫଇସଲା କରିବାର ବ୍ୟବସ୍ଥା କେବେଠାରୁ ପ୍ରବର୍ତ୍ତୀତ ହୋଇସାରିଲାଣି । ସୁତରାଂ ଆମଦେଶର ବିଶେଷ ପରିସ୍ଥିତିରେ ମହିଳା ସଂଗଠନମାନଙ୍କୁ ଏକ କଠିନ ନିଷ୍ପତ୍ତି ନେବାକୁ ପଡିବ- ମହିଳାମାନେ ସଖୀକଣ୍ଢେଇ ସାଜି ପୁରୁଷ-ପ୍ରଧାନ ସମାଜର ଅନୁଗ୍ରହରୁ ଆଇନ୍ କବଳରୁ ମିଳିଥିବା ବର୍ତ୍ତମାନର ରିହାତିଗୁଡିକୁ ଉପଭୋଗ କରିଚାଲିବେ ନା ପୁରୁଷ ମାନଙ୍କ ସହିତ ସମପରିମାଣର ଅଧିକାର ଓ ଉତ୍ତରଦାୟିତ୍ୱ ବହନ କରିବେ ?

# ବଧୂ ନିର୍ଯ୍ୟାତନା (ଦଣ୍ଡ ସଂହିତାର ଦଫା ୪୯୮-ଏ)

ମହିଳା ସଂଗଠନମାନଙ୍କର କ୍ରମାଗତ ଆନ୍ଦୋଳନ ଫଳରେ ବଧୂ ନିର୍ଯ୍ୟାତନାର ପ୍ରତିକାର ଉଦ୍ଦେଶ୍ୟରେ ୧୯୮୩ ମସିହାରେ ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ସଂଶୋଧନ କରାଯାଇ ଦଫା-୪୯୮ ପରେ ଏକ ନୂତନ ଦଫା ୪୯୮-ଏ ଯୋଡାଗଲା।

**ଦଫା ୪୯୮(ଏ) କଣ କହେ ?**

ଯଦି ଜଣେ ବିବାହିତା ମହିଳା ତାର ସ୍ୱାମୀ ବା ସ୍ୱାମୀଙ୍କର କୌଣସି ଆତ୍ମୀୟଙ୍କ ଦ୍ୱାରା କ୍ରୁରତାର ଶିକାର ହୁଅନ୍ତି, ତେବେ ସଂପୃକ୍ତ ଅପରାଧୀ ୩ ବର୍ଷର ଜେଲଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ ହୋଇପାରିବେ।

**କ୍ରୁରତା କଣ ?**

କ. ଏପରି କାର୍ଯ୍ୟ, ଯାହା ଫଳରେ ଜଣେ ମହିଳା ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହୁଅନ୍ତି, ଏବଂ ପୁଣି ଯାହା ଫଳରେ ମହିଳା ଜଣଙ୍କର ଜୀବନ, ଅଙ୍ଗପ୍ରତ୍ୟଙ୍ଗ ଏବଂ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ଥ ହୋଇଥାଏ ;

ଖ. ବେଆଇନ୍ ଭାବେ ସଂପତ୍ତି ବା କିଛି ମୂଲ୍ୟବାନ ପ୍ରତିଭୂତି ହାସଲ କରିବା ଉଦ୍ଦେଶ୍ୟରେ ଅଥବା ଏହି ଉଦ୍ଦେଶ୍ୟ ପୂରଣ କରିବାରେ ସଂପୃକ୍ତ ମହିଳା ବା ତାଙ୍କର କୌଣସି ସଂପର୍କୀୟ ବ୍ୟର୍ଥ ହୋଇଥିବା କାରଣରୁ ସେହି ମହିଳାଙ୍କୁ ନିର୍ଯ୍ୟାତନା କରିବା।

**କ୍ରୁରତାର ଲକ୍ଷଣମାନ**

ଅଦାଲତଙ୍କ ଦ୍ୱାରା କ୍ରୁରତାର ନିମ୍ନ ଲକ୍ଷଣମାନ ସ୍ୱୀକୃତ ହୋଇଛି -

- ଲଗାତାର ଖାଇବାକୁ ନଦେବା
- ଅସ୍ୱାଭାବିକ ଯୌନ-କ୍ରିୟା ପାଇଁ ବାଧ୍ୟ କରିବା
- ଘରେ ଲଗାତାର ବନ୍ଦ କରି ରଖିବା
- ପିଲାମାନଙ୍କ ସହିତ ମିଶିବାକୁ ନଦେବା ଏବଂ ତଦ୍ୱାରା ମାନସିକ ଯନ୍ତ୍ରଣା ଦେବା
- ଶାରିରୀକ ହିଂସା
- ମାନସିକ ନିର୍ଯ୍ୟାତନା ଦେବା ଉଦ୍ଦେଶ୍ୟରେ ତାଚ୍ଛଲ୍ୟ କରିବା, ଦବେଇ ରଖିବା ଏବଂ ହୀନ ଦୃଷ୍ଟିରେ ଦେଖିବା
- ଘରେ ବନ୍ଦୀ କରି ରଖିବା ଏବଂ ବାହାର ଲୋକଙ୍କ ସହ ମିଶିବାକୁ ନଦେବା
- ମାନସିକ ନିର୍ଯ୍ୟାତନା ଦେବାର ଲକ୍ଷ୍ୟ ରଖି ମା' ସାମନାରେ ପିଲାମାନଙ୍କୁ ଗାଳି ଦେବା
- ମା'କୁ ମାନସିକ ଯନ୍ତ୍ରଣା ଦେବାର ଲକ୍ଷ୍ୟ ରଖି ପିଲାମାନେ ଅନ୍ୟ କେଉଁ ବାପର ବୋଲି କହିବା
- ଯୌତୁକ ନଦେଲେ ବିବାହ-ବିଚ୍ଛେଦ ହେବ ବୋଲି ଧମକ ଦେବା

**ଦଫା-୪୯୮(ଏ)ର ଉପଯୋଗ ପାଇଁ କେତେକ ଜ୍ଞାତବ୍ୟ ସୂଚନା :**

➢ ସ୍ୱାମୀ ଓ ସ୍ୱାମୀଙ୍କ ସମ୍ପର୍କୀୟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଅଭିଯୋଗ ଅଣାଯାଇ ପାରିବ ନାହିଁ ।

➢ ଯେତେବେଳେ ଜଣେ ମହିଳା ସ୍ୱାମୀଙ୍କ ଘରେ କ୍ରୁରତା ବା ନିଷ୍ଠୁରତାର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେ ସମ୍ପର୍କୀୟ ତଥା ପଡୋଶୀମାନଙ୍କୁ ଏ ବିଷୟରେ ଜଣାଇବା ଉଚିତ୍ ।

➢ ଶାରିରୀକ ଓ ମାନସିକ ସ୍ତରରେ ନିର୍ଯ୍ୟାତିତା ହେଉଥିଲେ ଡାକ୍ତରଙ୍କ ନିକଟକୁ ଯିବା ଉଚିତ୍। ଡାକ୍ତର ଦେଇଥିବା ଔଷଧ ଚିଠା ଇତ୍ୟାଦିକୁ ଯତ୍ନର ସହ ସାଇତି ରଖିବା ଉଚିତ୍ ।

➢ ସର୍ବୋପରି ପାରିବାରିକ ହିଂସା ସମ୍ବନ୍ଧୀତ ସମସ୍ତ ପ୍ରମାଣ ଇତ୍ୟାଦି ଯତ୍ନର ସହ ସାଇତି ରଖିବା ଉଚିତ୍ ।

**ଦଫା ୪୯୮(ଏ)ର ଅପବ୍ୟବହାର**

୧୯୮୩ ମସିହାର ଏକ ସଂଶୋଧନ ବଳରେ ଭାରତୀୟ ଦଣ୍ଡବିଧି ସଂହିତାରେ ଯୋଡା ଯାଇଥିବା ଏହି ଦଫା ବର୍ତ୍ତମାନ ବିବଦମାନ ହୋଇପଡ଼ିଛି। ଗୋଟିଏ ପଟରେ ଅନେକ ମହିଳା ଯୌତୁକ ନିର୍ଯ୍ୟାତନାର ସମ୍ମୁଖୀନ ହୋଇ ସେମାନେ ବା ସେମାନଙ୍କ ପରିବାର ବର୍ଗ ଏହି ଦଫାର ଆଶ୍ରୟ ନେଇଛନ୍ତି ଏବଂ ଅନୁଭୂତିରୁ ଲକ୍ଷ୍ୟ କରାଯାଇଛି ଯେ, ସେମାନଙ୍କୁ ଯୌତୁକ ନିର୍ଯାତନାରୁ ତୁରନ୍ତ ଲାଘବ ବା ନିଷ୍କୃତି ପାଇବାରେ ଏହି ଦଫା ସାହାଯ୍ୟ କରିଛି। କିନ୍ତୁ ଅନ୍ୟପଟରେ ଲକ୍ଷ୍ୟ କରାଗଲା ଯେ, ଏହି ଦଫାର ବହୁଳ ଅପବ୍ୟବହାର ଘଟିଛି ଏବଂ ଘଟି ଚାଲିଛି ମଧ୍ୟ। ଏହି ଦଫାରେ ସଂଲଗ୍ନ ଥିବା ଦୁଇଟି ସ୍ପଷ୍ଟୀକରଣକୁ ଯଦି ଆମେ ଅନୁଧ୍ୟାନ କରୁ, ତେବେ ଲକ୍ଷ୍ୟ କରିବା ଯେ, କେବଳ ଯୌତୁକ କିମ୍ବା ସମ୍ପତ୍ତି ସଂବନ୍ଧୀତ ଦାବୀକୁ କେନ୍ଦ୍ର କରି ଘଟୁଥିବା ନିର୍ଯ୍ୟାତନା ଏହାର ପରିସର ଭୁକ୍ତ ନୁହେଁ, ବରଂ ସ୍ୱାମୀ ବା ତାଙ୍କର ସଂପର୍କୀୟଙ୍କ ଦ୍ୱାରା ଜଣେ ବିବାହିତା ମହିଳାଙ୍କ ଉପରେ ଯେ

କୌଣସି କାରଣରୁ ଦିଆଯାଉଥିବା ନିର୍ଯ୍ୟାତନା ଏହି ଦଫା ଅଧିନରେ ଅନ୍ତର୍ଭୁକ୍ତ ହୋଇପାରିବ। ଏହି ଦଫାର ଆଉ ଏକ ବୈଶିଷ୍ଟ୍ୟ ହେଲା, ଯେପରି ଉପରୋକ୍ତ ସଂଶୋଧନ ବଳରେ ନୂଆ କରି ଯୋଡା ଯାଇଥିବା ଦଫା ୩୦୪(ବି)ରେ ବିବାହର ସାତବର୍ଷ ଭିତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଲେ ତାହାକୁ ଯୌତୁକ ମୃତ୍ୟୁ ବୋଲି କୁହାଯିବ, ସେପରି ସାତବର୍ଷର ସୀମା ଦଫା ୪୯୮(ଏ)ରେ ନାହିଁ। ସୁତରାଂ କହିବାକୁ ଗଲେ ଦଫା ୪୯୮(ଏ) ଏକ ଅଧିକ ପ୍ରଶସ୍ତ ବ୍ୟବସ୍ଥା, କାରଣ ଜଣେ ବିବାହିତା ମହିଳା ବିବାହ ପରେ ଯେ କୌଣସି ସମୟରେ ସ୍ୱାମୀ ଏବଂ ତାଙ୍କ ସଂପର୍କୀୟଙ୍କ ଦ୍ୱାରା ଘଟୁଥିବା ଯେ କୌଣସି କାରଣରୁ ଯେ କୌଣସି ଶାରିରୀକ ବା ମାନସିକ ନିର୍ଯ୍ୟତନା ବିରୁଦ୍ଧରେ ଏହାର ଆଶ୍ରୟ ନେଇପାରିବ । ପୁଣି ସଂକ୍ଷେପରେ କହିଲେ, ଜଣେ ବୋହୂ ଉପରେ ଶାଶୁଘର ଲୋକଙ୍କ ଦ୍ୱାରା ସମସ୍ତ ପ୍ରକାର ସମ୍ଭାବ୍ୟ ନିର୍ଯାତନା ଏହି ଦଫାର ପରିସରଭୁକ୍ତ ।

କିନ୍ତୁ ଅଭିଜ୍ଞତାରୁ ଦେଖାଯାଇଛି ଯେ, ଏହି ଧାରାକୁ ବହୁଳ ଭାବେ କେବଳ ଯୌତୁକ ନିର୍ଯ୍ୟାତନା କ୍ଷେତ୍ରରେ ବ୍ୟବହାର କରାଯାଇଛି ଏବଂ ଅନ୍ୟ କାରଣରୁ ଘଟୁଥିବା ନିର୍ଯ୍ୟାତନାର ପ୍ରତିକାର ପାଇଁ ଏହାକୁ କ୍ୱଚିତ୍ ପ୍ରଯୋଗ କରାଯାଇଛି। ପୁଣି ଲକ୍ଷ୍ୟ କରାଯାଇଛି ଯେ, ଯୌତୁକ ଛଡା ଅନ୍ୟ କାରଣରୁ ନିର୍ଯ୍ୟାତିତା ହୋଇ ଜଣେ ମହିଳା ଅଭିଯୋଗ କରିବାକୁ ଆସିଲେ ଉଭୟ ପୋଲିସ୍ ଏବଂ ଓକିଲ ତାଙ୍କୁ ଯୌତୁକ କାରଣ ଦର୍ଶାଇବା ପାଇଁ ଉସ୍‌କାଇଥାନ୍ତି; କାରଣ ଯୌତୁକ କାରଣକୁ ଯେତେ ସହଜରେ ପ୍ରମାଣ ଓ ବିଶ୍ୱାସ୍ୟ କରାଇହେବ, ଅନ୍ୟ କାରଣଗୁଡିକୁ ସେମିତି କରାଯାଇପାରିବନି। ଏହାର ପରିଣତିରେ ଗୋଟିଏ ପଟରେ ଦେଖାଗଲା, ଯୌତୁକ ଆଳରେ ବହୁ ମିଥ୍ୟା କେଶ୍ ରଜୁ ହେଲା, ଏବଂ ଅନ୍ୟ ପଟରେ ମହିଳାମାନଙ୍କ ଉପରେ ଘଟୁଥିବା ପାରିବାରିକ ନିର୍ଯ୍ୟାତନାର ଅନ୍ୟାନ୍ୟ ବିଭତ୍ସ ଏବଂ ସାଂଘାତିକ ରୂପ ପଦାକୁ ଆସିପାରିଲା ନାହିଁ। ସର୍ବୋପରି ୪୯୮(ଏ) ପରି ଏକ କଡା ପ୍ରାବ୍‌ଧାନ ଥିବା ସତ୍ତ୍ୱେ ନା ଯୌତୁକ ଅପରାଧ ନା ପାରିବାରିକ ହିଂସାର ପ୍ରାଦୁର୍ଭାବ ସମାଜରୁ କମିପାରିଛି।

ଏକଥା ସତ, ଭାରତୀୟ ଦଣ୍ଡବିଧି ସଂହିତାରେ ଦଫା ୩୦୪(ବି) ଓ ୪୯୮(ଏ) ତଥା ଭାରତୀୟ ପ୍ରମାଣ ଆଇନ୍‌ରେ ଦଫା ୧୧୩(ବି) ଯୋଡା ହେବା ପରେ ସ୍ୱାମୀ ଓ ତାଙ୍କ ପରିବାର ଭିତରେ ନବବଧୂକୁ ଯୌତୁକ ନିର୍ଯ୍ୟାତନା ଦେବା ପାଇଁ କିଛି ପରିମାଣରେ ଭୟ ସୃଷ୍ଟି ହୋଇଛି, ଯେଉଁଥି ପାଇଁ କି ଏହିସବୁ ଦଫାଗୁଡିକର ଉଚ୍ଛେଦ କିମ୍ବା ସଂଶୋଧନ ପାଇଁ ପ୍ରସ୍ତାବ ବିରୁଦ୍ଧରେ ବହୁ ମହିଳା ସଂଗଠନ ସ୍ୱର ଉତ୍ତୋଳନ କରିଚାଲିଛନ୍ତି।

**ଘରୋଇ ହିଂସା କବଳରୁ ମହିଳାଙ୍କ ସୁରକ୍ଷା ଆଇନ୍-:**

ମହିଳାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାରିବାରିକ ହିଂସା ସଂପର୍କୀତ ଉପରୋକ୍ତ ବିଧିବିଧାନଗୁଡିକର ଆଉ ଏକ ନକାରାତ୍ମକ ଦିଗ ସାମନାକୁ ଆସିଥିଲା। ଏହିସବୁ ଆଇନ୍ ବଳରେ ସ୍ଥଳ ବିଶେଷରେ ନିର୍ଯ୍ୟାତନାକାରୀଙ୍କୁ ଜେଲ୍ ଓ ଜୋରିମାନା ଇତ୍ୟାଦିରେ ଦଣ୍ଡିତ କରାଯାଇପାରୁଥିଲା। କିନ୍ତୁ ନିର୍ଯ୍ୟାତିତା ଏବଂ ତା' ପିଲାପିଲିଙ୍କ ତୁରନ୍ତ ଆଶ୍ରୟ ଓ ଥଇଥାନ ପାଇଁ କୌଣସି ବୈଧାନିକ ବ୍ୟବସ୍ଥା ନଥିଲା। ନିର୍ଯ୍ୟାତନାକାରୀ ଦଣ୍ଡ ଭୋଗିଲେ ମଧ୍ୟ ନିର୍ଯ୍ୟାତିତାର ଅବସ୍ଥା ଶୋଚନୀୟ ରହିଲା। ସେ ଶାଶୁଘରୁ ଆସି ହୁଏତ୍ ବାପଘରେ ରହିପାରେ, କିନ୍ତୁ କେତେ ଦିନ? ପୁଣି ବାପଘରେ ନିଜ ପିତାମାତା ଏବଂ ଭାଇଭଉଣୀଙ୍କ ଦ୍ୱାରା ସେ ଅବହେଳିତ ଏବଂ ଏପରିକି ନିର୍ଯ୍ୟାତିତ ହେବନାହିଁ ବୋଲି କି ଗ୍ୟାରେଣ୍ଟି ଅଛି? ସୁତରାଂ ପ୍ରଚଳିତ କାନୁନୀ-ବ୍ୟବସ୍ଥାର ଏକପାଖିଆମି ଓ ଅଭାବଗୁଡିକୁ ସଂଶୋଧନ କରି ନିର୍ଯ୍ୟାତିତା ମହିଳା ଓ ନିର୍ଭରଶୀଳ ପିଲାପିଲିଙ୍କ ସର୍ବାତ୍ମକ ଥଇଥାନର ଆବଶ୍ୟକତା ଦୃଷ୍ଟିରେ ରଖି ପ୍ରଣୟନ କରାଯାଇଛି ଏକ ନୂତନ ଆଇନ୍, ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫। ଏହି ଆଇନ୍‌ରେ ନିର୍ଯ୍ୟତିତା ମହିଳା ଓ ତା' ପିଲାପିଲିଙ୍କ ତୁରନ୍ତ ଓ ଦୀର୍ଘସ୍ଥାୟୀ ଥଇଥାନକୁ ସର୍ବାଗ୍ରେ ଗୁରୁତ୍ୱ ଦିଆଯାଇଛି। ଏହାଛଡା ନିର୍ଯ୍ୟତିତା ମହିଳା ଯଦି ଚାହିଁବେ, ତେବେ ପୁଣି ସ୍ୱାମୀ ଏବଂ ସ୍ୱାମୀଙ୍କ ପରିବାର ସହିତ ମିଳାମିଶା ହେବାର ସୁଯୋଗ ମଧ୍ୟ ଏହି ଆଇନ୍ ଭିତରେ ସ୍ଥାନ ପାଇଛି। ପ୍ରଚଳିତ ଆଇନ୍‌ଗୁଡିକ ଅନୁଯାୟୀ ପୋଲିସ୍ ଓ ଅଦାଲତ ସମୟବଦ୍ଧ ଢଙ୍ଗରେ ନିର୍ଯ୍ୟାତିତାଙ୍କୁ ନ୍ୟାୟ ଦେଇପାରୁନଥିବା ବେଳେ ନୂତନ ଆଇନ୍‌ରେ ତାହାକୁ ସୁନିଶ୍ଚିତ କରାଯାଇଛି। ଏହି ନୂତନ ଆଇନ୍ ମହିଳାମାନଙ୍କ ଉପରେ ଘଟୁଥିବା ନିର୍ଯ୍ୟାତନାକୁ କେବଳ ଏକ ଫୌଜଦାରି ମାମଲା ରୂପେ ବିଚାର ନକରି ଏକ ଦେଓ୍ୟାନି ମାମଲା ଭାବେ ପ୍ରାଧାନ୍ୟ ଦେଇଛି ଏବଂ ନିର୍ଯ୍ୟାତିତାକୁ

ଆଶ୍ରୟ, ଭତ୍ତା, ଓ କ୍ଷତିପୂରଣ ଭଳି ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା କରିଛି। ପୁଣି ପ୍ରଚଳିତ ବ୍ୟବସ୍ଥାରେ ନିର୍ଯ୍ୟାତିତା ମହିଳା ଥାନାକୁ ଯାଇ ସେଠାରେ ହଇରାଣ-ହରକତ୍ ହେବାର ବାସ୍ତବ ଆଶଙ୍କା ବଜାୟ ଥିବା ବେଳେ ନୂତନ ଆଇନ୍‌ରେ ସେ ଜଣେ ଅଣ-ପୋଲିସ୍ ମହିଳା ଅଧିକାରୀ (ସୁରକ୍ଷା ଅଧିକାରୀ)ଙ୍କ ପାଖକୁ ଯାଇ ଅଭିଯୋଗ କରିବାର ବ୍ୟବସ୍ଥା ରହିଛି। ସର୍ବୋପରି ପୁରୁଣା ବ୍ୟବସ୍ଥାରେ ଅନୁସନ୍ଧାନକାରୀ ପୋଲିସ୍ ଅଫିସର୍ ଲାଞ୍ଚ ନେଇ  ନିର୍ଯ୍ୟାତିତା ମହିଳାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କଲେବି ତାଙ୍କ ବିରୁଦ୍ଧରେ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ନଥିଲା; କିନ୍ତୁ ନୂତନ ଆଇନ୍ ଅନୁଯାୟୀ ଅବହେଳାକାରୀ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଉଭୟ ଜେଲ୍ ଓ ଜୋରିମାନାର ଦଣ୍ଡବ୍ୟବସ୍ଥା ସ୍ଥାନିତ ହୋଇଛି।

# ମହିଳା ସଂପର୍କୀତ ଅନ୍ୟ କେତେକ କେନ୍ଦ୍ରୀୟ ଆଇନ୍

୧. ବାଲ୍ୟ ବିବାହ ନିଷେଧ ଆଇନ୍, ୧୯୨୯

୨. ବିଧବା ପୁନର୍ବିବାହ ଆଇନ୍ , ୧୮୫୬

୩. ସତୀପ୍ରଥା ଉଚ୍ଛେଦ ଆଇନ୍ , ୧୯୮୭

୪. ଯୌତୁକ ନିରୋଧ ଆଇନ୍, ୧୯୬୧

୫. ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧

୬. ଲିଂଗ ନିରୁପଣ ନିରୋଧ ଆଇନ୍ ୧୯୯୪

୭. ଅନୈତିକ ଚାଲାଣ ନିରୋଧ ଆଇନ୍, ୧୯୫୬

୮. ଜାତୀୟ ମହିଳା କମିଶନ୍ ଆଇନ୍, ୧୯୯୦

୯. ମାନବାଧିକାର ସୁରକ୍ଷା କମିଶନ୍ ଆଇନ୍, ୧୯୯୩

## ବାଲ୍ୟ ବିବାହ ନିଷେଧ ଆଇନ୍, ୧୯୨୯

ଏହି ଆଇନ୍ ଅନୁସାରେ ୨୧ ବର୍ଷ ବୟସରୁ କମ୍ ବୟସର ବ୍ୟକ୍ତି ଏବଂ ୧୮ ବର୍ଷ ବୟସରୁ କମ୍ ବୟସର ମହିଳାଙ୍କର ବିବାହ ଆଇନ୍ ସମ୍ମତ ନୁହେଁ। ଯଦି ଉପରୋକ୍ତ ବୟସ-ସୀମା ଠାରୁ କମ୍ ବୟସର ପୁଅ ଓ ଝିଅ ବିବାହ କରନ୍ତି, ତେବେ ସଂପୃକ୍ତ ବରକନ୍ୟାଙ୍କ ସମେତ ସେମାନଙ୍କ ପିତାମାତା ଓ ସେହି ବିବାହରେ ସହଯୋଗ କରୁଥିବା ବ୍ୟକ୍ତି ଏବଂ ଯୋଗଦାନ କରିଥିବା ବ୍ୟକ୍ତି ଦଣ୍ଡିତ ହେବେ। ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଏହି ଆଇନ୍ ବଳବତ୍ତର ଅଛି ।

**ବାଲ୍ୟ ବିବାହ ସମ୍ବନ୍ଧରେ କେତେକ ଜ୍ଞାତବ୍ୟ ସୂଚନା**

- ଏହି ଆଇନ୍ ଅନୁସାରେ ଅଭିଯୁକ୍ତ ୧୫ ଦିନ କାରାଦଣ୍ଡ କିମ୍ବା ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରିବେ।
- ଯଦି କୌଣସି ୨୧ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି ୧୮ ବର୍ଷରୁ କମ୍ ବୟସର ମହିଳାଙ୍କୁ ବିବାହ କରନ୍ତି ତେବେ ସେ ୩ ମାସ ଜେଲ୍ ସହ ଜୋରିମାନାରେ ଦଣ୍ଡିତ ହେବେ।
- ଯଦି କେହି ଅଭିଯୋଗ କରିବାକୁ ଚାହୁଁଛନ୍ତି, ତେବେ ବିବାହର ୧ବର୍ଷ ମଧ୍ୟରେ ଅଭିଯୋଗ କରିବାକୁ ପଡିବ। ଏକ ବର୍ଷ ପରେ ଏ ଅଭିଯୋଗ କଲେ ତାହା ଆଇନ୍ ପରିସରଭୁକ୍ତ ହେବ ନାହିଁ।
- ଯଦି କୌଣସି କ୍ଷେତ୍ରରେ ଏପରି ବାଲ୍ୟବିବାହ ହେଉଅଛି, ଏବଂ କେହି ତାହାକୁ ବାଧା ଦେବା ପାଇଁ ଚାହୁଁଛନ୍ତି, ତେବେ ଦେଓ୍ୱାନୀ ଅଦାଲତରେ ଆବେଦନ କରି ଏହି ଆଇନ୍ ଅନୁସାରେ ଏହି ବିବାହକୁ ରଦ୍ଦ କରିବା ପାଇଁ ଅଦାଲତରୁ ନିର୍ଦ୍ଦେଶ ଆଣିପାରିବେ। ଯେ କୌଣସି ସଂଗଠନ ମଧ୍ୟ ଅଦାଲତରେ ଆବେଦନ କରି ଏହି ଆଦେଶ ଆଣିପାରିବେ।

- ଯଦି ଅଦାଲତକୁ ଅବମାନନା କରି ଏପରି ବିବାହ ଅନୁଷ୍ଠିତ ହୁଏ, ତେବେ ଅଭିଯୁକ୍ତଙ୍କୁ ୩ ମାସ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି।
- ହିନ୍ଦୁ ବିବାହ ଆଇନ୍ ଅନୁସାରେ ଥରେ ବିବାହିତ ହୋଇ ସାରିବା ପରେ ଏହା ବାଲ୍ୟବିବାହ ହୋଇଥିଲେ ମଧ୍ୟ ବର ବଧୂଙ୍କୁ ସ୍ୱାମୀ ସ୍ତ୍ରୀ ଭାବରେ ଗ୍ରହଣ କରାଯିବ।
- ୧୯୭୬ରେ ଏହି ଆଇନ୍‌ର ଏକ ଯଥାର୍ଥ ସଂଶୋଧନ ଅଣାଯାଇଥିଲା। ସଂଶୋଧିତ ଆଇନ୍ ଅନୁସାରେ ଯଦି କୌଣସି କନ୍ୟା ୧୫ବର୍ଷ ବୟସରୁ କମ୍ ବୟସରେ ବିବାହ କରିଥିବେ, ତେବେ ସାବାଳିକା ହେବାପରେ ଏ ବିବାହକୁ ରଦ୍ଦ କରିବାର ଅଧିକାର ଅଛି। ଯାହାକି ସମାଜକୁ ନିମ୍ନଗାମୀ

**ବାଲ୍ୟ ବିବାହ କ୍ଷେତ୍ରରେ ଦଣ୍ଡବିଧାନ**

| **ବିବାହ କରୁଥିବା ପୁରୁଷର ବୟସ** | **ଦଣ୍ଡବିଧାନ** |
|---|---|
| ୧୮ରୁ ଉର୍ଦ୍ଧ୍ୱ ଏବଂ ୨୧ରୁ କମ୍ | ୧୫ ଦିନ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧୦୦୦ଟଙ୍କା ପର୍ଯ୍ୟନ୍ତ |
| ୨୧ ବର୍ଷରୁ ଉର୍ଦ୍ଧ୍ୱ | ୩ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ଜୋରିମାନା |
| ସଂପୃକ୍ତ ପିତା, ମାତା କିମ୍ବା ଅଭିଭାବକଙ୍କୁ | ୩ ମାସ ପର୍ଯ୍ୟନ୍ତ ଅଶ୍ରମ ଜେଲ ଓ ଜୋରିମାନା |

**ଶ୍ରୀମତୀ ସୁଶୀଳା ଗୋଥାଲା ବନାମ ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟାନ୍ୟ (ଏ.ଆଇ.ଆର. ୧୯୯୫ ରାଜସ୍ଥାନ ୯୦)**

ଯଦିଓ ବାଲ୍ୟ ବିବାହକୁ ନିଷିଦ୍ଧ କରି ୧୯୨୯ ମସିହାରୁ ଆଇନ୍‌ର ପ୍ରଚଳନ ହେଲାଣି, କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ପରମ୍ପରା ସମାଜରେ ଏବେ ମଧ ବହୁଳ ଭାବେ ପ୍ରଚଳିତ। ରାଜସ୍ଥାନରେ ଏହି ପ୍ରଥା ଅଧିକ ପ୍ରଚଳିତ । ଏହାର ନିରାକରଣ ପାଇଁ ପ୍ରଥମରୁ ସାମାଜିକ-ଅର୍ଥନୈତିକ ସ୍ତରରେ ସୁଚିନ୍ତିତ ଓ ଆନ୍ତରିକ ଉଦ୍ୟମ ହୋଇନଥିବାରୁ ଏହା କ୍ରମଶଃ କାୟାବିସ୍ତାର କରିଚାଲିଛି।

ଅଳ୍ପ ବୟସରେ କନ୍ୟାମାନେ ସ୍ୱାମୀ ପରିତ୍ୟକ୍ତା ହେଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ବାଲ୍ୟ ବିବାହର କୁପରିଣତିକୁ ନେଇ କୌଣସି ସଚେତନତା-ମୂଳକ କାର୍ଯ୍ୟ ନକରିବା ବାସ୍ତବିକ ଦୁର୍ଭାଗ୍ୟଜନକ। ୧୯୯୪ ମସିହାରେ ରାଜସ୍ଥାନ ହାଇକୋର୍ଟ ଏହି ମନ୍ତବ୍ୟ ଦେଇଥିଲେ।

ସୁଶୀଳା ଗୋଥାଲା ଯେ କି ଜଣେ ସାମାଜିକ କର୍ମୀ, ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର୍ କରି "ଆକାତିଜ" ଉତ୍ସବରେ ସମୂହ ବାଲ୍ୟବିବାହ ପ୍ରଥାକୁ ନିଷେଧ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ଏହି ପ୍ରଥା ଦ୍ୱାରା ସରକାରଙ୍କର କୌଣସି ଅସୁବିଧା ହେଉନାହିଁ। ଏହି "ଆକାଜିତ୍" ଉତ୍ସବ ଉପଲକ୍ଷେ ସରକାରଙ୍କର ପୋଲିସ୍ ବିଭାଗ ସଚେତନ ଅଛନ୍ତି। କିନ୍ତୁ ୪୦,୦୦୦ ଗ୍ରାମରେ ପ୍ରଚଳିତ ଥିବା ଏହି ସାମାଜିକ କୁପ୍ରଥାର ନିୟନ୍ତ୍ରଣ ସୀମିତ ସଂଖ୍ୟକ ପୋଲିସ୍ କର୍ମଚାରୀଙ୍କ ପକ୍ଷରେ ସମ୍ଭବ ନୁହେଁ। ରାଜସ୍ଥାନର ଜନସାଧାରଣ ଏହି କଳୁଷିତ ପ୍ରଥା ବିରୋଧରେ ସଜାଗ ହେବାକୁ ପଡିବ। ହାଇକୋର୍ଟ ଏ ସମ୍ପର୍କରେ ସରକାରଙ୍କୁ ମଧ କେତେକ ନିର୍ଦ୍ଦେଶ ଦେଇଥିଲେ।

## ବିଧବା ପୁନର୍ବିବାହ ଆଇନ୍, ୧୮୫୬

ଇଷ୍ଟଇଣ୍ଡିଆ କମ୍ପାନୀର ରାଜୁତି କାଳରୁ ଏହି ଆଇନ୍‌ର ପ୍ରଚଳନ ହୋଇଥିଲା । ବହୁ ଚାପ ଏବଂ ପ୍ରବଳ ବିରୋଧ ସତ୍ତ୍ୱେ ଏହି ଆଇନ୍‌କୁ କାର୍ଯ୍ୟକାରୀ କରାଯାଇଥିଲା । ବହୁ ହିନ୍ଦୁ ପଣ୍ଡିତ ତଥା ଜନସାଧାରଣ ସେ ସମୟରେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ

ମାଧ୍ୟମରେ ଏହାର ବିରୋଧ କରିଥିଲେ । ୩୭,୦୦୦ ଲୋକ ଏହି ଆଇନ୍‌ର ବିରୋଧ କରି ଦସ୍ତଖତ ଦେଇଥିଲେ । ସେମାନଙ୍କ ଯୁକ୍ତି ଥିଲା, ବିଧବା ବିବାହ ହିନ୍ଦୁ ଧର୍ମଶାସ୍ତ୍ରର ବିରୁଦ୍ଧାଚରଣ କରୁଅଛି। କିନ୍ତୁ ବିଧବା ବିବାହ ଆଇନ୍ ପାଇଁ ମହିଳାମାନଙ୍କର ସମର୍ଥନ ଏହା ସପକ୍ଷରେ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରି ଗଢ଼ିତୋଳିଲା । ବିଶେଷତଃ ପଣ୍ଡିତା ରମାବାଇ ସରସ୍ୱତୀ, ଯେ କି ଜଣେ ବିଖ୍ୟାତ ସଂସ୍କୃତ ବିଦୂଷୀ ତଥା ସମାଜ ସଂସ୍କାରିକା ଥିଲେ, ବିଭିନ୍ନ ଧର୍ମଶାସ୍ତ୍ରର ବ୍ୟାଖ୍ୟା କରି ଏଇ ଆଇନ୍ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ଫଳରେ ଏହି ଆଇନ୍ ଗୃହୀତ ହୋଇ ପାରିଥିଲା। ଏକ ମହିଳା ସ୍ୱାମୀଙ୍କର ମୃତ୍ୟୁପରେ ପୁନର୍ବିବାହ କରିବା ଆଇନ୍ ସଂଗତ ଅଟେ।  ପୁନର୍ବିବାହ ପରେ ଜନ୍ମିତ ସନ୍ତାନମାନଙ୍କର ମଧ୍ୟ ସମସ୍ତ ଆଇନ୍‌ଗତ ଅଧିକାର ରହିବ । ଯଦି କୌଣସିବିଧବା ପୁନର୍ବିବାହ କରନ୍ତି, ତେବେ ତାଙ୍କ ମୃତ ସ୍ୱାମୀଙ୍କ ସମ୍ପତ୍ତିରୁ ସେ ଉତ୍ତରାଧିକାର ହରାଇବେ । ଏହି ଆଇନ୍ ଧର୍ମ ଓ ଜାତି ନିର୍ବିଶେଷରେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ।

## ସତୀପ୍ରଥା ଉଚ୍ଛେଦ ଆଇନ୍, ୧୯୮୭

ସତୀ ପ୍ରଥା ଏପରି ଏକ ପ୍ରଥା, ଯାହା ବଳରେ ସ୍ୱାମୀଙ୍କ ମୃତ୍ୟୁପରେ ତାଙ୍କ ପତ୍ନୀଙ୍କୁ ସଚେତ କିମ୍ବା ଅଚେତ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ମୃତଦେହ ସହ ଅବା ତାଙ୍କ ବ୍ୟବହୃତ ଦ୍ରବ୍ୟ ସହ ଜୀବନ୍ତ ଦଗ୍ଧ କରିଦିଆଯାଏ, କିମ୍ବା ମାଟିରେ ପୋତି ଦିଆଯାଇଥାଏ। ଏହି ଘୃଣିତ କୁସଂସ୍କାର ବିରୁଦ୍ଧରେ ରାଜା ରାମମୋହନ ରାୟ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । ୧୮୧୮ ମସିହାରେ ସେ ଏହି କୁସଂସ୍କାରକୁ ବର୍ଜନ କରିବା ପାଇଁ ଏକ ପ୍ରଚାରପତ୍ର ମାଧମରେ ଆହ୍ୱାନ୍ ଦେଇଥିଲେ । ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର ମଧ୍ୟ ତା ପୁର୍ବରୁ ସତୀପ୍ରଥା ବିରୁଦ୍ଧରେ୍ ପ୍ରଚାର କରିବା ଆରମ୍ଭ କରିଦେଇଥିଲେ। କିନ୍ତୁ ହିନ୍ଦୁ ରକ୍ଷଣଶୀଳ ମନୋବୃତ୍ତିର ବ୍ୟକ୍ତିମାନଙ୍କର ପ୍ରବଳ ପ୍ରତିରୋଧ ସେମାନଙ୍କୁ ନାନା ଅସୁବିଧାରେ ପକାଇଥିଲା। ରାଜା ରାମମୋହନ ରାୟ ତାଙ୍କ ମତ ସମକ୍ଷରେ ବେଦ ଓ ଶାସ୍ତ୍ରରୁ ବହୁ ତତ୍ତ୍ୱ ବ୍ୟାଖ୍ୟା କରି ଯୁକ୍ତି ବାଢ଼ିଥିଲେ। ଅବଶେଷରେ ତତ୍‌କାଳୀନ ବ୍ରିଟିଶ୍ ଶାସକ  ଲର୍ଡ ବେଣ୍ଟିକ୍ ୧୮୨୯ ମସିହା ସେପ୍ଟେମ୍ବର ୪ ତାରିଖରେ ସତୀପ୍ରଥା ଉଚ୍ଛେଦ ହେବାର ଘୋଷଣା ଜାରି କରିଥିଲେ। ଏହି ଆଇନ୍ ପ୍ରଣୟନ ପରେ ସତୀଦାହ ପ୍ରଥା ଦ୍ୱାରା ମହିଳାଙ୍କ ମୃତ୍ୟୁହାର ହ୍ରାସ ପାଇ ପାରିଥିଲା । ସତୀପ୍ରଥାର ପ୍ରାଦୁର୍ଭାବକୁ ଆଖି ଆଗରେ ରଖି ୧୯୮୭ ମସିହାରେ ପୁଣି ଏକ ଆଇନ୍ ପ୍ରଣୟନ ହୋଇଥିଲା।

**ସତୀପ୍ରଥା ଉଚ୍ଛେଦ ଆଇନ୍, ୧୯୮୭ ଅନୁସାରେ :**

- ବାଧ୍ୟ କରି ମୃତ ସ୍ୱାମୀଙ୍କ ଚିତାଗ୍ନିରେ ସ୍ତ୍ରୀକୁ ଜୀବନ୍ତ ଦଗ୍ଧ କରିବା ଆଇନତଃ ନିଷିଦ୍ଧ ଅଟେ।
- ସତୀ ହେବା ପାଇଁ ଉଦ୍ୟତ ବ୍ୟକ୍ତି ୧ବର୍ଷ ଜେଲ୍ ଓ ଜୋରିମାନା ରେ ଦଣ୍ଡିତ ହୋଇ ପାରିବେ।
- କିନ୍ତୁ ଦଣ୍ଡ ବିଧାନ ପୂର୍ବରୁ "ଅଭିଯୁକ୍ତା (ନିର୍ଯ୍ୟାତିତା) କେଉଁ ପ୍ରକାର ମାନସିକ ପରିସ୍ଥିତିରେ ଅଛନ୍ତି ଏବଂ କେଉଁ ପରିବେଶରେ ସତୀ ହେବା ପାଇଁ ଉଦ୍ୟମ କରିଛନ୍ତି" ଏହା ବିଚାରକୁ ନିଆଯିବ।
- କୌଣସି ମହିଳାଙ୍କୁ ସତୀମାତା ହେବା ପାଇଁ ଏବଂ "ସତୀ ହେଲେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ପରେ ତାଙ୍କୁ ଅନେକ ପୁଣ୍ୟଲାଭ ହେବ" କହି ପ୍ରବର୍ତ୍ତାଇବା ଏକ ଅପରାଧ ଅଟେ।
- ଯଦି କୌଣସି ମହିଳାଙ୍କୁ ଚିତା ଉପରକୁ ବଳପୂର୍ବକ ଟେକି ନିଆଯାଏ ଏବଂ ସେ ମୁକ୍ତି ପାଇବା ପାଇ ଚେଷ୍ଟା କଲେ ତାଙ୍କୁ ଚିତାରେ ବସିବାକୁ ବାଧ୍ୟ କରାଯାଏ, ତାହା ସତୀପ୍ରଥା ପ୍ରତି ସହଯୋଗ ବୋଲି ଧରାଯିବ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ।
- ସତୀ ହେବା ପାଇଁ କୌଣସି ମହିଳାଙ୍କୁ କେହି ଯଦି ବାଧ୍ୟ କରିଥିବେ, ତେବେ ଅଭିଯୁକ୍ତଙ୍କୁ ସ୍ଥଳ ବିଶେଷରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ଏବଂ ଜୋରିମାନାର ଦଣ୍ଡବିଧାନ ରହିଛି।

- ସତୀଙ୍କୁ ପ୍ରଶଂସା କରିବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ। ସତୀମାତାଙ୍କ ପୂଜା, ଉତ୍ସବ, ଶୋଭାଯାତ୍ରା ଏବଂ ସତୀମାତା ହେବାପରେ ତାଙ୍କୁ ପ୍ରଶଂସା କରି ଉତ୍ସବ ପାଳନ କରିବା, ତାଙ୍କ ନାମରେ ଚାନ୍ଦା ସଂଗ୍ରହ କରିବା ତଥା ମନ୍ଦିର ନିର୍ମାଣ କରିବା ଆଦି କାର୍ଯ୍ୟକୁ ଅପରାଧ ବୋଲି ଧରାଯିବ।
- ରାଜ୍ୟ ସରକାର ତୁରନ୍ତ ଏପରି ସତୀମାତାଙ୍କ ମନ୍ଦିରକୁ ଧ୍ୱଂସ କରିବେ।
- ରାଜ୍ୟସରକାର ସତୀମାତାଙ୍କ ନାମରେ ସଂଗୃହୀତ ପାଣ୍ଠିକୁ ଉଚ୍ଛେଦ କରି ରାଜକୋଷରେ ଜମା କରିବେ।
- ରାଜ୍ୟସରକାର ଏହିପରି କେଶ୍‌ର ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟର ବ୍ୟବସ୍ଥା କରିବେ।
- ଏହି ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଅଯୋଗ୍ୟ, ଏବଂ ଜେଲ୍‌ଦଣ୍ଡ ପାଇ ସାରିବାପରେ ମଧ୍ୟ ୫ ବର୍ଷ ପାଇଁ କୌଣସି ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ।

## ଯୌତୁକ ନିରୋଧ ଆଇନ୍, ୧୯୬୧

**ଯୌତୁକ କାହାକୁ କୁହାଯାଏ:**

ଯୌତୁକ ନିରୋଧ ଆଇନ୍ ଅନୁଯାୟୀ ବିବାହ ଉପଲକ୍ଷେ ବରପକ୍ଷ ଓ କନ୍ୟା ପକ୍ଷ ଭିତରେ ଯେଉଁ ମୂଲ୍ୟବାନ ଧନସମ୍ପତ୍ତିର ଦିଆନିଆ ହୋଇଥାଏ ବା ଦିଆନିଆ ପାଇଁପ୍ରତିଶୃତି ଦିଆଯାଇଥାଏ, ତାହା ହେଉଛି "ଯୌତୁକ"। କିନ୍ତୁ ମୁସ୍‌ଲିମ୍ ବ୍ୟକ୍ତିଗତ ଆଇନ୍(ଶରିଆତ୍)ରେ ଥିବା ଡାଓର୍ କିମ୍ବା ମାହେର୍ ଯୌତୁକ ସଂଜ୍ଞା ଭିତରେ ପରିସରଭୁକ୍ତ ହେବନାହିଁ। ଯୌତୁକ ଅପରାଧ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଓ ରଫା-ରହିତ ଅଟେ।

**କେତେକ ଜ୍ଞାତବ୍ୟ ସୂଚନା:**

- ଯଦି କୌଣସି ବ୍ୟକ୍ତି ଯୌତୁକ ଦିଅନ୍ତି, ନିଅନ୍ତି କିମ୍ବା ଯୌତୁକ ଦିଆନିଅ ପାଇଁ ପ୍ରବର୍ତ୍ତନା ଦିଅନ୍ତି, ତେବେ ଏହା ଏକ ଦଣ୍ଡନୀୟ ଅପରାଧ, ଯାହା ପାଇଁ ଅତିକମ୍‌ରେ ପାଞ୍ଚବର୍ଷ ଜେଲ୍ ଏବଂ ପନ୍ଦର ହଜାର ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଛି।
- ଯୌତୁକ ଦାବୀ ଜନିତ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୬ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡବିଧାନ ର ବ୍ୟବସ୍ଥା ରହିଛି।
- ଖବର କାଗଜରେ କିମ୍ବା ଗଣ ମାଧ୍ୟମରେ ଯୌତୁକ ଦେବା ଅଭିପ୍ରାୟରେ ଯଦି କେହି ବ୍ୟକ୍ତି କୌଣସି ବିଜ୍ଞାପନ ପ୍ରକାଶ କରନ୍ତି, ତେବେ ତାଙ୍କୁ ୬ ମାସରୁ ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ତଥା ପନ୍ଦର ହଜାର ଟଙ୍କା ଜୋରିମାନାର ଦଣ୍ଡବ୍ୟବସ୍ଥା ଅଛି।
- ନବବଧୂଙ୍କୁ ଛାଡି ଯଦି ଅନ୍ୟ କୌଣସି ବ୍ୟକ୍ତି ଯୌତୁକ ସମ୍ପତ୍ତିକୁ ହସ୍ତଗତ କରିଥାନ୍ତି, ତେବେ ସେ ନିମ୍ନମତେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନବବଧୂଙ୍କୁ ତାହା ଫେରାଇବା ଉଚିତ୍, ନଚେତ୍ ସେ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ପାଞ୍ଚ ହଜାରରୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବ-

  (କ) ଯଦି ବିବାହ ପୁର୍ବରୁ ନେଇଥିବେ, ତେବେ ବିବାହର ୩ ମାସ ମଧ୍ୟରେ।

  (ଖ) ଯଦି ବିବାହ ସମୟରେ କିମ୍ବା ବିବାହ ପରେ ନେଇଥିବେ, ତେବେ ଯୌତୁକ ତାଙ୍କର ହସ୍ତଗତ ହୋଇଥିବା ତାରିଖର ୩ ମାସ ମଧ୍ୟରେ ।

(ଗ) ଯଦି ଯୌତୁକ ମିଳିବା ବେଳେ ନବବଧୂ ନାବାଳିକା (୧୮ବର୍ଷରୁ କମ୍) ଥିବେ, ତେବେ ନବବଧୂ ଯେବେ ସାବାଳିକା ହେବେ, ତହିଁର ୩ମାସ ଭିତରେ।

(ଘ) ଯଦି ନବବଧୂ, ଯେ କି ଯୌତୁକ ପାଇବା ପାଇଁ ହକ୍‌ଦାର, ସେ ଯୌତୁକ ପାଇବା ପୂର୍ବରୁ ମରିଯାନ୍ତି, ତେବେ ତାଙ୍କର ଉତ୍ତରାଧିକାରୀ ଏହା ପାଇବା ପାଇଁ ହକ୍‌ଦାର ହେବେ; ମାତ୍ର ନବବଧୂ ଯଦି ବିବାହର ସାତବର୍ଷ ଭିତରେ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁବରଣ କରନ୍ତି, ତେବେ ସେହି ଯୌତୁକ ସମ୍ପତ୍ତି ତାଙ୍କର ସନ୍ତାନମାନଙ୍କୁ ଅଥବା ସନ୍ତାନ ନଥିଲେ ନବବଧୂର ପିତାମାତାଙ୍କୁ ହସ୍ତାନ୍ତର କରାଯିବ।

ଏହି ଆଇନ୍ ଅନୁଯାୟୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଯୌତୁକ ଅପରାଧ ବିଚାର ହେବ। ନିଜ ଅପରାଧକୁ ଅପ୍ରମାଣ କରିବାର ଦାୟିତ୍ୱ ଅପରାଧୀ ଉପରେ ନ୍ୟସ୍ତ ରହିବ। ଯୌତୁକ ଅପରାଧ ଦାଏର୍ କରିବା ପାଇଁ ଯେ କୌଣସି ବ୍ୟଥିତ ବ୍ୟକ୍ତି , ସଂପୃକ୍ତ ବରକନ୍ୟାଙ୍କ ପିତାମାତା, କୌଣସି ସମ୍ପର୍କୀୟ ବା କେନ୍ଦ୍ର ବା ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ହୋଇଥିବା ଗୋଟଏ ସମାଜ ମଙ୍ଗଳ ଅନୁଷ୍ଠାନ ଯୋଗ୍ୟ ଅଟନ୍ତି। ସର୍ବୋପରି ଏହି ଆଇନ୍‌ରେ ଉଲ୍ଲେଖ ଅଛି ଯେ, ଯଦି ବିବାହ ସମୟରେ ବର ବା ବଧୂକୁ ପ୍ରଦତ୍ତ ଉପହାର ପଛରେ କୌଣସି ଦାବୀ ନଥାଏ, ପାରମ୍ପରିକ ଧରଣର ହୋଇଥାଏ, ଉପହାରର ମୂଲ୍ୟ ଉପହାରଦାତାଙ୍କ ଆର୍ଥିକ ସ୍ୱଚ୍ଛଳତା ତୁଳନାରେ ଅଧିକ ହୋଇନଥାଏ ତେବେ ଏହି ଉପହାର ଦିଆନିଆକୁ ଯୌତୁକ ଅପରାଧ ବୋଲି ଗଣାଯିବ ନାହିଁ।

**ଯୌତୁକ ନିରୋଧ (ବରବଧୂଙ୍କୁ ପ୍ରଦତ୍ତ ଉପହାରସମୂହର ତାଲିକା ଅନୁରକ୍ଷଣ) ନିୟମାବଳୀ,୧୯୮୫ -**

ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ଭାରତ ସରକାର ୧୯୮୫ରେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିଛନ୍ତି। ଏହି ନିୟମାବଳୀ ଅନୁଯାୟୀ ବଧୂପକ୍ଷ ଓ ବରପକ୍ଷ ବିବାହ ସମୟରେ ମିଳିଥିବା ଉପହାରସମୂହର ତାଲିକା ଅଲଗା ଅଲଗା ରଖିବେ। ବିବାହ ସମୟରେ ଅଥବା ବିବାହ ସରିବା କ୍ଷଣି ଯଥାଶୀଘ୍ର ସମ୍ଭବ ଏହା ପ୍ରସ୍ତୁତ କରାଯିବ। ଏହି ତାଲିକାରେ ପ୍ରତି ଉପହାର ସଂବନ୍ଧରେ ଏକ ସଂକ୍ଷିପ୍ତ ବର୍ଣ୍ଣନ ସହିତ ଉପହାରର ଆନୁମାନିକ ମୂଲ୍ୟ, ଉପହାର ଦାତାଙ୍କ ନାମ ତଥା ସେମାନଙ୍କର ବର ବା କନ୍ୟା ସହିତ ସଂପର୍କ ସୂଚୀତ ହୋଇଥିବ। ପ୍ରତି ତାଲିକା ଉଭୟ ବର ଓ କନ୍ୟାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ବିଧେୟ।

**କେନ୍ଦ୍ରୀୟ ସଂଶୋଧନ, ୧୯୮୬**

ଯୌତୁକ ଆଇନ୍‌କୁ ଅଧିକ କଠୋର କରିବା ଉଦ୍ଦେଶ୍ୟରେ ସଂସଦ ଦ୍ୱାରା ୧୯୮୬ ମସିହାରେ ଏହି ଆଇନ୍‌ର ଏକ ସଂଶୋଧନ ଗୃହୀତ ହେଲା। ଏହି ସଂଶୋଧନ ବଳରେ ୧୯୬୧ ମସିହାର ମୂଳ ଯୌତୁକ ଆଇନ୍‌ର ସଂଶୋଧନ ହେବା ସହିତ ଦେଶର ୩ଟି ମୂଳ ବିଧାନ, **ଯଥା** ଭାରତୀୟ ଦଣ୍ଡ ସଂହିତା ୧୮୬୦, ଫୌଜଦାରି କାର୍ଯ୍ୟବିଧି ସଂହିତା ୧୯୭୩ ତଥା ଭାରତୀୟ ପ୍ରମାଣ ଆଇନ୍ ୧୮୭୨ରେ ମଧ୍ୟ କେତେକ ପରିବର୍ତ୍ତନ ଅଣାଗଲା।

ଭାରତୀୟ ଦଣ୍ଡ ସଂହିତାରେ ଅଧ୍ୟାୟ-୨୦(ବିବାହ ସଂବନ୍ଧୀତ ଅପରାଧସମୂହ)ରେ ନୂଆକରି ଦଫା-୩୦୪(ବି) ଯୋଡାଗଲା। ଏହି ନୂତନ ଦଫା ଅନୁଯାୟୀ ବିବାହର ସାତବର୍ଷ ଭିତରେ ଯଦି ଜଣେ ବଧୂଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟେ, ତେବେ ତାହାକୁ ଯୌତୁକ ଜନିତ ମୃତ୍ୟୁ ବୋଲି ଧରିନିଆଯିବ ଏବଂ ଏହି ମୃତ୍ୟୁ ସେହି ମହିଳାଙ୍କର ସ୍ୱାମୀ ଏବଂ ସଂପର୍କୀୟ ମାନେ ଘଟାଇଛନ୍ତି ବୋଲି ବିବେଚନା କରାଯିବ ଓ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଦାଏର୍ ହେବ। ସେମାନେ ଦୋଷୀ ସାବ୍ୟସ୍ତ ହେଲେ ଅନ୍ୟୂନ ୭ ବର୍ଷରୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେବେ। ଫୌଜଦାରି କାର୍ଯ୍ୟବିଧି ସଂହିତାର ପ୍ରଥମ ଅନୁସୂଚୀରେ ଦଫା ୩୦୪(ବି) ଭର୍ତ୍ତି କରାଗଲା ଏବଂ ସେଥିରେ ଏହି ଅପରାଧ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାର ହେବ ବୋଲି ସୂଚୀତ କରାଗଲା। ଭାରତୀୟ ପ୍ରମାଣ ଆଇନ୍‌ରେ ୧୧୩(ବି) ଯୋଡାଗଲା, ଯାହାର ଅର୍ଥ ହେଉଛି, ଯଦି ସଂପୃକ୍ତ ମହିଳାଙ୍କୁ ମୃତ୍ୟୁର ସ୍ୱଳ୍ପକାଳ

ପୂର୍ବରୁ ଯୌତୁକ ଦାବୀକୁ କେନ୍ଦ୍ର କରି ନିଷ୍ଠୁରତା ଏବଂ ନିର୍ଯ୍ୟାତନା ପ୍ରଦର୍ଶନ କରାଯାଇଥିବାର ପ୍ରମାଣ ହୁଏ, ତେବେ ଅଦାଲତ ଧରିନେବେ ଯେ ସେହି ମହିଳାଙ୍କୁ ଯୌତୁକ କାରଣରୁ ତାଙ୍କ ସ୍ୱାମୀ ଓ ସ୍ୱାମୀଙ୍କ ସଂପର୍କୀୟ ମାନେ ହତ୍ୟା କରିଛନ୍ତି।

**ଓଡିଶା ନିୟମାବଳୀ ଓ ସଂଶୋଧନ-**

ଓଡିଶାରେ ଯୌତୁକ ଆଇନ୍‌ର ସଂଶୋଧନ ୧୯୭୫ରେ ଗୃହୀତ ହୋଇଥିଲା। ଏହି ସଂଶୋଧନ ଅନୁଯାୟୀ ଯଦି ଜଣେ ବ୍ୟକ୍ତି ଯୌତୁକ କାରଣରୁ ତାଙ୍କ ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରନ୍ତି, ତେବେ ସେ ଏକବର୍ଷ ଜେଲ୍ ବା ଦଶ ହଜାର ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ସେହି ବ୍ୟକ୍ତି ଅଦାଲତ ସାମନାରେ ଅଙ୍ଗୀକାର କରନ୍ତି ଯେ ସେ ଆଉ ଯୌତୁକ ପାଇଁ ଦାବୀ କରିବେ ନାହିଁ କିମ୍ବା ପତ୍ନୀଙ୍କୁ ଦାମ୍ପତ୍ୟ ସୁଖରୁ ବଞ୍ଚିତ କରିବେ ନାହିଁ, ତେବେ ଅଦାଲତ ତାଙ୍କବିରୁଦ୍ଧରେ ଆରମ୍ଭ ହୋଇଥିବା କାର୍ଯ୍ୟବିଧିକୁ ବନ୍ଦ କରିଦେଇପାରନ୍ତି। କିନ୍ତୁ ଯଦି ପତ୍ନୀ ପୁଣି ଅଭିଯୋଗ କରନ୍ତି ଯେ, ତାଙ୍କ ସ୍ୱାମୀ ସେହି ଅଙ୍ଗୀକାର ପାଳନ କରିବାରେ ବ୍ୟର୍ଥ ହୋଇଛନ୍ତି, ତେବେ ଅଦାଲତ ପୁଣି ଉକ୍ତ କାର୍ଯ୍ୟବିଧିକୁ ଚାଲୁ କରିପାରନ୍ତି ଏବଂ ଏପ୍ରକାର ଉଲ୍ଲଂଘନ ପାଇଁ ଜୋରିମାନା ବାବଦରେ ଲାଗୁ କରାଯାଇଥିବା ଅର୍ଥରାଶିକୁ ପତ୍ନୀଙ୍କୁ ଦେବାପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ଏହାଛଡା ଏହି ସଂଶୋଧନରେ ପୁଣି କୁହାଯାଇଛି ଯେ, ଉପରୋକ୍ତ ପ୍ରକାରେ ଉଲ୍ଲଂଘନ କରୁଥିବା ସ୍ୱାମୀଙ୍କ ଠାରୁ ସ୍ତ୍ରୀ ଯଦି ଭରଣପୋଷଣ ଦାବୀ କରନ୍ତି, ତେବେ ଅଦାଲତ ସର୍ବାଧିକ ମାସିକ ଭତ୍ତା ଦେବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ସ୍ୱାମୀ ଯଦି ଏହି ଭରଣପୋଷଣ ଭତ୍ତା ପ୍ରଦାନ ନକରନ୍ତି, ତାହା ତାଙ୍କ ସମ୍ପତ୍ତିରୁ ଆଦାୟ କରାଯିବ ଏବଂ ଭତ୍ତା ଦେବା ପାଇଁ ସ୍ୱାମୀଙ୍କ ଉପରେ ଆଦେଶ ଜାରି ହେଲା ପରେ ସ୍ୱାମୀ ତାଙ୍କର ସମ୍ପତ୍ତିକୁ ହସ୍ତାନ୍ତର କରିପାରିବେ ନାହିଁ। ଯଦି ସେ ସମ୍ପତ୍ତି ହସ୍ତାନ୍ତର କରନ୍ତି, ତେବେ ଏହି ହସ୍ତାନ୍ତର ଅସିଦ୍ଧ ଘୋଷଣା ହେବ। ଉପରୋକ୍ତ ସଂଶୋଧନ ଛଡା ଓଡିଶା ସରକାର ୨୦୦୦ ମସିହାରେ ଯୌତୁକ ନିରୋଧ ଆଇନ୍, ୧୯୬୧ ଅଧୀନରେ ରାଜ୍ୟ ନିୟମାବଳୀ ବିଜ୍ଞପ୍ତି କରିଛନ୍ତି। ଏହି ନିୟମାବଳୀ ଅଧୀନରେ ରାଜ୍ୟ ସରକାର ଯୌତୁକ ନିବାରଣ ଅଧିକାରୀ ନିଯୁକ୍ତ କରିବେ ଏବଂ ତାଙ୍କର କାର୍ଯ୍ୟାବଳୀ ଭିତରେ ଅନ୍ତର୍ଭୁକ୍ତ ରହିବ ଏହିସବୁ ଅତିରିକ୍ତ ଦାୟିତ୍ୱ, ଯଥା, ଶିବିରମାନ ଆୟୋଜନ କରି ଜନସଚେତନତା ସୃଷ୍ଟି, ପରିବାର ପରାମର୍ଶ କେନ୍ଦ୍ର ବା ଅନ୍ୟ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଜରିଆରେ ପରାମର୍ଶ ପ୍ରଦାନ ଓ ଅଭିଯୋଗ ମୀମାଂସା, ପୋଲିସ୍ ସହ ସମନ୍ୱୟ ରଖି ଅଭିଯୋଗଗୁଡିକର ଅନୁସନ୍ଧାନ ଏବଂ ମୀମାଂସାକୁ କ୍ଷିପ୍ରକରାଇବା, ସରକାରୀ ଅଭିଯୋଜକଙ୍କୁ ପରାମର୍ଶ ପ୍ରଦାନ କରିବା, ଜିଲ୍ଲା ମାଜିଷ୍ଟ୍ରେଟ୍, ଏସ୍.ପି. ସମାଜମଙ୍ଗଳ ନିର୍ଦ୍ଦେଶକ ଏବଂ ରାଜ୍ୟ ମହିଳା କମିଶନ୍‌ଙ୍କ ନିକଟକୁ ତ୍ରୈମାସିକ ବିବରଣୀ ପ୍ରଦାନ, ପ୍ରତି ମାମଲା ସଂବନ୍ଧରେ ଅଭିଲେଖଗୁଡିକର ଅନୁରକ୍ଷଣ ତଥା ସ୍ୱତନ୍ତ୍ର ଭାବେ ଗଠିତ ହୋଇଥିବା ଉପଦେଷ୍ଟା ପରିଷଦଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ତଥା କୌଣସି ଏକ ନିର୍ଦ୍ଦିଷ୍ଟ ମାମଲା ପ୍ରତି ସେମାନଙ୍କର ଧ୍ୟାନ ଆକର୍ଷଣ କରିବା। ଏହି ନିୟମାବଳୀ ଅନୁଯାୟୀ ଯୌତୁକ ନିବାରଣ ଅଧିକାରୀ ଅଭିଯୋଗ ଗ୍ରହଣ କରିବେ, ଅନୁସନ୍ଧାନ କରିବେ, ଶୁଣାଣି କରିବେ ଏବଂ ଫଇସଲା କରିବେ ଏବଂ ଏହି କାର୍ଯ୍ୟ ସଂପାଦନ ପାଇଁ ସେ ଅନ୍ୟ ଅଧିକାରୀମାନଙ୍କର ସହାୟତା ଲୋଡିପାରନ୍ତି। ଫୌଜଦାରି କାର୍ଯ୍ୟବିଧି ସଂହିତାରେ ସବ୍-ଡିଭିଜନାଲ୍ ଅଧିକାରୀଙ୍କୁ ଯେଉଁସବୁ କ୍ଷମତା ଅର୍ପଣ କରାଯାଇଛି, ତାହାସବୁ ଯୌତୁକ ନିବାରଣ ଅଧିକାରୀ ପ୍ରୟୋଗ କରିପାରିବେ। ସେ ଯେତେବେଳେ ଚାହିଁବେ ବିବାହର ଯେ କୌଣସି ପକ୍ଷ ନିଜ ପାଖରେ ରଖିଥିବା ଉପହାରସମୂହର ତାଲିକା ତାଙ୍କୁ ଯୋଗାଇଦେବେ। **ଏହାଛଡା** ପ୍ରତି ଜିଲ୍ଲାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସୁପାରିଶ୍ ମତେ ସରକାର ୫ ଜଣ ସମାଜ କଲ୍ୟାଣ କର୍ମୀଙ୍କୁ ନେଇ ଏକ ଉପଦେଷ୍ଟା ପରିଷଦ ନିଯୁକ୍ତ କରିବେ, ଯେଉଁମାନଙ୍କ ଭିତରେ ସଂପୃକ୍ତ ଯୌତୁକ ନିବାରଣ ଅଧିକାରୀଙ୍କ କ୍ଷେତ୍ରାଧିକାର ଅଧୀନସ୍ଥ ଅଞ୍ଚଳର ଅନ୍ୟୂନ ଦୁଇଜଣ ମହିଳା ଥିବେ। ଉପଦେଷ୍ଟା ପରିଷଦରେ ସମାଜର ଦୁର୍ବଳତର ଗୋଷ୍ଠୀ ଓ ଆଇନ୍ କ୍ଷେତ୍ରରୁ ଯଥୋଚିତ ପ୍ରତିନିଧିତ୍ୱ ରହିବ। ଯୌତୁକ ନିବାରଣ ଅଧିକାରୀ ପରିଷଦର ଆବାହକ ରୂପେ କାର୍ଯ୍ୟ ତୁଲାଇବେ କିମ୍ବା ତାଙ୍କ ସ୍ଥାନରେ ତାଙ୍କ କାର୍ଯ୍ୟ ତୁଲାଇବା ପାଇଁ ସେ ତାଙ୍କ ପସନ୍ଦ ମୁତାବକ ଜଣେ ଅଧସ୍ତନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି। ପରିଷଦର ମୁଖ୍ୟ ଦାୟିତ୍ୱ ହେବ, ଯୌତୁକ ନିବାରଣ ଅଧିକାରୀଙ୍କ ତ୍ରୈମାସିକ ବିବରଣୀଗୁଡିକୁ ଆଲୋଚନା କରିବା; ଯୌତୁକ ନିବାରଣ ଅଧିକାରୀ ଯାହା ଏବଂ ଯେତେବେଳେ ଆବଶ୍ୟକ କରିବେ, ତଦନୁଯାୟୀ ତାଙ୍କୁ ପରାମର୍ଶ ଏବଂ

ସହାୟତା ପ୍ରଦାନ କରିବା; ଏବଂ ଯୌତୁକ ସମସ୍ୟାକୁ ନେଇ ଅନ୍ୟ କୌଣସି ବ୍ୟାପାରରେ ଆଲୋଚନା କରିବା ଏବଂ ଯୌତୁକ ନିବାରଣ ଅଧିକାରୀଙ୍କୁ ନିଜର ମତ ଜଣାଇଦେବା।

**ଆନ୍ଧ୍ର ପ୍ରଦେଶ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସଂଶୋଧିତ ଯୌତୁକ ନିରୋଧ ଆଇନ୍, ୧୯୯୮**

ଆନ୍ଧ୍ରପ୍ରଦେଶ ରାଜ୍ୟ ସରକାର ଯୌତୁକ ନିରୋଧ ଆଇନ୍‌ର ଯେଉଁ ସଂଶୋଧନ ଆଣିଲେ, ତଦ୍ଦ୍ୱାରା କେବଳ ଯୌତୁକ ଦେବା ଏବଂ ନେବା ନିୟନ୍ତ୍ରିତ ହେଲା ନାହିଁ, ବରଂ ଯୌତୁକ ଜନିତ ଅନ୍ୟ କେତେକ ଅପରାଧର ପ୍ରାଦୁର୍ଭାବ ହ୍ରାସ ପାଇବାରେଲାଗିଲା । ଏହି ସଂଶୋଧନ ଅନୁସାରେ ଯଦି କୌଣସି ଆଇନ୍ ବିରୋଧି ବିବାହ ଅନୁଷ୍ଠିତ ହେଉଥାଏ, ତେବେ ସେ ଗ୍ରାମର ସରପଞ୍ଚ, ପ୍ରଶାସନ ଅଧିକାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ବିବାହ ଉତ୍ସବରେ ଯୋଗଦାନ କରିବା ପୂର୍ବକ ବିବରଣୀ ସଂଗ୍ରହ କରି ମଣ୍ଡଳ ରାଜସ୍ୱ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ଏହି ବିବରଣୀ ପାଇବା ପରେ ରାଜସ୍ୱ ଅଧିକାରୀ ୩ ଦିନ ମଧ୍ୟରେ ଏକ ମକଦ୍ଦମା ଦାୟର କରିପାରିବେ ଏବଂ ଏହି ଅଧିକାରୀ ଏପରି ସବୁ ଘଟଣାର ମାସିକ ବିବରଣୀ ଉପଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କ ନିକଟରେ ଦାଖଲ କରିବେ ଏବଂ ପୀଡିତାଙ୍କୁ ଯେପରି ନ୍ୟାୟ ମିଳିବ ସେପରି ଉଦ୍ୟମ କରିବେ।

ଯୌତୁକ ନିରୋଧ ଆଇନ୍ କେବଳ କେନ୍ଦ୍ରୀୟ ସ୍ତରରେ ନୁହେଁ, ଓଡିଶା ସମେତ ବିଭିନ୍ନ ରାଜ୍ୟରେ ସଂଶୋଧନ ହୋଇସାରିଲାଣି। କିନ୍ତୁ ଏହା ସମାଜରୁ ଯୌତୁକ ପ୍ରଥାକୁ ହ୍ରାସ କରିବାରେ ସମର୍ଥ ହୋଇ ପାରିନାହିଁ। ଯଦିଓ ମହିଳାମାନଙ୍କ ସ୍ଥିତିର ଉନ୍ନତି ବିଧାନ ପାଇଁ ବହୁ ଆନ୍ଦୋଳନ ଓ ଉଦ୍ୟମ ଜାରି ରହିଛି, ତଥାପି ସମାଜରେ ମହିଳାଙ୍କୁ ନ୍ୟୁନ କରି ଦେଖିବାର ମନୋବୃତ୍ତିର ମୌଳିକ ପରିବର୍ତ୍ତନ ସମ୍ଭବ ହୋଇ ପାରିନାହିଁ। ସେଥିପାଇଁ ସମାଜ ଯୌତୁକ ପରି ଏକ ଅନ୍ତର୍ଘାତୀ କୁପ୍ରଥା କବଳରୁ ମୁକ୍ତି ପାଇପାରୁ ନାହିଁ। ଗୋଟିଏ ପଟରେ ଯୌତୁକ ନିରୋଧ ଆଇନ୍ ଲାଗୁ ହୋଇଛି, ଅନ୍ୟପଟରେ ଆଇନ୍ କବଳରୁ ରକ୍ଷା ପାଇବା ପାଇଁ ନାନାଦି କୂଟକପଟର ଆଶ୍ରୟ ନିଆଯାଉଛି। ସାମାଜିକ ସ୍ୱୀକୃତି ଲାଭ କରିଥିବା ଏହି କୁପ୍ରଥାକୁ ଆଇନ୍ ସାହାଯ୍ୟରେ ସମ୍ପୂର୍ଣ୍ଣ ବିଲୋପ କରିବା ଏକ ଦୁରୁହ ବ୍ୟାପାର। କିନ୍ତୁ ଏହି କୁପ୍ରଥାର ପ୍ରାଦୁର୍ଭାବକୁ ପ୍ରଶମନ କରିବା ପାଇଁ ସଠିକ୍ ଭାବେ ପ୍ରଣୀତ ହୋଇଥିବା ଏକ ଆଇନ୍ ନିଶ୍ଚିତ ରୂପେ ସହାୟକ। ସୁତରାଂ ପ୍ରଚଳିତ ଆଇନ୍‌କୁ ଅଧିକ ବାସ୍ତବମୁଖୀ କରିବା ଏବଂ ତାହାର ନିଷ୍ପାପର କାର୍ଯ୍ୟାନ୍ୱୟନ ସହିତ ମହିଳା ସମାଜକୁ ଏମିତି ସଶକ୍ତୀକରଣ କରିବା ପାଇଁ ଉଦ୍ୟମ କରାଯିବା ଉଚିତ୍ ଯେ, କୌଣସି ମହିଳା ନିଜେ ଯୌତୁକ ବିନିମୟରେ ବାହା ହେବାକୁ ଚାହିଁବନି, ଏବଂ ଅନ୍ୟପଟରେ ତା'ର ବିବାହ ବାବଦକୁ କେହି ଯୌତୁକ ଦାବୀ କରିବାକୁ ସାହାସ କରିବେନି।

**ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧**

ଜଣେ ମହିଳା ବିଭିନ୍ନ ଯଥାର୍ଥ କାରଣରୁ ଗର୍ଭପାତ କରିବା ଆବଶ୍ୟକ ପଡିପାରେ। ଏବେ ବି ଯଦି ଜଣେ ଅବିବାହିତ ଝିଅ ବା ବିଧବା ଗର୍ଭବତୀ ହୋଇପଡନ୍ତି ସେ ଯେମିତି ହେଲେ ଗର୍ଭନଷ୍ଟ କରିବାକୁ ଚାହିଁବେ। ଓଡିଶା ଭଳି ରାଜ୍ୟରେ ଏକ ଆଇନ୍ ଅଛି ଯେ, ଯାହାର ଦୁଇଟିରୁ ଅଧିକ ପିଲା ଥିବେ, ସେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେନି ଏବଂ ଜଣେ ଜିତିବା ପରେ ଯଦି ତୃତୀୟ ସନ୍ତାନ ପ୍ରସବ କରନ୍ତି, ତେବେ ତାଙ୍କୁ ପଦବୀ ହରାଇବାକୁ ପଡିବ। ତେଣୁ ବହୁ ମହିଳା ଏଥିପାଇଁ ମଧ୍ୟ ଗର୍ଭନଷ୍ଟ କରିବା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। କିନ୍ତୁ ଯଥାର୍ଥ କାରଣ ନଥାଇ ମଧ୍ୟ ବିଭିନ୍ନ ପ୍ରକାର କୁସଂସ୍କାର ଯୋଗୁଁ ଅତୀତରୁ ଏ ଯାବତ୍ ଗର୍ଭପାତ କରାହୋଇ ଆସୁଛି। ଏକଥା ସତ, ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ଅଧ୍ୟାୟ-୧୬(ମାନବ ଶରୀରକୁ କ୍ଷତିଗ୍ରସ୍ତ କରୁଥିବା ଅପରାଧମାନ)ର ଦଫା-୩୧୨ରୁ ୩୧୬ରେ ବେଆଇନ୍ ଢଙ୍ଗରେ କରାଯାଉଥିବା ଉଭୟ ଗର୍ଭପାତ ଏବଂ ଶିଶୁହତ୍ୟାକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ ବେଆଇନ୍ ଗର୍ଭପାତ ଭଳି ସମସ୍ୟାକୁ ରୋକାଯାଇ ପାରିଲା ନାହିଁ , ଏବଂ ଗର୍ଭପାତ ପ୍ରକ୍ରିୟାରେ କେବଳ ଶିଶୁ ନୁହେଁ, ଗର୍ଭବତୀମା'ମାନଙ୍କର ଜୀବନ ଓ ସ୍ୱାସ୍ଥ୍ୟ ବିପନ୍ନ ହେବାକୁ ଲାଗିଲା। ପୁଣି ଅନ୍ୟପଟରେ ନାରୀ ଜାଗରଣ ଆଗେଇବା ସହିତ ଗର୍ଭଧାରଣ ପାଇଁ ଅଧିକାର କେବଳ ମହିଳାର ଅଛି ଏବଂ ସେ ଚାହିଁଲେ ଗୋଟିଏ ଅବାଂଛିତ ଗର୍ଭକୁ ନଷ୍ଟ କରିପାରିବ, ଏପ୍ରକାର ଚେତନା ସାରା ବିଶ୍ୱରେ ପ୍ରସାର ଲାଭ କଲା ଏବଂ ଭାରତୀୟ

ନାରୀସମାଜର ଅଗ୍ରଣୀ ଗୋଷ୍ଠୀଙ୍କୁ ଉଦ୍‌ବୁଧ କଲା। ପୁଣି ଡାକ୍ତରୀ ବିଜ୍ଞାନର ପ୍ରଭୂତ ବିକାଶ ଯୋଗୁଁ ମା'ର ଜୀବନକୁ ବିପନ୍ନ ନକରି କିଭଳି ସହଜ ଉପାୟରେ ଗର୍ଭପାତ କରିହେବ, ତାହା ମଧ୍ୟ ଆମଦେଶରେ ସମ୍ଭବ ହୋଇପାରିଲା। ଅତୀତରେ ଯେଭଳି ଗାଁଗହଳିର ଅଶିକ୍ଷିତ ଧାଇମାନଙ୍କ ଦ୍ୱାରା ଗର୍ଭପାତ କରାଯାଉଥିଲା, ତାହା ପରିବର୍ତ୍ତେ ବିଧିବଦ୍ଧଭାବେ ପ୍ରତିଷ୍ଠିତ ଡାକ୍ତରଖାନାଗୁଡିକରେ ସ୍ୱଳ୍ପ ସମୟ, ସ୍ୱଳ୍ପ ବ୍ୟୟ ଏବଂ ସହଜ ଢଙ୍ଗରେ ଗର୍ଭପାତ କରାଇବାର ସମ୍ଭାବନା ଆମଦେଶରେ ଦେଖାଦେଲା। ଏସବୁର ଫଳଶ୍ରୁତି ରୂପେ ଆମ ଦେଶରେ ପ୍ରବର୍ତ୍ତୀତ ହୋଇଛି ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ ଏବଂ ନିୟମାବଳୀ, ୨୦୦୩, ଯାହାକୁ ମାନିବା ପାଇଁ ସମସ୍ତ ରାଜ୍ୟ ସରକାର ବାଧ୍ୟ।

**ଗର୍ଭପାତ ଆଇନ୍ ଓ ନିୟମାବଳୀର ପ୍ରମୁଖ ପ୍ରାବ୍‌ଧାନମାନ-**

- ମାନସିକ ଭାବେ ସୁସ୍ଥ ଥିବା ପ୍ରତ୍ୟେକ ସାବାଳକ ମହିଳାଙ୍କ ପ୍ରତ୍ୟକ୍ଷ ସମ୍ମତି ବିନା ଗର୍ଭପାତ କରାଯାଇ ପାରିବ ନାହିଁ।
- ଧର୍ଷଣ କାରଣରୁ ଜଣେ ମହିଳା ଗର୍ଭବତୀ ହୋଇପଡିଥିଲେ, ତାଙ୍କର ମତ ନେଇ ତାଙ୍କର ଗର୍ଭପାତ କରାଯାଇପାରିବ।
- ଜନ୍ମ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ମଧ୍ୟ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କର ଗର୍ଭପାତ କରାଯାଇପାରିବ।
- ଅଭିଭାବକଙ୍କର ବିନାନୁମତିରେ ୧୮ ବର୍ଷରୁ କମ୍ ବୟସର ମହିଳାଙ୍କର ଗର୍ଭପାତ ଆଇନ୍‌ସଂଗତ ନୁହେଁ।
- ଯଦି କୌଣସି ମାନସିକ ବିକୃତି ଥିବା ମହିଳାଙ୍କର ଗର୍ଭପାତ କରାଯାଏ, ତେବେ ତାଙ୍କର ଅଭିଭାବକଙ୍କର ଲିଖିତ ଅନୁମତି ଆବଶ୍ୟକ।
- କେବଳ ସରକାରୀ ଏବଂ ସ୍ୱୀକୃତି ପ୍ରାପ୍ତ ବେସରକାରୀ ଡାକ୍ତରଖାନାରେ ଗର୍ଭପାତ କରାଯାଇ ପାରିବ ।
- ଯେଉଁସ୍ଥଳେ ଗର୍ଭଧାରଣର ଅବଧି ୧୨ସପ୍ତାହକୁ ଅତିକ୍ରମ କରିନଥାଏ ସେପରି ସ୍ଥଳେ ଜଣେମାତ୍ର ପଞ୍ଜିକୃତ ଡାକ୍ତରଙ୍କ ମତ ନିଆଯାଇ ଗର୍ଭପାତ କରାଯାଇପାରିବ। ଯେଉଁ ଗର୍ଭଧାରଣର ଅବଧି ୧୨ସପ୍ତାହ ରୁ ୨୦ସପ୍ତାହଭିତରେ ହୋଥାଏ, ସେପରି ସ୍ଥଳେ ଗର୍ଭପାତ ପାଇଁ ଅନ୍ୟୂନ ଦୁଇଜଣ ପଞ୍ଜିକୃତ ଡାକ୍ତରଙ୍କ ସହମତି ଲୋଡା।
- ଉପରୋକ୍ତ ଡାକ୍ତରମାନଙ୍କ ମତରେ ଯଦି ଗର୍ଭଧାରଣ ଅବ୍ୟାହତ ରହିଲେ ଅନ୍ତସତ୍ତ୍ୱା ମହିଳାଙ୍କର ଜୀବନ ପ୍ରତି ବିପଦ ରହିଛି କିମ୍ବା ତାଙ୍କର ଶାରିରୀକ ବା ମାନସିକ ସ୍ୱାସ୍ଥ୍ୟ ଗଭୀରଭାବେ କ୍ଷତିଗ୍ରସ୍ତ ହୋଇପାରେ; କିମ୍ବା ଯଦି ପିଲାଟି ଜନ୍ମ ନିଏ, ତେବେ ସେ ଏକ ଗୁରୁତର ଭାବେ ବିକଳାଙ୍ଗ ହୋଇ ଜନ୍ମ ନେବ, ତେବେ ଗର୍ଭପାତ ଆଇନ୍‌ସିଦ୍ଧ।
- କିନ୍ତୁ ଯେଉଁସ୍ଥଳେ ଜଣେ ପଞ୍ଜିକୃତ ଡାକ୍ତର ଅନୁଭବ କରିବେ ଯେ ଜଣେ ଗର୍ଭବତୀ ମହିଳାଙ୍କର ଜୀବନ ବଞ୍ଚାଇବା ପାଇଁ ତତ୍‌କ୍ଷଣାତ୍ ଗର୍ଭପାତ ଜରୁରୀ, ସେ ଗର୍ଭପାତ କରାଇପାରିବେ, ଏବଂ ସେ କ୍ଷେତ୍ରରେ ଗର୍ଭପାତ ପାଇଁ ଉଦ୍ଦିଷ୍ଟ ସ୍ଥାନ ଏବଂ ଗର୍ଭପାତର ସମୟ-ଅବଧିକୁ କେନ୍ଦ୍ର କରି ଆବଶ୍ୟକୀୟ ପେଷାଦାରୀ ଅଭିମତ ସମ୍ବନ୍ଧୀୟ କଟକଣା ଲାଗୁ ହେବନାହିଁ ; ଧାରା- ୫(୧)।
- ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟିର ଅନୁମୋଦନ ବିନା ଅନ୍ୟ କୌଣସି ସ୍ଥାନରେ ସାଧାରଣତଃ ଗର୍ଭପାତ କରାଯିବ ନାହିଁ; ଏହାର ଉଲ୍ଲଂଘନ ପାଇଁ ଅନ୍ୟୂନ ଦୁଇବର୍ଷରୁ ସାତ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଦିଆଯାଇପାରେ।
- ଯଦି ଯଥାବିଧି ପଞ୍ଜିକୃତ ହୋଇନଥିବା ଜଣେ ଡାକ୍ତର ଗର୍ଭପାତ କରାନ୍ତି, ତେବେ ସେ ମଧ୍ୟ ଅନ୍ୟୂନ ଦୁଇବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବେ।

- ଯଦି ଗର୍ଭପାତ କରାଉଥିବା ସଂପୃକ୍ତ ଡାକ୍ତର ନିଜର ମତ ଏବଂ ଗର୍ଭପାତ ସଂବନ୍ଧୀୟ ସୂଚନା ବିନିର୍ଦ୍ଦିଷ୍ଟ ଢଙ୍ଗରେ ନିୟମିତ ପ୍ରେରଣ ନକରନ୍ତି, ତେବେ ସେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ।
- ଗୋଟିଏ ସ୍ଥାନରେ ଗର୍ଭପାତ କରିବା ପାଇଁ ଉପଯୁକ୍ତ ସୁବିଧାମାନ ଅଛି କି ନାହିଁ, ତାହା ନିରୀକ୍ଷଣ କରିବାର ଦାୟିତ୍ୱ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କର। ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, କୌଣସି ଏକ ଅନୁମୋଦିତ ସ୍ଥାନରେ ସେସବୁ ସୁବିଧାସୁଯୋଗ ନାହିଁ ଅଥବା ତାହାର ପରିବେଶ ଅପରିଷ୍କାର ଓ ଅପରିଚ୍ଛନ୍ନ, ତେବେ ସେ ସଂପୃକ୍ତ କମିଟିକୁ ଏବିଷୟରେ ଜଣାଇବେ ଏବଂ ସେହି କମିଟି ଉକ୍ତ ସ୍ଥାନର ଅନୁମୋଦନକୁ ବାତିଲ୍ କରିଦେଇପାରନ୍ତି।

**ଓଡିଶାରେ ଗର୍ଭପାତ ଆଇନ୍‌ର କାର୍ଯ୍ୟକାରିତା-**

ଗର୍ଭପାତ ଆଇନ୍‌ର ଧାରା-୭ ଅନୁଯାୟୀ ଏକ ରାଜ୍ୟ ସରକାର ସଂପୃକ୍ତ ଡାକ୍ତର କେଉଁ ପ୍ରରୂପ (ଫର୍ମ)ରେ ନିଜର ମତ ଏବଂ ଗର୍ଭପାତ ସଂବନ୍ଧୀୟ ସୂଚନାର ଅନୁରକ୍ଷଣ କରିବେ, ତଥା ଯଥାସ୍ଥିତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବେ, ସେ ସମ୍ବନ୍ଧରେ ବିନିୟମାବଳୀ(ରେଗୁଲେସନ୍) ଜାରି କରିବେ, ତଥା ଏହାର ଉଲ୍ଲଂଘନ ପାଇଁ ସର୍ବାଧିକ ଏକ ହଜାର ଟଙ୍କା ମଧ୍ୟରେ ଦଣ୍ଡବିଧାନ ମଧ୍ୟ ସ୍ଥିର କରିବେ। କିନ୍ତୁ କ୍ଷୋଭର ବିଷୟ, ଓଡିଶା ସରକାର ଏହି ବିନିୟମାବଳୀ ଘୋଷଣା କରିନାହାନ୍ତି ଏବଂ ଗର୍ଭପାତ ଆଇନ୍‌ର ସୁଚାରୁ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି, ଯାହା ଫଳରେ ସାଧାରଣ ମହିଳା ଗର୍ଭପାତ ପାଇଁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେବା ସହିତ ଅବୈଧ ଗର୍ଭପାତର ଘଟଣାବଳୀ ବଢିବଢି ଚାଲିଛି।

## ଲିଂଗ ନିରୁପଣ ନିରୋଧ ଆଇନ୍ ୧୯୯୪

୧୯୭୧ରେ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍ କାର୍ଯ୍ୟକାରୀ ହେବା ପରଠାରୁ ଲକ୍ଷ୍ୟ କରାଗଲା ଯେ, ଏହି ଆଇନ୍ ଅଧୀନରେ ଗର୍ଭପାତ ପାଇଁ ମହିଳାମାନଙ୍କୁ ଦିଆଯାଇଥିବାର ସୁଯୋଗ ନେଇ ଅନେକ ବିବାହିତ ଦମ୍ପତି ଶିଶୁକନ୍ୟା ଜନ୍ମକୁ ଏଡାଇବା ସକାଶେ ଚିକିତ୍ସା-ବିଜ୍ଞାନ କ୍ଷେତ୍ରରେ ଉଦ୍‌ଭାବିତ ହୋଇଥିବା ଅତ୍ୟାଧୁନିକ କୌଶଳ ସାହାଯ୍ୟରେ ଗର୍ଭାବସ୍ଥାରେ ଥିବା ଶିଶୁର ଲିଙ୍ଗ ନିରୂପଣ ସହିତ କନ୍ୟାଭ୍ରୁଣକୁ ନଷ୍ଟ କରିଚାଲିଲେ। ଏହା ଫଳରେ ଦେଶର ଅନେକ ପ୍ରାନ୍ତରେ ମୋଟ ଜନସଂଖ୍ୟାରୁ ମହିଳାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଲା।

ଏଠାରେ ଉଲ୍ଲେଖନୀୟ ଯେ, ଅଲଟ୍ରାସାଉଣ୍ଡ ପଦ୍ଧତି ଦ୍ୱାରା ଦ୍ୱାରା ଜଣେ ଗର୍ଭବତୀ ମହିଳାର ଗର୍ଭାଶୟ ଓ ତହିଁରେ ଶିଶୁଭ୍ରୁଣର ଅବସ୍ଥା ପରୀକ୍ଷା କରାଯାଇଥାଏ, ଯାହାକି ଉଭୟ ମହିଳା ଏବଂ ଶିଶୁର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଅତୀବ ଉପାଦେୟ ବ୍ୟବସ୍ଥା। କିନ୍ତୁ ଏହା ଏକ ବିଡମ୍ବନା ଯେ, ଏହି ପରୀକ୍ଷା ବେଳେ ଗର୍ଭସ୍ଥ ଶିଶୁର ଲିଙ୍ଗ ମଧ୍ୟ ନିରୂପଣ କରାଯାଇପାରେ। ଆମ ଦେଶରେ ଯେହେତୁ କନ୍ୟାଶିଶୁ ପ୍ରତି ଏକ ପାରମ୍ପରିକ ହତାଦର ରହିଆସିଛି, ବହୁ ଦମ୍ପତି ଏହି ପଦ୍ଧତିର ସୁଯୋଗ ନେଇ ଗର୍ଭସ୍ଥ ଶିଶୁର ଲିଂଗ ନିରୂପଣ କଲେ ଏବଂ କନ୍ୟାଶିଶୁ ଗର୍ଭରେ ଥିବା ଜାଣିପାରି ଗର୍ଭପାତ କରାଇଲେ। ଯେହେତୁ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାକେନ୍ଦ୍ରରେ ଗର୍ଭପାତ ହୋଇପାରିବ ବୋଲି ଆଇନ୍‌ଗତ ବ୍ୟବସ୍ଥା ଅଛି, ତେଣୁ ବହୁ ଡାକ୍ତର ଆଗ୍ରହୀ ଦମ୍ପତିମାନଙ୍କ ଠାରୁ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ମନଇଚ୍ଛା କନ୍ୟାଭ୍ରୁଣ ନଷ୍ଟ କରିଚାଲିଲେ। ଏହାର ପରିଣାମ ସ୍ୱରୂପ, ପୁଅ ତୁଳନାରେ ଝିଅ ଜନ୍ମ କମିବାରେ ଲାଗିଲା ଓ ଏହି ଲିଙ୍ଗ ବୈଷମ୍ୟ ଜନସଂଖ୍ୟା ରିପୋର୍ଟରେ ମଧ୍ୟ ପ୍ରତିଫଳିତ ହେଲା। ସୁତରାଂ ଲିଙ୍ଗ ନିରୂପଣ କରିବାକୁ ବେଆଇନ୍ ଘୋଷଣା ପାଇଁ ଦାବୀ କରି ଦେଶର ବହୁ ମହିଳା-ସଂଗଠନ ଆନ୍ଦୋଳନ ଚଳାଇଥିଲେ। ଏହାର ପରିଣତି ସ୍ୱରୂପ, ୧୯୯୪ ମସିହାରେ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ବା ସଂକ୍ଷେପରେ ପି.ଏନ୍.ଡି.ଟି. ଆଇନ୍ ଆମ ସଂସଦରେ ଗୃହୀତ ହୋଇଥିଲା।

**ପି.ଏନ୍.ଡି.ଟି. ଆଇନ୍ ଓ ନିୟମାବଳୀ**

ଏପର୍ଯ୍ୟନ୍ତ ଲିଙ୍ଗ ନିରୂପଣ ନିଷେଧ ସଂକ୍ରାନ୍ତରେ ନିମ୍ନୋକ୍ତ ଆଇନ୍ ଓ ନିୟମାବଳୀ କେନ୍ଦ୍ରୀୟ ସ୍ତରରେ ପ୍ରଣୟନ କରାଯାଇଛି-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) (ଉପଦେଷ୍ଟା କମିଟିସମୂହ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ଆଇନ୍ , ୨୦୦୨
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ନିୟମାବଳୀ, ୨୦୦୩

ପ୍ରଥମେ କନ୍ୟା ଭ୍ରୁଣହତ୍ୟାକୁ ରୋକିବା ଉଦ୍ଦେଶ୍ୟରେ 'ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ପ୍ରଣୀତ ହୋଇଥିଲା ଏବଂ ୧ ଜାନୁଆରି ୧୯୯୬ ଠାରୁ ଏହାର ନିୟମାବଳୀ ସହିତ କାର୍ଯ୍ୟକାରୀ ହେଲା । କିନ୍ତୁ ଏହାର କାର୍ଯ୍ୟକାରିତା ପ୍ରକ୍ରିୟାରେ କେତେକ ଅଭାବ ଓ ଅସୁବିଧା ଦୃଷ୍ଟିଗୋଚର ହେବାରୁ ଏହି ଆଇନ୍‌କୁ ୨୦୦୨ରେ ସଂଶୋଧନ କରାଯାଇଥିଲା । ଏହା ପରେ ପୁଣି ୨୦୦୩ରେ ଏହାର ନିୟମାବଳୀକୁ ସଂଶୋଧନ କରାଗଲା । ବର୍ତ୍ତମାନ ସଂଶୋଧିତ ଆଇନ୍ ଓ ନିୟମାବଳୀର ଶୀର୍ଷକରେ ପ୍ରାକ୍-ଗର୍ଭଧାରଣ ଶବ୍ଦକୁ ଯୋଡି ଦିଆଯାଇଛି, ଯଥା, ବର୍ତ୍ତମାନର ସଂଶୋଧିତ ନିୟମାବଳୀକୁ କୁହାଯାଉଛି, 'ଲିଙ୍ଗ-ଭିତ୍ତିକ ଗର୍ଭପାତ ଉଦ୍ଦେଶ୍ୟରେ ପ୍ରାକ୍-ଗର୍ଭଧାରଣ ଏବଂ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତି (ଲିଙ୍ଗ ନିରୂପଣର ନିଷେଧ) ନିୟମାବଳୀ, ୧୯୯୬' । ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ-ନିରୂପଣ ପଦ୍ଧତିଗୁଡିକର ବ୍ୟବହାର ତଥା ଲିଙ୍ଗ-ଭିତ୍ତିକ ଗର୍ଭପାତ ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡିକୁ ନିଷିଦ୍ଧ କରିବା ତଥା ଏହିସବୁ ପଦ୍ଧତିର ବ୍ୟବହାରକୁ ନିୟନ୍ତ୍ରଣ କରିବା ।

**ପି.ଏନ୍.ଡି.ଟି. ଆଇନ୍‌ର ମୁଖ୍ୟ ବୈଶିଷ୍ଟ୍ୟମାନ-**

- ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- ଅଲ୍‌ଟ୍ରା-ସୋନୋଗ୍ରାଫି ଏବଂ ଆମ୍ନିଓସେଣ୍ଟୋସିସ୍‌ର ପ୍ରୟୋଗ ଦ୍ୱାରା ଏକ ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- କେବଳ ଚିକିତ୍ସା ପ୍ରୟୋଜନରୁ କୌଣସି ଅସ୍ୱାଭାବିକ ବୈଶିଷ୍ଟ୍ୟ, ବିଶୃଙ୍ଖଳା ଏବଂ ଜନ୍ମଜାତ ଅସଙ୍ଗତିକୁ ଠାବ କରିବା ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡିକୁ ବ୍ୟବହାର କରାଯାଇପାରେ, କିନ୍ତୁ ଭ୍ରୁଣର ଲିଙ୍ଗ-ନିରୂପଣ ପାଇଁ ନୁହେଁ ; ଏବଂ ଏହି ପଦ୍ଧତିଗୁଡିକର ବ୍ୟବହାର ପାଇଁ କେବଳ ପ୍ରସୂତି କ୍ଷେତ୍ରରେ ନିୟୋଜିତ ଥିବା ଚିକିତ୍ସା, ଗବେଷଣା ଏବଂ ପରାମର୍ଶ କେନ୍ଦ୍ରମାନଙ୍କୁ ଅନୁମତି ଦିଆଯାଇଥାଏ, ଏବଂ ଏହି କେନ୍ଦ୍ରଗୁଡିକ ଏହି ଆଇନ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ବିଧେୟ ;
- କୌଣସି ବ୍ୟକ୍ତି, ଏପରିକି ବନ୍ଧ୍ୟାତ୍ୱ ଉପରେ କାମ କରୁଥିବା ଜଣେ କି ଦଳେ ବିଶେଷଜ୍ଞ କୌଣସି ପୁରୁଷ ଅବା ମହିଳା ଅବା ଉଭୟଙ୍କ ଠାରୁ ସଂଗ୍ରହ କରିଥିବା କୌଣସି ପେଶୀ, ଭ୍ରୁଣ, ଗର୍ଭ, ତରଳ ପଦାର୍ଥ, ବା ବୀଜାଣୁକୁ ଲିଙ୍ଗ ନିରୂପଣ ଉଦ୍ଦେଶ୍ୟରେ ବ୍ୟବହାର କରିବେ ନାହିଁ ବା ଏତାଦୃଶ କାର୍ଯ୍ୟରେ ସହଯୋଗ କରିବେ ନାହିଁ ;

- ଅଲଟ୍ରା-ସାଉଣ୍ଡ ସ୍କାନ୍ କରୁଥିବା ସମସ୍ତ ଚିକିତ୍ସା କେନ୍ଦ୍ର ପଞ୍ଜିକୃତ ହେବେ ଏବଂ ଇଂରାଜୀ ବା ସ୍ଥାନୀୟ ଭାଷାରେ ଏକ ସୁଦୃଶ୍ୟ ସ୍ଥାନରେ ଏକଥା ଲେଖିବେ ଯେ, "ଭ୍ରୁଣର ଲିଙ୍ଗ ନିରୂପଣ ଆଇନ୍ ବଳରେ ନିଷିଦ୍ଧ ହୋଇଛି" ;

- ଜଣେ ଗର୍ଭବତୀ ମହିଳାଙ୍କ ଉପରେ ଅଲଟ୍ରାସୋନୋଗ୍ରାଫି କରୁଥିବା ପ୍ରତି ବ୍ୟକ୍ତି ତାଙ୍କର ପ୍ରତି ରିପୋର୍ଟରେ ଏକ ଘୋଷଣା ପ୍ରଦାନ କରିବେ ଯେ, ସେ ଭ୍ରୁଣର ଲିଙ୍ଗ ନିରୂପଣ କରିନାହାନ୍ତି କିମ୍ବା ଭ୍ରୁଣର ଲିଙ୍ଗ ବିଷୟରେ ସଂପୃକ୍ତ ଗର୍ଭବତୀ ମହିଳାଙ୍କୁ କିମ୍ବା ତାଙ୍କର ସଂପର୍କୀୟ ମାନଙ୍କୁ ମୌଖିକ ଭାବେ ବା ସାଙ୍କେତିକ ଢଙ୍ଗରେ କିମ୍ବା ଅନ୍ୟ କୌଣସି ପ୍ରକାରେ କିଛି ପ୍ରକାଶ କରିନାହାନ୍ତି ;

- ଯଦି ଜଣେ ଡାକ୍ତର ବା ଗୋଟିଏ ଚିକିତ୍ସା କେନ୍ଦ୍ର ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣ ପରୀକ୍ଷା ପାଇଁ କୌଣସି ବିଜ୍ଞାପନ ଦେଇଥାନ୍ତି, ତେବେ ତାଙ୍କ ଉପରେ ଏହି ଆଇନ୍ ଅନୁଯାୟୀ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରେ ; ଏବଂ

- ଏହି ଆଇନ୍ ଅଧୀନସ୍ଥ ଅପରାଧଗୁଡିକ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଏବଂ ରଫା-ରହିତ ଅଟେ ।

**ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ କର୍ତ୍ତୃପକ୍ଷଗଣ-**

ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ଯଥୋଚିତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି । ପ୍ରତି ରାଜ୍ୟ ସରକାର ଆବଶ୍ୟକ ମତେ ଏକ ବା ଏକାଧିକ ଯଥୋଚିତ କର୍ତ୍ତୃପକ୍ଷ ଗଠନ କରିପାରନ୍ତି । ପ୍ରତି କର୍ତ୍ତୃପକ୍ଷଙ୍କୁ ସହାୟତା ଏବଂ ପରାମର୍ଶ ପ୍ରଦାନ କରିବାକୁ ରହିବେ ଉପଦେଷ୍ଟା କମିଟି । **ରାଜ୍ୟସ୍ତରୀୟ ଯଥୋଚିତ କର୍ତ୍ତୃପକ୍ଷ**ର ସଦସ୍ୟ ରହିବେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବା ତଦୁର୍ଦ୍ଧ୍ୱ ପାହ୍ୟାର ଜଣେ ଅଧିକାରୀ (ସେ ମଧ୍ୟ ଏହାର ଅଧ୍ୟକ୍ଷ ରହିବେ), ମହିଳା ସଂଗଠନଗୁଡିକୁ ପ୍ରତିନିଧିତ୍ୱ କରୁଥିବା ଜଣେ ବିଶିଷ୍ଟ ମହିଳା, ଏବଂ ଆଇନ୍ ବିଭାଗର ଜଣେ ଅଧିକାରୀ ( ଯେ କି ଆଇନ୍ ଅଧିକାରୀ ରୂପେ ପରିଚିତ ହେବେ) । ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନା ମତେ ଜିଲ୍ଲା ସ୍ତରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ବା ସିଭିଲ୍ ସର୍ଜନ୍‌ଙ୍କୁ ଯଥୋଚିତ କର୍ତ୍ତୃପକ୍ଷଭାବେ ଘୋଷଣା କରାଯାଇଛି । କିନ୍ତୁ ଉପ-ଜିଲ୍ଲା ସ୍ତରର ବ୍ୟବସ୍ଥା ପ୍ରତି ରାଜ୍ୟ ପାଇଁ ଭିନ୍ନ ଭିନ୍ନ ହୋଇପାରେ ।

**ଯଥୋଚିତ କର୍ତ୍ତୃପକ୍ଷଙ୍କର ମୁଖ୍ୟ କାର୍ଯ୍ୟାବଳୀ-**

- ପଞ୍ଜୀକରଣକୁ ମଞ୍ଜୁର, ନିଲମ୍ବନ ଓ ରଦ୍ଦ କରିବା ।

- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ର ଗୁଡିକ ଉପରେ ଅନୁସରଣୀୟ ମାନଦଣ୍ଡସମୂହକୁ ଲାଗୁ କରିବା ।

- ଆଇନ୍‌ର ପ୍ରାବ୍‌ଧାନଗୁଡିକର ଉଲ୍ଲଂଘନ ସମ୍ବନ୍ଧରେ ଅଭିଯୋଗଗୁଡିକର ଅନୁସନ୍ଧାନ କରିବା ।

- ଅଭିଯୋଗଗୁଡିକୁ ଅଦାଲତରେ ଦାଖଲ କରିବା ।

- ଜନସଚେତନତା ସୃଷ୍ଟି କରିବା ।

- କୌଣସି ବ୍ୟକ୍ତି ଦ୍ୱାରା କୌଣସି ସ୍ଥାନରେ ଲିଙ୍ଗ ନିରୂପଣ ପଦ୍ଧତି ବ୍ୟବହାର କରାଯାଉଥିଲେ, ତାଙ୍କ ବିରୁଦ୍ଧରେ ନିଜ ତରଫରୁ ବା ଆଉ କାହା ଦ୍ୱାରା ସୂଚୀତ ହୋଇ ଯଥୋଚିତ କାନୁନୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ତଥା ଏହି ବ୍ୟାପାରରେ ନିଜେ ସ୍ୱାଧୀନ ଭାବେ ଅନୁସନ୍ଧାନ ଆରମ୍ଭ କରିବା ।

- ଉପଦେଷ୍ଟା କମିଟି ଠାରୁ ପରାମର୍ଶ ଗ୍ରହଣ କରିବା ।

କିନ୍ତୁ ଯଦି ଏକ ଅଭିଯୋଗ ମିଳିବାର ୧୫ ଦିନ ଭିତରେ ଯଥୋଚିତ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବ୍ୟର୍ଥ ହୁଅନ୍ତି, ତେବେ ଜଣେ ଜନସ୍ୱାର୍ଥ-ପ୍ରଣୋଦିତ ବ୍ୟକ୍ତି ଏହି ବ୍ୟାପାରକୁ ନେଇ ସିଧାସଳଖ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ। ଏହି ଆଇନ୍ ଅଧୀନସ୍ଥ ଅଭିଯୋଗକୁ ଯଥାସ୍ଥିତି ଜଣେ ପ୍ରଥମ-ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ନତୁବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦଲତ ବିଚାର କରିବେ।

## ପି.ଏନ୍.ଡି.ଟି. ଉପଦେଷ୍ଟା କମିଟି

ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାର ପ୍ରତି ଯଥୋଚିତ କର୍ତ୍ତୃପକ୍ଷଙ୍କୁ ସହାୟତା ଓ ପରାମର୍ଶ ଦେବା ପାଇଁ ଗୋଟିଏ **ଉପଦେଷ୍ଟା କମିଟି** ଗଢ଼ିବେ ଏବଂ ଏହାର ଜଣେ ସଦସ୍ୟଙ୍କୁ ଅଧ୍ୟକ୍ଷ ରୂପେ ମନୋନୀତ କରିବେ। ଏହି କମିଟିର ସଭ୍ୟ ରହିବେ- ୩ ଜଣ ଚିକିତ୍ସା ବିଶେଷଜ୍ଞ (ସ୍ତ୍ରୀରୋଗ, ପ୍ରସୂତି, ଶିଶୁରୋଗ ଏବଂ ପ୍ରଜନନ ବିଭାଗରୁ), ଜଣେ ଆଇନଜ୍ଞ, ରାଜ୍ୟର ସୂଚନା ପ୍ରସାରଣ ବିଭାଗର ଜଣେ ଅଧିକାରୀ, ତଥା ୩ଜଣ ବିଶିଷ୍ଟ ସମାଜସେବୀ ଯେଉଁମାନଙ୍କ ଭିତରୁ ଅନ୍ତତଃ ଜଣେ ମହିଳା ସଂଗଠନଗୁଡ଼ିକର ପ୍ରତିନିଧି ହୋଇଥିବେ। ପଞ୍ଜିକରଣ ପାଇଁ ଏକ ଆବେଦନ କିମ୍ବା ଏକ ପଞ୍ଜିକରଣକୁ ନିଲମ୍ବନ ବା ରଦ୍ଦ କରିବା ପାଇଁ ବିଚାର କରିବା ତଥା ପରାମର୍ଶ ଦେବା ସକାଶେ ଉପଦେଷ୍ଟା କମିଟି ନିଜେ ଚାହିଁବା ମତେ ଯେ କୌଣସି ସମୟରେ ବୈଠକ କରିପାରନ୍ତି ନଚେତ୍ ଯଥୋଚିତ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ବୈଠକରେ ବସିପାରନ୍ତି।

## କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ-

ଏହା ଛଡ଼ା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ କାର୍ଯ୍ୟ କରିବ, ଯେଉଁଥିରେ ବିଭିନ୍ନ ସରକାରୀ ପଦାଧିକାରୀଙ୍କ ସମେତ ସ୍ତ୍ରୀରୋଗ ବିଶେଷଜ୍ଞ, ମହିଳା ସଂଗଠନର ପ୍ରତିନିଧି ଏବଂ କିଛି ସାଂସଦ ସଦସ୍ୟ ରହିବେ। ଏହି ପରିଷଦର କାର୍ଯ୍ୟମାନ ହେଲା-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହର ପ୍ରୟୋଗକୁ କେନ୍ଦ୍ର କରି ନୀତିଗତ ବ୍ୟାପାରରେ ସରକାରଙ୍କୁ ପରାମର୍ଶ ଦେବା ;
- ଆଇନ୍ ଓ ନିୟମାବଳୀର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରିବା ଏବଂ ଆବଶ୍ୟକମତେ ସେଥିରେ ସଂଶୋଧନ ପାଇଁ ସରକାରଙ୍କୁ ସୁପାରିଶ୍ କରିବା;
- ପ୍ରାକ୍-ପ୍ରସବ ଲିଙ୍ଗ ନିରୂପଣ ଏବଂ କନ୍ୟା ଭ୍ରୂଣହତ୍ୟା ସମ୍ବନ୍ଧରେ ଜନଚେତନା ସୃଷ୍ଟି କରିବା;
- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ରଗୁଡ଼ିକରେ କର୍ମରତ ବ୍ୟକ୍ତିମାନଙ୍କ ଆଚାରସଂହିତା ପ୍ରଣୟନ କରିବା; ଏବଂ
- ଅନ୍ୟ ଯାହାକିଛି ବିହିତ ହୋଇପାରେ।

ଏହି ଆଇନ୍ ଅଧୀନରେ କେବଳ କେନ୍ଦ୍ର ସରକାରଙ୍କର ହିଁ ନିୟମାବଳୀ ପ୍ରଣୟନ କରିବାର କ୍ଷମତା ରହିଛି। ଏହାଛଡ଼ା କେନ୍ଦ୍ରୀୟ ପରିବେକ୍ଷଣ ପରିଷଦକୁ ବିନିୟମ ପ୍ରଣୟନର କ୍ଷମତା ଦିଆଯାଇଛି।

## ପି.ଏନ୍.ଡି.ଟି. ଆଇନ୍ ସମ୍ବନ୍ଧରେ କେତେକ ଜାଣିବା କଥା:-

- ସରକାରଙ୍କର ବିନାନୁମତିରେ କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ଏ ପ୍ରକାର ପରୀକ୍ଷା କରିପାରିବେ ନାହିଁ।
- କେବଳ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟଗତ ସ୍ଥିତି ସମ୍ପର୍କରେ ଜାଣିବା ହିଁ ଆଇନ୍ ସଙ୍ଗତ ।

- ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତି ଏହି ପରୀକ୍ଷା କରିବା ପୂର୍ବରୁ ବିଶେଷ ଭାବରେ ୨ଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ। ପରୀକ୍ଷା କରୁଥିବା ମହିଳାଙ୍କର ବୟସ ୩୦ ବର୍ଷରୁ ଅଧିକ ହୋଇଥିବ। (୨) ପୂର୍ବରୁ ୨ଥର କିମ୍ବା ଅଧିକ ଥର ଗର୍ଭପାତ ହୋଇ ନଥିବ।
- ଯଦି ପରୀକ୍ଷା କରୁଥିବା ମହିଳା ବଂଶାନୁକ୍ରମିକଭାବେ ମାନସିକ ସ୍ତରରେ ବିକାରଗ୍ରସ୍ତ ଥିବେ ତେବେ ଅଭିଜ୍ଞ ଡାକ୍ତରଙ୍କର ପରାମର୍ଶ ଚିଠା ଅତ୍ୟନ୍ତ ଆବଶ୍ୟକ।
- ପରୀକ୍ଷା ପାଇଁ ଇଚ୍ଛୁକା ମହିଳାଙ୍କର ଲିଖିତ ସମ୍ମତି ଥିବା ଜରୁରୀ।
- ପରୀକ୍ଷା କରିଥିବା ବ୍ୟକ୍ତି କଥାରେ, ଲିଖିତ ଭାବେ ଅବା ଇଂଗିତ ଦ୍ୱାରା ମହିଳାଙ୍କୁ କିମ୍ବା ତାଙ୍କର ସମ୍ପର୍କୀୟଙ୍କୁ ଭ୍ରୁଣର ଲିଙ୍ଗ ବିଷୟରେ ଜଣାଇବେ ନାହିଁ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ।
- ଏହି ଅପରାଧରେ ଜଡିତ ଡାକ୍ତର ଏବଂ ତାଙ୍କର ସହଯୋଗୀ ଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ତଥା ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରିବ। ଯଦି ଏହାର ପୁନରାବୃତ୍ତି ଘଟେ, ତେବେ ୫ ବର୍ଷର ଜେଲଦଣ୍ଡ ଏବଂ ପଚାଶ ହଜାର ଟଙ୍କାର ଜୋରିମନା ଲାଗୁ ହୋଇପାରିବ।
- ଦୋଷୀ ଡାକ୍ତର ତଥା ତାଙ୍କ ସହଯୋଗୀମାନଙ୍କର ସ୍ୱୀକୃତି ଷ୍ଟେଟ୍ ମେଡିକାଲ କାଉନ୍‌ସିଲ୍ ଦ୍ୱାରା ୨ ବର୍ଷ ପାଇଁ ରଦ୍ଦ ହୋଇଯିବ, ଏବଂ ଯଦି ପୁଣି ସେମାନେ ଦ୍ୱିତୀୟଥର ପାଇଁ ଆଇନ୍‌ର ଉଲ୍ଲଂଘନ କରନ୍ତି, ତେବେ ସ୍ଥାୟୀ ଭାବେ ସେମାନଙ୍କର ସ୍ୱୀକୃତି ରଦ୍ଦ କରି ଦିଆଯିବ।
- ରାଜ୍ୟ ସରକାର ଏହି ପରୀକ୍ଷାର ଅପପ୍ରୟୋଗ ରୋକିବା ପାଇଁ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିବେ।

**ଓଡିଶାରେ ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା -**

କିନ୍ତୁ ବଡ କ୍ଷୋଭର କଥା, ଓଡିଶା ସରକାର ଏପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିନାହାନ୍ତି କି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଭଳି ପଦକ୍ଷେପମାନ ନେବା କଥା ନେଇନାହାନ୍ତି। ଏହାର ପରିଣାମ ସ୍ୱରୂପ, ରାଜ୍ୟସାରା କନ୍ୟା ଭ୍ରୁଣହତ୍ୟା ବଢିବଢି ଚାଲିଛି। ନିକଟ ଅତୀତରେ ନୟାଗଡରେ ବହୁ ପରିମାଣର ମୃତଭ୍ରୂଣର ସନ୍ଧାନ ମିଳିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା ଏବଂ ମହିଳା ସଂଗଠନମାନେ ପି.ଏନ୍.ଡି.ଟି. ଆଇନ୍‌କୁ କଡାକଡି ଭାବେ ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଜନମତର ଚାପରେ ରାଜ୍ୟ ସରକାର ଲୋକଦେଖାଣିଆ ଭାବେ କିଛି ନର୍ସିଂ ହୋମ୍ ଏବଂ ଡାକ୍ତରଙ୍କ ଉପରେ ଧରପଗଡ କଲେ, କିନ୍ତୁ ଏବେ ବି ତାଙ୍କର ମୂଳ ଦାୟିତ୍ୱ, ଯଥା ଏକ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରି ତଳୁ ଉପରଯାଏ ଲିଙ୍ଗ ନିରୂପଣ ପରୀକ୍ଷା କାରବାରକୁ ଲଗାତାର ତଦାରଖ ପାଇଁ ଉପଯୁକ୍ତ ପ୍ରଶାସନିକ ବ୍ୟବସ୍ଥାକୁ ରୂପ ଦେଇପାରି ନାହାନ୍ତି।

## ଅନୈତିକ ଚାଲାଣ ନିଷେଧ ଆଇନ୍, ୧୯୫୬

ସଂବିଧାନର ଭାଗ-୩ରେ ବର୍ଣ୍ଣିତ ବିଭିନ୍ନ ମୌଳିକ ଅଧିକାର ଭିତରୁ ମନୁଷ୍ୟର କ୍ରୟ ଓ ବିକ୍ରୟକୁ ନିଷେଧ କରିଥିବା ଧାରା-୨୩ ଅନ୍ୟତମ। ମନୁଷ୍ୟକୁ ଏକ ପଣ୍ୟ ରୂପେ କାରବାରକୁ ରୋକିବା ପାଇଁ ଭାରତୀୟ ରାଷ୍ଟ୍ର ଅଙ୍ଗୀକାରବଦ୍ଧ । ଏହାଛଡା ମନୁଷ୍ୟର କ୍ରୟବିକ୍ରୟ ବିରୁଦ୍ଧରେ ୧୯୫୦ରେ ଜାତିସଂଘ ଦ୍ୱାରା ଗୃହୀତ ହୋଇଥିବା ଘୋଷଣାନାମାରେ ଭାରତ ଏକ ସଭ୍ୟ-ରାଷ୍ଟ୍ର ରୂପେ ସ୍ୱାକ୍ଷର କରିଥିଲା। ଏହାର ଫଳଶ୍ରୁତି ରୂପେ ପ୍ରଥମେ ୧୯୫୬ରେ ସଂସଦରେ ଏକ ଆଇନ୍ ଗୃହୀତ ହୋଇଥିଲା, ଯାହାକୁ ସେତେବେଳେ କୁହା ଯାଉଥିଲା, ସର୍ବଭାରତୀୟ ଅନୈତିକ କାରବାର ଦମନ ଆଇନ୍, ୧୯୫୬, ବା ସଂକ୍ଷେପରେ 'ସୀତା'। କିନ୍ତୁ ପରେ ୧୯୮୬ରେ ସେହି ଆଇନ୍‌ର ସଂଶୋଧନ କରାଯାଇ ତାକୁ ଅନୈତିକ ଚାଲାଣ (ନିଷେଧ) ଆଇନ୍, ୧୯୮୬ ବା ସଂକ୍ଷେପରେ 'ପିତା' କୁହାଗଲା।

ଭାରତ ସରକାରଙ୍କ ଦୃଷ୍ଟିଭଙ୍ଗୀ ହେଲା, ଯେହେତୁ ଯୌନ ବ୍ୟବସାୟ ବା ବେଶ୍ୟାବୃତ୍ତିକୁ ଆଇନ୍ ଦ୍ୱାରା ସଙ୍ଗେସଙ୍ଗେ ବନ୍ଦ କରିହେବନି, ତେଣୁ ଏହି ଅନୈତିକ ବ୍ୟବସାୟର ବଭିନ୍ନ ଦିଗକୁ ଆସ୍ତେ ଆସ୍ତେ ଆଇନ୍ ଦ୍ୱାରା ନିୟନ୍ତ୍ରଣ କରି ଚୂଡ଼ାନ୍ତ ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବାକୁ ପଡିବ । ଏହି ଆଇନ୍ ଅନେକ ବ୍ୟାପାରରେ ଅସ୍ପଷ୍ଟ। ଗୋଟିଏ ସର୍ବସାଧାରଣ ସ୍ଥାନର ୨୦୦ଗଜ ଭିତରେ ବେଶ୍ୟାବୃତ୍ତି ହୋଇପାରିବ ନାହିଁ ଏବଂ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ବା ବେଶ୍ୟାବୃତ୍ତି-ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିବେ। ଏପ୍ରକାର ପ୍ରାବ୍ଧାନର ସ୍ଥୁଳ ନିର୍ଯ୍ୟାସ ହେଲା, ବେଶ୍ୟାବୃତ୍ତି ଏକ ଅପରାଧ ନୁହେଁ, କିନ୍ତୁ ସର୍ବସାଧାରଣ ସ୍ଥାନରେ ବା ବିଜ୍ଞାପିତ ଇଲାକା ଭିତରେ ଯୌନବ୍ୟବସାୟ କରିବା ଅପରାଧ। ଏହି ଆଇନ୍‌ର ପୁନରାୟ ସଂଶୋଧନ ପାଇଁ ଜାତୀୟ ମହିଳା କମିଶନ୍ ଏକ ବିଧେୟକ ପ୍ରସ୍ତୁତ କରିଛନ୍ତି।

**ଦଣ୍ଡବ୍ୟବସ୍ଥା-**

- ଯଦି କେହି ବ୍ୟକ୍ତି ବେଶ୍ୟାଳୟ ପାଇଁ ଘର ଯୋଗାଇ ଦିଅନ୍ତି କିମ୍ବା ନିଜେ ବେଶ୍ୟାଳୟ ପରିଚାଳନା କରୁଥାଆନ୍ତି, ତେବେ ପ୍ରଥମ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ୧ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ତତ୍‌ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ। ଯଦି ଦ୍ୱିତୀୟ ଥର ବା ତାଠାରୁ ଅଧିକ ଥର ସେ ସେହି ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ୨ ବର୍ଷରୁ ୫ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ।

- ଜଣଙ୍କର ବେଶ୍ୟାବୃତ୍ତିରୁ ଉପାର୍ଜନ ହେଉଥିବା ଆୟ ଉପରେ ଯଦି ଆଉ ଜଣେ ସାବାଳକ ବ୍ୟକ୍ତି ନିର୍ଭର କରି ଚଳୁଥିବ, ତେବେ ସେ ଦୁଇବର୍ଷ ଜେଲ୍ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ବେଶ୍ୟାବୃତ୍ତି କରୁଥିବା ବ୍ୟକ୍ତି ନାବାଳକ ହୋଇଥିବ, ତେବେ ତା' ଆୟ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିକୁ ସାତବର୍ଷରୁ ଦଶବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ।

- ଯଦି ଜଣେ ସାବାଳକ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରେ, ସେହି ଉଦ୍ଦେଶ୍ୟରେ ତାଙ୍କୁ ନେବା ଆଣିବା କରେ, ବା ଅନ୍ୟ ବ୍ୟକ୍ତିମାନଙ୍କୁ ବେଶ୍ୟାଳୟକୁ ଯିବା ପାଇଁ 'ସଲାଏ, ତେବେ ତାଙ୍କୁ ୩ବର୍ଷରୁ ସାତବର୍ଷ ଜେଲ୍ ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରାଯିବ ; ଯଦି ସଂପୃକ୍ତ ବ୍ୟକ୍ତିର ଇଚ୍ଛା ବିରୁଦ୍ଧରେ ତାଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଇଥାଏ, ତେବେ ସାତବର୍ଷରୁ ଚଉଦ ବର୍ଷ ଯାଏଁ ସଶ୍ରମ ଜେଲ୍‌ଦଣ୍ଡ ଦିଆଯିବ ; ଏବଂ ବେଶ୍ୟାବୃତ୍ତିରେ ନିୟୋଜିତ ବ୍ୟକ୍ତି ଯଦି ନାବାଳକ ହୋଇଥାନ୍ତି ତେବେ ସାତବର୍ଷରୁ ଆଜୀବନ କାରାଦଣ୍ଡ ଦିଆଯାଇପାରେ।

- କୌଣସି ମହିଳାଙ୍କୁ ବାଧ୍ୟ କରି ବେଶ୍ୟାଳୟରେ ରଖିବା ଓ ତାଙ୍କର ସ୍ୱାମୀ ନହୋଇ ମଧ୍ୟ ତାଙ୍କ ସହ ଯୌନ ସଂଭୋଗ କରିବା ଅପରାଧୀ ପାଇଁ ସାତବର୍ଷରୁ ଆଜୀବନ ଜେଲ୍ ଏବଂ ତତ୍‌ସହିତ ଜୋରିମାନାର ଦଣ୍ଡବିଧାନ କରାଯାଇ ପାରିବ।

- କୌଣସି ସର୍ବସାଧାରଣ ବା ବିଜ୍ଞାପିତ ସ୍ଥାନର ଦୁଇଶହ ମିଟର୍ ଭିତରେ ଯଦି କେହି ବ୍ୟକ୍ତି ବେଶ୍ୟାବୃତ୍ତି କରେ ବା କରାଏ ସେ ତିନିମାସ ଯାଏଁ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ।

- ଯଦି ଗୋଟିଏ ସର୍ବସାଧାରଣ ସ୍ଥାନ ବା ଅନ୍ୟ ଏକ ପରିସରର ଜଗୁଆଳି , ମାଲିକ ବା ମାଲିକଙ୍କ ଏଜେଣ୍ଟ ଥାଇ ସେହି ସ୍ଥାନରେ ବେଶ୍ୟାବୃତ୍ତି ଚାଲିବା ପାଇଁ ଅନୁମତି ଦିଅନ୍ତି ବା ସେ ସ୍ଥାନକୁ ଭଡାରେ ଲଗାନ୍ତି, ତାହା ଦଣ୍ଡନୀୟ। ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ତିନିମାସ ଯାଏ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ବା ଉଭୟ ଦଣ୍ଡ; ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସ ଯାଏଁ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ଲାଗୁ ହେବ। ଯଦି ସେହି ସ୍ଥାନ ଏକ ହୋଟେଲ୍ ହୋଇଥିବ, ତାହାର ଲାଇସେନ୍‌ସ ୩ମାସରୁ ବର୍ଷକ ଯାଏଁ ନିଲମ୍ବନ କରାଯିବ ଏବଂ ଯଦି

ସେଠାରେ ନାବାଳକ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଉଥାଏ, ତେବେ ହୋଟେଲ୍‌ର ଲାଇସେନ୍‌ସ ସବୁଦିନ ପାଇଁ ରଦ୍ଦ କରି ଦିଆଯିବ।

- ଯଦି କୌଣସି ସର୍ବସାଧାରଣ ସ୍ଥାନରେ ବା ସର୍ବସାଧାରଣ ସ୍ଥାନରୁ ଦୃଶ୍ୟମାନ ହେଉଥିବା ଏକ ଘରୁ କେହି ବ୍ୟକ୍ତି କିଛି ଇଙ୍ଗିତ ଦ୍ୱାରା ବା ଅଙ୍ଗଭଙ୍ଗୀ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କୁ 'ସଲାନ୍ତି ବା ପ୍ରଲୁବ୍‌ଧ କରନ୍ତି, ଏବଂ ଏପ୍ରକାର ବ୍ୟବହାର ଦ୍ୱାରା ସେହି ସ୍ଥାନର ମର୍ଯ୍ୟାଦା ହାନି ହୁଏ, ତେବେ ସେ ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସଜେଲ୍ ବା ପାଞ୍ଚଶହ ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଏବଂ ଦ୍ୱିତୀୟ ବା ତଦୁର୍ଦ୍ଧ୍ୱ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ଏକ ବର୍ଷ ଜେଲ୍ ସହିତ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଯଦି ଜଣେ ପୁରୁଷ ଏହି ଅପରାଧ କରନ୍ତି, ତେବେ ତାଙ୍କୁ ସାତ ଦିନରୁ ତିନିମାସ ଯାଏ ଜେଲ୍‌ଦଣ୍ଡ ମିଳିବ।

- ଯଦି ଜଣେ ବ୍ୟକ୍ତି ନିଜ ହେପାଜତ୍ ବା କର୍ତ୍ତୃତ୍ୱ ଅଧୀନରେ ଥିବା ଆଉ ଜଣେ ବ୍ୟକ୍ତିଙ୍କୁ ଫୁସୁଲାଫୁସୁଲି କରି ବେଶ୍ୟାବୃତ୍ତି ପାଇଁ ନିୟୋଜନ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା ପରେ ସାତବର୍ଷରୁ ଆଜୀବନ କାରାଦଣ୍ଡ ନଚେତ୍ ଦଶବର୍ଷ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ ହେବେ।

- ଯଦି ଅଦାଲତ ଚାହିଁବେ ଜଣେ ମହିଳା ଅପରାଧୀଙ୍କୁ ଜେଲ୍‌ଦଣ୍ଡ ନଦେଇ କୌଣସି ଏକ ସଂସ୍କାର ଗୃହକୁ ୨ବର୍ଷରୁ ୫ବର୍ଷ ପାଇଁ ଆବଦ୍ଧ ହୋଇ ରହିବା ସକାଶେ ପଠାଇ ପାରିବେ।

**ଅନୈତିକ ଚାଲାଣ ନିଷେଧ ଆଇନ୍ ସମ୍ବନ୍ଧରେ ଆଉ କେତେକ ଜ୍ଞାତବ୍ୟ ସୂଚନା -**

- ଯଦି ନାବାଳିକାମାନେ ବେଶ୍ୟାଳୟରେ ରହିଥାଆନ୍ତି, ସେମାନଙ୍କୁ ବେଶ୍ୟାବୃତ୍ତି ପାଇଁ ସେଠାକୁ ଅଣାଯାଇଛି ବୋଲି ଧରି ନିଆଯିବ। ଏ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ତାଙ୍କର ନିର୍ଦ୍ଦୋଷତା ସାବ୍ୟସ୍ତ କରିବାର ପ୍ରମାଣ ଭାର ତାଙ୍କ ଉପରେ ନ୍ୟସ୍ତ ରହିବ ।

- ଯଦି ଡାକ୍ତରୀ ପରୀକ୍ଷାରୁ ଜଣାପଡେ ଯେ, ବେଶ୍ୟାଳୟରେ ଥିବା କୌଣସି ନାବାଳିକା ଯୌନଗତ ନିର୍ଯ୍ୟାତନାର ଶିକାର ହୋଇଛନ୍ତି, ତେବେ ସେମାନଙ୍କୁ ବେଶ୍ୟାବୃତ୍ତି ନିମନ୍ତେ ବାଧ୍ୟ କରାଯାଇଛି ବୋଲି ଧରିନିଆଯିବ ।

- ରାଜ୍ୟସରକାର ଏହି ଆଇନ୍‌ର ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ପୋଲିସ୍ ଅଫିସର୍‌ମାନଙ୍କୁ ନିଯୁକ୍ତ କରିପାରନ୍ତି (ଯେ କି ପୋଲିସ୍ ଇନସ୍‌ପେକ୍ଟର ପାହ୍ୟାର ହୋଇଥିବେ) ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଅନ୍ତତଃ ୫ଜଣ ବେସରକାରୀ ସମାଜସେବୀ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରିପାରନ୍ତି।

- କେନ୍ଦ୍ର ସରକାର ଅନୈତିକ ଚାଲାଣ ରୋକିବା ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବେ, ଯେଉଁମାନଙ୍କର ପୋଲିସ୍ ଅଧିକାରୀର କ୍ଷମତା ରହିବ।

- ସଂପୃକ୍ତ ଅଧିକାରୀମାନେ ଯେ କୌଣସି ସନ୍ଦେହପୂର୍ଣ୍ଣ ସ୍ଥାନକୁ ବିନା ପରୱାନାରେ ପ୍ରବେଶ କରିପାରିବେ। ଏପରି କ୍ଷେତ୍ରରେ ଏହି ଅଧିକାରୀମାନେ ଅନ୍ତତଃ ଦୁଇ ଜଣ ବିଶିଷ୍ଟ ପଡୋଶୀଙ୍କୁ ସାକ୍ଷୀ ରୂପେ ନେଇ ପାରିବେ ଏବଂ ସେମାନଙ୍କ ଭିତରେ ଅନ୍ତତଃ ଜଣେ ମହିଳା ହୋଇଥିବେ, କିନ୍ତୁ ମହିଳା ଜଣକ ଠିକ୍ ସେହି ସ୍ଥାନୀୟ ଅଞ୍ଚଳର ହୋଇ ନପାରନ୍ତି। ଯଦି କେହି ବ୍ୟକ୍ତି ସାକ୍ଷୀ ଭାବେ ଉପସ୍ଥିତ ରହିବା ପାଇଁ ଅନିଚ୍ଛୁକ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

- ପୋଲିସ୍ ତରଫରୁ ଖାନତଲାସ ହେବା ସମୟରେ ଅନ୍ତତଃ ଦୁଇଜଣ ମହିଳା ପୋଲିସ୍ ଅଧିକାରୀ ଉପସ୍ଥିତ ରହିବେ ଏବଂ ମହିଳା ଅଭିଯୁକ୍ତାଙ୍କୁ ସେମାନଙ୍କ ଉପସ୍ଥିତିରେ ହିଁ ଜେରା କରାଯିବ।

- କୌଣସି ସ୍ଥାନର ତଲାସି ବେଳେ ସେ ସ୍ଥାନରେ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ସେଠାରୁ ପୋଲିସ୍ ଧରି ଆଣିପାରିବେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଯଥାଶୀଘ୍ର ଦାଖଲ କରିବେ । ସେହିବ୍ୟକ୍ତିମାନଙ୍କର ଡାକ୍ତରୀ ମାଇନା କରାଯାଇ ସେମାନଙ୍କର ବୟସ ନିର୍ଦ୍ଧାରଣ ସହିତ ଯୌନକାର୍ଯ୍ୟରେ ସେମାନେ ଲିପ୍ତ ଥିଲେ କି ନାହିଁ ଏବଂ ସେମାନେ କୌଣସି ସଂକ୍ରାମକ ଯୌନରୋଗରେ ଆକ୍ରାନ୍ତ କି ନା, ତାହା ନିର୍ଦ୍ଧାରଣ କରାଯିବ ।

- ଯଦି କୌଣସି ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତି କରିବା ପାଇଁ ଅଟକ ରଖାଯାଇଛି ବୋଲି ମାଜିଷ୍ଟ୍ରେଟ୍‌ଙ୍କ ଗୋଚରକୁ ଆସିଲା, ତେବେ ସେ ତୁରନ୍ତ ସବ୍-ଇନ୍‌ସ୍ପେକ୍ଟର ପାହ୍ୟାର ଜଣେ ପୋଲିସ୍ ଅଧିକାରୀଙ୍କୁ ସେଠାକୁ ପଠାଇ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରିବେ ଏବଂ ସେ ବ୍ୟକ୍ତିଙ୍କୁ ତୁରନ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାକୁ ପଡ଼ିବ ।

- ମାଜିଷ୍ଟ୍ରେଟ୍ ସମସ୍ତ ଦିଗକୁ ବିଚାର କରି ଉଦ୍ଧାର କରାଯାଇଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ଆଶ୍ରୟ ଗୃହକୁ ପଠାଇ ପାରନ୍ତି ନଚେତ୍ ତାଙ୍କର ପିତା, ମାତା କିମ୍ବା ଅଭିଭାବକଙ୍କ ନିକଟକୁ ପଠାଇପାରନ୍ତି ।

- ଯଦି କୌଣସି ସ୍ଥାନରେ ବେଶ୍ୟାବୃତ୍ତି ଚାଲୁଅଛି ବୋଲି ମାଜିଷ୍ଟ୍ରେଟ୍ ସୂଚନା ପାଆନ୍ତି, ତେବେ ତାହା ବନ୍ଦ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇ ପାରନ୍ତି । ଏହି ଆଦେଶ ବିରୁଦ୍ଧରେ କୌଣସି କୋର୍ଟରେ ଅପିଲ୍ କରିହେବ ନାହିଁ । ଯଦି ଏହି ଆଦେଶକୁ ଘର-ମାଲିକ ଅବମାନନା କରନ୍ତି, ତାଙ୍କୁ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯାଇ ପାରିବ ।

- ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡିକର 'ଇସଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିପାରନ୍ତି ।

- ଯଦି ରାଜ୍ୟ ସରକାର ଉଚିତ୍ ମନେକରନ୍ତି ତେବେ ସେ ସଂପୃକ୍ତ ଅଦାଲତମାନଙ୍କୁ ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡିକର ସରାସରି ଫଇସଲା ପାଇଁ କ୍ଷମତା ଦେଇପାରନ୍ତି ।

- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ ରାଜ୍ୟ ସରକାରଙ୍କର ହିଁ ରହିଛି ।

ଏହି ଆଇନ୍ ୧୯୫୬ରୁ ଆମଦେଶରେ ଚାଲୁ ରହିଥିଲେ ହେଁ ମହିଳାମାନଙ୍କ ଉପରେ ଯୌନ ଶୋଷଣ ବଢିବଢି ଚାଲିଛି ଏବଂ ନୂଆ ନୂଆ ରୂପରେ ନିଜର କାୟା ବିସ୍ତାର କରିଚାଲିଛି । ଅତୀତରେ ନିର୍ଦ୍ଦିଷ୍ଟ ଅଞ୍ଚଳ, ଯାହାକୁ ଲାଲବତୀ ଅଞ୍ଚଳ ବୋଲି କୁହାଯାଏ, ତାହା ମଧ୍ୟରେ ଯୌନକର୍ମୀମାନଙ୍କର କାରବାର ମୂଳତଃ ସୀମିତ ଥିଲା । କିନ୍ତୁ ବର୍ତ୍ତମାନ ରାସ୍ତାଘାଟ, ହୋଟେଲ୍ ଏବଂ ମେଳାମହୋତ୍ସବ ଇତ୍ୟାଦି ସର୍ବସାଧାରଣ କ୍ଷେତ୍ରରେ 'କଲ୍‌ଗାର୍ଲ'ର ଉପସ୍ଥିତି ବଢିଚାଲିଛି । ରାଜନେତା, ଅଫିସର୍ ଏବଂ ଦେଶୀବିଦେଶୀ କମ୍ପାନୀ କର୍ମକର୍ତ୍ତାମାନେ ମଧ୍ୟ ମହିଳାମାନଙ୍କର ଦୟନୀୟ ସ୍ଥିତିର ସୁଯୋଗ ନେଇ ସେମାନଙ୍କୁ ଯୌନ ଶୋଷଣ କରିଚାଲିଛନ୍ତି । ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି, ବର୍ତ୍ତମାନ ନିପଟ ମଫସଲରୁ ଗରୀବ ଝିଅମାନେ ଦୂରଦୂରାନ୍ତ ସ୍ଥାନକୁ 'ବିବାହ', 'ନିଯୁକ୍ତି', 'ସ୍ୱଚ୍ଛନ୍ଦ ଜୀବନ' ଇତ୍ୟାଦି ପ୍ରଲୋଭନରେ ବାପାମାଆଙ୍କ ଇଚ୍ଛା ବା ଇଙ୍ଗିତ ମତେ ଚାଲାଣ ହୋଇଯାଉଛନ୍ତି, କିନ୍ତୁ କିଛି ବର୍ଷ ପରେ ସେମାନଙ୍କ ଭିତରୁ ଅନେକଙ୍କର କୌଣସି ପତ୍ତା ମିଳୁନାହିଁ ଓ ଯେଉଁ ଅଳ୍ପ କେଇଜଣ ଫେରୁଛନ୍ତି ସେମାନଙ୍କ ଅବସ୍ଥା କହିଲେ ନସରେ । କାହାକୁ ଏଚ୍.ଆଇ.ଭି. ସଂକ୍ରମଣ କରିଛି ତ କେହି ବାରମ୍ବାର ଗର୍ଭପାତ କରିବା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇପଡିଛି, ପୁଣି କେହି ଅବିବାହିତ ମାତା ହୋଇ ଅସହ୍ୟ ମାନସିକ ଯନ୍ତ୍ରଣା ଭିତରେ ଅର୍ଦ୍ଧ-ପାଗଳୀ ହୋଇପଡିଛି । ସେମାନଙ୍କୁ କେବଳ ନିଜ ଗାଁ ଭିତରେ ନୁହେଁ, ବାପାମାଆ ଓ ଭାଇଭଉଣୀ ଆତ୍ମୀୟ ସ୍ୱଜନଙ୍କୁ ନେଇ ଗଠିତ ପରିବାର ଭିତରେ ମଧ୍ୟ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳୁନାହିଁ ।

ଓଡିଶାରେ ଏପର୍ଯ୍ୟନ୍ତ ଉପରୋକ୍ତ ଆଇନ୍ ଅଧୀନରେ ନିୟମାବଳୀ ପ୍ରସ୍ତୁତ ହୋଇପାରିନି, ଏହାର ପ୍ରକୃଷ୍ଟ କାର୍ଯ୍ୟକାରିତା ହେବା ଏକ ଭିନ୍ନ ପ୍ରଶ୍ନ ।

# ଜାତୀୟ ମହିଳା କମିଶନ୍ ଆଇନ୍, ୧୯୯୦

ଜାତୀୟ ସ୍ତରରେ ମହିଳା ସଂପର୍କୀତ ଆଇନ୍ ପ୍ରଣୟନ, ଆଇନ୍ ସମୂହର କାର୍ଯ୍ୟକାରିତା, ମହିଳା ସଂପର୍କୀତ ସ୍କିମ୍‌ସମୂହ ଓ ସେଗୁଡିକର କାର୍ଯ୍ୟକାରିତା ତଥା ମହିଳାସଂପର୍କୀତ କୌଣସି ବିବଦମାନ କେଶ୍ ବା ପ୍ରସଙ୍ଗ ଉପରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ତଥା ଲିଙ୍ଗନ୍ୟାୟ ସପକ୍ଷରେ ଜନସଚେତନତା ସୃଷ୍ଟି ଓ ପ୍ରସାର ପାଇଁ ଏକ ଜାତୀୟ ମହିଳା କମିଶନ୍‌ର ଗଠନ ଓ କ୍ରିୟାଶୀଳତା ଉଦ୍ଦେଶ୍ୟରେ ଏହି ଆଇନ୍ ୧୯୯୦ ମସିହାରେ ସଂସଦ ଦ୍ୱାରା ଗୃହୀତ ହୋଇଥିଲା ।

**କମିଶନ୍‌ଙ୍କ ଗଠନ -**

**ମହିଳାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧ ଥିବା ଜଣେ ମହିଳାଙ୍କ ଅଧ୍ୟକ୍ଷତାରେ ୫ଜଣ ସଦସ୍ୟଙ୍କୁ ନେଇ ଏହି କମିଶନ୍ ଗଢାଯିବ । ଏହି ସଦସ୍ୟ/ସଦସ୍ୟାମାନେ ଆଇନ, ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ, ଶିଳ୍ପସଂସ୍ଥା ପରିଚାଳନା, ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସନ, ଆର୍ଥିକ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବା ସମାଜ କଲ୍ୟାଣ ଇତ୍ୟାଦି କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ତଥା ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ବିଧେୟ । ଏହି ସଦସ୍ୟମାନଙ୍କ ଭିତରୁ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ମଧ୍ୟରୁ ଅନ୍ୟୂନ ଜଣେ ଲେଖାଁ ବ୍ୟକ୍ତି ସଦସ୍ୟ ରହିବେ । ଏହାଛଡା କମିଶନ୍‌ଙ୍କ ସଦସ୍ୟ ସଚ୍ଚୀବ ହେବେ ଏପରି ଜଣେ ଅଧିକାରୀ, ଯେ କି କେନ୍ଦ୍ରୀୟ ପ୍ରଶାସନିକ ସେବାରେ ଅଭିଜ୍ଞତା ଅର୍ଜନ କରିଥିବେ । ପ୍ରତି କମିଶନ୍‌ଙ୍କ କାର୍ଯ୍ୟକାଳ ୩ବର୍ଷରୁ ଅଧିକ ହେବନାହିଁ ।**

**ଜାତୀୟ କମିଶନ୍‌ଙ୍କ କାର୍ଯ୍ୟାବଳୀ-**

- ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡିକ ଅଧୀନରେ ମହିଳାମାନଙ୍କ ଉନ୍ନତି କଳ୍ପେ ପ୍ରଦତ୍ତ ସୁରକ୍ଷାଗୁଡିକ ସଂବନ୍ଧୀତ ସମସ୍ତ ବିଷୟଗୁଡିକୁ ଅନୁସନ୍ଧାନ ଏବଂ ପରୀକ୍ଷା କରିବା;
- କେନ୍ଦ୍ର ଓ ରାଜ୍ୟ ସ୍ତରରେ ଏହିସବୁ ସୁରକ୍ଷାଗୁଡିକର କାର୍ଯ୍ୟକାରିତା ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କୁ ନିଜର ସୁପାରିଶ୍ ସମେତ ବିବରଣୀମାନ ପ୍ରଦାନ କରିବା;
- ମହିଳାମାନଙ୍କୁ ପ୍ରଭାବିତ କରୁଥିବା ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡିକର ସାଂପ୍ରତିକ ପ୍ରାବ୍‌ଧାନଗୁଡିକୁ ସମୟାନ୍ତରରେ ସମୀକ୍ଷା କରିବା ତଥା ସେଥିରେ ଥିବା କୌଣସି ତ୍ରୁଟି, ଅଭାବ ବା ବିଚ୍ୟୁତିର ଦୂରୀକରଣ ପାଇଁ ପ୍ରତିକାରାତ୍ମକ ବୈଧାନିକ ପଦକ୍ଷେପମାନ ଗ୍ରହଣ କରିବା ସକାଶେ ସଂଶୋଧନଗୁଡିକର ସୁପାରିଶ୍ କରିବା;
- ସଂବିଧାନ ଓ ଅନ୍ୟ ଆଇନ୍‌ମାନଙ୍କରେ ମହିଳାମାନଙ୍କ ପାଇଁ ଥିବା ପ୍ରାବ୍‌ଧାନ ଗୁଡିକର ଉଲ୍ଲଂଘନ ମାମଲାଗୁଡିକ ଉପରେ ଯଥୋଚିତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆହ୍ୱାନ୍ କରିବା;
- ବିଭିନ୍ନ ବିଷୟରେ କମିଟିମାନ ଦଠନ କରି ସବିଶେଷ ଅନୁଧ୍ୟାନ କରିବା;
- ବଞ୍ଚିତ ଓ ବାଛବିଚାରର ଶିକାର ହେଉଥିବା ମହିଳାମାନଙ୍କ ସମ୍ବନ୍ଧରେ ବିଭିନ୍ନ ସ୍ତରରୁ ଆସୁଥିବା ଅଭିଯୋଗଗୁଡିକୁ ଅନୁଧ୍ୟାନ କରିବା;
- ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ଯଥାର୍ଥ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଦିଗରେ ପ୍ରୋତ୍ସାହନମୂଳକ ତଥା ଶୈକ୍ଷଣିକ ଗବେଷଣା ଆୟୋଜନ କରିବା ଏବଂ ମହଳାମାନଙ୍କର ଅଗ୍ରଗତିକୁ ବାଧାଗ୍ରସ୍ଥ କରୁଥିବା କାରଣଗୁଡିକୁ ଚିହ୍ନଟ କରିବା, ତଥା ମହିଳାମାନଙ୍କର ଉତ୍ପାଦନ-କ୍ଷମତାକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ସହାୟତା ସେବା ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟାଇବା ;
- କେନ୍ଦ୍ର ବା କୌଣସି ରାଜ୍ୟରେ ମହିଳା ବିକାଶର ଅଗ୍ରଗତିକୁ ମୂଲ୍ୟାୟନ କରିବା;

- ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା ; ଏବଂ

- ନିଜର କାର୍ଯ୍ୟକ୍ରମ ଓ ଆୟବ୍ୟୟ ସମ୍ବନ୍ଧରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା, ଯାହା କି ସଂସଦରେ ଉପସ୍ଥାପିତ ହେବ ।

ସର୍ବୋପରି ମହିଳା ସଂପର୍କୀତ କୌଣସି ବ୍ୟାପାରରେ ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ କେନ୍ଦ୍ର ସରକାର ଜାତୀୟ ମହିଳା କମିଶନ୍‌ଙ୍କ ସହ ପରାମର୍ଶ କରିବେ ।

## ଓଡିଶା (ରାଜ୍ୟ) ମହିଳା କମିଶନ୍ ଆଇନ୍, ୧୯୯୩

ଏହି ଆଇନ୍‌ଟି ଓଡିଶା ଗେଜେଟ୍ ତାରିଖ ୭.୧୦.୧୯୯୪ରେ ପ୍ରକାଶିତ ହୋଇଥିଲା ଏବଂ ତା'ପରେ ୧୯.୧୨.୧୯୯୪ ଠାରୁ ବଳବତ୍ତର ହୋଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣେ ବିଶିଷ୍ଟ ସମାଜସେବୀ ମହିଳା କମିଶନ୍‌ର ଅଧ୍ୟକ୍ଷା ରହିବେ ଏବଂ ତାଙ୍କ ଛଡା ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ୬ଜଣ ବ୍ୟକ୍ତି ସଦସ୍ୟ ରହିବେ । ସେହି ୬ଜଣଙ୍କ ମଧ୍ୟରେ ଜଣେ ସରକାରୀ ବ୍ୟକ୍ତି, ଜଣେ ବିଶିଷ୍ଟ ଓକିଲ, ଦୁଇଜଣ ଜଣାଶୁଣା ସାମାଜିକ କର୍ମୀ, ଏବଂ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଦୁଇଜଣ ବିଶେଷଜ୍ଞ ଥିବେ ଏବଂ ଏହି ସଦସ୍ୟମାନଙ୍କ ଭିତରେ ଜଣେ ଅନୁସୂଚୀତ ଜନଜାତି ଓ ଜଣେ ଅନୁସୂଚୀତ ଜାତିର ବ୍ୟକ୍ତି ହୋଇଥିବେ । ଓଡିଶା ସରକାରଙ୍କ ମହିଳା କଲ୍ୟାଣ ଦାୟିତ୍ୱରେ ଥିବା ଜଣେ ଅଧିକାରୀ, ଯେ କି ଉପ-ସଚ୍ଚୀବ (ଡେପୁଟି ସେକ୍ରେଟାରୀ) ପଦବୀ ଠାରୁ ନିମ୍ନ ପାହ୍ୟାର ହୋଇନଥିବେ, ସେ କମିଶନ୍‌ଙ୍କର ଆବାହକ-ସଚ୍ଚୀବ ରୂପେ କାର୍ଯ୍ୟ କରିବେ ।

**ରାଜ୍ୟ ମହିଳା କମିଶନ୍‌ଙ୍କ କାର୍ଯ୍ୟାବଳୀ-**

- **ଆଦିବାସୀ-ବହୁଳ ଜିଲ୍ଲା ଏବଂ ଅଞ୍ଚଳସମୂହ, ଯେଉଁଗୁଡିକ କି ମହିଳା ସାକ୍ଷରତା, ମହିଳା ମୃତ୍ୟୁ ଏବଂ ଆର୍ଥିକ ଉନ୍ନୟନ ଦୃଷ୍ଟିରୁ ଅନଗ୍ରସର, ସେଗୁଡିକ ଉପରେ ସବିଶେଷ ଗୁରୁତ୍ୱ ପ୍ରଦାନ କରିବା ସହିତ ସମଗ୍ର ରାଜ୍ୟରେ ମହିଳାଙ୍କର ଆର୍ଥିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟଗତ ସ୍ଥିତିକୁ ସମୀକ୍ଷା କରିବା;**

- କାରଖାନା, ଶିଳ୍ପସଂସ୍ଥା, ନିର୍ମାଣସ୍ଥଳୀ ଏବଂ ଏତାଦୃଶ ସ୍ଥିତିରେ ମହିଳାମାନେ କେଉଁ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି , ଏବଂ ଉପରୋକ୍ତ କ୍ଷେତ୍ରଗୁଡିକରେ ମହିଳାମାନଙ୍କର ସ୍ଥିତିର ଉନ୍ନତି କଳ୍ପେ ନିର୍ଦ୍ଦିଷ୍ଟ ବିବରଣୀଗୁଡିକ ଭିତ୍ତିରେ ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବା ;

- ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ସମସ୍ତ ପ୍ରକାର ଅପରାଧର ଦୃଷ୍ଟାନ୍ତକୁ ଭିତ୍ତି କରି ସମୟାନ୍ତରରେ, ବିଶେଷ କରି କେତେକ ବଛାବଛା କ୍ଷେତ୍ରରେ ସୂଚନା ସଂକଳନ କରିବା. ଯେଉଁଗୁଡିକ ଭିତରେ ଅନ୍ତର୍ଭୁକ୍ତ ରହିବ ଏହିସବୁ ବିଷୟ, ଯଥା, ବିବାହ ଏବଂ ଯୌତୁକ, ବଳାତ୍କାର, ଅପହରଣ, ଅପରାଧିକ ଉଦ୍ଦେଶ୍ୟରେ ବଳାପହରଣ, ମହିଳାମାନଙ୍କୁ ହରକତ୍, ମହିଳାଙ୍କୁ ନେଇ ଅନୈତିକ କାରବାର, ପ୍ରସୂତୀ କିମ୍ବା ବନ୍ଧ୍ୟାକରଣ କ୍ଷେତ୍ରରେ ଡାକ୍ତରୀ ଅବହେଳା ବା ଗର୍ଭଧାରଣ କିମ୍ବା ଶିଶୁପ୍ରସବ କ୍ଷେତ୍ରରେ ଚିକିତ୍ସାକେନ୍ଦ୍ରର କୌଣସି ଅପକାର୍ଯ୍ୟ ;

- ମହିଳା ନିର୍ଯ୍ୟାତନାର ଘଟଣା ଦୃଷ୍ଟିଗୋଚର ହେବା ମାତ୍ରେ, ସମଗ୍ର ରାଜ୍ୟରେ ବା ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡିକରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସେଲ୍‌ଗୁଡିକ ସହ ସମନ୍ୱୟ ବଜାୟ ରଖିବା, ଯଦ୍ୱାରା ଏତାଦୃଶ ନିର୍ଯ୍ୟାତନା ଜନିତ ଅପରାଧର ଘଟଣାକୁ ତୁରନ୍ତ ଲୋକଲୋଚନକୁ ଆଣିହେବ ଏବଂ ଠାବ କରିହେବ ତଥା ଅପରାଧୀଙ୍କ ବିରୁଦ୍ଧରେ ଜନମତ ସଂଗଠିତ କରିହେବ;

- ମହିଳା ସଂପର୍କୀତ ବିଭିନ୍ନ ବିଷୟରେ ଅଭିଯୋଗଗୁଡିକୁ ଗ୍ରହଣ କରିବା, ଯଥା ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ଓ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ; ସର୍ବନିମ୍ନ ମଜୁରି, ମୌଳିକ ସ୍ୱାସ୍ଥ୍ୟସେବା ଏବଂ ମାତୃତ୍ୱର ଅଧିକାର ସଂପର୍କୀତ ଅଧିକାରରୁମହିଳାମାନଙ୍କୁ ବଞ୍ଚିତ କରିବା ; ମହିଳାମାନଙ୍କ ସଂପର୍କରେ ସରକାରଙ୍କ ନୀତିଗତ ନିଷ୍ପତ୍ତିର ଅବଜ୍ଞା ; ପରିତ୍ୟକ୍ତା ଏବଂ ନିଃସହାୟା ମହିଳା ତଥା ବାଧ୍ୟକରି ଯୌନକର୍ମରେ ଲିପ୍ତ କରାଯାଇଥିବା ମହିଳାଙ୍କର ଥଇଥାନ; ହାଜତ୍ ଭିତରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା; ଏବଂ ଏବଂ ସଂପୃକ୍ତ କର୍ତ୍ତୃପକ୍ଷଗଣ ଯଥୋଚିତ ପ୍ରତିକାରାତ୍ମକ ପଦକ୍ଷେପ ନେବା ସକାଶେ ସେମାନଙ୍କୁ ପ୍ରବର୍ତ୍ତାଇବା;

- ରାଜ୍ୟର ଗରୀବ ମହିଳାମାନଙ୍କୁ ଆଇନ୍‌ଗତ ପରାମର୍ଶ ପ୍ରଦାନ କରବା ତଥା ଆଇନ୍‌ଗତ ସହାୟତା ପାଇବା ପାଇଁ ସେମାନଙ୍କୁ ସକ୍ଷମ କରାଇବା ଉଦ୍ଦେଶ୍ୟରେ ବେସରକାରୀ ସଂଗଠନଗୁଡିକୁ ସାହାଯ୍ୟ ଓ ତାଲିମ୍ ପ୍ରଦାନ କରିବା ତଥା ସେମାନଙ୍କର ମନୋଭାବକୁ ତଦନୁଯାୟୀ ପ୍ରସ୍ତୁତ କରିବା; ଏବଂ

- ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା ।

**ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ-**

ରାଜ୍ୟ ମହିଳା କମିଶନ୍ ରାଜ୍ୟ ସରକାରଙ୍କୁ ଦେଇଥିବା ବିବରଣୀ ଓ ସୁପାରିଶ୍‌ସମୂହ ମଧ୍ୟରୁ ଯେଉଁଗୁଡିକ ରାଜ୍ୟ ସରକାରଙ୍କ ସହ ସଂବନ୍ଧୀତ, ସେଗୁଡିକ ଉପରେ ସରକାର ନେଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାଯାଇଥାଏ, ତେବେ ତହିଁର କାରଣମାନ ଉଲ୍ଲେଖ କରି ରାଜ୍ୟ ସରକାର ଏକ ବିବରଣୀ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରିବେ ।

**ରାଜ୍ୟ ମହିଳା କମିଶନ୍‌ଙ୍କ କ୍ଷମତା-**

କୌଣସି ଅଭିଯୋଗ ବା ବିଷୟକୁ ଅନୁସନ୍ଧାନ କଲାବେଳେ କମିଶନ୍‌ଙ୍କର ସେହିସବୁ କ୍ଷମତା ରହିବ, ଯାହାକି ମୋକଦ୍ଦମା ବିଚାର କରୁଥିବା ଗୋଟିଏ ଦେଓ୍ୱାନି ଅଦାଲତର ଥାଏ । ବିଶେଷକରି ନିମ୍ନୋକ୍ତ ବ୍ୟାପାରରେ କମିଶନ୍‌ଙ୍କର କ୍ଷମତା ରହିଛି -

- ଭାରତର ଯେ କୌଣସି ଅଞ୍ଚଳରୁ ଯେ କୌଣସି ବ୍ୟକ୍ତିଙ୍କୁ ସମନ୍ କରିବା ଏବଂ ତାଙ୍କର ହାଜିରାକୁ ସୁନିଶ୍ଚିତ କରାଇବା ତଥା ଶପଥ ଭିତ୍ତିରେ ତାଙ୍କୁ ଜେରା କରିବା;

- କୌଣସି ଦଲିଲ୍‌ର ଆବିଷ୍କାର ଓ ଦାଖଲ ପାଇଁ ବରାଦ୍ କରିପାରିବା ;

- ଶପଥ-ପାଠ ଭିତ୍ତିରେ ସାକ୍ଷ୍ୟ-ପ୍ରମାଣ ଗ୍ରହଣ କରିପାରିବା ;

- କୌଣସି ଅଦାଲତ ବା କାର୍ଯ୍ୟାଳୟରୁ କୌଣସି ସର୍ବସାଧାରଣ ଦଲିଲ୍ ବା ଏହାର ନକଲକୁ ମଗାଇପାରିବା ; ଏବଂ କୌଣସି ସାକ୍ଷୀ ବା ଦଲିଲ୍‌କୁ ଯାଞ୍ଚ କରିବା ପାଇଁ ନୋଟିସ୍ କରିପାରିବା ।

ସର୍ବୋପରି ମହିଳା ସଂପର୍କୀତ କୌଣସି ବ୍ୟାପାରରେ ନୀତିଗତ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ମହିଳା କମିଶନ୍‌ଙ୍କ ସହ ପରାମର୍ଶ କରିବେ ।

## ମାନବାଧିକାର ସୁରକ୍ଷା ଆଇନ୍, ୧୯୯୩

ଦେଶ ଭିତରେ ପୁରୁଷ ଓ ମହିଳା ନିର୍ବିଶେଷରେ ସମସ୍ତ ନାଗରିକମାନଙ୍କର ମାନବାଧିକାରର ସୁରକ୍ଷା ଉଦ୍ଦେଶ୍ୟରେ ଏହି ଆଇନ୍ ସଂସଦରେ ଗୃହୀତ ହୋଇ ୮ ଜାନୁଆରି ୧୯୯୪ ଠାରୁ ବଳବତ୍ତର ହୋଇଥିଲା। ଏହାପରେ ୨୦୦୬ ମସିହାରେ ଏହି ଆଇନ୍ ଥରେ ସଂଶୋଧନ ହୋଇଛି। ଏଥିରେ 'ମାନବାଧିକାର'ର ଏକ ସଂଜ୍ଞା ଦିଆଯାଇ ଲୁହାଯାଇଛି ଯେ, ଜୀବନ, ସ୍ୱାଧୀନତା, ସମାନତା ଓ ମର୍ଯ୍ୟାଦା ପାଇଁ ବ୍ୟକ୍ତିର ଅଧିକାରସମୂହ, ଯେଉଁଗୁଡିକ କି ସମ୍ବିଧାନରେ ଏବଂ ବିଭିନ୍ନ ଆନ୍ତର୍ଜାତିକ ଘୋଷଣାନାମାରେ ଗୃହୀତ ହୋଇଛି ଏବଂ ଯେଉଁଗୁଡିକୁ ବଳବତ୍ତର କରିବା ପାଇଁ ଭାରତର ନ୍ୟାୟାଳୟଗୁଡିକ ଅଙ୍ଗୀକାରବଦ୍ଧ।

**ଜାତୀୟ ମାନବାଧିକାର କମିଶନ୍‌ଙ୍କ ଗଠନ**

ସୁପ୍ରିମ୍ କୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ନ୍ୟାୟମୂର୍ତ୍ତୀଙ୍କ ଅଧ୍ୟକ୍ଷତାରେ କମିଶନ୍ ଗଠିତ ହେବ, ଯେଉଁଥିରେ ସୁପ୍ରିମ୍ କୋର୍ଟର ବଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇଥିବା ଜଣେ ବ୍ୟକ୍ତି, ଏବଂ ମାନବାଧିକାର ସମ୍ବନ୍ଧରେ ବାସ୍ତବ ଅଭିଜ୍ଞତା ଥିବା ଦୁଇଜଣ ବ୍ୟକ୍ତି ସଭ୍ୟ ରହିବେ। ଏହାଛଡା ସଂଖ୍ୟାଲଘୁ ସଂପ୍ରଦାୟସମୂହ ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ, ଅନୁସୂଚୀତ ଜନଜାତି ପାଇଁ ଜାତୀୟ କମିଶନ୍‌ର ଅଧ୍ୟକ୍ଷ ତଥା ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ଏହି କମିଶନ୍‌ର ପଦପ୍ରଯୁକ୍ତ ସଭ୍ୟ ରହିବେ। ଏହାଛଡା କମିଶନ୍‌ର ଜଣେ ମହା-ସଚ୍ଚୀବ ରହିବେ, ଯେ କି କେବଳ ବିଚାର-ବିଭାଗୀୟ କ୍ଷମତାକୁ ଛାଡିଦେଲେ ଅନ୍ୟସବୁ ବ୍ୟାପାରରେ କମିଶନ୍‌ର  ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରିବେ। ଏକ ୬ଜଣିଆ ଉଚ୍ଚସ୍ତରୀୟ ଚୟନ କମିଟି ଦ୍ୱାରା କମିଶନ୍‌ଙ୍କ ଅଧ୍ୟକ୍ଷ ଓ ସଭ୍ୟବୃନ୍ଦ ମନୋନୀତ ହେବେ; ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଚୟନ କମିଟିରେ ଲୋକସଭାର ବାଚସ୍ପତି, କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ, ଲୋକସଭାର ବିରୋଧିଦଳ ନେତା, ରାଜ୍ୟସଭାର ବିରୋଧି ଦଳ ନେତା, ତଥା ରାଜ୍ୟସଭାର ଉପାଧକ୍ଷ ସଦସ୍ୟ ରହିବେ। ଜାତୀୟ କମିଶନ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ରାଜଧାନୀ ଦିଲ୍ଲୀରେ ଅବସ୍ଥିତ ହେବ।

**କମଶନ୍‌ଙ୍କ କାର୍ଯ୍ୟାବଳୀ-**

- ସ୍ୱୟଂଚାଳିତ ହୋଇ ଅଥବା କୌଣସି ବ୍ୟକ୍ତିଙ୍କ ପ୍ରତିବେଦନ ଆଧାରରେ ଯେ କୌଣସି ପ୍ରକାରର ମାନବାଧିକାର ଉଲ୍ଲଂଘନ ମାମଲାକୁ ଅନୁସନ୍ଧାନ କରିବା ;
- ଯେ କୌଣସି ନ୍ୟାୟାଳୟରେ ଚାଲୁଥିବା ମାନବାଧିକାର ସଂପର୍କୀତ ଏକ ମୋକଦ୍ଦମାରେ ସେହି ନ୍ୟାୟାଳୟର ସମ୍ମତି କ୍ରମେ ପକ୍ଷଭୁକ୍ତ ହେବା ;
- ଯେ କୌଣସି ରାଜ୍ୟରେ ଥିବା ଜେଲ୍ କିମ୍ବା ତଦ୍ରୁପ ସ୍ୱତନ୍ତ୍ର ଗୃହକୁ ପରିଦର୍ଶନ କରି ଅନ୍ତେବାସୀମାନଙ୍କର ଜୀବନ-ଧାରଣ ଅବସ୍ଥା ଏବଂ ସମସ୍ୟାର ଅନୁଧ୍ୟାନ କରିବା ;
- ସମ୍ବିଧାନ ଏବଂ ଅନ୍ୟ କୌଣସି ଆଇନ୍‌ରେ ମାନବାଧିକାରସମୂହର ସୁରକ୍ଷା ପାଇଁ ଥିବା ବ୍ୟବସ୍ଥାସମୂହର ସମୀକ୍ଷା କରି ଆବଶ୍ୟକୀୟ ସଂସ୍କାର ଓ ସଂଶୋଧନ ପାଇଁ ସୁପାରିଶ୍ କରିବା ;
- ମାନବାଧିକାରସମୂହକୁ ପ୍ରତିହତ କରୁଥିବା ସନ୍ତ୍ରାସବାଦ ଭଳି ବିପଦକୁ ମୁକାବିଲା କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପମାନ ନେବା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସମ୍ବନ୍ଧରେ ଆନ୍ତର୍ଜାତିକ ଚୁକ୍ତିନାମାଗୁଡିକର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ସୁପାରିଶ୍ କରିବା ;
- ମାନବାଧିକାର ସଂବନ୍ଧରେ ଗବେଷଣା, ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ତଥା ଜନସଚେତନତା ପ୍ରସାରଣକୁ ପ୍ରୋତ୍ସାହନ ଦେବା ; ଏବଂ

- କମିଶନ୍ ବାର୍ଷିକ ବିବରଣୀ ସହିତ କୌଣସି ବିଶେଷ ବ୍ୟାପାରରେ କେନ୍ଦ୍ର ସରକାର ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଏବଂ ସେମାନେ ଏହାକୁ ଯଥାସ୍ଥିତି ସଂସଦ ଓ ରାଜ୍ୟ ଆଇନ୍ ସଭାରେ ଉପସ୍ଥାପନ କରିବେ।

**ମାନବାଧିକାର କମିଶନ୍‌ଙ୍କ ତଦନ୍ତ ଓ ଅନୁସନ୍ଧାନ କ୍ଷମତା-**

ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେଓ୍ୱାନି କୋର୍ଟର ଯେଉଁସବୁ କ୍ଷମତା ଥାଏ, ସେଗୁଡ଼ିକୁ ଜାତୀୟ ମାନବାଧିକାର କମିଶନ୍ ପ୍ରୟୋଗ କରିପାରିବେ। କମିଶନ୍ ଯେକୌଣସି ବ୍ୟକ୍ତିଙ୍କୁ ଏକ ତଦନ୍ତାଧୀନ ବିଷୟ ସଂକ୍ରାନ୍ତରେ ସୂଚନା ଦେବାପାଇଁ ତଲବ କରିପାରନ୍ତି ଏବଂ ଯଦି ସେହି ବ୍ୟକ୍ତି ଭୁଲ୍ ସୂଚନା ଦିଅନ୍ତି, ତେବେ ଭାରତୀୟ ଦଣ୍ଡବିଧି ସଂହିତାର ଦ'। ୧୭୬ ଓ ୧୭୭ ଅନୁଯାୟୀ ତାଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇପାରିବ। କମିଶନ୍ ଯେ କୌଣସି ସ୍ଥାନରେ ପ୍ରବେଶ କରି ଯେ କୌଣସି ଦଲିଲ୍ ସଂଗ୍ରହ କରିପାରନ୍ତି। ଯଦି କୌଣସି ବ୍ୟକ୍ତି କମିଶନ୍‌ଙ୍କୁ ତଦନ୍ତ କାର୍ଯ୍ୟରେ ସହାୟତା ନକରନ୍ତି, ତେବେ କମିଶନ୍ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଏହା ଜଣାଇଦେବେ ଏବଂ ମାଜିଷ୍ଟ୍ରେଟ୍ ଏ ବିଷୟ ବଚାର କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜାତୀୟ କମିସନ୍ ଚାହିଁଲେ ଗୋଟିଏ ଅଭିଯୋଗକୁ ସଂପୃକ୍ତ ରାଜ୍ୟ କମିଶନ୍‌ଙ୍କ ଦ୍ୱାରା ଶୁଣାଣି ଓ 'ଇସଲା ପାଇଁ ପଠାଇ ପାରନ୍ତି। କମିଶନ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଯେ କୌଣସି ଅଧିକାରୀଙ୍କ ସେବା ଉପଯୋଗ କରିପାରନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଏକ ଅଭିଯୋଗର ତଦନ୍ତ କରାଇପାରନ୍ତି। ଯେ କୌଣସି ବିଷୟରେ ତଦନ୍ତ କଲାବେଳେ କମିଶନ୍ କେନ୍ଦ୍ର ସରକାର ବା ଯେ କୌଣସି ରାଜ୍ୟ ସରକାରଙ୍କ ଠାରୁ ବିଶଦ୍ ବିବରଣୀ ତଲବ କରିପାରନ୍ତି।

**ମାନବାଧିକାର କମିଶନ୍‌ଙ୍କ ଅନ୍ୟାନ୍ୟ କ୍ଷମତା-**

କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଘଟିଥିଲେ, ତେବେ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କ୍ଷତିପୂରଣ ଦେବାପାଇଁ କମିଶନ୍ ନିର୍ଦ୍ଦେଶ ଦେଇପାନ୍ତି। ଏପ୍ରକାର ସ୍ଥିତିରେ କମିଶନ୍ ସ୍ୱୟଂ ଏକ କାର୍ଯ୍ୟବିଧି ଆରମ୍ଭ କରିପାରନ୍ତି। ସଂପୃକ୍ତ ହାଇକୋର୍ଟଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ କହିପାରନ୍ତି। କମିଶନ୍ ନିଜ ଆଦେଶର ନକଲକୁ ସଂପୃକ୍ତ ରାଜ୍ୟ ସରକାର, କର୍ତ୍ତୃପକ୍ଷ ଏବଂ ପ୍ରତିବେଦକଙ୍କୁ ଯୋଗାଇଦେବେ। ଯଦି ସାମରିକ ବାହିନୀ ଦ୍ୱାରା କୌଣସି ଉଲ୍ଲଂଘନ ଘଟିଛି ବୋଲି ଅଭିଯୋଗ ପହଞ୍ଚେ, ତେବେ କମିଶନ୍ କେନ୍ଦ୍ର ସରକାରଙ୍କ ଠାରୁ ଏ ବିଷୟରେ ରିପୋର୍ଟ ତଲବ କରିବେ। କେନ୍ଦ୍ର ସରକାରଙ୍କ ଠାରୁ ରିପୋର୍ଟ ପାଇଲା ପରେ କମିଶନ୍ ହୁଏତ୍ ସଂପୃକ୍ତ କାର୍ଯ୍ୟବିଧିକୁ ସେଇଠି ବନ୍ଦ କରିଦେଇପାରନ୍ତି, ନଚେତ୍ ଏବିଷୟରେ ନିଜର ସୁପାରିଶ୍‌କୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ପାରନ୍ତି। ସରକାର କି ପଦକ୍ଷେପ ନେଇଛନ୍ତି ତାହା କମିଶନ୍‌ଙ୍କୁ ୩ ମାସ ଭିତରେ ଜଣାଇବେ। କମିଶନ୍ ସଂପୃକ୍ତ ବିଷୟରେ ନିଜର ସୁପାରିଶ୍ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ବିବରଣୀ ସର୍ବସାଧାରଣରେ ପ୍ରକାଶ କରିବେ।

### ଆଇନ୍‌ର ଅନ୍ୟାନ୍ୟ ବ୍ୟବସ୍ଥା

ଏହି ଆଇନ୍ ଅନୁଯାୟୀ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ବିଚାର ପାଇଁ ପ୍ରତି ରାଜ୍ୟ ସରକାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ସ୍ୱତନ୍ତ୍ର ମାନବାଧିକାର କୋର୍ଟ ପ୍ରତିଷ୍ଠା କରିପାରନ୍ତି ଏବଂ ସରକାରଙ୍କ ତରଫରୁ କେଶ୍‌ଗୁଡ଼ିକ ଲଢ଼ିବା ପାଇଁ ସରକାରୀ ଅଭିଯୋଜକ ନିଯୁକ୍ତ କରିପାରନ୍ତି। ଏହି ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟରେ ରାଜ୍ୟ ମାନବାଧିକାର କମିଶନ୍ ପ୍ରତିଷ୍ଠା ହେବ। ରାଜ୍ୟ କମିଶନ୍‌ଙ୍କ ନିକଟରେ ଏକ ମାମଲା ବିଚାରାଧୀନ ଥିଲାବେଳେ ଜାତୀୟ କମିଶନ୍ ଏହାକୁ ବିଚାର କରିବେ ନାହିଁ । ଘଟଣା ଘଟିବାର ଗୋଟିଏ ବର୍ଷ ପରେ ଜାତୀୟ କିମ୍ବା ରାଜ୍ୟ କମିଶନ୍ ସେହି ସଂକ୍ରାନ୍ତୀୟ ମାମଲାକୁ ବିଚାର କରିବେ ନାହିଁ। କେନ୍ଦ୍ର ବା ରାଜ୍ୟ ସରକାର ଚାହିଁଲେ ଗୋଟିଏ ବିଷୟର ତଦନ୍ତ ପାଇଁ ପୋଲିସ୍ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ ଗଠନ କରିପାରନ୍ତି। ଉଭୟ ଜାତୀୟ ଏବଂ ରାଜ୍ୟ କମିଶନ୍‌ଙ୍କ ପ୍ରତ୍ୟେକ କର୍ମଚାରୀ ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ସଂଜ୍ଞାୟନ ଅନୁଯାୟୀ ସର୍ବସାଧାରଣ କର୍ମଚାରୀ ରୂପେ ବିବେଚିତ ହେବେ। ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ହିଁ ଅଛି।

## ଓଡ଼ିଶା ମାନବାଧିକାର କମିଶନ୍

ଜାତୀୟ ମାନବାଧିକାର କମିଶନ୍ ଆଇନ୍ ଅନୁଯାୟୀ ପ୍ରତି ରାଜ୍ୟ ସରକାର ଗୋଟିଏ ମାନବାଧିକାର କମିଶନ୍ ଗଠନ କରିବେ। ଗୋଟିଏ ହାଇକୋର୍ଟର ମୁଖ୍ୟ ବିଚାରପତି ପଦବୀ ତୁଲାଇ ସାରିଥିବା ଜଣେ ବ୍ୟକ୍ତି ଏହାର ଅଧ୍ୟକ୍ଷ ରହିବେ , ଏବଂ ଦୁଇଜଣ ସଭ୍ୟ ରହିବେ। ଜଣେ ସଭ୍ୟ ଅତୀତରେ ସଂପୃକ୍ତ ରାଜ୍ୟର ହାଇକୋର୍ଟର ବିଚାରପତି ଅଥବା ଅନ୍ୟୁନ ୭ବର୍ଷ ଧରି ଜିଲ୍ଲା ଜଜ୍ ପଦବୀ ତୁଲାଇଥିବେ। ଅନ୍ୟଜଣେ ସଭ୍ୟ ମାନବାଧିକାର ବ୍ୟାପାରରେ ଜଣେ ଅଭିଜ୍ଞ ବ୍ୟକ୍ତି ହୋଇଥିବା ଆବଶ୍ୟକ। ଏହାର ଜଣେ ସଚ୍ଚୀବ ରହିବେ, ଯେ କି ରାଜ୍ୟ କମିଶନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପେ ବିବେଚିତ ହେବେ ଏବଂ ସେହିସବୁ ଦାୟିତ୍ୱ ସମ୍ପାଦନ କରିବେ, ଯାହାକି ତାଙ୍କ ଉପରେ ନ୍ୟସ୍ତ କରାଯାଇପାରେ। ରାଜ୍ୟର ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ବିଧାନସଭାର ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଏକ ଚୟନ କମିଟି ଦ୍ୱାରା ରାଜ୍ୟ କମିଶନ୍‌ର ଅଧ୍ୟକ୍ଷ ଏବଂ ସଦସ୍ୟଗଣ ମନୋନୀତ ହେବେ। ସମ୍ବିଧାନର ଅନୁସୂଚୀ-୭ ଅଧୀନରେ ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ଅଧୀନରେ ଥିବା ବିଷୟ ଗୁଡ଼ିକ ରାଜ୍ୟ କମିଶନ୍‌ଙ୍କ ବିଚାରର ପରିସରଭୁକ୍ତ ରହିବ। କିନ୍ତୁ ଯଦି ଜାତୀୟ କମିଶନ୍ କିମ୍ବା ବିଧିମତେ ପ୍ରତିଷ୍ଠିତଅନ୍ୟ କୌଣସି କମିଶନ୍ ଏକ ମାମଲାକୁ ବିଚାର କରୁଥିବେ ରାଜ୍ୟ କମିଶନ୍ ତାହା ବିଚାର କରିବ ନାହିଁ। ଓଡ଼ିଶାରେ ନ୍ୟାୟମୂର୍ତ୍ତୀ ଶ୍ରୀ ଡି.ପି.ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ ରାଜ୍ୟ ମାନବାଧିକାର କମିଶନ୍ ବର୍ତ୍ତମାନ କାର୍ଯ୍ୟ କରୁଛି , ଯେଉଁଥିରେ ଶ୍ରୀ ଏସ୍.ଏମ୍.ପଟ୍ଟନାୟକ ସଭ୍ୟ ଅଛନ୍ତି ଏବଂ ଶ୍ରୀ ହିମାଦ୍ରୀ ମହାପାତ୍ର ସଚ୍ଚୀବ ଅଛନ୍ତି। କମିଶନ୍‌ଙ୍କ କାର୍ଯ୍ୟାଳୟ ଓଡ଼ିଶା ଷ୍ଟେଟ୍ ଗେଷ୍ଟ ହାଉସ୍, ଭୁବନେଶ୍ୱରରେ କାର୍ଯ୍ୟ କରୁଛି।

# କେଶ୍ ଦାଏର୍ ପ୍ରଣାଳୀ

ଆଇନ୍‌ର ପ୍ରୟୋଗ କରିବା ପୂର୍ବରୁ 'ଆଇନ୍‌ର ଶାସନ' ସମ୍ବନ୍ଧରେ ଏକ ସୁସ୍ପଷ୍ଟ ଧାରଣା ଅର୍ଜନ କରିବାର ଆବଶ୍ୟକତା ରହିଅଛି। ଆଇନ୍ ଆଗରେ ସମସ୍ତେ ସମାନ। କିନ୍ତୁ ପ୍ରକୃତ ନ୍ୟାୟ ସେହି ପରିସ୍ଥିତିରେ ମିଳିପାରିବ, ଯେତେବେଳେ ବିଭିନ୍ନ ପଦପଦବୀରେ ଥିବା ଅଧିକାରୀ ଓ କାର୍ଯ୍ୟକର୍ତ୍ତାଗଣ ଉତ୍କୋଚ, କ୍ଷମତା ଲାଳସା ଏବଂ ଅନ୍ୟସବୁ ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । କିନ୍ତୁ ଆମ୍ଭେମାନେ ଭଲ ଭାବେ ଜାଣୁ ଯେ, ବର୍ତ୍ତମାନ ସ୍ଥିତିରେ ଏହା ଏକ ଅସମ୍ଭବ ବ୍ୟାପାର। ଏହା ସହିତ ଏକଥା ମଧ୍ୟ ସତ୍ୟ ଯେ, ବର୍ତ୍ତମାନର ପରିସ୍ଥିତିକୁ ଯଦି ଆମେ ବଦଳେଇବାକୁ ଚାହୁଁ, ତେବେ ତାହା ମଧ୍ୟ ଆମର ଦାୟିତ୍ୱ । ବହୁ ସମୟରେ ଆମ ନିଜର ଅବହେଳା ଯୋଗୁଁ ଅନ୍ୟାୟ ବିରୁଦ୍ଧରେ ଆରମ୍ଭ ହୋଇଥିବା ଏକ ପ୍ରତିବାଦ ତା'ର ଚୂଡ଼ାନ୍ତ ପରିଣତିରେ ପହଞ୍ଚି ପାରେନା କି ପ୍ରକୃତ ଅପରାଧୀ ଦଣ୍ଡିତ ହୋଇପାରେନା । ଏପରି ମଧ୍ୟ ଶୁଣିବାକୁ ମିଳିଥାଏ, ଆମେ ଯେଉଁ ଧାରାରେ ପ୍ରତିବାଦ କଲୁ ତାହା ବିଧିସମ୍ମତ ନଥିଲା । ପ୍ରକୃତ ପକ୍ଷେ ଆଇନ୍ ଓ ଆଇନ୍‌ର କାର୍ଯ୍ୟଧାରା ସମ୍ବନ୍ଧରେ ଆମର ଅଜ୍ଞତା ଏବଂ କୌଣସି ଏକ ମାମଲାକୁ ନିଷ୍ଠାପର ଭାବେ ଅନୁଧାବନ କରିବାରେ ଯତ୍ନଶୀଳତାର ଅଭାବ ଯୋଗୁଁ ଆମର ପ୍ରୟାସଗୁଡ଼ିକ ଅଧପନ୍ତରିଆ ହୋଇ ରହିଯାଏ । ସୁତରାଂ ଆମେ ଯେତେବେଳେ ଏକ କୋଣସି ଅନ୍ୟାୟ ବା ଅବିଚାର ବିରୁଦ୍ଧରେ ଏକ କେଶ୍ ରଜୁ କରିବାକୁ ଚାହୁଁ, ସେତେବେଳେ ପ୍ରଥମେ ଆମକୁ କୌଣସି ଜଣେ ପ୍ରଗତିଶୀଳ ଆଇନଜୀବି ବା ଅଭିଜ୍ଞ ସମାଜକର୍ମୀଙ୍କ ସହ ପରାମର୍ଶ କରି ଠିକ୍ କରିବାକୁ ପଡ଼ିବ, କେଉଁ ଆଇନ୍‌ର କଉଁ ଧାରା ଅଧୀନରେ ଆମେ ଥାନାରେ, ଅଦାଲତରେ କିମ୍ବା ସଂପୃକ୍ତ ପ୍ରଶାସନିକ ଦପ୍ତରରେ ଅଭିଯୋଗ ପତ୍ର ଦାଖଲ କରିବୁ । ବିଶେଷ କରି ନିମ୍ନୋକ୍ତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ -

- ଯଦି ଥାନାରେ ଅଭିଯୋଗ କରିବାକୁ ପଡେ, ତେବେ ଲିଖିତ ଆକାରରେ ଏହାକୁ ଦାଖଲ କରିବାକୁ ପଡ଼ିବ।
- ଯେଉଁ ଲିଖିତ ଅଭିଯୋଗ ଦାଖଲ କରାଗଲା, ତହିଁର ଏକ ପ୍ରାପ୍ତି ସ୍ୱୀକାର ରସିଦ୍ ସେହି ଅଫିସ୍‌ରୁ ଆଣିବା ପାଇଁ ଆମେ ଯେମିତି ଭୁଲି ନଯାଉଁ ।
- ଆମର ଅଭିଯୋଗ ପଂଜିକୃତ ହୋଇଗଲେ ଆମେ ଏହି ତିନୋଟି ବିଷୟରେ ସବୁବେଳେ ମନେ ରଖିବା, ପ୍ରଥମତଃ ଆମର ଅଭିଯୋଗ ସଂଖ୍ୟାଟି କ'ଣ, ଏବଂ ଦ୍ୱିତୀୟତଃ କେଉଁ ଦଫା ବା ଦଫାସମୂହ ଅଧୀନରେ ଆମର ଅଭିଯୋଗ ପଂଜିକୃତ ହୋଇଛି ଏବଂ ତୃତୀୟତଃ ଆମେ କରିଥିବା ଅଭିଯୋଗଟିକୁ ଉପଯୁକ୍ତ ଦଫା ଅନୁସାରେ ଲିପିବଦ୍ଧ କରାଯାଇଛି କି ନା ।
- ଏହା ପରେ ସାକ୍ଷୀ ତଥା ପ୍ରମାଣଗୁଡ଼ିକର ତାଲିକା ପୋଲିସ୍‌କୁ ଦେବାକୁ ପଡ଼ିବ।
- ଅଭିଯୁକ୍ତଙ୍କ ବିରୁଦ୍ଧରେ ଥରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ ହେବାମାତ୍ରେ କେଶ୍ ସଂଖ୍ୟାର ପରିବର୍ତ୍ତନ ଘଟିଥାଏ । ଏପର୍ଯ୍ୟନ୍ତ ଥିଲା ଅପରାଧ ସଂଖ୍ୟା, ବର୍ତ୍ତମାନ ଠାରୁ ଏହା ପରିଚିତ ହେବ କେଶ୍ ସଂଖ୍ୟା ଦ୍ୱାରା । ଆମକୁ ଏହି କେଶ୍ ସଂଖ୍ୟା ମନେ ରଖିବାକୁ ପଡ଼ିବ ।
- ଯଦି ଅଭିଯୁକ୍ତ କିମ୍ବା ତାଙ୍କ ତରଫରୁ କେହି ବ୍ୟକ୍ତି ଅଭିଯୋଗକାରୀ କିମ୍ବା ତାଙ୍କର ସହଯୋଗୀଙ୍କୁ ଆକ୍ରମଣ କରନ୍ତି ବା ଧମକଚମକ ଦିଅନ୍ତି, ତେବେ ଏ ବିଷୟରେ ସୂଚନା ତୁରନ୍ତ ବିଚାରପତି ଏବଂ ପୋଲିସ ଥାନାଙ୍କୁ ଜଣାଇବାକୁ ପଡ଼ିବ।

## ମୃତ୍ୟୁକାଳୀନ ଜମାନବନ୍ଦୀ- ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ :

ଯଦି କୌଣସି ବ୍ୟକ୍ତି ସଂକଟାପନ୍ନ ଅବସ୍ଥାରେ ଥା'ନ୍ତି ଏବଂ ଅଳ୍ପ ସମୟ ଭିତରେ ମୃତ୍ୟୁବରଣ କରିବାର ଆଶଙ୍କା ଅଛି, ତେବେ ସେହି ସମୟରେ ସେ ଦେଇଥିବା ବୟାନ୍‌କୁ ମୃତ୍ୟୁକାଳୀନ ଜମାନବନ୍ଦୀ କୁହାଯାଏ । ଉଦାହରଣ ସ୍ୱରୂପ, ଯଦି ଯୌତୁକ ନିର୍ଯ୍ୟାତନା କାରଣରୁ ଜଣେ ମହିଳାଙ୍କ ଶରୀର ଶତକଡ଼ା ୭୫ ଭାଗ ଦଗ୍ଧ ହୋଇ ଗୁରୁତର ଅବସ୍ଥା ଭିତରେ ଗତିକରୁଥାଏ, ତେବେ ତାଙ୍କ ଠାରୁ ଏପ୍ରକାର ଜମାନବନ୍ଦୀ ନିଆଯିବା ଜରୁରୀ । ଯଦି ସେ ମରିଯାନ୍ତି, ତେବେ ତାଙ୍କର ସେହି ବୟାନ ମୃତ୍ୟୁକାଳୀନ ଜମାନବନ୍ଦୀ ରୂପେ ଯୌତୁକ ହତ୍ୟାର ଅଭିଯୋଗକୁ ସାବ୍ୟସ୍ତ କରିବାରେ ସହାୟକ ହେବ ।

କେଶ୍ ବିଚାର ସମୟରେ ଭାରତୀୟ ସାକ୍ଷ୍ୟପ୍ରମାଣ ଆଇନ୍ ମୃତ୍ୟୁକାଳୀନ ଜମାନବନ୍ଦୀ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥାଏ । କାରଣ ଗୋଟିଏ କଥା ଅଛି, ମରୁଥିବା ବ୍ୟକ୍ତି କଦାପି ମିଛ କହିବ ନାହିଁ । ଆଉ ଗୋଟିଏ କଥା, 'ମରିବା ଲୋକର ମୁଖରେ ହିଁ ସତ୍ୟ ବାସ କରିଥାଏ' ମୃତ୍ୟୁକାଳୀନ ଜମାନବନ୍ଦୀର ଗୁରୁତ୍ୱ ବୃଦ୍ଧି କରି ଦେଇଛି । ଯଦି ମୃତ୍ୟୁ କାଳୀନ ଜମାନବନ୍ଦୀ ଦେବା ପରେ ବ୍ୟକ୍ତିର ମୃତ୍ୟୁ ହୋଇଥାଏ ତେବେ, ଏହି ଜମାନବନ୍ଦୀକୁ ବିଚାରକୁ ନିଆଯାଇଥାଏ ।

- ମୃତ୍ୟୁକାଳୀନ ଜମାନବନ୍ଦୀ ଲିଖିତ ଭାବରେ କିମ୍ବା ମୌଖିକ ଭାବରେ ପ୍ରସ୍ତୁତ କରାଯାଇଥାଏ । ଏହି ଜମାନବନ୍ଦୀ ଜଣେ ପୋଲିସ୍ ଅଫିସର୍ ବା ଜଣେ ଡାକ୍ତରଙ୍କର ଉପସ୍ଥିତିରେ ନିଆଯାଇଥାଏ ।
- ଯଦି ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ବୟାନ ନିଆ ଯାଇଥାଏ, ତେବେ ତାହା ଏକ ଶକ୍ତିଶାଳୀ ପ୍ରମାଣ ଭାବେ କାମ ଦେଇଥାଏ ।
- କିନ୍ତୁ ଏକ ଜରୁରୀକାଳୀନ ପରିସ୍ଥିତିରେ ଯେ କୌଣସି ବ୍ୟକ୍ତି ଏହି ବୟାନ୍ ଲିପିବଦ୍ଧ କରିପାରନ୍ତି ।
- ଯଦି ମୁମୂର୍ଷୁ ବ୍ୟକ୍ତି କଥା କହିବାକୁ ସମର୍ଥ ନଥାନ୍ତି, ତେବେ ସେ କରୁଥିବା ଇଂଗିତଗୁଡ଼ିକୁ ଭିତ୍ତି କରି ତାଙ୍କର ବୟାନ୍ ଲିପିବଦ୍ଧ କରିହେବ ।
- ଏହି ଜମାନବନ୍ଦୀ ଦେବା ସମୟରେ ମୁମୂର୍ଷୁ ବ୍ୟକ୍ତି ମାନସିକ ଭାବେ ସୁସ୍ଥ ଥିଲେ ବୋଲି ଡାକ୍ତର ଏକ ପ୍ରମାଣ ପତ୍ର ଦେଇଥିବା ଜରୁରୀ, ନଚେତ୍ ଏହି ସାକ୍ଷ୍ୟପ୍ରମାଣର ବୈଧତା ରହିବ ନାହିଁ ।
- ଯଦି ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଉପସ୍ଥିତ ନଥିବେ ତେବେ ଜଣେ ଏଲ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଯଥା, ତହସିଲଦାର୍, ଆର୍.ଡି.ସି. ବା ଜଣେ ଡାକ୍ତରଙ୍କ ଉପସ୍ଥିତିରେ ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯାଇ ପାରିବ ।

## ପ୍ରାଥମିକ ସୂଚନା ବିବରଣୀ (ଏଫ୍ ଆଇ.ଆର.)

ଅପରାଧର ଏକ ଘଟଣା ଘଟିବା ସଂଗେ ସଂଗେ ଆମେ ସ୍ଥାନୀୟ ପୋଲିସ୍ ଥାନାରେ ଏହା ଜଣାଇବାକୁ ପଡିଥାଏ । ଅଭିଯୋଗକାରୀର ବୟାନ୍‌କୁ ଭିତ୍ତିକରି ଥାନାରେ ଏକ ବିବରଣୀ ବିଧିବଦ୍ଧ ଭାବେ ଲିପିବଦ୍ଧ କରାଯାଏ । ଏହାକୁ ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍. କୁହାଯାଏ । ସମସ୍ତେ ଏକ ମାମଲା ସମ୍ବନ୍ଧରେ ଚର୍ଚ୍ଚା କଲା ବେଳେ ତାହା ଉପରେ ଏତଲା ବା ଏଫ୍.ଆଇ.ଆର୍. କରାଯାଇଛି କି ନା ପଚାରିଥାନ୍ତି ।

### ପ୍ରାଥମିକ ସୂଚନା ବିବରଣୀ ବା ଏଫ୍.ଆଇ.ଆର୍.ର ନମୁନା ପ୍ରରୂପ

(ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୧୫୪ ଧାରା ଅନୁଯାୟୀ)

୧.    ଜିଲ୍ଲା ...........    ଥାନା ........    ବର୍ଷ ........

ଏତଲା ନମ୍ବର .......... ତାରିଖ ............

୨. (କ) ଆଇନ୍ ......... ଦଫା.......

(ଖ) ଆଇନ୍............ ଦଫା ...........

(ଗ) ଆଇନ୍............ ଦଫା ...........

(ଘ) ଅନ୍ୟାନ୍ୟ ଆଇନ୍‌ର ଦଫାସମୂହ . . . . . . . . . . . .

୩. (କ) ସାଧାରଣ ଡାଏରୀ ପଞ୍ଜିକରଣ ନମ୍ବର ...... ସମୟ .........

(ଖ) ଘଟିତ ଅପରାଧଟି କଣ ?

ଦିନ ............... ତାରିଖ ............ ସମୟ

(ଗ) ଥାନାରେ ବିବରଣୀଟି କେତେବେଳେ ଗ୍ରହଣ ପହଞ୍ଚିଲା

ତାରିଖ ............ ସମୟ ....... ସାଧାରଣ ଡାଏରୀ ପୃଷ୍ଠା ନମ୍ବର ..........

୪. ବିବରଣୀ ଟି କେଉଁ ରୀତିରେ ଦାଖଲ ହୋଇଛି - ମୌଖିକ / ଲିଖିତ

୫. ଅପରାଧର ସ୍ଥାନ :

(କ) ଥାନାଠାରୁ କେତେ ଦୂର ......... ଦିଗ .........

(ଖ) ଠିକଣା ......

ବିଟ୍ ନଂ. ............

(ଗ) ଯଦି ଥାନାର ଇଲାକା ବାହାରେ ହୋଇଥିବ, ତେବେ ସଂପୃକ୍ତ ଥାନା-

ନାମ ............. ଜିଲ୍ଲା ..............

୬. ଅଭିଯୋଗକାରୀ / ଏତଲାକାରୀ-

(କ) ନାମ :

(ଖ) ବାପା / ସ୍ୱାମୀଙ୍କ ନାମ :

(ଗ) ଜନ୍ମ ତାରିଖ . . . . .. . . ବର୍ଷ . . . . . . . . . .

(ଘ) ଜାତୀୟତା :

(ଙ) ଠିକଣା :

୭. ଜଣା / ଅଜଣା / ସନ୍ଦେହାଧୀନ ଅଭିଯୁକ୍ତ ସମ୍ବନ୍ଧରେ ସବିଶେଷ ସୂଚନା :

୮. ଅଭିଯୋଗକାରୀ/ଏତଲାକାରୀଙ୍କ ଦ୍ୱାରା ଏତଲା ଦେବାରେ ବିଳମ୍ବର କାରଣ :

୯. ଚୋରୀ ହୋଇଥିବା ବା ସମ୍ପୃକ୍ତ ସମ୍ପତ୍ତି ସମ୍ବନ୍ଧରେ ସବିଶେଷ ବର୍ଣ୍ଣନ :

(ଆବଶ୍ୟକ ପଡିଲେ ଅତିରିକ୍ତ କାଗଜ ଯୋଡନ୍ତୁ)

୧୦. ହଜିଥିବା କିମ୍ବା ଚୋରି ହୋଇଯାଇଥିବା ସମ୍ପତ୍ତିର ମୋଟ୍ ମୂଲ୍ୟ :

୧୧. ଅସ୍ୱାଭାବିକକ ମୃତ୍ୟୁର ମାମଲା, ପଞ୍ଚନାମା :

୧୨. ଏଫ୍.ଆଇ.ଆର୍.ର ବିଷୟବସ୍ତୁ, ଯଦି ଦରକାର ପଡ଼େ କାଗଜ ଯୋଡନ୍ତୁ :

୧୩. ଉଲ୍ଲିଖିତ ଏତଲା ଭିତ୍ତିରେ ତଦନ୍ତ ଆରମ୍ଭ ହୋଇଯାଇଛି/ ତଦନ୍ତ ପାଇଁ ଆଦେଶ ଦିଆଯାଇଛି, ସେହି ମାମଲାର ଯାହାକି ପଞ୍ଜିକୃତ ହୋଇଛି ଦଫା. . . . . . . . . ... ରେ ।

ମାମଲାଟି . . . . . . . . . . . . . . . . ଥାନାକୁ ତଦନ୍ତ ପାଇଁ ସ୍ଥାନାନ୍ତରଣ କରାଯାଇଛି ।

ଏତଲାଟିକୁ ବଡ ପାଟିରେ ଅଭିଯୋଗକାରୀ/ଏତଲାକାରୀକୁ ପଢ଼ାଇ ଶୁଣାଇ ଦିଆଯାଇଛି ଏବଂ ସେ ଏହା ଠିକ୍ ଅଛି ବୋଲି କହିବା ପରେ ସେହି ବ୍ୟକ୍ତିଙ୍କୁ ଏହାର ଏକ ଅବିକଳ ନକଲ ମାଗଣାରେ ପ୍ରଦାନ କରାଗଲା ।

ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାକ୍ଷର

ନାମ :

ପଦବୀ :

ନମ୍ବର (ଯଦି ଥାଏ) :

ଅଭିଯୋଗକାରୀ/ ଏତଲାକାରୀ ଙ୍କ ଦସ୍ତଖତ / ଟିପଚିହ୍ନ . . . . . . .

**ସହାୟକ କର୍ମୀମାନଙ୍କ ଜାଣିବା ପାଇଁ କେତେକ ଜରୁରୀ କଥା :**

ମାମଲାଟି କେଉଁ ଦଫାରେ ରଜୁ ହେଲା ? ଏହି ଦଫାର ବିଶଦ୍ ବିବରଣୀ ଏବଂ ଏହା ପ୍ରଯୁଜ୍ୟ କି ନା ?, ଏ ବିଷୟରେ ସତର୍କ ରହିବା ଜରୁରୀ, କାରଣ ଏକ ମକଦ୍ଦମାର ସଫଳତା ନିର୍ଭର କରୁଛି ସଠିକ୍ ଦଫାରେ ଏହା ରଜୁ ହୋଇଛି କି ନାହିଁ, ତାହା ଉପରେ । ଧରନ୍ତୁ ଯୌତୁକ ଜନିତ ହତ୍ୟା ମାମଲାଟି ଭାରତୀୟ ଦଣ୍ଡବିଧି ସଂହିତା (ଆଇ.ପି.ସି.)ର ଦଫା ୩୦୪(ବି) ଅଧୀନରେ ରଜୁ ହେବା କଥା, କିନ୍ତୁ ଅପରାଧୀକୁ ସାହାଯ୍ୟ କରିବା ବା ମାମଲାଟିକୁ ଦୁର୍ବଳ କରିଦେବା ମତଲବ୍ ରଖି ଏହାକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୭୬ ଅଧୀନରେ ଥାନାବାଲା ଦରଜ କରିଦେଇପାରନ୍ତି, କାରଣ ଏହି ଦଫାଟି 'ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ' କ୍ଷେତ୍ରରେ ଲାଗୁ ହୋଇଥାଏ । ଥାନାବାଲାଙ୍କର ଏପ୍ରକାର ଏପଟସେପଟ କରିବାର ଅପଚେଷ୍ଟାକୁ ଆମେ ବିରୋଧ କରିବା ଦରକାର । ଯଦି ଆମେ ପ୍ରଥମରୁ ଦଫା ବିଷୟରେ ସତର୍କ ରହିପାରିବା, ତେବେ ଅପରାଧୀକୁ ନ୍ୟାୟାଳୟରେ ଦଣ୍ଡିତ କରିପାରିବା ସମ୍ଭାବନା ଅଧିକ ରହିବ ।

**ଅଭିଯୁକ୍ତ ବ୍ୟକ୍ତିର ଅଧିକାର :**

ଆମର ବିଧିବ୍ୟବସ୍ଥାରେ ଅଭିଯୁକ୍ତ ବ୍ୟକ୍ତି, ବିଶେଷ କରି ମହିଳା ଅଭିଯୁକ୍ତଙ୍କ ମର୍ଯ୍ୟାଦା ରକ୍ଷା ଉଦ୍ଦେଶ୍ୟରେ କେତେକ ନିୟମାବଳୀ ସ୍ଥାନିତ ହୋଇଛି । କିନ୍ତୁ ଲୋକେ ଏବିଷୟରେ ସଚେତନ ନଥିବାରୁ ପୋଲିସ୍ ଏବଂ ପ୍ରଶାସକ ମାନଙ୍କଠାରୁ ସେମାନେ ବିଭିନ୍ନ ପ୍ରକାର ଅମର୍ଯ୍ୟାଦାପୂର୍ଣ୍ଣ ଅଥଚ ବେଆଇନ୍ ଆଚରଣର ଶୀକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ, ଆଇନ୍‌ରେ ଅଛି ଯେ, ମହିଳାମାନଙ୍କୁ କେବଳ ଦିନବେଳା ଗିରଫ କରାଯାଇ ପାରିବ ଏବଂ ରାତ୍ରକାଳରେ ସେମାନଙ୍କୁ ଗିରଫ କରାଯାଇ ପାରିବ ନାହିଁ କି ଥାନାକୁ ନିଆଯାଇ ପାରିବ ନାହିଁ । ପୁଣି ତଦନ୍ତ ସମୟରେ ପୋଲିସ୍ ଅନ୍ୟମାନଙ୍କୁ ଥାନାରେ ହାଜର୍ ହେବା ପାଇଁ ଡାକି ପାରନ୍ତି, କିନ୍ତୁ ଏଥିପାଇଁ ଜଣେ ମହିଳାଙ୍କୁ ଥାନାକୁ ଡକାଯାଇ ପାରିବ ନାହିଁ । ଏହାଛଡା ଜଣେ ସାଧାରଣ ଅଭିଯୁକ୍ତ, ସେ ପୁରୁଷ ବା ମହିଳା ହୁଅନ୍ତୁ, ତାଙ୍କ ସହିତ ପୋଲିସ୍ ଆଚରଣ କଲାବେଳେ ନିମ୍ନୋକ୍ତ ନୀତିନିୟମର ଅନୁପାଳନ କରିବେ ।

୧) ଗିରଫ କରିବାକୁ ଆସିଥିବା ପୋଲିସ୍ ଅଧିକାରୀ ଖାକି ପୋଷାକ ପିନ୍ଧିଥିବେ ଏବଂ ତାଙ୍କର ନାମ ଏବଂ ବ୍ୟାଜ୍ ସୁଦୃଶ୍ୟ ହେଉଥିବ ।

୨) ଜଜ୍‌ଙ୍କ ବିନାନୁମତିରେ ଅଭିଯୁକ୍ତଙ୍କୁ ହାତକଡ଼ି ପିନ୍ଧାଯିବ ନାହିଁ ।

୩) ଗିରଫ କରିବାର କାରଣ ଦର୍ଶାଇବାକୁ ପୋଲିସ ବାଧ୍ୟ ଏବଂ ଅଭିଯୁକ୍ତଙ୍କୁ ତାଙ୍କର ଓକିଲ ସହ ପରାମର୍ଶ ପାଇଁ ଅନୁମତି ଦିଆଯିବ।

୪) ଯେଉଁ ବ୍ୟକ୍ତି ଜାମିନ୍‌ଦାର ହେବାକୁ ଚାହିଁବେ, ସେ ତାଙ୍କର ବେତନ ଚିଠା ଓ ରେସନ କାର୍ଡ ଇତ୍ୟାଦିକୁ ପ୍ରାମାଣିକ ଦଲିଲ୍ ରୂପେ ଦେଖାଇ ପାରିବେ।

୫) ଯଦି ଜାମିନ୍ ମିଳିଲା ନାହିଁ ଏବଂ ତାଙ୍କର ଜେଲ୍‌ଦଣ୍ଡର ସୀମା ୧୦ ବର୍ଷରୁ କମ୍ , ତେବେ ୬୦ ଦିନ ମଧ୍ୟରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଧ ଅଦାଲତାରେ ଦାଖଲ କରିବାକୁ ହେବ।

୬. ଯଦି ଜେଲ୍‌ଦଣ୍ଡର ସମୟସୀମା ୧୦ ବର୍ଷରୁ ଅଧିକ, ତେବେ ଅଭିଯୋଗ ଫର୍ଦ୍ଧ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ।

୭. ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦେବା ଆଇନ୍-ସମ୍ମତ ନୁହେଁ।

୮. ଜଜ୍‌ଙ୍କ ବିନାନୁମତିରେ ଗିରଫ କରାଯାଇଥିବା ବ୍ୟକ୍ତିଙ୍କୁ ନିଃସଂଗ ଭାବେ ଅବରୁଦ୍ଧ କରି ରଖାଯାଇ ପାରିବ ନାହିଁ, କିମ୍ବା ତାଙ୍କୁ କଠିନ ପରିଶ୍ରମ କରିବାକୁ ବାଧ କରାଯିବ ନାହିଁ, କିମ୍ବା ତାଙ୍କୁ ଗୋଟିଏ ଜେଲ୍‌ଖାନାରୁ ଅନ୍ୟ ଜେଲ୍‌ଖାନାକୁ ସ୍ଥାନାନ୍ତର କରାଯିବ ନାହିଁ କିମ୍ବା ତାଙ୍କ ଖାଦ୍ୟପେୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ।

୯. ହାଜତରେ ଥିବା ସମୟରେ ଅପରାଧ ସ୍ୱୀକାର କରିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଯଦି ଅଭିଯୁକ୍ତଙ୍କୁ ନିର୍ଯ୍ୟାତନା ଦିଆଯାଉଥାଏ, ତେବେ ସେହି ସୂଚନାକୁ ତତ୍‌କ୍ଷଣାତ୍ ସଂପୃକ୍ତ ଜଜ୍‌ଙ୍କୁ ଅବଗତ କରାଇବା ଉଚିତ୍ ।

୧୦. ପୋଲିସ୍ ଦ୍ୱାରା ମକଦ୍ଦମା ଦାୟର ହେବା ସମୟରେ ଯେଉଁ ସବୁ ସାକ୍ଷ୍ୟପ୍ରମାଣକୁ ପୋଲିସ୍ ବ୍ୟବହାର କରିଥାଏ, ସେଗୁଡିକୁ ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର କରନ୍ତି ।

୧୧. ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରିବାକୁ ପଡ଼ିବ; ଯଦି ନ କରାଯାଏ, ତେବେ ମାଜିଷ୍ଟ୍ରେଟ୍‌ଙ୍କୁ ଏକଥା ଜଣାଇବାକୁ ପଡ଼ିବ।

୧୨. କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୦୦ ଅନୁଯାୟୀ ୧୮ ମର୍ଷରୁ କମ୍ ବୟସର କିଶୋର ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ବୟସ୍କ ବନ୍ଦୀଙ୍କ ସହ ଏକାଠି ରହିବାକୁ ଦିଆଯିବ ନାହିଁ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟବେକ୍ଷଣ ଗୃହରେ ସେମାନଙ୍କୁ ରଖାଯିବ ।

୧୩. ଜେଲ୍‌ରେ ଥିବା ସମୟରେ ଅନ୍ୟମାନଙ୍କ ପାଖକୁ ପତ୍ର ଲେଖିବା ଓ ସେମାନଙ୍କ ଠାରୁ ପତ୍ର ପାଇବାର ଅଧିକାର ଅଭିଯୁକ୍ତଙ୍କର ଅଛି। ନିଜ ପରିବାରର ଲୋକ ଓ ବନ୍ଧୁବାନ୍ଧବଙ୍କୁ ସାକ୍ଷାତ କରିବା ତଥା ବହିପତ୍ର ଓ ଖବରକାଗଜ ପଢ଼ିବାର ଅଧିକାର ଅଭିଯୁକ୍ତଙ୍କର ରହିଛି।

୧୪. ହାଜତରେ ଥିବା ସମୟରେ ଆବଶ୍ୟକ ମତେ ଚିକିତ୍ସା ସହାୟତା ପାଇବା ପାଇଁ ଅଭିଯୁକ୍ତ ହକ୍‌ଦାର ଅଟନ୍ତି।

୧୫. କୌଣସି ଅପରାଧରେ ଦଣ୍ଡିତ ହୋଇ ଜେଲ୍ ଭୋଗୁଥିବା ଜଣେ ବ୍ୟକ୍ତି ପାରୋଲ୍ (ମୌଖିକ ଅଙ୍ଗୀକାର) ବଳରେ ଖଲାସ ହୋଇପାରନ୍ତି, ଯଦି ଆଇନତଃ ସେହି ଅପରାଧ ପାଇଁ ପାରୋଲ୍ ମିଳୁଥାଏ । କିନ୍ତୁ ପାରୋଲ୍ ସମୟ ଗଡିଯିବା ପରେ ସେହି ବ୍ୟକ୍ତି ପୁଣି ଜେଲ୍‌ରେ ନିଜକୁ ହାଜର କରାଇବେ।

## ଫୌଜଦାରି କାର୍ଯ୍ୟବିଧିରେ ଜଣେ ମହିଳା ଅପରାଧୀର ଅଧିକାରସମୂହ :

### ପୃଷ୍ଠଭୂମି

ଜଣେ ବ୍ୟକ୍ତି ଅପରାଧୀ ହେଲେ ମଧ୍ୟ ପୋଲିସ୍ ଦ୍ୱାରା ଏବଂ ନ୍ୟାୟାଳୟରେ ତାଙ୍କ ପ୍ରତି ଯଥେଚ୍ଛା ବ୍ୟବହାର କରାଯାଇ ପାରିବନି ଏବଂ ଅପରାଧୀ ଜଣକ ଯଦି ମହିଳା ହୋଇଥାନ୍ତି, ତେବେ ତାଙ୍କ ପ୍ରତି କେତେକ ଅତିରିକ୍ତ ସତର୍କତା ଓ ଶାଳୀନତା ପ୍ରଦର୍ଶନ କରାଯିବ। ବିଶେଷ କରି ପୋଲିସ୍ ଦ୍ୱାରା ଜଣେ ମହିଳାମାନଙ୍କୁ ଗିରଫ, ଅଟକ, ତଲାସି, ଜାମିନ୍ ଓ ଖଲାସ୍ ଇତ୍ୟାଦି କରାଯାଉଥିବା ବେଳେ ସେମାନଙ୍କୁ ଦିଆଯାଇଥିବା ସୁରକ୍ଷା ଏବଂ ଅଧିକାରଗୁଡିକର ଅନୁପାଳନ କରିବାକୁ। ଇଂରେଜମାନେ ପ୍ରଥମେ ୧୮୯୮ରେ ଆମଦେଶ ପାଇଁ ଯେଉଁ ଫୌଜଦାରି କାର୍ଯ୍ୟବିଧି ସଂହିତା ପ୍ରଣୟନ କରିଥିଲେ ସେଥିରେ ମଧ୍ୟ ମହିଳା ଅପରାଧୀମାନଙ୍କ କ୍ଷେତ୍ରରେ କେତେକ ସ୍ୱତନ୍ତ୍ର ପ୍ରାବ୍ଧାନ ପ୍ରଯୁଜ୍ୟ ହେବ ବୋଲି କୁହାଯାଇଥିଲା। କିନ୍ତୁ ୧୯୭୩ରେ ସଂସଦ ଦ୍ୱାରା ଗୃହୀତ ସଂଶୋଧନ ପରେ ଆହୁରି କେତେକ ପ୍ରାବ୍ଧାନ ଯୋଡାଗଲା। ବର୍ତ୍ତମାନ ଏହି ସଂହିତାକୁ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ ବୋଲି କୁହାଯାଉଛି। ଏହାପରେ ୨୦୦୫ ମସିହାରେ ଏହି ସଂହିତାର ଆଉ ଏକ କେନ୍ଦ୍ରୀୟ ସଂଶୋଧନ କରାଯାଇ ମହିଳା ଓ ନାବାଳକ ଅପରାଧୀ ମାନଙ୍କ ପାଇଁ ଆହୁରି ଅଧିକ ନୂଆ ପ୍ରାବ୍ଧାନ ସ୍ଥାନିତ ହୋଇଛି। ଉଲ୍ଲେଖନୀୟ ଯେ, ଓଡିଶାରେ ମଧ୍ୟ ୧୯୯୭ରେ ଏହି ସଂହିତାର ଏକ ସଂଶୋଧନ ଗୃହୀତ ହୋଇଥିଲ. କିନ୍ତୁ ଏହା କେବଳ ମହିଳାମାନଙ୍କ ସଂପର୍କୀତ ନହୋଇ ଏକ ସାଧାରଣ ସଂଶୋଧନ ଥିଲା। ବଡ କ୍ଷୋଭର କଥା, ଫୌଜଦାରି କାର୍ଯ୍ୟବିଧି ସଂହିତାରେ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧରେ ଥିବା ପ୍ରାବ୍ଧାନଗୁଡିକ ବିଷୟରେ ସାଧାରଣ ମହିଳାମାନେ ସଚେତନ ନଥିବାରୁ ବହୁ କ୍ଷେତ୍ରରେ ପୋଲିସ୍ କର୍ମଚାରୀମାନେ ସେମାନଙ୍କୁ ପୁରୁଷ ଅପରାଧୀ ଭଳି ବ୍ୟବହାର କରିଥାନ୍ତି, ଯାହାକି ସଂପୂର୍ଣ୍ଣ ବେଆଇନ୍ ଅଟେ। ବର୍ତ୍ତମାନ ଆମେ ଆଲୋଚନା କରିବା, ଏହି ସଂହିତାର ବିଭିନ୍ନ ଦଫାରେ କେଉଁସବୁ ଅଧିକାର ଓ ସୁରକ୍ଷା ଦିଆଯାଇଛି, ଯାହା ବଳରେ ଜଣେ ମହିଳା ଅପରାଧୀ ସଂପୃକ୍ତ ପୋଲିସ୍ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ସଭ୍ୟ ଏବଂ ମାର୍ଜ୍ଜିତ ବ୍ୟବହାର ତଥା ସ୍ୱତନ୍ତ୍ର ସୁବିଧାସୁଯୋଗ ଦାବୀ କରିପାରିବେ।

**ଦଫା-୪୬. ଗିରଫ ବେଳେ ଅଧିକାର -**

କେବଳ ଅସାଧାରଣ ପରିସ୍ଥିତି ବ୍ୟତିରେକ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ କୌଣସି ମହିଳାଙ୍କୁ ଗିରଫ କରା ଯାଇପାରିବ ନାହିଁ, ଏବଂ ଯେଉଁ ସ୍ଥଳେ ଅସ୍ୱାଧାରଣ ପରିସ୍ଥିତି ଦେଖାଦେବ, ସେପରି ସ୍ଥଳେ ଜଣେ ମହିଳା ପୋଲିସ୍ ଅଧିକାରୀ ସଂପୃକ୍ତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଗ୍ରୀମ ଅନୁମତି ଆଣି ଅଭିଯୁକ୍ତ ମହିଳାଙ୍କୁ ଗିର‘ କରିପାରିବେ ।

**ଦଫା-୪୭. ଗିରଫ ହେବାକୁ ଥିବା ବ୍ୟକ୍ତି ପ୍ରବେଶ କରିଥିବା ସ୍ଥାନକୁ ତଲାସି କରାଯିବା-**

ଯଦି ଗିରଫ ହେବାକୁ ଥିବା ଜଣେ ବ୍ୟକ୍ତି ଏଭଳି ଏକ ବାସଗୃହରେ ପ୍ରବେଶ କରିଥାନ୍ତି, ଯାହାକି ଜଣେ ମହିଳାଙ୍କର ପ୍ରକୃତ ଭୋଗଦଖଲ ଅଧୀନରେ ଥାଏ ଏବଂ ସେହି ମହିଳା ପରମ୍ପରା ଅନୁଯାୟୀ ବାହାରେ ଆତଯାତ କରନ୍ତି ନାହିଁ, ତେବେ ସେହି ଗୃହରେ ପ୍ରବେଶ କରିବା ପୂର୍ବରୁ ସଂପୃକ୍ତ ପୋଲିସ୍ ଅଧିକାରୀ ପ୍ରଥମେ ସେହି ମହିଳାଙ୍କୁ ଘରୁ ବାହାରି ଆସିବା ପାଇଁ ବିଜ୍ଞପ୍ତି କରିବେ ତଥା ସେହି ମହିଳାଙ୍କୁ ବାହାରି ଆସିବା ପାଇଁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ।

**ଦଫା-୫୦. ଗିରଫ ବ୍ୟକ୍ତିଙ୍କୁ ଗିରଫର କାରଣ ଓ ଜାମିନ୍ ପାଇଁ ଅଧିକାର ସମ୍ବନ୍ଧରେ ଅବଗତ କରାଇବା-**

କୋଣସି ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ କରୁଥିବା ପ୍ରତି ପୋଲିସ୍ ଅଧିକାରୀ ବା ବ୍ୟକ୍ତି ସେ ଯେଉଁ ଅପରାଧ ପାଇଁ ଗିରଫ ହେଉଛନ୍ତି ତହିଁର ସମୁଦାୟ ତଥ୍ୟାବଳୀ ବା ଉକ୍ତ ଗିର‘ ପଛରେ ଥିବା ଅନ୍ୟ କାରଣଗୁଡିକ ସମ୍ବନ୍ଧରେ ତତ୍‌କ୍ଷଣାତ୍ ତାଙ୍କୁ ଅବଗତ କରାଇବେ। ଯେଉଁ ସ୍ଥଳେ ଜଣେ ପୋଲିସ୍ ଅଧିକାରୀ ଏଭଳି ଜଣେ ବ୍ୟକ୍ତିଙ୍କୁ ବିନା ପରଓ୍ୱାନାରେ ଗିରଫ

କରିଥାନ୍ତି, ଯେ କି ଜାମିନ୍-ଅଯୋଗ୍ୟ ଅପରାଧରେ ଅଭିଯୁକ୍ତ ହୋଇନଥିବେ, ସେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସୂଚନା ଦେବେ ଯେ, ସେ ଜାମିନ୍‌ରେ ଖଲାସ୍ ହେବା ପାଇଁ ହକ୍‌ଦାର ତଥା ସେ ତାଙ୍କ ପାଇଁ ଜାମିନ୍‌ଦାର ଯୋଗାଡ କରିପାରନ୍ତି।

**ଦଫା-୫୦ଏ. ଗିରଫ ଇତ୍ୟାଦି ସମ୍ବନ୍ଧରେ ମନୋନୀତ ବ୍ୟକ୍ତିଙ୍କୁ ଜଣାଇବା ଗିରଫକାରୀ ବ୍ୟକ୍ତିଙ୍କର ଦାୟିତ୍ୱ-**

ଏହି ସଂହିତା ଅଧୀନରେ ଗିରଫ କରୁଥିବା ପ୍ରତ୍ୟେକ ପୋଲିସ୍ ଅଧିକାରୀ ଉକ୍ତ ଗିରଫ ତଥା ଯେଉଁଠି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ରଖାଯାଇଛି, ସେ ସ୍ଥାନ ସମ୍ବନ୍ଧରେ ସୂଚନା ତାଙ୍କର କୌଣସି ବନ୍ଧୁ, ସଂପର୍କୀୟ ବା ଅନ୍ୟ ଏଭଳି କୌଣସି ବ୍ୟକ୍ତିଙ୍କୁ ତତ୍‌କ୍ଷଣାତ୍ ପ୍ରଦାନ କରିବେ, ଯାହାଙ୍କ ନାମ ଗିରଫ ହୋଇଥିବା ବ୍ୟକ୍ତି ଉକ୍ତ ସୂଚନା ପଠାଇବା ଉଦ୍ଦେଶ୍ୟରେ ପ୍ରକଟ କରିଥିବେ। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ୍ ଥାନାକୁ ଅଣାଯିବା ସଙ୍ଗେସଙ୍ଗେ ପୋଲିସ୍ ଅଧିକାରୀ ତାଙ୍କୁ ତାଙ୍କର ଅଧିକାରଗୁଡିକ ବିଷୟରେ ସୂଚନା ଦେବେ। ଉକ୍ତ ବ୍ୟକ୍ତିଙ୍କର ଗିରଫ ବିଷୟରେ କାହାଙ୍କୁ ସୂଚନା ଦିଆଯାଇଛି, ସେ ବିଷୟରେ ପୋଲିସ୍ ଥାନାରେ ରଖାଯାଇଥିବା ଏକ ଖାତାରେ ବିହିତ ପ୍ରଣାଳୀରେ ତଥ୍ୟ ଦରଜ କରାଯିବ। ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଉକ୍ତ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ହାଜର କରାଯିବ, ସେହି ମାଜିଷ୍ଟ୍ରେଟ୍ ଗିରଫ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପୋଲିସ୍ ଏତାଦୃଶ ଦାୟିତ୍ୱ ପାଳନ କରିଛି କି ନାହିଁ, ତାହା ହୃଦ୍‌ବୋଧ କରିବେ।

**ଦଫା-୫୧. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ତଲାସି-**

ଯେଉଁସ୍ଥଳେ ଜଣେ ମହିଳାଙ୍କୁ ତଲାସି କରାଯିବା ଆବଶ୍ୟକ ପଡିବ, ସେପରି ସ୍ଥଳେ ଶାଳୀନତା ପ୍ରତି କଠୋର ଧ୍ୟାନପ୍ରଦାନ ପୂର୍ବକ ତାଙ୍କୁ ଅନ୍ୟ ଜଣେ ମହିଳାଙ୍କ ଦ୍ୱାରା ତଲାସି କରାଯିବ।

**ଦଫା-୫୩. ପୋଲିସ୍ ଅଧିକାରୀଙ୍କ ଅନୁରୋଧ କ୍ରମେ ଅଭିଯୁକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-**

ଯେଉଁ ସ୍ଥଳେ ଏହି ଦଫା ଅଧୀନରେ ଜଣେ ମହିଳାଙ୍କର ଶରୀର ପରୀକ୍ଷା କରାଯିବ, ସେପରି ସ୍ଥଳେ ଜଣେ ପଞ୍ଜିକୃତ କାର୍ଯ୍ୟରତ ଡାକ୍ତର, ଯେ କି ଜଣେ ମହିଳା ହୋଇଥିବେ, ତାଙ୍କ ଦ୍ୱାରା ବା ତାଙ୍କ ତତ୍ତ୍ୱାବଧାନରେ ଏହା କରାଯିବ।

**ଦଫା-୫୪. ଗିରଫ ହୋଇଥିବା ବ୍ୟକ୍ତିଙ୍କ ଅନୁରୋଧ କ୍ରମେ ତାଙ୍କୁ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା-**

ଗିରଫ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କଲାବେଳେ ଅଥବା ହାଜତରେ ଅଟକ ଥିବା ଭିତରେ ସେ ଯଦି ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଫେରାଦ୍ ହୁଅନ୍ତି ଯେ, ତାଙ୍କ ଶରୀରକୁ ପରୀକ୍ଷା କରାଗଲେ ସେଥିରୁ ପ୍ରାପ୍ତ ପ୍ରମାଣ ବଳରେ ସେ ଅପରାଧ ଘଟାଇଛନ୍ତି ବୋଲି ଆଗତ ଅଭିଯୋଗଟି ଅସିଦ୍ଧ ହୋଇଯିବ, ଅଥବା ତାଙ୍କ ବିରୁଦ୍ଧରେ ଆଉ ଜଣେ ବ୍ୟକ୍ତି ଅପରାଧ ଘଟାଇଥିବାର ତଥ୍ୟକୁ ସାବ୍ୟସ୍ତ କରିଦେବ, ଏବଂ ପୁଣି ଯଦି ମାଜିଷ୍ଟ୍ରେଟ୍ ବିବେଚନା କରନ୍ତି ଯେ, ଏଭଳି ଏକ ଫେରାଦ୍ ଜଟିଳତା ସୃଷ୍ଟି ଅଥବା କାଳକ୍ଷେପଣ ଅଥବା ନ୍ୟାୟବିଚାରର ଉଦ୍ଦେଶ୍ୟକୁ ପଣ୍ଡ କରିଦେବା ପାଇଁ ଅଭିପ୍ରେତ ନୁହେଁ, ତେବେ ସେ ଏପରି ଗିରଫ ହୋଇଥିବା ବ୍ୟକ୍ତିଙ୍କର ଅନୁରୋଧ କ୍ରମେ ତାଙ୍କର ଶରୀରକୁ ଜଣେ ପଞ୍ଜିକୃତ କାର୍ଯରତ ୟଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦେବେ। ଯେଉଁସ୍ଥଳେ ଉପରୋକ୍ତ ମତେ ଗୋଟିଏ ପରୀକ୍ଷା କରଯାଇଥାଏ, ଉକ୍ତ ପରୀକ୍ଷାର ବିବରଣୀର ଏକ ନକଲ ପରୀକ୍ଷାକାରୀ ଡାକ୍ତରଙ୍କ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ନତୁବା ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯିବ।

**ଦଫା-୫୬. ଗିରଫ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟ୍ ବା ପୋଲିସ୍ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସାମନାରେ ହାଜର-**

କୌଣସି ପୋଲିସ୍ ଅଧିକାରୀ ବିନା ପରଓ୍ୱାନାରେ ଗିରଫ କଲେ, ସେ ଅନାବଶ୍ୟକ ବିଳମ୍ବ ନକରି ଓ ଏହି ସଂହିତାରେ ଥିବା ଜାମିନ୍-ସଂକ୍ରାନ୍ତ ପ୍ରାବଧାନଗୁଡିକର ସାପେକ୍ଷତା ଅଧୀନରେ ରହି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ସଂପୃକ୍ତ ମାମଲାରେ କ୍ଷେତ୍ରାଧିକାର ଥିବା ଜଣେ ମାଜିଷ୍ଟ୍ରେଟ୍ ଅଥବା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ନେଇଯିବେ ବା ପଠାଇଦେବେ।

**ଦଫା-୭୦. ଗିରଫ ପରଓ୍ୱାନାର ପ୍ରରୂପ ଓ କାଳାବଧି-**

ଅଦାଲତ ଦ୍ୱାରା ଜାରି କରାଯାଉଥିବା ପ୍ରତି ଗିରଫ ପରଓ୍ୱାନା ଲିଖିତ ଆକାରରେ ଅଦାଲତର ପୀଠାସୀନ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ତଥା ଅଦାଲତର ମୋହର-ଯୁକ୍ତ ହୋଇଥିବ ।

**ଦଫା-୭୧. ଜାମିନ୍ ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା-**

ଜଣେ ବ୍ୟକ୍ତିଙ୍କୁ ଗିରଫ ପାଇଁ ପରଓ୍ୱାନା ଜାରି କରୁଥିବା କୌଣସି ଅଦାଲତ ନିଜେ ଉଚିତ୍ ମନେ କରୁଥିବା ମତେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଜାମିନ୍‌ରେ ଖଲାସ ହେବା ପାଇଁ ନିର୍ଦ୍ଦେଶ ଦେଇପାରିବେ । ଏହି ନିର୍ଦ୍ଦେଶରେ ଏହିସବୁ ତଥ୍ୟ ସୂଚୀତ ହୋଇଥିବ, ଯଥା କେତେ ସଂଖ୍ୟକ ଜାମିନ୍‌ଦାର ଆବଶ୍ୟକ; ଜାମିନ୍‌ଦାରମାନେ କେତେ ପରିମାଣର ଅର୍ଥରାଶି ଦାଖଲ କରିବେ ତଥା କେଉଁ ସମୟରେ ଗିର' ହୋଇଥିବା ବ୍ୟକ୍ତି ଅଦାଲତ୍‌ଙ୍କ ସାମନାରେ ହାଜର୍ ହେବେ ।

**ଦଫା-୭୫. ଗିରଫ ପରଓ୍ୱାନାର ସାରାର୍ଥକୁ ବିଜ୍ଞପ୍ତି କରିବା-**

ଗିରଫ ପରଓ୍ୱାନାକୁ କାର୍ଯ୍ୟକାରୀ କରୁଥିବା ପୋଲିସ୍ ଅଧିକାରୀ ପରଓ୍ୱାନାର ସାରାର୍ଥକୁ ଗିରଫ ହେବାକୁ ଯାଉଥିବା ବ୍ୟକ୍ତିଙ୍କୁ ବିଜ୍ଞପ୍ତି କରିବେ ଏବଂ ଆବଶ୍ୟକ ସ୍ଥଳେ ତାଙ୍କୁ ପରଓ୍ୱାନା ଦେଖାଇବେ ।

**ଦଫା-୭୬. ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅବିଳମ୍ୱେ ଅଦାଲତଙ୍କ ସାମନାକୁ ଅଣାଯିବା –**

**ସଂପୃକ୍ତ ପୋଲିସ୍ ଅଧିକାରୀ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଅନାବଶ୍ୟକ ବିଳମ୍ୱ ନକରି ଅଦାଲତଙ୍କ ସାମନାରେ ହାଜର କରାଇବେ, ଏବଂ ଗିରଫ ସ୍ଥାନଠାରୁ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପର୍ଯ୍ୟନ୍ତ ଗସ୍ତ ପାଇଁ ଯେତିକି ସମୟ ଆବଶ୍ୟକ, ତାକୁ ଛାଡି ଏପରି ବିଳମ୍ୱ କୌଣସି ପରିସ୍ଥିତିରେ ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ହେବନାହିଁ ।**

**ଦଫା-୧୦୦. ମହିଳାଙ୍କ ସ୍ଥାନ ବା ଶରୀର ତଲାସି ବେଳେ-**

ଯଦି ଜଣେ ମହିଳା ନିଜ ସ୍ଥାନ ଆଖପାଖରେ ବା ନିଜ ଶରୀରରେ କୌଣସି ଏକ ବସ୍ତୁକୁ ଲୁଚାଇ ରଖିଛନ୍ତି ବୋଲି ଯଥାର୍ଥ ସନ୍ଦେହ ଉପୁଜିବ, ଏବଂ ତାଙ୍କୁ ତଲାସ୍ କରାଯିବ, ତେବେ ଶାଳୀନତା ପ୍ରତି କଠୋର ଧ୍ୟାନ ଦିଆଯିବ ସହିତ ଅନ୍ୟ ଜଣେ ମିହିଳାଙ୍କ ଦ୍ୱାରା ତାଙ୍କର ତଲାସି ନିଆଯିବ ।

**ଦଫା-୧୬୦. ମହିଳା ଓ ନାବାଳକ ସାକ୍ଷୀମାନଙ୍କୁ ହାଜର କରାଇବା କ୍ଷେତ୍ରରେ କଟକଣା-**

ଜଣେ ତଦନ୍ତକାରୀ ପୋଲିସ୍ ଅଧିକାରୀ ପନ୍ଦର ବର୍ଷରୁ କମ୍ ବୟସର ଗୋଟିଏ ପୁଅ ପିଲା କିମ୍ୱା କୌଣସି ଜଣେ ମହିଳାଙ୍କୁ ସେମାନେ ବାସ କରୁଥିବା ସ୍ଥାନ ବ୍ୟତିରେକ ଅନ୍ୟ ସ୍ଥାନରେ ସାକ୍ଷ୍ୟ ଦେବା ପାଇଁ ହାଜର୍ ହେବାକୁ ବାଧ୍ୟ କରିପାରିବେ ନାହିଁ ।

**ହାତକଡି ପକାଇବା ଉପରେ ସୁପ୍ରିମ୍ କୋର୍ଟଙ୍କ କଟକଣା –**

ଗିରଫ ହୋଇଥିବା ବ୍ୟକ୍ତିକୁ ଥାନା ବା ଜେଲ୍‌ରୁ ଅଦାଲତକୁ ବା ଅଦାଲତରୁ ହାଜତ୍ ବା ଜେଲ୍‌କୁ ନେବା ଆଣିବା ବେଳେ ତାଙ୍କୁ ହାତକଡି ପକାଇବା ସାଧାରଣତଃ ଅନୁଚିତ୍ । କେବଳ କେତେକ ସ୍ୱତନ୍ତ୍ର ସ୍ଥଳରେ ଲିଖିତ କାରଣ ଦର୍ଶାଇ ହାତକଡି ପକାଯାଇପାରେ ; ଯଥା, ଅପରାଧୀ ଜଣକ ଗୁରୁତର ଜାମିନ୍ ବିହୀନ ଅପରାଧରେ ଜଡିତ, ପୂର୍ବରୁ ଏଭଳି ଗୁରୁତର ଅପରାଧ ଘଟାଇଛନ୍ତି , ଖସିଯାଇ ପାରନ୍ତି ବା ଆତ୍ମହତ୍ୟା ପାଇଁ ଉଦ୍ୟମ କରିପାରନ୍ତି । ପୁଣି ରାଜନୈତିକ ବନ୍ଦୀମାନଙ୍କୁ ହାତକଡି ପିନ୍ଧାଇ ରାସ୍ତା ଚଲାଇଚଲାଇ ନେବା ନିଷିଦ୍ଧ ଅଟେ **[ଦ୍ରଷ୍ଟବ୍ୟ : ପ୍ରେମ୍‌ଶଙ୍କର ଶୁକ୍ଳା ବନାମ ଦିଲ୍ଲୀ ପ୍ରଶାସନ , ୧୯୮୦ ଏବଂ ସୁନୀଲ୍ ବାତ୍ରା (୨) ବନାମ ଦିଲ୍ଲୀ, ୧୯୮୦ କେଶ୍‌ରେ ସୁପ୍ରିମ୍ କୋର୍ଟ୍‌ଙ୍କ ରାୟ ]**

## କେଶ୍‌ର କାର୍ଯ୍ୟବିଧି ପ୍ରକ୍ରିୟା

**ଅନୁସନ୍ଧାନ କାର୍ଯ୍ୟଆରମ୍ଭ**

↓

**ଅଭିଯୁକ୍ତଙ୍କର ଅଦାଲତରେ ହାଜର ହେବା ବାଧତାମୂଳକ**

↓

**ସରକାରୀ ସାକ୍ଷୀମାନଙ୍କୁ ଜେରା**

- ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ନିର୍ଦ୍ଦୋଷ ପ୍ରମାଣିତ ହୁଅନ୍ତି, ତେବେ ସେ ଖଲାସ ହୁଅନ୍ତି ।
- ଯଦି ପ୍ରାଥମିକ ଅନୁସନ୍ଧାନରେ ଅଭିଯୁକ୍ତ ଦୋଷୀ ପ୍ରମାଣିତ ହୁଅନ୍ତି, ତାଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଏ ।
  - ଯଦି ଅଭିଯୁକ୍ତ ଏହି ପର୍ଯ୍ୟାୟରେ ଅପରାଧ ସ୍ୱୀକାର କରନ୍ତି ତେବେ ଦଣ୍ଡବିଧାନ ଘୋଷଣା କରାଯାଏ ।
  - ଯଦି ଅଭିଯୁକ୍ତ ଅପରାଧ ସ୍ୱୀକାର ନକରନ୍ତି ତେବେ ସାକ୍ଷୀମାନଙ୍କୁ ଜେରା କରାଯାଏ ।

↓

**ପ୍ରତିବାଦୀ ପକ୍ଷର ସାକ୍ଷୀମାନଙ୍କୁ ଜେରା**

↓

**ଉଭୟ ଅଭିଯୁକ୍ତ ଓ ଅଭିଯୋକ୍ତାଙ୍କ ବୟାନ ଶୁଣାଯାଏ**

- ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ନହେବେ, ତେବେ ସେ ଖଲାସ ହୋଇଯିବେ ।
- ଯଦି ଅଭିଯୁକ୍ତ ଦୋଷୀ ପ୍ରମାଣିତ ହେବେ, ତେବେ ସେ ଦଣ୍ଡିତ ହେବେ ତେବେ ସେ ଦଣ୍ଡିତ ହେବେ ।

↓

**ଏହା ଅଭିଯୁକ୍ତଙ୍କୁ ଜଣାଇ ଦିଆଯାଏ**

↓

**ଦଣ୍ଡ ବିଧାନ ଘୋଷିତ ହୁଏ**

## ପୁନଃପୌନିକ ଜିଜ୍ଞାସାମାନ

**୧. ପ୍ରଶ୍ନ** : ମୋର ସ୍ୱାମୀ ମୋର ତଥା ମୋର ସନ୍ତାନମାନଙ୍କର ଯଥାର୍ଥ ଯତ୍ନ ନିଅନ୍ତି ନାହିଁ । ଘରର ଆବଶ୍ୟକୀୟ ଦ୍ରବ୍ୟ ମଧ ଆଣିଦିଅନ୍ତି ନାହିଁ । ମୋର ପିଲାମାନଙ୍କୁ ଠିକ୍ ଭାବେ ଖାଇବାକୁ ଦିଆଯାଇପାରେ ନାହିଁ । ରାତିରେ ଘରକୁ ଫେରିଲେ ସେ ମତେ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବେଳେବେଳେ ବାଡ଼ିଆପିଟା ମଧ କରନ୍ତି । ବର୍ତ୍ତମାନ ମୁଁ ମୋ ବାପା ଓ ମା'ଙ୍କ ପାଖରେ ରହୁଛି । ମୁଁ କ'ଣ ମୋର ସ୍ୱାମୀଙ୍କ ଠାରୁ ଭରଣପୋଷଣ ଦାବୀ କରିପାରିବି ?

**ଉତ୍ତର** : ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ର ନବମ ଅଧ୍ୟାୟରେ ସ୍ଥାନିତ ଦଫା ୧୨୫ ଅନୁସାରେ ଆପଣ ନିଜ ପାଇଁ ତଥା ପିଲାମାନଙ୍କ ପାଇଁ ଭରଣପୋଷଣ ଦାବୀ କରିପାରିବେ । ଯଦି ଆପଣ ବିଚାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏହି ଦ'ାରେ ଏକ ମକଦ୍ଦମା ଦାଏର୍ କରନ୍ତି, ତେବେ ମାଜିଷ୍ଟ୍ରେଟ୍ ଆପଣଙ୍କର ଓ ପିଲାମାନଙ୍କର ଭରଣପୋଷଣ ବାବଦରେ ଏକ ମାସିକ ଭତ୍ତା ଦେବା ପାଇଁ ଆଦେଶ ଦେଇ ପାରନ୍ତି । ପୂର୍ବରୁ ଏହି ମାସିକ ଭତ୍ତାର ସର୍ବାଧିକ ପରିମାଣ ମାତ୍ର ପାଞ୍ଚଶତ ଟଙ୍କା ଥିଲା, କିନ୍ତୁ ୨୦୦୧ରେ ଗୃହୀତ ଏକ ସଂଶୋଧନ ମତେ ଏହି ସୀମାକୁ ଉଠାଇ ଦିଆଯାଇଛି ଏବଂ ମାଜିଷ୍ଟ୍ରେଟ୍‌ଙ୍କ ବିଚାର ଉପରେ ଛାଡି ଦିଆଯାଇଛି । ପୁଣି ବିଭିନ୍ନ ରାଜ୍ୟମାନେ ନିଜନିଜ କ୍ଷେତ୍ରପାଇଁ ଭିନ୍ନଭିନ୍ନ ପରିମାଣ ଧାର୍ଯ୍ୟ କରିଛନ୍ତି, ଯଥା ମହାରାଷ୍ଟ୍ର, ତ୍ରିପୁରା ଓ ପଶ୍ଚିମବଙ୍ଗଳା ଦେଢ ହଜାର ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଉତ୍ତରପ୍ରଦେଶ ପାଞ୍ଚ ହଜାର ଟଙ୍କା ଧାର୍ଯ୍ୟ କରିଛି । ,

ଏହାଛଡା ଯଦି ତୁମ ସ୍ୱାମୀ ବେଶ୍ ସମ୍ପତ୍ତିର ମାଲିକ ହୋଇଥାନ୍ତି, ତେବେ ତୁମେ ପର୍ଯ୍ୟାପ୍ତ ପରିମାଣର ମାସିକ ଭତ୍ତା ପାଇବା ପାଇଁ ଦେଓ୍ୱାନି ଆଇନ୍ ଅନୁଯାୟୀ ଭରଣପପୋଷଣ ପାଇଁ ପରିବାର ଅଦାଲତର ଦ୍ୱାରସ୍ଥ ହୋଇପାରିବ ।

ତୃତୀୟ ବିକଳ୍ପ ହେଲା, ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ଅନୁଯାୟୀ ତୁମେ ପ୍ରଥମେ ସଂପୃକ୍ତ ସୁରକ୍ଷା ଅଧିକାରୀଙ୍କ ପାଖରେ ଏକ 'ଘରୋଇ ହିଂସା ବିବରଣୀ'ରେ ସ୍ୱାକ୍ଷର କରିବ, ଯାହାକୁ ସେ ନିଜର ଟିପ୍‌ପଣୀ ସହିତ ସଂପୃକ୍ତ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିବେ; ନଚେତ୍ ତୁମେ ସିଧାସଳଖ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିପାରିବ । ସେହି ମାଜିଷ୍ଟ୍ରେଟ୍ ଏହା ପାଇବାର ୩ଦିନ ଭିତରେ ତୁମ କେଶ୍‌ର ପ୍ରଥମ ଶୁଣାଣି କରିବେ ଏବଂ ଉଭୟଙ୍କ ବୟାନ ଶୁଣିବା ପରେ ତୁମର ଏବଂ ପିଲାମାନଙ୍କ ପାଇଁ ଏକ ଭରଣପୋଷଣ ଆଦେଶ ଜାରି କରିପାରିବେ । ପ୍ରଥମ ଶୁଣାଣି ଠାରୁ ମୋଟ୍ ୬୦ଦିନ ଭିତରେ ଏହି ଆଦେଶ ଜାରିହେବ ।

**୨.ପ୍ରଶ୍ନ** : ମୋର ସ୍ୱାମୀ କୌଣସି କାମ କରନ୍ତି ନାହିଁ । ଏଥିପାଇଁ ତାଙ୍କର କୌଣସି ଆଗ୍ରହ ନାହିଁ କିମ୍ବା ଯଦି କରନ୍ତି ତେବେ ୨ ବର୍ଷରୁ ଅଧିକ ସମୟ ସ୍ଥାୟୀ ହୋଇ ରହିପାରନ୍ତି ନାହିଁ । ସେଥିପାଇଁ ମତେ ମୋର ଶାଶୁଘରର ଲୋକଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ସେମାନଙ୍କ ଉପରେ ବୋଝ ହୋଇ ରହିଥିବାରୁ ମୋତେ ସବୁବେଳେ ଗାଳିଗୁଲଜ ସହିବାକୁ ପଡ଼େ । ମାନସିକ ନିର୍ଯ୍ୟାତନା କ୍ରମଶଃ ବୃଦ୍ଧି ପାରିବାରୁ ମୁଁ ମୋର ବାପଘରକୁ ଚାଲି ଆସିଲି । ଦିନ ମଜୁରିଆର ସ୍ୱଳ୍ପ ଆୟରେ ମୁଁ ମୋର ପିଲାମାନଙ୍କୁ ପାଠ ପଢ଼ାଇ ପାରୁନାହିଁ । ମୁଁ ଏବେ କଣ କରିବି ?

**ଉତ୍ତର** : ସାଧାରଣତଃ ଦେଖାଯାଏ ଯେ, ବହୁ କ୍ଷେତ୍ରରେ ସ୍ୱାମୀମାନେ 'ମୋର କୌଣସି ଚାକିରି ନାହିଁ, ମୁଁ ମୋ ବାପାମା'ଙ୍କ ଉପରେ ନିର୍ଭର କରି ଚଳୁଛି' ଇତ୍ୟାଦି ଆଳ ଦେଖାଇ ଭରଣପୋଷଣର ଦାୟିତ୍ୱକୁ ଏଡାଇ ଯାଇଥାଆନ୍ତି । ଏହି ଦୃଷ୍ଟାନ୍ତକୁ ଆଖି ଆଗରେ ରଖି ସୁପ୍ରୀମ୍ କୋର୍ଟ ମନ୍ତବ୍ୟ ଦେଇଛନ୍ତି ଯେ, ଯଦି ସ୍ୱାମୀ

ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ଥିବେ ତେବେ ସେ ତାଙ୍କ ସ୍ତ୍ରୀ ଏବଂ ସନ୍ତାନମାନଙ୍କ ଦାୟିତ୍ୱ ନେବାକୁ ବାଧ୍ୟ ଅଟନ୍ତି। ଏହି ଦାୟିତ୍ୱକୁ ସେ ଏଡ଼େଇ ଦେଇପାରିବେ ନାହିଁ। ତୁମେ ଭରଣପୋଷଣ ଓ ପିଲାମାନଙ୍କର ଶିକ୍ଷା ପାଇଁ ଅର୍ଥ ଦାବୀ କରି ସଂପୃକ୍ତ ଦେଓ୍ୱାନି ଅଦାଲତର ଦ୍ୱାରସ୍ଥ ହୋଇ ପାରିବ।

ଏହାଛଡା ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ ଅଧୀନରେ ମଧ୍ୟ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ବା ନିଜେ ସିଧାସଳଖ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ନିଜର ଓ ପିଲାମାନଙ୍କର ଭରଣପୋଷଣ ପାଇଁ ଫେରାଦ ହୋଇପାରିବ।

**୩. ପ୍ରଶ୍ନ** : ମୋର ସ୍ୱାମୀ ଖୁବ୍ ସନ୍ଦେହୀ ପ୍ରକୃତିର ହୋଇଥିବାରୁ ମତେ କାହା ସହ କଥାବାର୍ତ୍ତା କରିବାକୁ ଦିଅନ୍ତି ନାହିଁ। ସେ ସର୍ବଦା ମୋତେ ଓ ମୋର ପିତାମାତାଙ୍କୁ ତାଚ୍ଛଲ୍ୟ କରି କଥା କୁହନ୍ତି। କିନ୍ତୁ କାହା ସାମ୍ନାରେ ଗାଳି କରନ୍ତି ନାହିଁ କି ପିଟନ୍ତି ନାହିଁ। ମୋର ଏହି ନିର୍ଯ୍ୟାତନାର କଥା ମୁଁ କାହା ଆଗରେ କହି ପାରେ ନାହିଁ, କାରଣ ମୋର ସ୍ୱାମୀ ଅନ୍ୟ ମାନଙ୍କ ଆଗରେ ଖୁବ୍ ଭଲ ବ୍ୟବହାର କରନ୍ତି ଏବଂ ଆବଶ୍ୟକୀୟ ଦ୍ରବ୍ୟ ମଧ କିଣି ଦିଅନ୍ତି। ଏପରିକି ମୋର ପିତାମାତା ମଧ ଏକଥା ବିଶ୍ୱାସ କରିବେ ନାହିଁ। ଏହିପରି ମାନସିକ ନିର୍ଯ୍ୟାତନା ମଧରେ ମୁଁ ୨ ବର୍ଷ ଧରି ଛଟପଟ ହେଉଛି, ମୁଁ ଅଧିକ ସହ୍ୟ କରି ପାରୁନାହିଁ। ମୁଁ କଣ କରିବି ?

**ଉତ୍ତର** : ତୁମେ ପ୍ରଥମେ ଏସବୁ କଥା ଅନ୍ୟ ଆଗରେ ପ୍ରକାଶ କର। ଘରର ଚାରିକାନ୍ଥ ମଧରେ ତୁମକୁ ନିର୍ଯ୍ୟାତନା ଦେଲେ ଏହାର ପ୍ରତିବାଦ କରିବା ଆରମ୍ଭ କର। ଘରର ଅନ୍ୟ ସଦସ୍ୟମାନଙ୍କୁ ଜଣାଅ। ତୁମର ପିତା, ମାତା, ବନ୍ଧୁବାନ୍ଧବଙ୍କୁ ମଧ ପ୍ରକୃତ କଥା ଜଣାଅ। ଯଦି ସିଧାସଳଖ କହି ପାରୁନାହିଁ, ତେବେ ଲିଖିତ ଭାବରେ ହେଉ କି ଫୋନ୍ ମାଧମରେ ହେଉ, ଜଣାଇବାକୁ ଚେଷ୍ଟା କର। ଯଦି ସେମାନେ ତୁମର ସ୍ୱାମୀଙ୍କୁ ଏ ବିଷୟରେ ପଚାରନ୍ତି ଓ ତୁମର ସ୍ୱାମୀ ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି, ତେବେ ତ ଖୁସିର କଥା। ନଚେତ୍ ତୁମେ ତୁମର ଘରର ମୁଖ୍ୟ, ଗାଁ ମୁଖିଆ, ମହିଳା ସଂଗଠନ ଅବା ପାରିବାରିକ ପରାମର୍ଶ କେନ୍ଦ୍ରର ସାହାଯ୍ୟ ନିଅ।

ଯଦି ତଥାପି ତୁମର ସମସ୍ୟା ସମାଧାନ ନହେଲା, ତେବେ ତୁମେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ର ଆଶ୍ରୟ ନେଇପାରିବ। କିନ୍ତୁ ନୀରବରେ ନିର୍ଯ୍ୟାତନା ସହ୍ୟ କରନାହିଁ।

**୪. ପ୍ରଶ୍ନ** : ମୋର ବିବାହ ୩ବର୍ଷ ହେଲାଣି, ବିବାହ ପରଠାରୁ କ୍ରମାଗତ ଭାବରେ ମୋର ସ୍ୱାମୀ ଏବଂ ତାଙ୍କ ପରିବାରର ସଦସ୍ୟମାନେ ଅଧିକ ଯୌତୁକ ଦାବୀ କରି ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଅଛି। ଯଦିଓ ମୋର ପିତାମାତା ଦାବୀ ମୁତାବକ ପ୍ରଚୁର ଯୌତୁକ ଦେଇଛନ୍ତି, ତା ସତ୍ତ୍ୱେ ମୋତେ ବହୁତ ପ୍ରକାର ନିର୍ଯ୍ୟାତନା ଦେଇ ଚାଲିଛନ୍ତି। ମୋର ପିତା ମୋର ବିବାହ ସମୟରେ କରିଥିବା ଧାରକରଜରେ ବୁଡ଼ି ରହିଛନ୍ତି। ମୋର କଷ୍ଟ ସହି ନପାରି ପୁଣି କୋଡିଏ ହଜାର ଟଙ୍କାର ଏକ ଚେକ୍ ପଠାଇଥିଲେ। ତଥାପି ଶାଶୁଘରଲୋକଙ୍କ ଲୋଭର ଅନ୍ତ ନାହିଁ, ଅଧିକରୁ ଅଧିକ ଦାବୀ କରିଚାଲିଛନ୍ତି। ଯେତେ ବୁଝାଇଲେ ମଧ କିଛି ସୁଫଳ ମିଳୁନି । ଏକ ସପ୍ତାହ ମଧରେ ଅଧିକ ଯୌତୁକ ନ ଆଣିଲେ ଘରୁ ବାହାର କରିଦେବା ପାଇଁ ଧମକ ଦେଉଛନ୍ତି। ମୋ ପାଇଁ ଏ ପରିସ୍ଥିତି ଖୁବ୍ ଅସହ୍ୟ ହେଉଛି। ମୁଁ କଣ କରିବି ?

**ଉତ୍ତର** : ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ଧାରା ୪୯୮(ଏ) ଯୌତୁକ ନିର୍ଯ୍ୟାତନାରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପ୍ରଣୀତ। କିନ୍ତୁ ଏହା ଏକ ଫୌଜଦାରୀ ମାମଲା, ଯାହାକି ଜାମିନ୍‌ବିହୀନ ଓ ରଫାରହିତ । ଏହା ବଳରେ ତୁମ ସ୍ୱାମୀ ଓ ପରିବାରବର୍ଗଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହିତ ଜୋରିମାନା

ଦିଆଯାଇପାରିବ । ତେଣୁ ତୁମକୁ ଭାବିଚିନ୍ତି ପଦକ୍ଷେପ ସ୍ଥିର କରିବାକୁ ପଡିବ । ଏହାଛଡା ଯୌତୁକ ନିରୋଧ ଆଇନ୍ , ୧୯୬୧ର ଧାରା-୪ ଅଧୀନରେ ମଧ୍ୟ ସେମାନେ ୨ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୧୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହୋଇପାରିବେ ।

ତୁମେ ଯଦି ଭାବୁଥାଅ ଶାଶୁଘରେ ତୁମକୁ ରଖାଇଦେବେନି, କିନ୍ତୁ ତୁମେ ରହିବାକୁ ଚାହୁଁଛ, ତେବେ ତୁମେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍, ୨୦୦୫ର ଆଶ୍ରୟ ନେଇପାରିବ । ଏହି ଆଇନ୍ ବଳରେ ସଂପୃକ୍ତ ମାଜିଷ୍ଟ୍ରେଟ୍ ତୁମର ସ୍ୱାମୀ ଓ ଶାଶୁଘର ଲୋକଙ୍କୁ ନିର୍ଦ୍ଦେଶ ଦେଇପାରିବେ ଯୌତୁକ ନିର୍ଯ୍ୟାତନା ବନ୍ଦ କରିବାକୁ ଏବଂ ତୁମକୁ ଓ ତୁମର ପିଲାଙ୍କୁ ଯଥାର୍ଥ ମର୍ଯ୍ୟାଦା ସହକାରେ ଘରେ ରହିବା ପାଇଁ ।

ଯଦି ଶାଶୁଘରେ ରହିବାକୁ ନିରାପଦ ମଣୁନାହଁ, ଏବଂ ବାହାରେ ରହିବାକୁ ଚାହୁଁଥାଅ, ତେବେ ଘରୋଇ ହିଂସା ଆଇନ୍ ବଳରେ ସଂପୃକ୍ତ ସୁରକ୍ଷା ଅଧିକାରୀ ତୁମ ପାଇଁ ନିରାପଦ ଆଶ୍ରୟସ୍ଥଳ ତୁରନ୍ତ ଯୋଗାଡ କରିଦେବେ ଏବଂ ସଂପୃକ୍ତ ମାଜିଷ୍ଟ୍ରେଟ୍ ତୁମର ଭରଣପୋଷଣ ପାଇଁ ମାସିକ ଭତ୍ତା ଦେବା ପାଇଁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇପାରିବେ ।

**୫.ପ୍ରଶ୍ନ** : ସ୍ୱାମୀଙ୍କ ଦ୍ୱାରା ନିର୍ଯ୍ୟାତିତା ହେବା ଅସହ୍ୟ ହେବାରୁ ମୋର ୨ଟି ପିଲାଙ୍କ ସହ ଘର ଛାଡି ଚାଲି ଆସିଲି । ମୋର ଅନୁପସ୍ଥିତିରେ ମୋ ସ୍ୱାମୀ ମୋ ଛୁଆମାନଙ୍କୁ ନେଇ ଚାଲି ଯାଇଛନ୍ତି । ମୋର ବଡ଼ପୁଅର ବୟସ ୭ ବର୍ଷ ଏବଂ ସାନପୁଅର ବୟସ ୩ ବର୍ଷ । ମୁଁ ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସ୍ ଥାନାରେ ପିଲାଙ୍କ ବିଷୟରେ ଅଭିଯୋଗ କରିଥିଲି । ସେହି ସମୟରେ ବ୍ୟସ୍ତତା ମଧରେ ବିବ୍ରତ ହୋଇ ମୁଁ କହିଥିଲି ଯେ, ମୋର ସ୍ୱାମୀ ମୋ ପିଲାମାନଙ୍କୁ ଅପହରଣ କରି ନେଇଛନ୍ତି । ଯେଉଁ ପୋଲିସ୍‌ମାନେ ମୋ କଥା ଧୈର୍ଯ୍ୟରସହ ଶୁଣୁଥିଲେ ଏହି ଅପହରଣ ଶବ୍ଦଟି ଶୁଣିବା ପରେ ମତେ ଛୋଟ କଥାରେ ଘରୁ ଚାଲି ଆସି ଭୁଲ କରିଛ, ମୋର ବ୍ୟବହାର ସ୍ୱାମୀଙ୍କ ପ୍ରତି ଠିକ୍ ନୁହେଁ, ଇତ୍ୟାଦି କହି ଅପମାନିତ କରିବା ସହ ମୋର ଅଭିଯୋଗ ମଧ ଗ୍ରହଣ କଲେ ନାହିଁ । ମୁଁ ଏବେ କଣ କରିବି ବୁଝି ପାରୁନି ? ମୋର ପିଲାଙ୍କୁ ମୋ ଠାରୁ ମୋ ସ୍ୱାମୀ କଣ ଏପରି ଛଡ଼ାଇ ନେଇ ପାରିବେ ? ଏକାଠି ଥିବା ବେଳେ ସେ ପିଲାଙ୍କ କୌଣସି କଥା ବୁଝୁନଥିଲେ । ସେ ମୋ ପିଲାଙ୍କର ଯତ୍ନ ନେଇପାରିବେ ବୋଲି ମୋର ଜମା ବିଶ୍ୱାସ ହେଉନାହିଁ । ପିଲାଙ୍କ ପାଇଁ ମୋତେ ଭାରି ବ୍ୟସ୍ତ ଲାଗୁଛି ।

**ଉତ୍ତର** : ଏଠାରେ ସନ୍ତାନମାନଙ୍କ ତତ୍ତ୍ୱାବଧାନ କ୍ଷେତ୍ରରେ ମହିଳା ମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠିଛି । ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍, ୧୯୫୬ର ଧାରା-୬ ଅନୁଯାୟୀ ପିତା ନାବାଳକ ପୁଅ ଏବଂ ଅବିବାହିତ ନାବାଳକ ଝିଅର ସ୍ୱାଭାବିକ ଅଭିଭାବକ ହୋଇଥଲେ ହେଁ ୫ ବର୍ଷରୁ କମ୍ ହୋଇଥିବା ଗୋଟିଏ ପିଲା ମା' ହେପାଜତ୍‌ରେ ରହିବ; ତେଣୁ ୩ବର୍ଷର ପୁଅର ହେପାଜତ୍ ତୁମ ଅଧୀନକୁ ଆସିପାରିବ । ଯେହେତୁ ତୁମ ବଡ଼ପୁଅର ବୟସ ୭ବର୍ଷ, ତେଣୁ ବାପା ତା'ର ଆଇନ୍‌ଗତ ଅଭିଭାବକ, କିନ୍ତୁ ଉପରୋକ୍ତ ଆଇନ୍‌ର ଧାରା-୧୩(୧) ଅନୁଯାୟୀ ଗୋଟିଏ ନାବାଳକ ପିଲାର ବୟସ ଯାହା ହେଉନା କାହିଁକି, ସେହି ପିଲାର କଲ୍ୟାଣ କଥା ବିଚାର କରି ଅଦାଲତ ଜଣେ ବ୍ୟକ୍ତିଙ୍କୁ ଅଭିଭାବକ ରୂପେ ଘୋଷଣା କରିବ । ତୁମେ ଯଦି ତା' ବାପାଙ୍କ ଠାରୁ ବଡପୁଅର ଅଧିକ ଯତ୍ନନେଇ ପାରିବ ବୋଲି ଯୁକ୍ତି ଦର୍ଶାଇପାର, ତେବେ ଅଦାଲତ ତୁମକୁ ଅଭିଭାବକ ରୂପେ ନିଯୁକ୍ତ କରିପାରନ୍ତି ।

ତୁମେ ଯଦି ହିନ୍ଦୁ ହୋଇନଥାଅ, ତେବେ ପିଲାମାନଙ୍କ ଅଭିଭାବକତ୍ୱ ପାଇଁ ତୁମର ଆବେଦନ ଅଭିଭାବକ ଓ ପ୍ରତିପାଲ୍ୟ ଆଇନ୍, ୧୮୯୦ ଦ୍ୱାରା ବିଚାର କରାଯାଇ ପାରିବ । ଏହି ଆଇନ୍‌ର ଧାରା-୧୭(୧) ଅନୁଯାୟୀ ଅଦାଲତ ନାବାଳକର ବୟସ ଯାହା ହେଉନା କାହିଁକି ତା'ର କଲ୍ୟାଣ ବିଷୟକୁ ବିଚାରକୁ ନେଇ ତା'ର ଅଭିଭାବକତ୍ୱ ତୁମକୁ ନ୍ୟସ୍ତ କରିପାରନ୍ତି । ବାପାଙ୍କ ପାଖରେ ରହିଲେ ପିଲାମାନଙ୍କର କଣ

ଅସୁବିଧା ହେବ, ତୁମେ ତାହା ଦର୍ଶାଇପାର। ଅଦାଲତ ତୁମ ଯୁକ୍ତି ଶୁଣି ପିଲାଙ୍କର ତତ୍ତ୍ୱାବଧାନ ଦାୟିତ୍ୱ ତୁମକୁ ଦେଇ ପାରନ୍ତି।

**ହିନ୍ଦୁ ବା ଅଣହିନ୍ଦୁ ନିର୍ବିଶେଷରେ ପ୍ରତି ମା' ନାବାଳକ ପିଲାଙ୍କ ହେପାଜତ୍ ଦାବୀ କରି ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ବଳରେ ସୁରକ୍ଷା ଅଧିକାରୀଙ୍କ** ଜରିଆରେ **ଅଥବା** ନିଜେ ସିଧାସଳଖ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ କେଶ୍ ରଜୁ କରିପାରନ୍ତି। ଏହି ଆଇନ୍‌ର ଧାରା-୨୧ ବଳରେ ଅଦାଲତ ପିଲାମାନଙ୍କ ହେପାଜତ୍ ବା ଅଭିରକ୍ଷା ମା'କୁ ନ୍ୟସ୍ତ କରିପାରନ୍ତି।

ଥାନାରେ ତୁମକୁ ପୁରୁଷ ପୋଲିସ୍‌ମାନେ ଯେପରି ବ୍ୟବହାର କଲେ, ସେଥିରୁ ଜଣାପଡ଼େ ସେମାନଙ୍କ ଭିତରେ ମହିଳାମାନଙ୍କ ପ୍ରତି ହତାଦର ରହିଛି । ସୁତରାଂ ପ୍ରଥମେ ଚେଷ୍ଟା କରିବ, ଯଦି ତୁମ ଇଲାକାରେ ମହିଳା ଥାନା ଥାଏ, ସେଠାକୁ ଯାଇ କେଶ୍ ରଜୁ କରିବା ପାଇଁ। ଯଦି କୌଣସି ଥାନା ତୁମର ଏଫ୍.ଆଇ.ଆର୍. ଗ୍ରହଣ ନକରନ୍ତି, ତେବେ ତୁମେ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା-୧୫୪(୩) ଅନୁଯାୟୀ ତୁମର ଅଭିଯୋଗକୁ ସିଧାସଳଖ ଜିଲ୍ଲା ଏସ୍.ପି.ଙ୍କ ନିକଟକୁ ଡାକରେ ପଠାଇପାରିବ। କିନ୍ତୁ ସବୁଠୁଁ ଭଲ ହେବ, ଯଦି ତୁମେ ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ଅଧୀନରେ ନିଯୁକ୍ତ ହୋଇଥିବା ସୁରକ୍ଷା ଅଧିକାରୀ, ଯେ କି ଆଇନତଃ ଜଣେ ମହିଳା ହୋଇଥିବା ଉଚିତ୍ ବୋଲି ପ୍ରାବ୍‌ଧାନ ରହିଛି, ତାଙ୍କୁ ଦେଖା କର ଏବଂ ତୁମର ଅଭିଯୋଗ ଜଣାଅ; ସେ ତୁମର ଅଭିଯୋଗକୁ ସଂପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପଠାଇବେ ଏବଂ ଏହାର ଏକ ନକଲ ସେହି ଇଲାକାର ଭାରପ୍ରାପ୍ତ ପୋଲିସ୍ ଅଧିକାରୀ ଓ ସେବା ପ୍ରବନ୍ଧକଙ୍କ ନିକଟକୁ ପଠାଇବେ (ଧାରା-୯), ନଚେତ୍ ତୁମେ ସିଧା ମଧ୍ୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏ ବିଷୟରେ ଅଭିଯୋଗ କରିପାରିବ, ଯେ କି ଏହା ପାଇବାର ୩ଦିନ ଭିତରେ ଉଭୟ ପକ୍ଷଙ୍କୁ ଡକାଇ ପ୍ରଥମ ଶୁଣାଣି କରିବେ ଏବଂ ପ୍ରଥମ ଶୁଣାଣିର ଷାଠିଏ ଦିନ ବିତରେ କେଶ୍ ଫଇସଲା କରିବା ପାଇଁ ପ୍ରୟାସ କରିବେ (ଧାରା-୧୨)। ଏହି ଆଇନ୍‌ର ଧାରା-୨୧ ବଳରେ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ତୁମେ ସମସ୍ତ ପିଲାଙ୍କ ହେପାଜତ୍ ନେବାପାଇଁ ଆଦେଶ ସକାଶେ ଆବେଦନ କରିପାର।

**୬ ପ୍ରଶ୍ନ** : ମୋର ସ୍ୱାମୀଙ୍କୁ ମୁଁ ପ୍ରେମ ବିବାହ କରିଥିଲି। ବାହାଘରର ୨ମାସ ପରେ ସେ ମତେ ଦ୍ୱିତୀୟ ବିବାହ କରିଛନ୍ତି ବୋଲି ଜାଣିପାରିଲି। ତା ପରେ ମୁଁ ତାଙ୍କୁ ଛାଡ଼ି ସ୍ୱତନ୍ତ୍ର ଭାବେ ରହୁଛି। ବର୍ତ୍ତମାନ ମୁଁ ଗର୍ଭବତୀ । ଯେଉଁ ଲୋକକୁ ମୁଁ ଏତେ ଭଲ ପାଉଥିଲି ସେ ମତେ ଏପରି ଠକିଦେଲେ ବୋଲି ଭାବିଲେ ମତେ ଖୁବ୍ ଅସହ୍ୟ ହେଉଛି। ମୁଁ ତାଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହୁଁଛି । ଏହା କିପରି ହେବ ?

**ଉତ୍ତର** : ଏହିପରି ବହୁତ ଠକ ଅଛନ୍ତି, ଯେଉଁମାନେ ପ୍ରଥମ ବିବାହକୁ ଗୋପନ ରଖି ଦ୍ୱିତୀୟ ବିବାହ କରିଥାଆନ୍ତି। ତୁମେ ପୋଲିସ୍ ଥାନାରେ ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତାର ଦଫା-୪୯୫ ଅନୁଯାୟୀ ଏକ ଫୌଜଦାରୀମାମଲା ଦାଏର୍ କରିପାରିବ। ଏହି ଅପରାଧ ଅଧର୍ତ୍ତବ୍ୟ, ଜାମିନ୍‌ଯୋଗ୍ୟ କିନ୍ତୁ ରଫାରହିତ। ଏଥି ପାଇଁ ୧୦ବର୍ଷ ଅଶ୍ରମ ବା ସଶ୍ରମ ଜେଲ୍ ସହିତ ଜୋରିମାନା ଦଣ୍ଡ ରହିଛି।

ସ୍ୱତନ୍ତ୍ର ବିବାହ ଆଇନ୍, ୧୯୫୬ର ଧାରା-୨୫ ଅନୁଯାୟୀ ଓ ହିନ୍ଦୁ ବିବାହ ଆଇନ୍, ୧୯୫୫ର ଧାରା-୧୭ ଅନୁଯାୟୀ ଏ ପ୍ରକାର ବିବାହ ଅସିଦ୍ଧ। ତୁମେ ଏହି ବିବାହକୁ ଅସିଦ୍ଧ ଘୋଷଣା ପାଇଁ ସଂପୃକ୍ତ ଅଦାଲତରେ ଆବେଦନ କରିପାର। ଏହାଛଡା ହିନ୍ଦୁ ପୋଷ୍ୟସନ୍ତାନଗ୍ରହଣ ଓ ଭରଣପୋଷଣ ଆଇନ୍, ୧୯୫୬ର ଧାରା ୧୮(୨) ବଳରେ ତୁମେ ତୁମର ଏବଂ ଧାରା-୨୦(୨) ବଳରେ ତୁମ ଗର୍ଭରେ ଥିବା ପିଲାର ଭରଣପୋଷଣ ପାଇଁ ଦାବୀ କରିପାରିବ। ହିନ୍ଦୁ ବିବାହ ଆଇନ୍, ୧୯୫୫ର ଧାରା-୧୬

ଅନୁଯାୟୀ  ବିବାହ ଅସିଦ୍ଧ ହେଲେ ହେଁ ତୁମ ଗର୍ଭରେ ଥିବା ପିଲା ଅବୈଧ ହେବନାହିଁ।  ଏହାଛଡା ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ଅଧୀନରେ ମଧ୍ୟ ଉଭୟ ତୁମ ପାଇଁ ଓ ପିଲାର ଆଶ୍ରୟ, ସୁରକ୍ଷା ଓ ଭରଣପୋଷଣ ପାଇଁ ଦାବୀ କରିପାରିବ। ତେଣୁ ତୁମ ପିଲା ତାଙ୍କ ବାପାଙ୍କ ସମ୍ପତ୍ତିରୁ ଭାଗ ପାଇପାରିବେ। ଏଥିପାଇଁ ତୁମକୁ ଦେୱାନୀ ଅଦାଲତର ଆଶ୍ରୟ ନେବାକୁ ପଡିବ।

୭.ପ୍ରଶ୍ନ : ମତେ ବର୍ତ୍ତମାନ ୩୫ ବର୍ଷ। ମୁଁ ଖୁବ୍ ପିଲାବେଳୁ ଘର କାମ ସହ ବିଲବାଡ଼ି କାମ ମଧ କରିଛି । ମୋର ସାନ ଦୁଇ ଭାଇ ଭଲ ପାଠ ପଢ଼ିଲେ । ବର୍ତ୍ତମାନ ସେମାନେ ବିବାହିତ ଏବଂ ଭଲ ଚାକିରୀ ମଧ କରୁଛନ୍ତି । ମୁଁ ବର୍ତ୍ତମାନ ଘରେ ଏକା ରହୁଛି। ଦେହ ଖରାପ ଲାଗି ରହିବାରୁ ମୁଁ କିଛି କାମ କରି ପାରୁନାହିଁ। ସେମାନେ ମୋର ଦାୟିତ୍ୱ ନେବାକୁ ଚାହୁଁନାହାନ୍ତି ଏବଂ ମୋର ଆମ ଜମି ଉପରେ କିଛି ଅଧିକାର ନାହିଁ ବୋଲି କହୁଛନ୍ତି। ମୋର କ'ଣ କରିବା ଉଚିତ ହେବ ?

ଉତ୍ତର : ଯେହେତୁ ଏହି ସମ୍ପତ୍ତି ତୁମମାନଙ୍କ ଉତ୍ତରାଧିକାରର ସୂତ୍ରରେ ମିଳିଅଛି, ତୁମ ଭାଇମାନଙ୍କ ସହ ତୁମର ସମାନ ଅଧିକାର ଅଛି। ହିନ୍ଦୁ ଉତ୍ତରାଧିକାର ଆଇନ୍, ୧୯୫୬ର ଧାରା-୬ ଅନୁଯାୟୀ ନିଜ ଘର ଉପରେ ଭାଇମାନଙ୍କ ଭଳି ଭଉଣୀର ମଧ ଅଧିକାର ଅଛି। ପରିବାରର ବୟସ୍କମାନଙ୍କୁ ତୁମେ ଏକଥା ଜଣାଅ, ଯଦି ସେମାନେ ରାଜି ନହୁଅନ୍ତି, ତେବେ ତୁମେ ଅଦାଲତରେ ଆବେଦନ କରିପାର। ତୁମେ ନିଶ୍ଚିତ ତୁମ ଅଧିକାର ପାଇବ। ଅବିବାହିତା ଝିଅର ବାପଘରେ ରହିବା ଅଧିକାର ଅଛି। ତୁମେ ତୁମ ଅଧିକାର ସାବ୍ୟସ୍ତ କରି ସେହିଠାରେ ହିଁ ରୁହ। ଯଦି ତୁମକୁ ଘର ଛାଡିବାକୁ କୁହାଯାଏ, ତେବେ ଅଦାଲତକୁ ଏକ ମଧବର୍ତ୍ତୀକାଳିନ ଆଦେଶ ପାଇଁ ଆବେଦନ କରିପାର।

୮.ପ୍ରଶ୍ନ : ମୁଁ ବିବାହିତା ଏବଂ ଆମ ଦୁହେଁ ଚାକିରି କରୁଅଛୁ। ପିଲାବେଳୁ ମୋର ମା ମରିଯାଇଥିଲେ। ନିକଟରେ ମୋର ପିତାଙ୍କର ମଧ ମୃତ୍ୟୁ ହୋଇଯାଇଅଛି। ଆମର ପୂର୍ବପୁରୁଷଙ୍କର ସମ୍ପତ୍ତି ଅଛି। ମୁଁ ଏହାର ଆଇନ୍‌ଗତ ଅଂଶୀଦାର ହୋଇ ପାରିବ କି ?

ଉତ୍ତର : ହଁ, ହିନ୍ଦୁ ଉତ୍ତରାଧିକାର(ସଂଶୋଧନ)ଆଇନ୍, ୧୯୫୬ ଅନୁଯାୟୀ ଧାରା-୬ ଅଧୀନରେ ଝିଅ ଓ ପୁଅ ମାନଙ୍କର ପୈତୃକ ସମ୍ପତ୍ତି ଉପରେ ସମାନ ଅଧିକାର ରହିଛି। ଉଭୟଙ୍କର ମଧ୍ୟ ପିତାମାତାଙ୍କ ପ୍ରତି ସମାନ ଦାୟିତ୍ୱ ରହିଛି।

୯.ପ୍ରଶ୍ନ : ମୋର ସ୍ୱାମୀ ମରିଯାଇଛନ୍ତି। ମୋର ଦୁଇଟି ସନ୍ତାନ ଅଛନ୍ତି। ମୋର ଶ୍ୱଶୁରଙ୍କ ସମ୍ପତ୍ତିରୁ ମୁଁ ଅଂଶ ପାଇବି କି ?

ଉତ୍ତର : ହଁ, ହିନ୍ଦୁ ପୋଷ୍ୟସନ୍ତାନ ଓ ଭରଣପୋଷଣ ଆଇନ୍, ୧୯୫୬ର ଧାରା-୧୯ ଅନୁଯାୟୀ  ଶଶୁର ତୁମର ଏବଂ ଧାରା ୨୧ ଓ ୨୨ ଅନୁଯାୟୀ ତୁମ ପିଲାମାନଙ୍କର ଭରଣପୋଷଣ ବ୍ୟୟ ବହନ କରିବାକୁ ପଡ଼ିବ।

୧୦.ପ୍ରଶ୍ନ : ମୁଁ ମୋର ସ୍ୱାମୀଙ୍କର ଦ୍ୱିତୀୟ ପତ୍ନୀ । କିନ୍ତୁ ଗତ ଏକ ବର୍ଷ ହେଲା ସେ ମୋ ସହ ସମ୍ପର୍କ କାଟି ଦେଇଛନ୍ତି । ଯଦିଓ କେତେବେଳେ କେମିତି ଆସୁଛନ୍ତି ତେବେ ଝଗଡ଼ା ହେଉଛି। ମୋର ଦୁଇଟି ସନ୍ତାନ ଅଛନ୍ତି ଏବଂ ତାଙ୍କ ଖର୍ଚ୍ଚ ବହନ କରିବା ମୋ ପକ୍ଷରେ କଷ୍ଟସାଧ। ମୁଁ ମୋର ଓ ପିଲାମାନଙ୍କର ଭରଣ ପୋଷଣ ଦାବୀ କରିପାରିବି କି ?

ଉତ୍ତର : ତୁମେ ଯଦି ହିନ୍ଦୁ ହୋଇଥାଅ, ତେବେ ହିନ୍ଦୁ ପୋଷ୍ୟସନ୍ତାନ ଓ ଭରଣପୋଷଣ ଆଇନ୍, ୧୯୫୬ର ଧାରା-୧୮ ଅନୁଯାୟୀ ତୁମର ଏବଂ ଧାରା-୨୦ ଅନୁଯାୟୀ ପିଲାମାନଙ୍କର ଭରଣପୋଷଣ ପାଇଁ ଦେଓ୍ୱାନି ଅଦାଲତରେ ଆବେଦନ କରିପାର। ନଚେତ୍ ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର

ଦଫା-୧୨୫ ଅନୁଯାୟୀ ଉଭୟ ନିଜର ଓ ପିଲାମାନଙ୍କର ଭରଣପୋଷଣ ପାଇଁ ପ୍ରଥମ ଶ୍ରେଣୀ ବିଚାର ବିବାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଅଭିଯୋଗ କରିପାର ।

**୧୧.ପ୍ରଶ୍ନ :** ମୁଁ ୧୨ ବର୍ଷ ବୟସରେ ବିବାହ କରିଥିଲି । ମୋ ଇଚ୍ଛା ବିରୁଦ୍ଧରେ ଏ ବିବାହ ହୋଇଥିଲା । ବର୍ତ୍ତମାନ ଛାଡ଼ପତ୍ର ଚାହୁଁଅଛି । ମୁଁ କଣ କରିବି ?

**ଉତ୍ତର :** ହିନ୍ଦୁ ବିବାହ ଆଇନ୍, ୧୯୫୫ର ଧାରା-୧୩(୨)(୪) ଅନୁଯାୟୀ ଜଣେ ବିବାହିତା ମହିଳା ଯାହାର ବୟସ ୧୫ବର୍ଷରୁ ଅଧିକ କିନ୍ତୁ ୧୮ବର୍ଷରୁ କମ୍, ସେ ପୂର୍ବରୁ ବେଆଇନ୍ ଭାବେ ହୋଇଥିବା ବିବାହର ବିଚ୍ଛେଦ ପାଇଁ ସଂପୃକ୍ତ ଜିଲ୍ଲା ଅଦାଲତରେ ଆବେଦନ କରିପାରିବ । ଏହାଛଡା ସ୍ୱତନ୍ତ୍ର ବିବାହ ଆଇନ୍,୧୯୫୪ର ଧାରା ୨୪ ବଳରେ ଏହି ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ ତୁମେ ଅଦାଲତରେ ଆବେଦନ କରିପାରିବ ।

**୧୨.ପ୍ରଶ୍ନ :** ମୁଁ ୬୦ ବର୍ଷ ବୟସର ବୃଦ୍ଧା । ମୋର ୩ଟି ପୁଅ ଅଛନ୍ତି, ଯେଉଁମାନେ କି ମୋର ଓ ମୋ ସ୍ୱାମୀଙ୍କର ଦାୟିତ୍ୱ ନେବାକୁ ଇଚ୍ଛା କରୁନାହାନ୍ତି । ମୋର କିଛି ସମ୍ପତ୍ତି ନାହିଁ । ସେମାନେ ଆମକୁ ଚଳିବା ପାଇଁ କିଛି ଅର୍ଥ ମଧ ଦେଉ ନାହାନ୍ତି । ବହୁ କଷ୍ଟରେ ପିଲାମାନଙ୍କୁ ମଣିଷ କରିଥିଲେ ମଧ ଆମେ ଓଳିଏ ଖାଇବାକୁ ମଧ ପାଉନାହୁଁ । ଆମର ଦାୟିତ୍ୱ ନେବା କଣ ତାଙ୍କର ଉଚିତ୍ ନୁହେଁ ? ଆଇନ୍ ଏ ବିଷୟରେ କଣ କହେ ?

**ଉତ୍ତର :** ତୁମେ ତୁମର ପିଲାମାନଙ୍କଠାରୁ ଭରଣପୋଷଣ ପାଇବା ପାଇଁ ହକ୍‌ଦାର । ଫୌଜଦାରି କାର୍ଯ୍ୟବିଧି ସଂହିତାର ୧୨୫ ଧାରା ଅନୁଯାୟୀ ତୁମେ ଅଦାଲତରେ ଆବେଦନ କରିପାରିବ । ଏହାଛଡା ହିନ୍ଦୁ ପୋଷ୍ୟସନ୍ତାନଗ୍ରହଣ ଓ ଭରଣପୋଷଣ ଆଇନ୍, ୧୯୫୬ର ଧାରା-୨୦ ଅନୁଯାୟୀ ଦେୱାନି ଅଦାଲତରେ ମଧ୍ୟ ଭରଣପୋଷଣ ପାଇଁ ଆବେଦନ କରିହେବ ।

-------------------------

## ଲେଖିକାଙ୍କର ଶେଷ କଥା....

ଏ ଯୁଗ ହେଉଛି ସୂଚନା ଅଧିକାରର ଯୁଗ। ଆମେ ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ଓ ଅନ୍ୟାନ୍ୟ ସୂତ୍ରରୁ ବହୁତ କିଛି ଜାଣି ପାରୁଛୁ। କିନ୍ତୁ ଯେତେବେଳେ ଆଇନ୍‌କାନୁନ୍‌ର ପ୍ରଶ୍ନ ଉଠେ, ଏହା ଆଇନ୍‌ଜ୍ଞ ମାନଙ୍କ ବିଷୟ ଭାବି ଆଡେଇ ଯାଉ।

କିନ୍ତୁ ବର୍ତ୍ତମାନ ସମୟରେ ନିଜର ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କରିବାକୁ ହେଲେ ପ୍ରତ୍ୟେକଙ୍କୁ ସମସ୍ତ ବିଷୟରେ ଜଣେ ଜଣେ କ୍ଷୁଦ୍ର ବିଶେଷଜ୍ଞ ହେବାକୁ ପଡିବ। ବର୍ତ୍ତମାନ ସୂଚନାର ପ୍ରବାହ ଖୁବ ପ୍ରଖର। ବିଶ୍ୱର ବିଭିନ୍ନ ସ୍ଥାନରେ ଘଟୁଥିବା ଘଟଣାମାନ ଆମର ସାମାଜିକ ସଂରଚନାକୁ ବ୍ୟାପକ ଭାବେ ପ୍ରଭାବିତ କରି ଚାଲିଛି। ଏହି ପରିବର୍ତ୍ତନଶୀଳ ସମୟ ସହିତ ତାଳ ଦେଇ ଚାଲିବାକୁ ହେଲେ ଅନ୍ୟ ଉପରେ ନିର୍ଭର ନକରି ଆମକୁ ନିଜେ ବିଭିନ୍ନ ବିଷୟରେ ଜାଣିବାକୁ ପଡିବ। ବିଶେଷତଃ ମହିଳାମାନଙ୍କୁ ନିଜର ସ୍ଥିତିକୁ ଉନ୍ନତ୍ କରିବା ପାଇଁ ତଥା ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ବହୁ ବଷୟରେ ବିଶେଷଜ୍ଞ ହେବାକୁ ପଡିବ।

ଅନେକ ଆଶା କରିଥିଲେ ଯେ, ସ୍ୱାଧୀନତା ପ୍ରାପ୍ତି ପରେ ସଂବିଧାନ ପ୍ରଣୟନ ଓ ତଦନୁସାରେ ଆଇନ୍‌ର ପ୍ରୟୋଗ ଫଳରେ ମହିଳାମାନଙ୍କର ଭାଗ୍ୟର ପରିବର୍ତ୍ତନ ଘଟିଚାଲିବ । କିନ୍ତୁ ବାସ୍ତବତା ହେଉଛି, ଏକ ଉନ୍ନତ ଏବଂ ସମତାପୂର୍ଣ୍ଣ ସମାଜ ପ୍ରତିଷ୍ଠା ଦିଗରେ ଆମେ ସେମିତି କିଛି ଅଗ୍ରଗତି ହାସଲ କରିପାରି ନାହୁଁ। ଏକ ବକ୍ତୃତା ଦେବା ଅବକାଶରେ ସୁପ୍ରିମ୍ କୋର୍ଟର ଅବସର ପ୍ରାପ୍ତ ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ କୃଷ୍ଣା ଆୟାର ମନ୍ତବ୍ୟ ଦେଇଥିଲେ ଯେ, "ବର୍ତ୍ତମାନ ସମାଜର ମାନସିକ ଢାଞ୍ଚା ମହିଳା ପରିପନ୍ଥୀ ଏବଂ ପୁରୁଷ ପ୍ରାଧାନ୍ୟର ସହାୟକ । ଆମେ ଯେତେବେଳେ ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇଥିଲୁ, ସେତେବେଳେ ଆମର ସ୍ୱପ୍ନ ଥିଲା, ରାଜନୈତିକ ମୁକ୍ତି ମିଳିବା ସହିତ ମହିଳାମାନଙ୍କୁ କ୍ରୀତଦାସୀ ରୂପେ ରଖୁଥିବା ସମାଜରୁ ମଧ୍ୟ ମୁକ୍ତି ପାଇଯିବୁ। ସେ ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଗଲା । ବାସ୍ତବ କ୍ଷେତ୍ରରେ ସଂବିଧାନର ଆଦର୍ଶ ଏବଂ ବର୍ତ୍ତମାନର ନିଛକ ବାସ୍ତବତା ଭିତରେ ଏକ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ ହେଉଛି। ଏହା ଏକ ଶୋଚନୀୟ ବିଷୟ"।

ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଏହି ବହିରେ ଆମେ ଯଦି କେବଳ କହୁ ଯେ ଆଇନ୍‌ଗୁଡିକ ବିଫଳ ହୋଇଛି, ତେବେ ତାହା କର୍ମୀମାନଙ୍କ ଉତ୍ସାହକୁ ଆଘାତ କରିପାରେ । ବସ୍ତୁତଃ ସର୍ବଦା ନିର୍ଯ୍ୟାତିତା ହୋଇ ରହିଥିବା ମହିଳାମାନଙ୍କୁ ଆଇନ୍ ସହାୟକ ହେବା କଥା । କେବଳ ସେଇଥି ପାଇଁ ପୁସ୍ତକର ନାମକରଣ ହୋଇଛି ମହିଳାମାନଙ୍କ ନିମନ୍ତେ ଆଇନ୍ ବ୍ୟବସ୍ଥା । କିନ୍ତୁ କେତେକ ପ୍ରଶ୍ନ ଅନୁତ୍ତରିତ ହୋଇ ରହିଯାଇଛି । ମହିଳାମାନେ ପ୍ରକୃତରେ ଆଇନ୍‌ର ସହାୟତା ପାଇ ପାରିଛନ୍ତି କି? କେତେ ମହିଳା ଆଇନ୍ ଦ୍ୱାରା ଉପକୃତ ହୋଇଛନ୍ତି? ଅନେକ ଆଇନ୍ ଥିବା ସତ୍ତ୍ୱେ ମହିଳା ମାନେ କାହିଁକି ବୈଷମ୍ୟ ଓ ନୂତନ ଧରଣର ହିଂସାର ଶିକାର ହୋଇଚାଲିଛନ୍ତି? ଯଥେଷ୍ଟ ଆନ୍ତରିକତା ସହାକାରେ ଆମକୁ ଏହି ସବୁ ପ୍ରଶ୍ନ ଉଠାଇବାକୁ ପଡ଼ିବ। ଏସବୁ ପ୍ରଶ୍ନର କୌଣସି ଧରାବନ୍ଧା ଉତ୍ତର ନାହିଁ, କିମ୍ବା ମିଳିବ ନାହିଁ। ଆଇନ୍ ମଧ୍ୟ ଏକ କାଉଁରି କାଠି ନୁହେଁ ଏହା ଦ୍ୱାରା ସବୁ ସମସ୍ୟାର ସମାଧାନ ହୋଇଯିବ । ଆଇନ୍ ହେଉଛି ଏକ ସାଧନ, ଯାହାକୁ ଆମେ ଆମର ସଂଗ୍ରାମରେ ଓ ବିଶେଷକରି ମହିଳାମାନଙ୍କର ଅଧିକାର ହାସଲ ପାଇଁ ଉପଯୋଗ କରିପାରିବା । ଏକ ସମୁନ୍ନତ ସମାଜ ଗଢି ତୋଳିବା ପାଇଁ ଆମର ବୃହତ୍ତର ସଂଗ୍ରାମର ଏହା ହେବ ଏକ ଅଂଶବିଶେଷ; କିନ୍ତୁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ମଧ୍ୟ । ନୂତନ ପ୍ରଗତିଶୀଳ ଆଇନ୍‌ଗୁଡିକର ପ୍ରଣୟନ କରିବା ତଥା ସେସବୁର ଯଥୋଚିତ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ପାଇଁ ସଂଗ୍ରାମ ହେଉଛି ସମାଜର ପୁନର୍ଗଠନ ପାଇଁ ମହାସଂଗ୍ରାମର ଏକ ଅପରିହାର୍ଯ୍ୟ ଅଂଗ। ଯଦି ଆଇନ୍ ଆମର ସହାୟକ ହେବ, ତେବେ ଆଇନ୍‌କୁ ହିଁ ଆମକୁ ଉପଯୋଗ କରିବାକୁ ପଡିବ ।

**ଏମ୍.ଏ.ବନଜା, ଓକିଲ**

**ଶ୍ୟାମ ସୁନ୍ଦରୀ**